ଭଗବତୀଚରଣ ବର୍ମା

ଚିତ୍ର-ଲେଖା

ଶ୍ରୀନିବାସ ଉଦ୍‌ଗାତା

Digitized by srujanika@gmail.com

ଚି ତ୍ର ଲେ ଖା

ରଚନା—ଶ୍ରୀ ଭଗବତୀ ଚରଣ ବର୍ମା

ଅନୁବାଦ—ଶ୍ରୀ ଶ୍ରୀନିବାସ ଉଦ୍‌ଗାତା

Digitized by srujanika@gmail.com

CHITRALEKHA

[Oriya Translation of Sri Bhagvati Charan Verma's 'Chitralekha. Translated by Sri Srinivas Udgata]

ପ୍ରକାଶକ

ଦାସ ବ୍ରଦର୍ସ

ବ୍ରହ୍ମପୁର : କଟକ

Published by

Das Brothers

Berhampur : Cuttack

ମୁଦ୍ରାକର—

ଗୋପୀନାଥ ପ୍ରେସ୍,

ବ୍ରହ୍ମପୁର

Printed at

Gopinath Press

Berhampur, Gm.

ଦ୍ୱିତୀୟ ମୁଦ୍ରଣ—୧୯୬୬

Second Edition—1966

ମୂଲ୍ୟ — ଟ ୮-୦୨

ମୂଲ୍ୟ — ଟ ୮-୨୦

Digitized by srujanika@gmail.com

ଶ୍ରଦ୍ଧେୟ୍ଷୁ ବିପିନ,

"ସାହିତ୍ୟ କିଛି ପଛକେ ନ ହେଉ ତା' ପ୍ରାଇଁ ମନ ପ୍ରାଣ ଦେଇ ପାରିଲେ ତାହା ଯଥେଷ୍ଟ ଆନନ୍ଦ ଦିଏ·········ସେ ଆନନ୍ଦ ଅମୂଲ୍ୟ"—ତମର ଏଇ ପଦକ ମୋର ଅନେକ ସମୟରେ ମନେପଡ଼େ। ବାସ୍ତବିକ ବିପିନ, ମୋର ଜୀବନର ସହସ୍ର ଦୁଃଖ, ଶତ ବିଷାଦ ଅବସାଦକୁ ମୁଁ ଭୁଲି ଯାଉଛି·········କେବଳ ମାତ୍ର ଲେଖି ପାରୁଛି ବୋଲି। ମୋ ଆଖିର ଅଜସ୍ର ଲୁହ·····କବିତାର କମନୀୟତା ଡେଣୁଇ ପାଉଛି।"

ତମ ସହିତ କଟିଥିବା ଅଳ୍ପାୟୁଷ ମୁହୂର୍ତ୍ତଗୁଡ଼ିକର ସ୍ମୃତି ମୋର ଅନ୍ତର ତଳେ ଆୟୁଷ୍ମାନ୍ ହୋଇ ରହିଛି।·········ତମେ ଏ ଜଗତରେ ନ ଥିଲେ ବି ତମର ମୋ ପ୍ରତି ଆନ୍ତରିକତା ଓ ତମର କଥାଗୁଡ଼ିକର ମାର୍ମିକତାର ଅନୁଭବ ମୋତେ ଆଜି ବି ଉତ୍ସାହିତ କରୁଛି।

କେଜାଣି କାହିଁକି 'ଚନ୍ଦ୍ରଲେଖା' ଅନୁବାଦ କରିବା ଭିତରେ ତମେଇ ମୋର ବାର ମନେ ପଡ଼ୁଛ·····ମୋର ମନେ ହେଉଛି ତମେ ଯେପରି ମୋ ପାଖରେ ବସିଛ·····ମୁଁ ପଢୁଛି·····ତମେ ଶୁଣୁଛ·········ମୁଗ୍ଧ ହେଉଛ·········ସେ ସୌଭାଗ୍ୟ କିନ୍ତୁ ଆଉ ଆସିବ ନାହିଁ, ତମର ସାନ୍ନିଧ୍ୟର ମଧୁରତା ଏ ଜୀବନରେ ଆଉ ଆସିବ ନାହିଁ।

ତମେ ସତରେ କଣ ଏହା ପଢ଼ିବ ?

କବି କୁଟୀର ବଲାଙ୍ଗୀର
ରାସ ପୂର୍ଣ୍ଣିମା
୨୭-୧୧-୧୯୫୮

ତମର
ଶ୍ରୀନିବାସ

Digitized by srujanika@gmail.com

ପଦେ—

'ଚିତ୍ରଲେଖା' ହିନ୍ଦୀ ସାହିତ୍ୟର ଏକ ଅମୂଲ୍ୟ ରତ୍ନ । 'ଚିତ୍ରଲେଖା' ଏକ କାହାଣୀ; ମାନବିକତାର ସାର ପୃଷ୍ଠଭୂମି ଓ ତାହା ଏପରି ଏକ ମାନବିକତା ଯା'ର ଭିତରେ କେବଳ ମାତ୍ର ମଣିଷ ମନର ଦ୍ୱନ୍ଦ, ମନର ଭାବ ଓ ପ୍ରେରଣାଇ ରହିଛି·····କାହାଣୀଟି ପାପ ଓ ପୁଣ୍ୟ କ'ଣ ତା'ର ଏକ ବିଚାର ଦିଏ·········ତା'ର ପରିଭାଷାର ବିଶ୍ଳେଷଣ କରେ । କିନ୍ତୁ ପୁସ୍ତକଟି ପାଠ କରିବା ପରେ ଆପଣ ହୁଏତ ନିଜପାଇଁ ପାପ କ'ଣ ତା'ର ବିଚାର କରିବେ·····ବା ଆପଣ ମହାପ୍ରଭୁ ରତ୍ନାମ୍ବରଙ୍କୁ ଶ୍ୱେତାଙ୍କର ପଚାରିଥିବା ପ୍ରଶ୍ନ "ତେବେ ପାପ ?"ର ପୁନରାବୃତ୍ତି କରିବେ ।

ଏ ପୁସ୍ତକଟି ସମ୍ବନ୍ଧରେ ମୁଁ ଆଉ ବିଶେଷ କିଛି ଲେଖିବା ପ୍ରୟୋଜନୀୟତା ଉପଲବ୍ଧି କରୁନାହିଁ ।

ଏ ପୁସ୍ତକଟିର ଓଡ଼ିଆ ଅନୁବାଦ କରିବା ପାଇଁ ହଠାତ୍ ଦିନେ ମୋର ସୁଧୀ ଏଡ଼ଭୋକେଟ୍ ବନ୍ଧୁ ଶ୍ରୀ ଲଳିତ ମୋହନ ନନ୍ଦ ଅନୁରୋଧ କଲେ·····ସେ ନିଜର ମୂଳ ହିନ୍ଦୀ ପୁସ୍ତକଟି ଏଥିପାଇଁ ଦେଲେ । କହିବାକୁ ଗଲେ ତାଙ୍କର ଅସୀମ ଆଗ୍ରହ ଓ ପ୍ରେରଣା ପାଇ ଏଇ ଅମୂଲ୍ୟ ରଚନାଟିର ଓଡ଼ିଆ ରୂପାନ୍ତର ସମ୍ଭବ ହୋଇପାରିଛି । ତାଙ୍କର ସ୍ମୃତି 'ଚିତ୍ରଲେଖା' ସହିତ ମୋର ଅନ୍ତରରେ ଚିର ସବୁଜ ହୋଇ ରହିବ ।

ଡାକ୍ତର ଶ୍ରୀ କିଶୋରଚନ୍ଦ୍ର ପୁରୋହିତ, କବିବନ୍ଧୁ ଶ୍ରୀ ଶ୍ୟାମ ସୁନ୍ଦର୍ ଦାସ ଓ ନୃତ୍ୟ ବିଶାରଦ ଶ୍ରୀ ବିରଞ୍ଚି ନାରାୟଣ ଗଜପତିରାୟ, ଶ୍ରୀ ନିତ୍ୟାନନ୍ଦ ଆଚାର୍ଯ୍ୟ ପ୍ରମୁଖ ସାହିତ୍ୟାନୁରାଗୀ ବନ୍ଧୁମାନଙ୍କର ଏ ଦିଗରେ ଉତ୍ସାହ ଓ ଆନ୍ତରିକତା ପ୍ରଦର୍ଶନ ପାଇଁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ 'ଚିତ୍ରଲେଖା'ର ଓଡ଼ିଆ ଅନୁବାଦ ପ୍ରକାଶିତ କରିଥିବା ହେତୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

Digitized by srujanika@gmail.com

ଏଥିପୂର୍ବରୁ ତାଙ୍କର ଉଦ୍ୟମରେ ପ୍ରକାଶିତ ମୁନ୍‌ସୀ ପ୍ରେମଚନ୍ଦ୍ରଙ୍କର 'ଗୋଦାନ' ତଥା ପ୍ରକାଶୋନ୍ମୁଖୀ 'ଗବନ'ର ଅନୁବାଦ ପାଇଁ ସେ ତ ନିଶ୍ଚୟ ପ୍ରଶଂସାର ପାତ୍ର ହୋଇଛନ୍ତି । ଭବିଷ୍ୟତରେ ହିନ୍ଦୀ ତଥା ଅନ୍ୟାନ୍ୟ ଭାଷାର ମୂଲ୍ୟବାନ ଗ୍ରନ୍ଥସମୂହର ଓଡ଼ିଆ ରୂପାନ୍ତରଗୁଡ଼ିକର ପ୍ରକାଶ ଭାର ଗ୍ରହଣ କରି ସେ ସ୍ମରଣୀୟ ହୋଇ ରହିବେ ଏ ଆଶା ଓ କାମନା ମୋ ପକ୍ଷରେ କରିବା ଉଚିତ ।

ସର୍ବୋପରି ପୂଜ୍ୟ ଶ୍ରୀ ଭଗବତୀ ଚରଣ ବର୍ମ୍ମା-ମୋତେ ତାଙ୍କର ଏ ଅମୂଲ୍ୟ କୃତିର ଓଡ଼ିଆ ଭାଷାନ୍ତର କରିବା ପାଇଁ ସଦୟ ଅନୁମତି ତଥା ଉତ୍ସାହ ଦେଇ ମୋତେ ଚିର କୃତଜ୍ଞ କରିଛନ୍ତି । ତାଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

ମୂଳ ରଚନାଟିର ପ୍ରଥମ ପାଠରେ ମୁଁ ଯେ ଆନନ୍ଦ ପାଇଲି······, ମୁଁ ପ୍ରୀତ ଯେ ସେ ଆନନ୍ଦ ମୋର ଅନ୍ତର ତଳେ ଏ ଅନୁବାଦଟି କରିବା ଦ୍ୱାରା ସ୍ଥାୟୀ ହୋଇ ରହିଗଲା । ମୂଳ ରଚନାର କମନୀୟତା ଭାବ ଓ ପ୍ରାଣ ପ୍ରାଚୁର୍ଯ୍ୟ ତଥା ଗାମ୍ଭୀର୍ଯ୍ୟ ଅନୁବାଦରେ ଅକ୍ଷୁଣ୍ଣ ରଖିବାକୁ ପ୍ରୟାସ ତ ନିଶ୍ଚୟ କରିଛି । ତେବେ ସ୍ଥଳ ବିଶେଷରେ ଓଡ଼ିଆ ଭାଷାର ମାଧୁର୍ଯ୍ୟ ଦୃଷ୍ଟିରୁ ମୂଳ ଭାବକୁ ଅକ୍ଷୁଣ୍ଣ ରଖି ଆଂଶିକ ପରିବର୍ତ୍ତନ ମଧ୍ୟ କରିଛି । ଆଶା କରେ, ଏ ନେଇ ତ୍ରୁଟି ଥିଲେ ମୋର ସୁଧୀ ପାଠକଗଣ ତାହାକୁ କ୍ଷମଣୀୟ ବୋଲି ମନେ କରିବେ ।

ଏଇ ଓଡ଼ିଆ ଭାଷାନ୍ତର ପାଠକ ମନରେ ଆନନ୍ଦ ଦେଇ ପାରିଲେ ମୋର ଶ୍ରମ ସାର୍ଥକ ହୋଇଛି ମନେ କରିବି । ଇତି ।

କବି କୁଟୀର, ବଲାଙ୍ଗୀର
୨୭-୧୧-୧୯୫୮

ବିନୀତ
ଅନୁବାଦକ

Digitized by srujanika@gmail.com

୬।୭, ବିଶ୍ୱେଶ୍ୱର ନାଥ ରୋଡ଼
ଲଖନଊ, ୩୦-୧-୫୮

ପ୍ରିୟ ଶ୍ରୀନିବାସଜୀ,

× × × × ×

ମୁଁ ଭାବୁଛି ଯେ ମୁଁ ବର୍ତ୍ତମାନ ସେତେ ଉଚ୍ଚ ସ୍ତରରେ ନାହିଁ, ଯା ପାଇଁ ଲୋକଙ୍କୁ ମୋର ପରିଚୟ ଦିଆଯିବ । ଆପଣ କେବଳ ଓଡ଼ିଆ ଅନୁବାଦ ହିଁ ଛାପନ୍ତୁ । ଯେତେଦୂର ମୋର ଫଟୋର ପ୍ରଶ୍ନ ଉଠୁଛି, ମୁଁ ଆପଣଙ୍କ ପାଖରେ ସତ କହୁଛି ଯେ ମୋ ପାଖରେ ମୋର କୌଣସି ଫଟୋ ନାହିଁ । ଫଟୋଗ୍ରାଫ୍ କରେଇବା ବା ତାକୁ ଏକତ୍ରିତ କରିବା ପାଇଁ କେବେ କୌଣସି ଧ୍ୟାନ ଦେଇନି ।

ଆଉ ମୁଁ ବାର୍ତ୍ତା ଦେବାର ଅଧିକାରୀ ନୁହେଁ । ମୁଁ ତ କେବଳ ମାତ୍ର ଏକ ସାହିତ୍ୟକାର ଓ କଳାକାର—କେବଳ ମାତ୍ର ଲୋକଙ୍କର ମନୋରଞ୍ଜନ କରିବା ମୋର ଉଦ୍ଦେଶ୍ୟ । ସନ୍ଦେଶ ଦେବାର ଅଧିକାର ଋଷିଗଣ, ମନୀଷିଗଣ ତଥା ଏ ଯୁଗରେ ନେତାମାନଙ୍କର ଅଛି ।

ଆଶା ଆପଣ ସାନନ୍ଦ ଅଛନ୍ତି, ଭଗବାନଙ୍କ ନିକଟରେ ପ୍ରାର୍ଥନା ଯେ ସେ ଆପଣଙ୍କୁ ସାହିତ୍ୟ କ୍ଷେତ୍ରରେ ଅଧିକରୁ ଅଧିକ ସଫଳତା ଦିଅନ୍ତୁ ।

ଆପଣଙ୍କର
ଶ୍ରୀ ଭଗବତୀ ଚରଣ ବର୍ମା

Digitized by srujanika@gmail.com

ଉପକ୍ରମଣିକା—

ଶ୍ୱେତାଙ୍କ ପ୍ରଶ୍ନ କଲ—"ତେବେ ପାପ ?"

ମହାପ୍ରଭୁ ରତ୍ନାମ୍ବର ଚମକି ପଡ଼ିଲେ । ସେ ଗମ୍ଭୀର ଧ୍ୟାନ ପୂର୍ବକ ଶ୍ୱେତାଙ୍କୁ ଦେଖୁଥିଲେ ଓ ସ୍ୱଳ୍ପ ସମୟ ପରେ ଗମ୍ଭୀର ଭାବରେ କହିଲେ—

"ପାପ ? ଏ ଏକ ଜଟିଳ ପ୍ରଶ୍ନ, କିନ୍ତୁ ସ୍ୱାଭାବିକ ମଧ୍ୟ ।" ତା'ପରେ ସେ ଅସୀମ ବିଭବଶାଳିନୀ ପାଟଳିପୁତ୍ର ଯା'ର ଆକାଶଚୁମ୍ବୀ ସୁଷମାମୟୀ ପ୍ରାସାଦ ବର୍ତ୍ତମାନ ବି ଗତାୟ ସୂର୍ଯ୍ୟର ଅରୁଣ କିରଣ ରଂଜିତ ଥିଲା, ତା'ର ଆଡ଼କୁ ଭାବପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ । ସେ ନୀରବ ରହି କହିଲେ—

"ବତ୍ସ ! ପାପର ପରିଭାଷା ଜାଣିବା ପାଇଁ ମୁଁ ଗମ୍ଭୀର ପ୍ରୟାସ କରିଛି ମାତ୍ର ସଫଳତା ମୋତେ ବିଜୟ ମାଲ୍ୟାର୍ପଣ କରି ନାହିଁ । ପାପ କ'ଣ ପାଇଁ, ତାହା କପରି ? ସେ ଏକ ବଡ଼ ଜଟିଳ ସମସ୍ୟା । ଯା'ର ସମାଧାନ ଏ ଯାଏଁ ମୋ ଦ୍ୱାରା ସମ୍ଭବ ହୋଇ ପାରି ନାହିଁ । ଯା'ର ସାଗର ପରି ଗାମ୍ଭୀର୍ଯ୍ୟର ସ୍ପର୍ଶ, ଗମ୍ଭୀର ପ୍ରୟାସ, ପରିଶ୍ରମ, ଉତ୍ସାହ ତଥା ଅନୁଭୂତିରେ ବିରାଟ ଅଧ୍ୟୟନ ପରେ ଯେଉଁ ସମସ୍ୟାର ମୀମାଂସା ହୋଇ ନାହିଁ ତାହା ତୁମକୁ ବା କହିବି କପରି ?" ମହାପ୍ରଭୁ ରତ୍ନାମ୍ବର ପୁନରାୟ ନୀରବ ରହି······ପୁଣି ଥରେ କହିଲେ—

"ଶ୍ୱେତାଙ୍କ ! ତୁମର ଯଦି ଆଗ୍ରହ ଅଛି, ତେବେ ତୁମକୁ ସଂସାରର ସନ୍ଧାନ ନେବାକୁ ପଡ଼ିବ । ଯଦି ତୁମେ ପ୍ରସ୍ତୁତ ଥାଅ ତାହା ହେଲେ ସମ୍ଭବ ହୋଇପାରେ ।"

ଶ୍ୱେତାଙ୍କ ନିର୍ଭୀକ ନିସ୍ପନ୍ଦ ଭାବରେ ଏକଥା ଶୁଣି ନିଜକୁ ପ୍ରସ୍ତୁତ ଥିବା ସୂଚନା ଦେଲ । ନୀରବତା ଭଙ୍ଗ କରି ବିଶାଳଦେବର ଉଦ୍ଦେଶ୍ୟରେ ମହାପ୍ରଭୁ ରତ୍ନାମ୍ବର କହିଲେ·········

"ତୁମେ କି ଯଦି ପାପର ସନ୍ଧାନ ନେବାକୁ ଚାହଁ······?"

Digitized by srujanika@gmail.com

ବିଶାଳଦେବ ମହାପ୍ରଭୁ ରତ୍ନାମ୍ବରଙ୍କ ଆଗରେ ନତମସ୍ତକ ହୋଇ କହିଲ—"ମହାପ୍ରଭୁଙ୍କର ଅନୁମାନ ଯଥାର୍ଥ ।"

ମହାପ୍ରଭୁ ରତ୍ନାମ୍ବରଙ୍କର ମୁଖମଣ୍ଡଳ ଆନନ୍ଦ ଓ ପ୍ରସନ୍ନତାରେ ଉଜ୍ଜ୍ୱଳ ହୋଇ ଉଠିଥିଲା । ସେ ପୁଲକିତ କଣ୍ଠରେ କହିଲେ—"ତୁମ ଦୁହିଁଙ୍କୁ ସଂସାରର ଅନୁଭବ ପ୍ରାପ୍ତି ହେତୁ ପ୍ରେରଣ କରିବା ପୂର୍ବରୁ ପରିସ୍ଥିତି ସହିତ ପରିଚୟ କରାଇଦେବା ବାଞ୍ଛନୀୟ ।" ସ୍ୱଳ୍ପ ସମୟର ନୀରବତା ପରେ ପୁଣି କହିଲେ—"ଏହି ନଗରୀରେ ଦୁଇଗୋଟି ମହାନୁଭବଙ୍କ ସହିତ ମୋର ଯଥେଷ୍ଟ ପରିଚୟ ରହିଛି । ଏ କାର୍ଯ୍ୟଟିର ସମାପନ ପାଇଁ ଏହି ଦୁଇଜଣଙ୍କର ସହାୟତା ନେବା ତୁମ ପକ୍ଷରେ ଆବଶ୍ୟକ ।......ଏକ ଯୋଗୀ...ଅପର ଭୋଗୀ । ଯୋଗୀ କୁମାରଗିରି ....ଭୋଗୀ ରାଜଗୁପ୍ତ । ତୁମମାନଙ୍କୁ ଏହି ଦୁଇ ଜଣଙ୍କର ଜୀବନ ସ୍ରୋତ ସହିତ ଏକତ୍ର ପ୍ରବାହମାନ ହେବାକୁ ପଡ଼ିବ ।

ଶିଷ୍ୟ ଦୁହେଁ ଏକ ସଙ୍ଗରେ ବିନମ୍ର ସ୍ୱୀକାରୋକ୍ତି ଦେଲେ ।

"ବିଶାଳଦେବ ! ତୁମେ ବ୍ରାହ୍ମଣ; ଧ୍ୟାନ ଓ ଆରାଧନାନୁରକ୍ତ । ତୁମକୁ ତେଣୁ କୁମାରଗିରିଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ହେବ । ଆଉ ଶ୍ୱେତାଙ୍କ ! ତୁମେ କ୍ଷତ୍ରିୟ; ତୁମେ ସଂସାରାନୁରକ୍ତ । ତୁମକୁ ରାଜଗୁପ୍ତର ସେବକ ହେବାକୁ ହେବ ।"

'ସ୍ୱୀକାର !' ଶିଷ୍ୟଦ୍ୱୟ ଏକ ସଙ୍ଗରେ ଉତ୍ତର ଦେଲେ ।

"ତୁମ ଦୁଇଙ୍କର ମାର୍ଗ ନିର୍ଦ୍ଧାରଣ ହେଲା । ତୁମେ ମୋର ଚିନ୍ତା କର ନାହିଁ । ଜୀବନରେ ଅନୁଭବର ଆବଶ୍ୟକତା ଯେତିକି... ଉପାସନାର ପ୍ରୟୋଜନୀୟତା ସେଥିରୁ କମ୍ ନୁହେଁ । ତୁମେମାନେ ସଂସାରର ଅଭିଜ୍ଞତା ପ୍ରାପ୍ତି କର, ମୁଁ ତପସ୍ୟା କରିବି । ଆମେ ଆଜିଠାରୁ ଠିକ୍ ଏକ ବର୍ଷ ପରେ ଏହିଠାରେ ହିଁ ମିଳିତ ହେବା ଓ ପୁଣି ଥରେ ଆମର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଆରମ୍ଭ କରିବାରେ ସମର୍ଥ ହେବା ।"

"ଗୋଟାଏ କଥା ମନେ ରଖିଥିବ, ଯାହା ଅଧ୍ୟୟନରେ ସମ୍ଭବପର ହୋଇ ପାରିଲା ନାହିଁ ସେହି ଜ୍ଞାନ ଲାଭ ଅନୁଭବ ଦ୍ୱାରା ହିଁ

Digitized by srujanika@gmail.com

ପ୍ରାପ୍ତ ହେବ । ସେହି ଆଶାରେ ମୁଁ ତମକୁ ସଂସାର କ୍ଷେତ୍ରରେ ପ୍ରବେଶ କରିବାକୁ ଆଦେଶ ଦେଉଛି । ସାଂସାରିକ ଅନୁଭବ ସମୂହ ଯେପରି ତୁମମାନଙ୍କୁ ମଗ୍ନ ନ କରେ ସେଥିପ୍ରତି ସତର୍କ ଥିବ । ସଂସାରର ଅନୁଭବ ଲହରୀର ବାସ୍ତବିକ ଗତି ସହିତ ତୁମକୁ ପ୍ରବାହିତ ହେବାକୁ ପଡ଼ିବ, ସତର୍କ ଥିବ ତୁମେ ଯେପରି ବୁଡ଼ି ନ ଯାଅ ।"

ଶ୍ୱେତାଙ୍କ ଓ ବିଶାଳ ଦେବ ଉଭୟେ ଉଭୟଙ୍କୁ ଦେଖୁଥିଲେ ।

ରତ୍ନାମ୍ବର ସ୍ୱଳ୍ପ ସମୟ ନୀରବ ରହି କହୁଥିଲେ—"ତୁମେ ଯେଉଁ ସବୁ ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛ; ତୁମକୁ ସେମାନଙ୍କ ସହିତ ପୂର୍ବରୁ ପରିଚୟ କରାଇ ଦେବା ଉଚିତ । କୁମାରଗିରି ଯୋଗୀ, ସେ କହନ୍ତି—ସେ ସଂସାରର ସମସ୍ତ ବାସନାକୁ ଜୟ କରିଛନ୍ତି । ସଂସାର ପ୍ରତି ବିରାଗୀ ଆଉ ମଧ୍ୟ ସେ ତାଙ୍କର ମତାନୁସାରେ ସୁଖ କ'ଣ ଜାଣନ୍ତି । ସେ ତେଜସ୍ୱୀ, ପ୍ରତାପୀ, ଶାରୀରିକ ତଥା ଆତ୍ମିକ ଉଭୟ ବପୁ ସଂପନ୍ନ । ମନୁଷ୍ୟଙ୍କୁ ସେ ଅକ୍ଲେଶରେ ବଶୀଭୂତ କରି ପାରିଛନ୍ତି । କୁମାରଗିରି ଯୁବକ । ଯୌବନ ଓ ବୈରାଗ୍ୟ ତାଙ୍କୁ ଏକ ଅଲୌକିକ ଶକ୍ତି ଦେଇଛି, ସଂଯମ ହିଁ ତାଙ୍କର ସାଧନା ଓ ସ୍ୱର୍ଗ ହିଁ ତାଙ୍କର ଲକ୍ଷ୍ୟ । ବିଶାଳ ଦେବ ! ସେ ତୁମର ଗୁରୁ ହେବେ ।

ଶ୍ୱେତାଙ୍କ ! ବୀଜଗୁପ୍ତ ଭୋଗୀ, ତା'ର ବିଶାଳ ଅଟ୍ଟାଳିକାରେ ବୈଭବର ତରଙ୍ଗ । ସୁରାର ଉଷ୍ଣ-କମନୀୟ ସ୍ପର୍ଶର ଆଗ୍ରହ ଭରା ମାଦକତା ହିଁ ତା'ର ଜୀବନ । ତା'ର ଅନ୍ତରରେ ଯୌବନର ସ୍ଫୂର୍ତ୍ତି ଓ ନୟନ ତଳେ ମାଦକତାର ରକ୍ତିମା । ସେ ସୁନ୍ଦର······ଅନ୍ତର ତା'ର ସମସ୍ତ ବାସନାର ନିବାସସ୍ଥଳୀ । ସେ ଧନ, ଜନ, ମାନଶାଳୀ, ରୂପ ମଦ, ମତ୍ତ ନର୍ତ୍ତକୀର ନୃତ୍ୟରତ ପାଦର ନୂପୁର ନିକ୍ୱଣ, ତା' ପ୍ରାଣର ଗୁଞ୍ଜରଣ । ସେ ଈଶ୍ୱର ବିଶ୍ୱାସୀ ନୁହେଁ । ଈଶ୍ୱରଙ୍କର ବିଷୟ ନେଇ ଚିନ୍ତା କରିବାର ପ୍ରୟାସ ମଧ୍ୟ ସେ କରି ନାହିଁ । ସ୍ୱର୍ଗ ଓ ନର୍କ ଏ ଦୁଇର ଭାବନା ତା' ମନକୁ କେବେହେଲେ ଆସି ନାହିଁ । ଆମୋଦ ପ୍ରମୋଦ ହିଁ ତା'ର ଜୀବନର ଲକ୍ଷ୍ୟ ଓ ସାଧନା । ତମକୁ ସେଇ ବୀଜଗୁପ୍ତର ସେବକ ହେବାକୁ ପଡ଼ିବ, ଶ୍ୱେତାଙ୍କ ! ସ୍ୱୀକାର କରୁଛ ?

Digitized by srujanika@gmail.com

।

"ଆଜ୍ଞା ! ଶିରୋଧାର୍ଯ୍ୟ" ଶ୍ୱେତାଙ୍କ କଳ୍ପନାରେ ଐଶ୍ୱର୍ଯ୍ୟର ଗଭୀରତମ ପ୍ରଦେଶକୁ ସ୍ପର୍ଶ କରିବାର ପ୍ରୟାସ କରୁଥିଲା ।

ମହାପ୍ରଭୁ ରତ୍ନାମ୍ବର ପ୍ରୀତ ହେଲେ ।

"ଆଉ ବିଶାଳ ଦେବ !"

ଠିକ୍ ସେହି ଉତ୍ତର—"ଆଜ୍ଞା ଶିରୋଧାର୍ଯ୍ୟ"—ବିଶାଳଦେବ ସମ୍ଭବତଃ ଯୌବନ ଓ ବୈରାଗ୍ୟର ମିଳିତ ଶକ୍ତିର ମହତ୍ତ୍ୱ ଜାଣିବାର ଆକାଂକ୍ଷା କରୁଥିଲା ।

"ତାହା ହିଁ ହେଉ !"

ଅନ୍ୟ ବନ କୁଟୀର ନିର୍ଜ୍ଜନ ଥିଲା ! ଗୁରୁ ସାଧନାର ଶୁଷ୍କ କ୍ଷେତ୍ରରେ ଓ ଶିଷ୍ୟ ଦୁଇ ସଂସାର ପଥରେ ପ୍ରଥମ ପଦକ୍ଷେପ କରିଥିଲେ ।

Digitized by srujanika@gmail.com

ପ୍ରଥମ ପରିଚ୍ଛେଦ—

ମଦିରାର ପୂର୍ଣ୍ଣ ପିଆଲା ଚନ୍ଦ୍ରଲେଖାର ଅଧର ପାଖକୁ ନେଇଁ ନେଇଁ ବୀଜଗୁପ୍ତ ବିଭୋର ହୋଇ କହିଲା—"ଚନ୍ଦ୍ରଲେଖା ! ଜୀବନର ସୁଖ କଣ ଜାଣ ?"

ଚନ୍ଦ୍ରଲେଖାର ଅର୍ଦ୍ଧନିମୀଳିତ ଚକ୍ଷୁରେ ମାଦକତା ଥିଲା··· ତାର ଅରୁଣ କପୋଳରେ ଉଲ୍ଲାସର ତରଙ୍ଗ । ଯୌବନର ଢେଉ ତଳେ ସୌନ୍ଦର୍ଯ୍ୟ ବିମୁଗ୍ଧ ହୋଇ ଉଠୁଥିଲା । ଆଶ୍ଳେଷର ମଧୁବନ୍ଧନ ତଳେ ହାସ୍ୟବିଧୁରା ହେଉଥିଲା ବାସନା । ମଦ୍ୟ ପାନର ମଧୁ ଚୁମ୍ବନ ପରେ ଚନ୍ଦ୍ରଲେଖାର ସ୍ୱପ୍ନମୟ ନୟନ ତଳେ ଶୃଙ୍ଗାରିକ ସ୍ୱପ୍ନ ଯେପରି ଜାଗି ଉଠୁଥିଲା···ସ୍ମିତ ହାସ୍ୟର ତରଙ୍ଗ ତଳେ ମୁଗ୍ଧହୋଇ ଉଠୁଥିଲା ଅଧର ଯୁଗଳ । ବୀଜଗୁପ୍ତ ଆଗରେ ଚନ୍ଦ୍ରଲେଖାର ଅଧର ନୀରବ ଭାଷାରେ ମୁଖରିତ ହୋଇ ଧୀରେ ଧୀରେ ଉତ୍ତର ଦେଲା—'ମାଦକତା' ।

ସମୟ ସମ୍ଭବତଃ ଅର୍ଦ୍ଧରାତ୍ରି; ବୀଜଗୁପ୍ତର ମଣିମୁକ୍ତାଖଚିତ ମର୍ମର ପ୍ରାସାଦ ସହସ୍ର ଦୀପାଲୋକରେ ଆଲୋକିତ । ଦ୍ୱାରଦେଶରେ ଶହନାଇ 'ବେହାଗ'ର ମଧୁର ସ୍ୱର ମୁଖର ହୋଇ ଉଠିଲା । କେଳିଭବନରେ ସର୍ବ ସୁଷମାଶାଳିନୀ ଭୁବନମନମୋହିନୀ ଚନ୍ଦ୍ରଲେଖା ସହିତ ବୀଜଗୁପ୍ତ ଯୌବନ ମଦମତ୍ତ ଥିଲା । ବାହାରେ ଘନ ଅନ୍ଧକାରରେ ନିଦ୍ରୋତ୍ତ ନିଦରେ ଶୋଇଥିଲା ଧରଣୀ ।

Digitized by srujanika@gmail.com

ବୀଜଗୁପ୍ତ ହଠାତ୍ ହସିଉଠି କହିଲା—"ଚିତ୍ରଲେଖା ! ମୁଁ ଭାବୁଛି ଏ ଯୌବନର ଶେଷ କଣ ହେବ ?"

ଚିତ୍ରଲେଖା ବି ହସି ଉଠିଥିଲା ନିଶ୍ଚୟ; କିନ୍ତୁ ସେ ହସ କ୍ଷଣିକ ମାତ୍ର । ଅକସ୍ମାତ ସେଇ ମାଦକମୟ ଉଲ୍ଲସିତ ହାସ୍ୟରେଖା ବେଦନାର ଗମ୍ଭୀର ସ୍ପର୍ଶରେ ଗମ୍ଭୀର ହୋଇ ଉଠିଥିଲା । ସମ୍ଭବତଃ ସେ ମଧ୍ୟ ଦିନେ ଏଇ ପ୍ରଶ୍ନର ଉତ୍ତର ପାଇବାକୁ ଇଚ୍ଛା କରିଥିଲା, କିନ୍ତୁ ଏ ପ୍ରଶ୍ନ ଏତେ ଭୟାନକ ଥିଲା ଯେ ସେ ଅଧିକ ସମୟ ଧରି ଭାବି ପାରି ନ ଥିଲା । ସେ ଶିରୋଘୂର୍ଣ୍ଣନର ଅନୁଭବ କରିଥିଲା······ଯେପରି ପାଗଳମି ହୋଇଯିବ । ତା'ପରେ···ତା'ପରେ ସେ ଏ ଦୁଃଖଦ ବିଚାରକୁ ମଦିରାର ସ୍ୱଚ୍ଛ ପାତ୍ରର ବନ୍ଦୀପୁରରେ ବନ୍ଦୀ କରି ରଖିଥିଲା । ଆଜି ଠିକ୍ ସେଇ ପ୍ରଶ୍ନ ଶୁଣି ଅନ୍ତର ତଳେ ଜାଗିଥିଲା ତା'ର ବ୍ୟଥା ଓ ଭୟର ରୋମାଞ୍ଚ । ସେ ଅତି ଅସ୍ପଷ୍ଟ ଭାବରେ ଉତ୍ତର ଦେଲା······"ଜୀବିତ ମୃତ୍ୟୁ ।"

"ଜୀବିତ ମୃତ୍ୟୁ ! ନା, ଅସମ୍ଭବ ! ଅସମ୍ଭବ ଚିତ୍ରଲେଖା, ଅସମ୍ଭବ ! ଯୌବନର ଅନ୍ତ ଏକ ଅଜ୍ଞାତ ଅନ୍ଧକାର ଓ ସେ ଅନ୍ଧାର ତଳେ କଣ ଅଛି ମୁଁ ଜାଣେନା, କେବେ ଜାଣିବାର ଇଚ୍ଛା ଓ ପ୍ରୟାସ କରିନି । ଭୂତ ଓ ଭବିଷ୍ୟତ ଏ ଦୁଇ କଳ୍ପନା, ଯାହା ସହିତ ଆମର ପ୍ରୟୋଜନ ମୋଟେ ନାହିଁ । କିନ୍ତୁ ବର୍ତ୍ତମାନ ଯେ ଆମର ପାଖରେ ଓ ତାହା··· " ବୀଜଗୁପ୍ତ ନୀରବ । ସମ୍ଭବତଃ ସେ ସେଇ ବାକ୍ୟଟିର ଅବଶିଷ୍ଟାଂଶର ସନ୍ଧାନରେ ହିଁ ନୀରବ ହୋଇଥିଲା ।

"······ଓ ତାହା······ବିଳାସ, ଉଲ୍ଲାସ—ଯାହା ସଂସାରରେ ସମସ୍ତ ସୁଖ, ଯୌବନର ପ୍ରିୟତମ ।" ଚିତ୍ରଲେଖା ହସି ହସି ବାକ୍ୟ ପୂରଣ କଲା ।

ଆଶ୍ଳେଷରେ ନିବିଡ଼ ବନ୍ଧନକୁ ଟାଣକରି ବୀଜଗୁପ୍ତ କହିଲା—"ଚିତ୍ରଲେଖା, ତୁମେ ମୋର ଜୀବନର ମାଦକତା !"

"ତୁମେ ଯେ ସେଇ ମାଦକତାର ଉନ୍ମାଦନା !"

Digitized by srujanika@gmail.com

× × × ଚନ୍ଦ୍ରଲେଖା ବେଶ୍ୟା ନୁହେଁ; ସେ କେବଳ ଏକ ନର୍ତ୍ତକୀ । ପାଟଳିପୁତ୍ରର ଅସାଧାରଣ ସୁନ୍ଦରୀ ନର୍ତ୍ତକୀ ପକ୍ଷରେ ବେଶ୍ୟାବୃତ୍ତି ଗ୍ରହଣ ନ କରିବା ଏକଥା ସ୍ୱୟଂ ଅସାଧାରଣ ମନେହୁଏ । ମାତ୍ର ଏହାର କାରଣ ଯଥେଷ୍ଟ ଅଛି ଓ ସେହି କାରଣସମୂହ ଚନ୍ଦ୍ରଲେଖାର ଜୀବନ ସହିତ ଘନିଷ୍ଠ ସମ୍ବନ୍ଧ ରହିଛି ।

ଚନ୍ଦ୍ରଲେଖା ଏକ ବ୍ରାହ୍ମଣ ବିଧବା କନ୍ୟା । ଯେତେବେଳେ ସେ ଯୌବନୋନ୍ମୁଖୀ, ଅଷ୍ଟାଦଶ ବର୍ଷୀୟା ଏକ ସୁକୋମଳ ଗୋଲାପସୁଲଭ କୋମଳ, ଯେତେବେଳେ ସେ ବୈଧବ୍ୟର କରୁଣ ସ୍ପର୍ଶାନୁଭବ କରିଥିଲି । ସେହି ଦିନଠାରୁ ସଂଯମ ହିଁ ତା'ର ଜୀବନର ଶ୍ରେଷ୍ଠ ତଥା ପ୍ରିୟତମ ଧ୍ୟେୟ ହୋଇଥିଲି । ମାତ୍ର ଏହା ଅଧିକ ଦିନ ସ୍ଥାୟୀ ହୋଇପାରି ନ ଥିଲି । ଦିନେ କୃଷ୍ଣାଦିତ୍ୟ ଆଣି ଦେଇଥିଲି ତା'ର ଜୀବନରେ ଏକ ନୂତନତ୍ୱ ।

କୃଷ୍ଣାଦିତ୍ୟ କ୍ଷତ୍ରିୟ ଓ ଶୂଦ୍ରାଣୀ ବର୍ଣ୍ଣଶଙ୍କର ପୁତ୍ର । ସେ ଏକ ସୁନ୍ଦର ବଳିଷ୍ଠ ଯୁବକ । ତାର ସୌନ୍ଦର୍ଯ୍ୟରେ ଏକ ବିଶେଷ ଆକର୍ଷଣ ଥିଲି—ତା' ହିଁ କରିଥିଲି ଚନ୍ଦ୍ରଲେଖାର ତପ ଭଗ୍ନ ।

ସୁନ୍ଦରୀ ଚନ୍ଦ୍ରଲେଖାର ମାନସ-ମରୁରେ ଲକ୍ଷ ଗୋଲାପ ପ୍ରସ୍ଫୁଟିତ ହେଲି ଯେପରି । ମଧୁମଳୟର ମଧୁର ସ୍ପର୍ଶରେ ଯୌବନ ତା'ର ବିକଶିତ ହୋଇ ଉଠିଥିଲି । ବିରାଗର ତେଜ ଉଲ୍ଲାସର ଜ୍ୟୋତିରେ ମ୍ଳାନ ହୋଇ ଯାଇଥିଲି । ତା'ର ଜୀବନର ବ୍ୟଥାଦ୍ର ରଜନୀର ସେ ହେଲି ଏକ ନନ୍ଦନ ସୂର୍ଯ୍ୟୋଦୟ···ନବୀନ ପ୍ରଭାତର ମୁଗ୍ଧ କଳରବମୁଖର ନବଗୀତ ତା'ର ଜୀବନ । ସେହି ଶୁଭଙ୍କରୀ ସୁନ୍ଦର ପ୍ରଭାତରେ "ଆମେ ଦୁହେଁ ଏ ଜୀବନ ଥିବାଯାଏଁ ବିଚ୍ଛିନ୍ନ ହେବା ନାହିଁ···ଆମେ ଦୁହେଁ ଏକ ବୃନ୍ତର ଦୁଇଗୋଟି ପୁଷ୍ପ···ଏକ ପଥର ଯୁଗ୍ମ ଯାତ୍ରୀ" ଏହାହିଁ ଥିଲି ତାଙ୍କର ଶପଥ । ତା'ପରେ ଯାହା ଅବଶ୍ୟମ୍ଭାବୀ, ତାହାହିଁ ହେଲି ।

ଚନ୍ଦ୍ରଲେଖା ହେଲି ଗର୍ଭବତୀ । ଗୋପନ ଏଇ ପ୍ରଣୟ ପ୍ରଭାତର ଆଲୋକ ପରି ପ୍ରକାଶିତ ହେଲି । କୃଷ୍ଣାଦିତ୍ୟ ତଥା ଚନ୍ଦ୍ରଲେଖା ଉଭୟଙ୍କୁ ପିତା ବହିଷ୍କାର କଲେ । ଧନାଢ୍ୟ ପିତାର ଏକମାତ୍ର ପୁତ୍ର କୃଷ୍ଣାଦିତ୍ୟ ସୁନ୍ଦରୀ ଚନ୍ଦ୍ରଲେଖାକୁ ନେଇ ଭିଖାରୀ ପରି ଦେଶ ଦେଶ ବୁଲିବାକୁ

Digitized by srujanika@gmail.com

ଲାଗଲା । କୃଷ୍ଣାଦିତ୍ୟ ପରି ଏକ ଭାବପ୍ରବଣ ଯୁବକକୁ ସମାଜର ଭର୍ତ୍ସନା ଅସହ୍ୟ ବୋଧ ହେଲା ଓ ଏହି ଅପମାନଠାରୁ ମୃତ୍ୟୁ ତାକୁ ଶ୍ରେୟସ୍କର ଓ ପ୍ରିୟ ମନେହେଲା ।

ସେହି ଦିନରୁ ଚନ୍ଦ୍ରଲେଖା ଏକାକିନୀ ତାକୁ ଏକ ନର୍ତ୍ତକୀ ଆଶ୍ରୟ ଦେଇଥିଲା ।

ଚନ୍ଦ୍ରଲେଖା ଜନନୀ ହେଲା । କିନ୍ତୁ ତା'ର ମାତୃତ୍ୱର ଗୌରବ ଓ ସାର୍ଥକ ପ୍ରଣୟର ଏକମାତ୍ର ସ୍ମାରକର ସମ୍ଭବ ମାତ୍ରେ ହିଁ ମୃତ୍ୟୁ ହୋଇଥିଲା ।

ଚନ୍ଦ୍ରଲେଖାର କଣ୍ଠ କୋମଳ, ତନୁ ଲାବଣ୍ୟ ଓ ଲୋଭମୟ । ନର୍ତ୍ତକୀ ଚନ୍ଦ୍ରଲେଖାକୁ ସଙ୍ଗୀତ ଓ ନୃତ୍ୟ ଶିକ୍ଷା ଦେଲା । ତା'ର ଶିକ୍ଷାଦାନର ଫଳ ଆଜି ପାଟଳିପୁତ୍ରର ସର୍ବଶ୍ରେଷ୍ଠ କୁଶଳୀ ତଥା ସୁନ୍ଦରୀ ନର୍ତ୍ତକୀ 'ଚନ୍ଦ୍ରଲେଖା' । ଶେଷରେ ତା'ର ଜୀବନରେ ପୁଣି ଆସିଥିଲା ଭୋଗ ଓ ବିଳାସ । ମାତ୍ର ତା'ର ଭିତରେ ପୁଣି ଥରେ ବୈଧବ୍ୟ ଧର୍ମର ସଂଯମପାଳନରେ ବ୍ରତୀ ହେବାକୁ ଚନ୍ଦ୍ରଲେଖା ପ୍ରଯତ୍ନ କରିଥିଲା ।

କୃଷ୍ଣାଦିତ୍ୟ ତଥା ତା'ର ଔରସଜ ପୁତ୍ର ଦୁହେଁ ଚନ୍ଦ୍ରଲେଖାର ଜୀବନରେ ଅଳୀକ ଏକ ପ୍ରଭାତର ସ୍ୱପ୍ନ ପରି ଆସି ଜାଗ୍ରତରେ ଉଭେଇ ଗଲେ ।··········

····· କିନ୍ତୁ ସେମାନଙ୍କର ସ୍ମୃତି ଚନ୍ଦ୍ରଲେଖାର ମାନସପଟରେ ଅଧିଷ୍ଠାନ୍ ହୋଇ ରହିଗଲା ।

ଜନସମୃଦ୍ଧ ପାଟଳିପୁତ୍ର ଚନ୍ଦ୍ରଲେଖାର ପାଦତଳେ ଲୋଟି ପଡ଼ୁଥିଲା; କିନ୍ତୁ ଚନ୍ଦ୍ରଲେଖା ଅଟଳ । ଶକ୍ତିଶାଳୀ ଶତ ଶତ ସରଦାର, ଲକ୍ଷ ଲକ୍ଷ ଲକ୍ଷ୍ୟାଧୀଶ ନବ ଯୁବକ ତା'ର ପ୍ରଣୟପାଗଳ ଥିଲେ······ । କିନ୍ତୁ କାହାରି ପାଖରେ ଚନ୍ଦ୍ରଲେଖା ଦୁର୍ବଳ ହୋଇ ନ ଥିଲା । ସେହି ଅସାଧାରଣ ଅପରୂପ ରୂପଲାବଣ୍ୟବତୀ ସୁନ୍ଦରୀ ସମସ୍ତଙ୍କ ଆଖି ଆଗରେ ବିଦ୍ୟୁତ୍ ପରି ଚଞ୍ଚଳ ଲାସ୍ୟ ରଚି ଉଭେଇ ଯାଉଥିଲା । ଯେ ତାକୁ ଥରେ ଦେଖିଛି,

Digitized by srujanika@gmail.com

ତା'ର ହୃଦୟ ତଳେ ତାକୁ ଶତାଧିକ ବାର ଦେଖିବାର ମୋହ ରଖିଦେଇଗଲା ଚନ୍ଦ୍ରଲେଖା ।

ସେଥିପରେ ଦିନେ ଚନ୍ଦ୍ରଗୁପ୍ତ ତା'ର ନୃତ୍ୟଦର୍ଶନମୁଗ୍ଧ ହୋଇ ଆସିଥିଲା···ହଠାତ୍ ନୃତ୍ୟରତା ଚନ୍ଦ୍ରଲେଖାର ଦୃଷ୍ଟି ଚନ୍ଦ୍ରଗୁପ୍ତ ଉପରେ ପଡ଼ି ସ୍ଥିର ହୋଇଯାଇଥିଲା ସେଦିନ ଓ ତା'ର ମୁଖମଣ୍ଡଳ ଏକାବେଳେ ନିଷ୍ପ୍ରଭ । ସେ ''ଏପରି ବୋଧକଲା ଯେପରି ସ୍ୱୟଂ କୃଷ୍ଣଦ୍ୱୈପାୟନ ତା'ର ନୃତ୍ୟ ଦେଖିବାକୁ ଆସିଛନ୍ତି । ସେ ସ୍ଥିର ହୋଇଗଲା ଓ ନିଜକୁ ନିଜେ ତଥା ଉପସ୍ଥିତ ଜନସମୁଦାୟର ସାନ୍ନିଧ୍ୟ ଭୁଲି ନିର୍ନିମେଷ ନୟନରେ ଚନ୍ଦ୍ରଗୁପ୍ତକୁ ଦେଖିବାକୁ ଲାଗିଲା । ଚନ୍ଦ୍ରଗୁପ୍ତ ପ୍ରାୟ ପଞ୍ଚବିଂଶ ବର୍ଷୀୟ ସୁଠାମ ଯୁବକ । ଚନ୍ଦ୍ରଲେଖାର ଅତୁଳନୀୟ ରୂପଲାବଣ୍ୟରେ ମୁଗ୍ଧ ହୋଇ ସେ ମଧ୍ୟ ଅନିମେଷ ନୟନରେ ଦେଖୁଥିଲା । ନୟନ ଯୁଗଳର ଅଳୀକ ମିଳନକୁ ଜନସମୁଦାୟ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ ।

"ଆରେ ! ଏ ଯେ ଚନ୍ଦ୍ରଗୁପ୍ତ !" ସମସ୍ୱରରେ ଏ ଧ୍ୱନି କମନୀୟ ପ୍ରକୋଷ୍ଠଟିର ଚଞ୍ଚଳ ବାତାବରଣକୁ ଚଞ୍ଚଳତର କରି ତୋଳୁଥିଲା ।

ଚନ୍ଦ୍ରଲେଖା ଏହା ଶୁଣୁଥିଲା । ଆପଣାର ଏ ତ୍ରୁଟି ପାଇଁ ପରିତାପ କରିଥିଲା······କିନ୍ତୁ ତା'ଠାରୁ ଅଧିକ ହେଲା ତା'ର କ୍ରୋଧ । ସେ ତା'ର ଦୃଷ୍ଟି ଚନ୍ଦ୍ରଗୁପ୍ତ ପାଖରୁ ଫେରାଇଆଣି ଆପଣାକୁ ନୃତ୍ୟନିମଗ୍ନା କରୁଥିଲା ।

ନୃତ୍ୟ ଶେଷରେ ଚନ୍ଦ୍ରଗୁପ୍ତ ଚନ୍ଦ୍ରଲେଖାର ସମୀପକୁ ଯାଇ ପଚାରିଲା—"ମୁଁ କଣ କେବେ ଆପଣଙ୍କୁ ଆପଣଙ୍କ ସ୍ଥାନରେ ଦର୍ଶନ-ପ୍ରାପ୍ତିର ସୌଭାଗ୍ୟ ପାଇପାରିବି ?"

ଚନ୍ଦ୍ରଲେଖା ଚନ୍ଦ୍ରଗୁପ୍ତକୁ ଦେଖିଲା ନିଷ୍ଠୁର । ସ୍ମିତହାସ୍ୟର ତରୁଣ ଅରୁଣ ରେଖାରେ ଅଧର ତା'ର ମାଦକମୟ ହୋଇ ଉଠିଥିଲା ନିଷ୍ଠୁର;

Digitized by srujanika@gmail.com

ସେ କିନ୍ତୁ ଉତ୍ତର ଦେଲା—"ମୁଁ ବ୍ୟକ୍ତିବିଶେଷର ଆଗକୁ ଆସେ ନାହିଁ । ସମୁଦାୟ ହିଁ ମୋର ପ୍ରିୟ । କୌଣସି ବ୍ୟକ୍ତିବିଶେଷର ସମ୍ପର୍କ ମୋର ଏ ଜୀବନରେ ନାହିଁ ।"

ବୀଜଗୁପ୍ତର ଆଶାରେ ତୁଷାରପାତ ହୋଇଥିଲା । ତା'ର ପ୍ରଫୁଲ୍ଲ ତଥା ପ୍ରସନ୍ନ ମୁଖମଣ୍ଡଳ ସହସା ମଳିନ ହୋଇଗଲା । ତେବେ ବି ସେ ସାହସର ସହିତ କହିଲା—"ବ୍ୟକ୍ତି ହିଁ ତ ସମୁଦାୟର ସୃଷ୍ଟି କରେ ।··· ସମୁଦାୟର ତୃଷା ହିଁ ତ ପ୍ରତ୍ୟେକ ବ୍ୟକ୍ତିର ତୃଷା ?···ତେବେ ଏ ପାର୍ଥକ୍ୟବୋଧ ?"

"କାରଣ ଜାଣିବାକୁ ଚାହାନ୍ତି ଯଦି ଶୁଣନ୍ତୁ । ଯାହାକୁ ସମସ୍ତେ ସମୁଦାୟର ଉଲ୍ଲାସ କହନ୍ତି, ତାହା ସେହି ସମୁଦାୟର ପ୍ରତ୍ୟେକ ବ୍ୟକ୍ତିର ବେଦନାର ସଂଗ୍ରହ ମାତ୍ର । ଦୁର୍ବଳ ବ୍ୟକ୍ତିଙ୍କର ଦୀର୍ଘଶ୍ୱାସ ସଂଗଠିତ ହୋଇ ସମୁଦାୟର ଉଜ୍ଜ୍ୱଳ ହାସ୍ୟ ରୂପ ଧାରଣ କରିବାକୁ ସମର୍ଥ ହୋଇଥାଏ । ଆଉ ଯେଉଁଠାରେ ସମୁଦାୟଦ୍ୱାରା ହାନିର କୌଣସି ସମ୍ଭାବନା ଥାଏ ନାହିଁ, ସେଠାରେ ବ୍ୟକ୍ତିବିଶେଷର ମମତ୍ୱ-ଭାବ ଭୟୋତ୍ପାଦନର କେନ୍ଦ୍ରର ରୂପ ଧାରଣ କରିଥାଏ ।"

ବୀଜଗୁପ୍ତ ପ୍ରଣୟପ୍ରାର୍ଥୀ । ଦର୍ଶନ ଉପରେ ତର୍କ କରିବା ତା'ର ଅଭିଳାଷ ନ ଥିଲା । ସେ କହିଲା—"ତେବେ ଆପଣଙ୍କଦ୍ୱାରା ଅବରୁଦ୍ଧ ବୋଲି ଭାବିନେବା ଉଚିତ !"

ଚିତ୍ରଲେଖା ଠିକ୍ ସେଇ ଗାମ୍ଭୀର୍ଯ୍ୟ ଭିତରେ ତଥା ଶୁଷ୍କ ଭାବରେ ଉତ୍ତର ଦେଲା—"ବ୍ୟକ୍ତିବିଶେଷ ପାଇଁ ? ନିଶ୍ଚୟ !······କିନ୍ତୁ ଯଦି ବ୍ୟକ୍ତି ସମୁଦାୟର ଅଂଶ············ତେବେ ନୁହେଁ !"

ବୀଜଗୁପ୍ତର ମୁଖମଣ୍ଡଳରେ ନିରାଶାର ଏକ କ୍ଷୀଣ ହାସରେଖା କ୍ଷଣିକ ପ୍ରକାଶ ପରେ ମଉଳିଗଲା । ସେ କହିଲା—"ବ୍ୟକ୍ତିତ୍ୱ ହିଁ ଜୀବନରେ ପ୍ରଧାନ ଓ ବ୍ୟକ୍ତି ହିଁ ସମୁଦାୟର ସ୍ରଷ୍ଟା । ଯେତେବେଳେ ବ୍ୟକ୍ତି ହିଁ ବର୍ଜିତ, ସେତେବେଳେ ବ୍ୟକ୍ତିକୁ ସମୁଦାୟର ଏକ ଅଂଶ ବୋଲି ଗ୍ରହଣକରି ସ୍ୱୟଂ ଆପଣାର ଅପମାନ କରିବା ଛଡ଼ା ଆଉ କଣ ?"

Digitized by srujanika@gmail.com

ସେ ଚନ୍ଦ୍ରଲେଖାଙ୍କୁ ଉତ୍ତର ଦେବାର ଅବସର ନ ଦେଇ ଖର ବେଗରେ ଚାଲିଗଲା ।

ବୀଜଗୁପ୍ତ ଚାଲିଗଲା ଏକ ତୋଫାନ ପରି; କିନ୍ତୁ ଚନ୍ଦ୍ରଲେଖାର ଅନ୍ତରତଳେ ଏକ ତରଙ୍ଗ ରଚିଗଲା ।

ଦିନ ପରେ ଦିନ ଅତୀତ ହେବାକୁ ଲାଗିଲା; ମାତ୍ର ଆଉଥରେ ଚନ୍ଦ୍ରଲେଖା ବୀଜଗୁପ୍ତଙ୍କୁ ଦେଖିବାକୁ ପାଇଲା ନାହିଁ । କୃତ୍ରିମ ଉପେକ୍ଷା ଧୀରେ ଧୀରେ ତା'ର ଅନ୍ତରତଳୁ ଅପସରି ଯାଇ ସ୍ମୃତି ତା'ର ପ୍ରବଳ ହୋଇ ଉଠୁଥିଲା । ପ୍ରତ୍ୟହ ତା'ର ତୃଷାର୍ତ୍ତ ନୟନ ନୃତ୍ୟଭବନରେ ସମବେତ ଦର୍ଶକମଣ୍ଡଳୀ ମଧ୍ୟରେ ଖୋଜି ବୁଲୁଥିଲା ଜଣକୁ·····ଏକ ସୌମ୍ୟ, ସୁନ୍ଦର, ଶାନ୍ତ ତଥା ଗମ୍ଭୀର ମୂର୍ତ୍ତିକୁ·····ସେ ବୀଜଗୁପ୍ତ ! ଚନ୍ଦ୍ରଲେଖା କିନ୍ତୁ ନିରାଶ ହେଉଥିଲା ।

ମର୍ମତଳର ବାସନାକୁ ଦମନ କରିବାର ଲକ୍ଷ ପ୍ରୟାସ ସତ୍ତ୍ୱେ ତା'ର ଅଭିଳାଷ ପ୍ରବଳ ହୋଇ ଉଠୁଥିଲା । ଦିନେ ଚନ୍ଦ୍ରଲେଖା ତା'ର ଜଣେ ଦାସୀକୁ ପଚାରିଲା—

“ତୁ କଣ ଏ ନଗରୀରେ ବୀଜଗୁପ୍ତ ନାମକ କାହାକୁ ଜାଣୁ ?”

“ବୀଜଗୁପ୍ତଙ୍କୁ କିଏ ଜାଣେ ନାହିଁ ! ସେ ଏ ନଗରୀର ସର୍ବଶ୍ରେଷ୍ଠ ସୁନ୍ଦର ଓ ପ୍ରଭାବଶାଳୀ ଯୁବା ସାମନ୍ତ ।” ଦାସୀ ଉତ୍ତର ଦେଲା ।

ବୀଜଗୁପ୍ତ ଉଦ୍ଦେଶ୍ୟରେ ଲିଖିତ ପତ୍ର ଚନ୍ଦ୍ରଲେଖା ଦାସୀ ହାତକୁ ବଢ଼ାଇଦେଇ ମଧୁର ଏକ ସ୍ମିତ ହାସ୍ୟରେ ତା'ର ଅଭିଳାଷର ସୂଚନା ଦେଲା ।

ସେ ପତ୍ର ଲେଖିଥିଲା—

“ଚନ୍ଦ୍ରଲେଖା ଅନେକ ବିଚାର କଲା, ଶେଷରେ ସେ ଏହି ସିଦ୍ଧାନ୍ତରେ ଉପନୀତା ହେଲା ଯେ କେବଳ ଜଣେ ମାତ୍ର ବ୍ୟକ୍ତି ତା'ର ଜୀବନରେ ଆସିପାରେ·····ଆଉ ସେ କେବଳ ବୀଜଗୁପ୍ତ ।”

Digitized by srujanika@gmail.com

ଏ ପର୍ଶ ରାଜଗୁପ୍ତର ଶରୀରରେ ଆଣିଥିଲା ଏକ ଅପୂର୍ବ ରୋମାଞ୍ଚର କମ୍ପନ । ସେହି ବନ୍ଧନରୁ ସେ ଦୁହେଁ ମିଳିତ ହେଲେ । କିନ୍ତୁ ଏହା ସତ୍ତ୍ୱେ ଚନ୍ଦ୍ରଲେଖା ବେଶ୍ୟା ନୁହେଁ ।

ରାଜଗୁପ୍ତ ହସି ହସି କହିଲା—"ମାଦକତା ଓ ଉନ୍ମାଦନା ଏ ଦୁହେଁ ଚିର ସାଥୀ ହୋଇ ରହିବେ । ଚନ୍ଦ୍ରଲେଖା ! ବାସ୍ତବିକ ଆମେ ଦୁହେଁ କେତେ ସୁଖୀ ନୋହୁଁ !" ସେତେବେଳେ ଚନ୍ଦ୍ରଲେଖାର ରକ୍ତାଭ ଅଧର ତଳେ ହାସ୍ୟର ଗୁଞ୍ଜନ ଥିଲା ।

ସେତେବେଳେ ନହବତ୍‌ର ଧ୍ୱନି ଶେଷ କମ୍ପନ ତୋଳି ହଠାତ୍ ନୀରବ ହେଲା ଓ ପ୍ରହରୀ ଉଚ୍ଚସ୍ୱରରେ ଅତିଥି ଆଗମନର ସୂଚନା ଦେଲା ।

ରାଜଗୁପ୍ତ ଆଶ୍ଳେଷ-ପାଶ ଶିଥିଳ କଲା । ଭୁଜବନ୍ଧନରୁ ମୁକ୍ତ ହୋଇ ଚନ୍ଦ୍ରଲେଖା ଅଦୂରରେ ଆସୀନା ହେଲା । ରାଜଗୁପ୍ତ ପରିଚାରିକାକୁ ଅତିଥିଙ୍କୁ ସେଇ ଭବନକୁ ପ୍ରେରଣ କରିବାର ଆଜ୍ଞାଦେଇ ମଦିରା ପାତ୍ର ନିଃଶେଷ କରୁଥିଲା ।

ଏ ଅର୍ଦ୍ଧରାତ୍ରର ସୁପ୍ତ ବେଳାରେ କେଉଁ ଅତିଥି ବା ଆସି-ପାରନ୍ତି···ରାଜଗୁପ୍ତ ତାହାହିଁ ଭାବୁଥିଲା ।

କେଳିଭବନକୁ ମହାପ୍ରଭୁ ରତ୍ନାମ୍ବର ପ୍ରବେଶ କଲେ । ପ୍ରିୟ ଶିଷ୍ୟଙ୍କ ମଧ୍ୟରେ ତାଙ୍କର ଅନ୍ୟତମ ଶିଷ୍ୟ ଶ୍ୱେତାଙ୍କ ସଙ୍ଗରେ ଥିଲା । ରତ୍ନାମ୍ବରଙ୍କୁ ଦେଖି ରାଜଗୁପ୍ତ ଉଠି ଭକ୍ତିପୂର୍ବକ ଅଭିବାଦନ ଜଣାଇଲା । ଚନ୍ଦ୍ରଲେଖା ମଧ୍ୟ ନତଶିର ହୋଇ ବିନୀତ ପ୍ରଣାମ କଲା ।

କେଳିଗୃହକୁ ଥରେ ସତର୍କ ନିରୀକ୍ଷଣ କଲାପରେ ରତ୍ନାମ୍ବରଙ୍କର ଦୃଷ୍ଟି ଚନ୍ଦ୍ରଲେଖା ଉପରେ ସ୍ଥିରୀକୃତ ହେଲା । ସ୍ୱଳ୍ପ ସମୟ ନୀରବ ରହି ରତ୍ନାମ୍ବର କହିଲେ—"ଏ ଅର୍ଦ୍ଧରାତ୍ରିରେ ରାଜଗୁପ୍ତର କେଳିଗୃହରେ ନଗରୀର ସର୍ବଶ୍ରେଷ୍ଠ ସୁନ୍ଦରୀ ତଥା ପବିତ୍ର ନର୍ତ୍ତକୀର ଉପସ୍ଥିତି ବିସ୍ମୟକର ମନେହୁଏ ।" ସେ ଆସନ ଗ୍ରହଣ କଲେ । ଶ୍ୱେତାଙ୍କ ସେହିପରି ଦଣ୍ଡାୟମାନ ।

Digitized by srujanika@gmail.com

"ଏ ଦାସ ପ୍ରତି ମହାପ୍ରଭୁଙ୍କର କୃପା ଏହି ଅସମୟରେ କଷ୍ଟସ୍ୱୀକାର.........।"

ଚାଣକ୍ୟଗୁପ୍ତ ମହାପ୍ରଭୁ ରତ୍ନାମ୍ବରଙ୍କ ହସିବା ଦେଖି ନୀରବ। ରତ୍ନାମ୍ବର କହିଲେ—

"ମୁଁ ତମକୁ ସ୍ପଷ୍ଟରୂପେ ସବୁ କଥା କହିବ। ଆଜ ମୋତେ ମୋର ଶିଷ୍ୟ ପ୍ରଶ୍ନ କଲା—'ପାପ କଣ ?' ଯାହାର ଉତ୍ତର ଦେବାକୁ ମୁଁ ଏକାନ୍ତ ଅସମର୍ଥ। ତୁମେ ହିଁ କେବଳ ମୋତେ ସାହାଯ୍ୟ କରିପାରିବ। ତୁମେ ମୋର ଶିଷ୍ୟ; ମୁଁ ତୁମଠାରୁ କେବେହେଲେ ଗୁରୁଦକ୍ଷିଣା ଗ୍ରହଣ କରିନାହିଁ। ପାପର ସନ୍ଧାନ ପାଇଁ ବ୍ରହ୍ମଚର୍ଯ୍ୟର କୁଟୀର ଉପଯୁକ୍ତ କ୍ଷେତ୍ର ନୁହେଁ। ସଂସାରର ଭୋଗବିଳାସ ମଧ୍ୟରେ ହିଁ ପାପର ସନ୍ଧାନ ସମ୍ଭବ। ତୁମର ଭବନ.....ତୁମର ସମାଜ.....ଏ ସମସ୍ତ ସହିତ ଶ୍ୱେତାଙ୍କକୁ ଭିଜ୍ଞ କରିବାର ଆବଶ୍ୟକ ହେଉଛି। ତେଣୁ ସେ ତୁମ ପାଖରେ ଏକ ସେବକ ରୂପରେ ଉପସ୍ଥିତ..............ମୁଁ ଚାହୁଛି ତୁମେ ତାକୁ ସେବକ ରୂପରେ ଗ୍ରହଣ କର। କିନ୍ତୁ ଗୋଟାଏ କଥା ମନେ ରଖିଥିବ, ସେ ତୁମର ଗୁରୁଭାଇ !"

ଚାଣକ୍ୟଗୁପ୍ତ ଏ ସମସ୍ତ କଥା ନିର୍ବାକ୍ ହୋଇ ଶୁଣି ନତଶିର ହୋଇ ବିନୀତ ଭାବରେ କହିଲା—"ମହାପ୍ରଭୁଙ୍କର ଆଜ୍ଞା ଶିରୋଧାର୍ଯ୍ୟ !"

"ମୋର କର୍ତ୍ତବ୍ୟ ତେବେ ପୂର୍ଣ୍ଣ ହେଲା। ଶ୍ୱେତାଙ୍କ ! ମନେରଖ, ଚାଣକ୍ୟଗୁପ୍ତ ତୁମର ସ୍ୱାମୀ ଓ ତୁମେ ତା'ର ସେବକ। ତଥାପି ତୁମର ଏ ବୈଭବ-ଭୋଗର ଅଧିକାର ରହିଛି। ତୁମେ ଭୋଗ କର ଓ ପାପର ସନ୍ଧାନ କର। ଭଲ ଓ ମନ୍ଦ ଏ ଉଭୟ ତୁମର ଆଗକୁ ଆସିବ। ଏ କଥାଟିର ଧ୍ୟାନ ରଖିଥିବ—ସେଇ କଥା ହିଁ ଭଲ, ଯାହା ତୁମ ପାଇଁ ଭଲ ହେବା ସଙ୍ଗେ ସଙ୍ଗେ ଅନ୍ୟର କ୍ଷତିକାରକ ନୁହେଁ.....ହଁ, ଚାଣକ୍ୟଗୁପ୍ତ ! ତୁମକୁ କେବଳ ଏତିକି ମାତ୍ର କହିବାର ଅଛି—ଶ୍ୱେତାଙ୍କର ସବୁ ଦୋଷ କ୍ଷମା କରିବ—ସେ ବର୍ତ୍ତମାନ ମଧ୍ୟ ଅବୋଧ। ସଂସାର କ୍ଷେତ୍ରରେ ଏଇ ତା'ର ପ୍ରଥମ ପଦାର୍ପଣ।"

ଏତିକି କହି ରତ୍ନାମ୍ବର କେଳିଭବନ ତ୍ୟାଗ କଲେ।

Digitized by srujanika@gmail.com

ରତ୍ନାମ୍ବରଙ୍କ ଯିବା ପରେ ରାଜଗୁପ୍ତ ଥରେ ଶ୍ୱେତାଙ୍କର ମୁଖମଣ୍ଡଳକୁ ଧୀରଭାବରେ ନିରୀକ୍ଷଣ କରି କହିଲେ— ।

"ଶ୍ୱେତାଙ୍କ ! ତୁମେ ଆଜିଠାରୁ ମୋର ସେବକ ହେଲ ।"

କିଛି ସମୟ ପରେ ସେ ଚନ୍ଦ୍ରଲେଖା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ—

"ତୁମେ ଜାଣ ଶ୍ୱେତାଙ୍କ ! ଏ କିଏ ?"

ଶ୍ୱେତାଙ୍କ ଅର୍ଦ୍ଧରାତ୍ରିରେ ପ୍ରକାଶୋଜ୍ଜ୍ୱଳ ସୁସଜ୍ଜିତ କେଳିଭବନରେ ଚନ୍ଦ୍ରଲେଖାର ମାଦକମୟୀ ସୌନ୍ଦର୍ଯ୍ୟ ଦେଖି ମୁଗ୍ଧ । ସେ ଚକିତ ହୋଇ କହିଲ "ନା"-- ।

"ଏ ଚନ୍ଦ୍ରଲେଖା; ପାଟଳିପୁତ୍ରର ସର୍ବସୁନ୍ଦରୀ ନର୍ତ୍ତକୀ ହେଲେ ମଧ୍ୟ ମୋର ପ୍ରିୟତମା ପତ୍ନୀ ସଦୃଶା । ଏଣୁ ଏ ତୁମର ସ୍ୱାମିନୀ ।"

ଏତିକି କହି ରାଜଗୁପ୍ତ ହସିଲେ । ହସି ହସି ପୁଣି କହିଲେ ।

"ସମ୍ଭବତଃ ତୁମେ ଆଶ୍ଚର୍ଯ୍ୟାନ୍ୱିତ ହେଉଥିବ । ମାତ୍ର ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଏଠାରେ ଧୀରେ ଧୀରେ ତୁମେ ଏଇ ସମସ୍ତ ପରିସ୍ଥିତିକୁ ଆପଣାର କରି ନେଇପାରିବ ।" ରାଜଗୁପ୍ତ ସ୍ୱର୍ଣ୍ଣ ମଦିରା ପିଆଲି ନେଇ ଶ୍ୱେତାଙ୍କୁ ତା'ର ସ୍ୱାମିନୀକୁ ଦେବାକୁ ନିର୍ଦ୍ଦେଶ ଦେଲେ ।

ମଦିରା ପାତ୍ରକୁ ଚନ୍ଦ୍ରଲେଖା ହାତକୁ ବଢ଼େଇ ଦେବାବେଳେ ଚନ୍ଦ୍ରଲେଖାର କରସ୍ପର୍ଶର ଅପୂର୍ବ ରୋମାଞ୍ଚ ତା'ର ସମସ୍ତ ଶରୀରରେ ଏକ ଶିହରଣ ସୃଜନ କଲା । ଚନ୍ଦ୍ରଲେଖା ମଦିରା ପାତ୍ର ଶୂନ୍ୟ କରିବା ପୂର୍ବରୁ ଏକ ସ୍ମିତହାସ୍ୟ ମଧ୍ୟରେ କହିଲା—

"ନବ ଯୁବକ ! ଏ ନବୀନ ସଂସାରକୁ ପ୍ରଥମ ପ୍ରବେଶ ଉପଲକ୍ଷରେ ମୁଁ ତମକୁ ଅଭିନନ୍ଦନ ଜଣାଉଛି ।"

Digitized by srujanika@gmail.com

ଶୟନର ସମସ୍ତ ହୋଇ ଯାଇଥିଲା ।

"ତୁମର ପ୍ରତ୍ୟାଗମନ କରିବା କଥା ! ନା, ଏଠାରେ ଆଜି ରାତି ଯାପନର ବ୍ୟବସ୍ଥା କରିବ ?"······ରାଜଗୁପ୍ତ ପଚାରିଲା ।

ଚନ୍ଦ୍ରଲେଖା ଠିଆ ହେଲା । ଦ୍ୱାର ପର୍ଯ୍ୟନ୍ତ କଂପିତ ପଦରେ ଆସି କହିଲା—"ଫେରିଯିବା ହିଁ ଉଚିତ ହେବ । ମାତ୍ର ଏକାକିନୀ ଯିବା ମୋ ପକ୍ଷରେ ଏପରି ଅବସ୍ଥାରେ ଆଦୌ ସମ୍ଭବ ନୁହେଁ ।"

ପରିଚାରିକା କେଳିଭବନ ମଧ୍ୟରେ ପ୍ରବେଶ କଲା । ରାଜଗୁପ୍ତ ଠିଆ ହୋଇ କହିଲା, "ବାସ୍ତବିକ୍ ତୁମର ଏକାକିନୀ ଯିବା ସମ୍ଭବ ନୁହେଁ ।"

ଅନେକ ସମୟ ପର୍ଯ୍ୟନ୍ତ ଭାବନାମଗ୍ନ ରହି ସେ କହିଲା—

"ଶ୍ୱେତାଙ୍କ ! ତୁମେ ନେଇ, ତୁମର ସ୍ୱାମିନୀଙ୍କୁ ଗୃହରେ ଛାଡ଼ିଦେଇ ଆସ । ବାହାରେ ରଥ ପ୍ରତୀକ୍ଷା କରିଛି । ଏ ମଧ୍ୟରେ ତୁମର ଶୟନ ଲାଗି ସମସ୍ତ ପ୍ରବନ୍ଧ ହୋଇ ଯାଇଥିବ ।"

ଶ୍ୱେତାଙ୍କ ଚନ୍ଦ୍ରଲେଖାକୁ ନେଇ ଚାଲିଗଲା । ରାଜଗୁପ୍ତ ପରିଚାରିକାକୁ ଶ୍ୱେତାଙ୍କର ଶୟନ ଆୟୋଜନର ନିର୍ଦ୍ଦେଶ ଦେଇ ଆପଣାର ଶୟନ-କକ୍ଷରେ ପ୍ରବେଶ କଲେ ।

Digitized by srujanika@gmail.com

ଦ୍ୱିତୀୟ ପରିଚ୍ଛେଦ—

କୁମାରଗିରି ଯୋଗୀ ଥିଲେ ।

ଯୋଗୀ ? ହଁ; କାହିଁକି ନା ସେ ଏ ସଂସାର ତ୍ୟାଗ କରିଥିଲେ । କେବଳ ଏକ କଳ୍ପନାର ସଂସାର ପ୍ରାପ୍ତିର ଆଶାରେ, ଯେଉଁ ସଂସାର କି ସମସ୍ତ ସୁଖପୂର୍ଣ୍ଣ ଥିବ । ଜନରବ ସହିତ ତାଙ୍କର ରୁଚି ନ ଥିଲା·····କଳ୍ପନାର ମଣ୍ଡଳ ହିଁ ତାଙ୍କର ବିହାରକ୍ଷେତ୍ର ଥିଲା, ସଂସାରରେ ତାଙ୍କର ଶାନ୍ତି ନ ଥିଲା, ଏଣୁ ଶାନ୍ତି ପ୍ରାପ୍ତି ପାଇଁ ତାଙ୍କୁ ନିର୍ଜନତାର ଶରଣ ନେବାକୁ ହୋଇଥିଲା । ସଂଯମ ଓ ନିୟମ ଏ ଦୁଇଟିରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ବାସନା ତାଙ୍କର ବଶବର୍ତ୍ତିନୀ ଥିଲା ।

ଯୋଗୀ କୁମାରଗିରିଙ୍କର ଶକ୍ତି ଥିଲା । କିନ୍ତୁ ସେ ସେହି ଶକ୍ତି-ସମୂହର ସଂଚୟରେ ଅଟଳ ବିଶ୍ୱାସ କରୁଥିଲେ·····ତା'ର ପ୍ରୟୋଗରେ ନୁହେଁ । ଏକାନ୍ତରେ ମନ ତାଙ୍କର ସ୍ଥିର ରହୁଥିଲା ଓ ସେ ଏକାଗ୍ରଚିତ୍ତ ହୋଇ ତା'ର ଅଭ୍ୟାସ କରୁଥିଲେ । ସେ ତାଙ୍କର ସମଗ୍ର ଶରୀରକୁ ତପ୍ତ କରିଥିଲେ, ମାତ୍ର ସେ ତାପ ତାଙ୍କୁ କଷ୍ଟଦାୟକ ହୋଇ ନଥିଲା । ଶରୀର ତାଙ୍କର ଉତ୍ତପ୍ତ ହେଉଥିଲା ନିଶ୍ଚୟ, ମାତ୍ର ସେ ଜ୍ୱାଳାକୁ ଅଲୌକିକ କଳ୍ପନା ଶୀତଳ କରି ଦେଉଥିଲା । ସେ ଜାଣିଥିଲେ ଯେ ବାସନା ହିଁ ସମସ୍ତ ଦୁଃଖ ଓ ପାପର କାରଣ, ତେଣୁ ସେ ତାଙ୍କର ସମସ୍ତ ବାସନାକୁ ଦମନ କରିଥିଲେ ।

ଯୋଗୀ କୁମାରଗିରି ସୁଖୀ ଥିଲେ । ବିସ୍ମୃତିସାଗରରେ ସେ ସଦୈବ ନିମଗ୍ନ ଥିଲେ । ଇଚ୍ଛାର ସଂସାର ତାଙ୍କର ନ ଥିଲା—ଇଚ୍ଛା ପୂର୍ତ୍ତି ନ ହେବା

Digitized by srujanika@gmail.com

ହେତୁ ପରିତାପ ବି ନ ଥିଲା । ତାଙ୍କର ଜୀବନର ଅକର୍ମଣ୍ୟତାରେ ଜ୍ଞାନ ଓ ବିସ୍ମୃତିର ଆବରଣ ଥିଲା । ସୁଖ ହିଁ କଳ୍ପନା ଓ ତୃପ୍ତି । ତୃଷା ନ ଥିବା ହେତୁ ତୃପ୍ତିର କୌଣସି ବାସ୍ତବିକ ମହତ୍ତ୍ୱ ନାହିଁ । ମାତ୍ର ଏପରି ସ୍ଥଳରେ ହୃଦୟରେ କୌଣସି ଘାର ମଧ୍ୟ ନ ଥାଏ । ବ୍ୟଥାର ଆଘାତରେ ଅନଭିଜ୍ଞତା ହିଁ ପ୍ରଧାନ ହୁଏ । ଦୁଃଖଶୂନ୍ୟ ତଥା ସରଳ ଏକ ହୃଦୟକୁ କଳ୍ପନାର ସଂସାରକୁ ନେଇଯିବା କଠିନ ନୁହେଁ । ଯୋଗୀ କୁମାରଗିରି ବିସ୍ମୃତିର କୋଳରେ ନିବାସ କରୁଥିଲେ । ଆତ୍ମବିସ୍ମୃତି ଓ ସଜୀବତାର ଭ୍ରମ ଏ ଦୁଇଟି ମଧ୍ୟରେ ଏକ ଅଲୌକିକ ମାଦକତା ଥିଲା—ଏକ କାଳ୍ପନିକ ବାସନା ଥିଲା । ଏକ କାଳ୍ପନିକ ତୃପ୍ତି ମଧ୍ୟ ଥିଲା ସେଥିରେ । ଏ ଦୁଇ କଳ୍ପନାରୁ ଉତ୍ପନ୍ନ ସୁଖରେ ସେ ମଗ୍ନ ରହୁଥିଲେ !

ସେ ହେତୁରୁ କୁମାରଗିରି ଯୋଗୀ ଥିଲେ ।

ମଧୁପାଳ କୁମାରଗିରିଙ୍କର ଶିଷ୍ୟ ଥିଲା । ତାଙ୍କର ଶକ୍ତି ସମ୍ବନ୍ଧିତ ତା'ର ପରିଚୟ ଥିଲା—ସେ ବିସ୍ମିତ ହେଉଥିଲା ।

ମଧୁପାଳ ପ୍ରଶ୍ନ କଲା—"ଦେବ ! ସଂଯମର ଲକ୍ଷ୍ୟ କଣ ?"

କୁମାରଗିରି ସ୍ଥିରହୋଇ ବସି ଉତ୍ତର ଦେଲେ—"ଶାନ୍ତି ! ଓ ଶାନ୍ତିଜନିତ ଆନନ୍ଦ !"

ମଧୁପାଳ ପୁନରାୟ ପ୍ରଶ୍ନ କଲା—"ଦେବ ! ସଂସାରର ବାସ୍ତବିକ ଗତି କଣ ?"

"ବାହ୍ୟଦୃଷ୍ଟିର ପରିବର୍ତ୍ତନ ଓ ଅନ୍ତର୍ଦୃଷ୍ଟିର ଶୂନ୍ୟତା । ଶୂନ୍ୟତା ଓ ପରିବର୍ତ୍ତନ ଏ ଦୁଇଟିର ବିଚିତ୍ର ସଂଯୋଗ ତୁମକୁ ସମ୍ଭବତଃ ଆଶ୍ଚର୍ଯ୍ୟ-ଜନକ ମନେ ହେଉଥିବ । ଏ ଦୁହେଁ କିପରି ବା ଏକତ୍ରିତ ହେବେ ? ଏହି ପ୍ରଶ୍ନ ମଧ୍ୟ ଅତି ସ୍ୱାଭାବିକ । କିନ୍ତୁ ସେଇ ସ୍ଥିତି ଯେଉଁଠି ସେଇଟି ମଣିଷ ପରିବର୍ତ୍ତନ ଓ ପୂର୍ଣ୍ଣତାର ଉପରେ ଥାଏ, ତାହା ହିଁ ଜ୍ଞାନର ଅନ୍ତିମ ଲକ୍ଷ୍ୟ । ସଂସାର ବା କଣ ? ଶୂନ୍ୟତା............ଏକ ମହାଶୂନ୍ୟତା.........! ପରିବର୍ତ୍ତନ ହିଁ ସେ ଶୂନ୍ୟତାର ସୂଚକ...ପରିବର୍ତ୍ତନ ହିଁ କଳ୍ପନା ଓ ସ୍ୱପ୍ନ ହିଁ ଶୂନ୍ୟତା—ବୁଝିଲ ?"

Digitized by srujanika@gmail.com

ମଧୂପାଳ ଏ ଉତ୍ତରରେ ସନ୍ତୁଷ୍ଟ ହେଲା ନାହିଁ । ସେ ପୁନର୍ବାର ପ୍ରଶ୍ନ କଲା—"ଦେବ ! ଆପଣ କହିଲେ ଯେ ଏ ସଂସାର ଏକ ବିରାଟ ଶୂନ୍ୟତା । କିନ୍ତୁ ଯେଉଁ ବସ୍ତୁ ଦୃଷ୍ଟିପଥାରୂଢ଼ ହେଉଛି, ତାହା ଶୂନ୍ୟ କପରି ?"

କୁମାରଗିରି ହସି ଦେଇ କହିଲେ— "ଏଠାରେ ହିଁ ତ ଯୋଗର ଆବଶ୍ୟକତା ପଡ଼େ । ଯେଉଁ ସମୟରେ ଯୋଗୀ ନୟନ ମୁଦ୍ରିତ କରେ, ସେ ସମୟରେ ଏକ ଅଖଣ୍ଡ ଶୂନ୍ୟତା ହିଁ ଥାଏ । ଆଉ କିଛି ଥାଏ ନାହିଁ । ସେହି ଶୂନ୍ୟରେ ସୁଖ ଦୁଃଖ, ଅନୁରାଗ—ବିରାଗ, ଦିନ—ରାତି, ବ୍ରହ୍ମ ଓ ମାୟାରେ ସମସ୍ତ ଲୋପ ହୋଇଯାଏ । ସେଥିରେ ସେ ବିହାର କରେ ଓ ନିମଗ୍ନ ହୋଇଯାଏ । ଯେଉଁଠି ତା'ର ଉତ୍ପତ୍ତି ହେଲା, ସେଠାରେ ସେ ଏହି କାଳ୍ପନିକ ଜୀବନ ସହିତ କିଛିକ୍ଷଣ ପାଇଁ ମିଳିତ ହୁଏ । ସେହି ବ୍ରହ୍ମଯୁକ୍ତ ଶୂନ୍ୟର ଚିରମିଳନକୁ ହିଁ ମୁକ୍ତି କହନ୍ତି । ଏହିପରି ଯୋଗୀ ଶରୀର ସହିତ ମୁକ୍ତିର ଅନୁଭବ କରେ ।"

ଆପଣା ଗୁରୁ ପାଖରେ ମଧୂପାଳ ଶ୍ରଦ୍ଧାବନତ ହେଉଥିଲା । ସେ ଗଦ୍‌ଗଦ୍ ହୋଇ ଗୁରୁଙ୍କର ଚରଣ ତଳେ ବିନମ୍ରାବନତ ହେଲା । ଗୁରୁଙ୍କର ଅଖଣ୍ଡ ଜ୍ଞାନରେ ତାର ଗର୍ବ ଥିଲା ଓ ଗୁରୁଙ୍କର ଅଚ୍ୟୁତ ହେବାରେ ବିଶ୍ୱାସ ଥିଲା ।

ସେତେବେଳେ ମହାପ୍ରଭୁ ରତ୍ନାମ୍ବର ବିଶାଳଦେବକୁ ସଙ୍ଗରେ ନେଇ ଯୋଗୀ କୁମାରଗିରିଙ୍କର କୁଟିରରେ ପ୍ରବେଶ କଲେ । କୁମାରଗିରି ତାଙ୍କୁ ଅଭିବାଦନପୂର୍ବକ ଆସନ ତ୍ୟାଗକରି ରତ୍ନାମ୍ବରଙ୍କର ଏ କଷ୍ଟ-ସ୍ୱୀକାରର କାରଣ ପଚାରିଲେ ।

ନିଶ୍ଚଳ ସ୍ୱରରେ ରତ୍ନାମ୍ବର ଉତ୍ତର ଦେଲେ—"ଅଖଣ୍ଡ ତେଜ-ବିଭୂଷିତ ଯୋଗୀ କୁମାରଗିରିଙ୍କଦ୍ୱାରା ଆପଣାର ଶିଷ୍ୟକୁ ଦୀକ୍ଷିତ କରିବାର ବାସନା ନେଇ ମୁଁ ଏଠାରେ ଉପସ୍ଥିତ ହୋଇଅଛି ।"

"ଆଚାର୍ଯ୍ୟ ! ଆପଣ ଏ ତୁଚ୍ଛ ସେବକକୁ ବୃଥା ଉଚ୍ଚ ଆସନ ଦେଉଛନ୍ତି, ମୁଁ ଏଥିପାଇଁ ସର୍ବଥା ଅଯୋଗ୍ୟ !"

Digitized by srujanika@gmail.com

"ନୁହେଁ; ନୁହେଁ ଯୋଗୀ ! ଏ ତୁମର ଉଦାରତା । ତୁମେ ହିଁ ବାସ୍ତବରେ ଶ୍ରେଷ୍ଠ । ତୁମେ ସଂସାରର ବହୁତ ଉର୍ଦ୍ଧ୍ୱରେ, ମାତ୍ର ମୁଁ ଏହି ସଂସାରରେ ହିଁ ଅଛି । ଯେଉଁଠାରେ ତର୍କ କୌଣସି ସମସ୍ୟାର ସମାଧାନ କରିପାରେ ନାହିଁ ସେଠାରେ ଅନୁଭବ ତଥା କଳ୍ପନାର ଆବଶ୍ୟକତା ହୋଇଥାଏ । ତୁମ ପାଖରେ ଜ୍ଞାନ ଓ କଳ୍ପନାଶକ୍ତି ଉଭୟ ଅଛି, କିନ୍ତୁ ମୋ ପାଖରେ ଅନୁଭବ ଛଡ଼ା ଆଉ କିଛି ନାହିଁ—କେବଳ ସେହି ହେତୁରୁ ମୁଁ ତୁମ ପାଖକୁ ଆସିଛି । ତୁମ ପାଖରେ ରହି ମଣିଷ ଜୀବନର ଜଟିଳରୁ ଜଟିଳତର ସମସ୍ୟାର ସରଳତା ପୂର୍ବକ ସମାଧାନ କରିବାକୁ ସମର୍ଥ ହେବ । ଏଣୁ ବିଶାଳଦେବଙ୍କୁ ତୁମର ଶିଷ୍ୟତ୍ୱ ଗ୍ରହଣ କରିବାକୁ ଆଣିଛି । ଯୋଗୀ କୁମାରଗିରି ! ତୁମେ ମୋର ଅନୁରୋଧ ରକ୍ଷା କରିବ ବୋଲି ଭରସା କରୁଛି ।"

କୁମାରଗିରି ବିଶାଳଦେବଙ୍କୁ ଦେଖି ପ୍ରଶ୍ନ କଲେ—"ବତ୍ସ ! ଜୀବନର କେଉଁ ସମସ୍ୟାର ସମାଧାନ ହେତୁ ତୁମେ ମୋ ପାଖକୁ ଆସିଛ ?"

ବିଶାଳଦେବ ଶାନ୍ତ ଭାବରେ ଉତ୍ତର ଦେଲେ—"ଦେବ ! ମୁଁ ଜାଣିବାକୁ ଚାହେଁ ଯେ ଏ ସଂସାରରେ ପାପ କ'ଣ ?"

କୁମାରଗିରି ସାମାନ୍ୟ ହସୁଥିଲେ । ତାଙ୍କର ହସରେ ମାଧୁର୍ଯ୍ୟ ଥିଲା । ସେ କହିଲେ—"ତୁମେ ପାପର ପରିଚୟ ଚାହୁଁଛ ? କିନ୍ତୁ ପାପ କ'ଣ, ଏହା ଅଧିକତର ଅନୁଭବରୁ ହିଁ ଜ୍ଞାତ ହୋଇଥାଏ । ମୋ ସଙ୍ଗରେ ରହି ତୁମେ ପାପର ଅନୁଭୂତି ପାଇପାରିବ ନାହିଁ । ମୋର କ୍ଷେତ୍ର ସଂଯମ ଓ ନିୟମର କ୍ଷେତ୍ର—ଏ ଦୁଇଟି ଠାରୁ ପାପ ସଦୈବ ଦୂରରେ ଥାଏ । କିନ୍ତୁ ଆଚାର୍ଯ୍ୟଙ୍କର ଅନୁରୋଧ ଏଡ଼ି ନ ପାରି ମୁଁ ତୁମକୁ ମୋର ଶିଷ୍ୟ କରିନେଉଛି । ତେବେ ମଧ ତୁମକୁ ଏବଂ ଆଚାର୍ଯ୍ୟଙ୍କୁ ଏହା ସ୍ପଷ୍ଟ କରାଇଦେବା ଉଚିତ ଯେ, ମୁଁ ତୁମକୁ କେବଳ ପୁଣ୍ୟର ରୂପ ଦର୍ଶନ କରାଇ ଦେଇପାରିବ ଓ ତୁମେ ସେହି ପୁଣ୍ୟ ବଳରେ ପାପର ସନ୍ଧାନ କରିବାରେ ସମର୍ଥ ହେବ ।"

କୁମାରଗିରିଙ୍କର କଥା ଶୁଣି ରତ୍ନାମ୍ବର ମନେ ମନେ ହସୁଥିଲେ । ସେ କହିଲେ—"ଯୋଗୀ କୁମାରଗିରି ! ଯାହା ତୁମେ କହୁଛ,

Digitized by srujanika@gmail.com

ତାହା ଯଥାର୍ଥ । ସେ କୌଣସି ବକ୍ତାର ଏ କଥାରେ କୌଣସି ଆପତ୍ତି ରହିବ ନାହିଁ ।"

"ତେବେ ଆଚାର୍ଯ୍ୟଙ୍କର ଅନୁରୋଧ ସ୍ୱୀକାର୍ଯ୍ୟ !" ଗମ୍ଭୀର ସ୍ୱରରେ କୁମାରଗିରି ଉତ୍ତର ଦେଲେ ।

ରତ୍ନାମ୍ବର ଆସନ ତ୍ୟାଗ କରି କହିଲେ—"ଯୋଗୀ କୁମାରଗିରି ! ତେବେ ମୁଁ ଆଜ୍ଞା ଗ୍ରହୁଁଛି, ତୁମକୁ ନିଶ୍ଚୟ ଆଶ୍ଚର୍ଯ୍ୟ ବୋଧ ହେବ ଯେ ମୁଁ ମଧ୍ୟ ପାପ କ'ଣ ଜାଣେ ନାହିଁ । ଯୁଗ ଯୁଗର ଅଧ୍ୟୟନ ପରେ ମଧ୍ୟ ମୁଁ ଜ୍ଞାନର ଅତଳ ଗହ୍ୱରତାର ସ୍ପର୍ଶ ଅନୁଭବ କରିପାରି ନାହିଁ । ମୁଁ ମୋର ଶିଷ୍ୟଙ୍କୁ ଯୋଗ୍ୟ ବ୍ୟକ୍ତି ପାଖରେ ସମର୍ପଣ କରିଦେଇଛି, ବର୍ତ୍ତମାନ ମୁଁ କଠୋର ତପସ୍ୟା ପାଇଁ ସମୟ ପାଇବି । ମୁଁ ଯାହା ଅନୁଭବ ଓ ଅଧ୍ୟୟନରେ ଜାଣିପାରି ନାହିଁ ତାହା ସାଧନାରେ ଓ ଆରାଧନାରେ ଜାଣିପାରିବି କି ନାହିଁ ଦେଖିବି ।"

ଏତିକି କହି ରତ୍ନାମ୍ବର ସ୍ଥାନ ତ୍ୟାଗ କଲେ ।

ରତ୍ନାମ୍ବର ଚାଲିଯିବା ପରେ କୁମାରଗିରି ବିଶାଳଦେବଙ୍କୁ ଆସନ ଗ୍ରହଣ କରିବାକୁ ସଙ୍କେତ ଦେଲେ ।

"ବତ୍ସ ! ତୁମେ ମୋର ଶିଷ୍ୟ ହେଲ । ବର୍ତ୍ତମାନ ମୁଁ ତୁମଠାରୁ କେତୋଟି ପ୍ରଶ୍ନର ଉତ୍ତର ଗ୍ରହୁଁଛି ! ବାସନା କ'ଣ ଜାଣ ?"

ବିଶାଳଦେବ ଉତ୍ତର ଦେଲେ—"ଦେବ ! ବାସନା ଇଚ୍ଛାର ଅନ୍ୟ ନାମ ।"

"ଠିକ୍ ! କିନ୍ତୁ ମଣିଷ-ଜୀବନରେ ସେଇ ବାସନାର ସ୍ଥାନ କ'ଣ ଜାଣ ? ସମ୍ଭବତଃ ନୁହେଁ ! ମୁଁ ତୁମକୁ ଆଜି ସେଇ କଥା କହିବି । ବାସନା ହିଁ ପାପ, ଜୀବନକୁ କଳୁଷିତ କରିଦେବାର ଏକମାତ୍ର ସାଧନ । ବାସନାପ୍ରେରିତ ହୋଇ ମନୁଷ୍ୟ ଈଶ୍ୱରିକ ନିୟମର ଉଲ୍ଲଂଘନ କରେ ଓ ଆପଣାର ଅସ୍ତିତ୍ୱ ତଥା ତା'ର ରଚୟିତା ବ୍ରହ୍ମଙ୍କୁ ବି ଭୁଲିଯାଏ । ତେଣୁ ବାସନା ତ୍ୟାଜ୍ୟ ଅଟେ । ଯଦି ମନୁଷ୍ୟ ଆପଣାର ବାସନା ତ୍ୟାଗ କରିପାରେ, ତେବେ ସେ ମହାନ୍

Digitized by srujanika@gmail.com

ଶୀର୍ଷ ସ୍ଥାନ ଅଧିକାର କରିପାରେ । ଈଶ୍ୱର ତ୍ରିଗୁଣବିଶିଷ୍ଟ—ସତ୍, ଚିତ୍, ଆନନ୍ଦ । ଏହି ଗୁଣତ୍ରୟ ବାସନା ରହିତ ବିଶୁଦ୍ଧ ମନକୁ ହିଁ ମିଳିପାରେ କିନ୍ତୁ ବାସନାର ଉପସ୍ଥିତିରେ ମମତ୍ୱ ପ୍ରଧାନ ହୁଏ ଓ ମମତ୍ୱର ଭ୍ରାନ୍ତି-ଦାୟକ ଆବରଣ ରହିଥିବା ଯାଏଁ ଉପରୋକ୍ତ କୌଣସି ଗୁଣ ପ୍ରାପ୍ତ ହେବା ଅସମ୍ଭବ । ବିଶାଳ ଦେବ, ତୁମକୁ ମୋର ଶିଷ୍ୟ ହୋଇ ପ୍ରଥମେ ଯେଉଁ କାର୍ଯ୍ୟ କରିବାକୁ ହେବ ଶୁଣ । ପ୍ରଥମେ ବାସନା ତ୍ୟାଗ କରି ନିଜ ମନକୁ ଶୁଦ୍ଧ କର । ଏହା ଏକ ତପସ୍ୟା କିନ୍ତୁ ଏହି ତପସ୍ୟାରେ ଦୁଃଖ ନାହିଁ । ଇଚ୍ଛା ସମୂହକୁ ଦମନ କରିବା ପୂର୍ବରୁ ଯେପରି ଇଚ୍ଛା ଆଦୌ ଉତ୍ପନ୍ନ ନ ହୋଇପାରେ ତାହା କର । ଯଦି ଇଚ୍ଛା ଥରେ ମାତ୍ର ଉତ୍ପନ୍ନ ହେବାକୁ ଲାଗିଲା ତେବେ ସେ ପ୍ରବଳ ରୂପ ଧାରଣ କରିବ । ଏଣୁ ବାସନାର ବିନାଶ କରିବା ହିଁ ତୁମର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । ଏହା କଣ କରି ପାରିବ ?"

"ଦେବ ! ଏ କର୍ତ୍ତବ୍ୟ ପାଳନ କରିବାର ପ୍ରଯତ୍ନ କରିବି । କରିବାରେ ସମର୍ଥ ହେବି କି ନାହିଁ କହିପାରୁ ନାହିଁ । ଆପଣଙ୍କର ପ୍ରଦର୍ଶିତ ମାର୍ଗ ସରଳ ଅବଶ୍ୟ, ମାତ୍ର ସେଥିରେ ମୋର କିଛି ଆପତ୍ତି ଅଛି । ବାସନା ବୃତ୍ତିର ଦମନ କ'ଣ ଜୀବନର ସିଦ୍ଧାନ୍ତ ସମୂହର ପ୍ରତିକୂଳ ନୁହେଁ ? ମନୁଷ୍ୟ ଉତ୍ପନ୍ନ ହେଉଛି କାହିଁକି ? କର୍ମ ହେତୁ । ସେ ସମୟରେ ଯଦି କର୍ମ ସାଧନାର ନଷ୍ଟ କରାଯାଏ, ତେବେ ତାହା ବିଧିବିଧାନର ପ୍ରତିକୂଳ ଆଚରଣ ହେବ ନାହିଁକି ? ଦେବ, ଆପଣ ଯେତେବେଳେ ମୋର ଏ ସଂବନ୍ଧୀୟ ଭ୍ରମ ଦୂର କରିଦେବେ, ସେତେବେଳେ ହିଁ ମୁଁ ଆପଣଙ୍କର ପ୍ରଦର୍ଶିତ ମାର୍ଗ ଗ୍ରହଣ କରିବି ।"

ସମ୍ଭବତଃ କୁମାରଗିରି ଏପରି ଏକ ଉତ୍ତର ପାଇବେ ବୋଲି ପୂର୍ବରୁ ପ୍ରସ୍ତୁତ ଥିଲେ । ସେ କହିଲେ—"ବିଶାଳଦେବ ! ତୁମେ ଉଚିତ କହିଛ । କାରଣ ତୁମ ଉପରେ ଏକ ଗୁରୁର ପ୍ରଭାବ ରହିଛି । ସେ ପ୍ରଭାବକୁ ଦୂର କରି ମୋତେ ତୁମକୁ ମୋ ନିଜର ପ୍ରଭାବରେ ପ୍ରଭାବିତ କରିବାକୁ ପଡ଼ିବ । ମୁଁ ତୁମର ଭ୍ରମ ନିବାରଣ କରିବି, କିନ୍ତୁ ଆଜି ନୁହେଁ । ଭ୍ରମ ନିମଗ୍ନ ଏକ ଗୁରୁର ଶିଷ୍ୟ ପାଖରେ ଭ୍ରମ ହେବା ସ୍ୱାଭାବିକ । ମୁଁ ଦେଖୁଛି ବିଶାଳଦେବ ! ଆର୍ଯ୍ୟ ରତ୍ନାମ୍ବରଙ୍କର

Digitized by srujanika@gmail.com

ବତ୍ସର କାଳରୁ ନାସ୍ତିକତାର ସ୍ପର୍ଶ ପାଇଛୁ । ମୁଁ କିନ୍ତୁ ଆସ୍ତିକ । ତୁମକୁ ମୋଠାରୁ ଶିକ୍ଷା ଗ୍ରହଣ କରିବା ପୂର୍ବରୁ ଦୁଇଟି ବିଷୟ ମାନିବାକୁ ପଡ଼ିବ । ପ୍ରଥମତଃ ବ୍ରହ୍ମର ଉପସ୍ଥିତି ତଥା କର୍ତ୍ତବ୍ୟ ହିଁ ଜୀବନର ପ୍ରଧାନ ଅଙ୍ଗ ।"

"ଦେବ ! ମୁଁ ଏଇ ଦୁଇ ବିଷୟକୁ ମାନେ !" ବିଶାଳଦେବ ବିନୟ ପୂର୍ବକ ଉତ୍ତର ଦେଲା ।

କୁମାରଗିରି ଛିଡ଼ା ହେଲେ ।

"ତା' ହେଲେ ମୁଁ ନିଶ୍ଚିନ୍ତ ହେଲି । ମୁଁ ତୁମକୁ ଶିକ୍ଷା ଦେବି । ତୁମକୁ ମୁକ୍ତି ମାର୍ଗର ଦର୍ଶନ ଦେଇ ପାପ ସହିତ ପରିଚୟ କରାଇ ଦେବି ।"

Digitized by srujanika@gmail.com

ତୃତୀୟ ପରିଚ୍ଛେଦ—

ଶ୍ୱେତାଙ୍କ ବ୍ରହ୍ମଚର୍ଯ୍ୟ ଥିଲା । ଅନୁଭବ ରହିତ ଅଧ୍ୟୟନ ତା'ର କ୍ଷେତ୍ର ଥିଲା ଓ ଜ୍ଞାନ ତା'ର ଧ୍ୟେୟ ଥିଲା । ସେତେବେଳେ ବୟସ ତା'ର ପ୍ରାୟ ପଚିଶ । ଜୀବନର ଏଇ ସମୟ ମଧ୍ୟରେ ସେ ଦର୍ଶନ ତଥା ସ୍ମୃତିର ଅଧ୍ୟୟନ ସମାପ୍ତ କରି ସାରିଥିଲା । ସାହିତ୍ୟ ଓ ବ୍ୟାକରଣରେ ମଧ୍ୟ ତା'ର ଅସାଧାରଣ ପାଣ୍ଡିତ୍ୟ ଥିଲା । କାବ୍ୟର ସଜୀବ ପ୍ରଣୟ ବର୍ଣ୍ଣନାର ଅଧ୍ୟୟନ ମଧ୍ୟ ସେ ନିରବଚ୍ଛିନ୍ନ ଭାବରେ କରିଥିଲା ଓ ତାକୁ ବୁଝିବାର ପ୍ରୟାସ ମଧ୍ୟ କରି ଥିଲା । ସ୍ତ୍ରୀ ଜାତି ସହିତ ତା'ର ପରିଚୟ ନ ଥିଲା, ଏପରିକି ସେ ଯୌବନର ମାଦକତା ଅନୁଭବ ବି କରି ନ ଥିଲା ।

ବୀଜଗୁପ୍ତର କେଳି ଭବନରେ ବ୍ରହ୍ମଚର୍ଯ୍ୟ ଶ୍ୱେତାଙ୍କ ଓ ଅନିନ୍ଦ୍ୟ ସୁଷମା ଶାଳିନୀ ଚିତ୍ରଲେଖାର ପ୍ରଥମ ସାକ୍ଷାତ ହୋଇଥିଲା । ବୀଜଗୁପ୍ତ ଯେତେବେଳେ ବ୍ରହ୍ମଚର୍ଯ୍ୟ ଶ୍ୱେତାଙ୍କ ଓ ନର୍ତ୍ତକୀ ଚିତ୍ରଲେଖା ମଧ୍ୟରେ ପରିଚୟ କରାଇଥିଲା, ସେତେବେଳେ ସେ କେବଳ ପରିହାସର ଏକ ହସ ହିଁ ହସିଥିଲା; କିନ୍ତୁ ପରେ ପରିସ୍ଥିତିର ବିଗ୍ଚାର କଲା । ସେତେବେଳେ ସେ କୌତୂହଳୀ ହୋଇଥିଲା—ବ୍ରହ୍ମଚର୍ଯ୍ୟ ଓ ନର୍ତ୍ତକୀ······ବୀଜଗୁପ୍ତ ଏଇ ସଂଯୋଗ ହେତୁ ହିଁ ହସିଥିଲା ।

କିନ୍ତୁ ବୀଜଗୁପ୍ତର ସେହି ହାସ୍ୟ ଶ୍ୱେତାଙ୍କର ଜୀବନରେ ଏକ ରୋମାଞ୍ଚ ଆଣିଥିଲା । ପ୍ରାୟ ପ୍ରତ୍ୟହ ରାତିରେ ବୀଜଗୁପ୍ତର କେଳୀ-ଭବନରୁ ଚିତ୍ରଲେଖାକୁ ତା'ର ଭବନରେ ପହଞ୍ଚାଇବାର କାମ ହିଁ ଥିଲା

Digitized by srujanika@gmail.com

ଶ୍ୱେତାଙ୍କର । ସେତେବେଳେ ଚନ୍ଦ୍ରଲେଖା ମଦିରାର ନିଶାରେ ପ୍ରାୟ ବିହ୍ୱଳ ଥାଏ; ଚନ୍ଦ୍ରଲେଖାର ଆଖିର ମାଦକତା ଶ୍ୱେତାଙ୍କର ହୃଦୟ ତଳେ କିପରି ଏକ କମ୍ପନ ସୃଷ୍ଟି କରେ·····ନାରୀ ଓ ମଦିରା·····ତୈଳ ପୂର୍ଣ୍ଣ ପାପର ଏକ ମଧୁର ଶିଖା, ଯା'ର ଚତୁଃପାର୍ଶ୍ୱରେ ଶ୍ୱେତାଙ୍କ ଏକ ପତଙ୍ଗ ପରି ଘୁରି ବୁଲୁଥିଲା । ଶ୍ୱେତାଙ୍କ ଯେତେବେଳେ ଚନ୍ଦ୍ରଲେଖାକୁ ଦେଖୁଥିଲା ସେତେବେଳେ ସେ ଏକ ବିଚିତ୍ର ସୁଖ ଅନୁଭବ କରୁଥିଲା । କ'ଣ ବା ଥିଲା ସେଇ ସୁଖ ?·····ଅଜ୍ଞାତ ତୃଷାର କମ୍ପନ । ଯେତେବେଳେ ଚନ୍ଦ୍ରଲେଖାର ମଦମତ୍ତ ଅର୍ଦ୍ଧ ନିମୀଳିତ ନୀଳ ନୟନ ଯୁଗଳ ଶ୍ୱେତାଙ୍କର ତୃଷାର୍ତ୍ତ ଆଖିରେ ମିଳିତ ହୁଏ·····ସେତେବେଳେ ଶ୍ୱେତାଙ୍କ ଯେପରି ପାଗଳ ହୋଇ ଯାଉଥିଲା ।

ରାଜଗୁପ୍ତର ଭବନରେ ଶ୍ୱେତାଙ୍କ ରାଜଗୁପ୍ତର କନିଷ୍ଠ ଭ୍ରାତା-ତୁଲ୍ୟ ପରିଗଣିତ ତଥା ସମ୍ମାନିତ ହେଉଥିଲା । ଭବନରେ ପରିଚାରକ ପରିଚାରିକାଙ୍କ ଠାରୁ ଶ୍ୱେତାଙ୍କ ସେଇ ସମ୍ମାନ ପାଉଥିଲା ଯାହାର ଅଧିକାରୀ କେବଳମାତ୍ର ରାଜଗୁପ୍ତ । ଭୋଗବିଳାସର ସମସ୍ତ ସାମଗ୍ରୀ ଶ୍ୱେତାଙ୍କ ପାଇଁ ସଦା ଉପସ୍ଥିତ ଥିଲା । ନଗରର ପ୍ରତ୍ୟେକ ପ୍ରଭାବ-ଶାଳୀ ବ୍ୟକ୍ତିଙ୍କ ସହିତ ତା'ର ପରିଚୟ ଥିଲା । ଏକ ଘନାନ୍ଧକାର ମଧ୍ୟରୁ ବାହାରି ଆସି ଶ୍ୱେତାଙ୍କ ଏକ ଆଲୋକମୟ ସଂସାରରେ ପଦାର୍ପଣ କରିଥିଲା ଯେପରି । ତେଣୁ ତା'ର ସ୍ୱ-ସ୍ଥିତିର ବିଶ୍ୱାସ ସେ ନିଜେଇ କରି ପାରୁ ନ ଥିଲା । କିନ୍ତୁ ସେ ଧୀରେ ଧୀରେ ଏ ସମସ୍ତ ପରିସ୍ଥିତିର ଅନୁକୂଳ ହେଉଥିଲା । ସେ ଏଇ ସଂସାର ମଧ୍ୟରେ ପାପ ଓ ପୁଣ୍ୟର ମଝିରେ ବଞ୍ଚିଛି ଏହା ତା'ର ଅନୁଭବ ହେଉଥିଲା ····ବାସନା ତା'ର ଚତୁର୍ଦ୍ଦିଗରେ ଘେରି ରହିଛି; ତାକୁ ଏ ସଂସାର ସାଗର ସ୍ରୋତରେ ହିଁ ଭାସମାନ ହେଉଥିବା ଅନୁଭୂତ ହେଉଥିଲା ।

ସେ ଦିନ ରାଜଗୁପ୍ତ କୌଣସି ଏକ ଅତ୍ୟାବଶ୍ୟକୀୟ ତଥା ଅତ୍ୟନ୍ତ କାର୍ଯ୍ୟବଶତଃ ଅନୁପସ୍ଥିତ ଥିଲା । ସାୟାହ୍ନ ପୂର୍ବରୁ ପ୍ରତ୍ୟାଗମନ ଅସମ୍ଭବ ହୋଇ ପଡ଼ିଥିଲା । ନିର୍ଦ୍ଧାରିତ ସମୟରେ ଚନ୍ଦ୍ରଲେଖାର ରଥ ଆସି ରାଜଗୁପ୍ତର ଭବନରେ ପହଞ୍ଚି ଥିଲା । ଶ୍ୱେତାଙ୍କ ଚନ୍ଦ୍ରଲେଖାକୁ ସ୍ୱାମୀ ଠାକ୍ତ ଧେଇ ଭବନରେ ସ୍ୱାଗତ କଲା । ଉଭୟେ ରାଜଗୁପ୍ତର

Digitized by srujanika@gmail.com

ବିଳାସ ଭବନକୁ ଗଲେ । ଖାଜଗୁପ୍ତ ଉପସ୍ଥିତ ନ ଥିବା ଦେଖି ଚନ୍ଦ୍ରଲେଖା ପ୍ରଶ୍ନକଲା—

"ତୁମର ସ୍ୱାମୀ !"

ଏ ପ୍ରଶ୍ନ ଏକ ନର୍ତ୍ତକୀର ମୁହଁରୁ ତାର ଉଦ୍ଦେଶ୍ୟରେ ଉଚ୍ଚାରିତ, ଏକଥା ବୃଦ୍ଧଗୃହ ଶ୍ୱେତାଙ୍ଗଙ୍କୁ ପୀଡ଼ା ଦେଲା । ଏ ବାକ୍ୟ କ୍ଷୁର ସଦୃଶ ତୀକ୍ଷ୍ଣ ଥିଲା······ଅନ୍ୟ କେହି ସାଧାରଣ ସ୍ତ୍ରୀର ମୁଖନିଃସୃତ ହୋଇଥିଲେ ସେ ମଧ୍ୟ କିଛି ଉତ୍ତର ଦେଇଥା'ନ୍ତା । ବା ତାହା ତାକୁ ପୀଡ଼ାଦାୟୀ ବି ହୋଇ ନ ଥା'ନ୍ତା । ଏହାହିଁ ପ୍ରଥମ ଅବସର ଯେଉଁଦିନ ଶ୍ୱେତାଙ୍ଗଙ୍କୁ ତା'ର ସ୍ଥିତି ଓ ଲଘୁତାର ଆଭାସ ମିଳିଥିଲା ଓ ତା'ର ସଙ୍ଗେ ସଙ୍ଗେ ଏ ନେଇ ପରିତାପ ହୋଇଥିଲା । କିନ୍ତୁ ସେ ତା'ର ମନୋଭାବ ଗୋପନ ରଖି କହିଲା—

"ଦେବୀ ! ସେ କାର୍ଯ୍ୟ ବଶତଃ ଅନ୍ୟତ୍ର ଯାଇଛନ୍ତି ।"

"ପ୍ରତ୍ୟାଗମନ ସମ୍ଭାବନା······"

"ସମ୍ଭବତଃ ଆସୁଥିବେ !"

"ଶ୍ୱେତାଙ୍ଗ ! ମୋତେ ବଡ଼ ଶୋଷ ହେଲାଣି !"

ଶ୍ୱେତାଙ୍ଗ ଠିଆ ହେଲା । ତାକୁ ତା'ର ଅବସ୍ଥାର ସମ୍ପୂର୍ଣ୍ଣ ଧାରଣା ଆସିଯାଇ ଥିଲା । ତା'ର ସ୍ମରଣକୁ ବି ଆସୁଥିଲା—ଖାଜଗୁପ୍ତ କହୁଥିବା ସେଇ ବାକ୍ୟାଂଶ "ଶ୍ୱେତାଙ୍ଗ ! ସେ ତୁମର ସ୍ୱାମିନୀ !" ସେ ଅନନ୍ୟୋପାୟ ହୋଇ ସ୍ୱର୍ଣ୍ଣ ପାତ୍ରରେ ଶୀତଳ ଜଳ ଆଣି ଚନ୍ଦ୍ରଲେଖାକୁ ଦେଲା ।

ଚନ୍ଦ୍ରଲେଖା ପାତ୍ରସ୍ଥିତ ଜଳ ଦେଖି ହସୁଥିଲା··ସେଇ ସ୍ମିତ ହାସ୍ୟର ମୋହମୟତା ତଳେ ସେ କହୁଥିଲା······"ଦେଖୁଛ ଶ୍ୱେତାଙ୍ଗ ! ତୁମେ······ତୁମେ ଏବେବି ଏକ ବାଳକ !"

ଚନ୍ଦ୍ରଲେଖାର ଏ ବ୍ୟଙ୍ଗୋକ୍ତି ବୁଝିବାର ସାମର୍ଥ୍ୟ ନ ଥିଲା ଶ୍ୱେତାଙ୍ଗର । ସେ ବିସ୍ମିତ ଭାବରେ ଉତ୍ତର ଦେଲା······

"ଦେବୀ !······ତ୍ରୁଟି ହେଲା ?"

Digitized by srujanika@gmail.com

ଏଥିରେ ଚନ୍ଦ୍ରଲେଖା ତା'ର ହସ ରୋକି ପାରିଲା ନାହିଁ । ସେ ଅତି ଯୋରରେ ହସୁଥିଲା । ଉଚ୍ଛୁଳିତା'ର ହସ ପ୍ରକୋଷ୍ଠର ବାତାବରଣରେ ଗୁଞ୍ଜରଣ ସୃଷ୍ଟି କରୁଥିଲା ।

"ଶ୍ୱେତାଙ୍କ ! ତୁମେ କଣ ବର୍ତ୍ତମାନ ପର୍ଯ୍ୟନ୍ତ ବୁଝିବାକୁ ଅସମର୍ଥ । ପିପାସା ତୃପ୍ତ ହେବାର ବସ୍ତୁ ନୁହେଁ । ଅଗ୍ନିକୁ ଜଳର ଆବଶ୍ୟକତା ହୁଏ ନାହିଁ, ହୁଏ ଘୃତର; ଯାର ସ୍ପର୍ଶରେ ସେ ଅଧିକତର ପ୍ରଜ୍ୱଳିତ ହୁଏ । ଜୀବନ ତଦ୍ରୂପ ଏକ ପିପାସା······ତାକୁ ତୃପ୍ତ କରିବା ମାନେଇ, ତା'ର ଅନ୍ତ କରିଦେବା । ମୋତେ ଜଳର ଆବଶ୍ୟକତା ନାହିଁ······ଆବଶ୍ୟକ ମଦିରା······!"

ଶ୍ୱେତାଙ୍କ ଏ ଉତ୍ତରରେ ଚକିତ ହେଉଥିଲେ—କେତେ ଭୟାନକ ସତେ ନୁହେଁ ଏହି ଶବ୍ଦ······କିନ୍ତୁ କେତେ ତର୍କ ପୂର୍ଣ୍ଣ ନୁହେଁ ! ଶ୍ୱେତାଙ୍କ ବି ହସୁଥିଲେ, କହିଲେ—

"ସମ୍ଭବତଃ ମୋତେ ପାଟଳିପୁତ୍ରର ଅନନ୍ୟ ଲାବଣ୍ୟବତୀର ଶିଷ୍ୟତ୍ୱ ଗ୍ରହଣ କରିବାକୁ ପଡ଼ିବ ଦେବି !"······ଏତିକି କହି ସେ ମଦିରା ପାତ୍ର ଆଣି ଚନ୍ଦ୍ରଲେଖାକୁ ଦେଲେ······।

ମଦିରା ପାନ ପରେ ନିଃଶେଷମୁଖୀ ପିଆଲା ଶ୍ୱେତାଙ୍କ ଆଗରେ ରଖି ଦେଇଥିଲା ଚନ୍ଦ୍ରଲେଖା ସେତେବେଳେ ସେ କୋମଳ ଉପାଧାନର ସହାୟତାରେ ଉପବେଶନ କରିଥିଲା । କେଶ ତାର ଘନ ଅନ୍ଧକାର ରାତ୍ରି ପରି କୃଷ୍ଣ ଥିଲା—ଓ ମୋତିର ସେଇ ବେଣୀ ଉଜ୍ଜ୍ୱଳ ନକ୍ଷତ୍ରସମା ଉଜ୍ଜ୍ୱଳ ଥିଲା । ରୂପଜଳେ ବିକଳ ତା'ର ନୟନ ଯୁଗଳର କେତେ ଲୋଭନୀୟ ନୁହେଁ ? ବନ୍ଧୁଲି ତା'ର ରକ୍ତାଭ ଅଧର ବେଦନର ତରଙ୍ଗ କେତେ କମନୀୟ ନୁହେଁ ସତେ ? କେତେ ସୁନ୍ଦର, କେତେ ଲାବଣ୍ୟମୟ ନୁହେଁ ତା'ର ଭୂଷଣ—ବାସ୍ତବିକ ଶ୍ୱେତାଙ୍କ ଏହା ପୂର୍ବରୁ କେବେ ହେଲେ ଏପରି ଏକ ସୁଷମା ମାଳିନୀର କଳ୍ପନା ବି କରି ନ ଥିଲେ । ଚନ୍ଦ୍ରଲେଖାର ଯୌବନ ଉନ୍ମାଦନାର ପ୍ରତିବିମ୍ବ ଥିଲା । ତା'ର ଅରୁଣ କପୋଳ ପରେ ବ୍ରୀଡ଼ାର ତାରୁଣ୍ୟ ତରଙ୍ଗ ଥିଲା । ଅଧର ତା'ର ମନ୍ଦ ମଧୁର ସ୍ମିତ ହାସ୍ୟର ପରାଗ ରଞ୍ଜିତ ଥିଲା—ସଦା ହାସ୍ୟ ବିଧୁର ନୟନ ତଳେ ସ୍ୱପ୍ନ ଥିଲା ।

Digitized by srujanika@gmail.com

ଶ୍ୱେତାଙ୍କ ମୌନ ରହି ଚିତ୍ରଲେଖାର ସୌନ୍ଦର୍ଯ୍ୟ ନିରୀକ୍ଷଣ କରୁଥିଲି—ଚିତ୍ରଲେଖା କହିଲି—

"ଦେଖୁଛି, ଶ୍ୱେତାଙ୍କ ! ତୁମେ ସୁରାପାନ କରୁ ନାହିଁ । ମୁଁ ତୁମର ଆଗରେ ଏ ମଦିରା ପିଆଲି ରଖି ଦେଇଥିବା ସତ୍ତ୍ୱେ ତୁମର ସାହସ ନାହିଁ······। ତୁମର ହାତରେ ବଳ ନାହିଁ ଯେମିତି—ମୁଁ ତୁମକୁ ଏକ ପ୍ରଶ୍ନ କରିବି, ତୁମକୁ ତା'ର ସଠିକ୍ ଉତ୍ତର ଦେବାକୁ ପଡ଼ିବ ।"

ଶ୍ୱେତାଙ୍କ ନତମସ୍ତକ ହେଲି ।

"ତୁମେ ବ୍ରହ୍ମଚାରୀ, ଗୁରୁ ତୁମର ମଦିରା ପାନ ନିଷେଧ ବୋଲି କହିଥିବେ ନିଶ୍ଚୟ; କିନ୍ତୁ କାହିଁକି ?".

ଶ୍ୱେତାଙ୍କ ନମ୍ର ଭାବରେ ଉତ୍ତର ଦେଲି—ଦେବି ! ସଂଯମ ଜୀବନର ଏକ ପ୍ରଧାନ ଅଙ୍ଗ—ଆବଶ୍ୟକତା ମଧ୍ୟ । ସଂଯମ ଓ ମଦିରା ଏ ଦୁହେଁ ସମ୍ପୂର୍ଣ୍ଣ ବିରୋଧୀ ।

"ସଂଯମର ଲକ୍ଷ୍ୟ ?" ଚିତ୍ରଲେଖା ପଚାରିଲି ।

ଶ୍ୱେତାଙ୍କ ଉତ୍ତର ଦେଲି—"ସୁଖ ଓ ଶାନ୍ତି ।"

ଚିତ୍ରଲେଖା ମଦିରାପାତ୍ରରେ ଅଧରର ସ୍ପର୍ଶ ଦେଇଁ ଦେଇଁ ପଚାରୁଥିଲି—

"ଆଉ, ଜୀବନର ଲକ୍ଷ୍ୟ ?"

ଚିତ୍ରଲେଖାର ଆଖି ମାଦକତାରେ ରକ୍ତିମ ହୋଇ ଉଠୁଥିଲି । ଶ୍ୱେତାଙ୍କ ଚିତ୍ରଲେଖାର ସ୍ୱରରେ ଏକ ପ୍ରକାର ସଙ୍ଗୀତର ମୋହମୟତା ଅନୁଭବ କଲି । ତା'ର ବାର୍ତ୍ତାଳାପ ଯେପରି କବିତା ପରି ମଧୁର ଓ ଛନ୍ଦମୟ । ସେ ଉତ୍ତର ଦେଲି—

"ଜୀବନର ଲକ୍ଷ୍ୟ—ସୁଖ ଓ ଶାନ୍ତି"

"ତୁମେ ଏଠାରେ ହିଁ ଭୁଲ କରୁଛ ନବଯୁବକ !"

ଚିତ୍ରଲେଖା କହିଲି—ସୁଖ ହିଁ ତୃପ୍ତି······ଓ ଶାନ୍ତି ଏକ ଅକର୍ମଣ୍ୟତା······କିନ୍ତୁ ଜୀବନ କର୍ମମୟ······ଏକ ନିର୍ବାଣ ବିହୀନ ପିପାସା·········ଜୀବନ ପରିବର୍ତ୍ତନଶୀଳ । ପରିବର୍ତ୍ତନଶୀଳ ଜୀବନରେ ସୁଖ ଓ ଶାନ୍ତିର କିଛି ବୋଲି କିଛି ସ୍ଥାନ ନାହିଁ ।

Digitized by srujanika@gmail.com

ଚିତ୍ରଲେଖା ମଦ୍ୟଗ୍ଲାସକୁ ଶ୍ୱେତାଙ୍କର ଅଧର ସ୍ପର୍ଶ କରାଉଥିଲା ।

ଶ୍ୱେତାଙ୍କ ପ୍ରଥମରେ ମଦ୍ୟପାତ୍ର ପାଖରୁ ଅଧର ଫେରାଇ ନେବାର ବିଚାର କରିଥିଲା; କିନ୍ତୁ ଚିତ୍ରଲେଖାର ହାସ୍ୟ ବିଧୂର ନୀଳ ନୟନ ତଳେ ସମ୍ମୋହିନୀ ମାୟା ଥିଲା । ସେ ଚିତ୍ରଲେଖାକୁ ରୋକି ପାରି ନ ଥିଲା । ସେ ନିଜେ ନିଜକୁ ଆବୃତ୍ତ କରିବାରେ ସମର୍ଥ ହୋଇ ନ ଥିଲା ।

ସେତେବେଳେ ଅଚାନକ ବୀଜଗୁପ୍ତ ପ୍ରବେଶ କରି ହସି ହସି କହୁଥିଲା—"ବ୍ରହ୍ମଚାରୀ ! ଆଜି ତୁମକୁ ଏକ ନର୍ତ୍ତକୀ ଦୀକ୍ଷା ଦେଇ ସଫଳ ହେଲା । ଚିତ୍ରଲେଖା ! ଏ ଉପଲକ୍ଷରେ ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ।"

ମୋହ ନିଦ୍ରାଗତ ଚେତନାହୀନ ଶ୍ୱେତାଙ୍କ ସଚେତ ହେଲା ଯେମିତି । ତା'ର ଏ ତ୍ରୁଟିର ସୂଚନା ତାକୁ ବୀଜଗୁପ୍ତର ହସର ଉଚ୍ଛଳ ତରଙ୍ଗ ହିଁ ଦେଇଥିଲା । ସେ ଉଭୟ ବୀଜଗୁପ୍ତ ଓ ଚିତ୍ରଲେଖାକୁ ଥରେ ଥରେ ଦେଖୁଥିଲା ଓ ନତମସ୍ତକ ହେଉଥିଲା । ବୀଜଗୁପ୍ତ ହସି ହସି ବସ୍ତ୍ର ପରିବର୍ତ୍ତନ ଉଦ୍ଦେଶ୍ୟରେ ଚାଲିଗଲା— ତା'ର ଚାଲିଯିବା ପରେ ଶ୍ୱେତାଙ୍କ ବିକଳ ସ୍ୱରରେ କହିଲା —

"ଦେବି ! ଆଜି ତୁମେ ମୋର ସମସ୍ତ ସାଧନାକୁ ପଣ୍ଡ କରିଦେଲ । ତୁମେ ମୋର ଅନ୍ତର ତଳେ ଏକ ଜ୍ୱାଳା ପ୍ରଜ୍ୱଳିତ କରିଦେଲ······କାହିଁକି ?" ସେତେବେଳେ ଅତି କଠିଣ ଭାବରେ ଚିତ୍ରଲେଖାର କର ଧାରଣ କଲା ଶ୍ୱେତାଙ୍କ ।

ଚିତ୍ରଲେଖା ହସି ହସି ଉତ୍ତର ଦେଲା—ତୁମେ ଭୁଲ କରୁଛ ଶ୍ୱେତାଙ୍କ ! ଯାହାକୁ ତୁମେ ସାଧନାର ଆଖ୍ୟାରେ ଆଖ୍ୟାୟିତ କରୁଛ, ତାହା ଆତ୍ମହତ୍ୟା ଛଡ଼ା ଆଉ କିଛି ନୁହେଁ । କେବଳ ମାଦକତା ହିଁ ଜୀବନର ପ୍ରଧାନ ଅଙ୍ଗ ଏ ସୂଚନା ମୁଁ ତମକୁ ଦେବା ଛଡ଼ା ଆଉ ବିଶେଷ କିଛି କରି ନାହିଁ । ତୁମର ଅନ୍ତରର ଜ୍ୱାଳା ହେତୁ ମୁଁ ଦାୟୀ ନୁହେଁ ବରଂ ଖୁସି ଯେ ମୁଁ ତୁମକୁ ଜୀବନର ବାସ୍ତବିକ୍ ମହତ୍ତ୍ୱ ପ୍ରଦର୍ଶିତ କରିବାରେ ସଫଳ ହୋଇଛି ।

ଚିତ୍ରଲେଖା ଗମ୍ଭୀର ହୋଇ ଯାଉଥିଲା— ସେ ଶ୍ୱେତାଙ୍କ ହାତରୁ ଚଞ୍ଚଳ କରମୁକ୍ତ କରି ଆତୁର ଗମ୍ଭୀର କଣ୍ଠରେ କହିଲା —

Digitized by srujanika@gmail.com

“ଶ୍ୱେତାଙ୍କ ! ମନେରଖ ଯେ ମୁଁ ତୁମର ଜୀବନରେ ଆସିପାରେ ଏହା ଅତି ଅସମ୍ଭବ । ଏ ସବୁ ସତ୍ତ୍ୱେ ମୁଁ ମୋର ସ୍ୱ-ମନୋବୃତ୍ତି ଜାଣେ । ମୁଁ ଏ ସଂସାରରେ କେବଳ ମାତ୍ର ଜଣକର ଧର୍ମପତ୍ନୀ·····ସେ ବୀଜଗୁପ୍ତ । ମୁଁ ତୁମ ଜୀବନରେ ଆସିବ, ଏକଥାର କଳ୍ପନା ସୁଦ୍ଧା କରିବ ନାହିଁ । ତୁମେ ଯାଇପାର ।”

ଶ୍ୱେତାଙ୍କର ମୁଖ ମଳିନ ହୋଇଗଲା । ସେ ଜ୍ଞାନ, କର୍ତ୍ତବ୍ୟ ଓ ବ୍ୟକ୍ତିତ୍ୱ ସବୁଥିରେ ଆଜି ଏକ ନର୍ତ୍ତକୀ ପାଖରେ ପରାଜିତ । ସେ ବ୍ୟଥିତ ସ୍ୱରରେ ଉତ୍ତର ଦେଲା·····କେବଳ ପଦେ “ଯାହା ଆଜ୍ଞା ଦେବି !·····” ତା'ପରେ ବ୍ୟଥିତ, ଅପମାନିତ ତଥା ବଞ୍ଚିତ ବ୍ରହ୍ମଚାରୀ କକ୍ଷତ୍ୟାଗର ଉଦ୍ୟମ କଲା ।

ଚିତ୍ରଲେଖା କିଛି ବିଚାରକଲା । ଶ୍ୱେତାଙ୍କର ଠିକ୍ ଦ୍ୱାରବନ୍ଧ ଅତିକ୍ରମ ପରେ ପରେ ସେ ଡାକ ଦେଲା—“ଶ୍ୱେତାଙ୍କ ! ରହ, ମୋର ତୁମକୁ କିଛି କହିବାର ଅଛି ।”

ଶ୍ୱେତାଙ୍କ ଅଟକିଗଲା—ମାତ୍ର ଫେରିଲା ନାହିଁ । ସେ କେବଳ ଉତ୍ତର ଦେଲା ।

“ଦେବି ! ଭର୍ତ୍ସନାର କ'ଣ ଶେଷ ହୋଇ ନାହିଁ ? କ'ଣ ମୋର ଆତ୍ମଦୁର୍ବଳତାର ଏ ଯଥେଷ୍ଟ ପୁରସ୍କାର ନୁହେଁ ? ତୁମେ ମୋର ସ୍ୱାମିନୀ··· ମୋର ଜୀବନର······। ନା କ୍ଷମା ଦେବି । ତୁମେ କେବଳ ମୋର ସ୍ୱାମିନୀ····· ! ତୁମର ଆଜ୍ଞା ମୋର ଶିରୋଧାର୍ଯ୍ୟ······ ।” ସେତେବେଳେ ଶ୍ୱେତାଙ୍କର ଆଖିରେ ଲୋତକ ଭରି ଆସିଥିଲା ।

ଚିତ୍ରଲେଖାର ହୃଦୟରେ ଶ୍ୱେତାଙ୍କ·····ବାଳକ ଶ୍ୱେତାଙ୍କର ଏ ଭକ୍ତି ଆଘାତ ଦେଲା ନିଶ୍ଚୟ । ସେ କହିଲା—ଶ୍ୱେତାଙ୍କ ! ମୁଁ ତୁମ ସହିତ କଟୁବ୍ୟବହାର କରିଛି; ସେଇଥିପାଇଁ କ୍ଷମା ଚାହୁଁଛି । ତୁମ ପାଇଁ ମୋର ଅନୁରାଗ ରହିଛି—ତୁମେ ମୋର ଭ୍ରାତୃତୁଲ୍ୟ । ତୁମର ଏ ଦୁଃଖରେ ମୁଁ ବି ସମଦୁଃଖିନୀ । ମୁଁ ଅଜ୍ଞାତସାରରେ ତୁମକୁ ଯେ ଅପମାନିତ କରିଛି, ସେଥିପାଇଁ ତୁମ ପାଖରୁ କ୍ଷମା ଚାହୁଁଛି ।

Digitized by srujanika@gmail.com

ଚନ୍ଦ୍ରଲେଖାର ଏ କ୍ଷମା ପ୍ରାର୍ଥନାରେ ଶ୍ୱେତାଙ୍କ ମନର ସମସ୍ତ ଦୁଃଖ ଓ କ୍ଷୋଭ ଦୂର ହୋଇଗଲା ଯେପରି । ତା'ର ହୃଦୟର ଯନ୍ତ୍ରଣା ଶିଶିର ସମ ଉଭେଇଗଲା । ସେ ଯେପରି ଚନ୍ଦ୍ରଲେଖାର ମୁହଁରେ ଏକ ଦେବୀ ପ୍ରତିମାର ମୂର୍ତ୍ତି ଦେଖିବାକୁ ପାଉଥିଲା; ଏକ ପ୍ରକାର ଉଜ୍ଜ୍ୱଳ ଆଲୋକ ଦେଖୁଥିଲା, ଯେପରି ତା'ର ଦୃଷ୍ଟିରେ ବର୍ତ୍ତମାନ ଚନ୍ଦ୍ରଲେଖା ସାମାନ୍ୟ ଏକ ନର୍ତ୍ତକୀ ନ ଥିଲା—ସେ ଅନୁଭବ କରୁଥିଲା ଯେପରି ଚନ୍ଦ୍ରଲେଖା ସହିତ ତା'ର ପାରଲୌକିକ ସମ୍ବନ୍ଧ ରହିଛି । ସେ ଉତ୍ତର ଦେଲା—

"ଦେବି ! କ୍ଷମା ଯାଚନାର କୌଣସି ପ୍ରୟୋଜନୀୟତା ନାହିଁ । ତ୍ରୁଟି ମୋର ଥିଲା ଓ ସେ ତ୍ରୁଟି ହେତୁ ଦଣ୍ଡନୀୟ ହେବା ମୋ ପକ୍ଷରେ ଉଚିତ ମଧ୍ୟ । କିନ୍ତୁ ଦେବି, ତୁମେ ମତେ ଦଣ୍ଡିତ ନ କରି କୃପା ପ୍ରଦର୍ଶନ କରିଥିବା ହେତୁ ମୋତେ କୃତାର୍ଥ କରିଛ । ତୁମେ ମୋତେ ଅନୁଗୃହୀତ କରିଛ । ମୋତେ କ୍ଷମା ଦେବ ଦେବି !"

ଶ୍ୱେତାଙ୍କ ଆଉ ବିଶେଷ କିଛି କହିପାରୁ ନ ଥିଲା । କଣ୍ଠ ତା'ର ବାଷ୍ପ ଅବରୁଦ୍ଧ ହୋଇ ଯାଇଥିଲା । ସେ ସେଠାରୁ ଚଞ୍ଚଳ ଚାଲିଗଲା । ଚନ୍ଦ୍ରଲେଖା ପ୍ରସ୍ତର ପ୍ରତିମା ସମ ଜଡ଼ପ୍ରାୟ ଠିଆ ହୋଇ ରହିଥିଲା । ସେ ଅଜ୍ଞାତରେ ଶ୍ୱେତାଙ୍କକୁ ଆପଣାର ଯୌବନ ମାଦକତାର ଶିକାର କରିଥିବାକୁ ବ୍ୟଥିତା ଥିଲା ।

ଶ୍ୱେତାଙ୍କ ଆସି ବୀଜଗୁପ୍ତ ପାଖରେ ପହଞ୍ଚି ତା'ର ଚରଣତଳେ ପଡ଼ିଯାଇ ଅଶ୍ରୁସିକ୍ତ କଣ୍ଠରେ ବୀଜଗୁପ୍ତ ପାଖରେ ଦଣ୍ଡାଦେଶର ପ୍ରାର୍ଥନା କଲା ।

ବୀଜଗୁପ୍ତ ଶ୍ୱେତାଙ୍କର ଏ ବ୍ୟବହାରରେ ଚକିତ ହେଲା । ସେ ଶ୍ୱେତାଙ୍କକୁ ସସ୍ନେହ ଉତ୍ତୋଳନପୂର୍ବକ ଏ ଦଣ୍ଡାଦେଶ ପ୍ରାର୍ଥନାର କାରଣ ପଚାରିଥିଲା ।

ଶ୍ୱେତାଙ୍କ ଲୋତକ ସିକ୍ତ କଣ୍ଠରେ ଉତ୍ତର ଦେଲା—

"ସ୍ୱାମୀ ! ମୁଁ ଅପରାଧୀ, ମୁଁ ବିଶ୍ୱାସଘାତକତା କରିଛି । ମୁଁ ସେଇ ଶୁଭାଙ୍ଗୀର ପ୍ରଣୟ ବିମୁଗ୍ଧ ହେବାର ପ୍ରୟାସୀ ହୋଇଛି,......

Digitized by srujanika@gmail.com

ଆପଣ ଯା'ର ପ୍ରଣୟୀ । ସେ ବି ଆନ୍ତରିକତା ସହ ଆପଣଙ୍କର ପ୍ରଣୟ ଯାଚିବନ୍ତି; ସେ ମୋର ସ୍ୱାମିନୀ ବି ।”

ରାଜଗୁପ୍ତ ସମସ୍ତ କଥାର ବିବେଚନା କରି ପାରୁଥିଲା । ସେ ମନେ ମନେ କହିଲା—

“ତୁମେ କିପରି ଜାଣିଲ ଶ୍ୱେତାଙ୍କ ! ସେ ଯେ ମୋର ସ୍ୱାର୍ଥହୀନା ପ୍ରଣୟିନୀ ?”

“ସେ ସ୍ୱୟଂ ସ୍ୱୀକାର କରିଛନ୍ତି” ସେତେବେଳେ ଶ୍ୱେତାଙ୍କ ମଦିରାର ସମସ୍ତ ପ୍ରଭାବ ବଶ ଉତ୍ତେଜନାର ଅନୁଭବ କରୁଥିଲା । ତା'ର ଅନ୍ତର ତଳେ ସେ ଏକ ଅସାଧାରଣ ସ୍ଫୂର୍ତ୍ତି ଅନୁଭବ କରି ପାରୁଥିଲା......
“ମୁଁ ଆଜି ତା'ର ହାତରୁ ମଦିରା ପାନ କରି ଆପଣାର ସମସ୍ତ ସଂଯମ ବିନାଶ କରିଛି । ଯେହେତୁ ମୁଁ ତାକୁ ପ୍ରେମ କରେ, ମୁଁ ତାର ହାତର ମଦିରାକୁ ଅସ୍ୱୀକାର କଲି ନାହିଁ ।”

କୃତ୍ରିମଗାମ୍ଭୀର୍ଯ୍ୟ ଧାରଣପୂର୍ବକ ରାଜଗୁପ୍ତ ପଚାରିଲା—

“ଶ୍ୱେତାଙ୍କ ! ସେ ଯଦି ମୋର ପ୍ରଣୟିନୀ ବୋଲି ପ୍ରକାଶ ନ କରି ତୁମ ପାଖରେ ଆତ୍ମସମର୍ପଣ ପାଇଁ ପ୍ରସ୍ତୁତ ହୋଇ ଯାଇଥା'ନ୍ତା, ତେବେ ତୁମେ କଣ କରିଥା'ନ୍ତ ?”

କିଛି ସମୟ ବିଚାର କରି ଶ୍ୱେତାଙ୍କ କହିଲା—

“ତେବେ ସମ୍ଭବତଃ ମୁଁ ମୋର ସ୍ୱାମୀ ପାଖରେ କ୍ଷମା ପ୍ରାର୍ଥନା ବି କରି ନ ଥାଆନ୍ତି; କିନ୍ତୁ ବିଶ୍ୱାସ ଘାତକତାର ଏକ ଗୁପ୍ତ ଅପରାଧ କରି ଥାଆନ୍ତି ।”

ରାଜଗୁପ୍ତ ଶ୍ୱେତାଙ୍କର ପୃଷ୍ଠ ଦେଶରେ ସସ୍ନେହ କର ସଞ୍ଚାଳନ ପୂର୍ବକ କହିଲା—

“ଶ୍ୱେତାଙ୍କ ! ମୋ ପାଖରେ କ୍ଷମାପ୍ରାର୍ଥନା କରିବାର କୌଣସି ଆବଶ୍ୟକତା ନାହିଁ । ତୁମେ ଯାହା କଲ, ତାର ବିପରୀତ ଅନ୍ୟ କେହି କରିପାରି ନ ଥା'ନ୍ତା । ତୁମେ ଯାହା କରିଛ, ଉଚିତ କରିଛ । ଆଉ ଯାହା କରି ଥାଆନ୍ତ ତାହା ମଧ୍ୟ ଉଚିତ ହୋଇଥା'ନ୍ତା । ସେଥିରେ ତ ତୁମର

Digitized by srujanika@gmail.com

ଦୋଷ ହୋଇ ନଥା'ନ୍ତା; ଦୋଷ ହୋଇ ଥାଆନ୍ତା ପରିସ୍ଥିତିର । କିନ୍ତୁ ମୁଁ ଯେ ତୁମ ଉପରେ ପ୍ରସନ୍ନ । ତୁମେ ଅପରାଧ କଲ, ମାତ୍ର ତୁମେ ତାକୁ ସ୍ୱୀକାର କରି ସମସ୍ତ ଦୋଷ ନିଜେଇ ନେଇଛ । ତୁମେ ମୋତେ ସତ୍ୟ କହିଛ ଓ ତାହା ତୁମ ପାଇଁ ଉଚିତ ମଧ୍ୟ । ସଂସାର କ୍ଷେତ୍ରରେ ତୁମେ ଏଇମାତ୍ର ପ୍ରବେଶ କରିଛ । ତୁମକୁ ଶତବାର ଅନୁଭବ, ପରୀକ୍ଷାର ତୁଳାଦଣ୍ଡ ନିକଟକୁ ଯିବାକୁ ପଡ଼ିବ । ସେତେବେଳେ ତୁମର କର୍ତ୍ତବ୍ୟା-କର୍ତ୍ତବ୍ୟର ବିଚାର ରଖିବା ଉଚିତ । ଇଚ୍ଛା ପ୍ରବୃତ୍ତି ରୂପଧାରଣ କରି ତୁମକୁ ପ୍ରବୃତ୍ତ କରିବ । ଆଉ ତୁମକୁ ତା'ର ଦମନ କରିବାକୁ ପଡ଼ିବ । ସେଠାରେ ହିଁ ତୁମର ଆତ୍ମଶକ୍ତିର ପରୀକ୍ଷା ହେବ । ବିଜୟ ଓ ପରାଜୟର କ୍ଷେତ୍ର ହିଁ ସଂସାର......ନିର୍ଜନତା ନୁହେଁ ।"

ଶ୍ୱେତାଙ୍କ ବ୍ୟାକୁଳ କ୍ରନ୍ଦନ କରୁଥିଲା । ସେ ଉତ୍ତର ଦେଲା—

"ସ୍ୱାମୀ ! ମୋର କୌଣସି ଅଭିଳାଷ ନାହିଁ । ମୁଁ କେବଳ ମୋର ଅପରାଧର ଦଣ୍ଡ ଚାହେଁ ।"

ଖାଜଗୁ ପ୍ର ଶ୍ୱେତାଙ୍କର ମସ୍ତକ ଉପରେ ହାତରଖି ପ୍ରବୋଧନ ଭରା ସ୍ୱରରେ କହିଲେ—

"କାନ୍ଦୁଛ କାହିଁକି ? ତୁମେ ଏ ଅପରାଧର ଦଣ୍ଡ ଚାହଁ ତ ?...... କିନ୍ତୁ ତୁମେ ଯେ ଅପରାଧ କରି ନ, ଦଣ୍ଡ ବା କିଏ ଦେବ ? ଅପରାଧ କେବଳ କର୍ମରେ ଥାଏ, ବିଚାରରେ ନୁହେଁ—ବିଚାର କର୍ମର ସାଧନ ମାତ୍ର । ତେବେ ମଧ୍ୟ ତୁମେ ଯେତେବେଳେ ଦଣ୍ଡହିଁ ଚାହୁଁଛ, ମୁଁ ତୁମକୁ କଠିଣରୁ କଠିଣତର ଦଣ୍ଡ ଦେବି ନିଶ୍ଚୟ......

......ତୁମକୁ ପୁଷ୍ପର ସଙ୍ଗରେ ନେଇ ଶଶିଲେଖାକୁ ତା'ର ଭବନ ପର୍ଯ୍ୟନ୍ତ ଯିବାର କର୍ତ୍ତବ୍ୟ ସର୍ବଦା କରିବାକୁ ପଡ଼ିବ ।"

Digitized by srujanika@gmail.com

ଚତୁର୍ଥ ପରିଚ୍ଛେଦ—

ବିଶାଳଦେବ କୁମାରଗିରିଙ୍କ ଭିତରେ ଏକ ମହାନ୍ ଆତ୍ମା ଦେଖିଥିଲା । କୁମାରଗିରିଙ୍କର ଜ୍ଞାନ ଓ ତେଜ ଆଗରେ ସେ ନତମସ୍ତକ ଥିଲା । ତାଙ୍କର ଅକାଟ୍ୟ ଯୁକ୍ତି ବିଶାଳଦେବର ସମସ୍ତ ଭ୍ରମ ଅକ୍ଲେଶରେ ନିବାରିତ କରୁଥିଲା । କୁମାରଗିରି, ଏ ଭିତରେ ବିଶାଳଦେବର ଯୋଗାଭ୍ୟାସ କରିବା ଆରମ୍ଭ କରାଇ ଦେଇଥିଲେ । ତାଙ୍କର ଏକ ଯୋଗ୍ୟ ଶିଷ୍ୟପ୍ରାପ୍ତି ଜନିତ ତୃପ୍ତି ଥିଲା ଓ ବିଶାଳଦେବ ଏକ ସୁଯୋଗ୍ୟ ଗୁରୁ ପ୍ରାପ୍ତ ହେତୁ ଉତ୍‌ଫୁଲ୍ଲ ଥିଲା ।

ସେଦିନ କୁମାରଗିରି ବିଶାଳଦେବଙ୍କୁ ଉପାସନାର ଅର୍ଥ କହୁଥିଲେ । ସୂର୍ଯ୍ୟାସ୍ତ ହୋଇ ସାରିଥିଲା, ନିର୍ଜନତା ମଧ୍ୟରେ କୁମାର-ଗିରିଙ୍କର କୁଟୀରର ଆଲୋକ କ୍ଷୀଣ ପ୍ରକାଶମାନ ଥିଲା ।

"ପଥଭ୍ରଷ୍ଟ ପଥିକ କେବଳ ରଜନୀ ଯାପନ ପାଇଁ ଆଶ୍ରୟ ଖୋଜୁଛି ।" ଆଗନ୍ତୁକ କା'ର ପଦଧ୍ୱନି ସାଥିଲେ ଏତିକି ଶୁଣାଗଲା ।

କୁମାରଗିରି ଉତ୍ତର ଦେଲେ—

"ମୁଁ ତା'ର ସ୍ୱାଗତ କରୁଛି—ପ୍ରତ୍ୟେକ ପଥଭ୍ରଷ୍ଟ ପାଇଁ ମୋର ଏ କୁଟୀରଦ୍ୱାର ସଦା ଉନ୍ମୁକ୍ତ ।"

ଆପଣାର ଉତ୍ତରରେ ସ୍ୱୟଂ କୁମାରଗିରି ହସି ଉଠୁଥିଲେ ।

ସେତେବେଳେ କୁଟୀର ମଧ୍ୟକୁ ଧୀର ପଦକ୍ଷେପରେ ଜଣେ ପୁରୁଷ ଓ ସ୍ତ୍ରୀ ପ୍ରବେଶ କଲେ ।

Digitized by srujanika@gmail.com

ନାରୀର ଏକ ଶୋଭାମୟ ଚଳନ୍ତ ପ୍ରତିମା ଦେଖି କୁମାରଗିରି ଚମକି ଉଠିଲେ । ସେ ଅସାଧାରଣ ଗାମ୍ଭୀର୍ଯ୍ୟ ଭିତରେ କହିଲେ—

"ଅତିଥି ! ତୁମେ ମୋତେ ତୁମ ସଙ୍ଗରେ ଏକ ନାରୀ ଥିବାର ସୂଚନା ପ୍ରଥମରୁ ଦେଲ ନାହିଁ କାହିଁକି ? ତୁମର ଜାଣିବା ଉଚିତ ଯେ ଏହା ଏକ ଯୋଗୀର କୁଟୀର; ଯେ କି ସାଂସାରିକତ୍ୱ ତ୍ୟାଗ କରି ସାରିଛି !"

"...ମୋତେ ଜ୍ଞାତ ଯେ ଏହା ଏକ ଯୋଗୀର କୁଟୀର । କିନ୍ତୁ ଏହା ଭାବି ନ ଥିଲି ଯେ ଇନ୍ଦ୍ରିୟଜିତ୍ ଯୋଗୀର ଜଣେ ନାରୀକୁ, ବିଶେଷତଃ ଏକ ପୁରୁଷ ସହିତ ଥିବା ନାରୀକୁ କେବଳ ମାତ୍ର ଏକ ରାତ୍ର ପାଇଁ ଆଶ୍ରୟ ଦେବାରେ ସଙ୍କୋଚ ବୋଧହେବ ।"

ଏପରି ଏକ ଅଭାବନୀୟ ଉତ୍ତରରେ ଯୋଗୀ କୁମାରଗିରି ନିସ୍ତେଜ ହୋଇଗଲେ । ଏହି ସମସ୍ତ ମଧ୍ୟରେ ସେହି ସନ୍ନଗାମିନୀ ଆସନ ଗ୍ରହଣ କରି ସାରିଥିଲା । ପ୍ରଧାପର ମନ୍ଦ ପ୍ରକାଶ ତା'ର କମନୀୟ ମୁଖ ମଣ୍ଡଳରେ ତରଙ୍ଗ ରଚୁଥିଲା । କୁମାରଗିରି କହିଲେ—

"ଅତିଥି ! ମୁଁ ଏ କୁଟୀରରେ ଏହି ହେତୁରୁ ଏକ ସ୍ତ୍ରୀକୁ ଆଶ୍ରୟ ଦେବାକୁ ସଙ୍କୋଚ ବୋଧ କଲି—ଯେହେତୁ ସ୍ତ୍ରୀ ଏକ ଘନାନ୍ଧକାର... ମାୟା...ସେ ଏକ ଅଦମ୍ୟ ମୋହମୟୀ ବାସନା । ଜ୍ଞାନର ଆଲୋକମୟ ସଂସାରରେ ସ୍ତ୍ରୀର କୌଣସି ସ୍ଥାନ ନାହିଁ, କିନ୍ତୁ ଯେତେବେଳେ ତୁମେ ମୋର ଅତିଥି—ଆତିଥେୟ ଗ୍ରହଣ ମୋର କର୍ତ୍ତବ୍ୟ ।"

ସେ ନାରୀ ଜଣକ ବର୍ତ୍ତମାନ ପର୍ଯ୍ୟନ୍ତ ଏ ବାର୍ତ୍ତାଳାପକୁ ଚକିତ ତଥା କୌତୂହଳର ସହିତ ଶୁଣୁଥିଲା । ସେ କୁମାରଗିରିଙ୍କର ବାକ୍ୟର ସମାପ୍ତି ପରେ ପରେ ତାଙ୍କ ଆଗରେ ନତମସ୍ତକ ହୋଇ କହିଲା—

"ପ୍ରକାଶ ଲୁବ୍ଧ ପତଙ୍ଗକୁ ଘନାନ୍ଧକାର ପ୍ରଣାମ କରୁଛି ।"

କଥା ତା'ର ଶର ତୁଲ୍ୟ ତୀକ୍ଷ୍ଣ ତଥା ଘାତକ ଥିଲା; ସ୍ୱର କିନ୍ତୁ ସଙ୍ଗୀତଠାରୁ କୋମଳ । ତା'ର ସୌନ୍ଦର୍ଯ୍ୟରେ କବିତ୍ୱ ଥିଲା; ବାସନାର ଉନ୍ମାଦନାରେ ଅହଙ୍କାର ଥିଲା । କୁମାରଗିରି ଏ ସାଧାରଣ ସ୍ତ୍ରୀର ଅସାଧାରଣ ଅଭିବାଦନରେ ବିସ୍ମିତ ହେଲେ । ସେ ତାକୁ ଏକ ଧ୍ୟାନପୂର୍ଣ୍ଣ

Digitized by srujanika@gmail.com

ଦୃଷ୍ଟିରେ ଦେଖୁଥିଲେ । ତାଙ୍କୁ ଦେଖି ସେ ଚକିତ ହେଉଥିଲେ ନିଶ୍ଚୟ; ଏପରି ଏକ ଅସାଧାରଣ ସୌନ୍ଦର୍ଯ୍ୟଶାଳିନୀ ସେ ଜୀବନରେ ଦେଖି ନ ଥିଲେ । ତା'ର ସେ ଉକ୍ତିର ଉତ୍ତର ଦେବା ସେ ସମୀଚୀନ ମନେ କଲେ ନାହିଁ । ତେଣୁ ସେ ପୁରୁଷକୁ ହିଁ ପ୍ରଶ୍ନ କଲେ —

"ମୋର ସମ୍ଭବତଃ ଅତିଥିଙ୍କର ପରିଚୟ ପ୍ରାପ୍ତିର ଅଧିକାର ଅଛି ?"

ପୁରୁଷ ଜଣକ ଶାନ୍ତ ଭାବରେ ଉତ୍ତର ଦେଲା—

"ଏ ଦାସର ନାମ "ବୀଜଗୁପ୍ତ"—ମୁଁ ପାଟଳିପୁତ୍ରର ଏକ ସାମନ୍ତ । ଏ ନାରୀ······ପାଟଳିପୁତ୍ରର ସୁନ୍ଦରୀ ନର୍ତ୍ତକୀ ଚନ୍ଦ୍ରଲେଖା ।"

ସେତେବେଳେ କୁମାରଗିରି ଚନ୍ଦ୍ରଲେଖାକୁ ଏକ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ···ସେ କହିଲେ —

"ନର୍ତ୍ତକୀ ଚନ୍ଦ୍ରଲେଖା ! ତୁମର କବରୀର କର୍କଶତା ଉପରେ ଉନ୍ମାଦର ଆବରଣ ରହିଛି; ତୁମର ଯେ ବିଷ ତାକୁ ସୌନ୍ଦର୍ଯ୍ୟ ହିଁ ଗୋପନ ରଖିଛି । ତୁମେ ମୋର ଅତିଥି । ତୁମେ ମୋତେ ପ୍ରଣାମ କରିଛ । ତମକୁ ଆଶୀର୍ବାଦ ଦେବା ମୋ ପକ୍ଷରେ ଉଚିତ । ଭଗବାନ ସୁମତି ଦିଅନ୍ତୁ ।"

ଚନ୍ଦ୍ରଲେଖା ହସିଥିଲା— ତା'ର ସେଇ ହାସ୍ୟରେ ବିମୁଗ୍ଧ କରିବାର ଲୋଭନୀୟ ସ୍ପର୍ଶ ଥିଲା । ସେ କହିଲା—

"ଯୋଗୀ ! ସୁମତିର ଅର୍ଥଭେଦ ରହିଛି । ଅନୁରାଗର ସୁଖ ହିଁ ତ ବିରାଗର ଦୁଃଖ ? ପ୍ରତ୍ୟେକ ବ୍ୟକ୍ତି ତା'ର ସିଦ୍ଧାନ୍ତରେ ନିର୍ଦ୍ଧାରଣ କରେ ଓ ତା'ର ଉପରେ ଅଟଳ ବିଶ୍ୱାସ ରଖେ । ନିଜେ ନିଜର ମାର୍ଗକୁ ହିଁ ନିର୍ଭୁଲ ବୋଲି ଭାବେ । ତା'ର ମତାନୁସାରେ ଅନ୍ୟ ପଥର ଅନୁଗାମୀ ହେବା ହିଁ ତ୍ରୁଟି ।"

ଅନୁରାଗର ଦାସୀ ଏକ ନର୍ତ୍ତକୀ ବିରାଗର ସ୍ୱାମୀ ଏକ ଯୋଗୀର ସାମ୍ମୁଖ୍ୟ କରୁଥିଲା । ଭ୍ରାନ୍ତ ଓ ଶାନ୍ତ ମଧ୍ୟରେ ଥିଲା ଏଇ ଦ୍ୱନ୍ଦ — ଜୀବନ ଓ ମୁକ୍ତି ଭିତରେ ଥିଲା ଏଇ ବିତଣ୍ଡା । କୁମାରଗିରି ଅବିଚଳିତ

Digitized by srujanika@gmail.com

ସ୍ୱରରେ ଉତ୍ତର ଦେଲେ—କିନ୍ତୁ, ସତ୍ୟ ଏକ । ସେ ଏକ ବାସ୍ତବିକତାର ଜ୍ଞାନ । ସେଇ ମାର୍ଗ ହିଁ ଠିକ୍ ଯାହା ଶାନ୍ତି ଓ ସୁଖର । କୁମାରଗିରିଙ୍କର ସ୍ୱର ଗମ୍ଭୀର ଥିଲା । ତପସ୍ୟାର ତେଜରେ ସେ ଉଜ୍ଜ୍ୱଳ ଦିଶୁଥିଲେ······ ତାଙ୍କର ବିଶାଳ ଆଖିରେ ଶାନ୍ତିର ପ୍ରଶାନ୍ତତା ଥିଲା ।

ଯୋଗୀର ଆଖି ସହିତ ହଠାତ୍ ନର୍ତ୍ତକୀର ଆଖିର ଏକ କ୍ଷଣିକ ମିଳନ ଘଟିଥିଲା । ବାସନାର ପ୍ରାଣରେ—ତପସ୍ୟାର ଆଗରେ ଏକ କମ୍ପନ ଜାଗିଥିଲା । ଶଶିଲେଖା 'ଯୋଗୀ ମହାନ୍, ଅତି ମହାନ୍' ଏହି ଅନୁଭବ କରୁଥିଲା—ତଥାପି ସେ ସାହସର ସହିତ କହିଲା—

"ଶାନ୍ତି ଓ ସୁଖ !······ଶାନ୍ତି ଅକର୍ମଣ୍ୟତାର ଅନ୍ୟ ନାମ··· ଆଉ ସୁଖ ?······ତା'ର ପରିଭାଷା କେବଳ ଗୋଟାଏ ନୁହେଁ !"

ଯୋଗୀ କୁମାରଗିରି ନର୍ତ୍ତକୀ ମୁଖରେ ଦର୍ଶନର ବିକୃତ ସିଦ୍ଧାନ୍ତର ତର୍କ ଶୁଣି ସ୍ତବ୍ଧ ହେଉଥିଲେ । ସେ ଯେଉଁ ସୁନ୍ଦରୀ ସହିତ ବାର୍ତ୍ତାଳାପ କରୁଥିଲେ ସେ କେବଳ ସୁନ୍ଦରୀ ହିଁ ନ ଥିଲା; ସେ ଥିଲା ବିଦୁଷୀ । ତା'ର ବିଚାରଶୀଳତା ତଥା ପ୍ରତିଭା ଥିଲା । ପ୍ରତିଭା ସହିତ ପ୍ରତିଭା ହିଁ ଦ୍ୱନ୍ଦ୍ୱୀ ହୁଏ । ଜ୍ଞାନର କ୍ଷେତ୍ରରେ ପ୍ରତିଭା ତଥା ମୌଳିକତାର ସ୍ଥାନ ହିଁ ସର୍ବୋଚ୍ଚ । କୁମାରଗିରି ଅନେକ ସମୟ ଧରି ନୀରବ ରହିଲେ । ତା'ପରେ ସେ ଦୃଢ଼ତାର ସହିତ କହିଲେ—

"ଠିକ୍ ! ଶାନ୍ତି ହିଁ ଅକର୍ମଣ୍ୟତାର ଅନ୍ୟ ନାମ । କିନ୍ତୁ ଅକର୍ମଣ୍ୟତା ହିଁ ମୁକ୍ତି । ଯାହାକୁ ଏ ସମଗ୍ର ବିଶ୍ୱ ଅକର୍ମଣ୍ୟତାର ଆଖ୍ୟାରେ ଆଖ୍ୟାୟିତ କରେ, ତାହା ବାସ୍ତବରେ ଅକର୍ମଣ୍ୟତା ନୁହେଁ । କାହିଁକି ନା ସେହି ସମୟରେ ମସ୍ତିଷ୍କ କାର୍ଯ୍ୟରତ ଥାଏ । ଯେଉଁ ଶୂନ୍ୟରୁ ଉତ୍ପନ୍ନ ସେହି ଶୂନ୍ୟରେ ଲୀନ ହୋଇଯିବାର ନାମହିଁ ଅକର୍ମଣ୍ୟତା । ଆଉ ସେହି ଶୂନ୍ୟ ହିଁ ଜୀବନର ଲକ୍ଷ୍ୟ । ତୁମେ ଯେ ସୁଖର ପରିଭାଷା କଥା କହିଲ, ମୁଁ ତାହା ଉଚିତ ବୋଲି ଭାବି ନେଉଛି । କିନ୍ତୁ ସୁଖ ଏକ, ତା' ଭିତରେ ଭେଦ ନାହିଁ; ସେ ସୁଖ କ'ଣ, ଏହା ଯେତେବେଳେ ମନୁଷ୍ୟ ଜାଣିଯାଏ, ସେତେବେଳେ ସେ ସାଧାରଣ ମଣିଷର ସ୍ତରର ଉଚ୍ଚକୁ ଉଠିଯାଇ ଥାଏ ।"

Digitized by srujanika@gmail.com

ଚନ୍ଦ୍ରଲେଖା କୁମାରଗିରିଙ୍କର ଉକ୍ତିରେ ସାରତତ୍ତ୍ୱ ଉପଲବ୍ଧି କରୁଥିଲା । ତାକୁ ଏପରି ପ୍ରତୀତ ହେଉଥିଲା; ସେ ଯେପରି ତା'ର ଅନିଚ୍ଛା ସତ୍ତ୍ୱେ ସେଇ ନବଯୁବକ ଯୋଗୀ ଆଡ଼କୁ ଆକର୍ଷିତା ହୋଇ ଯାଉଛି । ସେ କିନ୍ତୁ ଆଉଥରେ ସାହସ କରି କହିଲା—

"ଶୂନ୍ୟ ?······କିନ୍ତୁ ଯୋଗୀ ! ତୁମର ଏ ଶୂନ୍ୟତାର ବିଶ୍ୱାସ ବା କିଏ କରେ ? ଯାହା ଏ ଆଖି ଆଗରେ ଅଛି, ତାହାହିଁ ସତ୍ୟ······ ତାହାହିଁ ନିତ୍ୟ । ଶୂନ୍ୟ ଏକ କଳ୍ପନାର ବସ୍ତୁ । ଶୂନ୍ୟତାର ମହତ୍ତ୍ୱର ହେ ସ୍ତାବକ ଯୋଗୀ ! କଣ ତୁମେ ମୋର ଓ ତୁମର ମହତ୍ତ୍ୱ ଭେଦର କଳ୍ପନା କରୁଛ ?······ଯଦି କରୁଛ, ତେବେ ତୁମେ ତ କଳ୍ପନାର ଶୂନ୍ୟତାରେ ବିଶ୍ୱାସ ନୁହଁ ? ତେବେ ତୁମର ଜ୍ଞାନ ଓ ଅଧିକାର, ସୁଖ ଓ ଦୁଃଖ, ସ୍ତ୍ରୀ ଓ ପୁରୁଷ ତଥା ପାପ ଓ ପୁଣ୍ୟର ଏ ଭେଦଭାବ ସମ୍ପୂର୍ଣ୍ଣ ମିଥ୍ୟା । ମନୁଷ୍ୟକୁ ଜନ୍ମ ଦେବା ସଙ୍ଗେ ସଙ୍ଗେ ଈଶ୍ୱର ତା'ର କାର୍ଯ୍ୟକ୍ଷେତ୍ର ନିର୍ଦ୍ଧାରଣ କରି ଦେଇଥାଆନ୍ତି । କର୍ମସାଧନ ପାଇଁ ହିଁ ମନୁଷ୍ୟର ଜନ୍ମ । ସେ ଯେପରି ଖାରୁ ପରି, ସଂସାରର ସମସ୍ତ ବାଧା ବ୍ୟାଘାତର ସମ୍ମୁଖୀନ ହେବାରେ ପରାଙ୍ମୁଖ ନ ହୁଏ । ଆଉ ସୁଖ ! ସୁଖ ହିଁ ତୃପ୍ତିର ଅନ୍ୟ ନାମ । ତୃପ୍ତି ସେଠାରେ ହିଁ ସମ୍ଭବ ଯେଉଁଠାରେ ବାସନା ଓ ଇଚ୍ଛାର ସ୍ଥିତି ଅଛି ।

ଯୋଗୀ ଗମ୍ଭୀର ଥିଲେ; କିନ୍ତୁ ନର୍ତ୍ତକୀର ଅଧର ତଳେ ସ୍ମିତ-ହାସ୍ୟର ମାଦକତା ଥିଲା । ବୀଜଗୁପ୍ତ ଆପଣାର ଶିଷ୍ୟା ଅଥବା ଜୀବନ-ସଙ୍ଗିନୀ ଚନ୍ଦ୍ରଲେଖା ମୁଖରେ ଆପଣାର ସିଦ୍ଧାନ୍ତଗୁଡ଼ିକର ଉପଯୋଗ ଶୁଣି ମୁଗ୍ଧ ଥିଲା । ବିଶାଳଦେବ ନର୍ତ୍ତକୀର ଜ୍ଞାନର ଅସୀମତାରେ ଚକିତ ଥିଲା । ଉଭୟେ କୁମାରଗିରିଙ୍କର ଉତ୍ତରର ପ୍ରତୀକ୍ଷା କରୁଥିଲେ ।

କୁମାରଗିରି ଅନେକ ସମୟ ପର୍ଯ୍ୟନ୍ତ ମୌନ ଭାବରେ ବସି ରହି ଗମ୍ଭୀରତାପୂର୍ବକ କହିଲେ—"ଈଶ୍ୱର ! ଈଶ୍ୱର ଓ ମନୁଷ୍ୟ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଭେଦ କେବଳ ବାହ୍ୟ ତଥା ସାଂସାରିକ । ମାୟା ଓ ବ୍ରହ୍ମର ସଂଯୋଗ ହିଁ ମମତ୍ୱ ଓ ମାୟା ବାସ୍ତବରେ ବ୍ରହ୍ମର ଏକ ଅଂଶ ହେଲେ ମଧ୍ୟ ବାହ୍ୟ ଦୃଷ୍ଟିରେ ସଂପୂର୍ଣ୍ଣ ପୃଥକ୍ । ବ୍ରହ୍ମ ଯେତେଦିନ

Digitized by srujanika@gmail.com

ମାୟାଲିପ୍ତ ଥାଏ, ସେତେ ଦିନ ସେ ସଂସାର ଜାଲରେ ଆବଦ୍ଧ ଥାଏ । ମାୟା ତ୍ୟାଗ ପରେ ହିଁ ତା'ର ସ୍ୱୟଂତ୍ୱ ଆସିଥାଏ । ତୁମ ଓ ମୋ ଭିତରେ ବାସ୍ତବରେ କୌଣସି ପ୍ରଭେଦ ନାହିଁ, କାହିଁକି ନା ତୁମେ ଓ ମୁଁ ଉଭୟେ ବ୍ରହ୍ମର ଏକ ଏକ ଅଂଶ । କିନ୍ତୁ ଭେଦ ଏତିକି ଯେ ତୁମେ ମାୟା ମିଶ୍ରିତ ଓ ମୋର ଅଂଶରହିତ ମାୟାର । ତେଣୁ ମୁଁ ମାୟାକୁ ସଦୈବ ଜୀବନରୁ ପୃଥକ୍ ରଖିବାକୁ ଚାହୁଁଛି । ଯେପରି କି ପଛକୁ ଫେରିଯିବାକୁ ନ ପଡ଼େ । ସୁଖକୁ ହିଁ ତୃପ୍ତି କହନ୍ତି ଏହା ବି ତୁମର ଭ୍ରମ । ଯଦି ତୃପ୍ତି ହିଁ ସନ୍ତୋଷର ଏକମାତ୍ର ସାଧନ ହୋଇପାରେ, ତେବେ ସେ ସୁଖ ଅବଶ୍ୟ ହେବ । କିନ୍ତୁ କର୍ମପାଶାବଦ୍ଧ ଥିଲେ ତୃପ୍ତିରେ ସାଥିରେ ସନ୍ତୋଷ ଥାଏ ନା । ବ୍ରହ୍ମ ମାୟାର ସଂଯୋଗରେ ଆପଣାର ନିଜତ୍ୱକୁ ଭୁଲିଯାଏ ଓ କର୍ମଶୀଳ ହୋଇଯାଏ; କିନ୍ତୁ ଯେତେବେଳେ ସେ ମାୟାକୁ ତ୍ୟାଗ କରେ, ସେତେବେଳେ ହିଁ ସେ ତା'ର ନିଜର ପରିଚୟ ପାଇଥାଏ । ସେ ତୃପ୍ତ ହୁଏ ଓ ତା ସାଥିରେ ସନ୍ତୁଷ୍ଟ ମଧ୍ୟ ହୋଇଥାଏ । ଦୁଃଖପୂର୍ଣ୍ଣ ଏ ସଂସାର ତ୍ୟାଗ କରିବା ହିଁ ସୁଖ ।"

କୁମାରଗିରି ସ୍ୱଳ୍ପ ସମୟ ନୀରବ ରହିଲେ । ସେ ଚିତ୍ରଲେଖାକୁ ଉତ୍ତର ଦେବାକୁ ଅବସର ନ ଦେଇ କହିଲେ

"ମନେ ରଖିଥିବ ତର୍କର ଅନ୍ତ ନାହିଁ । ସତ୍ୟ ଏକ ଅନୁଭବର ବସ୍ତୁ । ଅନୁଭବ ଓ ବିଶ୍ୱାସ ବିନା ଏ ଜ୍ଞାନପ୍ରାପ୍ତି ମନୁଷ୍ୟ ପକ୍ଷରେ ଏକାନ୍ତ ଅସମ୍ଭବ ।" ଏତିକି କହି କୁମାରଗିରି ଦଣ୍ଡାୟମାନ ହେଲେ । "ରାତ୍ରୀ ଅଧିକ ହେଲାଣି, ବିଶ୍ରାମ ନେବା ଉଚିତ ହେବ ।"

ଚିତ୍ରଲେଖାକୁ କୁମାରଗିରିଙ୍କର ଏ ଉତ୍ତର ସନ୍ତୁଷ୍ଟ କରି ନ ଥିଲା । ଏହା କୁମାରଗିରି ମଧ୍ୟ ଅନୁଭବ କରିଥିଲେ । କିନ୍ତୁ ତା' ସଙ୍ଗେ ସଙ୍ଗେ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଚିତ୍ରଲେଖାକୁ ଆପଣା ଆଡ଼କୁ ଆକର୍ଷିତ କରିଥିଲା । ଯୋଗୀ ନର୍ତ୍ତକୀ ମଧ୍ୟରେ ଅସୀମ ଜ୍ଞାନର ଅନୁଭବ କରିଥିଲେ ଓ ନର୍ତ୍ତକୀ ଯୋଗୀର ସୌନ୍ଦର୍ଯ୍ୟରେ ମୁଗ୍ଧା ହୋଇଥିଲା । ଏ ଏକ ବିଚିତ୍ର କଥା । କେହି କାହା ପ୍ରତି ସନ୍ତୁଷ୍ଟ ନ ଥିଲେ, କିନ୍ତୁ ପ୍ରଭାବିତ ଥିଲେ ଅବଶ୍ୟ ! ଦୁହେଁ ଦୁହିଁଙ୍କ ମଧ୍ୟରେ ଆକର୍ଷଣର ଅନୁଭବ କରିଥିଲେ...... ଯୋଗୀ ଜ୍ଞାନର ଓ ନର୍ତ୍ତକୀ ସୌନ୍ଦର୍ଯ୍ୟର...... ।

Digitized by srujanika@gmail.com

କିନ୍ତୁ ବୀଜଗୁପ୍ତ କ'ଣ ଦେଖିଥିଲା ? ସ୍ୱୟଂ ସେ ନିଜେଇ ତାକୁ ବୁଝିବାକୁ ସମର୍ଥନ ଥିଲା । କୁମାରଗିରି ଓ ଚିତ୍ରଲେଖା ଏ ଉଭୟଙ୍କର କଥୋପକଥନରେ ତା' ମନରେ ଏକ ଅଶାନ୍ତିର ସୃଷ୍ଟି ହୋଇଥିଲା— ଅଶାନ୍ତି, ସିଦ୍ଧାନ୍ତର ସମ୍ବନ୍ଧରେ ନ ଥିଲା; କିନ୍ତୁ ସେ ଅଶାନ୍ତି ଯେ କେଉଁ ଧରଣର ତାହା ବୀଜଗୁପ୍ତଙ୍କୁ ବିଦିତ ନ ଥିଲା । ତାକୁ ସେ ବୁଝିବାର ଲକ୍ଷଚେଷ୍ଟା ସତ୍ତ୍ୱେ ବୁଝିବାରେ ସମର୍ଥ ହୋଇ ନ ଥିଲା । ହୃଦୟ ତା'ର ଚିତ୍ରଲେଖାର ଅନ୍ତରତଳେ କୁମାରଗିରିଙ୍କ ପ୍ରତି ଆକର୍ଷଣର ଗୁପ୍ତାର ଏକ କ୍ଷୀଣ ଆଭାସ ମାତ୍ର ପାଇଥିଲା; କିନ୍ତୁ ସେ ତାକୁ ବିଶ୍ୱାସ କରି ନ ଥିଲା ।

କୁମାରଗିରି କହିଲେ—"ଶିଷ୍ୟ ବିଶାଳଦେବ ! ତୁମେ ଆଜି ମୋର କୁଟୀରରେ ବିଶ୍ରାମ କରିବ—ତୁମର କୁଟୀରରେ ଆଜି ଅତିଥିଙ୍କର ବିଶ୍ରାମର ପ୍ରବନ୍ଧ କରିଦେଇ ଆସ ।"

ବୀଜଗୁପ୍ତ ଠିଆ ହେଲା·····ସାଥିରେ ଚିତ୍ରଲେଖା ବି ଯାଉଁ ଯାଉଁ କହିଲା—

"ଯୋଗୀ, ତପସ୍ୟା ଜୀବନର ଏକ ବିରାଟ ଭୁଲ—ଏହା କହିରଖୁଛି । ଆତ୍ମାର ହନନ ହିଁ ତପସ୍ୟାର ବାସ୍ତବିକତା ।" ଚିତ୍ରଲେଖା "ଶ୍ରୀଚରଣ ତଳେ ନର୍ତ୍ତକୀର ପ୍ରଣାମ" କହି ନତମସ୍ତକ ହେଲା ଓ ସ୍ମିତ ହାସ୍ୟର କମନୀୟତା ଭିତରେ ପାଦର ଗତିରେ କବିତାର ଛନ୍ଦ ଭରି ବୀଜଗୁପ୍ତ ସାଥିରେ ଚାଲିଗଲା ।

ଚିତ୍ରଲେଖା ଯିବା ପରେ ପରେ କୁମାରଗିରି ହସିଉଠି କହିଲେ—"ଠିକ୍ କହୁଛି ! ନର୍ତ୍ତକୀ ଠିକ୍ ହିଁ କହିଛି । ଆତ୍ମାର ହନନ ହିଁ ତପସ୍ୟାର ଅନ୍ୟ ନାମ । ମାୟା ଓ ବ୍ରହ୍ମର ସଂଯୋଗ ହିଁ ଆତ୍ମା । ଯେଉଁ ସମୟରେ ଆତ୍ମାର ମୃତ୍ୟୁ ଘଟେ, ମାୟାର ବିକାର ଲୋପ ହୋଇଯାଏ ଓ ସତ୍, ଚିତ୍ ତଥା ଆନନ୍ଦ ସେହି ବ୍ରହ୍ମ ହିଁ ରହିଯାଏ । କିନ୍ତୁ ନର୍ତ୍ତକୀ—ତୋର ଯଦି ଅନୁଭବ ଥାଆନ୍ତା, ତୋର ପରିସ୍ଥିତି ଯଦି ଅନ୍ୟ କିଛି ଥାଆନ୍ତା, ତାହାହେଲେ ତୁ ମଧ୍ୟ ସମ୍ଭବତଃ ଏକଥାର ଉପଲବ୍ଧି କରି ପାରନ୍ତୁ । ତୋର ଜ୍ଞାନ ଅଛି; କିନ୍ତୁ ସେ ଜ୍ଞାନର କେହି ଯୋଗ୍ୟ ପଥ-ପ୍ରଦର୍ଶକ ନାହିଁ । ସେ ହେତୁ ମୋର ଦୁଃଖ ।"

Digitized by srujanika@gmail.com

ବିଶାଳଦେବ ଚିତ୍ରଲେଖା ଓ ବୀଜଗୁପ୍ତଙ୍କୁ ଆପଣାର କୁଟୀରରେ ଛାଡ଼ିଦେଇ ଗୁରୁଙ୍କ ନିକଟକୁ ପ୍ରତ୍ୟାଗମନ କଲା ।

ଶଯ୍ୟନ ପୂର୍ବରୁ ବୀଜଗୁପ୍ତ ଆଦରରେ ଡାକିଲା—

"ଚିତ୍ରଲେଖା !"

"ପ୍ରିୟତମ !" ମଧୁସିକ୍ତ ଉତ୍ତର ଦେଲା ଚିତ୍ରଲେଖା ।

ବୀଜଗୁପ୍ତ ଏକ ଦୀର୍ଘ ନିଶ୍ୱାସ ପକାଇ କହିଲା—"ହୃଦୟ ଉପରେ ଆଜି କାହିଁକି କେଜାଣି ଏକ ପୀଡ଼ା ଅନୁଭବ ହେଉଛି । ଏପରି ମନେ ହେଉଛି, ଯେପରି ଆମ ଦୁହିଁଙ୍କ ଜୀବନରେ ଦୁଃଖର ଏକ ଗୁପ୍ତାପାତ ଅବଶ୍ୟମ୍ଭାବୀ । ଚିତ୍ରଲେଖା ! କୁମାରଗିରି ଯୋଗୀ ଓ ସମ୍ଭବତଃ ତା'ର ଆକର୍ଷଣଶକ୍ତି ମଧ ରହିଛି ।"

ଚିତ୍ରଲେଖାର ଭାବ ମୁଦ୍ରାରେ ଏକ କ୍ଷଣିକ ମଳିନତା ଖେଳିଗଲା । କିନ୍ତୁ ସେ ତା'ର ମନୋଭାବକୁ ଆୟତ୍ତ ରଖି କହିଲା—

"କୁମାରଗିରି ଯୋଗୀ, ମାତ୍ର ଏକ ବିରାଟ ନିର୍ବୋଧ । ଆତ୍ମା ତା'ର ଜୀବିତ ନୁହେଁ, ମୃତ ।"

ଚିତ୍ରଲେଖା ଆପଣାକୁ ତଥା ବୀଜଗୁପ୍ତଙ୍କୁ ପ୍ରବଞ୍ଚିତ କରିବାରେ ପ୍ରୟାସ କରି କହିଲା—

"କୁମାରଗିରି ନିର୍ଜନତାର ନିବାସୀ, କିନ୍ତୁ ଆମେ କର୍ମକ୍ଷେତ୍ରର ଅଭିନେତା । କୁମାରଗିରି ତା'ର ସମସ୍ତ ବାସନାର ହତ୍ୟା କରିଛି, କିନ୍ତୁ ବାସନାରେ ଆମର ଅଟଳ ବିଶ୍ୱାସ । କୁମାରଗିରିର ଚରମ ଲକ୍ଷ୍ୟ କଳ୍ପନାର ଶୂନ୍ୟତା, କିନ୍ତୁ ଆମର ଜୀବନର ଲକ୍ଷ୍ୟ କେବଳ ଏକ ମାଦକତାର ବିଚେଷ୍ଟନ········। ଆମ ଜୀବନରେ ତୃଷ୍ଣାୟୁର ପ୍ରବେଶ ଏକାନ୍ତ ଅସମ୍ଭବ ।"

ବୀଜଗୁପ୍ତ ପ୍ରସନ୍ନ ହେଲା ।

ଚିତ୍ରଲେଖା ବୀଜଗୁପ୍ତଙ୍କୁ ପ୍ରବଞ୍ଚିତ କଲା·····କିନ୍ତୁ ସ୍ୱୟଂ ନିଜକୁ ପ୍ରତାରଣା କରିପାରିଲା ନାହିଁ । ସେ ମନେ ମନେ କହିଲା—

"କିନ୍ତୁ କୁମାରଗିରି········ଅସାଧାରଣ ସୁନ୍ଦର ଅବଶ୍ୟ !"

Digitized by srujanika@gmail.com

ପ୍ରଥମ ପରିଚ୍ଛେଦ—

ସମ୍ରାଟ୍ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଅତିଥିଗଣ ମହାଯଜ୍ଞର ଅଭିମନ୍ତ୍ରିତ ଧୂମ ସୁବାସ ବିମୋହିତ ବୈଭବଶାଳିନୀ ରାଜପ୍ରାସାଦର ବିଶାଳ ପ୍ରାଙ୍ଗଣରେ ଆସୀନ ଥିଲେ । ପୂର୍ବ ଦିଶାଭିମୁଖ ହୋଇ ସ୍ୱୟଂ ମହାରାଜ ରତ୍ନଖଚିତ ସୁବର୍ଣ୍ଣ-ସିଂହାସନାସୀନ ଥିଲେ । ଦକ୍ଷିଣ ଓ ବାମ ପାର୍ଶ୍ୱରେ ଯଥାକ୍ରମେ କ୍ରମାନୁସାରେ ରାଜ୍ୟ ଯଥାଯୋଗ୍ୟ ସାମନ୍ତଗଣ ଓ ରାଜକର୍ମଚାରୀ ଆସୀନ ଥିଲେ ଓ ଠିକ୍ ସମ୍ମୁଖରେ ଆମନ୍ତ୍ରିତ ପାଣ୍ଡିତ୍ୟ-ଗୌରବଶାଳୀ-ନୈୟାୟିକ-ବିମଣ୍ଡିତ କର୍ମକାଣ୍ଡୀ ବ୍ରାହ୍ମଣ ଓ ତପସ୍ୱୀଗଣ ଉପବେଶନ କରିଥିଲେ ।

ପ୍ରଥାନୁସାର ଏ ସଭା ମହାଯଜ୍ଞ ପରେ ଦର୍ଶନ ଉପରେ ତର୍କ ପାଇଁ ଆହୂତ ହୋଇଥିଲା । ସମ୍ରାଟ ଚନ୍ଦ୍ରଗୁପ୍ତ ସହାସ୍ୟମୁଖରେ ମହାମନ୍ତ୍ରୀ ଚାଣକ୍ୟଙ୍କୁ ଦେଖି କହିଲେ—

“ନୀତିକୁଶଳ ମନ୍ତ୍ରୀବର ! ଆପଣଙ୍କର ନୀତିଶାସ୍ତ୍ର ଅନେକ ସ୍ଥଳରେ ଧାର୍ମିକ ସିଦ୍ଧାନ୍ତଗୁଡ଼ିକର ଅବହେଳନା କରିଛି । ଏ ବିରୋଧର କାରଣ କ’ଣ ? ନୀତିଶାସ୍ତ୍ର କ’ଣ ଧର୍ମର ଅନ୍ତର୍ଗତ ନୁହେଁ ?”

ଚାଣକ୍ୟ ଆସନୋତ୍ଥିତ ହେଲେ ଓ ସମ୍ମୁଖସ୍ଥିତ ବିଦ୍ୱାନ୍‌ମଣ୍ଡଳୀ ଆଗରେ ନତମସ୍ତକ ହୋଇ ପୁନରପି ସମ୍ରାଟଙ୍କୁ ଅଭିବାଦନପୂର୍ବକ ଆସନ ଗ୍ରହଣ କଲେ । ସେ କହିଲେ —

“ମହାରାଜଙ୍କର କଥନ ସର୍ବଥା ଉଚିତ······ମୋର ନୀତିଶାସ୍ତ୍ରରେ ସ୍ଥଳବିଶେଷରେ ନିର୍ଦ୍ଧାରିତ ଧର୍ମର ରୂଢ଼ିସମୂହର ବିରୋଧ ସିଦ୍ଧାନ୍ତ ପରିଲକ୍ଷିତ ହେବ । ମୁଁ ଏହା ସ୍ୱୀକାର କରୁଛି । କିନ୍ତୁ ମୁଁ ଏହା ସଙ୍ଗେ

Digitized by srujanika@gmail.com

ସଙ୍ଗେ କହିଦେବାକୁ ଚାହୁଁଛି ଯେ ଧର୍ମ ସମାଜଦ୍ୱାରା ନିର୍ମିତ । ଧର୍ମ ନୀତିଶାସ୍ତ୍ରର ଜନ୍ମଦାତା ନୁହେଁ, ବରଂ ଏହାର ବିପରୀତ । ନୀତିଶାସ୍ତ୍ର ହିଁ ଧର୍ମର ଜନ୍ମଦାତା । ଏ ସମାଜକୁ ଜୀବିତ ରଖିବା ପାଇଁ ତା'ର ନିର୍ଦ୍ଧାରିତ ନିୟମାବଳୀକୁ ହିଁ ନୀତିଶାସ୍ତ୍ର କୁହାଯାଏ ଓ ସେ ନୀତିଶାସ୍ତ୍ରର ଆଧାର ହେଉଛି ତର୍କ । ଧର୍ମର ଆଧାର ବିଶ୍ୱାସ ଓ ବିଶ୍ୱାସର ବନ୍ଧନରେ ପ୍ରତ୍ୟେକ ମନୁଷ୍ୟକୁ ବାନ୍ଧିରଖି ତାଦ୍ୱାରା ଆପଣାର ନିୟମ ପାଳନ କରାଇନେବା ହିଁ ସମାଜ ପକ୍ଷରେ ହିତକର । ଏଣୁ ଅନେକ ସମୟରେ ଏପରି ପରିସ୍ଥିତି ମଧ୍ୟ ଆସିପାରେ, ଯେତେବେଳେ ସ୍ୱତଃ ଧର୍ମବିରୁଦ୍ଧ କର୍ତ୍ତବ୍ୟ ସମାଜର କଲ୍ୟାଣଦାୟକ ହୋଇଉଠେ ଓ ଧୀରେ ଧୀରେ ଧର୍ମର ସ୍ୱରୂପ ସ୍ୱତଃ ବଦଳିଯାଏ ।"

ଚାଣକ୍ୟଙ୍କର ଏ ଉକ୍ତିରେ ବିଦ୍ୱାନ୍‌ମଣ୍ଡଳୀ ସ୍ତବ୍ଧ ରହି ଯାଇଥିଲେ । ସମ୍ରାଟ୍ ଚନ୍ଦ୍ରଗୁପ୍ତ ଥରେ ମହାମନ୍ତ୍ରୀ କୌଟିଲ୍ୟଙ୍କୁ ଓ ଥରେ ଉପସ୍ଥିତ କୋବିଦଗଣଙ୍କୁ ଗର୍ବର ସହିତ ଦେଖୁଥିଲେ । ମହାମନ୍ତ୍ରୀ ଏକ ବିରାଟ କଥା କହିଥିଲେ······ସେ ଏକ ସାରଗର୍ଭିକ ସିଦ୍ଧାନ୍ତ······କିନ୍ତୁ ସମ୍ପୂର୍ଣ୍ଣ ନୂତନ ନିର୍ଦ୍ଧାରିତ ସିଦ୍ଧାନ୍ତସମୂହର ସମ୍ପୂର୍ଣ୍ଣ ପ୍ରତିକୂଳ । କିଏ ବା କଥାର ଉତ୍ତର ଦେବ ?······ସମସ୍ତେ ତା'ର ହିଁ ପ୍ରତୀକ୍ଷା କରୁଥିଲେ ।

ବିଶାରଦମଣ୍ଡଳୀରେ ଆସୀନ ଏକ ନବଯୁବକ ଯୋଗୀ ଶାନ୍ତ ଗମ୍ଭୀର ଭାବରେ ଉତ୍ତର ଦେଲେ—

"ରାଜନ୍ ! ଈଶ୍ୱର ହିଁ ମନୁଷ୍ୟର ଜନ୍ମଦାତା ଓ ମନୁଷ୍ୟ ସମାଜର ଜନ୍ମଦାତା । ଧର୍ମ ହିଁ ଈଶ୍ୱରଙ୍କର ସାଂସାରିକ ରୂପ । ସେ ହିଁ ମନୁଷ୍ୟକୁ ଈଶ୍ୱରଙ୍କର ସହିତ ମିଳିତ କରାଇବାର ଏକ ସୁଯୋଗ୍ୟ ସାଧନ । ଧର୍ମର ଅବହେଳା ହିଁ ଈଶ୍ୱରଙ୍କ ବିରୁଦ୍ଧାଚରଣର ଅନ୍ୟନାମ। ସତ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବା । ପୃଥିବୀରେ ସତ୍ୟ ଏକ । ଧର୍ମ ହିଁ ସେ ସତ୍ୟତାର ପରିଭାଷା । ଯଦି ନୀତିଶାସ୍ତ୍ର ଧାର୍ମିକ ସିଦ୍ଧାନ୍ତର ପ୍ରତିକୂଳ ହୁଏ, ତେବେ ସେ ନୀତିଶାସ୍ତ୍ର ନୁହେଁ—ଅନୀତି ଶାସ୍ତ୍ର । ନୀତି ଅନୀତି, ଉଚିତ ଅନୁଚିତ, ନ୍ୟାୟ ଅନ୍ୟାୟ ଆଦିର ତୁଳନା ପାଇଁ ଧର୍ମ ହିଁ ପ୍ରଧାନ ତୁଳାଦଣ୍ଡ । ଏ ସମଗ୍ର ବିଶ୍ୱ ଧର୍ମର ଅନ୍ତର୍ଗତ ।

Digitized by srujanika@gmail.com

ଶାସ୍ତ୍ରବିଶାରଦ ବୟୋବୃଦ୍ଧ ମନ୍ତ୍ରୀ ଗୁଣାକ୍ୟ ସମ୍ମୁଖସ୍ଥିତ ସେଇ ନବଯୁବକ ଯୋଗୀଙ୍କୁ ଦେଖି ମନେ ମନେ ହସୁଥିଲେ । ତାଙ୍କର ମୁଖମଣ୍ଡଳ ଗୌରବୋଜ୍ଜ୍ୱଳ ହୋଇ ଉଠୁଥିଲା । ସେ ଗମ୍ଭୀର କଣ୍ଠରେ କହିଲେ—

"ଧର୍ମର ଗୁରୁତ୍ୱ ସ୍ୱୀକାର କରି ତା'ର ବ୍ୟାଖ୍ୟା ଦେଉଥିବା ହେ ଯୋଗୀ ! ସେ ଧର୍ମର ଜନ୍ମଦାତା କିଏ, ତୁମେ କ'ଣ ଜାଣ ?"

"ଈଶ୍ୱର !"……ମନୁଷ୍ୟର ଅନ୍ତରାତ୍ମା ଦ୍ୱାରା !" କୁମାରଗିରି ଗାମ୍ଭୀର୍ଯ୍ୟପୂର୍ଣ୍ଣ କଣ୍ଠରେ ଉତ୍ତର ଦେଲେ ।

"ଆଉ ସେ ଈଶ୍ୱରର ?"

ସମସ୍ତେ ଗୁଣାକ୍ୟଙ୍କର ଏଇ ପ୍ରଶ୍ନରେ ଚକିତ ହେଉଥିଲେ । "କିଏ ବା ସେ ଈଶ୍ୱରର ଜନ୍ମଦାତା ?" କେଡ଼େ ଭୟାନକ ନୁହେଁ ଏଇ ପ୍ରଶ୍ନ ! ଜନସମୁଦାୟର ଅନ୍ତର କମ୍ପିତ ବିଚଳିତ ହୋଇ ଉଠିଥିଲା ନିଶ୍ଚୟ, ମାତ୍ର ଯୋଗୀ କୁମାରଗିରି ଠିକ୍ ସେହି ଶାନ୍ତ ଭାବରେ ଉତ୍ତର ଦେଲେ—

"ଈଶ୍ୱର……ଅନାଦି ।"

"ଠିକ୍ ହିଁ କହିଛ ଯୋଗୀ, ଈଶ୍ୱର ଅନାଦି । କିନ୍ତୁ ଏ କଥାରେ କୌଣସି ନୂତନତ୍ୱ ନାହିଁ । ପ୍ରତ୍ୟେକ ମନୁଷ୍ୟ ଜାଣେ ଯେ ଈଶ୍ୱର ଅନାଦି । କିନ୍ତୁ ମୁଁ ପଚାରୁଛି ତୁମେ କ'ଣ ସେ ଈଶ୍ୱରଙ୍କୁ ଜାଣ ? କ'ଣ ଏଠାରେ ଉପସ୍ଥିତ କେହି ହେଲେ ବ୍ୟକ୍ତି ଈଶ୍ୱରଙ୍କୁ ଜାଣେ ?" ଗୁଣାକ୍ୟଙ୍କର ଏ ପ୍ରଶ୍ନରେ ଗାମ୍ଭୀର୍ଯ୍ୟ ଥିଲା । ନୟନ ତଳେ ଜ୍ଞାନ-ଗୌରବର ଜ୍ୟୋତି ଥିଲା । କୌଣସି ପ୍ରକାର ଉତ୍ତରର ପ୍ରତୀକ୍ଷା ନ କରି ସେ କହିଲେ —

"ହଁ, ଈଶ୍ୱର ଅନାଦି ନିଶ୍ଚୟ । କିନ୍ତୁ ମୁଁ କହେ ଈଶ୍ୱରଙ୍କୁ କେହି ହେଲେ ଜାଣି ନାହିଁ । ସେ କେବଳ ଏକ କଳ୍ପନା । ସେ ସତ୍ୟ, କିନ୍ତୁ ଏତେ ପ୍ରକାଶବନ୍ତ ଯେ ମନୁଷ୍ୟର ନେତ୍ର ସେ ଜ୍ୟୋତିକୁ ଦେଖିପାରେ ନାହିଁ । ସେଇ ସତ୍ୟକୁ ଜାଣିବାର ପ୍ରଯତ୍ନ କର …ତାକୁ ପାଇବାକୁ କଠୋର ତପସ୍ୟା କର । କିନ୍ତୁ ସବୁ ବିଫଳ-ବ୍ୟର୍ଥତା—ଏକ ବିରାଟ ବ୍ୟର୍ଥତା । ଯଦି ତୁମେ ଈଶ୍ୱରଙ୍କୁ ଜାଣିପାରିବ, ଯଦି ତୁମର ଦୃଷ୍ଟିରେଖା ଭିତରେ ସେଇ ଅଖଣ୍ଡ ଓ ଅସୀମତାର ଉପସ୍ଥିତି ସୀମିତ ହୋଇଯାଏ,

Digitized by srujanika@gmail.com

ତେବେ ତା'ର ଈଶ୍ୱର ହେବାର କ'ଣ ବା ବିଶେଷତ୍ୱ ଅଛି ? କିନ୍ତୁ ଯୋଗୀ ତୁମର ଓ ଆମର ଈଶ୍ୱର, ଯା'ର ଆମେ ପୂଜା କରୁଁ ସେ ଈଶ୍ୱରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆମର ଓ ତୁମର ଈଶ୍ୱର ସମ୍ପୂର୍ଣ୍ଣ କଳ୍ପନାଜନିତ । ଆପଣାର ଆବଶ୍ୟକତାକୁ ପୂର୍ଣ୍ଣ କରିବା ହେତୁ ସମାଜ ହିଁ ଈଶ୍ୱରଙ୍କୁ ଜନ୍ମ ଦେଇଛି ।"

ଚାଣକ୍ୟ ନୀରବ ହୋଇ ଥରେ ଗୃହ ଆଡ଼କୁ ଦେଖୁଥିଲେ । ସଭାସ୍ଥଳୀଟିରେ ଗଭୀର ନିସ୍ତବ୍ଧତା ଥିଲା । ଯୋଗୀ କୁମାରଗିରି ମୁଦ୍ରିତ-ନୟନ ଥିଲେ ଯେପରି କି କିଛି ଏକ ଗଭୀର ଚିନ୍ତନିମଗ୍ନ ଥିଲେ । ଚାଣକ୍ୟ ଠିଆହୋଇ ପୁଣି ଥରେ ସଭାସ୍ଥଳର ଚତୁର୍ଦ୍ଦିଗରେ ଦୃଷ୍ଟିପାତ କଲେ । ତାଙ୍କର ସେ ଦୃଷ୍ଟିରେ ଗର୍ବ ଥିଲା, ଆତ୍ମବିଶ୍ୱାସ ଥିଲା । ସେ ଯେପରି ଉପସ୍ଥିତ ବିଦ୍ୱାନମଣ୍ଡଳୀକୁ ତାଙ୍କର ଏ ଯୁକ୍ତିର ଉତ୍ତର ଦେବାକୁ ଆହ୍ୱାନ କରୁଥିଲେ । ସ୍ୱଳ୍ପ ସମୟ ଉତ୍ତରର ପ୍ରତୀକ୍ଷା ପରେ ଚାଣକ୍ୟ କହିଲେ—

"ହଁ, ମୁଁ କହୁଥିଲି ତୁମର ଓ ଆମର ଈଶ୍ୱର, ଆମେ ଯା'ର ପୂଜାକରୁ ସେ କଳ୍ପନାଜନିତ ଓ ସମାଜଦ୍ୱାରା ହିଁ ନିର୍ମିତ । ତା'ର ରୂପ ବିଭିନ୍ନ ସମାଜର କଳ୍ପନାନୁସାରେ ବିଭିନ୍ନ । ବର୍ତ୍ତମାନ ଅନ୍ତରାତ୍ମାର କଥା ଆସୁଛି; ଏଠାରେ ମଧ୍ୟ ନିର୍ଦ୍ଧାରିତ ମତର ଅନେକାଂଶ ଭ୍ରମାତ୍ମକ । ଅନ୍ତରାତ୍ମାର ଈଶ୍ୱରସୃଷ୍ଟି ନୁହେଁ, ବରଂ ସମାଜ ହିଁ ତା'ର ସୃଷ୍ଟିକର୍ତ୍ତା । ଯଦି ବାସ୍ତବରେ ତାହା ଈଶ୍ୱରପ୍ରଦତ୍ତ ହୋଇଥା'ନ୍ତା, ତାହା ହେଲେ ଭିନ୍ନ ଭିନ୍ନ ସମାଜର ବ୍ୟକ୍ତିଙ୍କର ଅନ୍ତରାତ୍ମା ବିଭିନ୍ନ ହୁଅନ୍ତା ନାହିଁ । ଈଶ୍ୱର ଏକ; ଯଦି ବାସ୍ତବରେ ସେ ଧର୍ମର ନିୟମଗୁଡ଼ିକର ପ୍ରଣୟନ କରିଥା'ନ୍ତି, ତାହାହେଲେ ସେ ନିୟମ ପ୍ରତ୍ୟେକ ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ହୁଅନ୍ତା । କିନ୍ତୁ ତାହା ସେପରି ନୁହେଁ, ଏକ ସମାଜର ବ୍ୟକ୍ତିବିଶେଷର ଅନ୍ତରାତ୍ମା ଅନ୍ୟ ସମାଜର କୌଣସି ବ୍ୟକ୍ତିବିଶେଷ ସହିତ ସମାନ ହୁଏ ନାହିଁ । ମନୁଷ୍ୟର ଅନ୍ତରାତ୍ମା କେବଳ ସେହି କଥାକୁ ଅନୁଚିତ ବୋଲି ଭାବେ, ଯାହା ସମାଜ ଆଖିରେ ଅନୁଚିତ । ଏଣୁ ଏହା ନିଶ୍ଚିତ ରୂପେ କୁହାଯାଇପାରେ ଯେ ଅନ୍ତରାତ୍ମା ସମାଜଦ୍ୱାରା ନିର୍ମିତ । ମନୁଷ୍ୟର ଅନ୍ତର ତଳର ସମାଜର ନିୟମ ପ୍ରତି ଅନ୍ଧବିଶ୍ୱାସ ଓ ଶ୍ରଦ୍ଧାକୁ ହିଁ ଅନ୍ତରାତ୍ମା କହନ୍ତି । ସମାଜଠାରୁ ପୃଥକ୍ ହୋଇ ତା'ର ଅସ୍ତିତ୍ୱ କିଛି ନାହିଁ ।"

Digitized by srujanika@gmail.com

ଗୁଣାଢ୍ୟ ଆସନ ଗ୍ରହଣ କଲେ । ବିଦ୍ୱାନ୍‌ମଣ୍ଡଳୀ ଗୁଣାଢ୍ୟଙ୍କର ଅକାଟ୍ୟ ତର୍କରେ ପ୍ରଭାବିତ ହୋଇ ତାଙ୍କ ଆଗରେ ନତମସ୍ତକ ହେଲେ ।

କୁମାରଗିରି ଗୁଣାଢ୍ୟଙ୍କର ଏ ବାକ୍ୟ ଶୁଣିଲେ କି ନାହିଁ ନିଶ୍ଚିତ ଭାବରେ କୁହାଯାଇ ପାରିବ ନାହିଁ । ସେ ସ୍ୱୟଂ ଚିନ୍ତାମଗ୍ନ ଥିଲେ । ସେ ଚକ୍ଷୁ ବନ୍ଦ କରିଥିଲେ ଓ ତାଙ୍କର ମୁଖମଣ୍ଡଳରେ ଏକ ଅଲୌକିକ ତେଜ ଥିଲା । କିନ୍ତୁ ସଫଳତା ଗୁଣାଢ୍ୟଙ୍କୁ ହିଁ ବିଜୟ ମାଲ୍ୟାର୍ପଣ କରିଥିଲା । ଉପସ୍ଥିତ ଜନତାର ମତାନୁସାରେ କୁମାରଗିରି ଗୁଣାଢ୍ୟଙ୍କର କଥାର ଉତ୍ତର ଦେବାକୁ ସମର୍ଥ ହୋଇ ନ ଥିଲେ । ସମ୍ରାଟ ଚନ୍ଦ୍ରଗୁପ୍ତ ହସୁଥିଲେ··· କିଛି ସମୟ ପାଇଁ ନୀରବ ରହିବା ସେ ସଙ୍କେତ ଦେଲେ । ଘୋଷକ ତର୍କ ସଭାର ପରିସମାପ୍ତି ଓ ନୃତ୍ୟ ଗୀତର ଛନ୍ଦମୟ ତରଙ୍ଗ ତଳେ ନୂତନ କାର୍ଯ୍ୟସୂଚୀର ଘୋଷଣା କଲା । ନୀରବତା ଭିତରେ ସାମନ୍ତଗଣଙ୍କର ହର୍ଷଧ୍ୱନି ମୁଖର ହୋଇଉଠିଲା ।

ସେତେବେଳେ ଶୃଙ୍ଗାର ଗୃହ ମଧ୍ୟରୁ ଚନ୍ଦ୍ରଲେଖା ସଭାମଣ୍ଡପରେ ପ୍ରବେଶ କଲା । ତା'ର ନୂପୁରନିକ୍ୱଣ ତଳେ ଲୁଚି ରହିଥିଲା ଏକ ବିଚିତ୍ର, ମୁଗ୍ଧ ଅଳାପ । ତର୍କର ନୀରସ ତଥା ଶୁଷ୍କ ସେଇ ବାୟୁମଣ୍ଡଳ ସତେ ଯେପରି ସେଇ ସୌନ୍ଦର୍ଯ୍ୟର ମାଦକ ମଦିରା ସ୍ପର୍ଶରେ ସରସ ହୋଇ ଉଠୁଥିଲା । ହେମନ୍ତର ଶୁଷ୍କ ବାୟୁତଳେ ବସନ୍ତର ତରଙ୍ଗ ଖେଳିଗଲା ଯେପରି ।

ନୃତ୍ୟ-ପ୍ରାଙ୍ଗଣରେ ନିଶ୍ଚଳ ଦଣ୍ଡାୟମାନ, ଚଞ୍ଚଳା ଚନ୍ଦ୍ରଲେଖା ପ୍ରଥମେ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କୁ ଅଭିବାଦନ ଜଣାଇଲା । ତା'ର ସୌନ୍ଦର୍ଯ୍ୟର ସେଇ ଅଭୂତପୂର୍ବ ଆକର୍ଷଣ······ଚନ୍ଦ୍ରମାର କାନ୍ତି ଜିଣି କମନୀୟ ତା'ର ମୁଖମଣ୍ଡଳ:·····କପୋଳଶୋଭି ଅଯତ୍ନ ତଥା ଛନ୍ଦୋଢ୍ୟ କୁଞ୍ଚିତ ଚୂର୍ଣ୍ଣ କୁନ୍ତଳ, ସତେ ଯେପରି ନବପ୍ରସ୍ଫୁଟିତା କମନୀୟା କମଳିନୀର ଚୁମ୍ବନ ବଧିର ସମବେତ ଅଳିକୁଳ । ଘନ ଦୀର୍ଘ କେଶ············ଆଜାନୁଲମ୍ବିତ ମଣିମୁକ୍ତାବିମଣ୍ଡିତ କୃଷ୍ଣ ସର୍ପର ସୁଷମାନିନ୍ଦି ଦୀର୍ଘ ତା'ର ବେଣୀ······ମନସୀଜ-ସାୟକ ସଦୃଶ ଆକର୍ଣ୍ଣ ଲମ୍ବିତ ଦୀର୍ଘ ଘନଭ୍ରୂ··· ପୁରୁଷଭ୍ରର ମିଥ୍ୟା ଅଭିମାନକୁ ପରାଜିତ କରିବାର ଏକ ଲୋଭନୀୟ ଆକର୍ଷଣ ଥିଲା ତହିଁରେ । ସୁନ୍ଦର ତା'ର ନୀଳନୟନ ବେନି······ରୂପର

Digitized by srujanika@gmail.com

ସାଗର ତଳେ ଚପଳ ଦୁଇଟି ମୀନ......ଉନ୍ନତ କପୋଳ ତଳେ ସୁଦୀର୍ଘ ନାସା......କମନୀୟ ଅଧର ତଳେ ସଦା ତରଙ୍ଗାୟିତ ମାଦକମୟ ସ୍ମିତ ହାସ୍ୟରେଖା । ତା'ର କ୍ଷୀଣ ପୀତ ଉତ୍ତରୀୟ ପବନର ତରଙ୍ଗ ତଳେ ଛନ୍ଦମୟ ହୋଇ ଉଠୁଥିଲା— ନୀଳ କ୍ଷୀଣ ଅଂଶୁକ ଆବଦ୍ଧ ପୃଥୁଳ ତା'ର ସ୍ତନଯୁଗଳ ପୀତ ଓ ନୀଳ ଲଘୁ ରଙ୍ଗର ଅପୂର୍ବ ସମାବେଶ ତଳେ ଲୋଭନୀୟ ଥିଲା । ମୁକ୍ତ କ୍ଷୀଣ କଟିତଟ ଆକର୍ଷଣର ରଚନା ଏକ ଲୋଭନୀୟତା ଥିଲା ତହିଁରେ । କ୍ଷୀଣ ତା'ର କଟିତଳେ ରକ୍ତ-ନୀଳ-ଦୁକୂଳ ପୀନ ନିତମ୍ବ ଓ ଜଘନ ପରେ ଆଶ୍ଳେଷର ନିବିଡ଼ତାର ମୋହନୀୟତା ରଚିଥିଲା । ପାଦରେ ନୂପୁର......ଉନ୍ମୁକ୍ତ ସୁଦୀର୍ଘ କଳ ବେଣୀ ଏକ ଅପୂର୍ବ ଛନ୍ଦରେ ଲାସ୍ୟମୟ ମନେ ହେଉଥିଲା ।

ହଁ, ପ୍ରଥମେ ଚନ୍ଦ୍ରଲେଖା ସମ୍ରାଟ ଚନ୍ଦ୍ରଗୁପ୍ତଙ୍କୁ ଅଭିବାଦନ ଜଣାଇଲା । ତା'ପରେ ସେ ହସ ଭରା ଦୃଷ୍ଟିରେ ସାମନ୍ତଗଣଙ୍କୁ ଦେଖୁଥିଲା । ସାମନ୍ତଗଣଙ୍କର ଉଲ୍ଲାସ ସଭାମଣ୍ଡପରେ ପ୍ରତିଧ୍ୱନିତ ହୋଇ-ଉଠିଲା । ପ୍ରତ୍ୟେକ ସାମନ୍ତଙ୍କୁ ଦୃଷ୍ଟି ତା'ର କୃତଜ୍ଞାକର ବୀଜଗୁପ୍ତ ପାଖରେ ସ୍ଥିର ହୋଇଗଲା । ବର୍ତ୍ତମାନ ତା'ର ନୟନ କୋଣର ସେଇ ସ୍ମିତ ହାସ୍ୟ ଅଧର ତଳେ ସ୍ୱପ୍ନ ରଚୁଥିଲା । ବୀଜଗୁପ୍ତର ଅଧର ତଳେ ଫୁଟି ଉଠୁଥିଲା ପ୍ରତ୍ୟୁତ୍ତରର ଏକ ସୁନ୍ଦର ସ୍ୱାକ୍ଷର । ଚନ୍ଦ୍ରଲେଖା ତା'ର ମୌନ ଅଭିବାଦନର ଏକ ମୌନ ଉତ୍ତର ପାଉଥିଲା । ଚନ୍ଦ୍ରଲେଖା ବର୍ତ୍ତମାନ ଉପସ୍ଥିତ ବିଦ୍ୱନ୍ମଣ୍ଡଳୀ ଆଗରେ ନତଶିର ହେଉଥିଲା । ସେ ଯେତେବେଳେ ଦୃଷ୍ଟି ଫେରାଇ ଆଣୁଥିଲା, ସେତେବେଳେ ହଠାତ୍ ତାହା ଚଞ୍ଚଳ ହୋଇ ସେ ନବଯୁବକ ଯୋଗୀ କୁମାରଗିରିଙ୍କ ପାଖରେ ସ୍ଥିର ହୋଇ ଯାଉଥିଲା । ସେ ସ୍ୱଳ୍ପ ସମୟ ପାଇଁ ଯେପରି ଯୋଗୀଙ୍କୁ ଏକ ପ୍ରତୀକ୍ଷାଭରା ଦୃଷ୍ଟିରେ ଦେଖୁଥିଲା । କିନ୍ତୁ ଧ୍ୟାନାବସ୍ଥିତ ଯୋଗୀ କେଜାଣି କେଉଁ ଏକ ଅଲୌକିକ ସଂସାରରେ ଥିଲେ ସେତେବେଳେ; ନିରାଶ ହୋଇ ଚନ୍ଦ୍ରଲେଖା ଦୃଷ୍ଟି ଫେରାଇ ନେଲା ।

ବୀଣା, ମୃଦଙ୍ଗର ଗମ୍ଭୀର ତାଳେ ତାଳେ 'କଲ୍ୟାଣ'ର ତରଙ୍ଗରେ ତରଙ୍ଗାୟିତ ହୋଇଉଠିଲା । ସେଇ ଲଘୁ ହର୍ଷପୂରିତ କୋଳାହଳ, ଯାହା ଚନ୍ଦ୍ରଲେଖାର ପ୍ରବେଶ ମାତ୍ରେ ହିଁ ହୋଇଥିଲା, ତାହା ଶାନ୍ତ ହୋଇଗଲା ।

Digitized by srujanika@gmail.com

ଚନ୍ଦ୍ରଲେଖାର କମଳ-କୋମଳ ପଦ୍ମର ବେଣ ନୂପୁର ସାଥିରେ 'ଧମ୍'ର ତାଳ ଦେଲେ······। ତା'ପରେ ନୃତ୍ୟ ଆରମ୍ଭ ହେଲା······ବିଦ୍ୟୁତ୍ ପରି ଚଞ୍ଚଳ ଥିଲା ତା'ର ନୃତ୍ୟ······ମୃଦଙ୍ଗ ଯେପରି ମେଘର ଗାମ୍ଭୀର୍ଯ୍ୟ ନେଇଥିଲା······ବାତାବରଣ ନୀରବ ଥିଲା । ସମସ୍ତେ ମନ୍ତ୍ରମୁଗ୍ଧବତ୍ କଳାର ସେହି ସର୍ବୋଚ୍ଚ ପ୍ରଦର୍ଶନ ନିରୀକ୍ଷଣ କରୁଥିଲେ ।

ଏକାଏକ କୁମାରଗିରି ମୁଦ୍ରିତନୟନ ଖୋଲି ଗମ୍ଭୀରତା-ପୂର୍ବକ କହିଲେ—

"ମହାମନ୍ତ୍ରୀ ଚାଣକ୍ୟ ! ମୁଁ ଈଶ୍ୱରଙ୍କୁ ଜାଣେ । ମୁଁ ତୁମକୁ ତଥା ସମସ୍ତ ସଭାକୁ ସନ୍ତୁଷ୍ଟ କରିବା ପାଇଁ ଈଶ୍ୱରଙ୍କୁ ଏହି ସଭାସ୍ଥଳରେ ଦେଖାଇ ଦେଇପାରିବ ।"

ସଭାମଣ୍ଡପ ପୂର୍ବଠାରୁ ଆହୁରି ଗମ୍ଭୀର ହୋଇଉଠିଲା । ସମସ୍ତେ ନୀରବ ଥିଲେ । କୁମାରଗିରିଙ୍କ ନୟନ ତଳେ ସତେ ଯେପରି ଏକ ଦୈବୀ ଜ୍ୟୋତି ଦେଦୀପ୍ୟମାନ ହୋଇ ଉଠୁଥିଲା ।

ଅନେକ ସାମନ୍ତ ଯୋଗୀର କଥା ଶୁଣି ନ ଥିଲେ । ଚନ୍ଦ୍ରଲେଖା ମଧ୍ୟ ଶୁଣି ନ ଥିଲା । ସେ ନୃତ୍ୟରତା ଥିଲା । ତା'ର ଛନ୍ଦଶୀଳ ପଦ୍ମରରେ ଏକ ଐନ୍ଦ୍ରଜାଲିକ ଶକ୍ତି ଥିଲା······। ଏକ ଅଭୂତପୂର୍ବ କୌଶଳ ଥିଲା । ମହାରାଜ ଚନ୍ଦ୍ରଗୁପ୍ତ ମନ୍ତ୍ରୀ ଚାଣକ୍ୟକୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ । ଚାଣକ୍ୟ ମଧ୍ୟ ମହାରାଜଙ୍କୁ ସ୍ୱଳ୍ପ ସମୟ ପାଇଁ ଦେଖୁଥିଲେ । ଯୋଗୀ କୁମାରଗିରି ଏକ ବିଚିତ୍ର କଥା କରିବାକୁ ଯାଉଛନ୍ତି ଚାଣକ୍ୟ ଆସନ ତ୍ୟାଗପୂର୍ବକ କହିଲେ—

"ସାମନ୍ତଗଣ ତଥା ବୁଧମଣ୍ଡଳୀ ! ଯୋଗୀ କୁମାରଗିରି କହୁଛନ୍ତି ସେ ଈଶ୍ୱରଙ୍କୁ ଦେଖାଇ ପାରିବାର ସାମର୍ଥ୍ୟ ମଧ୍ୟ ରଖିଛନ୍ତି । ମହାରାଜ ଏଥିରେ ଏକମତ; ଏଣୁ ସ୍ୱଳ୍ପ ସମୟ ପାଇଁ ନୃତ୍ୟ ଗୀତର କାର୍ଯ୍ୟକ୍ରମ ସ୍ଥଗିତ ରଖିବା ଉଚିତ ।"

ଏଥର ସାମନ୍ତଗଣ ତଥା ଚନ୍ଦ୍ରଲେଖା କଥାଟି ବୁଝିପାରିଲେ । ଚନ୍ଦ୍ରଲେଖା ସ୍ଥିର ହୋଇ ଥରେ ଚାଣକ୍ୟ ଓ ଥରେ କୁମାରଗିରିଙ୍କୁ

Digitized by srujanika@gmail.com

ଦେଖିଲା । ତା ପରେ ସେ ଆସି ମଞ୍ଚରେ ଆସନ ଗ୍ରହଣ କଲା । ଗୁଣକ୍ୟ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଣ୍ଠରେ କହିଲେ--

"ଯୋଗୀ କୁମାରଗିରି, ଆମେ ଈଶ୍ୱରଙ୍କୁ ଦେଖିବାକୁ ପ୍ରସ୍ତୁତ ।"

କୁମାରଗିରି ଆସନ ତ୍ୟାଗ କଲେ । ତାଙ୍କର ଦଣ୍ଡାୟମାନ ହେବା ସଙ୍ଗେ ସଙ୍ଗେ ସଭାସ୍ଥଳରେ ଗମ୍ଭୀର ନିସ୍ତବ୍ଧତା ଛାଇଗଲା । ସେ ଆସି ସଭାମଣ୍ଡପର ମଧ୍ୟସ୍ଥଳରେ ଠିଆ ହେଲେ । କିଛି ସମୟ ପାଇଁ ସେ ମୁଦ୍ରିତ-ନୟନ ହୋଇ ସାମନ୍ତ ଓ କୋବିଦବର୍ଗଙ୍କୁ ତାଙ୍କୁ ନିରୀକ୍ଷଣ କରିବାକୁ କହିଲେ ।

ସଭାସ୍ଥିତ ସଜ୍ଜନବୃନ୍ଦ ଦେଖି ପାରିଲେ ଯେ, କୁମାରଗିରି ଯେଉଁଠି ଠିଆ ହୋଇଥିଲେ ତା'ର ପାର୍ଶ୍ୱସ୍ଥିତ ସଭା ବେଦୀରୁ ଏକ ଶିଖା ପ୍ରଜ୍ୱଳି ଉଠି ଧୀରେ ଧୀରେ ତାହା ଊର୍ଦ୍ଧ୍ୱଗାମୀ ହେବାକୁ ଲଗିଲା । ତାର ପ୍ରକାଶ ଗ୍ରୀଷ୍ମକାଳୀନ ମଧ୍ୟାହ୍ନ ସୂର୍ଯ୍ୟଠାରୁ ଉଜ୍ଜ୍ୱଳ ଥିଲା । ଧୀରେ ଧୀରେ ତାହା ପ୍ରାସାଦ ଶୀର୍ଷ ଭେଦ କରି ସେ ପ୍ରକାଶ ଏତେ ତୀବ୍ର ହୋଇଥିଲା ଯେ ତା'ର ଉଜ୍ଜ୍ୱଳତା ଚକ୍ଷୁ ସହି ନ ପାରି ମୁଦ୍ରିତ ହେବାକୁ ଲାଗିଲା । କିନ୍ତୁ ଆଶ୍ଚର୍ଯ୍ୟ କଥା, ସେ ଅଗ୍ନିଶିଖାର କେବଳ ମାତ୍ର ପ୍ରକାଶ ଥିଲା--ଉତ୍ତାପ ମୋଟେ ନ ଥିଲା । କୁମାରଗିରି ଗମ୍ଭୀର କଣ୍ଠରେ କହିଲେ--

"ଏହା ସତ୍ୟ !"

ଗୁଣକ୍ୟ ଚିତ୍କାର କଲେ—ଯୋଗୀ ! ତୁମେ ନିରାଟ ମିଥ୍ୟା କହୁଛ । ସେ ଯେ ଏକ ବିରାଟ ଶୂନ୍ୟତା ?

ବର୍ତ୍ତମାନ ଉପସ୍ଥିତ ବୃଦ୍ଧମନ୍ତ୍ରୀ ଗୁଣକ୍ୟଙ୍କୁ ଅଶ୍ଚର୍ଯ୍ୟ ହୋଇ ଦେଖୁଥିଲେ । ଯୋଗୀ କୁମାରଗିରି ଠିକ୍ ସେଇ ଗମ୍ଭୀର କଣ୍ଠରେ କହିଲେ—

"କ'ଣ ବୟୋବୃଦ୍ଧ ମନ୍ତ୍ରୀ ସତ୍ୟର ପ୍ରକାଶ ଦେଖିବାକୁ ଅସମର୍ଥ ?"

ଗୁଣକ୍ୟ ଠିକ୍ ସେଇ ସ୍ୱରରେ କହିଲେ— "ପ୍ରକାଶ ! କାହାର ପ୍ରକାଶ ? ସେଠାରେ ସେ କିଛି ନାହିଁ ।"

କୁମାରଗିରି ଗୁଣକ୍ୟଙ୍କୁ କିଛି ଉତ୍ତର ଦେଲେ ନାହିଁ ।

Digitized by srujanika@gmail.com

ବର୍ତ୍ତମାନ ସେ ଅଗ୍ନିଶିଖା ଧୂମିଳ ହେବାକୁ ଲାଗିଲା ଓ ଧୀରେ ଧୀରେ ଅଗ୍ନିପୁଞ୍ଜରେ ପରିଣତ ହେବାକୁ ଲାଗିଲା । ଉପସ୍ଥିତ ଜନତା ସେଇ ଅଗ୍ନିପୁଞ୍ଜ ମଧ୍ୟରେ ପ୍ରାଣୀଗଣଙ୍କୁ ନିରୀକ୍ଷଣ କରୁଥିଲେ, ଯାହା ଏକ ସ୍ଥାନରୁ ଯାଇ ଅନ୍ୟ ଏକ ସ୍ଥାନରେ ନଷ୍ଟ ହୋଇ ଯାଉଥିଲା । ସେଇ ଅଗ୍ନିପୁଞ୍ଜ ମଧ୍ୟରେ ସଂସାରର ସୃଜନ ଓ ଧ୍ୱଂସ ଉଭୟ ଦେଖୁଥିଲେ । ତା' ଭିତରେ କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ ସମସ୍ତ ଦେଖା ଯାଉଥିଲା । ଧୀରେ ଧୀରେ ସେ ସବୁ ଲୋପ ହୋଇଗଲା ଓ କେବଳ ମାତ୍ର ସେଇ ଅଗ୍ନିପୁଞ୍ଜ ହିଁ ରହିଗଲା । ସେତେବେଳେ ଯୋଗୀ କୁମାରଗିରି କହିଲେ—

"ଏହା ଈଶ୍ୱର !"

ବର୍ତ୍ତମାନ ଚାଣକ୍ୟ ପାଗଳ ପରି ଚିତ୍କାର କରି ଉଠିଲେ—

"ମୋତେ କିଛି ଦିଶୁ ନାହିଁ ଯୋଗୀ ! ତୁମେ ନିରର୍ଥକ ମିଥ୍ୟା ବଖାଣ କରୁଛ ।"

କୁମାରଗିରି ନୟନ ମୁଦ୍ରିତ କଲେ । ତତ୍କ୍ଷଣାତ୍ ସମସ୍ତ ଲୋପ ହୋଇଗଲା । ଆଖି ଖୋଲି ସେ ହସି ହସି କହିଲେ—

"ମନ୍ତ୍ରୀ ! ମୁଁ କହିବି ଯେ ଆପଣ ହିଁ ମିଥ୍ୟା କହୁଛନ୍ତି । ମୋର କଥାର ପ୍ରମାଣ ଦେବାକୁ ସମସ୍ତ ସଭା ପ୍ରସ୍ତୁତ ଅଛି । ଏଠାରେ ଉପସ୍ଥିତ ସଜ୍ଜନବୃନ୍ଦ ମୋ କଥାର ଉତ୍ତର ଦେବେ ।"

ସମସ୍ତ ସଭା ସମସ୍ୱରରେ କହିଲା—"ମନ୍ତ୍ରୀ ହିଁ ମିଥ୍ୟା କହୁଛନ୍ତି; କାରଣ ଆମେ ଈଶ୍ୱର ଓ ସତ୍ତା ଉଭୟଙ୍କୁ ଦେଖୁଛୁଁ ।"

ମର୍ମାହତ ଚାଣକ୍ୟ ଏହାପରେ ଚନ୍ଦ୍ରଗୁପ୍ତଙ୍କ ଆଡ଼କୁ ଚାହିଁଲେ । ସମ୍ରାଟ ଉତ୍ତର ଦେଲେ—

"ମନ୍ତ୍ରୀ ! କୁମାରଗିରି ମିଥ୍ୟା କହୁ ନାହାନ୍ତି, ମୁଁ ମଧ୍ୟ ଈଶ୍ୱର ତଥା ସତ୍ତାକୁ ଦେଖିଛି ।"

"ମୋର ଆଖି ଆଜି ମୋତେ ପ୍ରଥମ ବାର ପ୍ରତାରଣା କରିଛି । ହେ ନବଯୁବକ ଯୋଗୀ, ତୁମେ ହିଁ ଆଜି ବିଜୟୀ ହେଲ ।" ଏତିକି କହି ମହାତ୍ମା ମହାମନ୍ତ୍ରୀ ଆସନ ଗ୍ରହଣ କଲେ ।

Digitized by srujanika@gmail.com

ଯୋଗୀ କୁମାରଗିରି ସଭାଗୃହ ତ୍ୟାଗ କରିବାକୁ ଉଦ୍ୟତ ହେବା ସଙ୍ଗେ ସଙ୍ଗେ ସଭାମଣ୍ଡପରେ ନର୍ତ୍ତକୀ ଚିତ୍ରଲେଖାର ନୂପୁର ଶବ୍ଦମୁଖରିତ ହୋଇ ଉଠିଲା । ସେ କହିଲା—"ଯୋଗୀ ! ମୋର ଭ୍ରମର ବର୍ତ୍ତମାନ ସୁଦ୍ଧା ନିବାରଣ ହୋଇ ନାହିଁ ।"

ସମସ୍ତ ଉପସ୍ଥିତ ଜନତା ଏକ ସଙ୍ଗରେ ଚିତ୍ରଲେଖାକୁ ଦେଖୁଥିଲେ । ଜନସମୂହର କୌତୂହଳ ବଢ଼ୁଥିଲା । ଯୋଗୀ କୁମାରଗିରିଙ୍କୁ ଅଟକି ଯିବାକୁ ହେଲା । ଆଗକୁ ଆସି ଚିତ୍ରଲେଖା କହିଲା—

"ତୁମେ ଯାହା ସମସ୍ତ ସଭାକୁ ଦେଖାଇଛ, ତାହା ମୁଁ ମଧ୍ୟ ଦେଖି ନାହିଁ । ମନ୍ତ୍ରୀ ଚାଣକ୍ୟ ମିଥ୍ୟା କହୁଛନ୍ତି ବୋଲି ସମସ୍ତ ସଭା କହିପାରେ, ମାତ୍ର ମୁଁ ନୁହେଁ । ମୁଁ ତୁମକୁ ସତ୍ୟ ତଥା ଈଶ୍ୱରର ଦୋହାଇ ଦେଇ ପଚାରୁଛି, କ'ଣ ବାସ୍ତବରେ ତୁମେ ମଧ୍ୟ ସତ୍ୟ ଓ ଈଶ୍ୱରର ରୂପ ଦେଖିଛ, ଯାହାକୁ କି ତୁମେ ଆଜି ସମସ୍ତ ସଭାକୁ ଦେଖାଇ ଚକିତ କରିଛ ?"

ନର୍ତ୍ତକୀ ଓ ଯୋଗୀର ନୟନ ମିଳିତ ହେଲା । ଯୋଗୀର ଆଖିରେ ବିଶ୍ୱାସର ତେଜ ଓ ତପସ୍ୟାର ବଳ ଥିଲା ଓ ନର୍ତ୍ତକୀର ଆଖିରେ ଉଲ୍ଲାସର ଚମକ ତଥା ଅବିଶ୍ୱାସର ଆଭା ଥିଲା । କୁମାରଗିରି ଅଗ୍ରନତ କହିଲେ—

"ନା"

ସମସ୍ତ ଉପସ୍ଥିତ ସଜ୍ଜନ ଚମକି ଉଠିଲେ । ମନ୍ତ୍ରୀ ଚାଣକ୍ୟ ଆହ୍ଲାଦ-ବିହ୍ୱଳ ହୋଇ ଠିଆ ହେଲେ; ମାତ୍ର ସେ ଆଡ଼କୁ ଚିତ୍ରଲେଖା ଧ୍ୟାନ ସୁଦ୍ଧା ଦେଲା ନାହିଁ । ସେ କହିଲା—

"ଯୋଗୀ ! ଏହା କ'ଣ ସତ୍ୟ ଯେ ତୁମେ ତୁମର ଆତ୍ମଶକ୍ତିଦ୍ୱାରା ସଭାର ସମସ୍ତ ଜନମଣ୍ଡଳୀକୁ ପ୍ରଭାବିତ କରି ଆପଣାର କଳ୍ପନାପ୍ରସୂତ ଈଶ୍ୱର ତଥା ସତ୍ୟର ରୂପ ପ୍ରଦର୍ଶିତ କରିଛ ? ମିଥ୍ୟା କହନ୍ତୁ ନାହିଁ । ମୁଁ ସେଇ ଈଶ୍ୱର ଓ ସତ୍ୟର ଦୋହାଇ ଦେଇ ପ୍ରଶ୍ନ କରୁଛି—ଏହା ମଧ୍ୟ ମନେ ରଖିଥିବେ ଯେ ଆପଣ ଏକ ଯୋଗୀ !"

କୁମାରଗିରି କିଛି ସମୟ ଚିନ୍ତା କରି ଉତ୍ତର ଦେଲେ—"ତୁମର କଥା ଯଥାର୍ଥ ।"

Digitized by srujanika@gmail.com

ଏ ପ୍ରଶ୍ନୋତ୍ତର ଶୁଣି ଜନତା ସ୍ତବ୍ଧ ହୋଇଥିଲେ । ଶଶିଲେଖା-ଧ୍ୱନଗ୍ରସ୍ତ ପ୍ରଶ୍ନ କଲା—

"ମୋର ଆଉ ଏକ ପ୍ରଶ୍ନ ଅଛି । କ'ଣ ଏହା ମଧ୍ୟ ସତ୍ୟ ଯେ ଯେଉଁ-ମାନଙ୍କର ଆତ୍ମଶକ୍ତି ଅତ୍ୟନ୍ତ ପ୍ରବଳ, ଶଙ୍କର ପ୍ରଭାବ ସେହିମାନଙ୍କୁ ପ୍ରଭାବିତ କରିପାରିବ ନାହିଁ; ଆପଣ ସେହିମାନଙ୍କୁ ଆପଣଙ୍କର ଏ କଳ୍ପନାର ସୃଜନ ପ୍ରଦର୍ଶନରେ ସଫଳ ହୋଇ ନାହାନ୍ତି !"

ଏ ପ୍ରକାର ପ୍ରଶ୍ନୋତ୍ତରରେ ସଭା ସାମାନ୍ୟ ଚଞ୍ଚଳ ହୋଇଉଠିଲା । ଯୋଗୀ କୁମାରଗିରିଙ୍କୁ ଆପଣାର ସ୍ଥିତିର ଆଭାସ ହୋଇ ଯାଇଥିଲା । ସ୍ୱଳ୍ପ ସମୟ ଚିନ୍ତା କରି ସେ ଶାନ୍ତ ଭାବରେ ଉତ୍ତର ଦେଲେ—

"ଯେ ଈଶ୍ୱର ଉପରେ ବିଶ୍ୱାସ ରଖେ, ତା'ର ଆତ୍ମଶକ୍ତି ରହିଛି । ନାସ୍ତିକ ପାଖରେ ଆତ୍ମଶକ୍ତି ନାହିଁ । ଯଦି ମନୁଷ୍ୟ ଭିତରେ କଳ୍ପନା ବିଦ୍ୟମାନ, ତେବେ କଳ୍ପନା ତାକୁ ଅବଶ୍ୟ ପ୍ରଭାବିତ କରିବ । କିନ୍ତୁ ଯେଉଁଠାରେ କଳ୍ପନା ମୃତ, ସେଠାରେ ମନୁଷ୍ୟ ପକ୍ଷରେ ଈଶ୍ୱରଙ୍କୁ ଜାଣିବା ଅସମ୍ଭବ ହୋଇପଡ଼ିବ । ଯେଉଁମାନେ ବର୍ତ୍ତମାନ ଈଶ୍ୱର ଓ ସତ୍ୟକୁ ଦେଖିଲେ ନାହିଁ, ସେମାନଙ୍କର କଳ୍ପନା ମୃତ । ସେମାନେ ନାସ୍ତିକ ଓ ନାସ୍ତିକ ମଧ୍ୟରେ ଆତ୍ମଶକ୍ତି ଅସମ୍ଭବ ।"

ଗୁଣକର୍ୟ ସମ୍ରାଟଙ୍କୁ ଦେଖୁଥିଲେ—ସମ୍ରାଟ ଗୁଣକର୍ୟଙ୍କୁ କିଛି ସଙ୍କେତ ଦେଲେ । ତା'ପରେ ଗୁଣକର୍ୟ ଉଠି ଆସି ବିଜୟ-ମୁକୁଟ ଶଶିଲେଖାର ମସ୍ତକରେ ପିନ୍ଧାଇଦେଇ କହିଲେ—"ନର୍ତ୍ତକୀ ଶଶିଲେଖା ! ଆଜିର ବିଜୟ ତୁମକୁ ମାଲ୍ୟାର୍ପଣ କରୁଛି । ତୁମେ ସତ୍ୟର ସେହି ରୂପକୁ ଯାହାକୁ କି ଆତ୍ମଶକ୍ତିର ଦୁରୁପଯୋଗଦ୍ୱାରା ଭ୍ରମର ଆବରଣ ଭିତରେ ଗୋପନ ରଖିବାର ପ୍ରଯତ୍ନ ଯୋଗୀ କୁମାରଗିରି କରିଥିଲେ, ଆମକୁ ତାହା ପ୍ରଦର୍ଶିତ କରିଛ ।" ତା'ପରେ ସେ ଯୋଗୀ କୁମାରଗିରିଙ୍କୁ କହିଲେ—"ଆଜି ଯୋଗୀ, ତୁମେ ଅନୁଚିତ କଲ । ତୁମକୁ ଏହାର ଦଣ୍ଡ ମିଳିବା ଉଚିତ । ମାତ୍ର ତୁମକୁ ଦଣ୍ଡିତ କରିବାର ଅଧିକାର ଶଶିଲେଖାର ।"

ଯୋଗୀ କୁମାରଗିରିଙ୍କର ନେତ୍ର କ୍ରୋଧରେ ରକ୍ତିମ ହୋଇ-ଉଠିଲା ।……"ଏ ସଭାରେ କେହି ବ୍ୟକ୍ତି ମୋତେ ପରାଜିତ କରିପାରିବ

Digitized by srujanika@gmail.com

ନାହିଁ କି କେହି ମୋତେ ଦଣ୍ଡିତ କରିବାର ସାହସ ରଖି ପାରି ନାହିଁ ।” ଏତିକି କହି ଯୋଗୀ କୁମାରଗିରି ଗର୍ବର ସହିତ ଠିଆ ହେଲେ ।

ଯୋଗୀର ଏ ରୁଦ୍ର ରୂପରେ ସମସ୍ତ ସଭା କଂପିତ ହୋଇଉଠିଲା । କିନ୍ତୁ ଚିତ୍ରଲେଖାର ଅଧର ତଳେ ଖେଳିଗଲା ବିଚିତ୍ର ଏକ ସ୍ମିତ ହାସ୍ୟ । ସେ ହସି ହସି କୁମାରଗିରିଙ୍କର ସମୀପକୁ ଗଲା । ସଭାମଣ୍ଡପରେ ଏକ ଲଘୁ କୋଳାହଳ ଖେଳିଗଲା । ଯାଉଁ ଯାଉଁ ଚିତ୍ରଲେଖା ଐକ୍ୟତାନକବର୍ଗଙ୍କୁ କିଛି ସଙ୍କେତ ହେଲା । ସେ ଯୋଗୀ କୁମାରଗିରିଙ୍କ ପାଖରେ ପହଞ୍ଚି ସ୍ୱଳ୍ପ ସମୟ ନୀରବ ରହି କହିଲା—

“ଯୋଗୀ ! ତୁମକୁ ଦଣ୍ଡିତ କରିବାର ଅଧିକାର ମୋତେ ଦିଆ-ହୋଇଛି । ମୁଁ ମଧ୍ୟ ତୁମକୁ ଦଣ୍ଡିତ କରିବାର ନିଶ୍ଚୟ କରିନେଇଛି । ମୋର ତୁମକୁ ଦଣ୍ଡିତ କରିବାର ସାହସ ତୁମର କେବଳ ଦେଖିବା ଉଚିତ ।” ତା’ପରେ ସେ ସେହି ସ୍ୱର୍ଣ୍ଣ ମୁକୁଟ ନେଇ ଯୋଗୀ କୁମାର-ଗିରିଙ୍କର ମସ୍ତକରେ ରଖିଦେଲେ ।

······ବୀଣା ‘ଇମନ୍’ର ଝଂକାରରେ ଝଂକୃତ ହୋଇ ଉଠିଲା । ବିଦ୍ୟୁତ୍ ପରି ଚିତ୍ରଲେଖା ‘ସମ୍’ରେ ତାଳ ଦେଲା········ନୃତ୍ୟ ଆରମ୍ଭ ହେଲା······ସଭାମଣ୍ଡପ ହର୍ଷଧ୍ୱନି ମୁଖର ହୋଇ ଉଠିଲା ।

କୁମାରଗିରି ଅବାକ୍ ହୋଇ ଠିଆ ହୋଇ ରହିଲେ । ଚିତ୍ରଲେଖା ତାଙ୍କଠାରୁ ଅନେକ ଦୂରକୁ ଚାଲିଯିବା ପରେ ସେ ସଚେତ ହେଲେ ଯେପରି, ସେତେବେଳେ ସମସ୍ତ ସଭା ହର୍ଷଧ୍ୱନି କରୁଥିଲା ।

“ଦଣ୍ଡ ଓ ପରାଜୟ—ଏହାର ବିଚାର କରିବାକୁ ହେବ ।”

ଯୋଗୀ କୁମାରଗିରି ଅସ୍ପଷ୍ଟ ଗଳାରେ ଏତିକି କହି ସଭାମଣ୍ଡପ କ୍ଷିପ୍ରଗତିରେ ତ୍ୟାଗ କଲେ ।

Digitized by srujanika@gmail.com

ଷଷ୍ଠ ପରିଚ୍ଛେଦ—

ଅପମାନିତ ଓ ପରାଜିତ ଯୋଗୀର ଏକ ନବୀନ ଅନୁଭବ ହେଲା । ସେ ଅନୁଭବର ତୀବ୍ରତାରେ ସେ ନିସ୍ତେଜ ହୋଇ ଯାଉଥିଲେ । ସେ କେବେ ହେଲେ ପରାଜିତ ହେବେ ବୋଲି କଳ୍ପନା ସୁଦ୍ଧା କରି ନ ଥିଲେ; ତା' ମଧ୍ୟ ଏକ ସ୍ତ୍ରୀ ପାଖରେ । ଆଉ ସେ ମଧ୍ୟ ଏକ ସାଧାରଣ ନର୍ତ୍ତକୀ ପାଖରେ ! କୁମାରଗିରିଙ୍କର ଅନ୍ତର ତଳେ ଏକ ବ୍ୟଥାର ତରଙ୍ଗ ଖେଳି ଯାଉଥିଲା । ସେ ସମସ୍ତ ପରିସ୍ଥିତିର ବିଶ୍ଳେଷଣ କରୁଥିଲେ । ସେ ବିଜୟୀ ହୋଇ ମଧ୍ୟ ପରାଜିତ । ଯୋଗୀ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କର ବିରାଟ ସାମ୍ରାଜ୍ୟର ସମସ୍ତ ବିଦ୍ୱାନଙ୍କ ପାଖରୁ ବିଜୟ ପାଇଥିଲେ; ମାତ୍ର ଜ୍ଞାନର ବହୁଦୂରରେ ଏକ ଅନ୍ଧକାର ପାଖରେ ସେ ପରାଜିତ ହୋଇଛନ୍ତି । ଆଉ ଅନ୍ଧକାର ପାଖରେ ପରାଜିତ ହେବା ଯେ ଅତି ସ୍ୱାଭାବିକ । ଅସଂଖ୍ୟ ମହାନ ବିଦ୍ୱାନ୍ ସାଧକ ସ୍ତ୍ରୀର ପାଖରେ ପରାଜିତ ହୋଇଥିଲେ । ସେ ସମସ୍ତ ପରାଜୟ ମାତ୍ର ସ୍ତ୍ରୀର କ୍ଷେତ୍ରରେ ଥିଲା—ଜ୍ଞାନର କ୍ଷେତ୍ରରେ ନୁହେଁ । କିନ୍ତୁ କୁମାରଗିରିଙ୍କର ପରିସ୍ଥିତି ବିଚିତ୍ର ଥିଲା ।

ବିଜୟ ଓ ପରାଜୟ ! ଉଭୟ ସ୍ୱାଭାବିକ । କିନ୍ତୁ ଏ ପରାଜୟ ଅତୀବ ବିଚିତ୍ର ଥିଲା । ସେ ନାରୀ ସମ୍ଭବତଃ କୁମାରଗିରିଙ୍କୁ ତା'ର ଜ୍ଞାନର ଗମ୍ଭୀରତାରେ ପରାଜିତ କରି ନ ଥିଲା—ସେ ତା'ର ଉଦାରତାରେ କରିଥିଲା । ହଠାତ୍ କୁମାରଗିରି ତାଙ୍କର ମସ୍ତକଶୋଭୀ ସୁବର୍ଣ୍ଣ ମୁକୁଟକୁ ସ୍ମରଣ କଲେ, ଯାହା ଅବଧି ତାଙ୍କର ମସ୍ତକ ଶୋଭନ କରୁଥିଲା । ସେ କ୍ରୁଦ୍ଧ ହୋଇ ମୁକୁଟଟିକୁ ଦୂରକୁ ଫିଙ୍ଗିଦେଲେ । ତା'ପରେ ସେ

Digitized by srujanika@gmail.com

ପୁନର୍ବାର ଭାବିବାକୁ ଲାଗିଲ 'ପରାଜୟ !' ସେ ଶବ୍ଦ ତାଙ୍କ ପକ୍ଷରେ ଶୋଭନୀୟ ନୁହେଁ । ସେ ବିଜୟ ପାଇଁ ସମସ୍ତ ସାଂସାରିକ ସୁଖରେ ଜଳାଞ୍ଜଳି ଦେଇଛନ୍ତି, ସେ ବିଜୟ ପାଇଁ ତପସ୍ୟା କରିଛନ୍ତି । ତେବେ ମଧ୍ୟ ଏ ପରାଜୟ କାହିଁକି ? କୁମାରଗିରି ଠିଆ ହେଲେ । ନା' ନା', ଏ ପରାଜୟ ଅସମ୍ଭବ । ମୋ ପକ୍ଷରେ ପରାଜିତ ହେବା ଏକାନ୍ତ ଅସମ୍ଭବ । ମୋର ସାଧନାର ଶେଷ କ'ଣ ପରାଜୟ ? ଅସମ୍ଭବ !

କୁମାରଗିରି ହଠାତ୍ ସେଇ ଧୂଳିଧୂସରିତ ମୁକୁଟଟିକୁ କିଛି ସମୟ ପାଇଁ ଅବିଚଳିତ ଭାବରେ ଦେଖିଲେ । ତାଙ୍କୁ ପ୍ରତୀତ ହେଲା ଯେପରି ସେ ମୁକୁଟ କହୁଥିଲା—"ଯୋଗୀ ! ତୁମେ ପରାଜିତ ହୋଇ ନାହଁ । ତୁମେହିଁ ବିଜୟୀ ହୋଇଛ ।" ଯୋଗୀ କୁମାରଗିରିଙ୍କ ସର୍ବାଙ୍ଗରେ ଏକ ଶିହରଣ ଖେଳିଗଲା । କୁମାରଗିରି ଧୀରେ ଧୀରେ ସେଇ ମୁକୁଟ ପାଖକୁ ଗଲେ । ତା' ପାଖରେ ପହଞ୍ଚି ସେ ଏକାଏକ ଅଟକି ଗଲେ······ବିଜୟଯୁକ୍ତ ପରାଜୟ ! କେତେ ବିଚିତ୍ର ନୁହେଁ ? କ'ଣ ବାସ୍ତବରେ ଏ ବିଜୟ ଉପହାରରେ ମୋର କିଛି ଅଧିକାର ରହୁଛି ? ସମଗ୍ର ସଭା ଦୃଷ୍ଟିରେ ମୁଁ ସେ ସ୍ତ୍ରୀ ପାଖରେ ପରାଜିତ ହେଲି । ଏ ମୁକୁଟ ତା'ର ମସ୍ତକରେ ଶୋଭିତ କରା ହୋଇଥିଲା······ଏହା ଉଚ୍ଛିଷ୍ଟ ଛଡ଼ା ଆଉ କ'ଣ ? ସେ ମୁହଁ ଫେରାଇ ନେଇ ସେଠାରୁ ଗୁମ୍ଫାକୁ ଫେରିବାର ପ୍ରଯତ୍ନ କଲେ; କିନ୍ତୁ ତାଙ୍କର ପାଦଦ୍ୱୟ ଅଗ୍ରଗାମୀ ହେଲା ନାହିଁ । ସେ ମୁକୁଟ ସେଠାରେ ହିଁ ପଡ଼ିରହିଲା । ଚନ୍ଦ୍ରକିରଣର ଉଜ୍ଜ୍ୱଳ ପ୍ରକାଶ ତା'ର ଶୋଭାଶ୍ରୀକୁ ଶତଗୁଣିତ କରୁଥିଲା । ସେ ପୁନର୍ବାର ମୁକୁଟଟିକୁ ଦେଖିଲେ । "କିନ୍ତୁ !··· କିନ୍ତୁ ଏ ମୁକୁଟ ବା ମୋତେ ମିଳିଲା କିପରି ? ଯାହାକୁ ସମସ୍ତ ସଭା ବିଜୟୀ ବୋଲି ସ୍ୱୀକାର କଲା, ସେ ସ୍ୱୟଂ ଯଦି ନିଜକୁ ପରାଜିତ ବୋଲି ଭାବେ, ତେବେ ବିଜୟ କା'ର ? ମୋର ! ନିର୍ଦ୍ଧାର ! ସେ ମୋ ପାଖରେ ପରାଜୟ ସ୍ୱୀକାର କଲା······କିନ୍ତୁ କାହିଁକି ?"

"ଯେହେତୁ ସେ ପରାଜିତ !"

ଯୋଗୀ ଚମକି ଉଠିଲେ । ଚନ୍ଦ୍ରଲେଖାର ମୁଖମଣ୍ଡଳରେ ସ୍ମିତହାସ୍ୟର ମାଦକତା ତରଙ୍ଗ ଉଠୁଥିଲା । ହାସ୍ୟବିଧୁର ତା'ର ନୟନ ବେନି ସ୍ଥିର ଥିଲା ।···

Digitized by srujanika@gmail.com

ବିଚିତ୍ର କଥା, ପରାଜିତ ଧ୍ୟାନମଗ୍ନ······ବିଜୟୀ ବ୍ୟଗ୍ର !

କୁମାରଗିରି କିଛି କହୁ ନ ଥିଲେ······ସେ କେବଳ ମୁକୁଟଟିକୁ ନିର୍ନିମେଷ ନୟନରେ ଦେଖୁଥିଲେ ।

"ଏ କ'ଣ ଯୋଗୀ ! ଏ ସୁବର୍ଣ୍ଣ ମୁକୁଟର ଏ କ'ଣ ସୁଯୋଗ୍ୟ ଆସନ ? ତୁମେ କ'ଣ ତୁମର ବିଜୟ ସ୍ୱୀକାର କରୁନାହଁ ?" ଚନ୍ଦ୍ରଲେଖାର ଅଧର ତଳେ ସ୍ମିତହାସ୍ୟର ରେଖା ବିଲୀନ ହୋଇ ଯାଇଥିଲା ।

ସେ ଏକ କଠିଣ ପ୍ରଶ୍ନ ଥିଲା । ଆତ୍ମାଭିମାନୀ ଯୋଗୀ ପକ୍ଷରେ ପରାଜୟ ସ୍ୱୀକାର କରିନେବା ଅସମ୍ଭବ ଥିଲା । ତେବେ ମଧ୍ୟ ସେ ନିରୁତ୍ତର ।

ଚନ୍ଦ୍ରଲେଖା ମୁକୁଟୋତ୍ତୋଳନ କରିନେଲା । ସେ ସ୍ମିତହାସ୍ୟର ଅରୁଣଚ୍ଛଟାର ସ୍ପର୍ଶଦେଇ କହିଲା—"ଉଦ୍ଧତ ଯୋଗୀ, ଆପଣଙ୍କର ଏ ବିଶ୍ୱାସ ରଖିବା ଉଚିତ ଯେ ଆପଣଙ୍କୁ ପରାଜିତ କରିବା ଚନ୍ଦ୍ରଲେଖା ପକ୍ଷରେ ସମ୍ଭବପର ନୁହେଁ ।" ସେ ପୁନରାୟ ମୁକୁଟଟିକୁ କୁମାରଗିରିଙ୍କୁ ପିନ୍ଧାଇଦେଲା । ସେଥିରେ କୁମାରଗିରି ସଙ୍କୋଚ ବୋଧ କଲେ ନାହିଁ କିମ୍ବା କୌଣସି ପ୍ରକାର ଆପତ୍ତି ମଧ୍ୟ କଲେ ନାହିଁ । ସେତେବେଳେ କୁମାରଗିରି ମୁଦ୍ରିତ ନୟନ ହୋଇ କିଛି ଚିନ୍ତା କରୁଥିଲେ ।

"କ'ଣ ଭାବୁଛନ୍ତି ଯୋଗୀ !"

କିଛି ସମୟ ପରେ କୁମାରଗିରି ଆଖି ଖୋଲି ଗମ୍ଭୀର କଣ୍ଠରେ କହିଲେ—"ନର୍ତ୍ତକୀ ଚନ୍ଦ୍ରଲେଖା ! ତୁମେ ଭାବୁଛ, ତୁମେ ମୋତେ ପରାଜିତ କରିଛ । ସେଥିପାଇଁ ସମ୍ଭବତଃ ତୁମେ ମୋତେ ବାରବାର ଅପମାନିତ କରିବାର ପ୍ରୟାସ କରିଛ । ମାତ୍ର ତୁମର ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ···ବ୍ୟର୍ଥ ! ଯୋଗୀ ସଂସାର ତ୍ୟାଗ କରିସାରିଛି । ମାନାପମାନ ସହିତ ତା'ର ସମ୍ବନ୍ଧ କ'ଣ ? ତେଣୁ ଏ ସବୁ ତୁମର ବ୍ୟର୍ଥ ପ୍ରୟାସ ଛଡ଼ା ଆଉ କ'ଣ ହୋଇପାରେ ?"

"କିନ୍ତୁ ଆପଣଙ୍କର ଏ ଧାରଣା ଅନୁଚିତ ଯୋଗୀ ! ମୁଁ ଆପଣଙ୍କୁ ପୁନରାୟ କହୁଛି, ଆପଣଙ୍କୁ ପରାଜିତ କରିବାର କ୍ଷମତା ଓ ଶକ୍ତି ମୋର ନାହିଁ ।"

Digitized by srujanika@gmail.com

କୁମାରଗିରି କିଛି ସମୟ ପାଇଁ ନିଜ ସମ୍ମୁଖରେ ଥିବା ସେହି ବିଚିତ୍ର ସ୍ତ୍ରୀ ଚନ୍ଦ୍ରଲେଖାକୁ ନିର୍ନିମେଷ ନୟନରେ ଚାହିଁରହିଲେ । ତାଙ୍କର ମ୍ଲାନ ମୁଖମଣ୍ଡଳ ଆରକ୍ତ ହୋଇଉଠିଲା······ନିଶ୍ଚଳ ତଥା ସ୍ଥିର ଦେହରେ ଏକ ଅଭୂତପୂର୍ବ ଶିହରଣ ଖେଳିଗଲା । ସେ ଚନ୍ଦ୍ରଲେଖାର କୋମଳ ହାତକୁ ବଳିଷ୍ଠ ଭାବରେ ଚାପି ଧରି କହିଲେ—

"ନର୍ତ୍ତକୀ ! ସତ କହ, ଗୁମ୍ଫା ପରି ମୋ ସହିତ ଆସି ମୋତେ ଏପରି ଭାବରେ ଲଜ୍ଜିତ କରିବାର ଧ୍ୟେୟ ତୁମର କ'ଣ ଅଛି ?"

ଆବେଗରେ କୁମାରଗିରିଙ୍କର ସମସ୍ତ ଶରୀର କମ୍ପି ଉଠିଲା । ଚନ୍ଦ୍ରଲେଖା ସମ୍ପୂର୍ଣ୍ଣ ଜଡ଼ାଇ ଯାଇ ଠିଆ ହୋଇଥିଲା । କୁମାରଗିରିଙ୍କର ସ୍ଥିର ନେତ୍ରଯୁଗଳକୁ ଭେଦ କରି ନୟନ ତା'ର ସ୍ଥିର ଥିଲା । ସେ ଅଧର ତଳେ ସ୍ମିତହାସ୍ୟର ଚପଳ ଢେଉରେ ତରଙ୍ଗ ଭରି ଧୀରେ ଧୀରେ କହିଲା—

"ଯୋଗୀ ! ମୋ ଉପରେ ବିଜୟ ପ୍ରାପ୍ତ କରିଥିବା ପୁରୁଷ ପାଖରୁ ମୁଁ ଦୀକ୍ଷାଗ୍ରହଣ କରିବାକୁ ଆସିଛି ।"

ସୌରଭଭରା ମଧୁମାସ ! କମ୍ପନଭରା ମଳୟ ! ଗୃହଦ୍ୱାରା ଯେପରି ମୁଗ୍ଧ ହୋଇ ହସୁଥିଲା—ରାତିର ଗମ୍ଭୀର ନିର୍ଜ୍ଜନତାରେ ଯୋଗୀ କୁମାରଗିରିଙ୍କର ସମ୍ମୁଖରେ ଥିଲା ନର୍ତ୍ତକୀ ଚନ୍ଦ୍ରଲେଖା ।"

କୁମାରଗିରି ସହସା ସଚେତ ହେଲେ ଯେପରି—ସେ ଭୀତ ପଦରେ ସାମାନ୍ୟ ଅନୁଃସର ହୋଇ ରୁଦ୍ଧ କଣ୍ଠରେ କହିଲେ—

"ସୁନ୍ଦରୀ ! ତୁମେ ମୋ ପାଖରେ ଦୀକ୍ଷିତ ହେବାର ଅର୍ଥ କ'ଣ ବୁଝିବାର କେବେହେଲେ ପ୍ରୟାସ କରିଛ ?"

ଚନ୍ଦ୍ରଲେଖା କେବଳ ମାତ୍ର ହସୁଥିଲା । ହସରେ ତା'ର ଏକ ବିଚିତ୍ର ମାଧୁର୍ଯ୍ୟ ଥିଲା । ତାହା ସତେ ଯେପରି ଏକ ସଜୀବ ସଙ୍ଗୀତରେ ମୁଖରି ଥିଲା ।

"ହଁ, ଥରେ ନୁହେଁ, ଅନେକ ଥର ।"

କୁମାରଗିରି ଅସାଧାରଣ ସୁନ୍ଦରୀ ଚନ୍ଦ୍ରଲେଖା ପାଖରୁ ଦୃଷ୍ଟି ଫେରାଇ ନେଇ କହିଲେ—

Digitized by srujanika@gmail.com

"ନା, ଅସମ୍ଭବ ! ତୁମେ ମୋର ପ୍ରୟୋଜନ ବୁଝି ନାହିଁ । ମୋ ପାଖରେ ଦୀକ୍ଷିତ ହେବାର ଅର୍ଥ ସଂସାରର ସମସ୍ତ ଭୋଗ ବାସନାରେ ଜଳାଞ୍ଜଳି ଦେବା; ତୁମେ ଯେଉଁ ଅକର୍ମଣ୍ୟତାରେ ଘୃଣା କର, ସେଇ ଅକର୍ମଣ୍ୟତାର ଉପାସନା କରିବା ! ତୁମ ପାଖରେ ଯେଉଁ ସାଧନା ସଦୈବ ଉପହାସିତ, ସେହି ସାଧନାରେ କୋମଳ ଶରୀରକୁ ତାପିତ କରିବାହିଁ ତା'ର ଅର୍ଥ ।"

ଚିତ୍ରଲେଖା ମୌନ ଥିଲା । କ'ଣ ଉତ୍ତର ଦେବ, ସମ୍ଭବତଃ ସେ ତାହାହିଁ ଚିନ୍ତା କରୁଥିଲା । ଏକ ନର୍ତ୍ତକୀ ତଥା ଦର୍ଶନର ବିକୃତ ସିଦ୍ଧାନ୍ତର ଦାସୀ ହୋଇ ମଧ୍ୟ ତାର ମିଥ୍ୟା କହିବାର ଅଭ୍ୟାସ ନ ଥିଲା । ଆତ୍ମା ତା'ର ଉତ୍ତର ଦେବାକୁ ଚାହୁଁଥିଲା—'ନା'·····ମନ ବିପରୀତ ଥିଲା ହୃଦୟର ପ୍ରେରଣା—ଶେଷରେ ହୃଦୟର ହିଁ ବିଜୟ ହେଲା, ଚିତ୍ରଲେଖା ଜୀବନରେ ପ୍ରଥମ ବାର ମିଥ୍ୟା କହିବାରେ ଅବାଧ ହୋଇପାରିଲା ନାହିଁ । ସେ କହିଲା—

"ଯୋଗୀ ! ମୁଁ ସବୁପାଇଁ ପ୍ରସ୍ତୁତ ।"

"ପ୍ରସ୍ତୁତ ?" କୁମାରଗିରି ନିସ୍ତବ୍ଧ ହୋଇ ଯାଉଥିଲେ ଯେପରି । ସେ କହିଲେ—

"ସୁନ୍ଦରୀ ! ତୁମେ ଭୁଲୁଛ । ଯାହାପାଇଁ ତୁମେ ପ୍ରସ୍ତୁତ ବୋଲି ସ୍ୱୀକାର କରୁଛ ତାହା ସାଧାରଣ ନୁହେଁ, ଅତୀବ କଠିଣ ! ପ୍ରତ୍ୟେକ ବ୍ୟକ୍ତିବିଶେଷ ପକ୍ଷରେ ଏହା ସାଧ୍ୟ ନୁହେଁ । ତୁମକୁ 'ମନର ବିସ୍ମରଣ ଅତୀବ ଦୁଃଖଦାୟକ' ଏହା ସମ୍ଭବତଃ ଅବିଦିତ ନ ଥିବ । ତୁମେ ସମର୍ଥ ହେବ ନାହିଁ ।"

ଚିତ୍ରଲେଖା ଅସାଧାରଣ ଗାମ୍ଭୀର୍ଯ୍ୟ ଭିତରେ କହିଲା—"କଠିଣ କିନ୍ତୁ ଅସମ୍ଭବ ନୁହେଁ ।"

ଯୋଗୀ କୁମାରଗିରି ଥରେ ଚିତ୍ରଲେଖାକୁ ଆପାଦମସ୍ତକ ଦେଖିଲେ । ଚିତ୍ରଲେଖାର ପରିଧାନ ତାହା ଥିଲା, ଯାହା ନୃତ୍ୟମଣ୍ଡପରେ କୁମାରଗିରି ଦେଖିଥିଲେ । ଠିକ୍ ସେଇ ସୌନ୍ଦର୍ଯ୍ୟ ଓ ମାଦକତା ଥିଲା ଚାହାଁଣିରେ । ଚିତ୍ରଲେଖାର ନୟନ ତଳେ ଆକର୍ଷଣ ଓ ଉଲ୍ଲାସ ହସୁଥିଲା ।

Digitized by srujanika@gmail.com

କୁମାରଗିରି ମନେ ମନେ କହୁଥିଲେ—ଏ ଅପରୂପା ସୁନ୍ଦରୀ ନିଶ୍ଚୟ ! ଆଜି ପର୍ଯ୍ୟନ୍ତ କୁମାରଗିରି ସୌନ୍ଦର୍ଯ୍ୟ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ଥିଲେ । ପ୍ରେମ ଓ ବାସନାର କ୍ଷେତ୍ର ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂତନ ଥିଲା । ସେଇ କୋମଳ ସୌନ୍ଦର୍ଯ୍ୟ ଯୋଗୀର ଅନ୍ତରତଳେ ଏକ ବିଚିତ୍ର ରୋମାଞ୍ଚ ଆଣୁଥିଲା । ଯୋଗୀ ପ୍ରଥମ ଥର ପାଇଁ ଏ କମ୍ପନ ସମ୍ବିତ ଅଙ୍ଗାଙ୍ଗୀ ସାଂସାରିକ ସୁଖର ଅନୁଭବ କରୁଥିଲେ । ତାହା ବାସ୍ତବିକ କେଡ଼େ ବିଚିତ୍ର ନ ଥିଲା ! ସେ କହିଲେ—

"ସୁନ୍ଦରୀ ଚନ୍ଦ୍ରଲେଖା ! ତୁମକୁ ଦୀକ୍ଷା ଦେବା କେତେଦୂର ଉଚିତ ହେବ, ତାହା ଉପରେ ମୋତେ ବିଚାର କରିବାକୁ ହେବ—ମୁଁ ବର୍ତ୍ତମାନ କିଛି କହିବାକୁ ସମର୍ଥ ନୁହେଁ ।"

"ବର୍ତ୍ତମାନ ତୁମେ କିଛି କହିବାକୁ ସମର୍ଥ ନୁହଁ ଯୋଗୀ !" ଚନ୍ଦ୍ରଲେଖା କୁମାରଗିରିଙ୍କର କଥିତ ଶବ୍ଦର ପୁନରୁଚ୍ଚାରଣ କଲା । "କିନ୍ତୁ କାହିଁକି ? କ'ଣ ମୋ ଉପରେ ବିଶ୍ୱାସ ନାହିଁ ନା ସ୍ୱୟଂ ନିଜେ ନିଜକୁ ବିଶ୍ୱାସ କରୁନାହାନ୍ତି । ଯୋଗୀ ! ଏହା କିନ୍ତୁ ମନେ ରଖିଥିବେ - ମୋତେ ଦୀକ୍ଷା ଦେବା କି ନ ଦେବା'ର ଅର୍ଥ ଆପଣଙ୍କ ନିକଟରେ ଯାହା ହେଉନା କାହିଁକି, ମୋ ନିକଟରେ ଜୀବନ ମରଣର ସମସ୍ୟା ଏବଂ ଏ ଦୃଷ୍ଟିରୁ ବିଚାର କଲେ ଆପଣଙ୍କର ଉତ୍ତର ଦାୟିତ୍ୱ ଅନେକ ବେଶୀ । ଯଦି କାହା ପାଖରେ ଜଳ ଅଛି ଓ କୌଣସି ପିପାସାକୁଳିତ ଅତିଥିକୁ ଜଳପାନରୁ ବଞ୍ଚିତ କରି ତାକୁ ତୃଷାଯନ୍ତ୍ରଣାପ୍ରପୀଡ଼ିତ ଦେଖିବାର ପ୍ରୟାସ କରେ, ତେବେ ଆପଣଙ୍କୁ ସମ୍ଭବତଃ ଅବିଦିତ ନୁହେଁ ଯେ ସେ ମହାନ୍ ପାପର ଭାଗୀ ହୁଏ । ତା'ର ଆତ୍ମସୁଖପ୍ରାପ୍ତି ଅସମ୍ଭବ ।"

ଚନ୍ଦ୍ରଲେଖାର ଉତ୍ତରରେ କୁମାରଗିରି ଚକିତ ତଥା ଅପୂର୍ବ ଏକ ରୋମାଞ୍ଚରେ ଖିତ ହୋଇ କହିଲେ—

"ସୁନ୍ଦରୀ ! ବାସ୍ତବିକ ମୁଁ ତମକୁ ଦୀକ୍ଷା ଦେବାରେ ସଙ୍କୋଚ ବୋଧ କରୁଛି । କାରଣ ତମର ଅନ୍ତର ତଳେ ଦର୍ଶନର ବିକୃତ ସିଦ୍ଧାନ୍ତସମୂହ ତା'ର ଅଧିକାର ଜାହିର୍ କରିସାରିଛି । ସେ ସିଦ୍ଧାନ୍ତ ସମ୍ବିତ ତର୍କ ଜଡ଼ିତ ଓ ଯେଉଁମାନେ ସେ ସିଦ୍ଧାନ୍ତସମୂହରେ ବିଶ୍ୱାସ ରଖନ୍ତି, ସେମାନେ ଅତୀବ ପ୍ରଭାବଶାଳୀ । ମୋର ଭୟ ହେଉଛି କାଳେ ସେହି ସିଦ୍ଧାନ୍ତସମୂହକୁ ତମର

Digitized by srujanika@gmail.com

ଭିତରୁ ବହିଷ୍କାର କରିବା ପୂର୍ବରୁ ମୁଁ ତା'ର ଦାସତ୍ୱ ସ୍ୱୀକାର କରି ନ ବସେ । ନା······ନା······” କୁମାରଗିରି ହଠାତ୍ ନୀରବ ହେଲେ । ସେ ଜୀବନରେ ପ୍ରଥମ ଥର ପାଇଁ ତାଙ୍କର ମାନସିକ ଦୁର୍ବଳତା ଅନୁଭବ କରୁଥିଲେ, ଯାହା ସେ ଅଜ୍ଞାତସାରରେ ପ୍ରକାଶ ମଧ୍ୟ କରିଦେଇ ସାରିଥିଲେ ଏବଂ ସେ ମଧ୍ୟ ଏକ ଦୁର୍ଭାଗ୍ୟ ଯେ ଏକ ନର୍ତ୍ତକୀ ଆଗରେ ତାହା ପ୍ରକାଶିତ । କୁମାରଗିରିଙ୍କର ନିଜ ଉପରେ କ୍ରୋଧ ହେଲା । ତାଙ୍କର ଶାନ୍ତ ମୁଖମଣ୍ଡଳ ଉଦ୍ବିଗ୍ନତାରେ ରକ୍ତିମ ହୋଇ ଉଠୁଥିଲା······ସେ ପୁନର୍ବାର କହିଲେ—

“ମୁଁ ଯାହା କହିଲି, ସେଥିରେ କିଛି ପ୍ରୟୋଜନ ନାହିଁ । ମୋର ବର୍ତ୍ତମାନ କେବଳ ତୁମ ନିକଟରେ ଏତିକି ମାତ୍ର ପ୍ରାର୍ଥନା ଯେ ତୁମେ ଏଠାରୁ ଚାଲିଯାଅ - ମୋତେ ଏ ପରିସ୍ଥିତି ଉପରେ ବିଚାର କରିବାକୁ ଅନ୍ତତଃ ସୁଯୋଗ ଦିଅ ।”

“ଯଦି ମୋର ଉପସ୍ଥିତି ଆପଣଙ୍କୁ ଦୁଃଖଦାୟକ ମନେହେଉଛି, ତେବେ ମୋର ଚାଲିଯିବା ଉଚିତ । ଆପଣ ଭାବୁଛନ୍ତି ଯେଉଁ ନାରୀ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ ସେ ଏକ ବିରାଟ ଅନ୍ଧକାର, ମାୟା । ଆପଣ ବିକୃତ ସିଦ୍ଧାନ୍ତକୁ ଭୟ କରନ୍ତି । ମାତ୍ର ଆପଣଙ୍କର ଏ ଧାରଣା ଭିତ୍ତିହୀନ । ମୁଁ ଯେତେବେଳେ ଆପଣଙ୍କ ପାଖକୁ ଦୀକ୍ଷା ଗ୍ରହଣ ଉଦ୍ଦେଶ୍ୟରେ ଆସିଥିଲି, ସେତେବେଳେ ମୋର ସମସ୍ତ ବିଶ୍ୱାସ, ସମସ୍ତ ବାସନା ତଥା ସଂସାରରେ ଜଳାଞ୍ଜଳି ଦେଇ ଆସିଥିଲି । ସ୍ତ୍ରୀ ଏକ ଅନ୍ଧକାର ମାୟା—ଏହା ମଧ୍ୟ ଆପଣଙ୍କର ଭ୍ରାନ୍ତ ଧାରଣା । ସ୍ତ୍ରୀ······ଶକ୍ତି ······ସେ ସୃଷ୍ଟି, ଯଦି ତାଙ୍କୁ ସଂଚାଳନ କରୁଥିବା ବ୍ୟକ୍ତି ସୁଯୋଗ୍ୟ ଏବଂ ସେ ଯଦି ଅଯୋଗ୍ୟ ତେବେ ସେ ବିନାଶ ଛଡ଼ା ଆଉ କିଛି ନୁହେଁ । ଏଣୁ ଯେ ସ୍ତ୍ରୀର ଉପସ୍ଥିତିରେ ଭୀତ ସେ ଅଯୋଗ୍ୟ, ଭୀରୁ । ଅଯୋଗ୍ୟ ଓ ଭୀରୁ ସ୍ୱୟଂ ହିଁ ଅପୂର୍ଣ୍ଣ ।”

ଚିତ୍ରଲେଖା ଫେରି ଆସୁଥିଲା, ମାତ୍ର କିଛି ଦୂର ଅଗ୍ରସର ହେବା ପରେ ସେ ନୀରବ ଭାବରେ ଠିଆ ହେଲା । କୁମାରଗିରି ବିରାଟ ଶୂନ୍ୟତାରେ ଆପଣାର ଦୃଷ୍ଟି ଆବଦ୍ଧ ରଖିଥିଲେ । ଚିତ୍ରଲେଖା କହିଲା—

“ହଁ, ଗୋଟାଏ କଥା କହିବାକୁ ସମ୍ପୂର୍ଣ୍ଣ ଭୁଲିଯାଇଛି । ମୁଁ ଆଗାମୀ କାଲି ପୁନର୍ବାର ଆସିବି । ଆପଣଙ୍କୁ ବିଚାର କରିବାକୁ ଯଥେଷ୍ଟ

Digitized by srujanika@gmail.com

ସମସ୍ତ ଦେଉଛନ୍ତି । ଯଦି ମୋତେ ଦୀକ୍ଷା ଦେବା ଉଚିତ ବୋଲି ବିଚାର ତା'ର ଶେଷ ନିଷ୍ପତ୍ତି ଦିଅନ୍ତୁ, ତେବେ ମୁଁ ଧନ୍ୟା ହେବି ।" ସେ ନୀରବ ହେଲା ।

"ଶ୍ରୀଚରଣ ତଳେ ଦାସୀର ପ୍ରଣାମ"……ଅଳ୍ପ ସମୟ ପରେ ସେ କହିଲା ।

କୁମାରଗିରି ଛଦ୍ମମୟ ଚନ୍ଦ୍ରଲେଖାର ଗତି ନିରୀକ୍ଷଣ କରୁଥିଲେ । ସେ ଏକାଏକ ଚକିତ ହେଉଥିଲେ । ଚନ୍ଦ୍ରଲେଖା ସ୍ୱରର ସଙ୍ଗୀତ ତାଙ୍କର କାନରେ ଗୁଞ୍ଜନ ଉଠୁଥିଲା । ସୌନ୍ଦର୍ଯ୍ୟ ତା'ର ମାଦକମୟ ମନେ ହେଉଥିଲା । ସେ ଏକ ଅତୃପ୍ତ ମଦ୍ୟପୀ ପରି ଚନ୍ଦ୍ରଲେଖାକୁ ଦେଖୁଥିଲେ, ସତେ ଯେପରି ତାଙ୍କର ଆଖି ଆଗରେ ସୁଗନ୍ଧିତ ମଦିରା ବିନ୍ଦୁ ବିନ୍ଦୁ ଧୂଳିରେ ମିଶି ଯାଉଥିଲା ଓ ତାଙ୍କର ସଙ୍କଳ୍ପହୀନ ହୋଇ ପଡ଼ିବାର ଭୟ ଥିଲା । କୁମାରଗିରି ଆପଣାକୁ ଆୟତ୍ତ କରିବାକୁ ଅସମର୍ଥ ହୋଇ ପଡ଼ୁଥିଲେ । ସେ କମ୍ପିତ କଣ୍ଠରେ ଡାକ ଦେଲେ—

"ଚନ୍ଦ୍ରଲେଖା !"

ଚନ୍ଦ୍ରଲେଖା ଫେରି ଚାହିଁ କହିଲା—"ଆପଣ ତେବେ ଭ୍ରମ ସ୍ୱୀକାର କରିଛନ୍ତି ?"

କୁମାରଗିରି କିଛି ଉତ୍ତର ଦେଲେ ନାହିଁ । ସେ କେବଳ ବିମୁଗ୍ଧ ଆଖିରେ ସେ ରୂପସୀର ପୁଲକିତ ଶୁଭ୍ର ବିଶାଳ ସ୍ତୂପ ତଳେ ତା'ର ସୌନ୍ଦର୍ଯ୍ୟ ନିରୀକ୍ଷଣ କରୁଥିଲେ । ତା'ର ଶୃଙ୍ଗାର ତାଙ୍କୁ ସ୍ୱବିଦ୍ୱେଷର କରୁଥିଲା ଓ ତା'ର ସେଇ ଶୃଙ୍ଗାର ଉଦ୍ଵେଳିତ ପୁଲକିତ ସୌନ୍ଦର୍ଯ୍ୟ ସତେ ଯେପରି ସେହି ଯୁବକ ଯୋଗୀକୁ ବିହ୍ୱଳ କରୁଥିଲା । ସେ ଇଚ୍ଛାନୁଭବର ମନୋହାରିଣୀର ଅନୁଭବ ମଧ୍ୟ ତାଙ୍କ ପ୍ରାଣରେ ଅଭିନବ ରୋମାଞ୍ଚ ଆଣୁଥିଲା । ଏକାଏକ……"ସ୍ତ୍ରୀ କ'ଣ ? ତା'ର ସୌନ୍ଦର୍ଯ୍ୟ ବା କି ରୂପ ?"—ଏହି ପ୍ରଶ୍ନ ଅନ୍ତର ତଳେ ଗୁଞ୍ଜନ ଉଠୁଥିଲା । "ଭଗବାନ ବା ଏପରି ଏକ ବସ୍ତୁର ସର୍ଜନା କାହିଁକି କଲେ ?" ସେ ପ୍ରଶ୍ନ ଅନୁଚିତ ଥିଲା ନିଶ୍ଚୟ । ବର୍ଷାନୁବର୍ଷର ସଂଚିତ ବିଶ୍ୱାସଧାରା ତାଙ୍କୁ ବିରୋଧ କରୁଥିଲା । "ମୁଁ ଆପଣାକୁ ବିଚଳିତ ମାର୍ଗଗାମୀ କରୁଛି ।"

Digitized by srujanika@gmail.com

ସେ କିନ୍ତୁ ଅଦମ୍ୟ ପ୍ରୟାସ ପରେ ଆପଣାର ବଟୁବାବଳୀକୁ ଆୟତ୍ତ କରିବାକୁ ସମର୍ଥ ହେଲେ ।

"ଚନ୍ଦ୍ରଲେଖା ! ତୁମେ କେଉଁ ଭୁଲ ପ୍ରତି ସଙ୍କୋଚ କରୁଛ ? ମୁଁ ତ ମୋର ଜ୍ଞାତସାରରେ ସେପରି କିଛି ଭ୍ରମାଚରଣ କରି ନାହିଁ ।"

ଚନ୍ଦ୍ରଲେଖାର ପ୍ରତିବାଦ କରିବାର ଉଚିତ ନ ଥିଲା ।

"ଦେବ ! କ୍ଷମା କରନ୍ତୁ, ମୁଁ ଯାହାକୁ ଗୁରୁ ରୂପେ ବରଣ କରିବାକୁ ଆସିଛି, ତା'ଙ୍କ ପକ୍ଷରେ ଭ୍ରମାଚରଣ ଅସମ୍ଭବ ! ମୋତେ କ୍ଷମା କରନ୍ତୁ ।"

"ତୁମେ ସମ୍ଭବତଃ ଜାଣିବାକୁ ଚାହଁ ଯେ ମୁଁ କ'ଣ କହିବାକୁ ଚାହୁଁଥିଲି ଆଉ ଏହା ମଧ୍ୟ ପଚାରି ପାର ଯେ ମୋର ତୁମକୁ ଆହ୍ୱାନ କରିବାକୁ ଅଭିପ୍ରାୟ କ'ଣ ? ମୁଁ ଏସବୁ କାହିଁକି କଲି ନିଜେ ଜାଣେ ନାହିଁ । ଏହା ନିଶ୍ଚୟ ଯେ, ମୁଁ ବଡ଼ଠ ଭୁଲ କରିଥିଲି । ତେବେ ମଧ୍ୟ ମୁଁ ତୁମକୁ କିଛି କହିବି ଏକାନ୍ତ ଉଚିତ ମନେକରୁଛି । ମୁଁ ତୁମକୁ ଦୀକ୍ଷା ଦେବାକୁ ଆଦୌ ସମର୍ଥ ନୁହେଁ । କେବଳ ଯେ ମୁଁ ଅସମର୍ଥ ତାହା ନୁହେଁ, ଅସମ୍ଭବ ମଧ୍ୟ । ତୁମକୁ ଦୀକ୍ଷା ଦେବାର ପରିଣାମ ସ୍ୱୟଂ ଦୀକ୍ଷିତ ହେବା କିନ୍ତୁ ମୁଁ ସେଥିପାଇଁ ପ୍ରସ୍ତୁତ ନୁହେଁ ।" କୁମାରଗିରି ଅସ୍ତାଚଳଗାମୀ ଚନ୍ଦ୍ରକୁ ଦେଖୁଥିଲେ ।

ଚନ୍ଦ୍ରଲେଖା ଗମ୍ଭୀର ଥିଲା । ତା'ର ମୁଖମଣ୍ଡଳ ନିରାଶାରେ ମ୍ଳାନ ଏବଂ ତା'ର ନୀଳନୟନରେ କରୁଣତାର ଛାୟା ପ୍ରକାଶ ପାଉଥିଲା । ସେ ଧୀରେ ଧୀରେ କହିଲା—ଦେବ ! ଆପଣ ଯେଉଁ ଭୁଲ କଲେ, ତା' ପାଇଁ ଆପଣଙ୍କ ଅପେକ୍ଷା ମୁଁ ଅଧିକ ଦୁଃଖିତ । ଆପଣଙ୍କର ଏ ଅସମର୍ଥତା ମୋ ଜୀବନରେ ଏପରି ଏକ ପ୍ରଭାବ ପକାଇବ, ଯାହା ମୁଁ ମଧ୍ୟ ନିଶ୍ଚିତ ରୂପେ କହିପାରୁ ନାହିଁ । ମାତ୍ର ଏହା ନିଶ୍ଚିତ ଯେ, ଆପଣଙ୍କ ପ୍ରଭାବରେ ମୋର ଜୀବନ ବିଚିତ୍ର ରୂପେ ପ୍ରଭାବିତ ହୋଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱାସ ଥିଲା —ମୁଁ ଭବିଷ୍ୟତ ଉପରେ ଆଶା ରଖି ଯାଉଥିଲି । ଭାବିଥିଲି ଆପଣ ମୋତେ ଦୀକ୍ଷା ଦେବେ । ମାତ୍ର ସେ ଆଶା ମୋର ନିରାଶା ରୂପ ପାଇଛି । ଆପଣଙ୍କର ମତାନୁସାରେ ମୋର ଜୀବନ ଅନ୍ଧକାରମୟ, ତେଣୁ ମୁଁ ଆପଣଙ୍କର ପ୍ରକାଶକୁ ଦେଖିବାକୁ ଚାହୁଁଥିଲି । ସେ ଇଚ୍ଛା ମୋର ଅପୂର୍ଣ୍ଣ

Digitized by srujanika@gmail.com

ରହିଛୁ । ମୁଁ ସେଥିପାଇଁ ଆପଣଙ୍କୁ ଦୋଷ ଦେଉ ନାହିଁ । ତାହା କେବଳ ମୋର ଭାଗ୍ୟଦୋଷ । ଶଶିଲେଖା କହୁ କହୁ ଯୋଗୀ କୁମାରଗିରିଙ୍କର ଅତି ସମୀପକୁ ଆସି ଯାଇଥିଲା ।

କୁମାରଗିରି ନିସ୍ତବ୍ଧ ଥିଲେ । ଶଶିଲେଖା, ଯୋଗୀ କୁମାରଗିରିଙ୍କର ହାତକୁ ସ୍ପର୍ଶ କରି ପକାଇଲା । ଶଶିଲେଖାର ସ୍ପର୍ଶରେ କୁମାରଗିରି ଏକ ଅପୂର୍ବ କମ୍ପନ ଅନୁଭବ କଲେ ଏବଂ ସେହି କମ୍ପନରେ ଥିଲା ଅପୂର୍ବ ସୁଖର ଉଲ୍ଲାସ । ଶଶିଲେଖା କହିଲା –"ସମ୍ଭବତଃ ଏ ଜୀବନରେ ପୁନରାୟ ଆମର ମିଳନ ଅସମ୍ଭବ । ମୁଁ ସ୍ତ୍ରୀ ଓ ଆପଣ ପୁରୁଷ······ଜଣେ ନର୍ତ୍ତକୀ, ଅପର ଯୋଗୀ । ଆପଣଙ୍କ କ୍ଷେତ୍ର ସାଧନା, ମୋର କ୍ଷେତ୍ର ବାସନା । ଦୁହିଁଙ୍କର ପ୍ରାଣରେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାର ଉଦ୍ଦାମ ପିପାସା ରହିଛି । ଯୋଗୀ ! ଆପଣଙ୍କର ସହିତ ପୁନରାୟ ସାକ୍ଷାତର ପ୍ରଯତ୍ନ କରିବି ନିଶ୍ଚୟ । କିନ୍ତୁ ଆମେ ଦୁହେଁ ପୃଥକ୍ ହେବା ପୂର୍ବରୁ ମୁଁ ଆପଣଙ୍କର ଶ୍ରୀଚରଣର ରଜ ମୋର ମସ୍ତକରେ ଲେପନ କରିବାକୁ ଚାହୁଁଛି ।" ଏତିକି କହି ଶଶିଲେଖା କୁମାରଗିରିଙ୍କର ଚରଣତଳେ ଲୋଟି ପଡ଼ିଲା ।

ସେତିକିବେଳେ କୁମାରଗିରିଙ୍କର ହୃଦୟ କପରି ଏକ କମ୍ପନରେ କମ୍ପିତ ହୋଇ ଉଠୁଥିଲା । ଶଶିଲେଖାକୁ ପାଦତଳେ ଲୋଟି ପଡ଼ିବା ଦେଖି ସେ ଚମକି ଉଠି ଶଶିଲେଖାକୁ ଉଠାଇ ନେଲେ । ହଠାତ୍ କୁମାରଗିରିଙ୍କ ବଳିଷ୍ଠ ହାତ ଶଶିଲେଖାର ପୀନପୟୋଧର ସ୍ପର୍ଶକଲା । ଶଶିଲେଖା ସେ ସ୍ପର୍ଶର ଅପୂର୍ବ ଶିହରଣ ଏବଂ ଆନନ୍ଦରେ ପୁଲକିତ ହୋଇ ଉଠିଲା । କିନ୍ତୁ ଯୋଗୀଙ୍କ ପକ୍ଷେ ସେ ସ୍ପର୍ଶର ମାଦକତା ଆଦୌ ନ ଥିଲା । ତାହା ଯେପରି ଏକ ଅତିବ ସାଧାରଣ ସ୍ପର୍ଶ । ମାତ୍ର ଶଶିଲେଖା ପାଖରେ ସେ ସ୍ପର୍ଶର ଅର୍ଥ ଅନେକ ଥିଲା ।

"ତୁମେ ମୋର ଚରଣ ସ୍ପର୍ଶ କାହିଁକି କରୁଛ ଶଶିଲେଖା ?"

ଶଶିଲେଖା କୁମାରଗିରିଙ୍କର ଛାତି ଉପରେ ସମ୍ପୂର୍ଣ୍ଣ ଜଡ଼ାଇ ଯାଇଥିଲା । ସେ କୁମାରଗିରିଙ୍କର ଅଧର ପାଖକୁ ଅଧର ନେଇ କୋମଳ କଣ୍ଠରେ କହିଲା—

"ଆପଣ ମୋର ଆରାଧ୍ୟ ଦେବତା ।"

Digitized by srujanika@gmail.com

କୁମାରଗିରି ଚନ୍ଦ୍ରଲେଖାର ନୀରବ ଆଖିର ସ୍ଥିରତା ଲକ୍ଷ୍ୟ କରୁଥିଲେ । ଚନ୍ଦ୍ରଲେଖାର ନୟନ କୋଣର ମାଦକତାର ପ୍ରଭାବ କୁମାରଗିରି ଅନୁଭବ କରୁଥିଲେ । ଚନ୍ଦ୍ରଲେଖା ଆହୁରି ପାଖକୁ ଲାଗି ଆସି ନୀରବରେ ଠିଆ ହୋଇଥିଲା । କୁମାରଗିରି ତାଙ୍କ ଶିରାପ୍ରଶିରାରେ ଏକ ଅଭିନବ ରୋମାଞ୍ଚ ଅନୁଭବ କରୁଥିଲେ । ଦୁହିଁଙ୍କ ନିଶ୍ୱାସର ପ୍ରବାହ ସତେ ଯେପରି ଧୀରେ ଧୀରେ ଗର୍ଜନ କରୁଥିଲା ।

ସେତେବେଳେ ଚନ୍ଦ୍ରଲେଖା କହିଲା—ଗୁରୁଦେବ !

ତା' ଡାକରେ କୁମାରଗିରି ଚମକି ଉଠିଲେ । ଅଲକ୍ଷ୍ୟରେ ସର୍ପିଣୀ ପାଖରେ ପହଞ୍ଚିଯାଇ ମନୁଷ୍ୟ ଯେପରି ଯନ୍ତ୍ରସ୍ତ ହୋଇ ପଛକୁ ଫେରି ଆସେ, ସେପରି ଚନ୍ଦ୍ରଲେଖା ପାଖରୁ କୁମାରଗିରି ଅପସରି ଗଲେ; ସତେ ଯେପରି ସର୍ପିଣୀ ତାଙ୍କୁ ଦଂଶନ କରିବା ପୂର୍ବରୁ ସେ ସଚେତ ହୋଇ ଯାଇଛନ୍ତି । ସମ୍ମୁଖରେ ବିଶାଳଦେବଙ୍କୁ ଦେଖି କୁମାରଗିରି ନିସ୍ତବ୍ଧ ହୋଇ ଯାଉଥିଲେ । ସେ ଅନୁଭବ କଲେ ଯେ, ଆଜି ସେ ନର୍ତ୍ତକୀ ପାଖରେ ପୁଣି ଆପଣାର ଶିଷ୍ୟ ସମ୍ମୁଖରେ ସେ ପରାଜିତ ହୋଇଅଛନ୍ତି !

·········ଚନ୍ଦ୍ରଲେଖା ବିଶାଳଦେବ ଉପରେ କ୍ରୁଦ୍ଧ ହେଲା । ଇତିଅବସରରେ ବିଶାଳଦେବ ଆସିବାର କୌଣସି ପ୍ରୟୋଜନ ନ ଥିଲା । ସେ ଏକ ଆହତା ସର୍ପିଣୀର ଫୁତ୍କାର ପରି କହିଲା—

"ଯୁବକ ! ତୁମର ଏ ଅବସରରେ ଆସିବାର ପ୍ରୟୋଜନ କଣ ?" ଚନ୍ଦ୍ରଲେଖାର କଣ୍ଠସ୍ୱର ଶକ୍ତ ହୋଇ ଉଠିଥିଲା ।

"ମୁଁ, ଗୁରୁଦେବଙ୍କର ଶିଷ୍ୟ । ଏତେ ରାତି ହେବା ସତ୍ତ୍ୱେ ଗୁରୁଦେବଙ୍କର ପ୍ରତ୍ୟାଗମନର କୌଣସି ସଙ୍କେତ ନ ପାଇ ତାଙ୍କ ଅନ୍ୱେଷଣରେ ଆସିଥିଲି ।"

ଚନ୍ଦ୍ରଲେଖା ଆପଣାର ଭାଗ୍ୟକୁ ନିନ୍ଦା କଲା । ସେ କୁମାରଗିରିଙ୍କ ଉଦ୍ଦେଶ୍ୟରେ କହିଲା—

"ଗୁରୁଦେବ !······କ୍ଷମା କରିବେ, ଆପଣଙ୍କୁ ମୋତେ ଦୀକ୍ଷା ଦେବାକୁ ହିଁ ହେବ ।" ଚନ୍ଦ୍ରଲେଖାର ଗମ୍ଭୀର ସ୍ୱରରେ ଆଜ୍ଞାକାରିଣୀ ସ୍ୱାମିନୀର ଗୁରୁତ୍ୱ ଥିଲା ପରି ଜଣାଯାଉଥିଲା ।

Digitized by srujanika@gmail.com

"ମୁଁ ଜନକୋଳାହଳରୁ ଆସି ଏକାନ୍ତ ନିର୍ଜନତାର ଆଶ୍ରୟ ନେବାକୁ ଚାହୁଁଛି । ମାୟାର ଆଶ୍ରୟ ଛାଡ଼ି ବ୍ରହ୍ମରେ ଲିପ୍ତ ହେବାକୁ ଚାହୁଁଛି । ଆପଣଙ୍କୁ ସମସ୍ତ ଦେଉଛି ଗୁରୁଦେବ ! ମୋର ଏ ପରିସ୍ଥିତିର ବିଚାର କରନ୍ତୁ । ଆପଣ ମାନବିକତାର ଅଧିକ ଉଚ୍ଚରେ । ମୋ ପାଖରେ ଭୀତ ହେବାର କୌଣସି କାରଣ ନାହିଁ । ଆପଣ ବାସନା ଉପରେ ବିଜୟ ପ୍ରାପ୍ତ କରି ସାରିଛନ୍ତି ।......" ସେ ନୀରବ ହେଲା ।

......"ଶ୍ରୀଚରଣ ତଳେ ଦାସୀର ପ୍ରଣାମ"......ଚନ୍ଦ୍ରଲେଖା ପ୍ରଣତି ଜଣାଇ ପ୍ରସ୍ଥାନ କଲା ।

କୁମାରଗିରି ବିଶାଳଦେବ ଉଦ୍ଦେଶ୍ୟରେ ତୀବ୍ର ସ୍ୱରରେ କହିଲେ— ତୁମେ ମୂର୍ଖ ! ବିଶାଳଦେବ, ତୁମେ ନିର୍ବୋଧ !

ସେତେବେଳେ ଚନ୍ଦ୍ର ଅସ୍ତଗାମୀ ହେଉଥିଲା ।

Digitized by srujanika@gmail.com

ସପ୍ତମ ପରିଚ୍ଛେଦ—

"ଶ୍ୱେତାଙ୍କ !"

"ସ୍ୱାମୀ !"

"ଆଜ କଣ ନୂତନତା ଦେଖିଲ ତୁମେ କହି ପାରବ ?"

"ହଁ, ଆଜ ଯୋଗୀ କୁମାରଗିରିଙ୍କୁ ସ୍ୱାମିନୀ ପରାଜିତ କରିଛନ୍ତି । ବାସ୍ତବକ୍ କେଡ଼େ ଖୁସିର କଥା ।"

"ତୁମେ ଏଥିରେ ଆନନ୍ଦିତ ଶ୍ୱେତାଙ୍କ !" ବୀଜଗୁପ୍ତ ହସି ଉଠିଲ, ମାତ୍ର ସେ ହାସ୍ୟ ରୁକ୍ଷ ଥିଲ । "ତୁମକୁ ଆନନ୍ଦ ଲାଗୁଛି ଶ୍ୱେତାଙ୍କ ! ଆଜ ଚନ୍ଦ୍ରଲେଖା କୁମାରଗିରିଙ୍କୁ ପରାଜିତ କଲାବୋଲ ତୁମେ ଖୁସି ହେଉଛ ? କନ୍ତୁ ଶ୍ୱେତାଙ୍କ, ମୁଁ ସାନ୍ତିଶୟ ମର୍ମାହତ । ତୁମେ ସମ୍ଭବତଃ ମୋ କଥାରେ ଆଶ୍ଚର୍ଯ୍ୟ ହୋଇପାର, ମାତ୍ର ମୁଁ ଠିକ୍ କହୁଛି । ତୁମେ ହସିପାର, ସମ୍ଭବତଃ ମୁଁ ମଧ୍ୟ ହସିବି; କନ୍ତୁ ଅନ୍ତର ମୋର ବିଳାପ କରୁଛି ।"

ଶ୍ୱେତାଙ୍କ ଆଶ୍ଚର୍ଯ୍ୟ ହୋଇ ପଚାରିଲ, "ମୁଁ ସ୍ୱାମୀଙ୍କ କଥାର ତାତ୍ପର୍ଯ୍ୟ ବୁଝି ପାରୁନ ।"

"ବୁଝି ପାରିଲ ନାହିଁ ? ହଁ, ତୁମେ ତା ବୁଝିବ କପରି ! ତୁମେ ଅବଧି ସଂସାର ଦେଖିନ । ତୁମେ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଭବହୀନ । ଯାହାକୁ ତୁମେ ଚନ୍ଦ୍ରଲେଖାର ବିଜୟ ବୋଲି ଭାବୁଛ, ତାହା ତା'ର

Digitized by srujanika@gmail.com

ବିଜୟ ନୁହେଁ । ତାହା ତା'ର ଏକ ବିରାଟ ପରାଜୟ । ଚିତ୍ରଲେଖା ଓ କୁମାରଗିରି କେହି ହେଲେ ବିଜୟ ପାଇନାହାନ୍ତି ।·········ଉଭୟେ ପରାଜିତ ।"

ଶ୍ୱେତାଙ୍କ ବୀଜଗୁପ୍ତର କଥାଗୁଡ଼ିକ ବର୍ତ୍ତମାନ ସୁଦ୍ଧା ବୁଝିବାକୁ ଅକ୍ଷମ ଥିଲା । ସେହି ଅବସରରେ ରଥ ବୀଜଗୁପ୍ତର-ବାସଗୃହ ସମୀପକୁ ଆସି ପହଞ୍ଚିଯାଇଥିଲା । ଦୁହେଁ ଅବତରଣ କରୁଥିବାବେଳେ ବୀଜଗୁପ୍ତ ଶ୍ୱେତାଙ୍କର ହାତ ଧରି ସ୍ନେହପୂର୍ଣ୍ଣ କଣ୍ଠରେ କହିଲା—

"ଶ୍ୱେତାଙ୍କ ! ମୋର ତୁମ ସହିତ ଆଜି ବାର୍ତ୍ତାଳାପ କରିବାର ଇଚ୍ଛା ହେଉଛି । ଆଜି ତୁମକୁ ମୋ ସହିତ ଅନେକ ସମୟ ରହିବାକୁ ପଡ଼ିବ ।"

ଶ୍ୱେତାଙ୍କ ବାସ୍ତବିକ ବୀଜଗୁପ୍ତର କଥାଗୁଡ଼ିକ ବୁଝିପାରୁ ନ ଥିଲା । ସ୍ୱାମୀ ଓ ସେବକ ଦୁହେଁ ଅଧ୍ୟୟନ ଭବନରେ ପ୍ରବେଶ କଲେ । ଶ୍ୱେତାଙ୍କକୁ ନିର୍ଦ୍ଦେଶ ଦେଇ ବୀଜଗୁପ୍ତ ଆସନ ଗ୍ରହଣ କଲା ଓ ସ୍ୱଳ୍ପ ସମୟର ନୀରବତା ପରେ କହିଲା—

"ଶ୍ୱେତାଙ୍କ ! ତୁମେ ଜାଣ କୁମାରଗିରିର ପରାଜୟ କାହିଁକି ହେଲା ?"

"ନାଁ ?"

"ଶୁଣ ତା'ର ରହସ୍ୟ । ଚିତ୍ରଲେଖାକୁ ମୁଁ ଯେତେ ଜାଣେ, ତୁମେ ସେତେ ଜାଣ ନାହିଁ । ଚିତ୍ରଲେଖାର ବ୍ୟକ୍ତିତ୍ୱ ଅଧିକ ଉଚ୍ଚରେ ଏବଂ ପ୍ରଭାବଶାଳୀ । କୁମାରଗିରି ଯୋଗୀ ତଥା ବିଦ୍ୱାନ୍—ସେ ବାସନାକୁ ଘୃଣା କରେ । ମାତ୍ର ଚିତ୍ରଲେଖା ବିଦୁଷୀ ହୋଇ ମଧ୍ୟ ସାଧନାର ଘୋର ବିରୋଧ କରେ । ଚିତ୍ରଲେଖା ଓ କୁମାରଗିରି ଉଭୟେ ଅହଂଭାବମୟ ମମତ୍ୱର ଦାସ ଓ ମମତ୍ୱର ତୁଷ୍ଟି ଉପରେ ଉଭୟଙ୍କର ପ୍ରଗାଢ଼ ବିଶ୍ୱାସ । କିନ୍ତୁ ଦୁହିଁଙ୍କର ସାଧନ ଭିନ୍ନ ଓ ବିପରୀତ । ଜଣେ ସାଧନାର ଓ ଅନ୍ୟ ଜଣକ ଆତ୍ମବିଶ୍ୱାସର ଶରଣାପନ୍ନ । କିନ୍ତୁ ଯାହା ଆଜି ହେଲା, ଉଭୟେ ଆପଣା ଆପଣାର ସାଧନରୁ ବିରତ ହୋଇଛନ୍ତି । ଏଣୁ ନିକଟ ଭବିଷ୍ୟତରେ ଦୁହେଁ ଆପଣା ଆପଣାର ସମସ୍ତ ଶକ୍ତି ହରାଇ ବସିବା ଅସମ୍ଭବ ନୁହେଁ ।"

Digitized by srujanika@gmail.com

ବୀଜଗୁପ୍ତର ସମସ୍ତ କଥା ଶ୍ୱେତାଙ୍କୁ ପ୍ରହେଳିକା ପରି ବୋଧ ହେଉଥିଲା । ସେ ବିନୀତ କଣ୍ଠରେ କହିଲା—

"ସ୍ୱାମୀ ! ମୁଁ ଅବଧି ଆପଣଙ୍କ ବକ୍ତୃରଧାରାର ଗମ୍ଭୀରତା ଉପଲବ୍ଧି କରିବାକୁ ସମର୍ଥ ହୋଇ ନାହିଁ ।"

ବୀଜଗୁପ୍ତର କଣ୍ଠ ସ୍ୱର ପୂର୍ବାପେକ୍ଷା ସାମାନ୍ୟ ଗମ୍ଭୀର ହେଲା । ସେ କହିଲା—

"ଏ ସମସ୍ତ କଥାକୁ ଏହାଠାରୁ ଅଧିକ ସ୍ପଷ୍ଟ କରି କହିବା କ୍ଷମତା ମୋ ପାଖରେ ନାହିଁ କିମ୍ବା ସେକଥା ସ୍ପଷ୍ଟ କରିଦେବା ଉଚିତ ବୋଲି ମୁଁ ଭାବୁ ନାହିଁ । ଯଦି ତୁମେ ଜାଣିବାକୁ ଚାହଁ, ତେବେ ତୁମକୁ ଗୋଟିଏ କଥା କରିବାକୁ ପଡ଼ିବ ।"

ଶ୍ୱେତାଙ୍କ ବିନୀତ ଭାବରେ ସମ୍ମତି ଜଣାଇଲା ।

ବୀଜଗୁପ୍ତ କହିଲା—ତୁମେ ଆଜି ଚିତ୍ରଲେଖାକୁ ଅଭିନନ୍ଦନ ଦେବାକୁ ଯାଇ ତା'ର ମୁଖର ଭାବ ଲକ୍ଷ୍ୟ କର ।......?

ଚିତ୍ରଲେଖାର ବାସଭବନ ଅଭିମୁଖେ ଶ୍ୱେତାଙ୍କ ତତ୍‌କ୍ଷଣାତ୍ ପ୍ରସ୍ଥାନ କଲା । ସେତେବେଳେ ଚିତ୍ରଲେଖାର ବାସଭବନରେ ଆଲୋକ ଉଲ୍ଲସିତ ହୋଇ ଉଠିଥିଲା । ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ଅସଂଖ୍ୟ ସାମନ୍ତଯୁବକ ତା'ର ଦ୍ୱାରରେ ଉପସ୍ଥିତ ଥିଲେ । ଚିତ୍ରଲେଖାର ଦାସୀଗଣ ସେମାନଙ୍କର ସ୍ୱାଗତ ତଥା ଅତିଥି ସତ୍‌କାରରେ ବ୍ୟସ୍ତଥିଲେ । କିନ୍ତୁ ଚିତ୍ରଲେଖା ଅନୁପସ୍ଥିତ ଥିଲା । ଶ୍ୱେତାଙ୍କ ଏକ ଦାସୀକୁ ସ୍ୱାମିନୀ ସମ୍ପର୍କରେ ପ୍ରଶ୍ନ କଲା । ଦାସୀ ଉତ୍ତର ଦେଲା—

"ସେ ଏପର୍ଯ୍ୟନ୍ତ ଫେରି ନାହାନ୍ତି, ସମ୍ଭବତଃ ଆସୁଥିବେ ।"

ଦାସୀ ଶ୍ୱେତାଙ୍କକୁ ନେଇ ଘର ଭିତରେ ଏକ ସୁସଜ୍ଜିତ କକ୍ଷରେ ଆସନ ଗ୍ରହଣ କରିବାକୁ ଅନୁରୋଧ କଲା । ସେଠାରେ ଶ୍ୱେତାଙ୍କ ଚିତ୍ରଲେଖାର ପ୍ରତୀକ୍ଷା କରିବାକୁ ଲାଗିଲା ।

ପ୍ରତୀକ୍ଷମାଣ ସାମନ୍ତ ଯୁବକଗଣଙ୍କର ଭିଡ଼ ଧୀରେ ଧୀରେ ଊଣା ହୋଇ ଆସୁଥିଲା । ଜଣକ ପରେ ଜଣେ ସମସ୍ତ ସାମନ୍ତଗଣ ପ୍ରସ୍ଥାନ କଲେ;

Digitized by srujanika@gmail.com

ମାତ୍ର ଚନ୍ଦ୍ରଲେଖା ତ ସେ ପର୍ଯ୍ୟନ୍ତ ଫେରିଲା ନାହିଁ । ଶ୍ୱେତାଙ୍କ ଆଶ୍ଚର୍ଯ୍ୟାନ୍ୱିତ ହେଲ ! ବର୍ତ୍ତମାନ ବା ଚନ୍ଦ୍ରଲେଖା କେଉଁଆଡ଼େ ଯାଇପାରେ ? ସେ ପୁନର୍ବାର ସ୍ୱାମିନୀର ପ୍ରତ୍ୟାଗମନ ସମ୍ପର୍କର ସମ୍ଭାବନା ନେଇ ଦାସୀକୁ ପ୍ରଶ୍ନ କଲ ! ମାତ୍ର ସେ ଏକ ଅନିର୍ଦ୍ଦିଷ୍ଟ ଉତ୍ତର ଛଡ଼ା ବିଶେଷ କିଛି ପାଇପାରିଲ ନାହିଁ ।

ଶ୍ୱେତାଙ୍କ ମଧ୍ୟ ଧୀରେ ଧୀରେ ଚନ୍ଦ୍ରଲେଖାର ପ୍ରତୀକ୍ଷାରେ ବ୍ୟଗ୍ର ହେବାକୁ ଲଗିଲ । ପ୍ରାୟ ଅର୍ଦ୍ଧରାତ୍ରୀ ଅତୀତ ହେବା ପରେ ମଧ୍ୟ ଚନ୍ଦ୍ରଲେଖାର ଫେରିବାର କୌଣସି ସମ୍ଭାବନା ଦେଖାଗଲ ନାହିଁ । ଶ୍ୱେତାଙ୍କର ଅନ୍ତର ତଳେ ପ୍ରତ୍ୟାଗମନ-ଇଚ୍ଛା ଅନେକବାର ଜାଗିଛି ! ମାତ୍ର ତାକୁ ଏକ ଅପୂର୍ବ କୌତୂହଳ ଫେରି ଯିବାରେ ବାରଣ କରିଛି । ତା'ର ଧୈର୍ଯ୍ୟର ସୀମା ଲଂଘନ ହୋଇଥିଲ, ସେତେବେଳେ ଘଣ୍ଟା ଅର୍ଦ୍ଧରାତ୍ରିର ସମୟ ସୂଚାଇ ଦେଉଥିଲ ।

"ସ୍ୱାମିନୀଙ୍କୁ ମୁଁ ଅଭିନନ୍ଦନ ଦେବାକୁ ଆସିଥିଲି········ଜଣାଇ ଦେବ ।" ଦାସୀକୁ ଶ୍ୱେତାଙ୍କ ନିର୍ଦ୍ଦେଶ ଦେଇ ଫେରିଆସିଲ ।

ସେ କିନ୍ତୁ ସ୍ଥିର ହୋଇ ରହିଗଲ । ସେତେବେଳେ ସେ ଅଦୂରରେ ଚନ୍ଦ୍ରଲେଖାର ରଥ ଆସୁଥିବାର ଦେଖିଲ । ରଥ ପହଞ୍ଚିବା ସଙ୍ଗେ ସଙ୍ଗେ ଶ୍ୱେତାଙ୍କ ଅଭିବାଦନ ଜଣାଇ ଚନ୍ଦ୍ରଲେଖାର କରଧାରଣ ପୂର୍ବକ ତାକୁ ରଥରୁ ଅବତରଣ କରିବାରେ ସାହାଯ୍ୟ କଲ ।

ଚନ୍ଦ୍ରଲେଖା ହସି ହସି ପଚାରିଲ "କିହ ଶ୍ୱେତାଙ୍କ ! ଆଜି କଷ୍ଟ ସ୍ୱୀକାର କରି ଏତେ ରାତି ଯାଏଁ ଏଠାରେ ଜାଗ୍ରତ ରହିବାର କାରଣ କ'ଣ ?"

"ସ୍ୱାମିନୀଙ୍କୁ ଅଭିବାଦନ ଦେବାକୁ ।"···ଶ୍ୱେତାଙ୍କ ଉତ୍ତର ଦେଲ ।

ଚନ୍ଦ୍ରଲେଖା ସାଥିରେ ଶ୍ୱେତାଙ୍କ ଶୃଙ୍ଗାରଗୃହ ପର୍ଯ୍ୟନ୍ତ ଯିବାପରେ ଚନ୍ଦ୍ରଲେଖା କହିଲ—

"ତୁମେ ମୋର ଅତିଥି ଭବନରେ ଅପେକ୍ଷା କର, ମୁଁ ଚଞ୍ଚଳ ଆସୁଛି ।"

Digitized by srujanika@gmail.com

ସ୍ୱଳ୍ପସମୟ ପରେ ଏକ ଶ୍ୱେତ ବସ୍ତ୍ର ପରିହିତା ହୋଇ ଚନ୍ଦ୍ରଲେଖା ଅତିଥି ଭବନକୁ ଆସି ଶ୍ୱେତାଙ୍କୁ ପଚାରିଲା –

"ତୁମେ ମୋତେ ଅଭିନନ୍ଦନ ଜଣାଇବାକୁ ଆସିଛ ନା ! କାହିଁକି ଓ କ'ଣ ପାଇଁ ଏ ଅଭିନନ୍ଦନର ଆବଶ୍ୟକ !"

"ମୁଁ କ'ଣ ସ୍ୱାମିନୀର ବିଜୟରେ ଗର୍ବିତ ନୁହେଁ ?"

"ମୋର ବିଜୟରେ !" ଚନ୍ଦ୍ରଲେଖାର ମୁଖମଣ୍ଡଳରେ ଉଲ୍ଲାସର ତରଙ୍ଗ ଏକ ବିଷାଦର କାଳିମା ତଳେ ଲୁଚି ଯାଉଥିଲା ଯେପରି । ଯୌବନର ଉଚ୍ଛ୍ୱାସ ତଳେ ଗୋପନ ବିଷାଦର ଆଭାସ ଶ୍ୱେତାଙ୍କ ପ୍ରଥମ ଥର ପାଇଁ ଦେଖିଲା । ସେ ତା'ର ଅର୍ଥ ବୁଝିପାରିଲା ନାହିଁ । ସହସ୍ର ଦୀପଶିଖାର ଆଲୋକରେ ଚନ୍ଦ୍ରଲେଖାର ସୁନ୍ଦର ମୁଖମଣ୍ଡଳର ଭାବ ପରିବର୍ତ୍ତନ ଅଧିକ ସୁନ୍ଦର ଥିଲା । ବିଷାଦର କରୁଣ ଛାୟା ତଳେ ମଧ୍ୟ ଶ୍ୱେତାଙ୍କୁ ଚନ୍ଦ୍ରଲେଖାର ରୂପଲାବଣ୍ୟ ମନୋହର ମନେ ହେଲା ।

ଚନ୍ଦ୍ରଲେଖା କହିଲା–ମୋର ବିଜୟରେ !—ମାତ୍ର ଶ୍ୱେତାଙ୍କ, ମୁଁ ଅଭିନନ୍ଦନ ଗ୍ରହଣଯୋଗ୍ୟା ନୁହେଁ । ତାହା ମୋର ବିଜୟ ନୁହେଁ, ଏକ ବିରାଟ ପରାଜୟ ।

ଶ୍ୱେତାଙ୍କ ଆଶ୍ଚର୍ଯ୍ୟାନ୍ୱିତ ହେଲା, ଯେହେତୁ ସେ ଉଭୟ ବୀଜଗୁପ୍ତ ଓ ଚନ୍ଦ୍ରଲେଖା ମୁଖରୁ ଏହି ଗୋଟିଏ କଥାହିଁ ଶୁଣିଲା, ଆଉ ଉଭୟେ ଗମ୍ଭୀରତା ପୂର୍ବକ ତାହା କହିଥିଲେ ।

ଚନ୍ଦ୍ରଲେଖା ସତେ ଯେପରି ଶ୍ୱେତାଙ୍କର ଭାବମୁଦ୍ରାର ସଠିକ ଅଧ୍ୟୟନ କରି ପାରିଥିଲା । ଚନ୍ଦ୍ରଲେଖା ପୁଣି କହିଲା –

"ଶ୍ୱେତାଙ୍କ, ତୁମକୁ ସମ୍ଭବତଃ ଏହା ଆଶ୍ଚର୍ଯ୍ୟ ଲାଗୁଥିବ; ମାତ୍ର ଆଶ୍ଚର୍ଯ୍ୟ ହେବାର ସେପରି କିଛି ବିଶେଷ କାରଣ ନାହିଁ । ତୁମେ ଜାଣ ମୁଁ ବର୍ତ୍ତମାନ କେଉଁଠାରୁ ଫେରିଛି ?"

"ମୁଁ ଠିକ୍ ଏହାହିଁ ପଚାରିବାକୁ ଇଚ୍ଛା କରି ଥିଲି, ମାତ୍ର ସାହସର ଅଭାବ ହେତୁ ପଚାରିବାକୁ ଅସମର୍ଥ ହେଉଥିଲି ।"

"ତାହାହେଲେ ଶୁଣ, ମୁଁ ବର୍ତ୍ତମାନ କୁମାରଗିରିଙ୍କର କୁଟୀରରୁ ଫେରୁଛି । ମୋର ତାଙ୍କୁ ଅପମାନିତ ବା ଲାଞ୍ଛିତ କରିବାର କୌଣସି

Digitized by srujanika@gmail.com

ଅଧିକାର ନାହିଁ ବା ତା'ପାଇଁ କୌଣସି ବିଶେଷ କାରଣ ମଧ୍ୟ ନାହିଁ । ମୋର କ୍ଷେତ୍ର ସ୍ୱତନ୍ତ୍ର । ମୋର ବିଦ୍ୱନ୍ମଣ୍ଡଳୀ ମଧ୍ୟରେ ପ୍ରବେଶ କରିବା ଏକ ଅନଧିକାର ଚର୍ଚ୍ଚା ଛଡ଼ା କ'ଣ ହୋଇପାରେ ? ଏହା ଅସମୀଚୀନ ହୋଇଛି ନିଶ୍ଚୟ । ମୁଁ ଯାହା କରିଛି ତାହା ଏକ ଗୁରୁତର ଅପରାଧ । ତେଣୁ ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାକୁ ମୁଁ ଯାଇଥିଲି ।”

ଶ୍ୱେତାଙ୍କ ଏ କଥାରେ ଅବସନ୍ନ ରହି ଯାଉଥିଲା ଯେପରି । ଚିତ୍ରଲେଖାର ଏ ବିଚିତ୍ର ଭାବ ପରିବର୍ତ୍ତନ ତାକୁ ବିମୂଢ଼ କରୁଥିଲା । ସେ ପଚାରିଲା—

“କିନ୍ତୁ ଯାହା ସତ୍ୟ, ତାକୁ ପ୍ରକାଶ କରିଦେବା ସମସ୍ତଙ୍କର କର୍ତ୍ତବ୍ୟ । କେହି ଯଦି ଭ୍ରମରେ ପକାଇ କୌଣସି କଥାର ସତ୍ୟତା ପ୍ରମାଣ କରିବାକୁ ବସୁଥାଏ, ତେବେ ସେତେବେଳେ ସେହି ସତ୍ୟତାର ବାସ୍ତବିକତା ଉପରେ ଆଲୋକପାତ କରିବା କ'ଣ ଅସମୀଚୀନ ? ଦେବୀ, ଏଥିରେ ତୁମେ କିଛି ତ୍ରୁଟି କରିଛ ବୋଲି ମୁଁ ଭାବୁ ନାହିଁ ?”

ଚିତ୍ରଲେଖା କହିଲା—ମୋର ଏହା ହିଁ ଦୁଃଖ ଶ୍ୱେତାଙ୍କ ! ସମଗ୍ର ଦୁନିଆ ତାକୁ ଠିକ୍ ବୋଲି ଭାବୁଛି, ମାତ୍ର ମୁଁ ଠିକ୍ ବୋଲି ଗ୍ରହଣ କରି ପାରିବି ନାହିଁ । କୁମାରଗିରି ଯୋଗୀ, ତାଙ୍କର ଶକ୍ତି ଅଛି । ମୁଁ ଅନୁଭବ କରୁଛି ତାଙ୍କର ଈଶ୍ୱର ଓ ସତ୍ୟତା ସମ୍ପୂର୍ଣ୍ଣ କଳ୍ପନାଜନିତ । ମାତ୍ର ଏକ ସାଧାରଣ ମାନବ ପକ୍ଷରେ ଏପରି ଏକ ଅସାଧାରଣ କଳ୍ପନାର ଚିନ୍ତା କରିବା ଅସମ୍ଭବ ବୋଲି ମନେକରୁଛି । ତୁମେ ମଧ୍ୟ ସ୍ୱୀକାର କରିବ ଯେ, ସେ ଉତ୍କୃଷ୍ଟ କଳ୍ପନା ଆଜି କେଉଁଠି, ସ୍ରୋତ କେଉଁଠି ଓ ଅନ୍ତ ବା କେଉଁଠି ? ଏହା ଏକ ବିରାଟ ପ୍ରଶ୍ନ । କୁମାରଗିରିଙ୍କର ସୃଜନ ଶକ୍ତି ଅଛି, ମାତ୍ର ମୁଁ ଯାହା କଲି ତାହା ବିନାଶଶୀଳ । ବ୍ୟକ୍ତିତ୍ୱର ଉତ୍କୃଷ୍ଟତା କୌଣସି କଥାର ବିନାଶରେ ନ ଥାଏ, ଥାଏ ତାକୁ ସିଦ୍ଧ କରିବାରେ······ଧ୍ୱଂସରେ ଥାଏନି, ଥାଏ ସୃଜନରେ ।

“ଯଦି ମନୁଷ୍ୟ ଏପରି ଏକ ପ୍ରାସାଦ ନିର୍ମାଣ କରେ; ଯାହା ତା'ର ଆତ୍ମସ୍ଥିର ହାନିକାରକ ହେବ, ତେବେ ସେପରି ଏକ ପ୍ରାସାଦ ନଷ୍ଟ କରିବାରେ କ୍ଷତି କ'ଣ ଅଛି ?”

Digitized by srujanika@gmail.com

ଚିତ୍ରଲେଖା ଶ୍ୱେତାଙ୍କର ଏପରି ଏକ ଉତ୍ତରରେ ହସି ଉଠିଲା । କହିଲା—"ଶ୍ୱେତାଙ୍କ, ତର୍କ କରି ଲାଭ କ'ଣ ? ମୁଁ ଅନୁଭବ କରୁଛି, ମୁଁ ଯାହା କରୁଛି ତାହା ଭଲ କରି ନାହିଁ । କିନ୍ତୁ ଯାହା କରୁଛି ତାହା ତ କରି ସାରିଲିଣି—ମୋତେ ବର୍ତ୍ତମାନ ତା'ର ପରିଣାମ ଭୋଗିବାକୁ ପଡ଼ିବ ।

"ପରିଣାମ ?" ଶ୍ୱେତାଙ୍କ ପାଇଁ ଯେପରି ଏହା ଏକ ସ୍ୱତନ୍ତ୍ର ସମସ୍ୟା ଥିଲା । ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା—

"କି ପରିଣାମ, ଦେବୀ !"

"ଏହା ତୁମକୁ ନିକଟ ଭବିଷ୍ୟତରେ ଜଣାପଡ଼ିବ ।"

ଏହାପରେ ଚିତ୍ରଲେଖା ଦାସୀକୁ ଡାକିଲା ।

"ମୁଁ ବର୍ତ୍ତମାନ ସୁଦ୍ଧା ଭୋଜନ କରି ନାହିଁ । ସମ୍ଭବତଃ ତୁମେ ମଧ୍ୟ ଭୋଜନ କରି ନ ଥିବ ଶ୍ୱେତାଙ୍କ !"

ଚିତ୍ରଲେଖା ଦାସୀକୁ ଉଭୟଙ୍କର ଭୋଜନର ପ୍ରବନ୍ଧ କରିବାର ଆଦେଶ ଦେଲା ।

ଦାସୀ ଚାଲିଯିବା ପରେ ଚିତ୍ରଲେଖା ସୁରା ଆଧାରରୁ ଏକ ପିଆଲା ଢାଳି କରି ଶେଷ କରିବା ପରେ ଶ୍ୱେତାଙ୍କ ହାତକୁ ଏକ ପୂର୍ଣ୍ଣ ପିଆଲା ବଢ଼ାଇ ଦେଲା । ଏହି ଅବସରରେ ଶ୍ୱେତାଙ୍କ ମଦ୍ୟପାନ ଅଭ୍ୟସ୍ତ ହୋଇ ଯାଇଥିଲା । ସେ ତା'କୁ ସାଦରେ ଗ୍ରହଣ କଲା ।

ଚିତ୍ରଲେଖା ସ୍ୱଳ୍ପ ସମୟ ନୀରବ ରହି କହିଲା—

"ଶ୍ୱେତାଙ୍କ ! ମୁଁ ତୁମକୁ ଗଭୀର ସ୍ନେହ କରେ । ଆପଣାର ସ୍ନେହୀଜନ ପାଖରେ କୌଣସି କଥା ଗୋପନ ରଖିବା ବିଧେୟ ନୁହେଁ ।"

ଶ୍ୱେତାଙ୍କ ଚିତ୍ରଲେଖାର ଏକଥାରେ କୃତଜ୍ଞ ହେଉଥିଲା । ବାସ୍ତବିକ ସେ ଚିତ୍ରଲେଖାକୁ ଆପଣାର ସ୍ୱାମିନୀ ରୂପରେ ମାନି ଆସିଛି, ଯଦ୍ୟପି ଚିତ୍ରଲେଖାର ବ୍ୟବହାର ତା' ପ୍ରତି ସଦୈବ ମମତାପୂର୍ଣ୍ଣ; ସେ କୃତଜ୍ଞତା ଭରା କଣ୍ଠରେ କହିଲା—

"ଦେବୀ ! ମୋତେ ବିଶ୍ୱାସ କର······ମୁଁ ଯଦି······।"

Digitized by srujanika@gmail.com

ଶ୍ୱେତାଙ୍କର କରଧାରଣ ପୂର୍ବକ ଚନ୍ଦ୍ରଲେଖା ବାଧାଦେଇ କହିଲା···

"ଶ୍ୱେତାଙ୍କ ! ତୁମେ ଶପଥ କର ଯେ ଏ ଭେଦ ତୁମେ କାହାରି ଆଗରେ ପ୍ରକାଶ କରିବ ନାହିଁ ।"

"ମୁଁ ଶପଥ କରୁଛି ।"

"ତୁମେ ମୋତେ ସାହାଯ୍ୟ କରିବ ?"

"ମୁଁ ପ୍ରତିଜ୍ଞା କରୁଛି ।"

"ଶ୍ୱେତାଙ୍କ ! ମୋର ଆଜିର ବିଜୟ ବାସ୍ତବରେ ବିଜୟ ନ ଥିଲା । ତାହା ମୋ ପକ୍ଷରେ ଏକ ବିରାଟ ପରାଜୟ । କୁମାରଗିରି ମୋତେ ବିଚିତ୍ର ଭାବରେ ପ୍ରଭାବିତ କରିଛନ୍ତି ।"

ଶ୍ୱେତାଙ୍କ ଭୟାନକ ସତ୍ୟତାର ଆଂଶିକ ଆଭାସ ପାଉଥିଲା, ଯା'ର ସଙ୍କେତ ସେ କଥିତ ରାଜଗୁପ୍ତ ପାଖରୁ ପାଇଥିଲା । ସେ ତା'ର ସନ୍ଦେହ ମୋଚନ ଉଦ୍ଦେଶ୍ୟରେ ପ୍ରଶ୍ନ କଲା—କିପରି ?

"କିପରି ! ତୁମେ ଏହା ବି ବୁଝୁନ ଶ୍ୱେତାଙ୍କ ! ମୁଁ କୁମାରଗିରିଙ୍କୁ ପ୍ରେମ କରି ବସିଛି । ମୋର ଏପରି ପ୍ରତୀତ ହେଉଛି ଯେପରି ସେ ମୋର ଯୁଗଯୁଗାନ୍ତରରୁ ଆତ୍ମାର ଆତ୍ମୀୟ—ଘନିଷ୍ଠ ପରିଚିତ । ଆଜି ସେଇ ବିରାଟ ସଭାରେ ଭାରତର ଏକ ବିରାଟ ବିଦ୍ୱାନ୍ ମଣ୍ଡଳୀର ସମବେତ ଧୀ ଶକ୍ତିକୁ ସେ ଯୋଗୀ ପରାଜିତ କରିଛି । ପ୍ରତ୍ୟେକେ ତା ପ୍ରଭାବରେ ପ୍ରଭାବିତ ହୋଇଛନ୍ତି, କିନ୍ତୁ ମୁଁ ନୁହେଁ । ତା'ର କାରଣ କେବଳ ଏହା ଯେ କୁମାରଗିରି ମୋର ପରିଚିତ ଏବଂ ମୁଁ ତାଙ୍କର । ଆମେ ଦୁହେଁ ଜନ୍ମ ଜନ୍ମାନ୍ତରର ସାଥୀ, ସହଯାତ୍ରୀ ।"

ଶ୍ୱେତାଙ୍କ ପୁନର୍ଜନ୍ମରେ ବିଶ୍ୱାସ କରେ, ଏଣୁ ସେ କୌଣସି ପ୍ରକାର ପ୍ରତିବାଦ କଲା ନାହିଁ ।

"ମୁଁ ଯେଉଁ ଦିନରୁ କୁମାରଗିରିଙ୍କୁ ଦେଖିଛି, ମୋର ତାଙ୍କ ପ୍ରତି ଆସକ୍ତି କେଜାଣି କାହିଁକି ଧୀରେ ଧୀରେ ବଢ଼ୁଛି । ଯେ ତାଙ୍କର ଆତ୍ମା ସହିତ ପରିଚିତ ସେ ହିଁ ତାଙ୍କର ଆତ୍ମାର ଗଭୀରତା ବୁଝିଥିବେ । ମୁଁ ତାଙ୍କୁ ଅତି ଭଲ ଭାବରେ ଜାଣେ ଓ ତା ସଙ୍ଗେ ସଙ୍ଗେ ତାଙ୍କର ଆତ୍ମା ମଧ୍ୟ ମୋର ଘନିଷ୍ଠ ପରିଚିତ । ଶ୍ୱେତାଙ୍କ, ତୁମେ ସମ୍ଭବତଃ ବିଶ୍ୱାସ କରିବ ନାହିଁ ଯେ, କୁମାରଗିରି ହିଁ ମୋର ଜୀବନର ପ୍ରଧାନ ଅଭିନେତା ।"

Digitized by srujanika@gmail.com

"ମୁଁ ଏ ସବୁ ବୁଝିଗଲିଣି ଦେଖ, କିନ୍ତୁ ମୁଁ କେଉଁ ରୂପରେ ସାହାଯ୍ୟ କରି ପାରିବ ?"

ଏହା ଭିତରେ ଦାସୀ ଉଭୟଙ୍କର ଭୋଜନ ବ୍ୟବସ୍ଥା କରି ସାରିଥିଲା । ଚନ୍ଦ୍ରଲେଖା ଶ୍ୱେତାଙ୍କକୁ ଭୋଜନ କରିବାକୁ ଆଦେଶ ଦେଇ ନିଜେ ଭୋଜନ ଆରମ୍ଭ କଲା । ଭୋଜନ ପରେ ଚନ୍ଦ୍ରଲେଖା କହିଲା—

"ହିଁ, ଶ୍ୱେତାଙ୍କ ! ତୁମେ ପଚାରିଥିଲ, ତୁମେ ମୋତେ କେଉଁ ପରି ସାହାଯ୍ୟ କରି ପାରିବ ?······ତୁମର ପ୍ରାଥମିକ କର୍ତ୍ତବ୍ୟ ଯେ, ତୁମେ ଏକଥା ରାଜଗୁପ୍ତଙ୍କ ଆଗରେ ପ୍ରକାଶ କରିବ ନାହିଁ । କାରଣ ବର୍ତ୍ତମାନ ପ୍ରକାଶ କଲେ ସେ ମୋତେ ଅବିଶ୍ୱାସ କରି ପାରନ୍ତି—କିନ୍ତୁ ଯଦି କିଛି ଅବିଶ୍ୱାସ ତାଙ୍କର ମନରେ ଥାଏ, ତେବେ ତାକୁ ଦୂର କରିବା ହିଁ ତୁମର ପ୍ରଧାନ କାର୍ଯ୍ୟ ।"

ଶ୍ୱେତାଙ୍କ କିଛି ସମୟ ପାଇଁ ଭାବିବାକୁ ଲାଗିଲା । ଚନ୍ଦ୍ରଲେଖା ତାକୁ ଯାହା କହୁଛି ସେ ସବୁ ତା ପକ୍ଷରେ ସାଧନ କରିବା ଅତ୍ୟନ୍ତ କଠିଣ । ରାଜଗୁପ୍ତ ତା'ର ସ୍ୱାମୀ, ତା ଆଗରେ ସତ୍ୟ ପ୍ରକାଶ ନ କରିବା ଅର୍ଥ ସ୍ୱାମୀଙ୍କ ସହିତ ବିଶ୍ୱାସଘାତକତା କରିବା ଛଡ଼ା ଅନ୍ୟ କିଛି ନୁହେଁ । କିନ୍ତୁ ଚନ୍ଦ୍ରଲେଖା ବି ଯେ ତା'ର ସ୍ୱାମିନୀ······ତା ସହିତ······?

ଚନ୍ଦ୍ରଲେଖା ମଦିରା ପୂର୍ଣ୍ଣ ପାତ୍ର ଶ୍ୱେତାଙ୍କର ଓଠର ସମୀପକୁ ଆଣିଥିଲା । ଚନ୍ଦ୍ରଲେଖା······ଏକ କୋମଳ ସ୍ମିତ ହାସ୍ୟ ହସୁଥିଲା । ଶ୍ୱେତାଙ୍କ ସୁରା ପାତ୍ରରୁ ସୁରା ନିଃଶେଷ କରିବା ପରେ ପରେ ଚନ୍ଦ୍ରଲେଖା ପଚାରିଲା —

"ଶ୍ୱେତାଙ୍କ ! ତୁମେ କ'ଣ ମୋର ପ୍ରାର୍ଥନା ରଖିବାକୁ ଅସମର୍ଥ ?"

ଶ୍ୱେତାଙ୍କ କେବଳ ନୀରବ ରହିଲା । ସମ୍ମତି ବା ଅସମ୍ମତି ସେ କିଛି ହେଲେ ଜଣାଇଲା ନାହିଁ ।

ଚନ୍ଦ୍ରଲେଖାର ଅଧର ତଳେ ସ୍ମିତ ହାସ୍ୟ ଲୋପ ହୋଇଯାଉଥିଲା । କପୋଳ ତା'ର କ୍ରୋଧର ଆବେଗରେ ଈଷତ୍ ରକ୍ତିମ ହୋଇଗଲା ।

Digitized by srujanika@gmail.com

ସେ ଶ୍ୱେତାଙ୍କର କର ଧାରଣ ପୂର୍ବକ କହିଲା—ଶ୍ୱେତାଙ୍କ ! ମୁଁ ତୁମକୁ ଆଦେଶ ଦେଉଛି—ମୁଁ ଯାହା କହୁଛି ତାହା ତୁମକୁ କରିବାକୁ ପଡ଼ିବ ।......କଥାରେ ତା'ର ଅନୁନୟ ପ୍ରକାଶ ପାଉଥିଲା ।

ଶ୍ୱେତାଙ୍କ ଚନ୍ଦ୍ରଲେଖାର ଏଇ କ୍ରୋଧ ଆଗରେ ନଇଁ ଯାଉଥିଲେ ଯେପରି । ସେ ଧୀରେ ଧୀରେ କହିଲେ—

"ଆଦେଶ ଶିରୋଧାର୍ଯ୍ୟ ।"

"ଏଥିପାଇଁ ତୁମକୁ ଶପଥ ଗ୍ରହଣ କରିବାକୁ ହେବ ଶ୍ୱେତାଙ୍କ !" ......ସେ ସ୍ୱଳ୍ପ ସମୟ ପାଇଁ ନୀରବ ରହିଲା । ତା'ପରେ ସେ କହିଲା— ନା, ନା ଶ୍ୱେତାଙ୍କ ! ତୁମର ଶପଥ ଗ୍ରହଣ କରିବାର କୌଣସି ଆବଶ୍ୟକତା ନାହିଁ । ତୁମେ ମୋତେ କଥା ଦେଇଛ; ତୁମ କଥାର ପବିତ୍ରତା ପ୍ରତି ତୁମ ଧ୍ୟାନ ଅବଶ୍ୟ ରହିବ ବୋଲି ମୁଁ ବିଶ୍ୱାସ କରୁଛି ।

ଚନ୍ଦ୍ରଲେଖା ଶ୍ୱେତାଙ୍କର ଅଧରରେ ତୃଷ୍ଣାସ୍ନ ପିଆଲାର ସ୍ପର୍ଶ ଦେଲା ।

ଶ୍ୱେତାଙ୍କର ଚକ୍ଷୁ ମୁଦ୍ରିତ ଥିଲା । ସେ ଯେପରି ଏକ ଅପୂର୍ବ ସୁଖ ଅନୁଭବ କରୁଥିଲେ । ମଦିରା ପାନ ପରେ ସେ କହିଲେ—

"ଦେବୀ ! ମୁଁ ସର୍ବଦୈବ ତୁମର ପୂଜା କରି ଆସିଛି । ମୋର ଜୀବନଧାରା ସହିତ ତୁମ ଜୀବନର ସମ୍ବନ୍ଧ ଘନିଷ୍ଠ । ତୁମେ ମୋର ସ୍ୱାମିନୀ ଓ ମୁଁ ତୁମର ଦାସ । ତୁମର ଅଜ୍ଞା ମୋର ଶିରୋଧାର୍ଯ୍ୟ । ମୁଁ ମୋର କଥାର ପବିତ୍ରତା ନେଇ କେବଳ ଏତିକି କହିପାରେ ଯେ ମୁଁ ମିଛ ନୁହେଁ ।"

ଶ୍ୱେତାଙ୍କ ଠିଆ ହେଲେ । ଚନ୍ଦ୍ରଲେଖା ହସି ହସି କହିଲା—

"ଆଜି କ'ଣ ମୋତେ ଶ୍ୱେତାଙ୍କର ପ୍ରସ୍ଥାନର ପ୍ରବନ୍ଧ କରିବାକୁ ପଡ଼ିବ ?"

"ନାଁ......"

ଶ୍ୱେତାଙ୍କର ମାଦକତାର କମ୍ପନ ନ ଥିଲା, ନ ଥିଲା ଆତ୍ମ ବିସ୍ମୃତି ......ସେଠାରୁ ସେ ବୁଲିଗଲେ ।

Digitized by srujanika@gmail.com

ଶ୍ୱେତାଙ୍କ ଯେତେବେଳେ ବୀଜଗୁପ୍ତର ବାସଭବନକୁ ଫେରିଲା, ଅଧ୍ୟୟନ ଗୃହରେ ଆଲୋକ ଦେଖି ଆଶ୍ଚର୍ଯ୍ୟ ହେଲା । ତା'ର ବିଶେଷ କୌତୂହଳ ଜନ୍ମିଲା, ଯେତେବେଳେ ପରିଚାରିକା ଜଣାଇଲା—

"ସ୍ୱାମୀ ଆପଣଙ୍କର ପ୍ରତୀକ୍ଷାରେ ବସିଁ ଅଛନ୍ତି ।"

ଶ୍ୱେତାଙ୍କ ଅଧ୍ୟୟନ ଗୃହରେ ପ୍ରବେଶ କଲାବେଳେ, ବୀଜଗୁପ୍ତ କୌଣସି ଏକ ଗମ୍ଭୀର ଭାବନାରେ ମଗ୍ନଥିଲା । ଶ୍ୱେତାଙ୍କ ବୀଜଗୁପ୍ତକୁ କେବେ ଚିନ୍ତିତ ହେବା ଦେଖି ନ ଥିଲା । ବୀଜଗୁପ୍ତ ପାଖରେ ଚିନ୍ତାର ଏକ ଅଗାଧ ସାଗର ତଥା ହାତରେ ଏକ ରିକ୍ତ ମଦିରା ଆଧାର ଛଡ଼ା ଆଉ କିଛି ନ ଥିଲା । କଳ୍ପନାର ଉଦ୍ୟାନରେ ଉଷ୍ମର ତପ୍ତ ବାୟୁ ପ୍ରବାହିତ ହେଉଥିଲା ।......ସୁଖର ସାମ୍ରାଜ୍ୟରେ ଦୁଃଖର ଝଡ଼ ପ୍ରବଳ ଥିଲା । ଶ୍ୱେତାଙ୍କକୁ ଦେଖି ବୀଜଗୁପ୍ତ ଯେପରି ନିଦ୍ରାରୁ ସଚେତ ହୋଇ ଉଠି ପଚାରିଲା—

"ତୁମେ ଆସିଗଲ ଶ୍ୱେତାଙ୍କ ! ବଡ଼ ବିଳମ୍ବ ହେଲା ।"

ଶ୍ୱେତାଙ୍କ ବସିପଡ଼ିଲା ।

କିଛି ସମୟ ପର୍ଯ୍ୟନ୍ତ ଉତ୍ତର ଅପେକ୍ଷାରେ ନୀରବ ରହିବା ପରେ ବୀଜଗୁପ୍ତ ପୁନର୍ବାର ଶ୍ୱେତାଙ୍କକୁ ପ୍ରଶ୍ନ କଲା—

"ଶ୍ୱେତାଙ୍କ ! ତୁମେ ମୋର କଥାର ଉତ୍ତର ଦେଉନ, କାହିଁକି ?"

ହଁ, ସ୍ୱାମିନୀର ପ୍ରତୀକ୍ଷାରେ ମୋର ଏତେ ବିଳମ୍ବ ହେଲା ।"

"ଚନ୍ଦ୍ରଲେଖାର ପ୍ରତୀକ୍ଷାରେ ?" ବୀଜଗୁପ୍ତ ଆଶ୍ଚର୍ଯ୍ୟ ହୋଇଥିବାର ଛଳନା କଲା ।......"କଣ ତୁମେ ଗଲାବେଳେ ଚନ୍ଦ୍ରଲେଖା ଅନୁପସ୍ଥିତ ଥିଲା ?"

ଶ୍ୱେତାଙ୍କ ସାମାନ୍ୟ ବ୍ୟସ୍ତ ହୋଇପଡ଼ିଲା ଏ ପ୍ରଶ୍ନରେ । ସେ ସାମାନ୍ୟ ସଙ୍କୋଚ ବୋଧ ମଧ୍ୟ କରୁଥିଲା । ସେ ତା'ର ପ୍ରତିଜ୍ଞା ଓ ଶପଥ କଥା ସ୍ମରଣ କରୁଥିଲା । ସେ ଉତ୍ତର ଦେଲା —

"ଆପଣଙ୍କର ଅନୁମାନ ସତ୍ୟ । ସେ ଅନୁପସ୍ଥିତ ଥିଲେ ।"

ବୀଜଗୁପ୍ତ ଶ୍ୱେତାଙ୍କ କଥାରେ ସଙ୍କୋଚ ବୋଧର ଅନୁମାନ କଲା । ଯାହା ହେଉ, ସେ ପୁନର୍ବାର ପଚାରିଲା —

Digitized by srujanika@gmail.com

"ତୁମକୁ ଯେ ନିଶ୍ଚୟ କରିଥିବ—ସେ ଏତେ ସମୟ ପର୍ଯ୍ୟନ୍ତ କେଉଁଠି ଥିଲା ?"

ଶ୍ୱେତାଙ୍କର ହୃଦୟ ତଳେ ଏ ପ୍ରଶ୍ନ ତର୍କ ବିତର୍କର ଏକ ଆଲୋଚନା ସୃଷ୍ଟି କରୁଥିଲା । କିନ୍ତୁ ଶେଷ ନିଷ୍ପତ୍ତିରେ ଉପସ୍ଥିତ ହେବାକୁ ତା'ପାଖରେ ଯଥେଷ୍ଟ ସମୟ ନ ଥିଲା । ସେ ବିନା ଦ୍ୱିଧାରେ ଉତ୍ତର ଦେଲା—

"ସେ ତ ମୋତେ ସେପରି କିଛି କହି ନାହାନ୍ତି, ମାତ୍ର ମୋର କାହିଁକି ଅନୁମାନ ହୁଏ ସେ ମନ୍ତ୍ରୀ ଗୁଣକ୍ୟଙ୍କ ଦ୍ୱାରା ଆମନ୍ତ୍ରିତ ହୋଇଥିଲେ ।"

ବିଜୟଗୁପ୍ତର ଅନ୍ତରର ଗୁରୁଭାର ହଠାତ୍ ଲଘୁ ହୋଇଗଲା । କେଜାଣି କିପରି ବିଜୟଗୁପ୍ତ ଅନୁଭବ କରୁଥିଲା—ଯେପରି କି କୁମାରଗିରିଙ୍କ ନିକଟକୁ ଚନ୍ଦ୍ରଲେଖା ଯାଇଥିଲା । ଶ୍ୱେତାଙ୍କର ଉତ୍ତର ତେଣୁ ତା'ର ଏ ଭୟ ଦୂର କରିବାକୁ ସମର୍ଥ ହୋଇଥିଲା । ସେ କିନ୍ତୁ ଶ୍ୱେତାଙ୍କୁ ପୁଣି ପଚାରିଲା ।

"ହଁ, ଶ୍ୱେତାଙ୍କ ! ତୁମେ ଚନ୍ଦ୍ରଲେଖାକୁ ତା'ର ବିଜୟ ପାଇଁ ଅଭିନନ୍ଦନ ଦେଲ ତ ?"

"ହଁ ।" ଶ୍ୱେତାଙ୍କ ଧୀର ଗଳାରେ କହିଲା କିନ୍ତୁ ସେ ବିଜୟ ହେତୁ ଅଭିନନ୍ଦନ ନେବାର ପାତ୍ରୀ ନୁହନ୍ତି ବୋଲି ସ୍ୱାମିନୀ ମନ୍ତବ୍ୟ ଦେଲେ । ତାଙ୍କର ବିଜୟ ହେତୁ ଗର୍ବ ନ ଥିଲା, ସୁଖାନନ୍ଦ ନ ଥିଲା । ମୁଁ ସେଥିରେ ଅଶ୍ଚର୍ଯ୍ୟ ହେଲି ନିଶ୍ଚୟ······ତାଙ୍କୁ ଏ ବିଜୟରେ ଦୁଃଖିତ ହେବାକୁ ପଡ଼ୁଛି ।"

ବିଜୟଗୁପ୍ତ ହସୁଥିଲା । କିନ୍ତୁ ତା'ର ଏ ହାସ୍ୟରେ କରୁଣତାର ପୀଡ଼ା ଗୋପନ ଥିଲା ।

"ମୁଁ ତୁମକୁ କହି ନ ଥିଲି ଶ୍ୱେତାଙ୍କ, ଚନ୍ଦ୍ରଲେଖା ବିଜୟିନୀ ହୋଇଛି ବୋଲି ସ୍ୱୀକାର କରିବ ନାହିଁ । ଏ କଥା ହିଁ ତା'ର ପ୍ରମାଣ ଯେ ସେ ପରାଜିତା ।"

"ମୁଁ ବର୍ତ୍ତମାନ ଆପଣଙ୍କ କଥାର ଅର୍ଥ କିଞ୍ଚିତ ବୁଝିବାକୁ ସମର୍ଥ ହୋଇଛି ।"

Digitized by srujanika@gmail.com

"କର୍ତ୍ତବ୍ୟ ବୁଝିବାର କୌଣସି ଅର୍ଥ ନାହିଁ ଶ୍ୱେତାଙ୍କ ! ତୁମେ ଯଦି ବୁଝୁଥାଅ, ତାହାହେଲେ ସମ୍ପୂର୍ଣ୍ଣ ବୁଝୁନ । ଯଦି ଅସ୍ୱୀକାର କରୁଛ, ତେବେ ସମ୍ପୂର୍ଣ୍ଣରୂପେ ବୁଝୁ ନାହଁ ।"······ବୀଜଗୁପ୍ତ ଠିଆହେଲେ ।

"ଶ୍ୱେତାଙ୍କ ! ତୁମେ ମନେ ରଖିଥିବ, ମନୁଷ୍ୟ ସ୍ୱତନ୍ତ୍ର ବିଚାରଶୀଳ ପ୍ରାଣୀ ହୋଇ ମଧ୍ୟ ପରିସ୍ଥିତିର ଦାସ । ଆଉ ସେ ପରିସ୍ଥିତିର ଚକ୍ର ପୂର୍ବ ଜନ୍ମର ପରିଣାମ ନିଶ୍ଚୟ । କେବଳ ସେଠାରେହିଁ ମଣିଷ ବିଜୟ ପାଏ, ଯେଉଁଠାରେ ସେ ପରିସ୍ଥିତିର ଚକ୍ରତଳେ ନିଷ୍ପେଷିତ ନୁହେଁ । ମଣିଷ ସଦୈବ ତା'ର କର୍ତ୍ତବ୍ୟାକର୍ତ୍ତବ୍ୟ ଉପରେ ବିଚାର ରଖି ବିଜୟ ପାଏ । ଚିତ୍ରଲେଖା ପରିସ୍ଥିତି-ଚକ୍ରତଳେ ପଡ଼ିଯାଇଛି । ଜୀବନରେ କୁମାରଗିରିଙ୍କ ଆଗମନ ତା'ପାଇଁ ଘାତକ ଓ ଚିତ୍ରଲେଖାର ଆଗମନ କୁମାରଗିରିଙ୍କ ପାଇଁ ତଦ୍ରୂପ । ଦୁର୍ଭାଗ୍ୟବଶତଃ ଉଭୟେ ଅଜ୍ଞାତସାରରେ ଏକ ଅପରର ଜୀବନରେ ଅସି ଆପଣା ଆପଣାର ସାଧନାକୁ ଭ୍ରଷ୍ଟ କରିବାକୁ ଯାଉଛନ୍ତି—ଭଗବାନ ହିଁ କେବଳ ସେମାନଙ୍କର ସହାୟତା କରିପାରିବେ ।"

ଅଷ୍ଟମ ପରିଚ୍ଛେଦ—

ମହାସାଗରବକ୍ଷରେ ଭୟାନକ ତୋଫାନ ଉଠିବା ପୂର୍ବରୁ ଏକ ଘୋର ନିସ୍ତବ୍ଧତା ସୃଷ୍ଟି ହୋଇଯାଏ । ସେତେବେଳେ ବାୟୁମଣ୍ଡଳ ଉତ୍ତେଜିତ ହୋଇଉଠେ ଓ ସାରା ବାତାବରଣ ଭୟଙ୍କର ଆଶଙ୍କାରେ ଶୂନ୍ୟ ହୋଇଯାଏ ।

ତା'ପରେ ? ବାୟୁର ପ୍ରଚଣ୍ଡ ପ୍ରବାହ·····ଲହରୀର ତାଣ୍ଡବ ନୃତ୍ୟ ତଥା ବିପ୍ଳବ ଗାନ !

ଆକାଶବକ୍ଷରେ ଜ୍ୱାଳାମୁଖୀର ବିସ୍ଫୋରଣ ପୂର୍ବରୁ ଏକ ଗୋପନ ଅଶାନ୍ତିର ବିସ୍ତୃତ ହୁଏ । ତା'ର ନୀଳ ରଙ୍ଗ ଧୂମିଳ ହୋଇଉଠେ ଓ ବିନାଶ ଭୟରେ ସାରା ଆକାଶମଣ୍ଡଳ ରକ୍ତ ହୋଇଉଠେ ।

ତା'ପରେ ? ଅଗ୍ନିର ଶିଳାପାତ ଓ ତାଣ୍ଡବ ।

ଚନ୍ଦ୍ରଲେଖାର ରଥ ରାଜଗୁପ୍ତର ଦ୍ୱାରଦେଶରେ ଅଟକି ଗଲା । ଦିବସର ଭୟାନକ ଗ୍ରୀଷ୍ମତାପ ପରେ ପାଟଳୀପୁତ୍ରର ପ୍ରଶସ୍ତ ରାଜପଥରେ ସାମନ୍ତଗଣଙ୍କ ରଥର ସାଗର ଖେଳି ହୋଇଥିଲା—ଫୁଲହାର ନେଇ ମାଳୁଣୀଗଣ ସାମନ୍ତମାନଙ୍କର ଅଭିବାଦନ କରୁଥିଲେ । ପାଟଳୀପୁତ୍ର ଉଲ୍ଲାସ ଓ ବିଳାସର ଏକ ସାମ୍ରାଜ୍ୟ ଥିଲା ।

ରାଜପଥ ସତେ ଯେପରି ବିଳାସ-ଉତ୍ସବର ଏକ କେନ୍ଦ୍ର ଥିଲା । ରାଜଗୁପ୍ତ ମଧ୍ୟ ସେତେବେଳେ ସେ ଆନନ୍ଦ ଆସ୍ୱାଦନରେ ପାଟଳୀ ପୁତ୍ରର ଏକ ଭାଗରେ ଅଂଶ ଗ୍ରହଣ କରିଥିଲା ।

Digitized by srujanika@gmail.com

ଶ୍ୱେତାଙ୍କ ସେତେବେଳେ ସାଂଧ୍ୟଭ୍ରମଣ ଉଦ୍ଦେଶ୍ୟରେ ଯିବାକୁ ପ୍ରସ୍ତୁତ ହେଉଥିଲେ । ରଥ ତା' ଅପେକ୍ଷାରେ ବାହାରେ ଥିଲା । ପରିଚାରିକା ତା'ର ଭୂଷଣ ଅପ୍ରୟୋଜନରେ ବ୍ୟସ୍ତ ଥିଲା । ପ୍ରହରୀ ଆସି ସୂଚନା ଦେଲା

"ପ୍ରଭୁ ! ସ୍ୱାମିନୀର ରଥ ବାହାରେ ପ୍ରତୀକ୍ଷା କରୁଛି ।"

ଶ୍ୱେତାଙ୍କ ଏ ସୂଚନାରେ ଚମକି ଉଠିଲା ସେପରି । ସେତେବେଳେ ରାଜଗୁପ୍ତର ଅନୁପସ୍ଥିତି ତାକୁ ଅସହ୍ୟ ବୋଧ ହେଉଥିଲା । ସେ ଭାବୁଥିଲା ସେ ଯେପରି ପାପ କରୁଛି ଓ ଅନୁଭବ କରୁଥିଲା ସେ ଯେପରି ଆଉ ଅଧିକ ପାପ କରିବାକୁ ପ୍ରସ୍ତୁତ ନୁହେଁ । ତେବେ ମଧ୍ୟ ଶ୍ୱେତାଙ୍କ କହିଲା—"କହ·····ଆସୁଛି ।"

ଶ୍ୱେତାଙ୍କ ବାହାରକୁ ଆସି ଚନ୍ଦ୍ରଲେଖାକୁ ଅଭିବାଦନ ଜଣାଇଲା । ସେତେବେଳେ ମନୋରମ ଥିଲା ତା'ର ଭୂଷଣପରିପାଟୀ ।

"କ'ଣ ଆଦେଶ ଦେବି !"

ଚନ୍ଦ୍ରଲେଖା ସ୍ୱାଭାବିକ ଏକ ମଧୁର ହାସ୍ୟ ଭିତରେ କହିଲା—"ରାଜଗୁପ୍ତଙ୍କ ସହିତ ମିଳନର ଆକାଂକ୍ଷା ଥିଲା, ମାତ୍ର ସେ ସମ୍ଭବତଃ ଅନୁପସ୍ଥିତ ।"

ଶ୍ୱେତାଙ୍କ ମଧ୍ୟ ହସି ହସି ଉତ୍ତର ଦେଲା—"ସ୍ୱାମିନୀଙ୍କର ଅନୁମାନ ଯଥାର୍ଥ ।"

"ମୁଁ ତାପରେ ଭାବିଲି, ଯାହାହେଉ ତୁମକୁ ସଙ୍ଗରେ ନେଇଯିବି ।"

"ଏ ଦାସ ପ୍ରତି ଏ ଅନୁଗ୍ରହ·····ମୁଁ ସର୍ବଦା ପ୍ରସ୍ତୁତ ।"

"ଏସବୁର ପ୍ରୟୋଜନ ନାହିଁ ଶ୍ୱେତାଙ୍କ !" ସେ ଘଡ଼ିଏ ନୀରବ ହେବା ପରେ କହିଲା—"ଆଜି ଚିତ୍ତ ସାମାନ୍ୟ ଉଚ୍ଚାଟ ମନେହେଲା । ତାକୁ ଆଜି ଏଇ ଜନରବ ଭ୍ରମଣରେ ହିଁ ଶାନ୍ତ କରିବାର ଇଚ୍ଛା କଲି । ତେଣୁ ଭ୍ରମଣ ଉଦ୍ଦେଶ୍ୟରେ ବାହାରିଥିଲି । ଯଦି ରାଜଗୁପ୍ତ ଉପସ୍ଥିତ ଥାଆନ୍ତେ, ତେବେ ତ କୁଶଳ ଥିଲା—ମାତ୍ର ଯାହା ହେଉ ତୁମେ ତ ଅଛ ।"

ତା'ପରେ ଶ୍ୱେତାଙ୍କ ଆପଣାର ରଥ ଆଡ଼କୁ ଅଗ୍ରସର ହେଲା; ମାତ୍ର ଚନ୍ଦ୍ରଲେଖା ହିଁ ଶ୍ୱେତାଙ୍କର କରଧାରଣପୂର୍ବକ ହଠାତ୍ ବାଧା ଦେଇ କହିଲା—

Digitized by srujanika@gmail.com

"ଶ୍ୱେତାଙ୍କ ! ତୁମକୁ ମୋର ସାଥିରେ ଏଇ ରଥରେ ହିଁ ଯିବାକୁ ହେବ ।"

ମନ୍ତ୍ରମୁଗ୍‌ଧବତ୍ ଶ୍ୱେତାଙ୍କ ଚିତ୍ରଲେଖାର ରଥ ଉପରକୁ ଉଠି ଆସିଲା । ରଥ ଧୀରେ ଧୀରେ ରାଜମାର୍ଗରେ ଅଗ୍ରସର ହେବାକୁ ଲାଗିଲା । ବାଗ୍‌ଡୋର ଶ୍ୱେତାଙ୍କର ହାତରେ ଥିଲା; ମାତ୍ର ରାଜମାର୍ଗରେ ଉପସ୍ଥିତ ହେବା ସଙ୍ଗେ ସଙ୍ଗେ ଚିତ୍ରଲେଖା ତାହା ଆପଣା ହାତକୁ ନେଲା । ଅଶ୍ୱ ଯୁଗଳ କମ୍ପନ ଅନୁଭବ କଲେ ଯେପରି । ଗର୍ବରେ ମସ୍ତକ ଉତ୍ତୋଳନ ପୂର୍ବକ ରାଜମାର୍ଗରେ ପ୍ରବେଶ କଲେ । ସେମାନଙ୍କୁ ସମ୍ଭବତଃ ଏହା ବିଦିତ ହୋଇଯାଇଥିଲା ଯେ ସେମାନଙ୍କର ବାଗ୍‌ଡୋର ସେଇ ସୁନ୍ଦରୀର ହାତରେ ଅଛି, ଯେ ପାଟଳୀପୁତ୍ରର ପ୍ରତ୍ୟେକ ସାମନ୍ତକୁ ତା'ର ସଙ୍କେତରେ ନଚେଇ ପାରେ । ଚିତ୍ରଲେଖାର ରଥ ଦେଖି ମହାନ୍ ସାମନ୍ତଗଣଙ୍କର ରଥ ସ୍ୱଳ୍ପ ସମୟ ପାଇଁ ରୋକ ହୋଇ ଯାଉଥିଲା । ତାକୁ ସମସ୍ତେ ଅଭିବାଦନ ତଥା ପ୍ରଶଂସା କରୁଥିଲେ । କେତେକ ଶ୍ୱେତାଙ୍କକୁ ତା' ସହିତ ଦେଖି ବ୍ୟଙ୍ଗୋକ୍ତି କରୁଥିଲେ । ଚିତ୍ରଲେଖା କେବଳ ଏଥିରେ ହସୁଥିଲା । ସେ ସେଇ ବାକ୍ୟଗୁଡ଼ିକ ଉପରେ କୌଣସି ଧ୍ୟାନ ଦେଉ ନ ଥିଲା । କୌଣସି ଗୁରୁତ୍ୱ ବି ନ ଥିଲା ସେ ଉକ୍ତିରେ ।

ସେତେବେଳେ ଚିତ୍ରଲେଖା ସାମନ୍ତଗଣଙ୍କ ପାଖରୁ ମିଳିଥିବା ଉପହାରର ସୁଗନ୍ଧିତ ପୁଷ୍ପହାରର ଭାରାନୁଭବ କରୁଥିଲା । ପ୍ରତ୍ୟେକ ସାମନ୍ତଗଣ ତା' ଉପରକୁ ଏକ ଏକ ହାର ପକେଇ ଯାଉଥିଲେ........ ଚିତ୍ରଲେଖା ତାକୁ କେବଳ ଗ୍ରହଣ କରି ତାଙ୍କୁ କୃତାର୍ଥ କରି ଦେଉଥିଲା, ସତେ ଯେପରି ସମଗ୍ର ପାଟଳୀପୁତ୍ର ସେ ଅପରୂପା ସୁଷମାଶାଳିନୀର ସ୍ୱାଗତ କରୁଥିଲା ।

ଅନ୍ୟ ଦିଗରୁ ଆଉ ଏକ ରଥ ଆସି ଚିତ୍ରଲେଖାର ରଥ ପାଖରେ ଅଟକିଗଲା । ସେତେବେଳେ ଚିତ୍ରଲେଖା ଏକ ନବଯୁବକ ସହିତ ବାର୍ତ୍ତାଳାପ ମଗ୍ନା ଥିଲା । ଏଇ ରଥ ଅଟକିଯିବା ପରେ ତା'ର ଧ୍ୟାନ ଭଗ୍ନ ହେଲା ଯେପରି......ପାର୍ଶ୍ୱରେ ବୀଜଗୁପ୍ତ ହସୁଥିଲା ।

"ଚିତ୍ରଲେଖା ! ଆଜି ରାଜମାର୍ଗରେ ତୁମକୁ ଦେଖି ବିସ୍ମୟ ଲାଗୁଛି ।"

Digitized by srujanika@gmail.com

"ଠିକ୍ କଥା, ମୁଁ ମଧ୍ୟ ବିସ୍ମିତ । ଯେଣୁ ଆଜ ପ୍ରଥମ ବାର ଭବନରେ ମୋର ଉପସ୍ଥିତିରେ ତୁମର ଅନୁପସ୍ଥିତି ଅନୁଭବ କଲି ।"

ଉତ୍ତର ଓ ପ୍ରତ୍ୟୁତ୍ତର, ଉଭୟରେ ଗୂଢ଼ ରହସ୍ୟ ଥିଲା ଯେପରି ଏବଂ ଦୁହେଁ ମଧ୍ୟ ଯେପରି ଅର୍ଥ ବୁଝି ନେଇଥିଲେ । ଶ୍ୱେତାଙ୍କ ସେତେବେଳେ ରଥରୁ ଅବତରଣ କରି ସାରିଥିଲା । ହସି ହସି ବୀଜଗୁପ୍ତ କହିଲା —"ଆଜି ଚିତ୍ରଲେଖା ବୀଜଗୁପ୍ତର ଭବନକୁ ଆମନ୍ତ୍ରିତା । ସମ୍ଭବତଃ ନିମନ୍ତ୍ରଣ ଗ୍ରହଣୀୟ ହେବ ।"

ଚିତ୍ରଲେଖାକୁ ଏ ନିମନ୍ତ୍ରଣ ପ୍ରୀତା କଲା ।

"ସେତେବେଳେ ସଜ ନାଇଁ ଆସିଥିଲା । ରାଜମାର୍ଗରେ ମୌନ ଆଲୋକମାଳା ରବିର ସ୍ପର୍ଶରେ ହାସ୍ୟମୁଖର ହୋଇ ଉଠୁଥିଲା । ବୀଜଗୁପ୍ତ ଆପଣା ରଥରୁ ଓହ୍ଲାଇଆସି ଚିତ୍ରଲେଖାର ରଥାରୋହଣ କଲା । ସେ ବାଗ୍‌ଡୋର ଆପଣା ହାତକୁ ନେଲା ଓ ବୀଜଗୁପ୍ତର ରଥର ଦାୟିତ୍ୱ ନେଲା ଶ୍ୱେତାଙ୍କ ।

ଉଭୟ ରଥ ବୀଜଗୁପ୍ତର ଭବନ ସମୀପବର୍ତ୍ତୀ ହେଲା । ବୀଜଗୁପ୍ତ ହସି ହସି କହିଲା—"ବାସ୍ତବିକ ଚିତ୍ରଲେଖା, ତୁମର ଆସିବାବେଳେ ମୁଁ ଅନୁପସ୍ଥିତ ଥିବାରୁ ଆନ୍ତରିକ ଦୁଃଖିତ ।"

"ଦୁଃଖିତ ହେବାର କ'ଣ ଅଛି ?"—ଚିତ୍ରଲେଖା ହସିଲା । "ଦୋଷ ମୋର ସିନା ? କାରଣ ମୁଁ ଏପରି ଏକ ସମୟରେ ତୁମ ଭବନରେ ଉପସ୍ଥିତ ହେଲି, ଯେଉଁବେଳେ କି ମୁଁ ପୂର୍ବରୁ କେବେ ଆସି ନାହିଁ । ତେବେ ତୁମର ଅନୁପସ୍ଥିତ ଥିବାରେ ଅସ୍ୱାଭାବିକତା କ'ଣ ଅଛି ?"

ଚିତ୍ରଲେଖା ମୌନ ଥିଲା । ବୀଜଗୁପ୍ତ ମଧ୍ୟ ନୀରବ ଥିଲା । କିଛି ସମୟ ପାଇଁ ଉଭୟେ ନୀରବ ଥିଲେ । କିଛି ସମୟ ପରେ ବୀଜଗୁପ୍ତ ଆରମ୍ଭ କଲା—

"ଚିତ୍ରଲେଖା ! ତୁମେ ସମ୍ଭବତଃ ଅନୁଭବ କରୁଥିବ ଯେ ଅନେକ ଦିନ ହେଲା ମୋ ଚିତ୍ତ ଉଦ୍‌ବିଗ୍ନ ରହୁଛି । କାହିଁକି ? ଏହା ମୁଁ ସ୍ୱୟଂ ଜାଣେନା । ଗୋଟାଏ କଥା ପଚାରିବି ? ତୁମେ ଅନେକ ଦିନ ହେଲା ଆସି ନ ଥିବାର କାରଣ କ'ଣ ?"

Digitized by srujanika@gmail.com

"ଅଗ୍ନିବାର ଇଚ୍ଛା ନ ଥିଲା ।"— ଚନ୍ଦ୍ରଲେଖା ଗମ୍ଭୀରଭାବରେ ଉତ୍ତର ଦେଲା ।

ରାଜଗୁପ୍ତ ଏପରି ଏକ ଉତ୍ତରର ଆଶା କରି ନ ଥିଲା । ସେ ଭାବୁଥିଲା ଚନ୍ଦ୍ରଲେଖା କୌଣସି ନା କୌଣସି ଏକ କାରଣ କହିବ ନିଶ୍ଚୟ । ମାତ୍ର ଏପରି ସ୍ପଷ୍ଟ ତଥା ସ୍ୱଚ୍ଛ କଥାରେ ସେ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ କ୍ଷୁବ୍ଧ ହୋଇଥିଲା । ନିଜ ଉପରେ କ୍ଷୁବ୍ଧ ହେବା ସଙ୍ଗେ ସଙ୍ଗେ ସେ ଚନ୍ଦ୍ରଲେଖା ଉପରେ ମଧ୍ୟ କ୍ରୋଧିତ ହେଉଥିଲା । ସେ କହିଲା—

"ତୁମେ ଆସିପାରିଲନି ଚନ୍ଦ୍ରଲେଖା ! ମାତ୍ର ମୁଁ ତା'ର କାରଣ ଜାଣିବାକୁ ନିଜକୁ ଏକ ଅଧିକାରୀ ବୋଲି ଭାବିପାରେଁ କି ?"

ଚନ୍ଦ୍ରଲେଖା ରାଜଗୁପ୍ତଙ୍କୁ ନିରେଖି ଦେଖୁଥିଲା । ତା'ର ସେହି ଆଖିରେ ଦୃଢ଼ତା ତଥା ଗମ୍ଭୀରତା ଉଭୟ ଥିଲା—କ୍ରୋଧର ରୂପ ତଥା ସ୍ୱାମୀତ୍ୱର ଗୁରୁତ୍ୱ ମଧ୍ୟ ଥିଲା । ଚନ୍ଦ୍ରଲେଖାର ମୁଖମଣ୍ଡଳ ରକ୍ତାଭ ହୋଇ ଯାଉଥିଲା । ତେବେ ମଧ୍ୟ ସେ ତାର ମନୋଭାବ ଗୋପନ ରଖି କହିଲା—

"ଅଧିକାରୀ ! ବିଚିତ୍ର କଥା, ଏକ ମନୁଷ୍ୟ ଉପରେ ଅପର ଏକ ମନୁଷ୍ୟର ଅଧିକାର, ଏ ମୋର ଅତ୍ୟନ୍ତ ଦୁର୍ବୋଧ । ତେବେ ମଧ୍ୟ ତୁମେ ଯେତେବେଳେ କାରଣ ଚାହଁନ୍ତ, ତେବେ ଶୁଣ—ଏ କେତେ ଦିନ ମୋର ଅନ୍ତରର କପୂତ୍ ଅଂଶ ସାମାନ୍ୟ ଉଦ୍‌ବିଗ୍ନ ଥିଲା ଓ ସେ ଉଦ୍‌ବିଗ୍ନତାରେ ମୁଁ ନିଜେ ନିଜକୁ ସତେ ଯେପରି ଭୁଲି ଯାଇଥିଲି ।"

ସେତେବେଳେ ରଥ ଯୁଗଳ ରାଜଗୁପ୍ତର ଭବନ ଆଗରେ ସ୍ଥିର ହେଉଥିଲେ । ଶ୍ୱେତାଙ୍କ ରଥରୁ ଅବତରଣ କରି ରାଜଗୁପ୍ତ ଓ ଚନ୍ଦ୍ରଲେଖାଙ୍କୁ ଅଭିବାଦନ ସହିତ ଅବତରଣ କରାଉଥିଲା । ତିନିହେଁ କେଳୀଭବନରେ ପ୍ରବେଶ କଲେ । ତା'ପରେ ସେମାନଙ୍କୁ ଏକାନ୍ତରେ ଛାଡ଼ି ଶ୍ୱେତାଙ୍କ ସେଠାରୁ ଚାଲିଯିବାକୁ ଇଚ୍ଛା କରିଥିଲା ସମ୍ଭବତଃ; ମାତ୍ର ଶ୍ୱେତାଙ୍କକୁ ଯାଉଥିବା ଦେଖି ରାଜଗୁପ୍ତ କହିଲା

"ଶ୍ୱେତାଙ୍କ ! ତୁମର ଯିବାର କୌଣସି ଆବଶ୍ୟକତା ନାହିଁ ।"

Digitized by srujanika@gmail.com

କିନ୍ତୁ ଚନ୍ଦ୍ରଲେଖା କହିଲା—"ନା, ଶ୍ୱେତାଙ୍କର ଏଠାରେ କୌଣସି ଆବଶ୍ୟକତା ନାହିଁ।........"

"ଏବଂ ତା'ର ଉପସ୍ଥିତି ହାସ୍ୟକାରକ ନୁହେଁ" ବୀଜଗୁପ୍ତ ମନ୍ତବ୍ୟ ଦେଲା। ..."ବରଂ ସେଥିରେ ତା'ର ଲାଭ ଅନେକ,....ଏ ଅନୁସନ୍ଧାନ ବ୍ୟକ୍ତି କିପରି ଅନୁଭବ ନ କରିବ ?" ଶ୍ୱେତାଙ୍କ ଅଙ୍କ ଗଲା, ବୀଜଗୁପ୍ତ ତାଙ୍କୁ ମଦିରା ପରିବେଷଣ ନିମିତ୍ତ ସଙ୍କେତ ଦେଲା।

ଏ କାର୍ଯ୍ୟ ତା'ର ଅଭ୍ୟାସଗତ ହୋଇ ଯାଇଥିଲା—ସେ ଏ ଉଭୟଙ୍କୁ ସନ୍ତୁଷ୍ଟ କରିବାର ଆପଣାର ସନ୍ତୋଷ ଅନ୍ତରେ ପରେ ସାମାନ୍ୟ ଦୂରରେ ଆସନ ଗ୍ରହଣ କଲା।

କିଛି ସମୟ ପରେ ବୀଜଗୁପ୍ତ କହିଲା—

"ଚନ୍ଦ୍ରଲେଖା ! ତୁମେ କହୁଥିଲ—ତୁମେ ଏତେ ଉଦ୍‌ବିଗ୍ନ ଥିଲ ଯେ ସ୍ୱୟଂ ନିଜକୁ ପ୍ରାୟ ଭୁଲି ଯାଇଥିଲ। ତେବେ ସେ ଉଦ୍‌ବିଗ୍ନତାର କାରଣ ନିଶ୍ଚୟ ବିଚିତ୍ର !"

ଚନ୍ଦ୍ରଲେଖା ହସୁଥିଲା। ସେ ହସି ହସି କହିଲା—

"ତେବେ ମୋର ମନୋ-ପ୍ରବୃତ୍ତିର ଏକ ବିଶ୍ଳେଷଣ କରିବାକୁ ବୀଜଗୁପ୍ତ ବାଧ୍ୟ କରୁଛନ୍ତି ବୋଲି କ'ଣ ଧରିନେବି ?"

"ନା, ଚନ୍ଦ୍ରଲେଖା, ବାଧ୍ୟ ତ କରୁ ନାହିଁ—ବରଂ ପ୍ରାର୍ଥନା କରୁଛି।"

"ଯଦି ବୀଜଗୁପ୍ତ ପ୍ରାର୍ଥନା କରୁଛନ୍ତି, ତେବେ ତାଙ୍କୁ ବିଦିତ କରି-ଦେଉଛି କି ମୋ ଉଦ୍‌ବିଗ୍ନତା ଅସାଧାରଣ ଥିଲା ଓ ତା'ର କାରଣ ମଧ୍ୟ ସ୍ୱାଭାବିକ ଅସାଧାରଣ ! କିନ୍ତୁ ତା' ସଙ୍ଗେ ସଙ୍ଗେ ଚନ୍ଦ୍ରଲେଖା ମଧ୍ୟ ସେ ଉଦ୍‌ବିଗ୍ନତା ସମ୍ପର୍କରେ ଅଧିକ କହିବାକୁ ଅସମର୍ଥ।"

ବୀଜଗୁପ୍ତ ଶ୍ୱେତାଙ୍କୁ ଦେଖୁଥିଲା, ଶ୍ୱେତାଙ୍କ ଯେତେବେଳେ ମୌନ ରହି ସେମାନଙ୍କର ବାର୍ତ୍ତାଳାପ ଶୁଣୁଥିଲା।........"ଚନ୍ଦ୍ରଲେଖା ଅସମର୍ଥ"—ବୀଜଗୁପ୍ତ ଧୀରେ ଧୀରେ କହୁଥିଲା—

"ଚନ୍ଦ୍ରଲେଖା ! ଆଜି ଆମର ମିଳନ ପରେ ଏହା ହିଁ ପ୍ରଥମ ଅବସର ଯେତେବେଳେ କି ତୁମେ ମୋ ପାଖରେ କିଛି ଗୋପନ ରଖୁଛ। ତୁମ ହୃଦୟରେ ପରିବର୍ତ୍ତନ ଆସିଛି, ଏହା ଯେପରି ମୋର ଅନୁଭବ।"

Digitized by srujanika@gmail.com

ବୀଜଗୁପ୍ତ କପାଳରେ ଚୁମ୍ବନ ଦେଉଁ ଦେଉଁ ଚିତ୍ରଲେଖା କହିଲା--
"ଏ ପରିବର୍ତ୍ତନଶୀଳ ପୃଥିବୀରେ କୌଣସି ଏକ ବସ୍ତୁର ପରିବର୍ତ୍ତନରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଆଉ ମଧ୍ୟ ଅସ୍ୱାଭାବିକତା କ'ଣ ଅଛି ?"

ବୀଜଗୁପ୍ତ ସ୍ତବ୍ଧ ଥିଲା । ସେ ଏ ଉତ୍ତର ପାଇଁ ଆଦୌ ପ୍ରସ୍ତୁତ ନ ଥିଲା । ସେ ପ୍ରଶ୍ନ କଲା—

"କ'ଣ ! ଏ ପରିବର୍ତ୍ତନଶୀଳ ସଂସାରରେ କୌଣସି କୌଣସି ବସ୍ତୁର ପରିବର୍ତ୍ତିତ ହେବାରେ କୌଣସି ଅସ୍ୱାଭାବିକତା ନାହିଁ ? ତେବେ ମୁଁ କ'ଣ ଭାବିପାରେ କି, ଚିତ୍ରଲେଖାର ପ୍ରଣୟ ବି ପରିବର୍ତ୍ତନଶୀଳ ।"

ଚିତ୍ରଲେଖା ଯାହା କହି ସାରିଥିଲା, ସେଥିପାଇଁ ସେ ସ୍ୱୟଂ ପଶ୍ଚାତ୍ତାପ କରୁଥିଲା - ବିନା ବିଚାରରେ ପରିଣାମ ଉପରେ ଧ୍ୟାନ ନ ଦେଇ ଆବେଶରେ ସେ ତାହା କହି ଦେଇଥିଲା । ସେ ଆଦୌ ଭାବି ପାରି ନ ଥିଲା ଯେ ଏପରି ଏକ କଥାରୁ ଏପରି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନର ସମ୍ଭବ ହେବ । ସେ ସାହସର ସହିତ କହିଲା—

"ନା, ବୀଜଗୁପ୍ତ, ତୁମର ଅନୁମାନ ମିଥ୍ୟା । ଚିତ୍ରଲେଖାର ପ୍ରଣୟ ସାଗର ପରି ଗମ୍ଭୀର— ତା'ର ପରିବର୍ତ୍ତନ ଅସମ୍ଭବ । ମାତ୍ର ମୁଁ ଏହା ସ୍ୱୀକାର କରେ ଯେ ପ୍ରେମ ମଧ୍ୟ ପରିବର୍ତ୍ତନଶୀଳ, ପ୍ରକୃତିର ନିୟମ ହିଁ ପରିବର୍ତ୍ତନଶୀଳ ଓ ପ୍ରେମ ସେଇ ପ୍ରକୃତିର ଏକ ଅଂଶ ।"

କଷ୍ଟ ହୋଇଥିଲେ ମଧ୍ୟ ଚିତ୍ରଲେଖା ଯାହା କହିଥିଲା ତାହା ଅନେକାଂଶରେ ସତ୍ୟ ଥିଲା । ବୀଜଗୁପ୍ତ ତାହା ଅନୁଭବ କରିଥିଲା । କଥାଟା ସତ ଏବଂ କହିବାର ଉପଯୁକ୍ତ ସମୟ ମଧ୍ୟ ଥିଲା ଓ କଥାର ପ୍ରସଙ୍ଗ ମଧ୍ୟ ସମୟୋଚିତ ଥିଲା । ବୀଜଗୁପ୍ତ ଆହୁରି ଅନୁଭବ କରୁଥିଲା— ଚିତ୍ରଲେଖା ଯେପରି ତା'ଠାରୁ ଅନେକ ଦୂରକୁ ଚାଲିଯାଉଛି ଓ ସେ ଧୀରେ ଧୀରେ ଚିତ୍ରଲେଖା ପାଖରୁ ଅପସରି ଯାଉଛି । ଏକ ଅଜ୍ଞାତ ଶକ୍ତି ଅଥବା ପ୍ରେରଣା ଯେପରି ତାଙ୍କ ଦୁହିଁଙ୍କ ମଝିରେ ଏକ ପ୍ରାଚୀର ସମ ଦଣ୍ଡାୟମାନ ।

"ଚିତ୍ରଲେଖା ! ତୁମେ ଭୁଲିଯାଉଛ ଯେ ପ୍ରେମର ସମ୍ବନ୍ଧ ଆତ୍ମା ସହିତ, ପ୍ରକୃତି ସହିତ ନୁହେଁ । ଯେଉଁ ବସ୍ତୁର ସମ୍ବନ୍ଧ ପ୍ରକୃତି ସହିତ, ତାହା

Digitized by srujanika@gmail.com

ବାସନା । କାରଣ ବାସନାର ସମ୍ବନ୍ଧ ଅଛି ବାହ୍ୟରେ । ବାସନାର ଲକ୍ଷ୍ୟ ସେଇ ଶରୀର ଯାହା ଉପରେ ପ୍ରକୃତି କୃପାପରବଶ ହୋଇ ତା'କୁ ସୁନ୍ଦର କରିଛି । ତେଣୁ ଆତ୍ମାର ସହିତ ହୋଇଥାଏ, ଶରୀର ସହିତ ନୁହେଁ । ପରିବର୍ତ୍ତନ ପ୍ରକୃତିର ନିୟମ ମାତ୍ର ଆତ୍ମାର ନିୟମ ନୁହେଁ । ଆତ୍ମାର ସମ୍ବଳ ମୃତ୍ୟୁଂଜୟୀ—ଚିରନ୍ତନ ଅମର !"

"ଆତ୍ମାର ସମ୍ବନ୍ଧ ଅମର !"......ଚିତ୍ରଲେଖା ହସିଉଠିଲା । ସେ କହିଲା "ତୁମେ ବଡ଼ ବିଚିତ୍ର କଥା କହୁଛ ବୀଜଗୁପ୍ତ ! ଯେ ଜନ୍ମ ନିଏ, ତା'ର ମରଣ ସୁନିଶ୍ଚିତ । ଯଦି କେହି ଅମର ହୋଇଥାଏ, ସେ ଅଜନ୍ମା ନିଶ୍ଚୟ । ଯେଉଁଠାରେ ସୃଷ୍ଟି ଅଛି, ସେଠାରେ ପ୍ରଳୟ ନିଶ୍ଚୟ ରହିଛି । ଆତ୍ମା ଅଜନ୍ମା, ସେ ସେଇ ହେତୁରୁ ଅମର; ମାତ୍ର ପ୍ରେମ ତ ଅଜନ୍ମା ନୁହେଁ ? କୌଣସି ବ୍ୟକ୍ତି ସହିତ ପ୍ରଣୟ ହେବା ସଙ୍ଗେ ସଙ୍ଗେ ପ୍ରେମର ଜନ୍ମ ହୁଏ । ସମ୍ବନ୍ଧ ହେବାର ଅର୍ଥ ହିଁ ସମ୍ବନ୍ଧର ଜନ୍ମ ହେବା । ସେ ସମ୍ବନ୍ଧ ଅନନ୍ତ ନୁହେଁ । କେବେ ନା କେବେ ସେ ସମ୍ବନ୍ଧର ଅନ୍ତ ସୁନିଶ୍ଚିତ । ପ୍ରେମ ଓ ବାସନା ଭିତରେ ପାର୍ଥକ୍ୟ କେବଳ ଏତିକି ଯେ ବାସନା ଏକ ପାଗଳାମୀ ଓ କ୍ଷଣିକ । ଏଣୁ ବାସନା ପାଗଳାମୀ ସହିତ ହିଁ ଦୂର ହୋଇଯାଏ; କିନ୍ତୁ ପ୍ରେମ ଗମ୍ଭୀର, ତା'ର ଅସ୍ତିତ୍ୱ ଶୀଘ୍ର ଲିଭିଯାଏନି । ଆତ୍ମାର ସମ୍ବନ୍ଧ ଅନାଦି ନୁହେଁ ।"

ବୀଜଗୁପ୍ତ ଅନୁଭବ କଲା ସତେ ଯେପରି ଚିତ୍ରଲେଖାର ତର୍କଶକ୍ତି ଅନେକ ବଢ଼ିଯାଇଛି । ବୀଜଗୁପ୍ତ ବ୍ୟଥିତ ହେଉଥିଲା । ବାର ବାର ଏ ବିଫଳ ବାକ୍ୟାଳାପ ତାକୁ ଅସହ୍ୟ ମନେ ହେଉଥିଲା ।

"ତୁମେ ଯାହା କହୁଛ ତାହା ଠିକ୍ ହୋଇପାରେ । ମୁଁ ତା'ର ବିରୋଧ କରୁନି । ଏହା ତ ନିଜ ନିଜର ବିଶ୍ୱାସ । ମାତ୍ର ସମ୍ଭବତଃ ଏଠାରେ ଏହା କହିବା ଅନୁଚିତ ହେବ ନାହିଁ ଯେ ଉନ୍ମାଦ ଓ ଜ୍ଞାନ ମଧ୍ୟରେ ଯେ ପ୍ରଭେଦ ରହିଛି, ତାହା ହିଁ ବାସନା ଓ ପ୍ରେମର ପାର୍ଥକ୍ୟ । ଉନ୍ମାଦ ଅସ୍ଥାୟୀ, ମାତ୍ର ଜ୍ଞାନ ସ୍ଥାୟୀ । କିଛି କ୍ଷଣ ପାଇଁ ଜ୍ଞାନ ଲୋପ ହୋଇ ଯାଇପାରେ, ମାତ୍ର ସମ୍ପୂର୍ଣ୍ଣରୂପେ ନୁହେଁ । ଯେତେବେଳେ ପାଗଳାମୀର ପ୍ରହାର ପଡ଼େ, ସେତେବେଳେ ଜ୍ଞାନ ଧୀରେ ଧୀରେ ଲୋପ ହୋଇଯାଉଛି ବୋଲି ବିଦିତ ହୁଏ । ମାତ୍ର ଉନ୍ମାଦ ଅପଗତ ହେବା ପରେ ହିଁ ଜ୍ଞାନ ପୁନଃ ସ୍ପଷ୍ଟ

Digitized by srujanika@gmail.com

ହୋଇଉଠେ । ଯଦି ଜ୍ଞାନ ଅମର ନୁହେଁ, ତେବେ ପ୍ରେମ ମଧ୍ୟ ଅମର ନୁହେଁ । କିନ୍ତୁ ମୋର ମତ ଓ ବିଶ୍ୱାସ, ଜ୍ଞାନ ଅମର—ଈଶ୍ୱରଙ୍କର ଏକ ଅଂଶ ତଥା ପ୍ରେମ ମଧ୍ୟ ।"

ଚିତ୍ରଲେଖା ସେତେବେଳେ ଉପାଧାନର ଆଶ୍ରୟରେ ଶୋଇଥିଲା । ଅର୍ଦ୍ଧନିମିଳିତ ତା'ର ନୟନଯୁଗଳ ଅଚଞ୍ଚଳ ଥିଲେ । ମୁଖମଣ୍ଡଳରେ ତାର ଉନ୍ମାଦନା ସତତ ସେପରି ତରଙ୍ଗ ରଚୁଥିଲା । ସେ ହସି ହସି କହିଲା—

"ବୀଜଗୁପ୍ତ ! ତୁମେ ଠିକ୍ କହୁଛ । ମୁଁ ଭୁଲ କରୁଥିଲି । ମୁଁ ଭ୍ରମର ଆବରଣ ତଳେ ଆପଣାକୁ ମଧ୍ୟ ଭୁଲି ଯାଇଥିଲି ।······କ୍ଷମା ଗୃହ୍ଣ ହୁଁ ।"

ଏତିକ କହିସାରି ସେ ବୀଜଗୁପ୍ତକୁ ଆପଣାର ଭୁଜପାଶରେ ବନ୍ଦୀ କରି ରଖିଲା ।

ଶ୍ୱେତାଙ୍କ ଠିଆ ହୋଇଥିଲା । ସେ ତା'ର ଉପସ୍ଥିତି ଅନୁଚିତ ମନେ କରୁଥିଲା । ବୀଜଗୁପ୍ତ କହିଲା :—

"ତୁମେ ଯାଇପାର ଶ୍ୱେତାଙ୍କ !"

ନବମ ପରିଚ୍ଛେଦ—

ଆର୍ଯ୍ୟଶ୍ରେଷ୍ଠ ମୃତ୍ୟୁଞ୍ଜୟ ଜନ୍ମତଃ କ୍ଷତ୍ରିୟ ହେଲେ ମଧ୍ୟ କର୍ମତଃ ବ୍ରାହ୍ମଣ ଥିଲେ । ପାଟଳୀପୁତ୍ରର ଏହି ବୟୋବୃଦ୍ଧ ସାମନ୍ତଙ୍କ ଭବନରେ ଉଲ୍ଲାସ ଓ ବିଳାସ ପରିବର୍ତ୍ତେ ତ୍ୟାଗ ଓ ବୈରାଗ୍ୟର ଆଧିପତ୍ୟ ଥିଲା । ଲୋକେ ତାଙ୍କୁ ବିଦେହର ଉପମା ଦେଉଥିଲେ ଓ ସେହି ଉପମାର ଯୋଗ୍ୟ ମଧ୍ୟ ସେ ଥିଲେ । ସମସ୍ତ ନଗର ତାଙ୍କ ନାମ ସହିତ ପରିଚିତ ଥିଲା । ମୃତ୍ୟୁଞ୍ଜୟଙ୍କର ଭବନ କ୍ରୀଡ଼ା ଓ କୋଳାହଳପୂର୍ଣ୍ଣ ଜନରବ ନ ଥିଲା —ଥିଲା ଉପାସନା ଓ ଧ୍ୟାନ — ନିରନ୍ତର ଏକାନ୍ତ ।

ସେ ଏକାନ୍ତବାସୀ କ୍ଷତ୍ରିୟଙ୍କ ପାଖରେ ଧନ ଓ ଗୌରବ ଥିଲା । ନଗରୀର ପ୍ରମୁଖ ସାମନ୍ତମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ରାଜସଭାରେ ସାମନ୍ତଗଣଙ୍କ ମଧ୍ୟରେ ତାଙ୍କର ଆସନ ସର୍ବୋଚ୍ଚ ଥିଲା । ତାଙ୍କ ନାମ ଶୁଣି ଲୋକେ ଆଦର ଓ ଭକ୍ତିରେ ନତମସ୍ତକ ହେଉଥିଲେ । ଆର୍ଯ୍ୟଶ୍ରେଷ୍ଠ ମୃତ୍ୟୁଞ୍ଜୟଙ୍କର ସାଧନା ବିଶାଳ । ତାଙ୍କଠାରେ ଆତ୍ମିକ ବଳ ଓ ଆତ୍ମିକ ଜ୍ୟୋତି ଥିଲା ।

ମୃତ୍ୟୁଞ୍ଜୟ ପୁତ୍ରହୀନ । ତାଙ୍କର ଏକମାତ୍ର କନ୍ୟା ଯଶୋଧାରା । ତାକୁ ସେ ଅଗାଧ ସ୍ନେହ କରୁଥିଲେ । ସେତେବେଳେ ଯଶୋଧରାର ବୟସ ସମ୍ଭବତଃ ଅଷ୍ଟାଦଶ । ତା'ର ଯୌବନର ପୂର୍ଣ୍ଣ ବିକାଶ ସମୟ ଯେତେବେଳେ, ସେତେବେଳେ ମୃତ୍ୟୁଞ୍ଜୟଙ୍କର ନିର୍ବାଣର ସମୟ । ଅଗାଧ ସମ୍ପତ୍ତିର ସ୍ୱାମୀନୀ, 'ରୂପଗୁଣବିଭୂଷିତା ଯଶୋଧରାର ପାଣିଗ୍ରହଣ କରିବାକୁ ଯେ କେତେ ଯୁବକଙ୍କ ପକ୍ଷରେ ତତ୍ପର ହେବା ସ୍ୱାଭାବିକ । ସେ ସୁନ୍ଦରୀ, ତା'ର ଶାନ୍ତ

Digitized by srujanika@gmail.com

ସୁନ୍ଦର ମୁଖମଣ୍ଡଳରେ ସରଳତାର ଆଧିପତ୍ୟ ଥିଲା । ତା'ର ହାସ୍ୟର କମନୀୟ ଝଂକାର ତଳେ ଓ ଯୌବନ ପାଖରେ ପରାଜିତ ଶୈଶବ ଶରଣ ନେଇଥିଲା । କୁରଙ୍ଗୀ ସମ ତା'ର ସୁନ୍ଦର ଛଳଛଳ ଆଖିରେ ବ୍ରୀଡ଼ାର ସଂକୋଚ ତଥା ତା'ର ଅରୁଣ କପୋଳ ଉପରେ ଲଜ୍ଜାର ଲାବଣ୍ୟ ସ୍ପଷ୍ଟ ଥିଲା । ଯଶୋଧରା ଯୌବନ ସୁଧା ଓ ଉଲ୍ଲାସର ଏକ ସମ୍ମିଶ୍ରଣ ମାତ୍ର । ତା'ର ଦେହରେ ଗର୍ବର ଉଚ୍ଛୃଙ୍ଖଳତା ନ ଥିଲା । ସେ ଥିଲା ଲଜ୍ଜାସିକ୍ତା ଏକ ଶାନ୍ତ, ସରଳ, ମନୋଜ୍ଞ ପ୍ରତିମା ।

ବୃଦ୍ଧ ମୃତ୍ୟୁଞ୍ଜୟ ତାଙ୍କର ସେହି ସୁନ୍ଦରୀ ଗୁଣବତୀ କନ୍ୟା ପାଇଁ ପାତ୍ର ଖୋଜୁଥିଲେ । ଏକାଏକ ବୀଜଗୁପ୍ତ ତାଙ୍କର ସ୍ମରଣକୁ ଆସୁଥିଲା । ବୀଜଗୁପ୍ତ ଅବଧି ଅବିବାହିତ ଥିଲା ଏବଂ ସେ ଉଚ୍ଚ କୁଳର ସାମନ୍ତ ନବ ଯୁବକ । ମୃତ୍ୟୁଞ୍ଜୟଙ୍କର ହିତୈଷୀଗଣଙ୍କ ମଧ୍ୟରେ ଏପରି ବ୍ୟକ୍ତି ମଧ୍ୟ ଥିଲେ ଯେଉଁମାନଙ୍କର ଅନ୍ତରତଳେ ଯଶୋଧରାକୁ ଆପଣାର ପୁତ୍ରବଧୂରୂପେ ପାଇବାର ଲାଳସା ପ୍ରବଳ ଥିଲା । ସେମାନେ ଥରେ ନୁହେଁ, ଅନେକ ଥର ତାଙ୍କୁ ଚିତ୍ରଲେଖା ଓ ବୀଜଗୁପ୍ତ ବିଷୟ ନେଇ କହିଛନ୍ତି; ମାତ୍ର ଅନୁଭବୀ ମୃତ୍ୟୁଞ୍ଜୟ ସଦୈବ ଏହି ଉତ୍ତର ହିଁ ଦେଇଛନ୍ତି—

"ଏହା ବୀଜଗୁପ୍ତଙ୍କର ଉନ୍ମାଦନାର ସମୟ । ଭବିଷ୍ୟତ ଅଦ୍ଭୁତ ବିରାଟ । ତା'ପରେ ବୀଜଗୁପ୍ତ ଉଚ୍ଚଶିକ୍ଷିତ ଓ ସେ ବର୍ତ୍ତମାନ ଅନୁଭୂତି ଗ୍ରହଣ କରୁଛନ୍ତି ।"

ଯଶୋଧରାର ଜନ୍ମୋତ୍ସବ ଉପଲକ୍ଷେ ବୀଜଗୁପ୍ତକୁ ମୃତ୍ୟୁଞ୍ଜୟଙ୍କ ଘରେ ଆମନ୍ତ୍ରଣ ଥିଲା । ବୀଜଗୁପ୍ତ ଅତୀତରେ ଏକ ବାଳିକା ରୂପରେ ଯଶୋଧରାକୁ ଥରେ ଦୁଇ ଥର ଦେଖିଥିଲା । ମୃତ୍ୟୁଞ୍ଜୟଙ୍କ ସହିତ ମଧ୍ୟ ତା'ର ବିଶେଷ ପରିଚୟ ନଥିଲା । ସେଦିନ ସେ ମୃତ୍ୟୁଞ୍ଜୟଙ୍କ ପାଖରୁ ନିମନ୍ତ୍ରଣ ପାଇ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲା ନିଶ୍ଚୟ । କିନ୍ତୁ ତା'ର ଆଶ୍ଚର୍ଯ୍ୟ ସୀମା ଲଂଘନ କରିଥିଲା, ଯେହେତୁ ସେ ଚିତ୍ରଲେଖା ସହ ମିଳିତ ଭାବରେ ଆମନ୍ତ୍ରିତ ହୋଇଥିଲା ।

ବୀଜଗୁପ୍ତ ଚିତ୍ରଲେଖାକୁ କହିଲା—

"ଚିତ୍ରଲେଖା ! ତୁମେ ବୟୋବୃଦ୍ଧ ମୃତ୍ୟୁଞ୍ଜୟଙ୍କୁ ଜାଣ ?"

"ହଁ ।"

Digitized by srujanika@gmail.com

"ଆଉ ସମ୍ଭବତଃ ତାଙ୍କର କନ୍ୟା ଯଶୋଧରା...... ।"

"ହଁ ତାଙ୍କୁ ମଧ୍ୟ ଦେଖିଛି ଥରେ ଦୁ' ଥର ।"

"ଆଜି ମୁଁ ଯଶୋଧରାର ଜନ୍ମୋତ୍ସବ ଉପଲକ୍ଷେ ଏକ ଉତ୍ସବକୁ ଆମନ୍ତ୍ରିତ ହୋଇଛି । ମୃତ୍ୟୁଞ୍ଜୟଙ୍କ ସହିତ ମୋର ସେମିତି ବିଶେଷ କିଛି ପରିଚୟ ନାହିଁ । ତେଣୁ ତାଙ୍କଠାରୁ ଏପରି ଏକ ନିମନ୍ତ୍ରଣ ପାଇବା ତ ଆଶ୍ଚର୍ଯ୍ୟର କଥା ନିଶ୍ଚୟ । ମାତ୍ର ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ କଥା ଏହା ଯେ ତୁମେ ମଧ୍ୟ ନିମନ୍ତ୍ରିତା ହୋଇଛ ଓ ତାହା ମଧ୍ୟ ମିଳିତଭାବରେ ।

"ଏହାର ଅର୍ଥ ହେଲା ଯେ ମୋର ସେଠାକୁ ଯିବା ଅନୁଚିତ ।"

"ନୁହେଁ ଚନ୍ଦ୍ରଲେଖା ! ତୁମକୁ ମୋର ସାଙ୍ଗରେ ହିଁ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ ମିଳିଛି । ତା' ମାନେ ସମାଜ ତୁମର ଓ ମୋର ସମ୍ବନ୍ଧକୁ ପବିତ୍ର ଭାବୁଛି ।"

ଚନ୍ଦ୍ରଲେଖା କିଛି ସମୟ ନୀରବ ରହି କହିଲା—"ଗୀଜଗୁପ୍ତ ! ମୁଁ ଉଚ୍ଚକୁଳର କୌଣସି ଉତ୍ସବରେ ନର୍ତ୍ତକୀ ଭାବରେ ଯୋଗ ଦେବାରେ ହିଁ ଅଭ୍ୟସ୍ତା; ଏଣୁ ସେଠା'ରେ ଉପସ୍ଥିତା କୁଳୀନ ମହିଳାଗଣ ମୋତେ ଅପମାନିତ କରିବା ଅସମ୍ଭବ କ'ଣ ? ଯଦି ଏପରି ଏକ ପରିସ୍ଥିତି ଉତ୍ପନ୍ନ ହୁଏ, ସେତେବେଳେ କ'ଣ କରିବାକୁ ହେବ ?"

ଗୀଜଗୁପ୍ତ ହସି ହସି କହିଲା—"ଅସମ୍ଭବ ଚନ୍ଦ୍ରଲେଖା ! ମୋର ସହଗାମିନୀକୁ ଅପମାନିତ କରିବାର ସାହାସ କେହି ହେଲେ କରିବ ନାହିଁ ।" ସେ ଚନ୍ଦ୍ରଲେଖାଠାରୁ ଉତ୍ତର ଅପେକ୍ଷା ନ କରି ଶ୍ୱେତାଙ୍କୁ ଡାକିଲା ।

ଶ୍ୱେତାଙ୍କ ସାଥିରେ ଦୁହେଁ ବାହାରକୁ ଆସିଲେ । ଗୀଜଗୁପ୍ତ ଓ ଚନ୍ଦ୍ରଲେଖା ରଥାରୂଢ଼ ହେଲେ । ଆପଣା ହାତରେ ବାଗ୍‌ଡ଼ୋର ନେଇ ଆସୀନ ହେଲା ଶ୍ୱେତାଙ୍କ ।

ନିର୍ଦ୍ଧାରିତ ସମୟରେ ଆମନ୍ତ୍ରିତ ଅତିଥିଗଣ ମୃତ୍ୟୁଞ୍ଜୟଙ୍କ ଭବନରେ ଉପସ୍ଥିତ ହୋଇଥିଲେ । ପ୍ରହରୀ ଉଚ୍ଚସ୍ୱରରେ ମହାସାମନ୍ତ ଗୀଜଗୁପ୍ତଙ୍କର ଆଗମନ ଘୋଷଣା କଲା । ଯଶୋଧାରା ସାଥିରେ ମୃତ୍ୟୁଞ୍ଜୟ ସେମାନଙ୍କୁ ଅଭିନନ୍ଦିତ କରିବାକୁ ସହସା ବାହାରିଆସିଲେ । ମୃତ୍ୟୁଞ୍ଜୟ

Digitized by srujanika@gmail.com

ରାଜଗୁପ୍ତର ଓ ଯଶୋଧରା ଚନ୍ଦ୍ରଲେଖାର ସ୍ୱାଗତ କଲେ । ଶ୍ୱେତାଙ୍କ ଏ ବେନଙ୍କର ଅନୁସରଣ କଲା ।

ଦ୍ୱାର ଅତିକ୍ରମ କରିବା ପରେ ପରେ ସମସ୍ତେ ନୃତ୍ୟଭବନରେ ଉପସ୍ଥିତ ହେଲେ । ପାଟଳୀପୁତ୍ରର ପ୍ରାୟ ସମସ୍ତ ପ୍ରଭାବଶାଳୀ ବ୍ୟକ୍ତି ଉପସ୍ଥିତ ଥିଲେ । ସମସ୍ତେ ଚନ୍ଦ୍ରଲେଖା ଓ ରାଜଗୁପ୍ତର ଆଗମନରେ ହର୍ଷଧ୍ୱନି କଲେ । ଚନ୍ଦ୍ରଲେଖା ଯଶୋଧରା ସହିତ ଚାଲିଗଲା । ରାଜଗୁପ୍ତ ମୃତ୍ୟୁଞ୍ଜୟଙ୍କ ସହିତ ଆସନ ଗ୍ରହଣ କଲା ।

ଯଶୋଧାରାକୁ ଦେଖି ଚନ୍ଦ୍ରଲେଖା ଚକିତ ହେଲା । ଅବଧି ତାଁର ସୌନ୍ଦର୍ଯ୍ୟ ପ୍ରତି ତା'ର ଗର୍ବ ତଥା ଆତ୍ମବିଶ୍ୱାସ ଥିଲା । କିନ୍ତୁ ଯଶୋଧାରା ...... । ଯଶୋଧରା ଚନ୍ଦ୍ରଲେଖାକୁ ଆଦରପୂର୍ବକ ଆସନ ଗ୍ରହଣ କରିବାକୁ ଅନୁରୋଧ କଲା ଓ ନିଜେ ତା'ର ପାଖରେ ହିଁ ବସିଲା । ଯଶୋଧରାକୁ ଚନ୍ଦ୍ରଲେଖା ସହିତ ବସିଥିବା ଦେଖି ଓ ତା'ର ସବିଶେଷ ଆଦର ଯତ୍ନ ଦେଖି ଅନେକଙ୍କୁ ତାହା ଖରାପ ବି ଲାଗି ଥାଇପାରେ ।

ଆପଣାର ବାଲ୍ୟାବସ୍ଥାରେ ଯଶୋଧାରା ଚନ୍ଦ୍ରଲେଖାର ନୃତ୍ୟ ଦେଖିଥିଲା ଓ ସେ ନୃତ୍ୟ ତାକୁ ପ୍ରଭାବିତ କରିଥିଲା ମଧ୍ୟ । ପିତାଙ୍କର ଆଦେଶ ଥିଲା ବିଶେଷଭାବେ ଚନ୍ଦ୍ରଲେଖାର ଯତ୍ନ ନେବାପାଇଁ ।

ଚନ୍ଦ୍ରଲେଖାକୁ ଘେରି ଅନେକ ଯୁବତୀ ମଧ୍ୟ ଥିଲେ । କେତେକ ହସୁଥିଲେ ଓ କେତେକ ବ୍ୟଙ୍ଗୋକ୍ତି କରୁଥିଲେ । ମାତ୍ର ଚନ୍ଦ୍ରଲେଖା ଏ ସବୁରେ ଆଦୌ ଦୁଃଖିତା ହେଉ ନ ଥିଲା । ସେ ତା'ର ସ୍ଥିତି ଅତି ଭଲ ଭାବରେ ବୁଝିଥିଲା । ପାର୍ଶ୍ୱସ୍ଥିତା ଏକ ପ୍ରଭାବଶାଳୀ ସାମନ୍ତଙ୍କର ସ୍ତ୍ରୀ କହିଲା—

"ଆଜି ନର୍ତ୍ତକୀ ଚନ୍ଦ୍ରଲେଖା ଆମର ସମକକ୍ଷ ହୋଇ ଆମର ଗହଣକୁ ଆସିବା ଉପଲକ୍ଷେ ମୁଁ ଅଭିନନ୍ଦନ ଜଣାଉଛି ।"

ଏ ଉକ୍ତି ଯେତେ କଟୁ ଥିଲା, ଚନ୍ଦ୍ରଲେଖାର ଉତ୍ତର ତା'ଠାରୁ ଅଧିକ କଟୁ ଥିଲା ।

"ଆପଣାର ସୌନ୍ଦର୍ଯ୍ୟ ବଳରେ ନିଜର ସ୍ୱାଗତ କରାଇବା ପାଇଁ ଅଭିମାନିନୀ ସ୍ତ୍ରୀଙ୍କୁ ତାହା ବାଧ କରୁଥିବା ହେତୁ, ସେହିପରି ସ୍ୱାଗତର କୌଣସି ଆବଶ୍ୟକତା ନାହିଁ ।"

Digitized by srujanika@gmail.com

ଏ କଥାର ସତ୍ୟତା ଏତେ ଥିଲା ଯେ ତା'ର ପ୍ରଭାବ ସମବେତ ପୁରୁଷମାନଙ୍କ ଉପରେ ମଧ୍ୟ ପଡ଼ୁଥିଲା । ରାଜଗୁପ୍ତ ବିଶେଷଭାବେ ସେଇ ଆଡ଼କୁ ଆକର୍ଷିତ ହୋଇଥିଲା । ଚନ୍ଦ୍ରଲେଖା ଅପମାନିତା ହେବାର ସମ୍ଭାବନା ରହିଛି, ଏହା ତା'ର ଭୟ ଥିଲା । ଏଣୁ ତାହା ତା'ର ଭୟକୁ ଦ୍ୱିଗୁଣିତ କରୁଥିଲା ।

"କଥା କ'ଣ ?"

ଚନ୍ଦ୍ରଲେଖାର କ୍ରୋଧରେ ଆରକ୍ତ ମୁଖମଣ୍ଡଳ ଶାନ୍ତ ହୋଇଗଲା ।

"କିଛି ନୁହେଁ, ସେପରି ଏକ ପରିହାସ ।"—ସେତେବେଳେ ଚନ୍ଦ୍ରଲେଖା ହସୁଥିଲା ।

ଯଶୋଧାର ତା'ର ଏ ଅପୂର୍ବ ପରିବର୍ତ୍ତନଶୈଳୀରେ ମୁଗ୍ଧ ହେଉଥିଲା । ରାଜଗୁପ୍ତ ଯିବା ପରେ ପରେ ସେ ଚନ୍ଦ୍ରଲେଖା ଉଦ୍ଦେଶ୍ୟରେ କହିଲା—

"ଭଗିନୀ ! ତୁମେ ବ୍ୟବହାରରେ ଅତି କୁଶଳା ।"

"ସେଇ ହେତୁରୁ ମୁଁ ପ୍ରଭାବଶାଳିନୀ !"—ଚନ୍ଦ୍ରଲେଖା ହସିଉଠିଲା ।

ଚନ୍ଦ୍ରଲେଖାର ହାସ୍ୟଧ୍ୱନି ଝଂକୃତ ହୋଇ ଉଠୁଥିଲା । ନବଯୁବକମାନଙ୍କର ଦୃଷ୍ଟି ତଥା ମାନସ ଆକର୍ଷଣ କରୁଥିଲା ସେଇ ହସ । ସେତେବେଳେ ନବଯୁବକ ସାମନ୍ତଗଣ ରାଜଗୁପ୍ତ ଆଗରେ ସଙ୍ଗୀତ ଗାନର ପ୍ରସ୍ତାବ କରୁଥାନ୍ତି । ରାଜଗୁପ୍ତ ସେମାନଙ୍କ ଅନୁରୋଧ ଏଡ଼ି ପାରୁ ନ ଥିଲା ।

ସେ ବୀଣା ନେଇ 'ବାଗେଶ୍ରୀ'ର ଆଳାପ ଦେଲା । ନିସ୍ତବ୍ଧ ବାତାବରଣ······ମନ୍ତ୍ରମୁଗ୍ଧ ସମବେତ ଶ୍ରୋତାକୁଳ । ସୁମଧୁର ତା'ର କଣ୍ଠର ତରଙ୍ଗ ପବନ ଦେହରେ ତରଙ୍ଗ ରଚି ଲୀନ ହୋଇ ଯାଉଥିଲା । ହର୍ଷଧ୍ୱନିରେ ମୁଖରିତ ହୋଇ ଉଠୁଥିଲା ପ୍ରକୋଷ୍ଠଟିର ବାତାବରଣ ।

ତା'ପରେ ସ୍ୱୟଂ ବୀଣା ନେଇ ମୃତ୍ୟୁଞ୍ଜୟ ଯଶୋଧାରକୁ ସଙ୍କେତ ଦେଲେ । ଯଶୋଧାରର କୋମଳ କଣ୍ଠରେ ମଧ୍ୟ 'ବାଗେଶ୍ରୀ'ର କୋମଳ ଝଂକାର ଝଂକୃତ ହୋଇ ଉଠିଥିଲା·········

ମନ୍ତବ୍ୟ ହେଲା ରାଜଗୁପ୍ତର କଣ୍ଠଲାଳିତ୍ୟ ମଧୁର । ଚନ୍ଦ୍ରଲେଖା ସେପରି ଏ ଭାବମୁଦ୍ରା ଅଧ୍ୟୟନ କରିବାରେ ସମର୍ଥ ହୋଇଥିଲା । ସେ କହିଲା—

Digitized by srujanika@gmail.com

"ମୁଁ ଯଶୋଧାରଙ୍କୁ ଗୋଟିଏ ଅନୁରୋଧ କରୁଛି । ଯଦି ତାଙ୍କର ଇଚ୍ଛା ଥାଏ, ତା'ହେଲେ ସେ 'କଲ୍ୟାଣ'ର ଏକ ଆଳାପ ଦିଅନ୍ତୁ ।

ସମବେତ ସାମନ୍ତ ଯୁବକଗଣ ଏକ ସଙ୍ଗରେ ଚନ୍ଦ୍ରଲେଖାକୁ ଦେଖୁଥିଲେ । ମୃତ୍ୟୁଞ୍ଜୟ ମଧ୍ୟ ଦେଖୁଥିଲେ । ମାତ୍ର କେହି ହେଲେ ଚନ୍ଦ୍ରଲେଖା କଥାର ମହତ୍ତ୍ୱ ବୁଝିବାରେ ସମର୍ଥ ହୋଇ ନ ଥିଲେ । କିନ୍ତୁ ଏ ଅନୁରୋଧ ଏକ ଆମନ୍ତ୍ରିତ ଅତିଥିଦ୍ୱାରା ହୋଇଥିବାରୁ ମୃତ୍ୟୁଞ୍ଜୟ ବୀଣାରେ କଲ୍ୟାଣର ତରଙ୍ଗ ଦେଲେ । ଯଶୋଧାରା ତା'ର କୋମଳ କଣ୍ଠରେ ଗାନ କଲା । ଯଶୋଧାରାର ବର୍ତ୍ତମାନ ସଙ୍ଗୀତ ସମବେତ ପ୍ରତ୍ୟେକଙ୍କୁ ମନ୍ତ୍ରମୁଗ୍ଧ କଲା । ଲୋକେ ମୁକ୍ତକଣ୍ଠରେ ତା'ର ଭୂୟସୀ ପ୍ରଶଂସା କଲେ । ଗାନର ପରିସମାପ୍ତି ପରେ ଚନ୍ଦ୍ରଲେଖା କହିଲା—

"ଯଶୋଧାରା, ମୁଁ ତୁମର ଏ ମନୋଜ୍ଞ ଗାୟନ ଉପଲକ୍ଷରେ ଅଭିନନ୍ଦନ ଜଣାଉଛି ।"

ବର୍ତ୍ତମାନ ମୃତ୍ୟୁଞ୍ଜୟ ଚନ୍ଦ୍ରଲେଖାର ଅନୁରୋଧର ମହତ୍ତ୍ୱ ବୁଝିଲେ । ସେ କହିଲେ —

"ଚନ୍ଦ୍ରଲେଖା ! ମୁଁ ତୁମକୁ ଯଶୋଧାରା ପକ୍ଷରୁ ଧନ୍ୟବାଦ ଜଣାଉଛି ।"

ନୀରବରେ ଏ ବାର୍ତ୍ତାଳାପ ବୀଜଗୁପ୍ତ ଶୁଣୁଥିଲା । ସେ ହସି ହସି କହିଲା—

"ଚନ୍ଦ୍ରଲେଖା ! ମୁଁ ତୁମକୁ ନୃତ୍ୟ ପ୍ରଦର୍ଶନ ପାଇଁ ଅନୁରୋଧ କରିପାରେ କି ?"

"ବୀଜଗୁପ୍ତ ପାଇଁ ଅନୁରୋଧର ଆବଶ୍ୟକତା ନାହିଁ, କେବଳ ମାତ୍ର ଆଜ୍ଞାର ।"— ଚନ୍ଦ୍ରଲେଖା ଉତ୍ତର ଦେଲା ।

ସ୍ୱୟଂ ମୃତ୍ୟୁଞ୍ଜୟ ବୀଣା ଧାରଣ କଲେ ଓ ବୀଜଗୁପ୍ତ ମୃଦଙ୍ଗ । ଚନ୍ଦ୍ରଲେଖା ନୃତ୍ୟ ଆରମ୍ଭ କଲା । ମନ୍ତ୍ରମୁଗ୍ଧ ସମବେତ ଦର୍ଶକମଣ୍ଡଳୀ ତା'ର କଳାର ପ୍ରଶଂସାମୁଖର ହେବାକୁ ଲାଗିଲେ । ଚନ୍ଦ୍ରଲେଖା ତା'ର ନିପୁଣ କଳାପ୍ରଦର୍ଶନରେ ନିମଗ୍ନା ଥିଲା । ସେତେବେଳେ ପ୍ରହରୀ ଆସି ଯୋଗୀ କୁମାରଗିରିଙ୍କର ବାହାରେ ପ୍ରତୀକ୍ଷା କରୁଥିବାର ଘୋଷଣା କଲା । ମୃତ୍ୟୁଞ୍ଜୟ ବୀଣାବାଦନ ବନ୍ଦ କରି ସଶିଷ୍ୟ ଯୋଗୀଙ୍କୁ ଅଭିବାଦନ

Digitized by srujanika@gmail.com

ଜଣାଇବାକୁ ଅଗ୍ରସର ହେଲେ । ଶାଣାର ଝଂକାର ନୀରବ ହେବା ସଙ୍ଗେ ସଙ୍ଗେ ଚନ୍ଦ୍ରଲେଖାର ଚପଳ ଚରଣଯୁଗଳ ସ୍ତବ୍ଧ ହୋଇଗଲା ।

ଅଭିବାଦନପୂର୍ବକ ମୃତ୍ୟୁଞ୍ଜୟ ଯୋଗୀ କୁମାରଗିରିଙ୍କୁ ନେଇ ଆସିଲେ । ତାଙ୍କ ସଙ୍ଗରେ ଥିଲା ବଶାଳଟଦଳ । କୁମାରଗିରିଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସମସ୍ତ ଆସନୋତ୍ଥିତ ହୋଇ ନତମସ୍ତକ ହେଲେ । ସେତେବେଳେ ଚନ୍ଦ୍ରଲେଖା ଆସି ବୀଜଗୁପ୍ତଙ୍କୁ କହିଲା—

—"ମୋର ଏଠାରୁ ଯିବା ଉଚିତ ହେବ । ଏ ଅପମାନ ଅନ୍ତତଃ ମୋ ପକ୍ଷରେ ଅସହ୍ୟ ।"

"ମାନେ ?"

"ମୋ ଦୃଷ୍ଟିରେ କଳାର ଆସନ ସର୍ବୋଚ୍ଚ । ଯେ କଳାର ଅସମ୍ମାନ କରେ, ସେ ମଣିଷ ନୁହେଁ ପଶୁ । ମୃତ୍ୟୁଞ୍ଜୟଙ୍କ ପକ୍ଷରେ କୁମାରଗିରିଙ୍କର ସ୍ୱାଗତ ପାଇଁ ନୃତ୍ୟ ସ୍ଥଗିତ ରଖିବା କ'ଣ ମୋର ଅପମାନ ନୁହେଁ ?"

ବୀଜଗୁପ୍ତ ହସି ହସି କହିଲା—"ଯାହା ତମର ଇଚ୍ଛା ।"

ସେଇ ଅବସର ଭିତରେ କୁମାରଗିରି ଆସନ ଗ୍ରହଣ କରି ସାରିଥିଲେ । ଚନ୍ଦ୍ରଲେଖା ଯୋଗୀ କୁମାରଗିରିଙ୍କୁ ଅଭିବାଦନ ଜଣାଇ ମୃତ୍ୟୁଞ୍ଜୟଙ୍କୁ କହିଲା—

"ମୁଁ ଯିବା ପାଇଁ ଆଜ୍ଞା ଚାହୁଁଛି ।"

ମୃତ୍ୟୁଞ୍ଜୟ ଉତ୍ତର ଦେବା ପୂର୍ବରୁ କୁମାରଗିରି କହିଲେ—

"ମୋର ଉପସ୍ଥିତି କ'ଣ ଅରୁଚିକର ବୋଧହେଉଛି ନର୍ତ୍ତକୀ ! ଏହା ସ୍ୱାଭାବିକ ମଧ୍ୟ ।"

ଚନ୍ଦ୍ରଲେଖା ସ୍ୱଳ୍ପ ସମୟ ନୀରବ ରହି କହିଲା—

"ନୁହେଁ ଯୋଗୀ ! ଆପଣଙ୍କର ଉପସ୍ଥିତି ଏ ସଂସାରରେ କାହାରି ହେଲେ ଅରୁଚିକର ବୋଧ ହେବ ନାହିଁ । ମୋର ଏଠାରୁ ଯିବାର ଅନ୍ୟ କାରଣ ରହିଛି ।"

"ମାତ୍ର ତୁମେ ଯିବାର ସମୟ ନିର୍ଦ୍ଧାରଣରେ ଭୁଲ କରିଛ ମନେହୁଏ ।"

Digitized by srujanika@gmail.com

"ତା'ହେଲେ ମୁଁ ଯିବ ନାହିଁ ।"

ମୃତ୍ୟୁଞ୍ଜୟ ପୁନର୍ବାର ବୀଣା ଧାରଣ କଲେ । ମାତ୍ର ଚିତ୍ରଲେଖା ନୃତ୍ୟ କରିବାକୁ ଅମଙ୍ଗ ହେଲା । ସେତେବେଳେ ଯଶୋଧାରା ଅତି ଅନୁନୟ-ପୂର୍ଣ୍ଣ ଅନୁରୋଧ କଲା—

"ମୁଁ ତୁମର କଥା ରଖିଥିଲି । ମୁଁ ତୁମକୁ ନୃତ୍ୟପ୍ରଦର୍ଶନର ପ୍ରାର୍ଥନା କରୁଛି । ମୋର ପ୍ରାର୍ଥନା ତୁମେ ରଖିବ, ଏହା ମୋର ଦୃଢ଼ ବିଶ୍ୱାସ ।"

ଚିତ୍ରଲେଖା ବାସ୍ତବିକ ଯଶୋଧରାର ଅନୁରୋଧ ରକ୍ଷା କଲା । ପୁନଃ ନୃତ୍ୟ ଆରମ୍ଭ ହେଲା । ପୁନଃ ସ୍ତବ୍ଧ ସେଇ ବାତାବରଣରେ ନୂପୁରର ଲଘୁଗୁଞ୍ଜନ ତରଙ୍ଗ ରଚନା କଲା ।

ଯୋଗୀ କୁମାରଗିରି ଯଶୋଧାରାର ରୂପଲାବଣ୍ୟ ଦର୍ଶନର ଅବସର ପାଇଲେ । ସେ ହଠାତ୍ କେଜାଣି କାହିଁକି ମନେ ମନେ ଯଶୋଧାରା ଓ ଚିତ୍ରଲେଖାର ତୁଳନା କରିବସିଲେ । ଦୁହେଁ ଅପରୂପା ରୂପଲାବଣ୍ୟବତୀ ସୁନ୍ଦରୀ ନିଶ୍ଚୟ; କିନ୍ତୁ ଜଣକ ପାଖରେ ପ୍ରଧାନ ମାଦକତା ଓ ଅନ୍ୟ ପାଖରେ ଶାନ୍ତି । ଚିତ୍ରଲେଖାର ମାଦକତା ଭୟାନକ ଥିଲା, ତା'ର ନୃତ୍ୟ ଥିଲା ତା'ର ସଜୀବତାର ପ୍ରତିମୂର୍ତ୍ତି । କିନ୍ତୁ ଯଶୋଧରାର ଶାନ୍ତି ଅଗାଧ ସିନ୍ଧୁ ସମ ଗମ୍ଭୀର ଥିଲା । ଚିତ୍ରଲେଖା ଥିଲା ଜୀବନର ଶୃଙ୍ଖଳା, ମାତ୍ର ଯଶୋଧରା ମୃତ୍ୟୁର ପରିତୃପ୍ତି । କୁମାରଗିରି ଅନୁଭବ କଲେ ସେ ଯେପରି ଧୀରେ ଧୀରେ ସେ ସଂସାର ଆଡ଼କୁ ଆକର୍ଷିତ ହେଉଛନ୍ତି ଓ ଅନୁରାଗର ସଜୀବତା ଯେପରି ବିରାଗର ଅକର୍ମଣ୍ୟତା ଉପରେ ବିଜୟ ପ୍ରାପ୍ତି କରିବସୁଛି ।

ନୃତ୍ୟର ସମାପ୍ତି ପରେ ଆମନ୍ତ୍ରିତ ଅତିଥିଗଣଙ୍କୁ ମୃତ୍ୟୁଞ୍ଜୟ ପ୍ରୀତି-ଭୋଜନ ପାଇଁ ଅନୁରୋଧ କଲେ । ଅତିଥିଗଣ ଭୋଜନଗୃହରେ ପ୍ରବେଶ କରି ଯଥା ଆସନ ଗ୍ରହଣ କଲେ । ବୀଜଗୁପ୍ତ ପାଖରେ ଯଶୋଧରା, ତା'ପରେ ଚିତ୍ରଲେଖା ଓ ତା'ପରେ ଶ୍ୱେତାଙ୍କ ଉପବିଷ୍ଟ ହୋଇଥିଲେ ।

ଭୋଜନ ଆରମ୍ଭ ହେଲା ଓ ଅତିଥିଙ୍କ ମଧ୍ୟରେ ବାର୍ତ୍ତାଳାପ ମଧ୍ୟ ହେଲା । ଏଥି ପୂର୍ବରୁ ଯଶୋଧରା କେବେହେଲେ ବୀଜଗୁପ୍ତ ସହିତ କଥୋପକଥନ କରି ନ ଥିଲା । ସେ ତେଣୁ ମୌନ ଥିଲା । ପ୍ରଥମରେ ବୀଜଗୁପ୍ତ

Digitized by srujanika@gmail.com

କହିଲା, "ଦେଖ, ଆଜ ପ୍ରଥମ ଥର ପାଇଁ ଆମର ପୂର୍ଣ୍ଣ ପରିଚୟ ହୋଇଛି । ଏ ପରିଚୟ ହେତୁ ମୁଁ ସ୍ୱୟଂ ନିଜକୁ ଅଭିନନ୍ଦନ କରୁଛି ।"

ଯଶୋଧାରର କୋମଳ ନୟନଯୁଗଳ ଅଧୀର ଲଜ୍ଜା କାହିଁକି ଘଡ଼ିକ ପାଇଁ ଚଞ୍ଚଳ ହୋଇଉଠିଲା । ଯେପରି ଲକ୍ଷ ଯୁଗର ଉଲ୍ଲାସ ତା' ଦେହରେ ଏକ ଅପୂର୍ବ ରୋମାଞ୍ଚ ଆଣିଦେଲା । ସେ ଧୀରେ ଧୀରେ ଉତ୍ତର ଦେଲା—"ମୋ ସହିତ ପରିଚୟ ମହତ୍ତ୍ୱପୂର୍ଣ୍ଣ ନୁହେଁ ।"

ଏ କଥା ଶୁଣି ଚନ୍ଦ୍ରଲେଖା ହସି ଉଠିଲା । ସେ କହିଲା—

"ଭଗବାନ କରନ୍ତୁ ଏ ପରିଚୟ ଘନିଷ୍ଠତାର ରୂପ ନେଉ ଓ ନେଇ ଘନିଷ୍ଠତା ଜୀବନର ପବିତ୍ର ବନ୍ଧନରେ ରୂପାନ୍ତରିତ ହେଉ ।"

ଯଶୋଧର ଚନ୍ଦ୍ରଲେଖାକୁ କୃତଜ୍ଞତାପୂର୍ଣ୍ଣ ଦୃଷ୍ଟିରେ ଚାହିଁରହିଲା; ମାତ୍ର ବୀଜଗୁପ୍ତ ଦୃଷ୍ଟିରେ ଥିଲା କୌତୂହଳ । କିନ୍ତୁ ଶ୍ୱେତାଙ୍କ କେବଳ ଯଶୋଧାରକୁ ହିଁ ଦେଖୁଥିଲା । ଏକାଏକ ଯଶୋଧାର ଶ୍ୱେତାଙ୍କକୁ ଲକ୍ଷ୍ୟ କଲା । ଏଥିପୂର୍ବରୁ ଜୀବନରେ ସେ କେବେ ଶ୍ୱେତାଙ୍କକୁ ଦେଖି ନ ଥିଲା । ଆପଣାର ଭବନକୁ ଆମନ୍ତ୍ରିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ଜାଣେ । ପ୍ରତ୍ୟେକଙ୍କ ସହିତ ତା'ର ଘନିଷ୍ଠ ପରିଚୟ ରହିଛି । କେବଳ ମାତ୍ର ଶ୍ୱେତାଙ୍କ ହିଁ ତା'ର ଅପରିଚିତ । ଯଶୋଧାର ବୀଜଗୁପ୍ତ ପାଖରୁ ଏ ନବଯୁବକର ପରିଚୟ ପୁଛିଲା ।

"ସେ ମୋର ସେବକ ତଥା କନିଷ୍ଠ ଭ୍ରାତା ।"

ଯଶୋଧରକୁ ଏ ଉତ୍ତର କୌତୂହଳଜନକ ମନେହେଲା ।...... "ସେବକ ତଥା ଅନୁଜ ! ଏ ଏକ ବିଚିତ୍ର କଥା ।" ସେ ଯେପରି ବିସ୍ମିତା ହେଉଥିଲା ।......"କିପରି ?"

"ମୋର ଏ ଭାଇଟିର ନାମ ଶ୍ୱେତାଙ୍କ । ଉଚ୍ଚ କ୍ଷତ୍ରିୟକୁଳଜ; କିନ୍ତୁ ସେ ଏ ଅବଧି ବ୍ରହ୍ମଚାରୀ ଓ ଶୈଶବରୁ ଗୁରୁଙ୍କର ସେବାରେ ହିଁ ରହିଛି । ଗୁରୁଦେବ ପାପର ସନ୍ଧାନ ପାଇବା ପାଇଁ ଏହାକୁ ମୋ ନିକଟରେ ଛାଡ଼ି ଦେଇଛନ୍ତି । ଏ ନବଯୁବକ ମୋରଦ୍ୱାରା ସମାଜରେ ପ୍ରଥମ ପଦକ୍ଷେପ କରିଛି" ।

ଯଶୋଧାରା ଆହୁରି ଆଶ୍ଚର୍ଯ୍ୟାନ୍ୱିତ ହେଲା ।

13

Digitized by srujanika@gmail.com

"ପାପର ସନ୍ଧାନ ପାଇଁ ଏହାଙ୍କୁ ଆପଣଙ୍କ ନିକଟକୁ ପ୍ରେରଣ କରାଯାଇଛି ! କ'ଣ, ବାସ୍ତବରେ ଆପଣଙ୍କ ସ୍ଥାନ ବା ବ୍ୟକ୍ତିତ୍ୱ ସମ୍ବନ୍ଧିତ ସମ୍ପର୍କ ପାପର ସନ୍ଧାନ ପାଇବାର ଉପଯୁକ୍ତ କ୍ଷେତ୍ର ?"

ବୀଜଗୁପ୍ତ ମନେ ମନେ ହସିଉଠିଲେ । ବାସ୍ତବରେ କେତେ ସରଳା ନୁହେଁ ଏ ?

"ସମ୍ଭବତଃ ପାପୀକୁ ପାପୀ ବୋଲି କହିବା ଠିକ୍ ନୁହେଁ; କାରଣ ସେ ତ ପାପୀ । ପ୍ରତ୍ୟେକେ ଆପଣାକୁ ଠିକ ବୋଲି ଭାବନ୍ତି; କିନ୍ତୁ ତା' ପକ୍ଷରେ ନିଜେ ନିଜକୁ ଠିକ୍ ଭାବରେ ବୁଝିବା ମଧ୍ୟ କଠିନ । ଯଦି ଶ୍ୱେତାଙ୍କ ଏ ନିର୍ଣ୍ଣୟରେ ଉପନୀତ ହୁଏ ଯେ 'ମୁଁ ପାପୀ', ତେବେ ମୁଁ ବାସ୍ତବରେ ପାପୀ ।"

ଯଶୋଧାରା ଅନ୍ତରତଳେ ଏକ ଗଭୀର ପୀଡ଼ାନୁଭବ କଲା । ଯେଉଁ ବ୍ୟକ୍ତିର ପ୍ରଣୟ-ବନ୍ଧନର କଳ୍ପନାରେ ଅନ୍ତର ତାର ପ୍ରଫୁଲ୍ଲିତ ହୋଇ ଉଠିଥିଲା, ସେ ଏକ ମହାନ୍ ଆଗୃହୀଙ୍କଦ୍ୱାରା ପାପର ସନ୍ଧାନ ପାଇଁ ପ୍ରକୃଷ୍ଟ କ୍ଷେତ୍ର ବୋଲି ମନୋନୀତ ହୋଇଛି । ସେ ଶ୍ୱେତାଙ୍କୁ ଦେଖିଲା—କେତେ ସୁନ୍ଦର, କେତେ ସରଳ ନୁହେଁ ଏ ନବଯୁବକ ? ଆଉ ବୀଜଗୁପ୍ତ ?

ପ୍ରୀତିଭୋଜନ ପରେ ବୀଜଗୁପ୍ତ ଶ୍ୱେତାଙ୍କୁ ମୃତ୍ୟୁଞ୍ଜୟଙ୍କ ସହିତ ପରିଚୟ କରାଇଦେଲେ ।······ଧୀରେ ଧୀରେ ସମସ୍ତ ଅତିଥି ବିଦାୟ ନେଇଗଲେ ।

Digitized by srujanika@gmail.com

ଦଶମ ପରିଚ୍ଛେଦ—

ସଙ୍ଗୀତରେ ଯଦ୍ୟପି ଆଂଶିକ ନ୍ୟୂନତା ଆସିଥିଲା, ତେବେ ମଧ୍ୟ ମୃତ୍ୟୁଞ୍ଜୟଙ୍କର ଭବନ ଆଲୋକିତ ଥିଲା । ଅନାବଶ୍ୟକ ଅତିଥି-ଗଣଙ୍କର ପ୍ରସ୍ଥାନ ପରେ ପରେ ନାଟକର ପ୍ରଧାନ ଅଭିନେତା ଯୋଗୀ କୁମାରଗିରି, ବିଶାଳଦେବ, ଚିତ୍ରଲେଖା, ବୀଜଗୁପ୍ତ ଓ ଶ୍ୱେତାଙ୍କ— କେବଳ ମାତ୍ର ଏହି କେତେଜଣଙ୍କୁ ମୃତ୍ୟୁଞ୍ଜୟ ରଖି ନେଇଥିଲେ । କିନ୍ତୁ ସମସ୍ତ ନୀରବ ରହିବା ପରେ ସସ୍ନେହ ବୀଜଗୁପ୍ତର କରଧାରଣପୂର୍ବକ ମୃତ୍ୟୁଞ୍ଜୟ କହିଲେ—

"ସାମନ୍ତ ବୀଜଗୁପ୍ତ ! ଏ ଉତ୍ସବ ତଳେ ଏକ ବିରାଟ ରହସ୍ୟ ଗୋପନ ଅଛି ଓ ସେ ରହସ୍ୟ ସହିତ ତୁମର ସମ୍ବନ୍ଧ ଅତି ଘନିଷ୍ଠ ।"

ଏତିକି କହି ସେ ଯଶୋଧାରାକୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ । ବୀଜଗୁପ୍ତର ମୁଖମଣ୍ଡଳ କେଜାଣି କାହିଁକି ହଠାତ୍ ମଳିନ ହୋଇଗଲା । ଚିତ୍ରଲେଖା ସାମାନ୍ୟ ହସୁଥିଲା ।

"ମୋର ପୂର୍ଣ୍ଣ ବିଶ୍ୱାସ, ଏ ବୃଦ୍ଧ ସାମନ୍ତର ଅନୁରୋଧ ଅସ୍ୱୀକାର୍ଯ୍ୟ ମନେ କରିବ ନାହିଁ ।"

ମୃତ୍ୟୁଞ୍ଜୟଙ୍କର ସ୍ୱରର ଗମ୍ଭୀରତା ପ୍ରାୟ ସମସ୍ତଙ୍କୁ ବିସ୍ମିତ ହୋଇ ସାରିଥିଲା । ତେବେ ମଧ୍ୟ ବୀଜଗୁପ୍ତ କହିଲା—

"ଦେବ ! ସ୍ୱୀକାର କରିବା ଓ ନ କରିବା ପ୍ରସ୍ତାବର ଉପଯୁକ୍ତତା ଓ ପରିସ୍ଥିତିର ଅନୁକୂଳତା ଉପରେ ହିଁ ନିର୍ଭର କରେ । ଆପଣଙ୍କର

Digitized by srujanika@gmail.com

ପ୍ରସ୍ତାବ ଅନୁସାରେ ମୋର ଉତ୍ତର ଅବଶ୍ୟ ଉପଯୁକ୍ତ ହେବ, ଏହା ମୋର ବିଶ୍ୱାସ ।"

"ତୁମର ବିବାହ ସମ୍ଭବତଃ ହୋଇ ନାହିଁ"—କିଛି ସମୟ ବିଚାର କରିବା ପରେ ମୃତ୍ୟୁଞ୍ଜୟ କହିଲେ—

ବାଜଗୁପ୍ତ ତାହା ଶୁଣି ଚନ୍ଦ୍ରଲେଖାକୁ ଭାବପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲା । କଥା ଅବଶ୍ୟ ଠିକ୍ ଥିଲା; ମାତ୍ର ବାଜଗୁପ୍ତର ସ୍ୱୀୟ ମତାନୁସାରେ ଭ୍ରାନ୍ତ ମଧ୍ୟ ଥିଲା ସେ । ଉତ୍ତର ଦେଲା—

"ଶାସ୍ତ୍ରାନୁସାରେ ହୋଇନି ।"

ଏ ଉତ୍ତରରେ ଯୋଗୀ କୁମାରଗିରି କହିଲେ—

"ଯୁବା ! ଶାସ୍ତ୍ରନିହିତ ବିବାହ କ'ଣ ସମ୍ଭବ ?"

"ସ୍ତ୍ରୀ ଓ ପୁରୁଷର ଚିରସ୍ଥାୟୀ ସମ୍ବନ୍ଧକୁ ହିଁ ବିବାହ କୁହାଯାଏ ।"—ବାଜଗୁପ୍ତ କହିଲା ।

ଏ ଉତ୍ତରରେ କୁମାରଗିରି ହସି ହସି କହିଲେ—

"କିନ୍ତୁ, ବିବାହ ଶବ୍ଦ ଯେ ସମାଜଦ୍ୱାରା ନିର୍ମିତ । ଶାସ୍ତ୍ର ସ୍ତ୍ରୀ ଓ ପୁରୁଷର ସମ୍ବନ୍ଧକୁ ପବିତ୍ର କରେ । ସମାଜରେ ମାନ୍ୟତା ଦିଏ । ବାଜଗୁପ୍ତ, ତୁମେ ଅର୍ଦ୍ଧସତ୍ୟର ଶରଣାପନ୍ନ ହେଉଛ ।"

ବାଜଗୁପ୍ତ ମଧ୍ୟ ଠିକ୍ ସେପରି ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଉତ୍ତର ଦେଲା—

"ଯୋଗୀରାଜ ! ସତ୍ୟ ଅର୍ଦ୍ଧେକ ହୋଇପାରେନା, ସେ ସର୍ବଦୈବ୍ୟ ସମ୍ପୂର୍ଣ୍ଣ । କିନ୍ତୁ ଏହା ତର୍କ ବିତର୍କର ସ୍ଥଳ ଓ ସମୟ ନୁହେଁ । ଏଣୁ ଅଧିକ କହିବା ମୁଁ ନିଷ୍ପ୍ରୟୋଜନ ମନେକରୁଛି ।" ତା'ପରେ ସେ ମୃତ୍ୟୁଞ୍ଜୟଙ୍କ ଉଦ୍ଦେଶ୍ୟରେ କହିଲା—

"ଆର୍ଯ୍ୟ ! ମୋର ବିବାହ ଶାସ୍ତ୍ରାନୁସାରେ ହୋଇନି । କଥା ମୋର ସୁସ୍ପଷ୍ଟ କରିଦେବା ଏକାନ୍ତ ଉଚିତ । ମୁଁ ଲୋକଚକ୍ଷୁରେ ଅବିବାହିତ; ମାତ୍ର ମୁଁ ବାସ୍ତବିକ ବିବାହିତ ଚନ୍ଦ୍ରଲେଖା ମୋର ପତ୍ନୀ, ଯଦିଓ ମୁଁ ଶାସ୍ତ୍ରାନୁସାରେ ତା'ର ପାଣିଗ୍ରହଣ କରି ନାହିଁ ଏବଂ ଏହା ମୁଁ ସମାଜର ନିୟମ ଅନୁସାରେ ମଧ୍ୟ କରିପାରିବି ନାହିଁ । ତେବେ ମଧ୍ୟ ମୋର ଓ

Digitized by srujanika@gmail.com

ଚନ୍ଦ୍ରଲେଖାର ସମ୍ବନ୍ଧ ପତି-ପତ୍ନୀବତ୍ । ମୋର ପ୍ରେମରେ ପ୍ରଗାଢ଼ ବିଶ୍ୱାସ ଏବଂ ଏ ପରିସ୍ଥିତିରେ ମୋର ବିବାହ କରିବା ଏକାନ୍ତ ଅସମ୍ଭବ । କାରଣ ମୋର ପ୍ରେମର ଅଧିକାରିଣୀ ଅନ୍ୟ କୌଣସି ସ୍ତ୍ରୀ ପକ୍ଷରେ ହେବା ଏକାନ୍ତ ଅସମ୍ଭବ ।"

ସ୍ୱଳ୍ପ ସମୟ ନୀରବ ରହି ମୃତ୍ୟୁଞ୍ଜୟ କହିଲେ —

"ବୀଜଗୁପ୍ତ ! ତୁମର କଥା ସମ୍ଭବତଃ ସତ୍ୟ; ମାତ୍ର ଯେତେବେଳେ ସମସ୍ତେ ତୁମକୁ ଅବିବାହିତ ବୋଲି କହନ୍ତି, ତେଣୁ ତୁମେ ଅବିବାହିତ ନିଶ୍ଚୟ । ବିବାହ କଥା ଥାଉ, ମାତ୍ର ମୁଁ ତୁମର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ଯେ—ବିବାହ କେବଳ ପ୍ରେମୋତ୍ପତ୍ତି ଦୃଷ୍ଟିରୁ ହିଁ ଆବଶ୍ୟକ ହୋଇଥାଏ । ଚନ୍ଦ୍ରଲେଖାର ଯେ ସନ୍ତାନ ହେବ, ସେ ବୀଜଗୁପ୍ତର ସନ୍ତାନ ବୋଲି ପରିଗଣିତ ହେବ ନାହିଁ । ଆଉ ସେ ସନ୍ତାନ ବୀଜଗୁପ୍ତର ଉତ୍ତରାଧିକାରୀ ସ୍ୱରୂପେ ପରିଗଣିତ ହେବ ନାହିଁ । ତୁମେ କ'ଣ କେବେ ହେଲେ ଏହା ଉପରେ ବିଚାର କରିଛ ?"

ବାସ୍ତବିକ ବୀଜଗୁପ୍ତ ଏହା ଉପରେ କେବେହେଲେ ବିଚାର କରି ନ ଥିଲା । ବୀଜଗୁପ୍ତ ଏଣୁ କୌଣସି ଉତ୍ତର ଦେଲା ନାହିଁ । ଏହା ତା'ପାଇଁ ଏକ ନୂତନ ସମସ୍ୟା ଥିଲା । ମୃତ୍ୟୁଞ୍ଜୟ ତାହାପରେ ଚନ୍ଦ୍ରଲେଖା ଉଦ୍ଦେଶ୍ୟରେ କହିଲେ —

"ଦେଖ ଚନ୍ଦ୍ରଲେଖା, ତୁମେ ବିଦୁଷୀ । ତୁମକୁ ଅଧିକ କହିବା ଅନାବଶ୍ୟକ । ତୁମେ ତ ବୀଜଗୁପ୍ତଙ୍କର ପରିସ୍ଥିତି ସମ୍ପୂର୍ଣ୍ଣରୂପେ ବୁଝିଛ ?"

ଚନ୍ଦ୍ରଲେଖା ସେ ପର୍ଯ୍ୟନ୍ତ ମୌନ ଥିଲା । ସେ କହିଲା—

"ଆର୍ଯ୍ୟଶ୍ରେଷ୍ଠ ! ଆପଣଙ୍କର କଥନ ସର୍ବଥା ଉଚିତ । ମୁଁ ଏକ ସମାଜଚ୍ୟୁତା ନର୍ତ୍ତକୀ । ବୀଜଗୁପ୍ତଙ୍କର ପତ୍ନୀ ହେବା ମୋ ପକ୍ଷରେ ଏକାନ୍ତ ଅସମ୍ଭବ । ମାତ୍ର ଏପରି ପରିସ୍ଥିତିରେ ମୁଁ ଏହା କରିବାକୁ ପ୍ରସ୍ତୁତ, ଯେଉଁଥିରେ କି ତାଙ୍କର ମଙ୍ଗଳ ହେବ; ମାତ୍ର ଏଥିପାଇଁ ମୋତେ ଏକ ବିରାଟ ତ୍ୟାଗ କରିବାକୁ ପଡ଼ିବ ।"

"ତ୍ୟାଗ କରିବାକୁ ପଡ଼ିବ ନର୍ତ୍ତକୀ !"—କୁମାରଗିରି ହସି ହସି କହିଲେ । "ବଡ଼ ବିଚିତ୍ର କଥା କହୁଛ । ତୁମେ ସମ୍ଭବତଃ ତୁମର

Digitized by srujanika@gmail.com

ମନୋପ୍ରବୃତ୍ତିକୁ ଭୁଲିଯାଉଛ । ତୁମେ ଥରେ କହିଥିଲ ଯେ ତୁମେ ବିରାଗର ଜୀବନ ଗ୍ରହଣ କରିବାକୁ ଚାହଁ । ସେଥିପାଇଁ ଏହା ଏକ ସୁ-ଅବସର ।”

କୁମାରଗିରିଙ୍କର ଏ କଥାରେ ବୀଜଗୁପ୍ତ ଚମକି ପଡ଼ିଲା । ସେ କହିଲା—

“ଯୋଗୀରାଜ ! ଆପଣ ଯଦି ବିରାଗ ଉପରେ ବିଶ୍ୱାସ ରଖିଛନ୍ତି ଓ ଜଣକୁ ବୈରାଗ୍ୟ ଗ୍ରହଣ କରିବାକୁ ଉପଦେଶ ଦେଉଛନ୍ତି, ତେବେ ଆପଣ ମୋତେ କାହିଁକି ଅନୁରାଗର ବନ୍ଧନରେ ବାନ୍ଧି ରଖିବାକୁ ସଚେଷ୍ଟ ?”

“କେବଳ ମାତ୍ର ଏହି ହେତୁରୁ ଯେ ତୁମେ ବିରାଗର ଅଯୋଗ୍ୟ । ତା’ପରେ ତୁମେ ସମାଜର ନିୟମ ମଧ୍ୟ ଉଲ୍ଲଂଘନ କରୁଛ । ଅନ୍ତତଃ ସମାଜର ନିୟମସମୂହର ସମ୍ମାନ କରି ତା’ର ପାଳନ କରିବା ତୁମର କର୍ତ୍ତବ୍ୟ ।”

ଚିତ୍ରଲେଖା ବର୍ତ୍ତମାନ ପର୍ଯ୍ୟନ୍ତ କୁମାରଗିରିଙ୍କର କଥନ ଉପରେ ବିଚାର କରୁଥିଲା । ସେ କହିଲା—

“ଯୋଗୀ ! ମୁଁ ଆପଣଙ୍କୁ ଆଉ ଏକ ପ୍ରଶ୍ନ ପଚାରିବାକୁ ଚାହୁଁଛି । କ’ଣ ଆପଣ ମୋତେ ବାସ୍ତବିକ ଦୀକ୍ଷା ଦେବେ ? ଯଦି ଆପଣ ସମର୍ଥ, ତେବେ ଦୟାକରି ପ୍ରକାଶ କରନ୍ତୁ । ମୁଁ ବର୍ତ୍ତମାନ ଆପଣଙ୍କର ଶିଷ୍ୟାତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ।”

କୁମାରଗିରି ବିଶାଳଦେବ ଆଡ଼କୁ ଚାହିଁଲେ । ସେତେବେଳେ ବିଶାଳଦେବ ମଧ୍ୟ ତାଙ୍କୁ ଦେଖୁଥିଲା । କୁମାରଗିରି ଅନେକ ବେଳ ଧରି କିଛି ଭାବିବାକୁ ଲାଗିଲେ । ତା’ପରେ ସେ ହଠାତ୍ କହିଲେ—

”ନର୍ତ୍ତକୀ, ତୁମକୁ ଦୀକ୍ଷା ଦେବା ମୋ ପକ୍ଷରେ ଏକାନ୍ତ ଅସମ୍ଭବ ।

ଚିତ୍ରଲେଖା ହସି ହସି କହିଲା—

“କହିଦେବା ଯେତେ ସରଳ ଯୋଗୀ, ତାକୁ କାର୍ଯ୍ୟରେ ଅନୁବାଦିତ କରିବା ସେତିକି କଠିନ । ଆପଣଙ୍କ ପାଇଁ ବିରାଗ ଯେତେ ସରଳ ହେଉନା କାହିଁକି, ମୋ ପାଇଁ ସେତିକି କଠିନ । ଏକାକୀ ବିରାଗର କ୍ଷେତ୍ରରେ ବିଚରଣ ମୋ ପକ୍ଷରେ ଏକାନ୍ତ ଅସମ୍ଭବ । ମୁଁ ଅନୁରାଗର କ୍ଷେତ୍ରରେ ହିଁ ଅବଧି ରହିଛି । ସଂସାର ସେ କ୍ଷେତ୍ରକୁ ମୁକ୍ତକଣ୍ଠରେ

Digitized by srujanika@gmail.com

ଅପବିତ୍ର କହନ୍ତୁ ନା କାହିଁକି, ଈଶ୍ୱର ତଥା ମୋ ପାଇଁ ସେ କ୍ଷେତ୍ର ପବିତ୍ର । ସେ କ୍ଷେତ୍ରରୁ ବହିର୍ଗତ ହେବା ଅର୍ଥ ଏକ ଦୂଷିତ ବାତାବରଣରେ ପଦାର୍ପଣ କରିବା ଛଡ଼ା ଅନ୍ୟ କିଛି ନୁହେଁ । ମୁଁ ବ୍ୟର୍ଥ ପାପ କରିବାକୁ ଆଦୌ ପ୍ରସ୍ତୁତ ନୁହେଁ ।"

ସୃଜନ ହେଲା, ପୁଣି ତା'ର ବିନାଶ ହେଲା—ମୃତ୍ୟୁଞ୍ଜୟ ଏହା ଅନୁଭବ କଲେ ।

ବିନାଶ ହେଲା, ପୁଣି ତା'ର ସୃଜନ ହେଲା—ଏହା ଥିଲା ବୀଜଗୁପ୍ତର ଅନୁଭବ ।

କୁମାରଗିରି ଚନ୍ଦ୍ରଲେଖାକୁ ଓ ଚନ୍ଦ୍ରଲେଖା କୁମାରଗିରିଙ୍କୁ ନିରୀକ୍ଷଣ କରୁଥିଲେ । ଶ୍ୱେତାଙ୍କ ଓ ବିଶାଳଦେବ ଉଭୟେ ଏ କଥାର ଗୂଢ଼ରହସ୍ୟ ବୁଝି ଥିଲେ । କେବଳ ଯଶୋଧାରା କିଛି ମାତ୍ର ଜାଣିପାରୁ ନ ଥିଲା ବା କୌଣସି କଥା ତା'ର ବୋଧଗମ୍ୟ ହେଉ ନ ଥିଲା । ସେ ମୃତ୍ୟୁଞ୍ଜୟଙ୍କୁ ରାତି ଅଧିକ ହେଉଥିବାର ସୂଚନା ଦେଲା ।

ବୃଦ୍ଧ ମୃତ୍ୟୁଞ୍ଜୟ ଆପଣାର ସୁକୁମାରୀ ପୁତ୍ରୀ ତଥା ଚନ୍ଦ୍ରଲେଖାକୁ ଦେଖୁଥିଲେ—ଏ ଦୁହିଁଙ୍କ ମଧ୍ୟରେ କେତେ ପାର୍ଥକ୍ୟ ନ ଥିଲା ସତେ ? ଏକ ଦେବୀ ଥିଲା, ଅପର ଥିଲା ଦାନବୀ । ଏକ ଶାନ୍ତ ଥିଲା—ଅପର ଉନ୍ମାଦ ! ଆଉ, ବୀଜଗୁପ୍ତ ?—ପରିସ୍ଥିତିର ଚକ୍ର ତଳେ ଏକ ଅଭାଗା ଶିକାର, କିନ୍ତୁ ମାନବିକତାଶୀଳ ଏକ ଜ୍ଞାନୀ ତଥା ସୁପୁରୁଷ ।

ମୃତ୍ୟୁଞ୍ଜୟ ଚନ୍ଦ୍ରଲେଖାକୁ କହିଲେ—

"ଦେବୀ ! ତୁମର କ୍ଷେତ୍ରକୁ ଅପବିତ୍ର ବୋଲି କିଏ କହୁଛି ? ତୁମେ ଯାହା କରୁଛ ସେ ତୁମର ମନଃ ପ୍ରବୃତ୍ତି ଅନୁସାରେ ହିଁ କରୁଛ ଓ ମୁଁ ଏହା ମଧ୍ୟ ମାନୁଛି ଯେ, ତୁମର ସମସ୍ତ ବ୍ୟବହାର ପ୍ରେମରେ । ପ୍ରେମର କ୍ଷେତ୍ରରେ ଅପବିତ୍ରତାର କୌଣସି ସ୍ଥାନ ନାହିଁ । କିନ୍ତୁ ଦେବୀ, ତୁମେ ଯା'ର ପ୍ରଣୟାସକ୍ତ, ସେ ସୁପୁରୁଷ ଯଦି ଉଚିତ ମାର୍ଗଗାମୀ ନୁହେଁ, ତା'କୁ ସୁପଥକୁ ଆଣିବା ତୁମର କ'ଣ କର୍ତ୍ତବ୍ୟ ନୁହେଁ ? ପ୍ରେମରେ ତ୍ୟାଗର ଆବଶ୍ୟକତା ହୋଇଥାଏ; ବୀଜଗୁପ୍ତ ପାଇଁ ତୁମେ ଯଦି ତ୍ୟାଗ କରିବ ତାହା ମହାନ୍ ହେବ ।"

Digitized by srujanika@gmail.com

ଏ କଥାର ଶୈଳୀ ଏପରି ସୁନ୍ଦର ଥିଲା ଯା'ର ପ୍ରଭାବ ଚନ୍ଦ୍ରଲେଖା ଉପରେ ସୁନ୍ଦର ଭାବରେ ପଡ଼ିଥିଲା । ରାଜଗୁପ୍ତ ମଝିରେ କହିଲା—

"ଆର୍ଯ୍ୟଶ୍ରେଷ୍ଠ ! ଏ ସମସ୍ତ କଥା ଚନ୍ଦ୍ରଲେଖାକୁ କହିବା ବ୍ୟର୍ଥ । ମୋର ନିଜକୁ କୁପଥ ବା ସୁପଥଗାମୀ କରିବାର ଦାୟିତ୍ୱ ମୋ ନିଜ ଉପରେ ହିଁ ରହିଛି । ଚନ୍ଦ୍ରଲେଖା ମୋର ମଙ୍ଗଳ ଅମଙ୍ଗଳ କରିବାକୁ ସମର୍ଥ ହେବ ନାହିଁ । ଆଉ ମୋର ନିଜ ପାଇଁ କେବଳ ଏତିକି ମାତ୍ର କହିପାରେ ଯେ, ମୋର ଓ ଚନ୍ଦ୍ରଲେଖାର ସମ୍ବନ୍ଧ ଅମର ।"

ରାଜଗୁପ୍ତ ଠିଆ ହେଲା, ମାତ୍ର ଚନ୍ଦ୍ରଲେଖା ସେପରି ବସି ରହିଥିଲା । ସେ କହିଲା—

"ଆର୍ଯ୍ୟଶ୍ରେଷ୍ଠ ! ଆପଣ ଯେଉଁ କଥା କହୁଛନ୍ତି ତାହା ଉଚିତ ହେଉ ବା ନ ହେଉ । ମୋତେ ତାହା କରିବାକୁ ହିଁ ହେବ । ମୋ ନିଜ ପାଇଁ ନୁହେଁ – ରାଜଗୁପ୍ତଙ୍କର ମଙ୍ଗଳ ପାଇଁ, ଆପଣ ଏହା ବିଶ୍ୱାସ ରଖନ୍ତୁ ।" ଚନ୍ଦ୍ରଲେଖା ଯଶୋଧାରାକୁ ଦେଖୁଥିଲା ।······"ଆର୍ଯ୍ୟଶ୍ରେଷ୍ଠ ! ଆପଣଙ୍କର କନ୍ୟା ପାଇଁ ରାଜଗୁପ୍ତ ତୁଳନାରେ ଆଉ ଜଣେ ସୁନ୍ଦର ତଥା ସୁଯୋଗ୍ୟ ବରପାତ୍ର ମିଳିବା କଠିଣ । ଏ ବିବାହ ସୁନ୍ଦର ହେବ ।"

ତା'ପରେ ସେ ରାଜଗୁପ୍ତ ଉଦ୍ଦେଶ୍ୟରେ କହିଲା—"ରାଜଗୁପ୍ତ ! ତୁମକୁ ଯଶୋଧାରା ପରି ଏକ ସୁପତ୍ନୀ ଅନ୍ୟତ୍ର ମିଳିବା ଅସମ୍ଭବ । ଏ ବିବାହ ସର୍ବସମ୍ମତ ହେଉ ।"

ରାଜଗୁପ୍ତ ବାହାର ଆସି ପ୍ରାୟ ଦ୍ୱାର ସମୀପରେ ହିଁ ଦଣ୍ଡାୟମାନ ଥିଲା । ସେ କହିଲା—

"ଚନ୍ଦ୍ରଲେଖା ! ତୁମର ଏହା କହିବା ଅସମୀଚୀନ ତଥା ମୋ ପକ୍ଷରେ ଅସମ୍ଭବ ।········ମୁଁ କେବଳ ଏତିକିମାତ୍ର କହିଦେବାକୁ ଚାହୁଁଛି, ଆର୍ଯ୍ୟଶ୍ରେଷ୍ଠ ବିଦାୟ ।"

ତା'ପରେ ସେ ଭବନ ବାହାରକୁ ଆସିଲା । ଚନ୍ଦ୍ରଲେଖା ବି ଠିଆ ହେଲା । ସେ କହିଲା—

"ଆର୍ଯ୍ୟଶ୍ରେଷ୍ଠ ! ଆପଣ ରାଜଗୁପ୍ତଙ୍କ କଥାରେ କିଛି ମନେ କରିବେ ନାହିଁ । ଆବେଗରେ ଆସି ମନୁଷ୍ୟ ତା'ର କୁଶଳାକୁଶଳ ଜ୍ଞାନ ହରେଇ ବସେ । ଯଦି କେହି ତା' ପାଇଁ କିଛି ଅନ୍ୟ ଧାରଣା କରି

Digitized by srujanika@gmail.com

ବସିବ, ତେବେ ତାହା ଅନୁଚିତ ହେବ ନିଶ୍ଚୟ । ମୁଁ ଆପଣଙ୍କୁ ଏ ବିଶ୍ୱାସ ଦେଉଛି ଯେ ବୀଜଗୁପ୍ତ ଓ ଯଶୋଧାରର ସମ୍ବନ୍ଧ ଅତି ସୁନ୍ଦର ହେବ ଓ ଏହାର ଆବଶ୍ୟକତା ବି ଅନେକ ପରିମାଣରେ ରହିଛି ।”

ଶ୍ୱେତାଙ୍କ ସହିତ ଚିତ୍ରଲେଖା ମଧ୍ୟ ଚାଲି ଆସିଲି । ଏମାନଙ୍କର ପ୍ରସ୍ଥାନ ପରେ ମୃତ୍ୟୁଞ୍ଜୟ ପରିସ୍ଥିତିର ଏକ ପୂର୍ଣ୍ଣ ଆଭାସ ପାଉଥିଲେ । ସେ କିଛି ସମୟ ପାଇଁ ମୌନ ରହି ଯୋଗୀ କୁମାରଗିରିଙ୍କୁ କହିଲେ—

“ଯୋଗୀରାଜ ! ମୁଁ କିଛି ବୁଝି ପାରୁନାହିଁ । କିନ୍ତୁ ଏ କଥୋପକଥନ ପରେ ମୁଁ ଏଇ ନିଷ୍କର୍ଷରେ ଉପନୀତ ହୋଇଛି ଯେ ଏ ନର୍ତ୍ତକୀର ପ୍ରଭାବ ବୀଜଗୁପ୍ତ ଉପରେ ଯଥେଷ୍ଟ ପଡ଼ିଛି ।”

“ତୁମ ଅନୁମାନ ଯଥାର୍ଥ ।”

“କିନ୍ତୁ ଏହା ସଙ୍ଗେ ସଙ୍ଗେ ଚିତ୍ରଲେଖାର ହୃଦୟ ସ୍ୱଚ୍ଛ,ଅତି ସରଳ ।”

କୁମାରଗିରି ଗମ୍ଭୀରତା ସହିତ ବିଶାଳଦେବଙ୍କୁ ନିରୀକ୍ଷଣ କରୁଥିଲେ । ବିଶାଳଦେବ ମନେ ମନେ ହସୁଥିଲି ।

ମୃତ୍ୟୁଞ୍ଜୟ ପୁଣି କହିଲେ—

“ଯୋଗୀରାଜ ! କ’ଣ ବୀଜଗୁପ୍ତଙ୍କୁ ବାଧ୍ୟ କରିବା ଉଚିତ ହେବ ?—ଏହା ଏକ ବିରାଟ ପ୍ରଶ୍ନ । କାରଣ ଚିତ୍ରଲେଖା ଯାହା କହେ, ତାହା ଅବଶ୍ୟ ସେ କରେ । ଏ ବିଶ୍ୱାସ ଅନ୍ତତଃ ମୋର ଅଛି । ବୀଜଗୁପ୍ତଙ୍କୁ ଛାଡ଼ି ଦେବା ହିଁ ଉଚିତ ହେବ, ନ ହେଲେ ଚିତ୍ରଲେଖା ମନରେ ଗଭୀର ଆଘାତ ଆସିବ ।”

ଏ କଥାରେ କୁମାରଗିରି କହିଲେ—ଚିତ୍ରଲେଖା ମନରେ ଆଘାତ ଆସିବ ! ଏଥିରେ ମୁଁ ବିଶ୍ୱାସ କରି ପାରୁନି । ଏହା ଯଥେଷ୍ଟ ସମ୍ଭବ ଯେ, ଚିତ୍ରଲେଖା ବୀଜଗୁପ୍ତଙ୍କୁ ତ୍ୟାଗ କରିବାକୁ ମଧ୍ୟ ପ୍ରସ୍ତୁତ ଏବଂ ଏପରି ଅବସ୍ଥାରେ ବୀଜଗୁପ୍ତ ଆପଣାକୁ ସଂଶୋଧନ କରିବାର ଯଥେଷ୍ଟ ସୁଯୋଗ ପାଇବ । ମୁଁ କହେ, ବୀଜଗୁପ୍ତର ଚିତ୍ରଲେଖା ସହିତ ସମ୍ବନ୍ଧ ଶେଷ ହେବା ହିଁ ଉଚିତ ।

କୁମାରଗିରି ଠିଆ ହୋଇ ପୁଣି କହିଲେ—

“ମୃତ୍ୟୁଞ୍ଜୟ ! ତୁମକୁ ଯଶୋଧାରା ପାଇଁ ବୀଜଗୁପ୍ତ ବ୍ୟତୀତ ଅନ୍ୟ ସୁଯୋଗ୍ୟ ବରପାତ୍ର ମିଳିବା ଅସମ୍ଭବ । ମୋର ଏ କଥା ଉପରେ ବିଚାର କରିବ ।”

Digitized by srujanika@gmail.com

ଏକାଦଶ ପରିଚ୍ଛେଦ —

ଚିତ୍ରଲେଖା ଆପଣା ଜୀବନରେ କେଜାଣି କେତେଥର୍ ସେ ପ୍ରେମର ବ୍ୟାଖ୍ୟା ନ କରିଛି ଏବଂ ତାହାର ପୂର୍ବ ନିର୍ଣ୍ଣୟ ଯେ ଭୁଲ ଥିଲା ତାହା ମଧ୍ୟ ସେ ଅନୁଭବ କରିଛି ।

ସର୍ବ ପ୍ରଥମେ ଚିତ୍ରଲେଖା ପାଇଁ ପ୍ରଣୟ ଐଶ୍ୱର୍ଯ୍ୟ ଥିଲା । ସେ ତା'ର ପତିର ପ୍ରଣୟାସକ୍ତା ଥିଲା । ପ୍ରେମର ପବିତ୍ରତା ଥିଲା । ପତି ପ୍ରତି ତା'ର ପ୍ରଗାଢ଼ ଭକ୍ତି ଥିଲା । ସେହି ପ୍ରେମରେ ସତେ ଯେପରି ପତିର ଅସ୍ତିତ୍ୱ ସମ୍ଭବତ ସେ ତା'ର ଆପଣାର ଅସ୍ତିତ୍ୱକୁ ହଜେଇ ଦେଇଥିଲା । ସେ ହସୁଥିଲା ଓ କଥା କହୁଥିଲା କେବଳ ତା'ର ପତିକୁ ପ୍ରସନ୍ନ କରିବାର ଅଭିପ୍ରାୟରେ, ଏପରିକି ତା'ର ପତି ପାଇଁ ସେ ସୃଷ୍ଟି ଥିଲା । ତା'ର ଜୀବନର ପ୍ରତ୍ୟେକ ପଲକ ତା'ର ପତି ପାଖରେ ସମର୍ପି ଦେଇଥିଲା । ପତି ହିଁ ଥିଲା ତା'ର ଈଶ୍ୱର, ସମଗ୍ର ବିଶ୍ୱ, ତା'ର ଆପଣାର ଅସ୍ତିତ୍ୱ । ବାସ୍ତବିକ ସେ ପ୍ରେମରେ କେତେ ସୁଖ ନ ଥିଲା ସତେ ? ସେ ଆତ୍ମବଳିଦାନର ଆନନ୍ଦ କେବଳ ଅନୁଭବୀ ହିଁ ବୁଝିପାରିବ ।

ପତିର ମୃତ୍ୟୁ ପରେ ଜୀବନ ତା'ର ଅନ୍ଧକାରମୟ ହୋଇ ଯାଇଥିଲା । ସେ ଅନୁଭବ କରୁଥିଲା ଯେପରି, ତା'ର ସମସ୍ତ ସାଧନା ଓ ତପସ୍ୟା ବ୍ୟର୍ଥ ହୋଇଛି । ସେ ଅନେକ ସମୟରେ ଆତ୍ମହତ୍ୟାର ଚିନ୍ତା କରିଛି ମାତ୍ର ତାହା ଏକ ମହାପାତକ ଏହି ଜ୍ଞାନ ତା'ର ଥିଲା । ସେ ଜାଣି ଥିଲା ଯେ ତପସ୍ୟା ହିଁ ଜୀବନର ପ୍ରଧାନ ଅଙ୍ଗ ଓ ବିଧବାର କର୍ତ୍ତବ୍ୟ କେବଳ ଏକ ସଂଯମଯୁକ୍ତ ସାଧନା । ଚିତ୍ରଲେଖା ଏହା ମଧ୍ୟ କରିଥିଲା । ଏହା ତାହାପାଇଁ ଅତ୍ୟନ୍ତ କଠିଣ ହୋଇଥିଲା ନିଶ୍ଚୟ ।

Digitized by srujanika@gmail.com

ଯେତେ ଦିନଯାଏ ପତି ଜୀବିତ ଥିଲା ସେ ପୂଜା କରି ପାରୁଥିଲା; ତପସ୍ୟା କରିବାକୁ ସମର୍ଥ ଥିଲା; ସାଧନାରତା ହୋଇ ପାରୁଥିଲା । କାହିଁକି ନା ଏ ସମସ୍ତର କେନ୍ଦ୍ରସ୍ଥିତ ଥିଲା । ପତି କେବଳ ଗୋଟାଏ ମାତ୍ର ଆଧାର ଥିଲା ତା' ପାଖରେ । କେନ୍ଦ୍ରର ବିଚ୍ୟୁତି ପରେ ତା'ର ଏ ତନ୍ମୟତା ବିଚଳିତ ହୋଇ ଯାଇଥିଲା । ଆଧାର ନ ପାଇ ବିଶ୍ୱାସ ତା'ର ଲୀନ ହୋଇଯାଇଥିଲା ।

ତା'ପରେ କୃଷ୍ଣାଦିତ୍ୟର ପ୍ରଣୟ । ସେ ଥିଲା ଦେବୀ ତଥା ପ୍ରାକୃତିକ । ଏ ପ୍ରେମରେ ନ ଥିଲା ଭକ୍ତି, ଥିଲା କେବଳ ମାତ୍ର ଆତ୍ମବିସ୍ମରଣ । କୃଷ୍ଣାଦିତ୍ୟର ପ୍ରଣୟରେ ଚନ୍ଦ୍ରଲେଖା ପ୍ରଥମ ଥର ପାଇଁ ପିପାସାର ଅନୁଭବ କରି ଚମକି ଉଠିଥିଲା କିନ୍ତୁ ପିପାସାର ମହତ୍ତ୍ୱ ସେ ବୁଝି ନ ଥିଲା । ପତିର ପ୍ରେମରେ ଆପଣାକୁ ଉତ୍ସର୍ଗୀକୃତ କରିଥିଲା, ତେବେ ପିପାସା ବା କିପରି ? ବର୍ତ୍ତମାନ ସେ ତା'ର ଇଚ୍ଛାର ଅନୁଭବ କରୁଥିଲା । ସେ ପ୍ରଥମରେ ଆପଣାର ଉଦ୍‌ଗାରର ଉଗ୍ର ରୂପ ଦେଖି ଖିନ୍ନ ହୋଇଥିଲା ନିଶ୍ଚୟ । ମାତ୍ର ପରେ ପରେ ସୁଖର ସ୍ପର୍ଶରେ ସେ ପାଗଳ ହୋଇ ଯାଇଥିଲା । ଯେହେତୁ ସେ ଏ ପ୍ରେମରେ ଜୀବନକୁ ଅନୁଭବ କରୁଥିଲା । ପ୍ରେମ ଭକ୍ତି ନୁହେଁ ତେଣୁ ତାହା ଏକ ଦିଗରୁ ହୁଏ ନାହିଁ । ପ୍ରେମର ଏ ସମ୍ବନ୍ଧ ଉଭୟ ଦିଗରୁ ସମତା ରକ୍ଷା କରି ହୋଇଥାଏ; ଆତ୍ମାର ପବିତ୍ର ସମ୍ବନ୍ଧର ଅନ୍ୟ ନାମ ପ୍ରେମ । ପ୍ରେମ, କମ୍ପନ, ପିପାସା ତଥା ଆତ୍ମ-ବିସ୍ମୃତିର ଏକ ତ୍ରିବେଣୀ ସଙ୍ଗମ । ସେଠାରେ ତୃପ୍ତିର କୌଣସି ସ୍ଥାନ ନାହିଁ । ପ୍ରେମରେ ଆତ୍ମବଳିଦାନ ନିହିତ, କିନ୍ତୁ ତାହା ଏକ ଦିଗରୁ ନୁହେଁ; ଉଭୟ ଦିଗରୁ ।

କୃଷ୍ଣାଦିତ୍ୟ ମଧ୍ୟ ତା'ର ଜୀବନରୁ ଚାଲିଗଲା । ଚନ୍ଦ୍ରଲେଖା ମନେକଲା ପ୍ରଣୟ ଅମର ନୁହେଁ । ଏକ ପବିତ୍ର ସ୍ମୃତି ପ୍ରତିଦିନ ଧୂମିଳ ହୋଇ ହୋଇ ଦିନେ ବିଲୀନ ହୋଇ ଯିବା ମଧ୍ୟ ସମ୍ଭବ ।

ତା'ପରେ ବୀଜଗୁପ୍ତ । ଏଥର ଏଇ ପ୍ରଣୟରେ କେବେ କେବେ ଆତ୍ମବିସ୍ମରଣ ଓ କେବେ କେବେ ପିପାସା ଉଭୟକୁ ଅନୁଭବ କରୁଥିଲା ଚନ୍ଦ୍ରଲେଖା; କିନ୍ତୁ ଆତ୍ମବଳିଦାନ ନୁହେଁ । ଏ ପ୍ରଣୟରେ ସେ ମାଦକତା ଅନୁଭବ କରୁଥିଲା । ଭୋଗ ବିଳାସ ତଥା ଐଶ୍ୱର୍ଯ୍ୟର

Digitized by srujanika@gmail.com

ରୂପ ଦର୍ଶନ କରୁଥିଲା । ଚିତ୍ରଲେଖା ଆଜି ଏକ ନୂତନ କଥା ଦେଖୁଥିଲା ଓ ଅନୁଭବ କରୁଥିଲା ଯେ ଜୀବନ କେବଳ ମାତ୍ର ପ୍ରେମପାଇଁ ନୁହେଁ କିମ୍ବା ପ୍ରେମ ହିଁ ଜୀବନର ଏକ ମାତ୍ର ଆଧାର ନୁହେଁ ; ଏହା ସହିତ ଅନ୍ୟାନ୍ୟ ବିଷୟ ବି ରହିଛି । ସେ ଏହା ଜାଣିଥିଲା ଯେ ପ୍ରଣୟ କେବଳ କେତେଦିନ ପାଇଁ ଏକ ସୁଖର ଆଧାର ହିଁ ହୋଇଥାଏ । ସେ ସୁଖକୁ ସ୍ଥାୟୀ କରିବା ପାଇଁ ଆତ୍ମବିସ୍ମରଣ ଆବଶ୍ୟକ ହୋଇଥାଏ; କିନ୍ତୁ ଅଧୁନା ଆତ୍ମବିସ୍ମରଣ ତା'ର ପ୍ରକୃତିଗତ ଅସମ୍ଭବ ହୋଇ ପଡ଼ିଥିଲା । ଏଣୁ ଏ ଆତ୍ମ-ବିସ୍ମରଣ ଉତ୍ପନ୍ନ କରିବା ପାଇଁ ତା'ର ମଦିରାର ଆବଶ୍ୟକତା ପଡ଼ିଥିଲା ।

ତା'ପରେ ସେ କୁମାରଗିରିଙ୍କ ପ୍ରତି ଆସକ୍ତା ହୋଇଥିଲା । କୁମାରଗିରି ଯୁବା, ସୁନ୍ଦର ଓ ପ୍ରତିଭାବନ୍ତ ଥିଲେ······ଚିତ୍ରଲେଖା କୌଣସି ପ୍ରକାର ଭବିଷ୍ୟତର ବିଚାର ନ କରି କୁମାରଗିରିଙ୍କ ଆଡ଼କୁ ବିନା ଇଚ୍ଛାରେ ଆକର୍ଷିତ ହେଉଥିଲା । ସେ ଏହା ବୁଝିଥିଲା ସତ୍ୟ, ମାତ୍ର ବାସ୍ତବରେ ସେ କ'ଣ ତା' ଇଚ୍ଛା ସହିତ ପରିଚିତ ଥିଲା ?

ଚିତ୍ରଲେଖା କୁମାରଗିରିଙ୍କୁ ପ୍ରେମ କରିବାକୁ ଲାଗିଲା । ବର୍ତ୍ତମାନ ତା'ର ପ୍ରେମାଧାର ବୀଜଗୁପ୍ତର ଉପସ୍ଥିତି ହେତୁ ଚିତ୍ରଲେଖା କୁମାରଗିରିଙ୍କ ନିକଟକୁ ଯିବାକୁ ସାହସ କରି ପାରୁ ନ ଥିଲା ।

କିନ୍ତୁ ମୃତ୍ୟୁଞ୍ଜୟଙ୍କ ଭବନରେ ଶ୍ୱେତାଙ୍କର କଥା ଚିତ୍ରଲେଖାକୁ ଅସୀମ ସାହସ ଦେଇଥିଲା । ସେ ସାହସ ତା'ର ମନୁଷ୍ୟତାକୁ ପ୍ରବଞ୍ଚନା କରିବା'ର ଏକ ବାହାନା ମଧ୍ୟ ମିଳିଥିଲା । ସେ ମନେ ମନେ ଆପଣାକୁ କହିଥିଲା—ବୀଜଗୁପ୍ତଙ୍କୁ ସୁଖୀ କରିବା ମୋର କର୍ତ୍ତବ୍ୟ । ତାଙ୍କୁ ମୁକ୍ତ କରି ଦେବା ହିଁ ମୋର ମହାନ୍ ତ୍ୟାଗ ହେବ ଓ ତା' ଜୀବନକୁ ସାର୍ଥକ କରିବା ମୋର କର୍ତ୍ତବ୍ୟ । ମୋତେ ବୀଜଗୁପ୍ତଙ୍କୁ ଛାଡ଼ିବାକୁ ପଡ଼ିବ······ଚିରଦିନ ପାଇଁ ଛାଡ଼ିବାକୁ ପଡ଼ିବ ।

ସେଦିନ ଚିତ୍ରଲେଖାର ଆଖିରେ ନିଦ ନ ଥିଲା । ସେ କେବଳ ଏହା ଉପରେ ହିଁ ବିଚାର କରୁଥିଲା । ରାତ୍ରି'ର ଶେଷ ପ୍ରହରର ଶୀତଳ ସ୍ପର୍ଶ ଆଖିରେ ତା'ର ତନ୍ଦ୍ରା ଆଣିଥିଲା । ସେ ପ୍ରାୟ ମଧ୍ୟାହ୍ନବେଳକୁ ଉଠିଥିଲା ।

"ବୀଜଗୁପ୍ତଙ୍କ ପାଖରୁ କିଛି ସମାଚାର ଆସିଛି ?"

Digitized by srujanika@gmail.com

"ନା"—ଦାସୀ ଉତ୍ତର ଦେଲା ।

ଚିତ୍ରଲେଖା ସ୍ନାନ ସମାପନ କଲା । ସେଦିନ ସେ ଭୋଜନ କରିବା ପାଇଁ ବାରଣ କଲା । ରଥ ଆଣିବାକୁ ଆଜ୍ଞା ଦେଇ ସେ ବସ୍ତ୍ରାଗାରରେ ପ୍ରବେଶ କଲା । ସେ ସେଦିନ ତାର ସମସ୍ତ ଶରୀରକୁ ଆଭୂଷଣମୁକ୍ତ କରିଥିଲା । କେବଳ ଏକ କେଶରି ରଙ୍ଗର ରେଶମୀ ଶାଢ଼ୀ ହିଁ ସେ ପରିଧାନ କରିଥିଲା । ସେଦିନ ସେ କେଶ ବିନ୍ୟାସ ମଧ୍ୟ କରି ନ ଥିଲା । ରଥ ନିର୍ଦ୍ଦିଷ୍ଟ ସମୟରେ ତା'ର ଦ୍ୱାର ଦେଶରେ ଦଣ୍ଡାୟମାନ ହେଲା ।

ଚିତ୍ରଲେଖା ବୀଜଗୁପ୍ତ ଉଦ୍ଦେଶ୍ୟରେ ଏକ ପତ୍ରଲେଖି ଦାସୀ ହାତକୁ ଦେଇ ଆଦେଶ କଲା ଯେ, ଯଦି ସନ୍ଧ୍ୟା ପର୍ଯ୍ୟନ୍ତ ସେ ନ ଫେରେ ତେବେ ବୀଜଗୁପ୍ତ ନିକଟକୁ ତାହା ପଠାଇ ଦେବ । ତା'ପରେ ଗୃହର ଭାର ତାର ଏକ ବିଶ୍ୱାସୀ ଦାସୀ ହାତରେ ସମର୍ପଣ କରିଥିଲା । ଦାସୀଟି ଆଶ୍ଚର୍ଯ୍ୟାନ୍ୱିତା ହୋଇଗଲା । ଚିତ୍ରଲେଖା କେବଳ ଏତିକି ମାତ୍ର କହିଲା ।

"ବିସ୍ମିତା ହେଉଛୁ ସୁନୟନା ! ଦୁଃଖ ଓ ବିସ୍ମୟର କଣ ଆବଶ୍ୟକତା ଅଛି ? ମୁଁ କିଛି ଦିନ ପାଇଁ ଏ ବୈଭବର ଦୂରରେ ରହିବାକୁ ଚାହୁଁଛି । ମୁଁ ଯେ ପର୍ଯ୍ୟନ୍ତ ନ ଫେରିଛି, ତୁ ଏ ସମସ୍ତ ବୈଭବର ସ୍ୱାମିନୀ ।"

ସେ କୁମାରଗିରିଙ୍କ କୁଟୀର ଉଦ୍ଦେଶ୍ୟରେ ପ୍ରସ୍ଥାନ କଲା । ରାଜମାର୍ଗରେ ରଥ ରଖିବାକୁ ଆଦେଶ ଦେଇ ସେ ସାରଥିକୁ କହିଲା, "ମୁଁ ଯଦି ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରେ, ତେବେ ମୋର ଅପେକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ ।"

ଯେତେବେଳେ ଚିତ୍ରଲେଖା ଯୋଗୀ କୁମାରଗିରିଙ୍କ କୁଟୀରରେ ପଦାର୍ପଣ କଲା, ସେତେବେଳେ କୁମାରଗିରି ଧ୍ୟାନମଗ୍ନ ଥିଲେ । ଚିତ୍ରଲେଖା ତାଙ୍କର ସମ୍ମୁଖରେ ହିଁ ଉପବିଷ୍ଟ ହେଲା । ପ୍ରାୟ ଏକ ପ୍ରହର ପରେ ସେ ଧ୍ୟାନ ଭଗ୍ନ ହେଲେ । ଆଖି ଖୋଲିବା ସଙ୍ଗେ ସଙ୍ଗେ ସମ୍ମୁଖସ୍ଥିତା ଚିତ୍ରଲେଖାକୁ ହିଁ ପ୍ରଥମେ ଦେଖିଲେ । ଚିତ୍ରଲେଖା ମୁଦ୍ରିତନୟନା ଥିଲା । ସମ୍ଭବତଃ ସେ କିଛି ବିଚାର କରୁଥିଲା । କୁମାରଗିରି ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ତା'ର ଐଶ୍ୱର୍ଯ୍ୟମୟ ରୂପଲାବଣ୍ୟ ନିରୀକ୍ଷଣ କରୁଥିଲେ । ସେ ବର୍ତ୍ତମାନ ଚିତ୍ରଲେଖାର ଶାନ୍ତ ଓ ତେଜୋମୟ ତନୁର ବାସ୍ତବ ଦେଖୁଥିଲେ । ଚିତ୍ରଲେଖାର ଅଙ୍ଗରେ କେବଳ ଏକମାତ୍ର ବସନ ।

Digitized by srujanika@gmail.com

ଚନ୍ଦ୍ରଲେଖାର ସୁନ୍ଦର ତଥା ଲୋଭମୟ ମୁଖମଣ୍ଡଳରେ ଶାନ୍ତିର ଆଭା ତା'ର ସ୍ୱାଭାବିକ ଲୋଲୁପତାକୁ ଗୋପନ ରଖିଥିଲା । ମନ୍ତ୍ରମୁଗ୍ଧ କୁମାରଗିରି ଚନ୍ଦ୍ରଲେଖାକୁ ଧୀରେ ଧୀରେ କହିଲେ—

"ନର୍ତ୍ତକୀ !"

ଚନ୍ଦ୍ରଲେଖା ଆନନ୍ଦ ବିହ୍ୱଳ ହୋଇ ନୟନ ଖୋଲି ଥରେ କୁମାରଗିରିଙ୍କୁ ଦେଖି ନେଲା—ସେ କହିଲା—

"ଗୁରୁଦେବଙ୍କ ସମାଧି............ !"

"ହଁ, କିନ୍ତୁ ଚନ୍ଦ୍ରଲେଖା ତୁମେ ଏଠାକୁ ଆସିବାର କାରଣ ?"

"ଗୁରୁଦେବଙ୍କର ଶିଷ୍ୟାତ୍ୱ ଗ୍ରହଣ ଉଦ୍ଦେଶ୍ୟରେ ।"

"କିନ୍ତୁ ତୁମର ସମ୍ଭବତଃ ମନେ ଥିବ; ମୁଁ ତୁମକୁ ଦୀକ୍ଷା ଦେବାକୁ ଅସ୍ୱୀକୃତ ଜଣାଇଥିଲି !"

"ମୋର ମନେ ଅଛି, ତଥାପି ଆସିଛି । ମୁଁ ତ୍ୟାଗ କରିଛି; ମୋର ସମସ୍ତ ଐଶ୍ୱର୍ଯ୍ୟରେ ଜଳାଞ୍ଜଳି ଦେଇ ଆଜି ଆସିଛି । ମୁଁ ମୋର ସର୍ବସ୍ୱ ତ୍ୟାଗ କରି ସାରିଛି, କେବଳ ମୋ ପାଖରେ ମନଟି ହିଁ ରହିଯାଇଛି । ତାହା ହିଁ କେବଳ ମୁଁ ଆପଣଙ୍କ ନିକଟକୁ ନେଇ ଆସିଛି । ଏ ମମତ୍ୱର ବନ୍ଧନରୁ ମୋତେ ମୁକ୍ତି ଦେବା ଆପଣଙ୍କର କର୍ତ୍ତବ୍ୟ ଏବଂ ଧର୍ମ ।"

"ଅସମ୍ଭବ ନର୍ତ୍ତକୀ !" ଚନ୍ଦ୍ରଲେଖାର କୁରଙ୍ଗୀସମ କାମମୟ ନୟନ ଯୁଗଳ ତାଙ୍କ ସର୍ବାଙ୍ଗରେ ଏକ ଶିହରଣ ଆଣୁଥିଲା । ସେ ଚିତ୍କାର କରି ଉଠିଲେ "ଅସମ୍ଭବ ! ଅସମ୍ଭବ ନର୍ତ୍ତକୀ !! ଅସମ୍ଭବ !!! ତୁମକୁ ଦୀକ୍ଷା ଦେବା ମୋ ପକ୍ଷରେ ଏକାନ୍ତ ଅସମ୍ଭବ !" ସେତେବେଳେ କୁମାରଗିରି ସତେ ଯେପରି ଆପଣାକୁ ଭୁଲି ଯାଇଥିଲେ । ସେ ହଠାତ୍ କହି ପକାଇଲେ, "ତୁମକୁ ଦୀକ୍ଷିତା କରିବାର ଅର୍ଥ ସ୍ୱୟଂ ନିଜର ଅଧୋପତନକୁ ବରଣ କରିବା । ମୁଁ ତୁମକୁ ଓ ମୋ ନିଜକୁ ଜାଣେ । ତୁମକୁ ଉପରକୁ ଉଠେଇବା କଠିଣ, ବରଂ ନିଜେ ନିମ୍ନଗାମୀ ହେବା ଅତି ସରଳ ।"

କୁମାରଗିରି ଏକାଏକ ଠିଆ ହେଲେ ଓ ଋଷିପ୍ରସମ ସେ କୁଟୀରଟିରେ ଅତ୍ୟନ୍ତ ବ୍ୟସ୍ତଭାବରେ ପଦଚାରଣ କରିବାକୁ ଲାଗିଲେ । ଚନ୍ଦ୍ରଲେଖା ଏକ ପ୍ରସ୍ତର ପ୍ରତିମା ପରି ନୀରବରେ ବସିଥିଲା । କୁମାରଗିରି ହଠାତ୍ ଅଟକି ଯାଇ ପୁନରାୟ କହିଲେ—

Digitized by srujanika@gmail.com

"ନର୍ତ୍ତକୀ ! ମୁଁ ତୁମକୁ ମିଥ୍ୟା କହିବି ନାହିଁ; ସତ କହ । ତୁମେ କ'ଣ ବାସ୍ତବରେ ମୋଠାରୁ ଜ୍ଞାନ ପ୍ରାପ୍ତି ଆଶାରେ ଆସିଛ ? କ'ଣ ତୁମେ ବାସ୍ତବରେ ସମସ୍ତ ସୁଖସମ୍ଭୋଗ, ବିଳାସବ୍ୟସନରେ ଜଳାଞ୍ଜଳି ଦେଇ ଆସିଛ ? ଏହା କ'ଣ ସମ୍ଭବ ? ମୌନ କାହିଁ ପାଇଁ ?"……… କୁମାରଗିରି ହସୁଥିଲେ ।……"ତୁମେ ସତ କହିବାକୁ ଚାହୁଁନ, ମାତ୍ର ମୁଁ ଜାଣେ—ତୁମେ ମିଥ୍ୟା ବି କହିପାରିବ ନାହିଁ । ତୁମର ମୌନତା ଅସମ୍ମତିର ଦ୍ୟୋତକ ।"

ଚିତ୍ରଲେଖାର ନିଦ୍ରା ଭଗ୍ନ ହେଲା । ସେ କୁମାରଗିରିଙ୍କୁ ଦେଖି ଶାନ୍ତ ଭାବରେ ଉତ୍ତର ଦେଲା ।

"ଯୋଗୀ ! ଆପଣ ଥରେ ଆପଣାର ବିଜୟ ଓ ପରାଜୟର ଅବହେଳନ କରି ମୋତେ ସତ୍ୟ କହିଥିଲେ । ମୁଁ ମଧ୍ୟ ଆପଣଙ୍କୁ ସତ୍ୟ ହିଁ କହିବି । ମୁଁ ଆପଣଙ୍କର ପ୍ରଣୟାସକ୍ତା ହୋଇ ଆସିଛି ।"

"ତେବେ ମୋର ଅନୁମାନ ମିଥ୍ୟା ନୁହେଁ ? ଧନ୍ୟବାଦ ! ତୁମେ ମୋର ପ୍ରଣୟାସକ୍ତ ହୋଇ ଆସିଛ ।···· ମୁଁ କାହାକୁ ପ୍ରେମ କରିଛି; ନା' ପ୍ରେମ କ'ଣ ଜାଣିଛି ? କେଡ଼େ ବିଚିତ୍ର ନୁହେଁ ? କିନ୍ତୁ ମୁଁ ତମକୁ ଆଉ ଏକ କଥା ପଚାରିବି । ପ୍ରଣୟର ଧାରା କ'ଣ ? ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ଏଇ ଧାରଣାରେ ଥିଲି ଯେ ମଣିଷ ମନରେ ପ୍ରେମର ଉତ୍ପତ୍ତି ସ୍ୱୟଂ ହୁଏ; କିନ୍ତୁ ପ୍ରେମ ପାଇଁ ମଣିଷ ପ୍ରଥମେ କଟିବଦ୍ଧ ହୁଏ ଏବଂ ପ୍ରେମ କରେ । ଏହା ଜାଣି ନ ଥିଲି"—କୁମାରଗିରି ହସୁଥିଲେ; ମାତ୍ର ସେ ହସ ଶୁଷ୍କ ଏବଂ ବ୍ୟଙ୍ଗାତ୍ମକ ଥିଲା । ଚିତ୍ରଲେଖା ଚକିତ ହେଉଥିଲା ।

ସେ କହିଲା—ଯୋଗୀ ! ମୁଁ ମୋର ମନୋଭାବର ପ୍ରକାଶ ପାଇଁ ଏକ ଭୁଲ ଢଙ୍ଗର ମାଧ୍ୟମ ଅନୁସରଣ କରିଥିଲି । ମୁଁ ଆପଣଙ୍କୁ ପ୍ରେମ କରେ । ଆପଣ ଜାଣନ୍ତି···ଅନେକ ଦିନରୁ ଜାଣନ୍ତି । ଆପଣଙ୍କ ନିକଟକୁ ମୁଁ ଏଇ ହେତୁରୁ ଆସିଛି ଯେ ଆପଣ ବି ମୋତେ ପ୍ରେମ କରନ୍ତୁ । ବର୍ତ୍ତମାନ ହିଁ ମୁଁ ଆପଣଙ୍କୁ ସବୁ କଥା ଖୋଲି କହିବାରେ ସମର୍ଥ ହୋଇଛି ।

"ତୁମେ ମୋତେ ପ୍ରେମ କର—ଏହା ହିଁ ଯଥେଷ୍ଟ । ମୁଁ ତୁମକୁ ଏଥିପାଇଁ କେବେହେଲେ ବାରଣ କରି ନାହିଁ । ନା' ମୁଁ ତୁମକୁ ବାରଣ

Digitized by srujanika@gmail.com

କରି ପାରିବ ! ପ୍ରେମର ବିନିମୟରେ ପ୍ରେମର ଆଶା କରିବା ନିର୍ଭୁଲ ମାତ୍ର ସେ ଆଶାକୁ ସଫଳ କରିବା ଏକ ଅନଧିକାର ପ୍ରୟାସ ।”

ଚିତ୍ରଲେଖାର ମୁଖମଣ୍ଡଳ ନିରାଶାରେ ମଳିନ ହୋଇ ପଡ଼ୁଥିଲା, ସେ କିଛିକ୍ଷଣ ପାଇଁ ଆପଣାକୁ ଆୟତ୍ତ କରୁଥିଲା ନିଶ୍ଚୟ । ସେ ଅତ୍ୟନ୍ତ ଗମ୍ଭୀର ସ୍ୱରରେ କହିଲା—

“ଆପଣ ଠିକ୍ କହୁଛନ୍ତି ଯୋଗୀ ! ମୁଁ ଏଥର ବି ଆଂଶିକ ଭୁଲ କହିଥିଲି । ପ୍ରେମର ଅତୃପ୍ତ ପିପାସାର ତୃପ୍ତି ପାଇଁ ମୁଁ ଏଠାକୁ ଆସିଛି । ମୁଁ ଯାହାକୁ ପ୍ରେମ କରେ ତା’ର ଚରଣ ଧୂଳି ପ୍ରତିଦିନ ଶିରୋଧାରଣ କରିବାର ସୌଭାଗ୍ୟ ପାଇବି ବୋଲି ମୁଁ ଆସିଛି । ମୁଁ ଆପଣଙ୍କ ଭିତରେ ଆପଣାକୁ ସମ୍ପୂର୍ଣ୍ଣରୂପେ ବିଲୀନ କରିଦେବାକୁ ଆସିଛି । ସେବା ଓ ଭକ୍ତିରେ ଆତ୍ମବିସ୍ମରଣ ଏବଂ ଅତୃପ୍ତ ପିପାସା—ଏହାହିଁ ପ୍ରଣୟର ଦ୍ୟୋତକ । ମୁଁ ମୋର ବିବାହ ସମୟରେ ସତ୍ୟ, କର୍ତ୍ତବ୍ୟ ତଥା ବିଶ୍ୱାସର ଆବରଣ ତଳେ ଏହା ଦେଖିଥିଲି, କିନ୍ତୁ ସେଇ ଆବରଣ ଥିବା ସତ୍ତ୍ୱେ ମୁଁ ତା’ର ବାସ୍ତବିକ ମହତ୍ତ୍ୱ ବୁଝି ପାରି ନ ଥିଲି । ବର୍ତ୍ତମାନ ପୁଣି ମୁଁ ସେହି ସତ୍ୟକୁ ହିଁ ଦେଖୁଥିବାରୁ ମୁଁ ଆପଣଙ୍କ ନିକଟକୁ ଆସିଛି ।”

ଏ କଥାରେ କୁମାରଗିରି ଗମ୍ଭୀର ହୋଇଗଲେ········ ।

“ସୁନ୍ଦରୀ ! ବାସନାଠାରୁ ଦୂରରେ ରହି ପ୍ରେମ କ’ଣ ସମ୍ଭବ ହୋଇପାରେ ?” ତାଙ୍କର ମନ ତଳେ ଏଇ ପ୍ରଶ୍ନ ଜାଗ୍ରତ ହୋଇ ଉଠୁଥିଲା । ତାଙ୍କର ସାଧନା ଓ ବିଶ୍ୱାସ ତା’ର ଉତ୍ତର ଦେଉଥିଲା— “ଅସମ୍ଭବ !” ହୃଦୟ କହୁଥିଲା—ମୂର୍ଖ ! ଶୁଦ୍ଧ ପ୍ରେମରେ ବାସନା ଓ ତୃଷ୍ଣାର କୌଣସି ସ୍ଥାନ ନାହିଁ ।”

“ମୋତେ କିଛି ସମୟ ଦିଅ, ଦେବୀ ! ଏହା ମୋ ପାଇଁ ଏକ କଠିଣ ସମସ୍ୟା ।”

ଚିତ୍ରଲେଖା କୁମାରଗିରିଙ୍କର ଚରଣ ତଳେ ଲୋଟିପଡ଼ି କହିଲା···“ସମୟ ଦେବାର ସମୟ ନାହିଁ, ଦେବ ! ଯାହା ହେବାର ଥିଲା ତାହା ହୋଇଯାଇଛି । ମୁଁ ଅନେକ ଦୂର ଚାଲିଆସିଛି—ପଛକୁ ଫେରିଯିବା ମୋ ପକ୍ଷରେ ସମ୍ଭବ ନୁହେଁ । ମୁଁ ଏ କୁଟୀରରେ ହିଁ ଆଶ୍ରୟ ନେବାକୁ ଆସିଛି । ଏଠାରୁ ଫେରିଯିବାର ଅଭିପ୍ରାୟ ନେଇ ଆସିନାହିଁ ।”

Digitized by srujanika@gmail.com

ଏ କଥାରେ ଉତ୍ତର ନ ଦେଇ କୁମାରଗିରି କହିଲେ—

"ତୁମେ କଣ ଚାଲି ଚାଲି ଆସିଛ ?"

"ନା !"

"ତେବେ ରଥ ?"

"ରାଜମାର୍ଗରେ ଛାଡ଼ିଦେଇ ଆସିଥିଲି— ସେ ଫେରିସିବଣି ।"

କୁମାରଗିରି ଆକାଶକୁ ଚାହିଁଥିଲେ । ତାଙ୍କର ନୟନ ବେନି ସତେ ଯେପରି ଆକାଶର ନୀଳିମା ତଳେ କଣ ଖୋଜିବୁଲୁଥିଲା । ସେ ମନେ ମନେ କହୁଥିଲେ—

"ହେ ଭଗବାନ ! କଣ ବା ରହସ୍ୟ ନିହିତ ରହିଛି ଏଥିରେ ? କ'ଣ ବା ତୁମର ଇଚ୍ଛା ?—ତୁମର ଇଚ୍ଛା ପୂର୍ଣ୍ଣ ହେଉ !"

ତା'ପରେ ସେ ଆପଣାର ଚରଣ ତଳୁ ଚନ୍ଦ୍ରଲେଖାକୁ ଉଠେଇ ଆଣିଲେ—

"ଦେବୀ ! ମୁଁ ତୁମକୁ ଦୀକ୍ଷା ଦେବ । ଭଗବାନଙ୍କର ଏହାହିଁ ଇଚ୍ଛା, ଯେ ମୁଁ ସଂସାରର ବାସନା ସମୂହ ସହିତ ଯୁଦ୍ଧ କରେ...... ତାହାହିଁ ହେଉ ।" ତା'ପରେ ସେ ବିଶାଳଦେବକୁ ଡାକିଲେ—

"ବିଶାଳଦେବ ! ତୁମକୁ ଦେବୀ ଚନ୍ଦ୍ରଲେଖା ପାଇଁ କୁଟୀର ନିର୍ମାଣ କରିବାକୁ ପଡ଼ିବ ।"

ବିଶାଳଦେବ ଆଶ୍ଚର୍ଯ୍ୟ ହୋଇଗଲା । ସେ ଏ ରହସ୍ୟକୁ ସୁନ୍ଦର ଭାବେ ବୁଝିଥିଲା । ସେ ଚନ୍ଦ୍ରଲେଖାକୁ ଅଭିବାଦନସିକ୍ତ କଣ୍ଠରେ କହିଲା— "ଦେବୀ ! ମୁଁ ସ୍ୱାଗତ କରୁଛି । ତା'ପରେ ସେ କୁମାରଗିରିଙ୍କୁ ଏକ ଭାବପୂର୍ଣ୍ଣ ଦୃଷ୍ଟିରେ ଚାହିଁଲା । କୁମାରଗିରି ସେ ଦୃଷ୍ଟିର ଅର୍ଥ ସମ୍ପୂର୍ଣ୍ଣରୂପରେ ବୁଝୁଥିଲେ ।"

"ତୁମକୁ ଆଶ୍ଚର୍ଯ୍ୟ ଲାଗୁଛି ବତ୍ସ ! ଥରେ ତୁମେ ମୋର ଦୁର୍ବଳତାକୁ ଦେଖିଛ, ଏଣୁ ତୁମର ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । ମାତ୍ର ମନେ ରଖ ମଣିଷର କର୍ତ୍ତବ୍ୟ ହେଉଛି ଦୁର୍ବଳତା ଉପରେ ବିଜୟ ପ୍ରାପ୍ତି କରିନେବା । ଆଜ ଭଗବାନ ମୋ ପାଖରେ ଏକ ସତ୍ୟ ପ୍ରକାଶ କରିଛନ୍ତି । ବାସନା ସହିତ ଦ୍ୱନ୍ଦରତ ଥିବାହିଁ ଜୀବନରେ ଏକ ବିରାଟ ଉତ୍କର୍ଷତା । ଏଣୁ ମୁଁ ଚନ୍ଦ୍ରଲେଖାକୁ ଦୀକ୍ଷା ଦେବାକୁ ସ୍ୱୀକୃତ ।"

Digitized by srujanika@gmail.com

ବିଶାଳଦେବ ହସି କହିଲେ—"ଗୁରୁଦେବଙ୍କର ବାକ୍ୟ ସର୍ବଦା ଠିକ୍ । କୁଟୀର ଆଜ ରାତ୍ରୀ ପୂର୍ବରୁ ନିର୍ମାଣ କରିବାକୁ ହିଁ ହେବ ।"

ବିଶାଳଦେବର ଏଇ ହାସ୍ୟ ଓ ପ୍ରଶ୍ନ କୁମାରଗିରିଙ୍କ ମନରେ କ୍ରୋଧର ଏକ ବିଦ୍ୟୁତ ସଞ୍ଚାଳନ କରୁଥିଲା । ସେ କ୍ରୋଧରେ ଥରି ଉଠିଲେ ଓ ଦୃଢ଼ତା ପୂର୍ଣ୍ଣ କଣ୍ଠରେ କହିଲେ—

"ନା ବିଶାଳଦେବ ! ସ୍ୱତନ୍ତ୍ର କୁଟୀରର ଆବଶ୍ୟକତା ନାହିଁ । ଚନ୍ଦ୍ରଲେଖା ମୋର କୁଟୀରରେ ହିଁ ରହିବ । ବୁଝିଲ ବିଶାଳଦେବ...... ମୋର ଦୁର୍ବଳତାର ଉପହାସ କରୁଥିବା ଉଦ୍ଧତ ନବଯୁବକ ! ତୁମର ମନେ ରଖିବା ଉଚିତ ଯେ ମୁଁ ତୁମର ଗୁରୁ; ମୋର ସ୍ତର ତୁମଠାରୁ ଉଚ୍ଚତର । ମୁଁ ତୁମକୁ ଦେଖାଇ ଦେବାକୁ ଚାହେଁ ଯେ ସାଧନା ଓ ତପସ୍ୟାରତ ବ୍ୟକ୍ତି କେତେ ଦୂର ବଳିଷ୍ଠ ହୋଇପାରେ ।"

କୁମାରଗିରିଙ୍କର ଏ ରୁଦ୍ରରୂପ ଦେଖି ବିଶାଳଦେବ ଭୟ ଖିତ ହୋଇଗଲେ । ସେ କୁମାରଗିରିଙ୍କର ଚରଣ ତଳେ ଲୋଟିପଡ଼ି କ୍ଷମାପ୍ରାର୍ଥନା କଲେ—

"ମୋର ଏ ଧୃଷ୍ଟତା କ୍ଷମା କରନ୍ତୁ ଗୁରୁଦେବ ! ମୁଁ ବର୍ତ୍ତମାନ କୁଟୀର ପ୍ରସ୍ତୁତ କରୁଛି ।"

"ନା"......କୁମାରଗିରି ଗର୍ଜି ଉଠିଲେ । "ଆଉ କୁଟୀରର କୌଣସି ଆବଶ୍ୟକତା ନାହିଁ ବିଶାଳଦେବ ! ମୁଁ ଥରେ ତୁମରେ ପଡ଼ି ତୁମ ଗୁରୁଙ୍କୁ ଉପହାସ କରିଥିଲ । ଏଣୁ ମୋତେ ଆଜ ତା'ର ଦଣ୍ଡ ମିଳୁଛି । ତୁମ ଗୁରୁ ତୁମକୁ ଏଠାରେ ପାପର ସନ୍ଧାନ ନେବାକୁ ଛାଡ଼ି ଦେଇ ଯାଇଛନ୍ତି । ବର୍ତ୍ତମାନ ତୁମକୁ ପାପ ଓ ପୁଣ୍ୟର ସନ୍ଧାନ ନେବାକୁ ଅବସର ମିଳିଛି । ତୁମେ ପାପ କ'ଣ ଦେଖ ଓ ତାହା ଉପରେ କେଉଁପରି ବିଜୟ ପ୍ରାପ୍ତି କରିଯାଏ ତାହା ମଧ୍ୟ ଶିକ୍ଷା କର......ତୁମେ ଯାଇପାର...ବର୍ତ୍ତମାନ ସନ୍ଧ୍ୟା ବନ୍ଦନାର ସମୟ ହେଲାଣି ।"

ବିଶାଳଦେବ ଚାଲିଗଲେ । କୁମାରଗିରି ଚନ୍ଦ୍ରଲେଖାକୁ କହିଲେ—

"ଦେଖ ! ଯାହା ହୋଇଛି ତାହା ଯେପରି ସ୍ୱପ୍ନପରି ଘଟିଯାଇଛି । ମୁଁ ଏହା ଉପରେ ସ୍ୱୟଂ ବିଶ୍ୱାସ କରି ପାରୁ ନାହିଁ । କିନ୍ତୁ ଯାହା ହେବା

Digitized by srujanika@gmail.com

କଥା ତାହା ହୋଇଯାଇଛି । ସମସ୍ତ ସମୟରେ ଭୟ ହେଉଛି--ମନେ ହେଉଛି ସତେ ଯେପରି ମୁଁ ଅଗ୍ନି ସହିତ ଖେଳିବାକୁ ଯାଉଛି ।"

ଚନ୍ଦ୍ରଲେଖାର ଅଧର ତଳେ ନୃତ୍ୟରତା ହେଉଥିଲା ମଧୁର ସ୍ମିତ ହାସ୍ୟର ଏକ କମନୀୟ ଅରୁଣ ରେଖା । ସେ କୋମଳ କଣ୍ଠରେ କହିଲା—"ଦେବ ! ମୋତେ ଭୟ କରିବାର କୌଣସି କାରଣ ନାହିଁ । ଆପଣ ମୋତେ ଆପଣଙ୍କର ତପସ୍ୟା ତଥା ସାଧନା ପଥରେ କଣ୍ଟକ ରୂପେ ଦେଖିବାକୁ ପାଇବେ ନାହିଁ—ମୁଁ ଏତିକି ବିଶ୍ୱାସ ଦେଉଛି । ମୁଁ ଆପଣଙ୍କୁ ପ୍ରେମ କରେ—ପ୍ରେମର ଅର୍ଥ ହେଉଛି ଅସୀମ ତ୍ୟାଗ । ମୁଁ କେବଳ ଏଥିରେ ସୁଖୀ ହେବି, ଯେଉଁଥିରେ ଆପଣ ସୁଖୀ ହେବେ ।"

"ତଥାସ୍ତୁ ।"

କୁମାରଗିରି ଆପଣା ଆସନ ଗ୍ରହଣ କଲେ । ସେ କହିଲେ—

"ଦେବୀ ! ତୁମକୁ ଆପଣା ପାଇଁ କୁଶାସନ ପ୍ରସ୍ତୁତ କରିବାକୁ ପଡ଼ିବ । ତୁମେ ବିଶାଳଦେବ ପାଖରୁ କୁଶ ସଂଗ୍ରହ କରିପାର । ମୋର ସନ୍ଧ୍ୟା ସମାଧିର ସମୟ ହେଲାଣି ।"

ତା'ପରେ କୁମାରଗିରି ସମାଧିସ୍ଥ ହେଲେ ।

Digitized by srujanika@gmail.com

ଦ୍ୱାଦଶ ପରିଚ୍ଛେଦ—

ଖାଜଗୁପ୍ତ ଅନୁଭବ କରୁଥିଲ ଯେ, ସେ ମୃତ୍ୟୁଞ୍ଜୟଙ୍କୁ ଅକାରଣରେ ଅପମାନ କରିଛନ୍ତି— ପରଦିନ ସକାଳେ ଯେତେବେଳେ ଶ୍ୱେତାଙ୍କ ଖାଜଗୁପ୍ତ ସମୀପକୁ ଆସିଲ, ସେତେବେଳେ ସେ କହିଲ—

"ଶ୍ୱେତାଙ୍କ ! ମୃତ୍ୟୁଞ୍ଜୟଙ୍କ ଭବନରେ ସେଇ ଉତ୍ସବରେ ମୁଁ ତାଙ୍କୁ ସମ୍ଭବତଃ କିଛି ଅନୁଚିତ କଥା କହିଛି । କିନ୍ତୁ ମୁଁ ଅବଧି ବୁଝି-ପାରୁ ନାହିଁ ଯେ, ମୋର କଥାର କେଉଁ ଅଂଶ ଅନୁଚିତ ଥିଲ । ତୁମେ ତ ସେଠାରେ ଉପସ୍ଥିତ ଥିଲ; ତୁମର କ'ଣ ସେ ସବୁ ସ୍ମରଣ ନାହିଁ ?"

କିଛି ସମୟ ଚିନ୍ତା କରି ଶ୍ୱେତାଙ୍କ କହିଲ—

"ସ୍ୱାମୀ ଯାହା କହିଛନ୍ତି ଉଚିତ କହିଛନ୍ତି । ଅପମାନ ତ ଦୂରର କଥା, ମାତ୍ର କଥୋପକଥନ ଏତେ ଖୋଲା ଖୋଲି ଭାବରେ ହେଲ ଯେ, ଆର୍ଯ୍ୟଶ୍ରେଷ୍ଠ ମୃତ୍ୟୁଞ୍ଜୟ ଆପଣାକୁ ଅପମାନିତ ମନେ କରିଥିବା ଅସମ୍ଭବ ନୁହେଁ । କିନ୍ତୁ ଏଥିରେ ଚିନ୍ତିତ ହେବାର କ'ଣ ଅଛି ? ସତ୍ୟ ତ ସତ୍ୟ, ମାତ୍ର ଦୁଇ ଜଣଙ୍କର ସିଦ୍ଧାନ୍ତ ବିରୋଧୀ ହୋଇପାରେ ।"

"ନାଁ ନାଁ ଶ୍ୱେତାଙ୍କ ! ତୁମେ ଏଠାରେ ଭୁଲ କରୁଛ । ସତ୍ୟ ନିଶ୍ଚୟ ସତ୍ୟ । ମାତ୍ର ସତ୍ୟ ଅପ୍ରିୟ ହେବା ଉଚିତ ନୁହେଁ । ମୁଁ ଯାହା କହିଲି ତାକୁ ଅନ୍ୟ ରୂପରେ ବିନମ୍ରତା ରକ୍ଷା କରି ମଧ୍ୟ କୁହାଯାଇ ପାରିଥାଆନ୍ତା ?"

ଖାଜଗୁପ୍ତଙ୍କୁ ମୃତ୍ୟୁଞ୍ଜୟଙ୍କର ଅପମାନ ପ୍ରତି ଧ୍ୟାନ ନ ଥିଲ, ମାତ୍ର ଆପଣାର କଥାରେ ଯଶୋଧରଙ୍କୁ ଅକାରଣ ଦୁଃଖିତ କରିଥିବା ହେତୁ ସେ ବେଶୀ ଦୁଃଖିତ ହେଉଥିଲ । ତା'ର ଆଖି ଆଗରେ ଯଶୋଧରଙ୍କ

Digitized by srujanika@gmail.com

ସରଳ ଭ୍ରୁଷ ନାଚି ଉଠୁଥିଲା । ଯଶୋଧରା ଏକ କ୍ରମବ୍ର ଭ୍ରମଶ—ତା'ର ସାରଲ୍ୟ, ତା'ର ପ୍ରଶାନ୍ତ ତଥା ସୁଧାସିକ୍ତ ନୟନ ଦ୍ୱୟ, ତା'ର ନୀଳ ଓ ତେଜ କଳୁଷିତ ସୁନ୍ଦର ମୁଖମଣ୍ଡଳ; ଏ ସମସ୍ତ ତା'ର ଆଖି ଆଗରେ ରହି ରହି ନାଚି ଉଠୁଥିଲା । କିନ୍ତୁ ସେ ଯଶୋଧରାକୁ ପ୍ରେମ କରି ପାରିବନି । କାରଣ ତା'ର ଅନ୍ତରର ଏକ ମାତ୍ର ଅଧିକାରିଣୀ ଚନ୍ଦ୍ରଲେଖା । ଚନ୍ଦ୍ରଲେଖାର ମାଦକତା ଯଶୋଧରା ପାଖରେ ନ ଥିଲା । ଚନ୍ଦ୍ରଲେଖାର ହୃଦୟ ଯଶୋଧରାର ନ ଥିଲା । ଚନ୍ଦ୍ରଲେଖା ତା'ର ପତ୍ନୀ ନ ହୋଇ ମଧ୍ୟ ତା'ର ପତ୍ନୀ ସମାନ ଥିଲା । ନର୍ତ୍ତକୀ ହେଲେ ମଧ୍ୟ ସେ ପ୍ରେମ-ପ୍ରଣୟର ଏକ ଜୀବନ୍ତ ପ୍ରତିମୂର୍ତ୍ତି ଥିଲା । ଅର୍ଥ ଲୋଭ ଚନ୍ଦ୍ରଲେଖାର ନ ଥିଲା, ଯେହେତୁ ତା ନିକଟରେ ଯଥେଷ୍ଟ ଧନ ଥିଲା । ଯେଉଁଦିନ ପ୍ରଥମ ଥରପାଇଁ ଚନ୍ଦ୍ରଲେଖା ସହିତ ତା'ର ପରିଚୟ ହୋଇଥିଲା ତା'ର ସ୍ମୃତିପଟରେ ଅଙ୍କି ହୋଇଯାଇଥିଲା । ଚନ୍ଦ୍ରଲେଖା ଓ ଯଶୋଧରା ମଧ୍ୟରେ କୌଣସି ସାମଞ୍ଜସ୍ୟ ନ ଥିଲା । ଚନ୍ଦ୍ରଲେଖା ତା ନିକଟରେ ଖୁବ୍ ଉପରେ । କିନ୍ତୁ ଯଶୋଧରା ବିଷୟରେ ସେ ଯେ କାହିଁକି ଏତେ ଚିନ୍ତିତ ହୋଇପଡୁଥିଲା ତାହା ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ସେ ଶ୍ୱେତାଙ୍କକୁ କହିଲା—

"ଶ୍ୱେତାଙ୍କ ! ମୁଁ ଭାବୁଛି, ମୋର କଟୁବାକ୍ୟ ପାଇଁ ଆର୍ଯ୍ୟଶ୍ରେଷ୍ଠ ମୃତ୍ୟୁଞ୍ଜୟଙ୍କ ନିକଟରେ କ୍ଷମାପ୍ରାର୍ଥନା କରିବା ଉଚିତ ।"

"ଯାହା ସ୍ୱାମୀଙ୍କର ଇଚ୍ଛା ।"

"କିନ୍ତୁ ମୁଁ ସେଠାକୁ ଯିବାକୁ ଚାହୁଁନି !" ବିଜଗୁପ୍ତ ଯଶୋଧରାକୁ ଭୁଲିଯିବାକୁ ଚାହୁଁଥିଲା । "ମୁଁ ତୁମକୁ ଏକ ପତ୍ର ଲେଖିଦେଉଛି । ତୁମେ ତା'କୁ ନେଇ ମୃତ୍ୟୁଞ୍ଜୟଙ୍କୁ ଦେଇଆସିବ ।"

"ଆଜ୍ଞା !" ଶ୍ୱେତାଙ୍କ ନୀରବ ହେଲା । ମୃତ୍ୟୁଞ୍ଜୟଙ୍କ ନିକଟକୁ ଏକ ପତ୍ର ଲେଖି ବସିଲା ବିଜଗୁପ୍ତ ।

ପତ୍ର ନେଇ ଶ୍ୱେତାଙ୍କ ମୃତ୍ୟୁଞ୍ଜୟଙ୍କ ଭବନରେ ଉପସ୍ଥିତ ହୋଇ ପ୍ରହରୀକୁ ପ୍ରଶ୍ନ କଲା—

"ଆର୍ଯ୍ୟଶ୍ରେଷ୍ଠ ମୃତ୍ୟୁଞ୍ଜୟ ଉପସ୍ଥିତ ଅଛନ୍ତି ?"

"ସେ କାର୍ଯ୍ୟ ବଶତଃ ଅନ୍ୟତ୍ର ଯାଇଛନ୍ତି । ଆପଣଙ୍କର କ'ଣ କାର୍ଯ୍ୟ ଥିଲା ?"—ପ୍ରହରୀ ଉତ୍ତର ଦେଲା ।

Digitized by srujanika@gmail.com

"ହଁ ତାଙ୍କ ନିକଟରୁ ଏକ ପତ୍ର ନେଇ ଆସିଥିଲି ।"

"ମୋତେ ଦିଅନ୍ତୁ ମୁଁ ଦେଇଦେବି ।"

"ନାଁ, ତାଙ୍କ ବିନା ଅଥବା ତାଙ୍କର ସୁପୁତ୍ର ଯଶୋଧର ବିନା ଏ ପତ୍ର ମୁଁ ଅନ୍ୟ କାହା ହାତରେ ଦେଇପାରିବି ନାହିଁ ।"

ଅର୍ଜୁନର ଏ ଶବ୍ଦ ଯେପରି ତା'ର କଣ୍ଠ ନିଃସୃତ ହେଉଥିଲା । ପ୍ରହରୀ ଯଶୋଧରଙ୍କୁ ସୂଚନା ଦେଇ ଶ୍ୱେତାଙ୍କୁ ଅତିଥି ଭବନରେ ନେଇ ଛାଡ଼ିଦେଇ ଆସିଲା । ସ୍ୱଳ୍ପ ସମୟ ପରେ ଯଶୋଧର ଅତିଥି ଭବନରେ ପ୍ରବେଶ କଲା । ସେ ଶ୍ୱେତାଙ୍କୁ ଦେଖି ଆସନ ଗ୍ରହଣ-ପୂର୍ବକ କହିଲା—

"କହନ୍ତୁ ।"

"ମାନ୍ୟ ରାଜପୁତ୍ର ଆପଣଙ୍କ ପିତାଙ୍କ ନାମରେ ଏକ ପତ୍ର ପ୍ରେରଣ କରିଛନ୍ତି । ମୁଁ ସେଇ ପତ୍ରର ବାହକରୂପରେ ଆପଣଙ୍କ ସମ୍ମୁଖରେ ବର୍ତ୍ତମାନ ଉପସ୍ଥିତ ।" ଶ୍ୱେତାଙ୍କ ସେତେବେଳେ ରାଜପୁତ୍ରଙ୍କୁ ସ୍ୱାମୀ ବୋଲି ସମ୍ବୋଧନ କରିବା ଉଚିତ ମନେ କରି ନ ଥିଲା ସମ୍ଭବତଃ ।

"ବାପା ସମ୍ଭବତଃ ଆସୁଥିବେ । ଆପଣଙ୍କୁ ତାଙ୍କ ପ୍ରତୀକ୍ଷାରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ।" ଯଶୋଧରର ମନୋହାରିଣୀ ନୟନ ବେନି ଶ୍ୱେତାଙ୍କର ଦୃଷ୍ଟି ରେଖାରେ ମିଳିତ ହେଉଥିଲା । ମାତ୍ର ସେ ଦୃଷ୍ଟିରେ ଲେଶମାତ୍ର ସଙ୍କୋଚ ନ ଥିଲା । ଶ୍ୱେତାଙ୍କ ହଠାତ୍ କହିଉଠିଲା—

"ପାଟଳୀପୁତ୍ରର ସର୍ବଶ୍ରେଷ୍ଠ ସୁନ୍ଦରୀର ସାନ୍ନିଧ୍ୟରେ ପ୍ରତୀକ୍ଷା କରିବାରେ କଷ୍ଟ ବା କାହିଁକି ହେବ ?"

ଯଶୋଧର ଏପରି ଭାଷା ଶୁଣିବାରେ ଅଭ୍ୟସ୍ତ ନ ଥିଲା; ବିଶେଷତଃ ଏପରି ଏକ ବ୍ୟକ୍ତି ପାଖରୁ ଯାହା ସହିତ କେବଳ ମାତ୍ର କେତେକ କ୍ଷଣର ହିଁ ପରିଚୟ ଘଟିଛି । କିନ୍ତୁ ସେତେବେଳେ ମଧ୍ୟ କଥାଟା ମଧୁର ଥିଲା । ଯଶୋଧରର ନୟନ ବେନି ହର୍ଷମିଶ୍ରିତ ଲଜ୍ଜାରେ ନତ ହେଉଥିଲେ ଓ କପୋଳର ସ୍ୱାଭାବିକ ଅରୁଣତା ଦ୍ୱିଗୁଣିତ ହୋଇ ଉଠୁଥିଲା । ଶ୍ୱେତାଙ୍କ ତା'ର ଅତିଥି ଥିଲା; ଏଣୁ ଆଦର କରିବା ତା'ର କର୍ତ୍ତବ୍ୟ । ସେ ଶ୍ୱେତାଙ୍କୁ ପଚାରିଲା—

—"ସମ୍ଭବତଃ ଆପଣ ରାଜପୁତ୍ରଙ୍କୁ ସମ୍ପୂର୍ଣ୍ଣରୂପେ ଜାଣିଥିବେଣି ।"

Digitized by srujanika@gmail.com

"ନିଶ୍ଚୟ—ସଂସାରର ସର୍ବଶ୍ରେଷ୍ଠ ମନୁଷ୍ୟଙ୍କ ଭିତରେ ତାଙ୍କୁ ଗଣନା କରିବାରେ କାହାରି କେବେ କୌଣସି ଆପତ୍ତି ନ ରହିବା ଉଚିତ ।"

......"ଓ, ନର୍ତ୍ତକୀ ଚନ୍ଦ୍ରଲେଖା ?"

"ସେ ଏକ ଉଚ୍ଚ କୋଟୀର ସ୍ତ୍ରୀ । ମୁଁ ଏତିକି ମଧ୍ୟ କହିପାରେ ଯେ ସେ ସାକ୍ଷାତ୍ ଦେବୀ । ଯେ ଚନ୍ଦ୍ରଲେଖାଙ୍କୁ ଜାଣିଛି, ସେ ସୌନ୍ଦର୍ଯ୍ୟ ତଥା ସୌନ୍ଦର୍ଯ୍ୟ ଜନିତ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଜାଣିଛି ।"

ଯଶୋଧରା ହସୁଥିଲା—"ତେବେ ମୋର ଧାରଣା ମଧ୍ୟ ନିର୍ଭୁଲ ଥିଲା ।......ଆର୍ଯ୍ୟ ! ତୁମର ନାମ ସମ୍ଭବତଃ ଶ୍ୱେତାଙ୍କ ?"

......"ଦେବୀଙ୍କର ଅନୁମାନ ଯଥାର୍ଥ !"

"ଆର୍ଯ୍ୟ ଶ୍ୱେତାଙ୍କ ! ମୁଁ ଆପଣଙ୍କୁ ଆଉ ଏକ ପ୍ରଶ୍ନ ପଚାରିବି । ବାସ୍ତବିକ ଆପଣଙ୍କର ଗୁରୁଦେବ ପାପର ସନ୍ଧାନ ନେବାକୁ ଆପଣଙ୍କୁ ସାମନ୍ତ ବୀଜଗୁପ୍ତଙ୍କ ନିକଟକୁ ପଠାଇଛନ୍ତି ? ଯଦି କହୁଥାନ୍ତି, ତାହାହେଲେ କ'ଣ ବାସ୍ତବିକ ବୀଜଗୁପ୍ତଙ୍କର ବ୍ୟକ୍ତିତ୍ୱ ପାପର ସନ୍ଧାନ ନେବାର ଉପଯୁକ୍ତ କ୍ଷେତ୍ର ?"

ଶ୍ୱେତାଙ୍କ ହସି କହିଲା—"ଦେବୀ ! ଆପଣଙ୍କର କଥା ସତ୍ୟ । ମୋର ଗୁରୁଦେବ ମୋତେ ପାପର ସନ୍ଧାନ ନେବାକୁ ହିଁ ବୀଜଗୁପ୍ତଙ୍କ ନିକଟକୁ ପଠାଇଛନ୍ତି । ବୀଜଗୁପ୍ତଙ୍କର ବ୍ୟକ୍ତିତ୍ୱ ପାପର ସନ୍ଧାନ ନେବାର ଉପଯୁକ୍ତ କ୍ଷେତ୍ର କି ନୁହେଁ, ଏ କଥା ଥାଉ । କାରଣ ମୁଁ ମଧ୍ୟ ବର୍ତ୍ତମାନ ଅସମଞ୍ଜସ ସ୍ଥିତିରେ । ମୁଁ ଆପଣଙ୍କୁ ଆଉ ଏକ କଥା କହିବାକୁ ଚାହୁଁଛି ଯେ, କାଲି ଯୋଗୀ କୁମାରଗିରିଙ୍କ ମଠରେ ଯେ ଶିଷ୍ୟ ଆସିଥିଲା, ସେ ମୋର ଗୁରୁଭାଇ ! ସେ ମଧ୍ୟ ମୋର ଗୁରୁଙ୍କଦ୍ୱାରା ପାପର ସନ୍ଧାନ ନେବାକୁ ହିଁ ଯୋଗୀ କୁମାରଗିରିଙ୍କ ନିକଟକୁ ପ୍ରେରିତ ହୋଇଛି । ସମ୍ଭବତଃ ତୁମେ ଏକଥାରେ ଆଶ୍ଚର୍ଯ୍ୟାନ୍ୱିତା ହେବ ।"

ଯଶୋଧରା ବାସ୍ତବିକ ଚକିତା ହେଉଥିଲା ।.....

"କିନ୍ତୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଦେବୀ ! ଆମେ ଯେଉଁମାନଙ୍କ ନିକଟକୁ ପ୍ରେରିତ ହୋଇଛୁଁ, ସେମାନେ ଯେ ପାପୀ ନିଶ୍ଚୟ ହୋଇଥିବେ ଏହାର କୌଣସି ଆବଶ୍ୟକତା ନାହିଁ । ସମ୍ଭବତଃ

Digitized by srujanika@gmail.com

ସେମାନଙ୍କର ସମ୍ପର୍କରେ ଆସିଥିବା ବା ଆସୁଥିବା ବ୍ୟକ୍ତିଙ୍କର ମଧ୍ୟରେ ହିଁ ପାପୀ ଥିବେ । ପାପ କ'ଣ ? ତାକୁ ବା କିଏ ଜାଣେ ?" ଯାହାକୁ ମୁଁ ପାପ ବୋଲି ଭାବୁଛି, ତାହା ସମ୍ଭବତଃ ଅନ୍ୟ ବ୍ୟକ୍ତି ପାଖରେ ପାପ ବୋଲି ପରିଗଣିତ ମଧ୍ୟ ହେଉ ନ ଥିବ । ଆଉ ଏପରି ଅନେକ କଥା ଅଛି, ଯା ପ୍ରତି ଧ୍ୟାନ ହୁଏ ଆମେ ଦେଉନା, ତାହା ଅନ୍ୟ ବ୍ୟକ୍ତି ପାଖରେ ପାପ ମଧ୍ୟ ହୋଇପାରେ ।"

ଏ ଉତ୍ତରରେ ଯଶୋଧରା ସନ୍ତୋଷ ପାଇନଥିଲା । ସେ କହିଲା—

"ଆର୍ଯ୍ୟ ଶ୍ୱେତାଙ୍କ ! ମୁଁ ଆପଣଙ୍କର ପ୍ରଶଂସାରେ ଶତଜିହ୍ୱ; କାରଣ ଆପଣ ମନୁଷ୍ୟର ଗୁଣର ଆଦର କରନ୍ତି, ତାକୁ ହିଁ ଦେଖନ୍ତି ଓ ତା'ର ଉପରେ ବିଶ୍ୱାସ ରଖନ୍ତି ।"

ଏହି ସମୟରେ ଆର୍ଯ୍ୟଶ୍ରେଷ୍ଠ ମୃତ୍ୟୁଞ୍ଜୟ ଭବନରେ ପ୍ରବେଶ କଲେ । ଶ୍ୱେତାଙ୍କ ଉଠିଆସି ତାଙ୍କର ଅଭିବାଦନ କଲା । ଯଶୋଧରା ପ୍ରସ୍ଥାନ କଲା ।

ମୃତ୍ୟୁଞ୍ଜୟ ଶ୍ୱେତାଙ୍କକୁ ବସିବାକୁ ଆଦେଶ ଦେଇ କହିଲେ— "କ'ଣ ତୁମେ, ରାଜଗୁପ୍ତଙ୍କର ସେହି ସେବକ, ଯେ କାଲି ତାଙ୍କର ସଙ୍ଗରେ ଥିଲା ?"

"ହଁ, —ସ୍ୱାମୀ ରାଜଗୁପ୍ତ ଆର୍ଯ୍ୟଶ୍ରେଷ୍ଠଙ୍କ ନାମରେ ଏକ ପତ୍ର ଦେଇଛନ୍ତି ।"

ମୃତ୍ୟୁଞ୍ଜୟ ପତ୍ର ଗ୍ରହଣ କଲେ । ପଢ଼ିସାରିବା ପରେ ତାଙ୍କର ମୁଖମଣ୍ଡଳରେ ସନ୍ତୋଷର ଉଚ୍ଛ୍ୱାସ ଖେଳି ଯାଇଥିଲା । ସେ କହିଲେ—

"ସାମନ୍ତ ରାଜଗୁପ୍ତଙ୍କୁ କହିଦେବ, ତାଙ୍କର କ୍ଷମା ଯାଚନା କରିବାର ଆବଶ୍ୟକତା ନ ଥିଲା । ମୋର ତାଙ୍କ ପ୍ରତି ଧାରଣା ପୂର୍ବବତ୍ ସ୍ୱଚ୍ଛ ଓ ନିର୍ମଳ ରହିଛି ଓ ରହିବ । ଆଉ ଗୋଟିଏ କଥା, ତାଙ୍କୁ କହିବ ଯଦି କାର୍ଯ୍ୟ ନଥାଏ ତେବେ ସେ ଆଜି ସନ୍ଧ୍ୟାରେ ଆସନ୍ତୁ । ଭୋଜନର ପ୍ରବନ୍ଧ ମଧ୍ୟ ଏଠାରେ ହିଁ ହେବ ।" ତା'ପରେ ସେ କିଛି ସମୟ ନୀରବ ରହି କହିଲେ— "ହଁ, ଶ୍ୱେତାଙ୍କ ! ତୁମେ ମଧ୍ୟ ରାଜଗୁପ୍ତଙ୍କ ସହିତ ନିମନ୍ତ୍ରିତ ।"

Digitized by srujanika@gmail.com

ଶ୍ୱେତାଙ୍କର ମୁଖମଣ୍ଡଳ ହର୍ଷାନନ୍ଦିତ ହୋଇ ଉଠିଲା —
"ଆର୍ଯ୍ୟ ଶ୍ରେଷ୍ଠଙ୍କର ଅଜ୍ଞା ପାଳିତ ହେବ ନିଶ୍ଚୟ । ଯଦି ସ୍ୱାମୀ ଆସନ୍ତି ତେବେ ମୁଁ ମଧ୍ୟ ନିଶ୍ଚୟ ଆସିବି, ଯଦ୍ୟପି ତାଙ୍କର ବିନା ଆଜ୍ଞାରେ ମୋ ପକ୍ଷରେ କେତେ ଦୂର ଉଚିତ ହେବ ଜାଣେ ନା ।"

ମୃତ୍ୟୁଞ୍ଜୟ ହସି ହସି କହିଲେ —"ତୁମେ ଶାନ୍ତ, ଗମ୍ଭୀର ତଥା ଏକ କର୍ତ୍ତବ୍ୟନିଷ୍ଠ ନବଯୁବକ ।······ଯଦି କିଛି ଆପତ୍ତି ନ ଥାଏ, ତାହେଲେ ତୁମ ପିତାଙ୍କର ନାମ, ବଂଶ ତଥା ନିବାସ ଜଣାଇ ପାରିବ କି ?"

"ମୁଁ ସୂର୍ଯ୍ୟବଂଶୀ, କୋଶଳ ପ୍ରଦେଶ ନିବାସୀ । ବିଶ୍ୱପତି ମୋ ପିତା ଅଟନ୍ତି ।"

"ତୁମ ପିତାଙ୍କର ନାମ ବିଶ୍ୱପତି ? ତାଙ୍କର ନିବାସ କୋଶଳ······ ସେ କ'ଣ କାଶୀରେ ବିଦ୍ୟାଳାଭ କରିଥିଲେ ?"

"ହଁ ।"

"କେତେ ଆଶ୍ଚର୍ଯ୍ୟ କଥା ନୁହେଁ, ଶ୍ୱେତାଙ୍କ । ତୁମେ ମୋର ପୁତ୍ର ତୁଲ୍ୟ । ବିଶ୍ୱପତି ମୋର ଅନ୍ତରଙ୍ଗ ବନ୍ଧୁ । ସେ ମୋର ଗୁରୁଭାଇ ।"

ଆପଣା ପିତା ତଥା ମୃତ୍ୟୁଞ୍ଜୟଙ୍କର ଏକ ନିବିଡ଼ ସମ୍ପର୍କର ଆଭାସ ପାଇ କେତେ ପ୍ରସନ୍ନ ହେଉ ନ ଥିଲା ଶ୍ୱେତାଙ୍କ ! ଶ୍ୱେତାଙ୍କର ହୃଦୟ ତଳେ ଏକ ଆଶାର ସଞ୍ଚାର ହେଉଥିଲା । ସେ ଭାବୁଥିଲା— ଯଶୋଧରା ସହିତ ତା'ର ପରିଣୟ କ'ଣ ସମ୍ଭବ ?

"ଅସମ୍ଭବ ।" ଶ୍ୱେତାଙ୍କ ତାହା ଜାଣିଥିଲା । ତା'ର ପିତାଙ୍କ ବୈଭବ ନଷ୍ଟ ହୋଇସାରିଛି । କେବଳ ସେହି ହେତୁରୁ ପିତା ତା'ର ଗ୍ରାମୀଣ ଜୀବନ ଅତିବାହିତ କରୁଥିଲେ । ସେ ଉଚ୍ଚ କୁଳର; ମାତ୍ର ମୃତ୍ୟୁଞ୍ଜୟ ତା'ର ପିତାଙ୍କଠାରୁ ଧନରେ, ବୈଭବରେ ଓ ଶକ୍ତିରେ ଶ୍ରେଷ୍ଠ । ବିବାହ ପାଇଁ ଏ ସମସ୍ତ ବସ୍ତୁର ସମତା ଏକାନ୍ତ ପ୍ରୟୋଜନୀୟ । ତେବେ ମଧ୍ୟ ଆଶା ତା'ର ମ୍ଳାନ ନ ଥିଲା ।

Digitized by srujanika@gmail.com

ଶ୍ୱେତାଙ୍କୁ ମୌନ ଦେଖି ମୃତ୍ୟୁଞ୍ଜୟ କହିଲେ—

"ବନ୍ଧୁ ଶ୍ୱେତାଙ୍କ, ମୋର ଏ ଭବନ ତୁମ ନିଜର । ମୋତେ ଆଶ୍ଚର୍ଯ୍ୟ ଲାଗୁଛି; ତୁମେ ଏଠାରେ ଥିବାର ସୂଚନା ମୋତେ ବିଶ୍ୱପତି ଏ ଯାଏଁ ଦେଇ ନାହାନ୍ତି କିପରି ?"

"ପିତା ବର୍ତ୍ତମାନ ବାନପ୍ରସ୍ଥ ଅତିବାହିତ କରୁଛନ୍ତି, ସମ୍ଭବତଃ ଏହାହିଁ ତା'ର କାରଣ······ମୋତେ ଅଜ୍ଞା ଦିଅନ୍ତୁ ।"

ସେତେବେଳେ ଭୋଜନ ସମୟ ହୋଇ ଯାଇଥିଲା; ତେଣୁ ଗଭୀର ସ୍ନେହର ସହ ମୃତ୍ୟୁଞ୍ଜୟ କହିଲେ—

"ଶ୍ୱେତାଙ୍କ ! ଏଠାରେ ଭୋଜନ କରି ଯିବାରେ ତୁମେ ତ ସଙ୍କୋଚ ବୋଧ କରିବ ନାହିଁ ।"

"ସଙ୍କୋଚ ବୋଧ କରିବାର କିଛି ନାହିଁ । ମାତ୍ର ମୁଁ ସାମନ୍ତ ରାଜଗୁପ୍ତଙ୍କର ସେବକ । ତାଙ୍କର ଅଜ୍ଞା ବିନା କୌଣସି କାର୍ଯ୍ୟ କରିବା ମୋ ପକ୍ଷରେ ଅସମ୍ଭବ ।······ମୁଁ ଅଜ୍ଞା ଗ୍ରହଣ କରୁଛି, ସ୍ୱାମୀ ମୋର ପ୍ରତୀକ୍ଷା କରୁଥିବେ ।"

"ସାଧୁବାଦ, ମୁଁ ତୁମ ପ୍ରତି ସନ୍ତୁଷ୍ଟ, ଶ୍ୱେତାଙ୍କ ! ତୁମେ ତୁମର କର୍ତ୍ତବ୍ୟ କ'ଣ ଭଲ ଭାବରେ ବୁଝିଛ । ତୁମେ ଯାଇପାର । ରାଜଗୁପ୍ତଙ୍କୁ ମୋର ନିମନ୍ତ୍ରଣ ଦେବାକୁ ଭୁଲିବ ନାହିଁ ।"

ଶ୍ୱେତାଙ୍କ ଫେରିଆସି ରାଜଗୁପ୍ତଙ୍କୁ ମୃତ୍ୟୁଞ୍ଜୟଙ୍କ ନିମନ୍ତ୍ରଣ କଥା କହିଲା—

ରାଜଗୁପ୍ତ ଭାବୁଥିଲେ—ନିମନ୍ତ୍ରଣ ମିଳିଛି, ମାତ୍ର ମୋର ଯିବା କେତେଦୂର ଉଚିତ ହେବ ?

ଏ ନିମନ୍ତ୍ରଣ ଉପରେ ସମସ୍ତ ଦ୍ୱିପ୍ରହର ରାଜଗୁପ୍ତ ବିଚାର କରିବାକୁ ଲାଗିଲେ । ତା'ପକ୍ଷରେ ଏ ନିମନ୍ତ୍ରଣ ଗ୍ରହଣ କରିବା କେଜାଣି କାହିଁକି ଅନୁଚିତ ମନେ ହେଉଥିଲା ।···ରାଜଗୁପ୍ତର ମନ ତଳେ ଏଇ ପ୍ରଶ୍ନ ଘୁମରି ଉଠୁଥିଲା— । ସେ ତ ଏତିକି କହି ପାରିଥାନ୍ତା ଯେ ତା'ର ସେଠାକୁ ଯିବା ଅନୁଚିତ; ତା'ର କାରଣ ସ୍ୱୟଂ ତାକୁହିଁ ଅଗୋଚର ଥିଲା । ଅନେକ ତର୍କ ବିତର୍କ ପରେ ସେ ମୃତ୍ୟୁଞ୍ଜୟଙ୍କର ନିମନ୍ତ୍ରଣ ସ୍ୱୀକାର

Digitized by srujanika@gmail.com

କରିବାକୁ ନିଶ୍ଚୟ କଲା । ସନ୍ଧ୍ୟା ସମୟରେ ସେ ଶ୍ୱେତାଙ୍କୁ ଡାକି କହିଲା—

"ଶ୍ୱେତାଙ୍କ ! କୌଣସି ଭଦ୍ର ବ୍ୟକ୍ତିଙ୍କ ନିମନ୍ତ୍ରଣ ଅସ୍ୱୀକାର କରିବା ମୋ ପକ୍ଷରେ ଅନୁଚିତ ହେବ ।" ତା'ର ମନ ତଳେ ସେହି ଅବସ୍ଥିତ ଯଶୋଧରାର ରୂପଲାବଣ୍ୟ ଦର୍ଶନ ଏବଂ ଥରେ ତା' ସହିତ ବାର୍ତ୍ତାଳାପ କରିବାର ମଧୁର କଳ୍ପନା ସତେ ଯେପରି ଗୋପନ ଭାବରେ ଗୁଞ୍ଜରଣ କରୁଥିଲା ।

ଯଥା ସମୟରେ ରାଜଗୁପ୍ତ ଶ୍ୱେତାଙ୍କ ସହିତ ମୃତ୍ୟୁଞ୍ଜୟଙ୍କ ଭବନରେ ଉପସ୍ଥିତ ହେଲା । ମୃତ୍ୟୁଞ୍ଜୟଙ୍କ ଭବନରେ ଗତ ରାତ୍ରିର ଗହଳ ଚହଳ ଆଜି ନ ଥିଲା । ବାୟୁମଣ୍ଡଳ ଯଥେଷ୍ଟ ଶାନ୍ତ ଥିଲା । ମୃତ୍ୟୁଞ୍ଜୟ ରାଜଗୁପ୍ତର ସ୍ୱାଗତ କଲେ । ତା'ପରେ ସମସ୍ତେ ବିଶ୍ରାମ ଭବନରେ ପ୍ରବେଶ କଲେ । ଅନେକ ପୂର୍ବରୁ ସେଠାରେ ଯଶୋଧରା ସେମାନଙ୍କର ପ୍ରତୀକ୍ଷାରେ ଥିଲା ।

"ଆର୍ଯ୍ୟ ରାଜଗୁପ୍ତ ! ପତ୍ରର କୌଣସି ଆବଶ୍ୟକତା ନ ଥିଲା ।" ମୃତ୍ୟୁଞ୍ଜୟ ବାର୍ତ୍ତାଳାପ ଆରମ୍ଭ କଲେ ।

"ମାନବ ଆପଣାର ଭୁଲ ସ୍ୱୀକାର କରିନେବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।" ରାଜଗୁପ୍ତ ନମ୍ର ସ୍ୱରରେ ଉତ୍ତର ଦେଲା ।

ମୃତ୍ୟୁଞ୍ଜୟ ହସୁଥିଲେ—ସେ କଥାର ଗତି ବଦଳାଇ କହିଲେ— "ରାଜଗୁପ୍ତ ! ତୁମର ସେବକ ଶ୍ୱେତାଙ୍କ ମୋର ଗୁରୁଭାଇ ବିଶ୍ୱପତିଙ୍କର ପୁତ୍ର । ଆଜି ମୋତେ ବିଦିତ ହୋଇଛି ।" ମୃତ୍ୟୁଞ୍ଜୟ ଏହା କହି ଶ୍ୱେତାଙ୍କୁ ଚାହିଁ ରହିଲେ ।

"କିନ୍ତୁ ଆର୍ଯ୍ୟ ଶ୍ରେଷ୍ଠ ! ଶ୍ୱେତାଙ୍କ ମୋର ସେବକ ନୁହେଁ, ଗୁରୁଭାଇ !"

"ଆର୍ଯ୍ୟ ରାଜଗୁପ୍ତ ! ଆଜି ଆପଣଙ୍କର ସାମାନ୍ୟ ବିଳମ୍ବ ହୋଇଛି ।" ଯଶୋଧରା ପ୍ରଶ୍ନ କଲା ।

"ମୋର କେତେକ ଅତିଥି କାଶୀରୁ ଆସିଥିବାରୁ ବିଳମ୍ବ ହୋଇଛି ଦେବୀ !"

Digitized by srujanika@gmail.com

"କାଶୀ ଏକ ସୁନ୍ଦର ପ୍ରାଚୀନ ନଗରୀ; ଆପଣ କାଶୀ ଦେଖିଛନ୍ତି ?" ଯଶୋଧରା ପଚାରିଲା ।

"ମୋର ଜୀବନର ସବୁଠାରୁ ସୁନ୍ଦର ଅଂଶ କାଶୀରେ ହିଁ ବ୍ୟୟିତ ହୋଇଛି । ମୋର ଗୁରୁ ମହାପ୍ରଭୁ ରତ୍ନାମ୍ବରଙ୍କର ନିବାସ କାଶୀରେ ହିଁ ଥିଲା । ଦେଖ ଯଶୋଧରା ! କାଶୀ ତ ଏଠାରୁ ନିକଟ, ମୁଁ ଜୀବନରେ ସମସ୍ତ ଉତ୍ତର ଭାରତ ପର୍ଯ୍ୟଟନର ସୁଯୋଗ ପାଇଛି ।"

"ତେବେ ଆପଣ ହିମାଳୟର ଦର୍ଶନଲାଭ ଅବଶ୍ୟ କରିଥିବେ ।"

"ହଁ, ହିମାଳୟ ଓ ହିନ୍ଦୁକୁଶ ଏ ଉଭୟକୁ ମୁଁ ଦେଖିଛି । ପ୍ରାକୃତିକ ଛଟାର ପୂର୍ଣ୍ଣରୂପ କେବଳ ପର୍ବତରେ ହିଁ ସମ୍ଭବ ।" ତା'ପରେ ରାଜଗୁପ୍ତ ମୃତ୍ୟୁଞ୍ଜୟଙ୍କୁ କହିଲା—

"ଆର୍ଯ୍ୟ ଶ୍ରେଷ୍ଠ ! କେତେ ବିଚିତ୍ର କଥା ମୁଁ ସେଠାରେ ନ ଦେଖିଛି ?" ମାତ୍ର ସେଥି ଭିତରୁ ଗୋଟାଏ ଘଟଣା ମୋର ଜୀବନବ୍ୟାପି ଭୁଲି ପାରିବି ନାହିଁ ।"

ଯଶୋଧରା କୌତୁହଳ ବଶତଃ ପଚାରିଲା—"ଆପଣ ତାହା ଶୁଣାଇ ପାରିବେ କି ?"

"ଅବଶ୍ୟ"......ରାଜଗୁପ୍ତ ଆରମ୍ଭ କଲା—"ପ୍ରାୟ ଦଶ ବର୍ଷ ତଳର କଥା । ସେତେବେଳେ ମୁଁ ବିଦ୍ୟାର୍ଥୀ ଥିଲି । ମହାପ୍ରଭୁ ରତ୍ନାମ୍ବରଙ୍କ ସହିତ ଦେଶ ପର୍ଯ୍ୟଟନର ସୌଭାଗ୍ୟ ମୋତେ ମିଳିଥିଲା । ବନ ଉପବନ ପାର ହୋଇ ଆମେ ଉଭୟେ ଗଙ୍ଗା କୂଳେ କୂଳେ ଯାଇ ହରିଦ୍ୱାରରେ ପହଞ୍ଚିଲୁଁ । ଆକାଶଚୁମ୍ବୀ ପର୍ବତ ଶିଖର ଆମ ସମ୍ମୁଖରେ ଦଣ୍ଡାୟମାନ । ମୁଁ ମହାପ୍ରଭୁ ରତ୍ନାମ୍ବରଙ୍କୁ ପ୍ରଶ୍ନ କଲି—

"ଏହାପରେ କଣ ଅଛି ?"

ସେ ଉତ୍ତର ଦେଲେ, "ଅଜ୍ଞାତ ପ୍ରଦେଶ ।"

ଗଙ୍ଗା ତଟରେ କେହି ଜଣେ ବସିଥିଲା । ସେ ମହାପ୍ରଭୁଙ୍କର କଥା ସମ୍ଭବତଃ ଶୁଣି ପାରିଥିଲା । ସେ ହଠାତ୍ କହିଲା—

Digitized by srujanika@gmail.com

"କ'ଣ କହିଲେ ? ଅଜ୍ଞାତ ପ୍ରଦେଶ ?. କିନ୍ତୁ ମୁଁ ଏତିକି କହିଦେବା ଉଚିତ ବୋଲି ଭାବୁଛି ଯେ, ସେ ଅଜ୍ଞାତ ପ୍ରଦେଶ ଦେବତାଙ୍କର ନିବାସ ସ୍ଥଳ'। ଏହି ପାର୍ବତ୍ୟ ପ୍ରଦେଶରେ ହିଁ କୈଳାସ ଅଛି। ଏହି ପାର୍ବତ୍ୟ ପ୍ରଦେଶରେ ହିଁ ଗନ୍ଧର୍ବଗଣ ମୂର୍ଚ୍ଛନା ତୋଳନ୍ତି, ଅପ୍ସରାଗଣ କ୍ରୀଡ଼ାରତା ହୁଅନ୍ତି।"

ସେ ବ୍ୟକ୍ତିର କଥା ଶୁଣି ମହାପ୍ରଭୁଙ୍କର ଅଧର ତଳେ ଅବିଶ୍ୱାସର ସ୍ମିତରେଖା ଝଲସି ଉଠିଥିଲା। ମାତ୍ର ମୁଁ ତାକୁ ଅବିଶ୍ୱାସ କରି ପାରିଲି ନାହିଁ। ମୁଁ କହିଲି—"ସେପରି ହିଁ ହୋଇଥିବ ମହାପ୍ରଭୁ! ଏ ପାର୍ବତ୍ୟ ପ୍ରଦେଶରେ ପ୍ରବେଶ କରି ପରିଭ୍ରମଣ କଲେ ଆପଣଙ୍କର କିଛି ଆପତ୍ତି ଅଛି ?"

"ନା, ମୁଁ ପ୍ରସ୍ତୁତ ଅଛି, ତୁମେ ଯିବ ଚାହିଁ।"

ଆମେ ଦୁହେଁ ଅଗ୍ରସର ହେଲୁ। ସେ ପ୍ରକୃତିର ମନୋହାରିଣୀ ସୌନ୍ଦର୍ଯ୍ୟ କଳ୍ପନାତୀତ ଥିଲା। ବନଭୂମିର ସେ ରଙ୍ଗୀନ ସୁମନ ରାଶି, ପାର୍ବତ୍ୟ ଶୀତଳ ବାୟୁର ମଧୁର ସ୍ପର୍ଶ, ପକ୍ଷୀର କାକଳୀ ମନୋମୁଗ୍ଧ କରି। ତାହା ଏକ ଶାନ୍ତିର ସାମ୍ରାଜ୍ୟ ଥିଲା। କୋଳାହଳ ପୂର୍ଣ୍ଣ ଜନରବ ନ ଥିଲା— କେବଳ ଗୋଟାକ ପରେ ଗୋଟିଏ ପର୍ବତ ହିଁ ଦେଖାଯାଉଥିଲା। ଅନେକ ସମୟରେ କ୍ଷୁଦ୍ର କ୍ଷୁଦ୍ର ଏକ ଜନ ବସତି ପଡ଼େ। ସେଠିକାର ଅଧିବାସୀ ଅତ୍ୟନ୍ତ ଗୌରବର୍ଣ୍ଣ। ସ୍ତ୍ରୀ ଗୁଡ଼ିକ ଆପାତତଃ ସୁନ୍ଦରୀ। ସେମାନଙ୍କର ଲଜ୍ଜା ସଙ୍କୋଚ ଆଦୌ ନ ଥିଲା। ମୋର ଯୁବକ ମନକୁ ସେମାନଙ୍କର ସୌନ୍ଦର୍ଯ୍ୟ ମୁଗ୍ଧ କରୁଥିଲି। କିଶୋରୀଗଣ ଦଳ ଦଳ ହୋଇ ଗୀତ ଗାଇ ଗାଇ ଯାଉଥାଆନ୍ତି। ଯଦିଓ ମୁଁ ସେମାନଙ୍କର ଭାଷା ବୁଝିପାରୁ ନ ଥିଲି, ସେମାନଙ୍କର ମଧୁର କଣ୍ଠସ୍ୱରମୟ ଭାବପୂର୍ଣ୍ଣ ଓ ବିଷୟ ପ୍ରେମ। ମୁଁ ମନେ ମନେ କହୁଥିଲି ···"କ'ଣ ଏହା ଅପ୍ସରାଙ୍କର ପ୍ରଦେଶ ?" ଆମେ ଆଗକୁ ଅଗ୍ରସର ହେଲୁ। କ୍ଷୁଦ୍ର କ୍ଷୁଦ୍ର ଗ୍ରାମଗୁଡ଼ିକ ଦୂରରେ ଦୂରରେ ଦେଖାଯାଉଥିଲା। ଶୀତର ଆଧିକ୍ୟ ଅନୁଭୂତ ହେଲା ଏବଂ ଫୁଲ ଫଳ ମଧ୍ୟ କମ ଦେଖିବାକୁ ମିଳିଲା।

ଦିନେ ସକାଳେ ମୁଁ ଏକ ସୁବର୍ଣ୍ଣ ପାହାଡ଼ ଦେଖି ପାଗଳ ପରି ଚିତ୍କାର କଲି—

Digitized by srujanika@gmail.com

"ଗୁରୁଦେବ ! ଆଗରେ ଯେଉଁ ପର୍ବତ ଦିଶୁଛି, ସେ କୁବେରଙ୍କର ସୁମେରୁ ପର୍ବତ ବୋଧହୁଏ ।"

ମହାପ୍ରଭୁ ମୋର କଥାରେ ହସିଦେଇ କହିଲେ —

"ଏହା ହିମାଳୟ । ତା' ଉପରେ ସୂର୍ଯ୍ୟ କିରଣ ପଡ଼ି ଏପରି ସୁନ୍ଦର ଦିଶୁଛି; ତୁମକୁ ତାହା ସ୍ୱର୍ଣ୍ଣର ଭ୍ରମ ହେଉଛି ।" ମୁଁ ମୋର ମୂର୍ଖତା ପାଇଁ ଲଜ୍ଜିତ ହେଲି । ଆମେ ଆହୁରି ଉପରକୁ ଚଢ଼ି ଗଲୁ । ଆଖି ଯେଉଁ ଆଡ଼କୁ ଯାଉଥିଲା, ପ୍ରାୟ ସମସ୍ତ ଧବଧବ ତୁଷାର । ହିଁ ତୁଷାର ମୁଁ ପ୍ରାୟ ଶୀତରେ ଥରି ଯାଉଥାଏଁ । ମହାପ୍ରଭୁ ରତ୍ନାମ୍ବର ମୋର ଏ ଅବସ୍ଥା ଦେଖି ଫେରିଯିବାକୁ କହିଲେ, ମାତ୍ର ମୁଁ ସାହସ କରି କହିଲି —

"ନା ମହାପ୍ରଭୁ ! ଅନ୍ତତଃ ହିମାଳୟର ପାଦଦେଶ ପର୍ଯ୍ୟନ୍ତ ତ ଯିବା ଆମ ପକ୍ଷରେ ଉଚିତ ହେବ ।"

ଆମେ ଆହୁରି ଆଗକୁ ଅଗ୍ରସର ହେଲୁ । କିଛିଦୂର ଯିବା ପରେ ଏକ କୁଟୀର ଦେଖିଲୁ । ସେ କୁଟୀର ଭିତରେ ଏକ ପରମା ସୁନ୍ଦରୀ ବସିରହି କ'ଣ ଭାବୁଥିଲା । ଆମକୁ ଦେଖିବା ସଙ୍ଗେ ସଙ୍ଗେ ସେ ଅଭିବାଦନ ଜଣାଇ ସ୍ୱାଗତ କଲା ।

ମହାପ୍ରଭୁ ରତ୍ନାମ୍ବର ତାକୁ ବଡ଼ ଧ୍ୟାନ ପୂର୍ବକ ଦେଖୁଥିଲେ ଓ କିଛି ସମୟ ପରେ ମୋର କାନ ପାଖରେ ଧୀରେ ଧୀରେ କହିଲେ—

"ରାଜଗୁପ୍ତ ! ଏ ସ୍ଥାନ ନିରାପଦ ନୁହେଁ । ଆମର ଏଠାରୁ ଚାଲିଯିବା ଉଚିତ ।"

ସେ କେଜାଣି କିପରି ଶୁଣି ପାରିଲା । ସେ ହସି ହସି କହିଲା — "ବୃଦ୍ଧ ଅତିଥିଙ୍କର ଅନୁମାନ ସତ୍ୟ । କିନ୍ତୁ ଯେତେବେଳେ ଏତେଦୂର ଆସିଛନ୍ତି ଗୋଟାଏ କଥା ଜାଣିବା ଉଚିତ, ଯାହା ସାରା ଜୀବନରେ ଭୁଲିପାରିବେ ନାହିଁ ।"

ସେ ସ୍ତ୍ରୀର କଥା ଶୁଣି ମହାପ୍ରଭୁ ରତ୍ନାମ୍ବର ଚକିତ ହୋଇଗଲେ । ଆମେ କିଛି ଦୂର ଯିବାପରେ ଏକ ବିରାଟ ଶିଳାଖଣ୍ଡ ଉପରେ ଏକ ଯୋଗୀଙ୍କୁ ବସିଥିବାର ଦେଖିଲୁ । ତାଙ୍କର ଜଟା ଅସମ୍ଭବ ରୂପରେ ବଢ଼ି ଧୂଳି ଧୂସରିତ

Digitized by srujanika@gmail.com

ହୋଇଯାଇଛି । ନଖଗୁଡ଼ିକ ବାଘ ନଖ ପରି ପଦାକୁ ବଢ଼ିଯାଇଛି । ଆମେ ଯେଉଁ ଦିଗରୁ ଆସୁଥିଲୁଁ ସେ ଅପଲକ ଆଖିରେ ସେହି ଦିଗକୁ ଦେଖୁଥିଲେ । ଆମେ ତାଙ୍କୁ ଅଭିବାଦନ ଜଣାଇଲୁ । ସେ କରଯୋଡ଼ି ଆଶୀର୍ବାଦ କଲେ । ଆମକୁ ତାଙ୍କ ପାଖରେ ବସିବାକୁ ସଙ୍କେତ ଦେଲେ ।

"ଆଜି କେଜାଣି କେତେ ଦିନ ପରେ ମୁଁ ପୁରୁଷର ମୁଖ ଦର୍ଶନର ସୌଭାଗ୍ୟ ପାଇଛି ।" ସେ ଏକ ଦୀର୍ଘ ଶ୍ୱାସ ମାରିଲେ, ତାଙ୍କର ସମଗ୍ର ମୁଖମଣ୍ଡଳରେ କରୁଣ ଓ ବିଷାଦର ଭାବ ସ୍ପଷ୍ଟ ଥିଲା । ମହାପ୍ରଭୁ ଉହାମ୍ବର ତାଙ୍କୁ ପଚାରିଲେ—

"ଦେବ ! ଆପଣ ଦୁଃଖିତ······ ।"

"ହିଁ, ଦୁଃଖୀ ଓ ସୁଖୀ ଉଭୟ ।" ଏତିକି କହି ସେ ପଛଆଡ଼କୁ ଚାହିଁବାକୁ ସଙ୍କେତ ଦେଲେ ।

ଆମେ ଫେରି ଚାହିଁଲୁ । ମୁଁ ସେତେବେଳେ ଉପରେ ଦ୍ରାସ୍ତ ଥରୁ ଥାଏ । ପଛପଟେ ରକ୍ତର ଏକ ବିରାଟ କୁଣ୍ଡ, ସେ କୁଣ୍ଡ ଦେହରୁ ଉତ୍କଟ ଗନ୍ଧ ଆସୁଥିଲା ।

ମହାପ୍ରଭୁ ଯୋଗୀଙ୍କୁ ପଚାରିଲେ—"ଆପଣ ଏ ସ୍ଥାନ ତ୍ୟାଗ କରୁନାହାନ୍ତି କାହିଁକି ?"

"ଏ ସ୍ଥାନ ତ୍ୟାଗ କରିବାକୁ ବହୁବାର ଚେଷ୍ଟା କରିଛି ମାତ୍ର ପାରୁନି ।" ସେ ଉତ୍ତର ଦେଲେ ।

ତା'ପରେ ସେ ଆମକୁ ତପସ୍ୟା ଓ ସାଧନାର ମହତ୍ତ୍ୱ ବୁଝାଇ ବସିଲେ । ତାଙ୍କର ବାଣୀର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ଆମେ ଦୁର୍ଗନ୍ଧ ସହ୍ୟ କରି ମଧ୍ୟ ତାଙ୍କର ଭାବ ଓ ଜ୍ଞାନପୂର୍ଣ୍ଣ ଭାଷଣ ଶୁଣିବାକୁ ଭଲ ଲାଗୁଥାଏ । ସନ୍ଧ୍ୟା ନିକଟ ହୋଇ ଆସୁଥିଲା—ସେ 'ସମୟ ହେଲା'······'ସମୟ ହେଲା' କହି ଚିତ୍କାର କରି କରି ସେ କୁଣ୍ଡଆଡ଼କୁ ଅଗ୍ରସର ହେବାକୁ ଲାଗିଲେ । ଆମେ ମଧ୍ୟ କୌତୂହଳ ବଶତଃ ତା'ଙ୍କ ପଛେ ପଛେ ଦଉଡ଼ିଗଲୁ । ସେ ପାଗଳଙ୍କ ପରି ସେ କୁଣ୍ଡ ମଧ୍ୟକୁ ଡେଇଁ ପଡ଼ିଲେ । ଆଶ୍ଚର୍ଯ୍ୟ କଥା ! ସେତେବେଳେ ସେ କୁଣ୍ଡରେ ରକ୍ତ ବଦଳରେ କମଳଦଳଶୋଭିତ ସ୍ୱଚ୍ଛ ଜଳ ଥିଲା । ଆମେ ଦୁହେଁ ଅବାକ୍ ହେଲୁ । ସେ ଯୋଗୀଙ୍କ ପାଖରେ

Digitized by srujanika@gmail.com

ସେତେବେଳେ ସେଇ ସ୍ତ୍ରୀ ମଧ୍ୟ ଥିଲା—ଯାହାକୁ ଆମେ କୁଟୀରରେ ଦେଖିଥିଲୁ । ଦୁହେଁ ଦୁହେଁ ଜଳକ୍ରୀଡ଼ାରେ ରତ ହେଲେ ।

"ମୂର୍ଖ ! ଠିଆ ଠିଆ ଦେଖୁଛ କ'ଣ ? ତୁମେ ବି ଆସ, ସ୍ନାନ କର, ଜୀବନକୁ ସୁଖଭୋଗ କର ।" ସ୍ତ୍ରୀଟି ଚିତ୍କାର କରି କହିଲା ।

ମୋର ଇଚ୍ଛା ହେଲା······ବସ୍ତ୍ର ଉନ୍ମୋଚନ କରି ସ୍ନାନ କରିବାକୁ । କିନ୍ତୁ ମୋର ହାତ ଧରି ମହାପ୍ରଭୁ ମୋତେ ଅତି ଜୋରରେ ପଛରୁ ଟାଣିବାକୁ ଲାଗିଲେ । କେଜାଣି ସେତେବେଳେ କି ଶକ୍ତି ତାଙ୍କ ହାତରେ ଥିଲା, ମୁଁ ଶତ ଚେଷ୍ଟା କରି ମଧ୍ୟ ନିଜକୁ ମୁକ୍ତ କରି ପାରିଲି ନାହିଁ । ମୋତେ ଭିଡ଼ିନେଇ ଦଉଡ଼ ଦଉଡ଼ ଚାଲିଗଲେ । କୁଟୀର ପାର ହୋଇ ଆମେ ପୁନର୍ବାର ପୂର୍ବତନ ପଥକୁ ଲେଉଟି ଆସିଲୁ । ଅନେକ ସମୟ ପରେ ମହାପ୍ରଭୁ ରତ୍ନାମ୍ବର କହିଲେ—

"ପରମେଶ୍ୱରଙ୍କୁ ଧନ୍ୟବାଦ ଯେ, ଆମେ ଆଜି ଜୀବିତରେ ଫେରିଲୁ ।" ତା'ପରେ ଅନେକ ଦିନ ଧରି ସେ ସ୍ତ୍ରୀର ପ୍ରତିଛବି ମୋର ଅନ୍ତର୍ଦୃଷ୍ଟିରେ ନାଚୁଥିଲା ।

"ଏହାର ରହସ୍ୟ କ'ଣ କେବେ ମହାପ୍ରଭୁ ରତ୍ନାମ୍ବର ଆପଣଙ୍କୁ କହିଛନ୍ତି ?" ଯଶୋଧରା ପଚାରିଲା—

"ନା, ସେ କେବଳ ଏତିକି କହିଥିଲେ ଯେ, ସଂସାରରେ ଏପରି ମଧ୍ୟ ଅନେକ ରହସ୍ୟ ଅଛି ଯାହା ବୁଝିବା କଠିଣ; ଏହା ସେପରି ଗୋଟିଏ ରହସ୍ୟ । ମୋର କିନ୍ତୁ ଏଥିରେ ବିଶ୍ୱାସ ହୋଇନାହିଁ । ବୋଧହୁଏ ମହାତ୍ମା ମହାପ୍ରଭୁ ରତ୍ନାମ୍ବର ମୋ ଆଗରେ ଏ ରହସ୍ୟର ବିଶ୍ଳେଷଣ କରିବା ଉଚିତ ମନେ କରି ନ ଥିବେ ।"

ତା'ପରେ ସମସ୍ତେ ଭୋଜନ ଗୃହରେ ପ୍ରବେଶ କଲେ । ଯଶୋଧରାର ଉଭୟ ପଟରେ ଶ୍ୱେତାଙ୍କ ଓ ବୀଜଗୁପ୍ତ ବସିଲେ । ଭୋଜନ କରୁ କରୁ ସ୍ୱଳ୍ପ ବାର୍ତ୍ତାଳାପ ପ୍ରସଙ୍ଗରେ ଯଶୋଧରା କହିଲା—

"ଆର୍ଯ୍ୟ ! ଆପଣଙ୍କର କାହାଣୀ ଅପୂର୍ବ, ମୋର ମଧ୍ୟ ଇଚ୍ଛା, ମୁଁ ଏପରି ଅପୂର୍ବ ଓ ଆଶ୍ଚର୍ଯ୍ୟକର ଦୃଶ୍ୟ ଦେଖନ୍ତି ।"

Digitized by srujanika@gmail.com

"ଦେଖ, ମନୁଷ୍ୟକୁ ଅନୁଭବ ପ୍ରାପ୍ତ ହୁଏ ନାହିଁ--- ପରିସ୍ଥିତି ତାକୁ ଅନୁଭବୀ କରାଇ ଦିଏ ।"

ଶ୍ୱେତାଙ୍କ ଯଶୋଧରା ସହିତ କଥୋପକଥନ କରିବାର ଅବସର ଖୋଜୁଥିଲି । ସେ କହିଲି—"ଦେଖ, ଅନୁଭବୀ ହେବାପାଇଁ ସାରା ଜୀବନ ପଡ଼ିଛି ।"

ଯଶୋଧରାର ମୁଖମଣ୍ଡଳରେ ଏକ ବିଚିତ୍ର ଭାବ ପ୍ରକାଶ ପାଉଥିଲି ।

"ସମ୍ଭବତଃ ସତ୍ୟ । କିନ୍ତୁ ଏ କ୍ଷୁଦ୍ର ଜୀବନକାଳର ପ୍ରତ୍ୟେକ କ୍ଷଣ ଅତି ମୂଲ୍ୟବାନ ଏଣୁ ଏ ଜୀବନର ଅମୂଲ୍ୟ ମୁହୂର୍ତ୍ତଗୁଡ଼ିକ ବ୍ୟର୍ଥ ବ୍ୟୟିତ ହେବା ଖରାପ ନୁହେଁ କି ?"

ବୀଜଗୁପ୍ତ ହସୁଥିଲି । ସେ କହିଲି —"ଆମର ପ୍ରତ୍ୟେକ କାର୍ଯ୍ୟରେ ନିରାକାରଙ୍କ ହାତ ରହିଛି । ତାଙ୍କର ଇଚ୍ଛା ହିଁ ସମସ୍ତଙ୍କର ଇଚ୍ଛା । ବର୍ତ୍ତମାନ ସଂସାରରେ ଜୀବନ ଉପରେ ପ୍ରଚଳିତ ମତାମତ କେବଳ ଦୁଇଟି । ପ୍ରଥମ— ଜୀବନକୁ ଚଞ୍ଚଳ କରିବା ଓ ଅନ୍ୟଟି ଜୀବନକୁ ଶାନ୍ତିର ଏକ କେନ୍ଦ୍ର କରିନେବା । ଏ ଉଭୟଙ୍କର ସପକ୍ଷରେ ଯଥେଷ୍ଟ ଯୁକ୍ତି ରହିଛି । କେବଳ ଏତିକି ମାତ୍ର ନିର୍ଣ୍ଣୟ କରିବା ଆବଶ୍ୟକ ଯେ, ଏମାନଙ୍କ ମଧ୍ୟରେ ସତ୍ୟ କିଏ ? କିନ୍ତୁ ଏକାର୍ଯ୍ୟ ନିତାନ୍ତ କଠିଣ ।"

ଶ୍ୱେତାଙ୍କ ଅନୁଭବ କଲି ଯେ ତା ନିଜର ବ୍ୟକ୍ତିତ୍ୱର ପ୍ରଭାବ ଯଶୋଧରା ଉପରେ ଏତେ ସୁନ୍ଦର ଭାବରେ ପକେଇ ପାରିବ ନାହିଁ, ଯାହା ବୀଜଗୁପ୍ତ ପକ୍ଷରେ ସମ୍ଭବ । ସେ ଆଉ ଥରେ ସାହସ କରି କହିଲି—

"ଦେଖ ଯଶୋଧରା ! ମନୁଷ୍ୟର ସନ୍ତୁଷ୍ଟ କଥା ସୁଖୀ ଜୀବନର ଆବଶ୍ୟକୀୟତା ଥିଲେ ମଧ୍ୟ ତା ଉପରେ ଚଞ୍ଚଳତାର ପୃଷ୍ଠ ଥିବା ବାଞ୍ଛନୀୟ । ପ୍ରେମ ମନୁଷ୍ୟର ଏକ ନିର୍ଦ୍ଧାରିତ ଲକ୍ଷ୍ୟ । କଂପନ ଓ କଂପନରେ ସୁଖ— ତୃଷ୍ଣା ଓ ତା'ର ତୃପ୍ତି—ଏହାହିଁ ପ୍ରେମର କ୍ଷେତ୍ର । ଜୀବନରେ ପ୍ରେମ ହିଁ ପ୍ରଧାନ । ଅନ୍ୟର ଆତ୍ମାକୁ ଜାଣିନେବା ଜୀବନର ଏକ ପ୍ରଧାନ ଆବଶ୍ୟକୀୟତା ରହିଛି । ଜଣେ ଅନ୍ୟର ପ୍ରଗାଢ଼ ସହାନୁଭୂତି ଓ ଅସ୍ତିତ୍ୱକୁ ଏକ କରି ଦେବା ହିଁ ପ୍ରେମ । ଏହା ହିଁ ଜୀବନର ପରମ ଲକ୍ଷ୍ୟ ହେବା ଉଚିତ ।"

Digitized by srujanika@gmail.com

ଯଶୋଧର ଆଖି ଶ୍ୱେତାଙ୍କର ଆଖିରେ ମିଳିତ ହୋଇଗଲା । ଶ୍ୱେତାଙ୍କର ସମସ୍ତ ଶରୀରରେ ଖେଳିଗଲା ଏକ ବିଚିତ୍ର ପୁଲକ । ଅନେକ ସମୟ ଧରି ଯଶୋଧର ଶ୍ୱେତାଙ୍କୁ ଚାହିଁ ରହିଥାଏ । କିନ୍ତୁ ତାହା ଶ୍ୱେତାଙ୍କ ପାଇଁ ଏକ ଅଳୀକ ମାଦକତା ହିଁ ଥିଲା—ଖାଜଗୁପ୍ତ ହୋଇଥିଲା—ସେ ଧୀରେ ଧୀରେ କହିଲା—"ଏହା ହିଁ ତ ଜୀବନ !"

ଯଶୋଧର ଶ୍ୱେତାଙ୍କ ଉପରୁ ସ୍ଥିରଦୃଷ୍ଟି ଫେରାଇ ନେଲା । ତା'ର ମୁଖମଣ୍ଡଳ ଲଜ୍ଜାରେ ଆରକ୍ତ ହୋଇଯାଉଥିଲା । ଶ୍ୱେତାଙ୍କ ବ୍ୟସ୍ତ ଭାବରେ ଆଖି ତଳକୁ କରିନେଲା ।

Digitized by srujanika@gmail.com

ତ୍ରୟୋଦଶ ପରିଚ୍ଛେଦ —

ଯଶୋଧରାଠାରେ ଏକ ଆକର୍ଷଣ ଥିଲା । ତାହା ଅତି ସୁନ୍ଦର, ଅତି ମଧୁର କିନ୍ତୁ ଜୀବନହୀନ ! ଯଶୋଧରା ସମୀପରେ ରହି ଯେ କେହି ଲୋକ ପବିତ୍ରତା ଅନୁଭବ କରିବ ତଥା ପବିତ୍ର ମଧ୍ୟ ହୋଇ ପାରିବ ତଥାପି ବୀଜଗୁପ୍ତର ଆନନ୍ଦ ସେ ସବୁରେ ନ ଥିଲା·····କି ସେଥିରେ ତା'ର ପ୍ରସନ୍ନତା ନ ଥିଲା । ଯଶୋଧରାର ବ୍ୟକ୍ତିତ୍ୱରେ ସେ ଏପରି ଏକ ବାତାବରଣ ଅନୁଭବ କରୁଥିଲା, ଯେଉଁଥିରେ ସେ ଅଭ୍ୟସ୍ତ ନ ଥିଲା । ଯଶୋଧରାର ଦୁର୍ବୋଧ ଗମ୍ଭୀରତା ଭିତରେ ଜୀବନର ଏକ ମୌନ ପ୍ରହେଳିକା ଗୋପନ ଥିଲାପରି ମନେ ହେଉଥିଲା । ତା'ର ସ୍ପଷ୍ଟ, ସ୍ୱଚ୍ଛ, ନିଶ୍ଚଳ ତଥା କବିତ୍ୱହୀନ ବାର୍ତ୍ତାଳାପରେ ଯଶୋଧରାର ସାଧନା ଥିଲା । ସେ ସମସ୍ତଙ୍କୁ ବୀଜଗୁପ୍ତ ଆଦର କରୁଥିଲା । କିନ୍ତୁ ଆପଣାର କରିପାରୁ ନ ଥିଲା ।

ଯୌବନ ଏକ ଗୁଞ୍ଜଲ୍ୟ ଚାହେଁ, ପ୍ରତ୍ୟେକ ମୁହୂର୍ତ୍ତରେ କଠିଣତାର ସାମ୍ମୁଖ୍ୟ ଚାହେଁ ଏବଂ ତାକୁ ଆପଣାର ମଧ୍ୟ କରେ । ଯୌବନ ନିଜର ଅସ୍ତିତ୍ୱ ସ୍ପଷ୍ଟ ରଖିବାର ପକ୍ଷପାତିତା କରେ । ଯୌବନ ତା'ର ବ୍ୟକ୍ତିତ୍ୱକୁ କୌଣସିଠାରେ ନତ କରିବାକୁ ଚାହେଁ ନା ଏବଂ ତା'ସାଥିରେ ସେ ଏପରି ଏକ ବ୍ୟକ୍ତିତ୍ୱକୁ ଚାହେଁ ଯାହା ସ୍ପଷ୍ଟ ତଥା ପ୍ରଭାବଶାଳୀ ହୋଇଥିବ । କେତେକ ଭିନ୍ନ ଭିନ୍ନ ଶକ୍ତିର ସଂଗଠନ ହିଁ ଜୀବନ । କିନ୍ତୁ ସେ ଗୁଡ଼ିକ ପୃଥକ— ଯେ କୌଣସି ସମୟରେ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଅନୁଭବ କରି ହେବ ।

Digitized by srujanika@gmail.com

ଏହି ହେତୁରୁ ଯଶୋଧରାର ସ୍ମୃତି ଏକ ଭୟ ମିଶ୍ରିତ ସୁଖ — ଏକ ଭ୍ରମ ମିଶ୍ରିତ ଅନୁରାଗ ତଥା ଏକ ଜୀବନହୀନ ପ୍ରେମ ରୂପରେ ହିଁ ବୀଜଗୁପ୍ତର ଅନ୍ତରରେ ଥିଲା ।

ଯଶୋଧରା ଏକ ପ୍ରତିମା ଥିଲା, ଯାହାକୁ ହୃଦୟ-ମନ୍ଦିରର ଅଧିଷ୍ଠାତ୍ରୀ କରି କେବଳ ପୂଜା କରି ହେବ । ତା ପାଖରେ ନାରୀତ୍ୱର ଆଦର୍ଶବାଦ-ଯୁକ୍ତ ପବିତ୍ରତା ଥିଲା । ଯଶୋଧରା ଧର୍ମ ବିଶ୍ୱାସର ଏକ ସାକାର ପ୍ରତିମୂର୍ତ୍ତି । ତାହାର ନୟନ ତଳେ ସୁଧାର ଶାନ୍ତି ଥିଲା—ଶୀତଳତା ଥିଲା । କିନ୍ତୁ ବୀଜଗୁପ୍ତ ଲୁହୁଁ ଥିଲା ଜୀବନର ଏକ ମଧୁର ଚଞ୍ଚଳତା । ସେ ତାହାରି ଧମନୀ ତଳେ ଏକ ଉଷ୍ଣ ରକ୍ତର ଚଞ୍ଚଳ ପ୍ରବାହ ଲୁହୁଁ ଥିଲା— ଏହି ହେତୁରୁ ବୀଜଗୁପ୍ତ ଯଶୋଧରାକୁ ଆପଣାର କରି ନେବାକୁ ଅସମର୍ଥ ଥିଲା ।

ଯେ ଥରେ ମଦିରା ପିଇଛି ଏବଂ ମଦିରାର ଉଷ୍ଣ ମାଦକତାର ସ୍ୱାଦୁ ପାଇଛି—ତା' ପକ୍ଷରେ ମଦିରାପାନ ତ୍ୟାଗ କରିବା ସମ୍ଭବ ନୁହେଁ । କିନ୍ତୁ ବୀଜଗୁପ୍ତ ଚିତ୍ରଲେଖାକୁ ପ୍ରେମ କରୁଥିଲା—ତାକୁ ଛାଡ଼ି ଦେବା ତା' ପକ୍ଷରେ ଏକାନ୍ତ ଅସମ୍ଭବ ।

ବୀଜଗୁପ୍ତ ଆପଣା ଭବନରେ ଉପସ୍ଥିତ ହେବା ପରେ ସେ ଚିତ୍ରଲେଖାର ଗୋଟିଏ ପତ୍ର ପାଇଲା । ସେ ପତ୍ର ଅତି କ୍ଷୁଦ୍ର । କିନ୍ତୁ କ୍ଷୁଦ୍ର ପତ୍ରଟିରେ ଚିତ୍ରଲେଖାର ଏକ ବିରାଟ କାହାଣୀ ଲେଖା ଥିଲା । ତାହା ମନୋବିଜ୍ଞାନର ଏକ ସମ୍ପୂର୍ଣ୍ଣ ଗ୍ରନ୍ଥ ପରି ।

'ପୂଜ୍ୟ,'

ମୁଁ ଆଜି ଏପରି ଏକ କଥା କହିବାକୁ ଯାଉଛି, ଯାହା କେବେ ଆଶା ଓ ଆଶଂକା ଉଭୟ କରି ନ ଥିଲି । ମୁଁ ଆପଣଙ୍କର ପ୍ରଣୟ-ପାଶବଦ୍ଧା ଥିଲି ଓ ବର୍ତ୍ତମାନ ବି ଅଛି । ପ୍ରେମରେ ତ୍ୟାଗର ଆବଶ୍ୟକତା ଆସିଥାଏ—ବର୍ତ୍ତମାନ ମୁଁ ସେହି ତ୍ୟାଗ ହିଁ କରିବାକୁ ଯାଉଛି । ମୁଁ ଆପଣଙ୍କର ଜୀବନକୁ ନିରର୍ଥକ କରି ଦେଇଛି—ମୋର ପ୍ରଣୟ ଏକ ସୁଯୋଗ୍ୟ ବ୍ୟକ୍ତିକୁ ପଥଭ୍ରଷ୍ଟ କରି ଦେଇଛି । ମୁଁ ଆଜି ତା'ର ପ୍ରତିକାର କରିବାକୁ ଯାଉଛି । ବର୍ତ୍ତମାନ ଭୋଗ ବିଳାସରେ ଜଳାଞ୍ଜଳି ଦେଇ ସଂଯମ ସାଧନା ହିଁ ଉଚିତ ବୋଲି ଭାବୁଛି । କେବଳ ସେହି ହେତୁରୁ

Digitized by srujanika@gmail.com

ମୁଁ ଆଜି ଯୋଗୀ-କୁମାରଗିରିଙ୍କଠାରୁ ଦୀକ୍ଷା ନେଉଛି । ଆପଣଙ୍କୁ ବିବାହ କରିବାକୁ ହେବ; ଯଦି ନିଜପାଇଁ ନୁହେଁ ଅନ୍ତତଃ ମୋର ଅନୁରୋଧରେ । ମୋର ଉପସ୍ଥିତିରେ ଏ ବିବାହ ସମ୍ଭବ ହୋଇପାରିବ ନାହିଁ ଜାଣି ଆପଣଙ୍କ ପାଖରୁ ମୋତେ ଦୂରେଇ ଯିବାକୁ ପଡ଼ୁଛି । ମୁଁ ବିଧବା, କର୍ତ୍ତବ୍ୟ ଭ୍ରଷ୍ଟା ହୋଇଥିଲି—ମୁଁ ପୁଣି ଥରେ ମୋର କର୍ତ୍ତବ୍ୟ ପାଳନ କରିବି—ବୈଧବ୍ୟର ସଂଯମ ପାଳନ କରିବା ପ୍ରଯତ୍ନ କରିବି ।

—ଚନ୍ଦ୍ରଲେଖା—

ବୀଜଗୁପ୍ତ ସେ ପତ୍ର ପଢ଼ି ସାରିବା ପରେ ତାକୁ ଶ୍ୱେତାଙ୍କୁ ଦେଇ ଶୟନ ଗୃହକୁ ବ୍ୟସ୍ତ ଭାବରେ ଚାଲିଗଲା । ତା'ର ମୁଖମଣ୍ଡଳରେ ପରିସ୍ଫୁଟ ବିଷାଦର ଛାୟା ଶ୍ୱେତାଙ୍କ ଲକ୍ଷ୍ୟ କରି ପାରିଥିଲା ନିଶ୍ଚୟ ।

ଯେଉଁ କଥାର ଭୟ ଥିଲା ତାହା ହୋଇଯାଇଛି । କୁମାରଗିରି ଓ ଚନ୍ଦ୍ରଲେଖା—କେତେ ବିଚିତ୍ର ସଂଯୋଗ ! ବୀଜଗୁପ୍ତ ପାଗଳ ପରି ଚିତ୍କାର କଲା—"ଅସମ୍ଭବ !······ଅସମ୍ଭବ ଏ ସବୁ ।"

କିନ୍ତୁ ସେଥିରେ ବା ଥିଲା କ'ଣ ? ଏ ସମ୍ଭବ ଅସମ୍ଭବରେ ବୀଜଗୁପ୍ତର କ'ଣ ବା ପ୍ରୟୋଜନ ? କିନ୍ତୁ ଚନ୍ଦ୍ରଲେଖା କୁମାରଗିରିଙ୍କ ଆଡ଼କୁ ଆକର୍ଷିତା ହେଲା କିପରି ଓ କାହିଁକି ? ଏ ଏକ ବିରାଟ ପ୍ରଶ୍ନ । ଏହାକୁ କ'ଣ ପ୍ରେମ କହନ୍ତି ? ତେବେ ଆତ୍ମାର ସମ୍ବନ୍ଧ କ'ଣ ଅସ୍ଥାୟୀ ? ଚନ୍ଦ୍ରଲେଖା ଯାହା କହୁଥିଲା ତାହା କ'ଣ ଠିକ୍—

"ଆତ୍ମାର ସମ୍ବନ୍ଧ ଅନାଦି ନୁହେଁ, ବୀଜଗୁପ୍ତ !"

ଚନ୍ଦ୍ରଲେଖା ବର୍ତ୍ତମାନ ବୀଜଗୁପ୍ତର ପ୍ରଣୟାସକ୍ତା ନୁହେଁ ଏହା କ'ଣ ନିଶ୍ଚିତ ? ପତ୍ର ତ ଏହା କହୁନାହିଁ ? ଏ ପତ୍ର କିଛି ଅନ୍ୟକଥା କହୁଛି । ସେ ମନ କହୁଛି ଯେ, ଚନ୍ଦ୍ରଲେଖା ପ୍ରେମର ସର୍ବୋଚ୍ଚ ତ୍ୟାଗ ତଥା ଆତ୍ମବଳିଦାନକୁ ଆପଣାଉ କରିଛି । ସେ କେବଳ ବୀଜଗୁପ୍ତକୁ ହିଁ ସୁଖୀ କରିବାକୁ ଏହା କରିଛି । ବୀଜଗୁପ୍ତର ହୃଦୟ ଚନ୍ଦ୍ରଲେଖା ଉପରେ ଅବିଶ୍ୱାସକୁ ଧିକ୍କାର କରୁଥିଲା···· ଚନ୍ଦ୍ରଲେଖା ଥିଲା ଦେବୀ । କିନ୍ତୁ ସେ ଏକ ବିରାଟ ଭୁଲ କଲା । ସେ ବୀଜଗୁପ୍ତକୁ ସୁଖୀ ନ କରି ଦୁଃଖୀ କରିଛି । ବୀଜଗୁପ୍ତ ପକ୍ଷରେ ଯଶୋଧରକୁ ବିବାହ କରିବା ଅସମ୍ଭବ । ସେ

Digitized by srujanika@gmail.com

କେବଳ ଜଣକୁ ହିଁ ଭଲ ପାଉଥିଲା ସେ ଥିଲା ଚନ୍ଦ୍ରଲେଖା । ବିବାହ ଓ ପ୍ରେମର ସମ୍ବନ୍ଧ ଅତି ଘନିଷ୍ଠ ।

ରାଜଗୁପ୍ତ ଶୋଇପାରିଲା ନାହିଁ । ବାଧ୍ୟ ହୋଇ ଶଯ୍ୟା ତ୍ୟାଗକଲା । ସେତେବେଳେ ଅର୍ଦ୍ଧରାତ୍ରୀ ଅତୀତ ହୋଇ ଯାଇଥାଏ । ସେ କୁମାରଗିରିଙ୍କର କୁଟୀରର ଉଦ୍ଦେଶ୍ୟରେ ପ୍ରସ୍ଥାନ କଲା । ସେତେବେଳ ପର୍ଯ୍ୟନ୍ତ କୁମାରଗିରିଙ୍କ କୁଟୀରରେ ଆଲୁଅ ଜଳୁଥିଲା । କୁମାରଗିରି ଧ୍ୟାନାବସ୍ଥିତ ଥିଲେ । ଚନ୍ଦ୍ରଲେଖା କୁଟୀରର ଗୋଟାଏ କୋଣରେ କୁଶାସନରେ ଶାୟିତା । ରାଜଗୁପ୍ତ, ଚନ୍ଦ୍ରଲେଖାକୁ ବୈଭବର ଝଲ୍‌ମଲତା ଭିତରେ ଦେଖିଥିଲା, କିନ୍ତୁ ଶାନ୍ତର ପ୍ରଶାନ୍ତ ଶଯ୍ୟା ତଳେ ତାକୁ ଦେଖିବାର ଏହାହିଁ ପ୍ରଥମ । ଚନ୍ଦ୍ରଲେଖା ଶରୀରରେ ଆଭୂଷଣ ନ ଥିଲା କେଶରେ ଲେପନ ନ ଥିଲା—ଉନ୍ମତ୍ତତା ନ ଥିଲା—ତା'ର ମୁଖମଣ୍ଡଳ ଶାନ୍ତର ଏକ ଗାଢ଼ ସ୍ମିତ ହାସ୍ୟରେ ଉଜ୍ଜ୍ୱଳ ଦିଶୁଥିଲା । ସେ ଚନ୍ଦ୍ରଲେଖା ସମୀପରେ ଉପବେଶନ ହୋଇ ତାକୁ ଅପଲକ ଦୃଷ୍ଟିରେ ଚାହିଁରହିଲା ।

ପ୍ରଦୋଷ ହେଲା—ଯୋଗୀ କୁମାରଗିରି ସମାଧି ଭଙ୍ଗକଲେ—ଚନ୍ଦ୍ରଲେଖା ଶଯ୍ୟା ତ୍ୟାଗ କଲା । ଦୁହେଁ ଏକ ସମୟରେ ରାଜଗୁପ୍ତର ଉପସ୍ଥିତିରେ ଅବାକ୍ ହେଲେ ।

ଚନ୍ଦ୍ରଲେଖାର ମୁଖମଣ୍ଡଳରେ ଭୟର ସ୍ପର୍ଶ ଦେଖି, ଯୋଗୀ କୁମାରଗିରି ଆଶ୍ଚର୍ଯ୍ୟ ହେଉଥିଲେ ।

ରାଜଗୁପ୍ତ, ଯୋଗୀ କୁମାରଗିରି ଓ ଚନ୍ଦ୍ରଲେଖା ଉଭୟଙ୍କୁ ପ୍ରଣାମ କଲା । କୁମାରଗିରି ଆଶୀର୍ବାଦ କଲେ ମାତ୍ର ଚନ୍ଦ୍ରଲେଖା ଆଖି ବନ୍ଦ କରି ନେଲା ।

ରାଜଗୁପ୍ତ ଧୀର କଣ୍ଠରେ ଉଚ୍ଚାରଣ କଲା—"ଚନ୍ଦ୍ରଲେଖା !"

'ରାଜଗୁପ୍ତ !"

ରାଜଗୁପ୍ତ ଅନେକ କଥା କହିବାକୁ ଆସିଥିଲା, ମାତ୍ର ସେ ସେସବୁ ଭୁଲିଗଲା ସେପରି । ଅଦମ୍ୟ ସାହସ ସଞ୍ଚୟ ପରେ ରାଜଗୁପ୍ତ କହିଲା—

"ତୁମେ କ'ଣ ନିଷ୍ପତ୍ତି କରି ନେଇଛ ଚନ୍ଦ୍ରଲେଖା !……"

Digitized by srujanika@gmail.com

ଅପରାଧିନୀ ସଦୃଶା ଚନ୍ଦ୍ରଲେଖା ନତମସ୍ତକ ହେଲା । ତା'ର ସୁକୋମଳ ଗଣ୍ଡ ଦେଶରେ ଦୁଇବୁନ୍ଦା ଅଶ୍ରୁର ଧାରନ୍ତି ଝରିପଡ଼ିଲା । ସେ କୋମଳକଣ୍ଠରେ କହିଲା—

"ବୀଜଗୁପ୍ତ ! ତୁମେ ଯାହା ଦେଖୁଛ ତାହା ମୋର ଅନ୍ତିମ ନିର୍ଣ୍ଣୟ ।"

"କିନ୍ତୁ ଏ ନିର୍ଣ୍ଣୟ ଉପରେ ପୁନରାୟ ବିଚାର କରିବାର ପୂର୍ଣ୍ଣ ଅଧିକାର ତୁମର ରହିଛି । ଏ ନିର୍ଣ୍ଣୟ କରିନେବା ପୂର୍ବରୁ ମୋତେ ଏ ସମସ୍ତ କଥା ଜଣାଇ ଦେବା କ'ଣ ଉଚିତ ନ ଥିଲା ? ତୁମେ କ'ଣ ମୋତେ ତୁମ ଜୀବନଠାରୁ ସମ୍ପୂର୍ଣ୍ଣ ପୃଥକ୍ ବୋଲି ଭାବିନେଲ ଯେ, ମୋ ଆଗରେ ତୁମର ମରମିତଳର ଗୋପନକଥାକୁ ପ୍ରକାଶ କରିବାର ଆବଶ୍ୟକୀୟତା ଉପଲବ୍ଧି କଲନାହିଁ ? ଚନ୍ଦ୍ରଲେଖା ! ପ୍ରଣୟ ଦୁଇଜଣଙ୍କ ମଧ୍ୟରେ କୌଣସି ପ୍ରଭେଦ ଦେଖେ ନାହିଁ । ପ୍ରେମ ଦୁଇଟି ହୃଦୟର ଅଭିନ୍ନତାର କାରଣ । ତୁମେ କ'ଣ ବିଶ୍ୱାସ କରୁଛ ଯେ ତୁମର ଏ ନିର୍ଣ୍ଣୟରେ ମୋତେ ଯଶୋଧରାକୁ ବିବାହ କରିବାରେ ତୁମେ ସମର୍ଥ ହେବ ? ତୁମର ଏ ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ତୁମେ ତୁମର ଏ ନିର୍ଣ୍ଣୟରେ ମୋତେ ସୁଖୀ କରି ପାରିବ ନାହିଁ, ତୁମର ଏ ବିଶ୍ୱାସ ରଖିବା ଉଚିତ । ମୁଁ ମୋର ଜୀବନରେ କେବଳ ତୁମକୁ ହିଁ ପ୍ରେମ କରିଛି ଓ ତୁମ ବ୍ୟତୀତ ଅନ୍ୟ କାହା ପାଖରେ ହୃଦୟ ସମର୍ପଣ ମୋ ପକ୍ଷରେ ଅସମ୍ଭବ । ମୋର ଅନ୍ୟ କାହାକୁ ବିବାହ କରିବା ଏକାନ୍ତ ଅସମ୍ଭବ ।"

ଚନ୍ଦ୍ରଲେଖା ବୀଜଗୁପ୍ତର ଚରଣତଳେ ଲୋଟିପଡ଼ିଲା । ଥରକ ପାଇଁ ବୀଜଗୁପ୍ତ ସହିତ ବୁଲିଯିବାର ଇଚ୍ଛା ହେଲା; କିନ୍ତୁ ସେ ହଠାତ୍ ତା' ମନର ସମସ୍ତ ଭାବନାକୁ ରୋକି ନେଇଥିଲା । ସେ ବୀଜଗୁପ୍ତର ଚରଣତଳେ ଗଭୀର କୋହ ଭିତରେ କାନ୍ଦିବାକୁ ଲାଗିଲା । ବୀଜଗୁପ୍ତ ତାକୁ ଗଭୀର ଆବେଗ ଭିତରେ ଉଠେଇ ନେଲା । ଶାନ୍ତ ହୋଇ ଚନ୍ଦ୍ରଲେଖା କହିଲା—

"ବୀଜଗୁପ୍ତ ! ତୁମେ ପୂଜ୍ୟ ! ତୁମେ ମନୁଷ୍ୟ ନୁହଁ, ଦେବତା— ମୁଁ ତୁମକୁ ଜାଣିଛି । ଏହା ମଧ୍ୟ ଜାଣିଛି ଯେ, ତୁମକୁ ମୁଁ ପ୍ରେମ କରି ତୁମ ଜୀବନକୁ ନିରର୍ଥକ କରି ଦେଇଛି । ଏଣୁ ତୁମର ବିବାହ କରିନେବା ଉଚିତ । ତୁମେ ମୋତେ ଭଲ ପାଉଛ ତେଣୁ ମୋତେ ସୁଖୀ କରିବା ତୁମର

Digitized by srujanika@gmail.com

କର୍ତ୍ତବ୍ୟ । ଯେଉଁ ଦିନ ପର୍ଯ୍ୟନ୍ତ ମୁଁ ତୁମକୁ ବିବାହିତ ପୁରୁଷ ହିସାବରେ ଦେଖି ନାହିଁ; ସେତେ ଦିନ ଯାଏଁ ମୁଁ ଦୁଃଖୀ; ତୁମେ ବିବାହ କରି ନିଅ—କିନ୍ତୁ ମନେ ରଖିଥାଅ ମୋର ହୃଦୟତଳେ ତୁମ ପ୍ରତି ଆସକ୍ତି ସଦୈବ ସବୁଜ ଥିବ । କ'ଣ ପ୍ରେମର ପ୍ରଧାନ ଅଙ୍ଗ କେବଳ ଭୋଗ ଓ ବିଳାସ ? ମୁଁ ତୁମ ସହିତ କେବଳ ମାତ୍ର ଶାରୀରିକ ସମ୍ବନ୍ଧ ହିଁ ବିଚ୍ଛିନ୍ନ କରୁଛି । ଏହାଦ୍ୱାରା ଆମର ଆତ୍ମାର ସମ୍ବନ୍ଧ ଆହୁରି ଘନିଷ୍ଠ ହେବ ।

ବୀଜଗୁପ୍ତ ଏହାର ଉତ୍ତରରେ କେବଳ ଏତିକି ମାତ୍ର କହିଲ—

"ଚିତ୍ରଲେଖା ! ପୁଣି ଥରେ ବିଚାର କର । ତୁମେ ଯାହା କହୁଛ ତାହା ମୋ ପକ୍ଷରେ କରିବା ଏକାନ୍ତ ଅସମ୍ଭବ ।"

ଚିତ୍ରଲେଖା ବୀଜଗୁପ୍ତ ଗଳାରେ ବାହୁବନ୍ଧନ ଦେଇ ଦେଇ କହିଲ—

"ବୀଜଗୁପ୍ତ ! କିଛି ଦିନ ପାଇଁ ଆମେ ଅନ୍ତତଃ ବିଚ୍ଛିନ୍ନ ରହି ଦେଖୁଁ ! ତୁମେ ହୁଏତ କିଛି ଦିନ ପରେ ବିବାହ କରି ନେବାକୁ ପ୍ରସ୍ତୁତ ହୋଇଯିବ । କ'ଣ ପ୍ରଣୟରେ ବିୟୋଗ ନାହିଁ ? ଆମ ପକ୍ଷରେ ସେ ବିୟୋଗ ମଧ୍ୟ ଆଂଶିକ ସର୍ଜନ କରିବା ଉଚିତ ହେବ ।"

ବୀଜଗୁପ୍ତ କହିଲ—"ମୋର ଯାହା କହିବାର ଥିଲା, ମୁଁ କହି ଦେଇ ସାରିଛି—ମାନିବା ଓ ନ ମାନିବା ତୁମ ଉପରେ । ତୁମେ ଯାହା ଚାହିଁ ତାହା କର; ମାତ୍ର କିଛି ଦିନ ପରେ ତୁମେ ଅବଶ୍ୟ ଜାଣିଯିବ ଯେ ତୁମେ ଭୁଲ କରିଛ ।" ବୀଜଗୁପ୍ତ ଫେରି ଆସିଲ । ଚିତ୍ରଲେଖା ତାକୁ ବିଦାୟ ଦେବାକୁ ରାଜମାର୍ଗ ପର୍ଯ୍ୟନ୍ତ ଆସି ବୀଜଗୁପ୍ତକୁ ଚୁମ୍ବନ କଲା । ସେ ଚୁମ୍ବନରେ ବହୁ ବର୍ଷର ପରିଚିତ ସେଇ ମାଦକତା ଦେଖି ବୀଜଗୁପ୍ତ ବିସ୍ମିତ । ବିଦାୟ କାଳରେ ବୀଜଗୁପ୍ତର ପାଦସ୍ପର୍ଶ କରି ଚିତ୍ରଲେଖା କହିଲା—

"ବୀଜଗୁପ୍ତ ! ମୁଁ ସମ୍ଭବତଃ ଅନୁଚିତ କଥା କରୁଛି । ମୋତେ କ୍ଷମା କରିବ ।"

ବୀଜଗୁପ୍ତକୁ ବିଦାୟ ଦେଇ ଚିତ୍ରଲେଖା କୁଟୀରକୁ ପ୍ରତ୍ୟାଗମନ କଲା । ସେତେବେଳେ କୁମାରଗିରି କ'ଣ ଭାବୁଥିଲେ । ଚିତ୍ରଲେଖାକୁ ଆସନ ଗ୍ରହଣର ଆଦେଶ ଦେଇ ପଚାରିଲେ—

Digitized by srujanika@gmail.com

"ଚନ୍ଦ୍ରଲେଖା ! ତୁମେ କହିଥିଲ ଯେ, ତୁମେ ମୋତେ ପ୍ରେମ କର, ଏହା କ'ଣ ଠିକ୍ କହୁଛ ?"

ଚନ୍ଦ୍ରଲେଖା ଆଶ୍ଚର୍ଯ୍ୟଚକିତା ହୋଇ ଉତ୍ତର ଦେଲା –

"ହଁ ।"

"ଆଉ ମଧ୍ୟ, ତୁମେ ବୀଜଗୁପ୍ତଙ୍କୁ ପ୍ରେମ କର ବୋଲି ଯେ ବର୍ତ୍ତମାନ ପ୍ରକାଶ କଲ, ତାହା ମଧ୍ୟ କ'ଣ ଠିକ୍ ?"

"ନିଶ୍ଚୟ ।"

"ଏକ ସଙ୍ଗରେ ଦୁଇ ଜଣଙ୍କୁ ପ୍ରେମ କରିବା କ'ଣ ସମ୍ଭବ ?" କୁମାରଗିରିଙ୍କର ମୁଖମଣ୍ଡଳରେ ଅବିଶ୍ୱାସର ଗଭୀର ଛାପ ଦେଖା ଯାଉଥିଲା ।

"ଆପଣ କ'ଣ ଏହା ଅସମ୍ଭବ ବୋଲି ଭାବୁଛନ୍ତି ଗୁରୁଦେବ ! ପୁରୁଷ ଦୁଇଜଣଙ୍କୁ ବିବାହ କରିପାରେ । ସେ ଉଭୟ ପତ୍ନୀଙ୍କୁ ପ୍ରେମ କରି ପାରେ; କିନ୍ତୁ ସ୍ତ୍ରୀ ଏହା କରି ପାରିବ ନାହିଁ କାହିଁକି ? ସ୍ତ୍ରୀ ଆପଣାର ପତିଙ୍କୁ ଯେପରି ସ୍ନେହ ଦେଇପାରେ, ଠିକ୍ ସେତିକି ଆପଣାର ପୁତ୍ରଙ୍କୁ ମଧ୍ୟ ଦେଇପାରିବ । ଅନ୍ତରିକ ସମ୍ବନ୍ଧ ଏକାଧିକ ବ୍ୟକ୍ତିଙ୍କ ସଙ୍ଗରେ ସମ୍ଭବ ।"

"ଚନ୍ଦ୍ରଲେଖା ! ତୁମେ ହୁଏତ ମୋତେ ପ୍ରବଞ୍ଚନା କରୁଛ— ନଚେତ୍ ତୁମେ ନିଜେ ନିଜକୁ ବା ବୀଜଗୁପ୍ତଙ୍କୁ ପ୍ରବଞ୍ଚିତ କରୁଛ ।"

"ଗୁରୁଦେବ ! ଆପଣ ଏତିକି ବିଶ୍ୱାସ କରନ୍ତୁ । ମୁଁ ଆପଣଙ୍କୁ ପ୍ରବଞ୍ଚିତ କରୁନାହିଁ । ସମ୍ଭବତଃ ବୀଜଗୁପ୍ତଙ୍କୁ ପ୍ରବଞ୍ଚିତ କରୁଛି ଅଥବା ନିଜକୁ ହିଁ ପ୍ରତାରିତ କରୁଛି ।"

"ନା, ଚନ୍ଦ୍ରଲେଖା ! ତୁମର ଭାବିନେବା ଉଚିତ, ମୋ ସାଥିରେ ଥାଇ ବୀଜଗୁପ୍ତ ସହିତ ତୁମର ପ୍ରେମ କରିବା ସମ୍ଭବ ହେବନାହିଁ । ମୋସାଥିରେ ତୁମକୁ ସଂସାରର ବହୁତ ଦୂରରେ ରହିବାକୁ ପଡ଼ିବ । ମୋ ପାଖରେ ତପସ୍ୟା ଓ ସାଧନାର ଶୁଷ୍କ କ୍ଷେତ୍ର ଛଡ଼ା ତୁମକୁ ଆଉ କିଛି ମିଳିବ ନାହିଁ । ଦୁର୍ବଳ ହୃଦୟ ଏଠାରେ କେବଳ ମର୍ମାହତ ହେବ । ମୁଁ ତୁମକୁ ଯଥେଷ୍ଟ ସମୟ ଦେଉଛି—ତୁମେ ଏ ସମସ୍ତ କଥା ଉପରେ ବିଚାର କର ।"

Digitized by srujanika@gmail.com

"ମୁଁ ଯଥେଷ୍ଟ ଭାବିଛି ! ଗୁରୁଦେବ, ଆପଣଙ୍କର ଆଜ୍ଞା ହିଁ ମୋର କର୍ତ୍ତବ୍ୟ । ମୁଁ ମୋର ମମତ୍ୱ ତ୍ୟାଗ କରିବାକୁ ବାଧ୍ୟ ପରିକର— ତାପରେ ସଂସାର ତ୍ୟାଗ କରିବା ନିତାନ୍ତ ସରଳ ।"

କୁମାରଗିରି ଚନ୍ଦ୍ରଲେଖାକୁ ବୁଝି ପାରିଲେ ନାହିଁ । ଚନ୍ଦ୍ରଲେଖାର ଏକ ଅସାଧାରଣ ବ୍ୟକ୍ତିତ୍ୱ ଥିଲା—ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ସେହି ବ୍ୟକ୍ତିତ୍ୱ । ତାକୁ ଦୀକ୍ଷା ଦେବାକୁ ସେ ଏକାନ୍ତ ଅସମର୍ଥ ଏହା ଜଣାଇ ଦେବାକୁ ତାଙ୍କ ମନରେ ପୁଣି ଥରେ ଚେତନା ଆସିଲା । ସେ ତେଣୁ କହିଲେ—

"ଦେଖ ଚନ୍ଦ୍ରଲେଖା ! ମୁଁ ତୁମକୁ ବୁଝିବାକୁ ଏକାନ୍ତ ଅସମର୍ଥ । ତୁମର ବ୍ୟକ୍ତିତ୍ୱ ମୋର ବ୍ୟକ୍ତିତ୍ୱଠାରୁ ନିକୃଷ୍ଟ ନୁହେଁ । ତେଣୁ ତୁମକୁ ଦୀକ୍ଷା ଦେବା ମୋ ପକ୍ଷରେ କେତେଦୂର ଉଚିତ ହେବ ପ୍ରଥମରେ ନିର୍ଣ୍ଣୟ କରିବା ଉଚିତ···ତେଣୁ ଯେତେଦିନ ମୁଁ ନିର୍ଣ୍ଣୟ ନ କରିଛି··· ।"

କୁମାରଗିରିଙ୍କ ବାକ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ ବିଶାଳଦେବ କୁଟୀରରେ ପ୍ରବେଶ କଲା । ବିଶାଳଦେବକୁ ଦେଖି କୁମାରଗିରି ନୀରବ ହେଲେ । ବିଶାଳଦେବ କୁମାରଗିରିଙ୍କର ଚରଣ ସ୍ପର୍ଶ କରି ଚନ୍ଦ୍ରଲେଖାକୁ ଅଭିବାଦନ ଜଣାଇ ଚାଲିଗଲା ।

ବିଶାଳଦେବ ଯିବାପରେ କୁମାରଗିରି ହସି ଉଠିଲେ; ସେ କହିଲେ—

"ଭଗବାନଙ୍କର ଏହା ଆଦେଶ ପରି ଜଣାଯାଉଛି ଯେ, ତୁମକୁ ମୁଁ ଦୀକ୍ଷା ଦେବାକୁ ହିଁ ହେବ ଏବଂ ତୁମକୁ ପାଖରେ ରଖି ଭଗବାନଙ୍କଠାରେ ପରୀକ୍ଷାର୍ଥୀ ହେବାକୁ ହେବ ନର୍ତ୍ତକୀ ! ମୁଁ ଯାହା କହିଗଲି, ସେଥିପାଇଁ ଚିନ୍ତା କରିବା ତୁମର ନିଷ୍ପ୍ରୟୋଜନ ।"

Digitized by srujanika@gmail.com

ଚତୁର୍ଦ୍ଦଶ ପରିଚ୍ଛେଦ—

ଦିନ ପରେ ରାତି— ରାତି ପରେ ଦିନ । ସୁଖ ପରେ ଦୁଃଖ—ଦୁଃଖ ପରେ ସୁଖ ।

ରାତ୍ରୀ ବିନା ଦିବସର କୌଣସି ବିଶେଷତ୍ୱ ନାହିଁ ଓ ବିନା ଦିବସରେ ରାତ୍ରୀର କୌଣସି ମହତ୍ତ୍ୱ ନାହିଁ । ବିନା ଦୁଃଖରେ ସୁଖର କୌଣସି ମୂଲ୍ୟ ନାହିଁ— ଠିକ୍ ସେପରି ବିନା ଦୁଃଖରେ ସୁଖର ମଧ୍ୟ ତାତ୍ପର୍ଯ୍ୟ ନାହିଁ । ଏହା ହିଁ ପରିବର୍ତ୍ତନର ଏକମାତ୍ର ନିୟମ । ଏ ସଂସାର ପରିବର୍ତ୍ତନଶୀଳ— ମନୁଷ୍ୟ ଏ ସଂସାରର ଏକ ଅଂଶ ମାତ୍ର । ରାଜଗୁପ୍ତ ମଧ୍ୟ ଏକ ମନୁଷ୍ୟ । ସେ ସୁଖଭୋଗ କରିଥିଲା ଏବଂ ଏହି ହେତୁରୁ ତା ପକ୍ଷରେ ଦୁଃଖ ଭୋଗ କରିବାର ପ୍ରୟୋଜନୀୟତା ଥିଲା କିନ୍ତୁ ଏ ଦୁଃଖରେ ରାଜଗୁପ୍ତ ଏତେ ବିଚଳିତ ହୋଇପଡ଼ିଲା ଯେ, ସେ ତାହା କଳ୍ପନା ସୁଦ୍ଧା କରି ନ ଥିଲା । ଏ ଦାରୁଣ ଦୁଃଖ ସହ୍ୟ କରି ସେ ଜୀବିତ ବା କିପରି ରହିଛି ତାକୁ ବଡ଼ ଆଶ୍ଚର୍ଯ୍ୟ ବୋଧ ହେଉଥିଲା ।

ତେବେ ମଧ୍ୟ ସୁଖ ଓ ଦୁଃଖ ଉଭୟକୁ ସହି ନେବାକୁ ହିଁ ମନୁଷ୍ୟ ଜନ୍ମ ଗ୍ରହଣ କରିଛି । ରାଜଗୁପ୍ତ ଅନୁଭବ କଲା ଯେ, କୌଣସି ଗୋଟାଏ ପାଖରୁ ଦୂରେଇ ଯିବା ତା' ପକ୍ଷରେ କାପୁରୁଷତା ଛଡ଼ା ଆଉ କ'ଣ ହୋଇ ପାରେ ? ତେଣୁ ସେ ଚନ୍ଦ୍ରଲେଖାକୁ ହରେଇବାରେ ଯେଉଁ ଦୁଃଖ ହୋଇଛି ତାକୁ ସହିନେବା ହିଁ ଉଚିତ ବୋଲି ଭାବିଲା ।

ଯେତେବେଳେ ପାଟଳୀପୁତ୍ରରେ ରହି ଚନ୍ଦ୍ରଲେଖା ସହିତ ସାକ୍ଷାତ ହେବାର ଯଥେଷ୍ଟ ସୁଯୋଗ ରହିଛି, ତେବେ ଚନ୍ଦ୍ରଲେଖାକୁ ହରେଇ

Digitized by srujanika@gmail.com

ଲାଭ ବା କ'ଣ ? ପୁଣି ଅନ୍ୟ ସାମନ୍ତଗଣ ଯେତେବେଳେ ଜାଣିବେ ଯେ, ଚନ୍ଦ୍ରଲେଖା ରାଜଗୁପ୍ତଙ୍କୁ ତ୍ୟାଗ କରି ଯୋଗ ସାଧନା ଲିପ୍ତ ହୋଇଛି— ସେତେବେଳେ ସେ କ'ଣ ସେମାନଙ୍କୁ ମୁହଁ ଦେଖାଇ ପାରିବ ?

ତୃତୀୟ କଥା — ଯଶୋଧର କ'ଣ ତା'ର ପ୍ରେମରେ ତା'କୁ ପ୍ରଭାବିତ କରି ପାରିବ ?

ରାଜଗୁପ୍ତ ସମସ୍ୟାଗୁଡ଼ିକର ଯେତେ ସମାଧାନ କରୁଥିଲା ତାହା ସେତେ ଜଟିଳ ହୋଇ ଉଠୁଥିଲା । ଏ ଚିନ୍ତା ରାଜଗୁପ୍ତଙ୍କୁ ଗଭୀର ପୀଡ଼ା ଦେଉଥିଲା । ସେଦିନ ସେ ଶ୍ୱେତାଙ୍କୁ କହିଲା—

"ଶ୍ୱେତାଙ୍କ ! ମୁଁ ଗୋଟିଏ ପ୍ରସ୍ତାବ କରୁଛି ।"

"କଣ ?" ବିସ୍ମିତ ଭାବରେ ପ୍ରଶ୍ନ କଲା ଶ୍ୱେତାଙ୍କ ।

"ଆମେ କାଶୀ ଯିବା । କିଛି ଦିନପାଇଁ ବେଶ ପର୍ଯ୍ୟଟନ କରିବା ଇଚ୍ଛା ମୋର ହେଉଛି ।"

"ଏତେ ଚଞ୍ଚଳ !" ଶ୍ୱେତାଙ୍କ ଆଶ୍ଚର୍ଯ୍ୟ ହୋଇ ପଚାରିଲା । ଯଶୋଧର ସହିତ ନିଜର ପ୍ରଣୟକୁ ପୁଷ୍ଟ କରିବାର ଗଭୀର ଇଚ୍ଛା ଶ୍ୱେତାଙ୍କର ଥିଲା—ସେ ହେତୁରୁ ପାଟଳୀପୁତ୍ରରେ ଅବସ୍ଥାନର ଆବଶ୍ୟକତା ଶ୍ୱେତାଙ୍କ ଉପଲବ୍ଧି କରୁଥିଲା ।

"ଦଶ ପନ୍ଦର ଦିନ ତ ଆମକୁ ଏଠାରେ ଯେପରି ନହେଉ ରହିବାକୁ ପଡ଼ିବ । କାରଣ ଯିବା ପାଇଁ ଆବଶ୍ୟକୀୟ ଜିନିଷପତ୍ର ଯୋଗାଡ଼ କରିବାକୁ ହେବ ।"

ରାଜଗୁପ୍ତ ନୀରସ ଭାବରେ ଉତ୍ତର ଦେଲା—

"ନା ଶ୍ୱେତାଙ୍କ ! ତା' ନୁହେଁ, ଆମକୁ ଯେ କୌଣସିମତେ ପଅର ଦିନ ହିଁ ଯିବାକୁ ହେବ ।"

"ସ୍ୱାମୀଙ୍କର ଆଜ୍ଞା ।"

ଶ୍ୱେତାଙ୍କ ମାତ୍ର ରାଜି ହେଲେ ନାହିଁ । ରାଜଗୁପ୍ତର ଏପରି ଏକ ନିର୍ଣ୍ଣୟ ତାଙ୍କୁ ଆଦୌ ଭଲ ଲାଗୁ ନ ଥିଲା, କିନ୍ତୁ ସେ ବା କ'ଣ କରି ପାରନ୍ତା ? ସେ ରାଜଗୁପ୍ତ ସହିତ ଯିବାକୁ ଅନିଚ୍ଛୁକ ବୋଲି ପ୍ରକାଶ କରି ଦେବାକୁ

Digitized by srujanika@gmail.com

ଭାବଥିଲା; ମାତ୍ର ତା'ର ସାହସ ହେଲା ନାହିଁ । କାରଣ କୁହିବା ତା'ର ନୀଚତାର ପ୍ରମାଣ ଦେବ ଏବଂ ସେ ସେଥିରେ କର୍ତ୍ତବ୍ୟଚ୍ୟୁତ ହେବ । ପ୍ରଦୋଷରେ ସେ ଶଯ୍ୟା ତ୍ୟାଗ କରି ରାଜଗୁପ୍ତଙ୍କୁ କହିଲା—

"ମୁଁ ମୃତ୍ୟୁଞ୍ଜୟଙ୍କୁ ଥରେ ସାକ୍ଷାତ କରିବାକୁ ଚାହୁଁଛି—ଆଜ୍ଞା ଦେଲେ.........."

କାରଣଟା ଜାଣୁଥିଲେ ମଧ୍ୟ ରାଜଗୁପ୍ତ ପଚାରିଲା—"କାହିଁକି" ?

"ଆମେମାନେ ବାହାରକୁ ଯିବା । ଫେରିବାରେ ବିଳମ୍ବ ହେବ; ଏଣୁ ବିଦାୟ ମାଗିବା ଉଦ୍ଦେଶ୍ୟରେ ହିଁ ଯିବାକୁ ଚାହୁଁଛି ।"

"ଯାଇ ପାର ।" ରାଜଗୁପ୍ତ ଆଜ୍ଞା ଦେଇ ମନେ ମନେ ହସୁଥିଲା । ଜଣେ ପ୍ରଣୟାସକ୍ତ ହୋଇ ପଶ୍ଚାତାପ କରୁଥିବା ବେଳେ ଓ ଅନ୍ୟ ଜଣକ ପ୍ରଣୟ ପାଇଁ କେତେ ଅଗ୍ରହୀ ନୁହେଁ ସତେ ?

ଶ୍ୱେତାଙ୍କ ମୃତ୍ୟୁଞ୍ଜୟଙ୍କ ଭବନରେ ପହଞ୍ଚିବା ବେଳକୁ ସେ ଅନୁପସ୍ଥିତ ଥିଲେ । ଦାସୀ ଯଶୋଧରାଙ୍କୁ ଶ୍ୱେତାଙ୍କର ଆଗମନର ସୂଚନା ଦେଲା । ବିଶ୍ରାମାଗାରରେ ଯଶୋଧରା ଶ୍ୱେତାଙ୍କୁ ଅଭିବାଦନ ଜଣାଇ ଆସନ ଗ୍ରହଣ କଲା । ଉଭୟେ କିଛି ସମୟ ପାଇଁ ନୀରବ ରହିଲେ । ପ୍ରଥମରେ ନୀରବତା ଭଙ୍ଗ କରି ଶ୍ୱେତାଙ୍କ ଆରମ୍ଭ କଲା—

"ଦେବୀ ଯଶୋଧରା ! ମୁଁ କାଲି ରାଜଗୁପ୍ତଙ୍କ ସହିତ ଅନ୍ୟତ୍ର ଯାତ୍ରା କରୁଛି । ଫେରିବାକୁ ସମ୍ଭବତଃ ବିଳମ୍ବ ଘଟିପାରେ । ତେଣୁ ବିଦାୟ ନେବାକୁ ଆସିବା ଉଚିତ ମନେକଲି ।"

ଅପଲକ ଆଖିରେ ଶ୍ୱେତାଙ୍କ ଯଶୋଧରାକୁ ଦେଖୁଥିଲା । ମାତ୍ର ଯଶୋଧରାର ମୁଖମଣ୍ଡଳରେ ଭାବର କୌଣସି ପରିବର୍ତ୍ତନ ନ ଥିଲା । ସେ କେବଳ ଠିକ୍ ସେହି ସ୍ୱାଭାବିକ ଗଳାରେ କହିଲା—

"ରାଜଗୁପ୍ତ ଗତକାଲି ସେପରି କିଛି ସୂଚନା ତ ଦେଇ ନାହାନ୍ତି ?"

ଯଶୋଧରାର ଉଦାସୀନତା ଶ୍ୱେତାଙ୍କୁ ଆଘାତ କଲା । ସେ କଥାର ଉତ୍ତର ନ ଦେଇ କହିଲା—

"ହଁ ଦେବୀ !! ଚନ୍ଦ୍ରଲେଖା ରାଜଗୁପ୍ତଙ୍କୁ ତ୍ୟାଗ କରି ଯୋଗୀ କୁମାରଗିରିଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି ।"

Digitized by srujanika@gmail.com

ଯଶୋଧର ଚମକି ଉଠିଲା “କଣ କହିଲେ ? ଚିତ୍ରଲେଖା ବୈରାଗ୍ୟ ଗ୍ରହଣ କରିଛନ୍ତି ? ବଡ଼ ଆଶ୍ଚର୍ଯ୍ୟ କଥା—ଏଥିରେ ବୀଜଗୁପ୍ତଙ୍କୁ ବଡ଼ ଆଘାତ ଲାଗିଥିବ ।” କିଛି ସମୟ ନୀରବ ରହି ସେ ପୁନରାୟ କହିଲା—“ମୋର ତାଙ୍କ ସହିତ ସାକ୍ଷାତ ହେବା ସଙ୍ଗେ ସଙ୍ଗେ ଜାଣି ନେଇଥିଲି ଯେ, ସେ ଏକ ଦେବୀ । ବୀଜଗୁପ୍ତଙ୍କ ପାଇଁ ଯେ କୌଣସି ତ୍ୟାଗ କରିବାକୁ ସେ ସମର୍ଥ ।”

ଶ୍ୱେତାଙ୍କ ଆପଣା ପ୍ରତାବରେ ସ୍ୱୟଂ ଆହତ ହେଉଥିବା ପରି ମନେ କଲା । ତା’ର ଅନ୍ତରତଳେ ସତେ ଯେପରି ହଠାତ୍ ଜଳି ଉଠିଥିଲା ପ୍ରତିହିଂସାର ସ୍ଫୁଲିଙ୍ଗ । ସେ କହିଲା—

“ଆଉ ମଧ୍ୟ ବୀଜଗୁପ୍ତ ଚିତ୍ରଲେଖା ବ୍ୟତୀତ ଅନ୍ୟ କୌଣସି ସ୍ତ୍ରୀର ପାଣି ଗ୍ରହଣ କରି ପାରିବେ ନାହିଁ । ଏହା ଅନ୍ତତଃ ମୁଁ ଜାଣେ ଓ ସେ କେବଳ ମନ ପରିବର୍ତ୍ତନ ପାଇଁ ହିଁ ଅନ୍ୟତ୍ର ଯାଉଛନ୍ତି । ସେ ଯଦି ପାଟଳୀପୁତ୍ରରେ ରହିବେ, ତେବେ ଆତ୍ମହତ୍ୟା କରିବା ତାଙ୍କ ପକ୍ଷେ ଅସମ୍ଭବ ନୁହେଁ ।”

ଏ କଥାରେ ଯଶୋଧରର ମୁଖମଣ୍ଡଳ ମଳିନ ହୋଇଗଲା ।

“ଆପଣ ଠିକ୍ କହୁଛନ୍ତି ଶ୍ୱେତାଙ୍କ ? ମୁଁ ମଧ୍ୟ ବୀଜଗୁପ୍ତଙ୍କୁ ବୁଝିବାରେ କିଞ୍ଚିତ ସମର୍ଥ ହୋଇଛି । ଆପଣଙ୍କ କଥାର ଗୁରୁତ୍ୱ ଉପଲବ୍ଧି କରୁଛି । ବୀଜଗୁପ୍ତ ଉଚ୍ଚକୋଟୀର ମନୁଷ୍ୟ, ମୁଁ ତାଙ୍କୁ ଦୋଷ ଦେଇ ପାରୁନାହିଁ । ଏ କଥାରେ ମୋର ଶ୍ରଦ୍ଧା ତାଙ୍କ ପ୍ରତି ଶତଗୁଣିତ ହୋଇଛି ।”

ଶ୍ୱେତାଙ୍କ କ୍ରୋଧରେ ପାଗଳ ହୋଇ କହିଲା—

“ଯଶୋଧର ! ଏକ ନର୍ତ୍ତକୀର ପ୍ରେମରେ ଏତେ ଦୂର ପାଗଳ ହେବା ବୀଜଗୁପ୍ତ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ପକ୍ଷରେ କେତେଦୂର ସମୀଚୀନ, ଏହା ମୁଁ ବୁଝିପାରୁନାହିଁ । ବିଶେଷ କଥା ଦୁଃଖରେ ଅଧୀର ହୋଇ ପଡ଼ିବା ମନୁଷ୍ୟ ପକ୍ଷରେ ତା’ର ଦୁର୍ବଳ ବ୍ୟକ୍ତିତ୍ୱର ପ୍ରମାଣ ନୁହେଁ କି ?”

ଯଶୋଧର ଶ୍ୱେତାଙ୍କର ଏ ଅକାରଣ କ୍ରୋଧର କାରଣ ବୁଝିପାରୁ ନ ଥିଲା । ସେ ଗମ୍ଭୀରତା ପୂର୍ବକ ଉତ୍ତର ଦେଲା—

Digitized by srujanika@gmail.com

"ଶ୍ୱେତାଙ୍କ ! ସମ୍ଭବତଃ ଆପଣ ଯାହା କହୁଛନ୍ତି ତାହା ଉଚିତ । ମୁଁ ଆପଣଙ୍କ କଥା ଖଣ୍ଡନ କରୁ ନାହିଁ । କିନ୍ତୁ ଏତିକି ନିଶ୍ଚୟ କହିବି ଯେ, ବୀଜଗୁପ୍ତଙ୍କର ଏଥିରେ କୌଣସି ଦୋଷ ନାହିଁ । ଚିତ୍ରଲେଖା ବୀଜଗୁପ୍ତଙ୍କ ଦୃଷ୍ଟିରେ କେବଳ ଏକ ନର୍ତ୍ତକୀ ନ ଥିଲେ, ସେ ତାଙ୍କର ପତ୍ନୀ ତୁଲ୍ୟ ଥିଲେ । ଏହା ମୁଁ ଜାଣେ, ଆପଣ ଜାଣନ୍ତି ଓ ସମଗ୍ର ବିଶ୍ୱ ମଧ୍ୟ ଜାଣେ । ଆଜି ମଧ୍ୟ ମଣିଷର କୌଣସି ନା କୌଣସି ଦୁର୍ବଳତା ନିଶ୍ଚୟ ରହିଛି । ମନୁଷ୍ୟ ତ ପୂର୍ଣ୍ଣ ନୁହେଁ ? ଏପରି ଦୁର୍ବଳତା ପାଇଁ କାହାକୁ ଖରାପ କହିବା ଓ ତା'ପ୍ରତି ଶତ୍ରୁତା ଆଚରଣ କରିବା ଉଚିତ ହେବ କି ? ସେପରି କଲେ ସଂସାରରେ କାହାର ମିତ୍ର ହୋଇ କେହି ରହିପାରିବେ ନାହିଁ । ସଂସାରର ପ୍ରତ୍ୟେକ ବ୍ୟକ୍ତି ତାକୁ ଖରାପ କହିବେ ଓ ପ୍ରତ୍ୟେକେ ତା'ର ଶତ୍ରୁ ପାଲଟି ଯିବେ । ଅନ୍ୟର ଦୁର୍ବଳତାରେ ସହାନୁଭୂତି ପ୍ରକାଶ କରିବା ହିଁ ମନୁଷ୍ୟର କର୍ତ୍ତବ୍ୟ ।"

ଶ୍ୱେତାଙ୍କର ବିରୋଧ ଭାବନା ସତେ ଯେପରି ତା'ର ସମସ୍ତ ଜ୍ଞାନକୁ ମଳିନ କରି ଦେଇଥିଲା । "ସହାନୁଭୂତି ଓ ଦୟା ଏହି ଦୁଇଟି କର୍ତ୍ତବ୍ୟ ଆଗରେ ଅନ୍ୟ କୌଣସିଟିର ସ୍ଥାନ ନାହିଁ । ଅନ୍ୟର ଦୁର୍ବଳତାର ନିନ୍ଦା କରି ତା'ର ଦୂରୀକରଣ କରିବା ହିଁ ଉଚିତ......" ସେ କହିଲା ।

ଯଶୋଧରା ଶ୍ୱେତାଙ୍କ କଥାରେ ହସି ଉଠିଲା ।

"ମନୁଷ୍ୟ ପକ୍ଷରେ ପ୍ରଥମେ ନିଜ ଦୁର୍ବଳତାକୁ ଦୂର କରିବା ଉଚିତ ଶ୍ୱେତାଙ୍କ ! ଅନ୍ୟର ଦୋଷ ଦେଖାଇବା ଅତି ସହଜ ଏବଂ ଆପଣାର ସମସ୍ତ ଦୋଷକୁ ଭଲଗୁଣ ବୋଲି ପ୍ରକାଶ କରିବା ସଂସାରରେ ବର୍ତ୍ତମାନ ଏକ ପ୍ରଥା ହୋଇଯାଇଛି । ସେଇ ମନୁଷ୍ୟ ହିଁ ଶ୍ରେଷ୍ଠ, ଯେ ଆପଣାର ଦୋଷାଦୋଷ ଜାଣି ସେ ସବୁର ସଂଶୋଧନ ପାଇଁ ପ୍ରଯତ୍ନ କରେ ।"

ଯଶୋଧରାର ଅନ୍ତିମ ବାକ୍ୟ ଶ୍ୱେତାଙ୍କକୁ ଶରବିଦ୍ଧ କଲା । ସେ ବୁଝିପାରିଲା ନାହିଁ ଯେ, ଯଶୋଧରା ତା ପ୍ରତି ବ୍ୟଙ୍ଗ ଉକ୍ତି ବ୍ୟବହାର କରିଛି । କିନ୍ତୁ ଯାହା ଯଶୋଧରା କହିଲା, ତାହା ନିରାଟ ସତ । ତାହା ବୀଜଗୁପ୍ତ ପ୍ରତି ପ୍ରଯୁଜ୍ୟ । କାରଣ ସେ ଆପଣାର ଦୋଷାଦୋଷ ଜାଣୁଥିଲା ଓ ତା'ର ଦୂରୀକରଣ ପାଇଁ ସଚେଷ୍ଟ ଥିଲା । ଏବଂ ତାହା ଶ୍ୱେତାଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ଥିଲା; କାରଣ ସେ ଅନ୍ୟର ଦୋଷର ମୀମାଂଶା କରୁଥିଲା ଓ ଆପଣାର ପ୍ରତିହିଂସା ଭାବକୁ ସେ ଖରାପ ବୋଲି ଭାବୁ ନ ଥିଲା । ଯଶୋଧରାର

Digitized by srujanika@gmail.com

କଥାରେ ତା'ର ମୁଖମଣ୍ଡଳ ମଳିନ ହୋଇଗଲା । ସେ ଧୀର ଗଳାରେ କହିଲା—

"ତୁମ ଆଗରେ ରାଜଗୁପ୍ତଙ୍କୁ ନିନ୍ଦା କରିବା ଉଚିତ ହୋଇ ନାହିଁ । ମୁଁ ସେଥିପାଇଁ କ୍ଷମା ଗୃହୁଁଛି । ମୁଁ ମୋର ଦୋଷର ସଂଶୋଧନ ପାଇଁ ଭବିଷ୍ୟତରେ ସଚେଷ୍ଟ ହେବି ।"

"ତୁମ ଆଗରେ ରାଜଗୁପ୍ତଙ୍କୁ ନିନ୍ଦା କରିବା ଉଚିତ ହୋଇ ନାହିଁ ।" ଏହା ପ୍ରତିଧ୍ୱନିତ ହେବାକ୍ଷଣି ଯଶୋଧର ରାଗରେ ଲାଲ ହୋଇ ଗଲା । କିନ୍ତୁ ପରକ୍ଷଣରେ ସେ ଶ୍ୱେତାଙ୍କର ଅକାରଣ କ୍ରୋଧ ବୁଝିପାରି ସେ ନରମ ଗଳାରେ କହିଲା—

"ଆର୍ଯ୍ୟ ଶ୍ୱେତାଙ୍କ ! ଆପଣ ସମ୍ଭବତଃ ଭୁଲ ବୁଝିଛନ୍ତି, ମୁଁ ଆର୍ଯ୍ୟ ରାଜଗୁପ୍ତଙ୍କୁ ପ୍ରେମ କରେ ନାହିଁ । ମୁଁ କେଜାଣି କାହିଁକି ଆପଣଙ୍କୁ ଏକଥା ସ୍ପଷ୍ଟ ରୂପେ କହିଦେବା ଉଚିତ ବୋଲି ଭାବିଲି ।" ଯଶୋଧରର ଆଖିରେ ଲୁହ ଭରି ଆସୁଥିଲା । ସେ ତା'ର ମୁଖମଣ୍ଡଳ ଅଞ୍ଚଳ ତଳେ ଲୁଚେଇ ନେଲା ।

ଶ୍ୱେତାଙ୍କର ମୁହଁରୁ ତା'ର ଅନିଚ୍ଛା ସତ୍ତ୍ୱେ ସେ ବାକ୍ୟଟି ବାହାରି ଆସିଥିଲା । ସେଥିପାଇଁ ସେ ଅବଶ୍ୟ ଦୁଃଖିତ । କିନ୍ତୁ ସେ ଯାହା କହି ଦେଇ ସାରିଛି, ତାକୁ ଫେରାଇ ନେବା ତା' ପକ୍ଷରେ ସମ୍ଭବ ନ ଥିଲା । ସେ ଯଶୋଧରକୁ କହିଲା—"ଦେବୀ ଯଶୋଧର ! ମୋତେ କ୍ଷମା କର, ମୁଁ ବଡ଼ ଅପରାଧ କରିଛି । ସେତେବେଳେ ମୁଁ ମୋର ଆୟତ୍ତରେ ନ ଥିଲି । ତୁମେ ସମ୍ଭବତଃ ବୁଝିନାହଁ ଯେ, ମୁଁ କାହିଁକି ଏତେ କଠୋର ହୋଇଗଲି ।"

"କାହିଁକି ?" କାରଣଟି ଅତି ସ୍ପଷ୍ଟ ରୂପେ ଜାଣୁଥିଲେ ମଧ୍ୟ ଶ୍ୱେତାଙ୍କ ମୁହଁରୁ ଶୁଣିବା ଲାଳସାକୁ ଏଡ଼ି ନ ପାରି ଯଶୋଧର କହିଲା—

"କାହିଁକି ନା, ମୁଁ ତୁମକୁ ଭଲ ପାଏ ।"

ଯଶୋଧର ଶ୍ୱେତାଙ୍କକୁ ଚାହିଁ ରହିଥିଲା । ତା'ର ନୟନ ବେନି ଶ୍ୱେତାଙ୍କର ଆଖି ସହିତ ମିଳିତ ହେଉଥିଲା । ଯଶୋଧର କହିଲା —

"ବଡ଼ ଆଶ୍ଚର୍ଯ୍ୟ କଥା ଶ୍ୱେତାଙ୍କ !"

Digitized by srujanika@gmail.com

ଯଶୋଧରଙ୍କର ଏ ବାକ୍ୟ ଶ୍ୱେତାଙ୍କୁ ନିସ୍ତେଜ କରି ପକାଇଲା । ସେ ବାକ୍ୟରେ କେତେ ଗୂଢ଼, କେତେ ଭୟାନକ ସତ୍ୟ ନିହିତ ଥିଲା । ଯଶୋଧର ଶ୍ୱେତାଙ୍କର ପ୍ରଣୟିନୀ ନୁହନ୍ତି । ଶ୍ୱେତାଙ୍କ କହିଲା—"ମୁଁ ଜାଣେ ତୁମେ ମୋତେ ପ୍ରେମ କର ନାହିଁ, କିନ୍ତୁ ମୁଁ ସେ କରେ । ମୁଁ ଏହା ତୁମକୁ କହି ଦେବାକୁ ଚାହୁଁ ନ ଥିଲି; କିନ୍ତୁ ପ୍ରସଙ୍ଗଟି ଏପରି ପରିସ୍ଥିତିରେ ଉପସ୍ଥିତ ହେଲା, ଯାହା ଫଳରେ ଏହା କହିବାର ଦୁଃସାହସ ମୋତେ କରିବାକୁ ପଡ଼ୁଛି । ଏଣୁ ମୁଁ କ୍ଷମା ଚାହୁଁଛି ।"

ଯଶୋଧର ଠିଆ ହେଲା ।......"କ୍ଷମା ପ୍ରାର୍ଥନାର କୌଣସି ଆବଶ୍ୟକତା ନାହିଁ ଆର୍ଯ୍ୟ ଶ୍ୱେତାଙ୍କ ! ମୁଁ ଆପଣଙ୍କୁ ଦୋଷ ଦେଉନାହିଁ । ଜୀବନରେ ଏପରି ଘଟଣା ତ ଏକାଧିକବାର ସର୍ବଦା ଘଟୁଛି । କେତେ ଥର କ୍ଷମା ପ୍ରାର୍ଥନା କରିବାକୁ ହେବ ?" କିଛିକ୍ଷଣ ନୀରବ ରହି ତା'ପରେ କହିଲା—

"ଦେଖେ ବାପା ଆସିଲେଣି ନା ନାହିଁ ?"

ଶ୍ୱେତାଙ୍କ ନୀରବ । ଯଶୋଧର ଚାଲିଗଲା । ବର୍ତ୍ତମାନ ଶ୍ୱେତାଙ୍କ ଅନୁଭବ କରୁଥିଲା ଯେପରି ସେ ଏକ ବିରାଟ ଭୁଲ କରିଛି । ସେ ଯଶୋଧରଙ୍କୁ ସାକ୍ଷାତ କରିବାକୁ ଆସିଥିଲା । କିନ୍ତୁ ତା ସହିତ ଏକାନ୍ତରେ ଅନେକ କଥା ହୋଇଗଲା—ଆହୁରି ଅଧିକ କଥା ହୋଇପାରିଥାନ୍ତା, ଯଦି ତା'ର ମୂର୍ଖତା ଯଶୋଧରଙ୍କୁ କ୍ରୋଧିତା କରି ନ ଥାନ୍ତା । ସେ ଆପଣାକୁ ଧିକ୍କାର କଲା । ସେ ବର୍ତ୍ତମାନ ମୃତ୍ୟୁଞ୍ଜୟଙ୍କ ଭବନରେ ଅଧିକ କାଳ ରହିବା ଅନାବଶ୍ୟକ ମନେ କଲା । ଯେଉଁ କାର୍ଯ୍ୟ ପାଇଁ ସେ ଆସିଥିଲା, ତାହା ବିଫଳ ହୋଇଛି । ତେଣୁ ସେ ଫେରି ଆସିବାକୁ ଉଦ୍ୟତ ହେବା ସମୟରେ ଯଶୋଧର ସହିତ ଆର୍ଯ୍ୟ ମୃତ୍ୟୁଞ୍ଜୟ ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କଲେ । ସେ ମୃତ୍ୟୁଞ୍ଜୟଙ୍କୁ ଦେଖି ଅଭିବାଦନ ଜଣାଇଲା ।

ମୃତ୍ୟୁଞ୍ଜୟ ଶ୍ୱେତାଙ୍କକୁ ଦେଖି ପଚାରିଲେ—

"ବତ୍ସ ଶ୍ୱେତାଙ୍କ ! ମୁଁ ଶୁଣିଲି ତୁମେ ଆର୍ଯ୍ୟ ଜୀବଗୁପ୍ତଙ୍କ ସହିତ ଦେଶ ଭ୍ରମଣ ଉଦ୍ଦେଶ୍ୟରେ ଯାଉଛ ।"

ଶ୍ୱେତାଙ୍କ ହସିବାର ପ୍ରୟାସ କରି କହିଲା—"ହଁ ।"

Digitized by srujanika@gmail.com

"କେଉଁଆଡ଼େ ଯିବ ?"

"କାଶୀ !"

"ଆଉ ଫେରିବ କେବେ ?"

"ମୁଁ କହି ପାରୁନି, ରାଜଗୁପ୍ତଙ୍କ ଇଚ୍ଛା ଉପରେ ନିର୍ଭର କରୁଛି ।"

ଯଶୋଧରା ଏହି ସମୟରେ ଆର୍ଯ୍ୟ ମୃତ୍ୟୁଞ୍ଜୟଙ୍କୁ କହିଲା— "ବାପା, ଆପଣ କେବେ ଦେଶ ଭ୍ରମଣରେ ଯାଉନାହାନ୍ତି କାହିଁକି ?" ମୁଁ ମଧ୍ୟ କାଶୀ ଯାଇନି । ଏହି ଅବସରରେ ଆମେ ଆର୍ଯ୍ୟ ରାଜଗୁପ୍ତଙ୍କ ସହିତ କାଶୀ ଦେଖି ଆସିଲେ କପରି ହୁଅନ୍ତା ?"

କଥାଟା ମନ୍ଦ ନ ଥିଲା । ପାଟଳୀପୁତ୍ରରୁ କାଶୀ ନିକଟ ମଧ୍ୟ । ଆର୍ଯ୍ୟ ମୃତ୍ୟୁଞ୍ଜୟ କହିଲେ—"ଏତେ ଶୀଘ୍ର କାଶୀ ଯିବାର ଆୟୋଜନ କ'ଣ ସମ୍ଭବ ହୋଇ ପାରିବ ?"

"ସବୁ ସମ୍ଭବ ହେବ, ଆପଣ ଇଚ୍ଛା କଲେ ମୁଁ ସନ୍ଧ୍ୟା ସୁଦ୍ଧା ସମସ୍ତ ଆୟୋଜନ ଶେଷ କରି ନେବି ।"

ମୃତ୍ୟୁଞ୍ଜୟ ସରଳା ଯଶୋଧରାର କଥାକୁ ହସୁଥିଲେ ।

"ଯଶୋଧରା ! ତୋ'ର ଏ ଅନୁରୋଧକୁ ଏଡ଼ିଦେବା ମୋର ସାମର୍ଥ୍ୟର ବାହାରେ । ଯଦି ଆୟୋଜନ କରି ପାରୁଛୁ କର; କିନ୍ତୁ ମୋତେ ଯେପରି କୌଣସି ପ୍ରକାର କଷ୍ଟ ନ ଦେଉ ।"

ଶ୍ୱେତାଙ୍କର ଖିନ୍ନ ମନ ଆହୁରି ଖିନ୍ନ ହୋଇ ଯାଉଥିଲା । "ଯଶୋଧରା ଅବଶ୍ୟ ରାଜଗୁପ୍ତର ପ୍ରୟୋସକ୍ତା ନ ହେଲେ ଏତେ ଶୀଘ୍ର ରାଜଗୁପ୍ତ ସାଥିରେ କାଶୀ ଯିବାର ଇଚ୍ଛା ପ୍ରକାଶ କରନ୍ତା କାହିଁକି ? —ରାଜଗୁପ୍ତ ତ ଯଶୋଧରାକୁ ପ୍ରେମ କରେ ନାହିଁ ? ଏତେଦିନ ସଙ୍ଗରେ ରହି ସେ ଅବଶ୍ୟ ବୁଝିନେବ ଯେ ତାଙ୍କୁ କିଏ ପ୍ରେମ କରେ ।" ଏତକ କହି ଶ୍ୱେତାଙ୍କ ନିଜ ମନକୁ ବୁଝାଇ ଆପଣାର ହୃଦୟକୁ ଶାନ୍ତ କଲା ।

ଯଶୋଧରା କହିଲା—"ଶ୍ୱେତାଙ୍କ ! ଆମେମାନେ ମଧ୍ୟ ଆପଣମାନଙ୍କ ସଙ୍ଗରେ ଯିବୁ । ଏ କଥା ମନେ ରଖି ଆର୍ଯ୍ୟ ରାଜଗୁପ୍ତଙ୍କୁ କହି ଦେବେ ।"

Digitized by srujanika@gmail.com

ମୃତ୍ୟୁଞ୍ଜୟ ସନ୍ଦେହପୂର୍ଣ୍ଣ କଣ୍ଠରେ କହିଲେ—

"ଯଶୋଧର ! ପ୍ରଥମେ ଯିବାର ବ୍ୟବସ୍ଥା କର । ତା'ପରେ ଯିବା ତାଙ୍କୁ ଖବର ଦେବା ଉଚିତ ହେବ ? ଯଦି ଆମେ ଆୟୋଜନ କରି ପାରିବା ନାହିଁ, ତାହାହେଲେ ଖଜଗୁପ୍ତଙ୍କର ଗୋଟାଏ ଦିନ ବ୍ୟର୍ଥ ଯିବ ।"

"ନିଶ୍ଚୟ ହେବ"—ଯଶୋଧର ଦୃଢ଼ଗଳାରେ କହିଲା "ଆର୍ଯ୍ୟ ଶ୍ୱେତାଙ୍କ ! ଆମେ ଅବଶ୍ୟ ଯିବୁ ।"

ଶ୍ୱେତାଙ୍କ ଠିଆ ହେଲା । କହିଲା—"ମୁଁ ଆର୍ଯ୍ୟ ଖଜଗୁପ୍ତଙ୍କୁ ନିଶ୍ଚୟ ଖବର ଦେବି ।"

ତା'ପରେ ସେ ଯଶୋଧର ଉଦ୍ଦେଶ୍ୟରେ କହିଲା—

"ଦେଖ ! ଯଦି ଆୟୋଜନ କରିବାରେ ମୋର ସାହାଯ୍ୟ ଦରକାର ପଡ଼େ, ତେବେ ମୁଁ ପ୍ରସ୍ତୁତ । ଯଦି ଇଚ୍ଛା କର ତା'ହେଲେ ମୁଁ ସନ୍ଧ୍ୟାକୁ ଆସିବି ।"

ଯଶୋଧର ହସି ହସି ଉତ୍ତର ଦେଲା—

"ଧନ୍ୟବାଦ ଆର୍ଯ୍ୟ ! ସନ୍ଧ୍ୟାରେ ଆପଣ ଯେତେବେଳେ ଆସିବେ, ସେତେବେଳେ ଆପଣଙ୍କ ପାଇଁ ଯାହା କାର୍ଯ୍ୟ ବାକି ଥିବ କହିବି ।"

ଶ୍ୱେତାଙ୍କ ଫେରି ଆସି ଖଜଗୁପ୍ତଙ୍କୁ ସୂଚନା ଦେଲା—

"ସ୍ୱାମୀ ! ଆର୍ଯ୍ୟ ଶ୍ରେଷ୍ଠୀ ମୃତ୍ୟୁଞ୍ଜୟ ଯଶୋଧର ସହିତ କାଲି କାଶୀ ଯାତ୍ରା ଆରମ୍ଭ କରୁଛନ୍ତି । ସେ କହୁଛନ୍ତି ଯଦି ଏ ଯାତ୍ରା ଏକତ୍ର ହୁଏ, ତାହାହେଲେ ଭଲ ହେବ ।"

ଖଜଗୁପ୍ତ ଏପରି ଏକ ପ୍ରସ୍ତାବ ପାଇଁ ଆଦୌ ପ୍ରସ୍ତୁତ ନ ଥିଲା । ସେ ଯେଉଁଥିପାଇଁ ଏ ଯାତ୍ରାର ପ୍ରସ୍ତାବ କରିଥିଲା, ସେଥି ମଧ୍ୟରୁ ଗୋଟାଏ ସେ ତା'ର ସାଥିରେ ହିଁ ଯିବ । ଖଜଗୁପ୍ତ ଅନ୍ୟ ମନସ୍କ ଭାବରେ ଉତ୍ତର ଦେଲା—"ଭଲ ।"

Digitized by srujanika@gmail.com

ପଞ୍ଚଦଶ ପରିଚ୍ଛେଦ—

ଯଶୋଧର ସେମାନଙ୍କର ଯାତ୍ରା ପାଇଁ ସମସ୍ତ ଆୟୋଜନ ଯଥା ସମୟରେ କରି ନେଲା । ତା ପର ଦିନ ସେମାନେ କାଶୀ ଯାତ୍ରାରମ୍ଭ କଲେ ।

ସେତେବେଳେ ସନ୍ଧ୍ୟା ହୋଇ ଯାଇଥିଲା । ଗ୍ରୀଷ୍ମକାଳୀନ ରାତି ସୁଖପ୍ରଦ ମନେ ହେଉଥିଲା, କିନ୍ତୁ ରାଜଗୁପ୍ତ ସେ ରାତିର ମାଦକତା ଉପଲବ୍ଧି କରିବାକୁ ଏକାନ୍ତ ଅସମର୍ଥ ଥିଲା । ଚତୁର୍ଦ୍ଦଶୀର ଚନ୍ଦ୍ର ପୂର୍ବ ଆକାଶରେ ଉଜ୍ଜ୍ୱଳ ଦିଶୁଥିଲା । କିନ୍ତୁ ରାଜଗୁପ୍ତର ଅନ୍ତର ତଳେ ଏକ ଜ୍ୱାଳା ରହି ରହି ଜଳୁଥିଲା । ଦାସ ଦାସୀଙ୍କ ହାତର ଜ୍ୱଳନ୍ତା ମଶାଲ ଗୁଡ଼ିକର ଶିଖା ତଳେ ଆପଣାର ଅନ୍ତରର ଜ୍ୱାଳାର ପ୍ରତିବିମ୍ବ ଅତି ସ୍ପଷ୍ଟ ରୂପେ ଦେଖି ପାରୁଥିଲା ରାଜଗୁପ୍ତ । ସେ ମୌନ ଥିଲା ।

ରାଜଗୁପ୍ତର ରଥରେ ଶ୍ୱେତାଙ୍କ ଓ ଅନ୍ୟ ରଥରେ ଯଶୋଧର ମୃତ୍ୟୁଞ୍ଜୟଙ୍କ ସହିତ । ପ୍ରାୟ ଅର୍ଦ୍ଧରାତି ଅତୀତ ହୋଇ ସାରିଥିଲା । ମାର୍ଗ ପାର୍ଶ୍ୱସ୍ଥିତ ଉଦ୍ୟାନରୁ ବେଲ ଓ ଚମେଲୀର ସୁଗନ୍ଧ ଭାସି ଆସୁଥିଲା । ଚନ୍ଦ୍ରମାର କୋମଳ ସ୍ପର୍ଶରେ ନୀରବ ଥିଲା ଧରଣୀ । ଶ୍ୱେତାଙ୍କ ନୀରବତା ଭଙ୍ଗ କରି କହିଲା—

"ଆଜି ରାତ୍ରୀ ଏଠାରେ ବିଶ୍ରାମ କଲେ କପରି ହୁଅନ୍ତା ?"

ରାଜଗୁପ୍ତ ସେତେବେଳେ ଅନ୍ୟ କିଛି ଭାବୁଥିଲା ସେ ସ୍ୱୟଂ ଜାଣେ ନାହିଁ କ'ଣ ବା ସେ ଭାବୁଥିଲା । ଗୋଟିକ ପରେ ଗୋଟିଏ ଏପରି ଅନେକ ଚିତ୍ରର ତା'ର ମନ ତଳେ ଉଙ୍କିମାରି ଲୋପ ହୋଇ ଯାଉଥିଲା । ଏପରି ଏକ ମାନସିକ ସ୍ଥିତିରେ ତା'ର ସମୟଜ୍ଞାନ ଲୋପ ପାଇ

Digitized by srujanika@gmail.com

ଯାଇଥିଲା । ସେତେବେଳେ ଆର୍ଯ୍ୟ ମୃତ୍ୟୁଞ୍ଜୟଙ୍କର ରଥ ସେମାନଙ୍କର ରଥର ସମୀପବର୍ତ୍ତୀ ହେଲା । ଯଶୋଧର କୋମଳ କଣ୍ଠରେ କହିଲା—

"ଆର୍ଯ୍ୟ ବୀରଗୁପ୍ତ ! ଆମର ବିଶ୍ରାମ କରିବା ଉଚିତ ହେବ ।"

ବୀରଗୁପ୍ତ ଚମକି ପଡ଼ି ନୀଳ ଆକାଶ ଉପରେ ହସ ହସ ଚନ୍ଦ୍ରମାକୁ ଦେଖିଲା । ଚନ୍ଦ୍ର ଆକାଶର ପୂର୍ବ ଭାଗ ଛାଡ଼ି ପଶ୍ଚିମ ଭାଗରେ । ସେ ଶ୍ୱେତାଙ୍କୁ କହିଲା—

"ଶ୍ୱେତାଙ୍କ ! ଦେଖ ଏଇ ସମୀପବର୍ତ୍ତୀ ବଗିଚାଗୁଡ଼ିକରେ ବିଶ୍ରାମର କିଛି ବ୍ୟବସ୍ଥା ହୋଇ ପାରିବ କି ?"

ରଥ ଅଟକିଲା । ବୀରଗୁପ୍ତର ରଥ ଅଟକିବା ସଙ୍ଗେ ସଙ୍ଗେ ଅନ୍ୟ ସମସ୍ତ ରଥ ମଧ୍ୟ ଅଟକି ଗଲେ । ଶ୍ୱେତାଙ୍କ ଅଶ୍ରୟସ୍ଥଳୀର ସନ୍ଧାନରେ ଚାଲିଗଲା । ବୀରଗୁପ୍ତ ମୃତ୍ୟୁଞ୍ଜୟଙ୍କୁ କହିଲା -

"ଆର୍ଯ୍ୟ ଶ୍ରେଷ୍ଠ ! କ୍ଷମା କରନ୍ତୁ, ମୋର ସମୟର କୌଣସି ଅନୁମାନ ନ ଥିଲା । ଆପଣଙ୍କୁ ଏଥିପାଇଁ କଷ୍ଟ ସ୍ୱୀକାର କରିବାକୁ ହୋଇଥିବ । ଅର୍ଦ୍ଧରାତ୍ରି ପ୍ରାୟ ଅତୀତ ହେଲାଣି । ମୋ ମତରେ ଏଠାରେ ବିଳମ୍ବ କରିବା ଉଚିତ ହେବ ନାହିଁ । ପ୍ରାତଃକାଳ ମଧ୍ୟରେ କୌଣସି ଗ୍ରାମ ପର୍ଯ୍ୟନ୍ତ ଅନ୍ତତଃ ପହଞ୍ଚି ଯାଇ ସେଠାରେ ସାରାଦିନ ବିଶ୍ରାମନେବା ଉଚିତ ହେବ । କାହିଁକି ନା ଏଠାରେ ଦ୍ୱିପ୍ରହରର ସୂର୍ଯ୍ୟତାପରୁ ରକ୍ଷା ପାଇବାର କୌଣସି ଆଶ୍ରୟ ସମ୍ଭବତଃ ହୋଇପାରିବ ନାହିଁ । ଆଉ ମଧ୍ୟ ଗ୍ରୀଷ୍ମତାପ ହେତୁ ପ୍ରାତଃକାଳରେ ପ୍ରସ୍ଥାନ କରିବା ଉଚିତ ହେବ ନାହିଁ ।"

ମୃତ୍ୟୁଞ୍ଜୟ ବୀରଗୁପ୍ତ କଥାରେ କିଛି ସମୟ ବିଚାର କରି ଉତ୍ତର ଦେଲେ—

"ଆପଣ ଠିକ୍ କହୁଛନ୍ତି—ଆମର ଏଠାରେ ବିଶ୍ରାମ ନ ନେବା ହିଁ ଉଚିତ ହେବ ।"

କିଛି ସମୟ ପରେ ଶ୍ୱେତାଙ୍କ ଫେରି ଆସିଲା । ସେ ଖବର ଦେଲା—"ଏଠାରେ ଏକ ସୁନ୍ଦର ବଗିଚା ଅଛି ଓ ଏକ ବିଶାଳ ଭବନ ମଧ୍ୟ ଅଛି । ଏ ବଗିଚାଟି ସାମନ୍ତ ଭୂମି— ବିଶ୍ରାମ ନେବାର ସମସ୍ତ ସୁବିଧା ହୋଇ ପାରିବ ।"

Digitized by srujanika@gmail.com

"ସାମନ୍ତ ଭୂମି ?" ମୃତ୍ୟୁଞ୍ଜୟ ଆଶ୍ଚର୍ଯ୍ୟ ହୋଇ କହିଲେ । "ତା ହେଲେ ଏଠାରେ କୌଣସି ପ୍ରକାର ତ୍ରୁଟି ନ ଥିବ । ଆର୍ଯ୍ୟ ବୀଜଗୁପ୍ତ ମୁଁ ଥରେ ଏଇ ବଗିଚାରେ ଆଶ୍ରୟ ନେଇଥିବା ପରି ମୋର ମନେ ହୁଏ । ଯେଉଁ ସାମନ୍ତ ଏ ବଗିଚା କରିଛନ୍ତି, ଅନତି ଦୂରରେ ତାଙ୍କର ମଧ୍ୟ ଏକ ବିଶାଳ ପ୍ରାସାଦ ଥିଲା ପରି ମୋର ମନେ ହେଉଛି ।"

ରଥ ବାଟିକା ଅଭିମୁଖେ ପ୍ରସ୍ଥାନ କଲା । ମାଳୀ ସାମନ୍ତଗଣଙ୍କର ସ୍ୱାଗତ କଲା । ଅତିଥିମାନଙ୍କ ପାଇଁ ନିରୂପିତ ଉଦ୍ୟାନରେ ପଲଙ୍କ ସଜ୍ଜିତ କରି ଦେଲା । ସମସ୍ତେ କ୍ଲାନ୍ତ ଥିଲେ ନିଦ୍ରାର ଆଶ୍ଳେଷ ତଳେ ଢଳି ଯିବା ଅତି ସ୍ୱାଭାବିକ । ମାତ୍ର ବୀଜଗୁପ୍ତର ଆଖିରେ ନିଦ ନଥିଲା ।

ବୀଜଗୁପ୍ତ କେଉଁ ଆଡ଼କୁ ବା ଯାଉଥିଲା ? କାହିଁକି ବା ଯାଉଥିଲା ? —ଏ ପ୍ରଶ୍ନ ସମୂହ ତାକୁ ବିବ୍ରତ କରୁଥିଲା । ସେ ଆପଣାର ମାନସିକ ଶାନ୍ତି ପାଇଁ ତା'ର ମାନସିକ ପୀଡ଼ାକୁ ଦୂର କରିବାକୁ ସେ ଯେପରି କର୍ତ୍ତବ୍ୟଚ୍ୟୁତ ନ ହୁଏ, ସେଥିପାଇଁ ସେ ପ୍ରଧାନତଃ କାଶୀ ଯାତ୍ରାର ପ୍ରସ୍ତାବ କରିଥିଲା । ସେ ଯଶୋଧରା ଓ ଚିତ୍ରଲେଖା ଉଭୟଙ୍କର ପାଖରୁ ଦୂରରେ ରହିବାକୁ ହିଁ ପାଟଳୀପୁତ୍ର ଛାଡ଼ୁଥିଲା । କିନ୍ତୁ ଯଶୋଧରା ପାଖରୁ ଦୂରକୁ ଯାଇପାରିଲା ନାହିଁ —ଯଶୋଧରା ତାହାର ଆହୁରି ନିକଟକୁ ଆସିଗଲା । ଆହୁରି ନିକଟକୁ ସେ ଆସି ପାରିବ ନାହିଁ ? ଅସମ୍ଭବ !" ବୀଜଗୁପ୍ତ କମ୍ପିତ ଚଡ଼ା ଗଳାରେ ଏ ପଦକ ଉଚ୍ଚାରଣ କଲା । ଯଶୋଧରାକୁ ପ୍ରଣୟ ଦେଇ ପାରିବ ନାହିଁ ।······ସେ ଧୀରେ ଧୀରେ 'ଯଶୋଧରା କଥା ଭୁଲି ଚିତ୍ରଲେଖା କଥା ମନେ କରିବାକୁ ଲାଗିଲା । ଚିତ୍ରଲେଖା କିଏ ? ତା'ର ଜୀବନ ସହିତ କ'ଣ ସମ୍ବନ୍ଧ ଥିଲା ଚିତ୍ରଲେଖାର ? ଚିତ୍ରଲେଖା ତା'ର ପତ୍ନୀ ଥିଲା, ପ୍ରେମିକା ଥିଲା । ସେ ଚିତ୍ରଲେଖାକୁ ଭଲ ପାଉଥିଲା, ଆଉ ଚିତ୍ରଲେଖା ମଧ୍ୟ ତା'ର ପ୍ରଣୟାସକ୍ତା ଥିଲା । ସେ କ'ଣ ବର୍ତ୍ତମାନ ମଧ୍ୟ ତାକୁ ଠିକ୍ ସେପରି ଭଲ ପାଏ ? ସମ୍ଭବତଃ ହଁ·········ସମ୍ଭବତଃ ନୁହେଁ ! 'ହଁ' କେବଳ ବୀଜଗୁପ୍ତର ହିତ ଦୃଷ୍ଟିରୁ ସେ ତ୍ୟାଗ କରିଛି । 'ହଁ' ଏହି ହେତୁରୁ ସେ କୁମାରଗିରିଙ୍କର ଆଗରେ ସ୍ୱୀକୃତି ଜଣାଇଛି; "ନୁହେଁ" କେବଳ ଏହି ହେତୁରୁ ସେ ତାର ଜୀବନକୁ ବିନା ଇଚ୍ଛାରେ ଦୁର୍ବହ କରି ଚାଲିଯାଇଛି ।

Digitized by srujanika@gmail.com

ଏହାପରେ ସୀମାହୀନ ଚିନ୍ତାଧାରା ମଧ୍ୟରେ ଶାଳଗୁପ୍ତ ଭ୍ରମଣଶୀଳ ପକ୍ଷୀର ସ୍ୱରୁ କଳରବ ଶୁଣି ପାରିଲା । ପୂର୍ବାକାଶର ଅରୁଣ ରଶ୍ମି ରେଖା ଆପଣାର ସ୍ୱର୍ଣ୍ଣାଞ୍ଚଳ ଉଡ଼ାଇ ସୁଶ୍ରୀ ଭଙ୍ଗୀର ମନୋଜ୍ଞ ତନୁଲାବଣ୍ୟ ପ୍ରକାଶ କରୁଥିଲେ । ଶାଳଗୁପ୍ତ ସେହି ବଗିଚା ମଧ୍ୟରେ ଅର୍ଦ୍ଧ ପ୍ରସ୍ଫୁଟିତ ଏକ ଗୁମେଲି ଉପରେ ହିମଜଳ ସହିତ କ୍ରୀଡ଼ାରତା ଯଶୋଧରାକୁ ଦେଖିଲା । ସେ ଶଯ୍ୟା ତ୍ୟାଗ କଲା । ସକଳ ନିତ୍ୟକର୍ମରୁ ନିବୃତ୍ତ ହୋଇ ସେ ବଗିଚାର ସୁଗନ୍ଧିତ ଶୀତଳ ପବନର ସ୍ପର୍ଶରେ ଅନ୍ତରର ଦାହକୁ ଶାନ୍ତ କରିବାକୁ ଆସିଲା । ସେପରି ନିର୍ନିମେଷ ନୟନରେ ଦରବିକଶିତ ଫୁଲଟିକୁ ଦେଖୁଥିଲା ଯଶୋଧରା ।

ସେ କୋମଳ ଗଳାରେ ଡାକିଲା—

"ଆର୍ଯ୍ୟ ଶାଳଗୁପ୍ତ ! ବାସ୍ତବିକ୍ ପ୍ରକୃତି କେଡ଼େ ଉଦାର, କେଡ଼େ ସୁନ୍ଦର, କେଡ଼େ ମନୋଜ୍ଞ ନୁହେଁ ? ଏଠାରେ କେତେ ଉଲ୍ଲାସ, କେତେ ଶାନ୍ତି ! ଜଗତର ସମସ୍ତ ଚିନ୍ତା, ସମସ୍ତ ତୃଷ୍ଣା ଅଭିଶାପର ଅନେକ ଦୂରରେ । କେଡ଼େ ସୁନ୍ଦର, କେଡ଼େ ସୁଖପ୍ରଦ ନୁହେଁ ପ୍ରକୃତିର ଏହି ସମାବେଶ ?"

ଶାଳଗୁପ୍ତ ତା'ର ଅନେକ ପାଖକୁ ଆସି ଯାଇଥିଲା ! ସେ ଏକ ଅସ୍ୱାଭାବିକ କଣ୍ଠରେ କହିଲା—"ଦେବୀ ଯଶୋଧରା ! ମୋତେ କୌଣସି ପ୍ରକାର ପ୍ରକୃତି ସୌନ୍ଦର୍ଯ୍ୟର ଅନୁଭବ ମିଳୁନାହିଁ ।"

"ପ୍ରକୃତିର ଏ ଉଦାର ସୌନ୍ଦର୍ଯ୍ୟ ଆପଣ ଉପଭୋଗ କରି ପାରୁନାହାନ୍ତି !" ଯଶୋଧରା ଆଶ୍ଚର୍ଯ୍ୟାନ୍ୱିତ ହେଉଥିଲା । "ଆର୍ଯ୍ୟ ଶାଳଗୁପ୍ତ ! ଆପଣ କ'ଣ ବାସ୍ତବିକ ସତ୍ୟ କହୁଛନ୍ତି ନା' ଏହା କେବଳ ମାତ୍ର ଏକ ପରିହାସ ?"

"ପରିହାସ ନୁହେଁ ଦେବୀ, ମୁଁ ସତ୍ୟ ହିଁ କହୁଛି—ପ୍ରକୃତି ସୁନ୍ଦର, ମାତ୍ର ମୋ ଆଖିରେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ କୁରୂପା ଦିଶୁଛି ।"

ଯଶୋଧରା ଶାଳଗୁପ୍ତର ଏକଥା ମାନିନେବାକୁ ଆଦୌ ପ୍ରସ୍ତୁତ ନ ଥିଲା । ସେ କହିଲା—

"ଆର୍ଯ୍ୟ ଶାଳଗୁପ୍ତ ! ଏହି ଶ୍ୟାମଳ ଦୂର୍ବାଦଳ କେଡ଼େ କୋମଳ ନୁହେଁ ? ମୋର ତ ଇଚ୍ଛା ହେଉଛି ଯେପରି ଏହା ଉପରେ ଶୋଇରହନ୍ତି ।"

Digitized by srujanika@gmail.com

ବୀଜଗୁପ୍ତ ହସି ହସି କହିଲା—"ତୁମ ମତରେ, ଏ ଦୂର୍ବାଦଳ କୋମଳ, ଶୀତଳ, ଯେହେତୁ ତୁମେ ଏକ ମୁକ୍ତ ଜୀବନ ଅତିବାହିତ କରିବା ଏଇମାତ୍ର ପ୍ରଥମ ।"

ଯଶୋଧରା ଯେପରି ନୂଆ କଥା ଶୁଣୁଥିଲା । କିନ୍ତୁ କେଜାଣି କାହିଁକି ଏକଥା ତାକୁ ବଡ ଆକର୍ଷକ ମନେ ହେଲା । ସେ ପଚାରିଲା— "ଆପଣ ତେବେ କ'ଣ କହୁଛନ୍ତି ଯେ, ପ୍ରକୃତି ଅପୂର୍ଣ୍ଣ !"

"ନିଶ୍ଚୟ ! ପ୍ରକୃତି ଅପୂର୍ଣ୍ଣ । ପ୍ରକୃତିର ଅପୂର୍ଣ୍ଣତା ହେତୁ ହିଁ ମଣିଷ ଯାବତୀୟ କୃତ୍ରିମତାର ଆଶ୍ରୟ ନେଉଛି । ଦୂର୍ବାଦଳ କୋମଳ, ଶୀତଳ; ମାତ୍ର କୀଟ ପତଙ୍ଗାଦିର ଦଂଶନ ସ୍ୱାଭାବିକ । ଏଣୁ ମଣିଷ ମଖମଲର ଶଯ୍ୟା ନିର୍ମାଣ କରିଛି । ଯାହା ଦୁର୍ଗୁଣ ରହିତ । କିନ୍ତୁ ତାହା ଦୂର୍ବାଦଳଠାରୁ ଅଧିକ କୋମଳ । ଗ୍ରୀଷ୍ମର ତାପ, ବର୍ଷାର ଆଧିକ୍ୟ, ଶୀତର ପ୍ରାବଲ୍ୟରୁ ରକ୍ଷା ପାଇବା ପାଇଁ ମନୁଷ୍ୟ ଗୃହ ନିର୍ମାଣର ଆବଶ୍ୟକତା ଉପଲବ୍ଧି କରିଛି । ପ୍ରକୃତି ମନୁଷ୍ୟର କୌଣସି ସୁବିଧା ଦେଖେ ନାହିଁ । ତେବେ ପ୍ରକୃତି କ'ଣ ପୂର୍ଣ୍ଣ ?"

"ଏ ପୁଷ୍ପ କେତେ କୋମଳ ନୁହେଁ ! କେତେ ମହକ ନାହିଁ ଏଥିରେ ! କାକଳୀର କଳରବ କେତେ ମଧୁର ନୁହେଁ ! ପ୍ରକୃତିର ମନୋହାରିଣୀ ସଙ୍ଗୀତ—କୋକିଳର କଣ୍ଠରେ କେତେ ମାଧୁର୍ଯ୍ୟ ନାହିଁ !"

"ଏ ପୁଷ୍ପ କୋମଳ ସତ, ମାତ୍ର କଣ୍ଟକଯୁକ୍ତ । କେଜାଣି କେତେ କୀଟ ଯେ ଏହା ଭିତରେ ନ ଥିବେ । ଆଉ ତାର ସୁଗନ୍ଧ ଓ କୋମଳତା କ୍ଷଣିକ ମାତ୍ର । କିନ୍ତୁ କ୍ଷଣିକ ସୁଗନ୍ଧ କେଉଁଥି ପାଇଁ ! ଏମାନେ ଏକାନ୍ତରେ ଆପଣାର ସମସ୍ତ ସୌରଭ ହରାଇ ବସନ୍ତି । ଏ କଳରବରେ କେବଳ ସ୍ୱରର ମାଧୁର୍ଯ୍ୟ ଥାଇପାରେ; ମାତ୍ର ସଂଯତ ଭାଷା ନାହିଁ । ତାହା ଏକ ଭାବ ବିହୀନ ସଙ୍ଗୀତ, ଯାହା ଦେହରେ ସ୍ୱରର ଆରୋହଣ ଅବରୋହଣ ନାହିଁ । ସେ ସଙ୍ଗୀତରେ ସପ୍ତସ୍ୱର ଏକତ୍ର ମୁଖରିତ ହୋଇଉଠନ୍ତି । କଳରବଠାରୁ ମାନବ କଣ୍ଠର ସଙ୍ଗୀତ ଶତଗୁଣରେ ମଧୁର । କୋକିଳର କଣ୍ଠରେ କେବଳ ମାତ୍ର 'ପଞ୍ଚମ' ହିଁ ଅଛି । ତାକୁ ଅଧିକ ସମୟ ଧରି ଶୁଣିଲେ ଚିତ୍ତ ଚଞ୍ଚଳ ହୋଇଯାଏ । କୋକିଳ କ'ଣ ଗାଏ ତାହା କେହି ଜାଣନ୍ତି ନାହିଁ - ସମ୍ଭବତଃ ସେ କିଛି କହେ ନାହିଁ ।"

Digitized by srujanika@gmail.com

ଯଶୋଧରା ଚକିତ ହେଉଥିଲା । ସେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ବିମୁଗ୍ଧା ହୋଇଥିଲା । ଆଜି ରାଜଗୁପ୍ତର ଏ ତର୍କ ଶୁଣି ତା'ର ଭ୍ରାନ୍ତିର ବିବେଚନା କରୁଥିଲା ।

ସମ୍ମୁଖରେ ଏକ କୃତ୍ରିମ ପ୍ରପାତ—ତା'ର କିଛି ଦୂରରେ ଏକ କୃତ୍ରିମ ଜଳାଧାର ଥିଲା । ତହିଁରେ କପୋତ ଦଳ ଜଳକ୍ରୀଡ଼ାରେ ରତ ଥିଲେ । ଯଶୋଧରା ଓ ରାଜଗୁପ୍ତ ଦୁହେଁ ସେହି ଆଡ଼କୁ ଅଗ୍ରସର ହେଲେ । ମନ୍ତ୍ରମୁଗ୍ଧବତ୍ ସେହି କପୋତମାନଙ୍କର ଜଳକ୍ରୀଡ଼ାର ସୌନ୍ଦର୍ଯ୍ୟ ନିରୀକ୍ଷଣ କରୁଥିଲା ଯଶୋଧରା । ସେ ଧୀରେ ଧୀରେ କହିଲା—

"ଏ କପୋତଗୁଡ଼ିକ ବାସ୍ତବରେ କେତେ ସୁଖୀ ନୁହନ୍ତି ? କେତେ ଖୁସିରେ ଏମାନେ ଅବସର ବିନୋଦନରତ । ଈର୍ଷା, ଘୃଣା, ଦୁଷ୍ଟତା ତଥା ଅନ୍ୟାନ୍ୟ ସମସ୍ତ ଅବଗୁଣ ଯାହା ମନୁଷ୍ୟ ପାଖରେ ଅଛି ତାହା ଏମାନଙ୍କର ନାହିଁ । ମୋର ଇଚ୍ଛା ହେଉଛି ମୋର ଯଦି ସେପରି ପକ୍ଷ ଥା'ନ୍ତା···ମୁଁ ମଧ୍ୟ ଏକ କପୋତ ହୋଇଥା'ନ୍ତି ପରା ।"

ଯଶୋଧରାର ବାଳିକା ସୁଲଭ ସରଳତାରେ ରାଜଗୁପ୍ତ ହସୁଥିଲା । ସେ କହିଲା—"ଦେଖ ଯଶୋଧରା ! ତୁମେ ଯଦି ଏକ କପୋତ ହୋଇଥା'ନ୍ତ, ତାହେଲେ ମନୁଷ୍ୟ ହେବାର ଇଚ୍ଛା ପ୍ରକାଶ କରି ନ ଥା'ନ୍ତ । ତୁମେ କଣ ଭାବୁଛ ଯେ, ଏ କପୋତ ସୁଖୀ, ନିଶ୍ଚିନ୍ତ ତଥା ଶତ୍ରୁବିହୀନ । ଏହା ତୁମର ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା । ଅଭିଳାଷ ପୂରଣ ହିଁ ସୁଖ ଓ ଅପୂର୍ଣ୍ଣ ଅଭିଳାଷ ହିଁ ଦୁଃଖର କାରଣ । ତୁମେ କ'ଣ ଜାଣ ଯେ, ଏ କପୋତର ଅଭିଳାଷ ଅପୂର୍ଣ୍ଣ ନୁହେଁ ? ଏ ଏକ ବଡ଼ ପ୍ରଶ୍ନ—ଏମାନଙ୍କର ଅଭିଳାଷ ଅଛି କ'ଣ ? ମନୁଷ୍ୟ ପଶୁପକ୍ଷୀଙ୍କଠାରୁ ଶ୍ରେଷ୍ଠତମ, କାରଣ ତା'ର ଅଭିଳାଷ ଅଛି ଓ ସେ ତାକୁ ପୂରଣ କରି ସୁଖୀ ହୁଏ । ମନୁଷ୍ୟ କର୍ତ୍ତା—ଜନ୍ମ ନେଇ ଅକର୍ମଣ୍ୟତା ଭିତରେ ଗତ କରି ମରିବା ପାଇଁ ତା'ର ସୃଷ୍ଟି ହୋଇ ନାହିଁ । ଜୀବନ ତା'ର କର୍ମମୟ । ପଶୁପକ୍ଷୀ ଆହାର ପାଇଁ ନିଜ ଭିତରେ କଳହ କରନ୍ତି । ତେବେ ମନେ ରଖିବା ଉଚିତ ଯେ ମନୁଷ୍ୟକୁ ତା'ର ଆହାର ପାଇଁ ପରିଶ୍ରମ କରିବାକୁ ପଡ଼େ—ସେ କୃଷି କରେ । ମାତ୍ର ପଶୁପକ୍ଷୀ ପ୍ରକୃତି ଉପରେ ହିଁ ନିର୍ଭର କରନ୍ତି । ଏ କପୋତର

Digitized by srujanika@gmail.com

ଶତ୍ରୁ ତଥା ଖାଦକ ଅନେକ । ତୁମେ ତେବେ କ'ଣ କହି ପାରିବ ଯେ ଏ ନିଷ୍ଠୁରି ଗୁଡ଼ିକ, ଏ ସବୁ ତୁଚ୍ଛ ନୁହେଁ ?"

ଯଶୋଧର କେବଳ ଆଶ୍ଚର୍ଯ୍ୟ ହୋଇ ରାଜଗୁପ୍ତଙ୍କୁ ଦେଖୁଥିଲା । ରାଜଗୁପ୍ତ କିଛି ସମୟ ନୀରବ ରହି ପୁଣି କହିଲେ—

"ତୁମେ ଭାବୁଥାଇପାର ଯେ ପ୍ରାକୃତିକ ବାତାବରଣ ଭିତରେ ରହୁଥିବା ମନୁଷ୍ୟ ସୁଖୀ । ମାତ୍ର ତୁମର ମନେ ରଖିବା ଉଚିତ ଯେ ମନୁଷ୍ୟ କେବେହେଲେ ଆପଣା ସ୍ଥିତିରେ ସନ୍ତୁଷ୍ଟ ହୁଏ ନାହିଁ । ତୁମେ ରାଜ-ପ୍ରାସାଦରେ ବଢ଼ି ଅସିଛ, ତେଣୁ ରାଜପ୍ରାସାଦରେ ତମର ରୁଚି ନାହିଁ । ତା'ର ସୁନ୍ଦରତା ତଥା ସାର୍ଥକତା ପାଇଁ ତୁମେ ସମ୍ପୂର୍ଣ୍ଣ ଉଦାସୀନ । କେବଳ ଉଦାସୀନ ନୁହଁ, କେବେ କେବେ ତୁମର ସେଇ ବାତାବରଣ ଭିତରୁ ବାହାରକୁ ଚାଲି ଆସିବାର ଇଚ୍ଛା ବି ହେଉଥିବ । ତୁମେ ଏ ପ୍ରକୃତିର ମୁକ୍ତ ଆଲୋକ ତଳେ ଏଇ କୁଟୀରଗୁଡ଼ିକ ଭିତରେ ସୁଖର ସନ୍ଧାନ ପାଇବ ବୋଲି ଭାବୁଛ । ମୁକ୍ତ ପ୍ରକୃତି ସହିତ କ୍ରୀଡ଼ାର କଳ୍ପନା ତୁମକୁ ବଶୀଭୂତ କରୁଛି । ତାହା ଅତି ସ୍ୱାଭାବିକ । କିନ୍ତୁ ଏଠାରେ ଅବସ୍ଥାନ କରୁଥିବା ଏକ ବ୍ୟକ୍ତିକୁ ଯଦି ପ୍ରଶ୍ନ କରାଯାଏ, ସେ କହିବ — 'ରାଜପ୍ରାସାଦ, ଅସଂଖ୍ୟ ଦାସ ଦାସୀ, ଏ ସବୁରେ ହିଁ ସୁଖ ଅଛି' ଆମର ପିତାମହ, ପ୍ରପିତାମହ ଯେ କି ଏ ମହଲଗୁଡ଼ିକ ନିର୍ମାଣ କଲେ, ସେମାନେ ନିଶ୍ଚୟ ପ୍ରଥମରେ ଗ୍ରାମ୍ୟ ଜୀବନ ଅତିବାହିତ କରୁଥିଲେ । ସେମାନେ ପ୍ରାକୃତିକ ବାତାବରଣ ଛାଡ଼ି ଧୀରେ ଧୀରେ ନଗର ନିର୍ମାଣ କାହିଁକି କଲେ ? ତାହାର କାରଣ ଏହା ଯେ, ପ୍ରକୃତିର ଅସଂଖ୍ୟ ଅସୁବିଧାକୁ ସାମାନ୍ୟ କୃତ୍ରିମତାଦ୍ୱାରା ଦୂର କରିବାକୁ ହିଁ ସେମାନେ ଚାହିଁଥିଲେ । ଏ ଉଦ୍ୟାନ—ତୁମକୁ ଯାହା ବଶୀଭୂତ କରୁଛି, ତାହା ଯେ କୃତ୍ରିମ । ପ୍ରକୃତିର ସ୍ୱରୂପ ଯଦି ଦେଖିବାକୁ ଇଚ୍ଛାଅଛି ତେବେ ଘନ ଜଙ୍ଗଲ ମଧ୍ୟକୁ ଯାଅ; ଯେଉଁଠାରେ ସିଂହ ତା'ର ଆହାର ପାଇଁ ଜିହ୍ୱା ଲହଲହ କରି ବୁଲୁଛି — ଯେଉଁଠାରେ ବଡ଼ ବଡ଼ ଘାସ ଉପରେ ବିଷଧର ସର୍ପ ଅକାରଣରେ ମନୁଷ୍ୟର ପ୍ରାଣ ବିନାଶ କରିବା ପାଇଁ ପ୍ରସ୍ତୁତ ହୋଇ ବସିଛି । ଏହି କୃତ୍ରିମ ନହରର ଛାଡ଼ି ନଦୀ ଆଡ଼େ ଦେଖ । ଦେଖିବ ବଡ଼ ବଡ଼ କୁମ୍ଭୀର ଇତ୍ୟାଦି ଜଳଚର ଜନ୍ତୁ ମନୁଷ୍ୟକୁ ଆହାରରୂପେ ପାଇବାପାଇଁ ଜଳ ମଧ୍ୟରେ ଲୁଚି

Digitized by srujanika@gmail.com

ରହିଛନ୍ତି । ତେବେ ଯାଇ ବୃଦ୍ଧିପାଇବ ସୁଖସମ୍ଭୋଗ, ପ୍ରକୃତିରେ ଅଛି କି କୃତ୍ରିମତାରେ ଅଛି ।"

ରାଜଗୁପ୍ତ କହି ଯାଉଥିଲେ—ଯଶୋଧର ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇ ତାଙ୍କୁ କେବଳ ଦେଖୁଥିଲେ । ସେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜଗୁପ୍ତଙ୍କୁ କେବଳ ଏକ ଚରିତ୍ର ସମ୍ପନ୍ନ ବ୍ୟକ୍ତି ବୋଲି ହିଁ ଭାବିଥିଲେ; କିନ୍ତୁ ଆଜି ସେ ହୃଦୟଙ୍ଗମ କଲେ ଯେ, ତା'ର ଉଚ୍ଚକୋଟୀର ଚରିତ୍ରବଳ ସହିତ ମସ୍ତିଷ୍କ ମଧ୍ୟ ରହିଛି । ରାଜଗୁପ୍ତର ଅସାଧାରଣ ବାଦ୍‌ବଳର ବିଚାର ମୌଳିକତା ଯଶୋଧରଙ୍କୁ ଚକିତ କରୁଥିଲା । ସେ ମନେ କଲେ ଯେପରି ରାଜଗୁପ୍ତ ପ୍ରତି ତା'ର ଶ୍ରଦ୍ଧା, ଭକ୍ତିରେ ରୂପାନ୍ତରିତ ହୋଇଯାଉଛି । ସେ ଅନେକ ସମୟ ଯାଏଁ ମୌନ ରହି କହିଲେ—

"ଆର୍ଯ୍ୟ ରାଜଗୁପ୍ତ ! ମୋର ଧୃଷ୍ଟତା ପାଇଁ କ୍ଷମା ଚାହୁଁଛି । ମୋର ଆଉ ଏକ ପ୍ରଶ୍ନ, ଆପଣ କେବେ କେଉଁଠାରୁ ଏ ସବୁ ଅଧ୍ୟୟନ କଲେ ?"

ପ୍ରଶ୍ନ ବାସ୍ତବିକ ଅନୁଚିତ ଥିଲା । ରାଜଗୁପ୍ତ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ସେ ଉତ୍ତର ଦେଲେ—

"ଦେଖ ଯଶୋଧର ! ସଂସାରର ଏହି ବିରାଟ ପାଠଶାଳାରେ ଅନୁଭବ ଶିକ୍ଷା ପ୍ରଣାଳୀଦ୍ୱାରା ଜୀବନର ଅସଂଖ୍ୟ ପରିସ୍ଥିତି ହିଁ ମୋର ଶିକ୍ଷକ ।" ସେ ନୀରବ ହେଲେ । କିଛି ସମୟ ପରେ ସେ ପୁନର୍ବାର କହିଲେ—

"ଯଶୋଧର ! ଜଳଯୋଗର ସମୟ ହେଲାଣି । ଆମର ଯିବା ଉଚିତ ହେବ ।" ଉଭୟେ ସେଠାରୁ ଫେରି ଆସିଲେ ।

ରାଜଗୁପ୍ତ ଯେ ପ୍ରସନ୍ନ ନ ଥିଲେ ତାହା ତା'ର ମୁଖମଣ୍ଡଳରୁ ସୁସ୍ପଷ୍ଟ । ଯଶୋଧର ପଚାରିଲେ—

"ଆର୍ଯ୍ୟ ରାଜଗୁପ୍ତ ! ଆଜି ଆପଣ ଅନ୍ୟମନସ୍କ ଥିଲାପରି ଜଣା ଯାଉଛନ୍ତି । କୌଣସି କାରଣରୁ ଦୁଃଖିତ ନିଶ୍ଚୟ—କିନ୍ତୁ ମୋତେ ସେ ଦୁଃଖର କାରଣ କହିବାରେ ଆପଣଙ୍କର ଆପତ୍ତି ଅଛି କି ?"

Digitized by srujanika@gmail.com

ଦୀର୍ଘ ନିଶ୍ୱାସ ଛାଡ଼ି ରାଜଗୁପ୍ତ ଉତ୍ତର ଦେଲା—"ହଁ, ଯଶୋଧର ! ମୁଁ ଦୁଃଖିତ ନିଶ୍ଚୟ; କିନ୍ତୁ ତୁମେ ତା'ର କାରଣ ଜାଣି କ'ଣ କରିବ ? ତୁମ ପକ୍ଷରେ ତାହା ନ ଜାଣିବା ହିଁ ଉଚିତ ହେବ ।"

"ସେ କାରଣ କ'ଣ, ଗୁପ୍ତ ?"

"ନା, ମୋର ଜୀବନର କୌଣସି କଥା ଗୁପ୍ତ ନୁହେଁ । ଗୁପ୍ତ କେବଳ ସେଇ କଥା, ଯେଉଁ କଥାକୁ ଲୋକେ ଅନୁଚିତ ବୋଲି ଭାବନ୍ତି । ଗୋପନ ରଖିବା ଭୟର କାରଣ ଓ ଭୟଭୀତ ହେବା ଅପରାଧୀର ସୂଚକ । ମୁଁ ଯାହା କରେ ତାହା ଉଚିତ ବୋଲି ଭାବେ ଏବଂ ତାହା କରେ । ମୁଁ ତୁମକୁ କହିବାକୁ ଚାହୁଁନି ଯେହେତୁ ଆପଣାର ଦୁଃଖରେ ଅନ୍ୟକୁ ଦୁଃଖିତ କରିବା ଅନୁଚିତ ।"

ଯଶୋଧର ନୀରବ ହେଲା । ସେ ଅନୁଭବ କଲା ଯେପରି ସେ ଏ ପ୍ରସଙ୍ଗ ଉତ୍ଥାପନ କରି ରାଜଗୁପ୍ତଙ୍କୁ ଅଧିକ ବ୍ୟଥିତ କରିଛି । ସେତେବେଳେ ସେମାନେ ଭବନକୁ ପହଞ୍ଚି ସାରିଥିଲେ । ଆର୍ଯ୍ୟ ଶ୍ରେଷ୍ଠୀ ମୃତ୍ୟୁଞ୍ଜୟ ଓ ଶ୍ୱେତାଙ୍କ ସେମାନଙ୍କ ପ୍ରତୀକ୍ଷାରେ ଥିଲେ । ଯଶୋଧର ଭାବବିହ୍ୱଳ ହୋଇ ଆର୍ଯ୍ୟ ମୃତ୍ୟୁଞ୍ଜୟଙ୍କ ଉଦ୍ଦେଶ୍ୟରେ କହିଲା—

"ଆର୍ଯ୍ୟ ରାଜଗୁପ୍ତ ଆଜି ମୋ ଆଗରେ ଏପରି ଅନେକ କଥା କହିଗଲେ ଯାହା ଫଳରେ ମୋ ମନର ଅନେକ ଭ୍ରାନ୍ତ ଧାରଣା ନିର୍ମୂଳ ହୋଇଛି । ରାଜଗୁପ୍ତ ଜଣେ ମହାନ୍ ବିଦ୍ୱାନ୍ ।"

ତା'ପରେ ସେ ଶ୍ୱେତାଙ୍କଙ୍କୁ ଚାହିଁଲା । ଶ୍ୱେତାଙ୍କର ମୁଖମଣ୍ଡଳ ମଳିନ । ମନେ ହେଉଥିଲା ଯେପରି ସେ ପୀଡ଼ିତ । ଯଶୋଧର ଶ୍ୱେତାଙ୍କର ହାତଧରି କୋମଳ କଣ୍ଠରେ ପଚାରିଲା—

"ଆର୍ଯ୍ୟ ଶ୍ୱେତାଙ୍କ ! ଆପଣ କ'ଣ ପୀଡ଼ିତ ?"

ଏତିକି କହି ଯଶୋଧର ଶ୍ୱେତାଙ୍କର ନାଡ଼ି ପରୀକ୍ଷା କରିଲା—"ନାହିଁ ! ଆପଣଙ୍କୁ ଜର ହୋଇ ନାହିଁ, ତେବେ ଆପଣଙ୍କର ମୁଖମଣ୍ଡଳ ଏତେ ମଳିନ କାହିଁକି ?"

ଶ୍ୱେତାଙ୍କ ସମ୍ଭବତଃ ଶୋଇ ପାରି ନ ଥିଲା । ସେଇହେତୁରୁ ସେ କ୍ଲାନ୍ତ ଦେଖାଯାଉଥିଲା । ରାଜଗୁପ୍ତ କହିଲା—"ଶ୍ୱେତାଙ୍କ ! ତୁମେ ଆଜି ସାରା

Digitized by srujanika@gmail.com

ଦ୍ୱିପ୍ରହର ବିଶ୍ରାମ କରିବା ଉଚିତ ।" ଯଶୋଧରାର ସ୍ପର୍ଶରେ ଶ୍ୱେତାଙ୍କର ମୁଖମଣ୍ଡଳ ଅଳ୍ପେ ଅଳ୍ପେ ସତେଜ ହୋଇ ଆସିଲା । ସେ କହିଲା—

"ନା', ମୁଁ ଅସୁସ୍ଥ ନୁହେଁ, ସାମାନ୍ୟ କ୍ଳାନ୍ତ ମାତ୍ର । ବିଶ୍ରାମ ପରେ ସବୁ ଠିକ୍ ହୋଇଯିବ ।"

ଜଳଯୋଗ ପରେ ରାଜଗୁପ୍ତ ଶ୍ୱେତାଙ୍କକୁ କହିଲା—"ଶ୍ୱେତାଙ୍କ ! ମୁଁ ବଡ଼ କ୍ଳାନ୍ତ । ମୁଁ ଶୋଇବାକୁ ଯାଉଛି, ଠିକ୍ ଭୋଜନ ବେଳକୁ ମୋତେ ଉଠାଇ ଦେବ । ଆଜି ତୁମେ ଆର୍ଯ୍ୟ ମୃତ୍ୟୁଞ୍ଜୟଙ୍କ ସାଥିରେ ରହିବ । ସେ ଯେପରି ନ ଭାବନ୍ତି ଯେ, ଆମେ ତାଙ୍କର ଧ୍ୟାନ ସୁଦ୍ଧା ଦେଉନାହୁଁ ।"

ମୃତ୍ୟୁଞ୍ଜୟ ଓ ଯଶୋଧରା ସହିତ କଥୋପକଥନରେ ଶ୍ୱେତାଙ୍କ ସମୟ ଅତିବାହିତ କରିବାକୁ ଲାଗିଲା ।

ଯଶୋଧରା ପ୍ରାତଃକାଳୀନ ପ୍ରକୃତି ଉପରେ ତାଙ୍କର କଥୋପକଥନ କଥା କହୁଥିଲା । ମୃତ୍ୟୁଞ୍ଜୟ ରାଜଗୁପ୍ତର ପାଣ୍ଡିତ୍ୟପୂର୍ଣ୍ଣ ତର୍କ ଶୁଣି ଚକିତ ଓ ବିମୁଗ୍ଧ ହେଉଥିଲେ । ତା'ପରେ ସେ କହିଲେ—

"ଶ୍ୱେତାଙ୍କ ! ଆର୍ଯ୍ୟ ରାଜଗୁପ୍ତ କ'ଣ ଚିନ୍ତିତ ?"

ଶ୍ୱେତାଙ୍କ ଉତ୍ତର ଦେବା ପୂର୍ବରୁ ଯଶୋଧରା କହିଲା—"ମୁଁ ମଧ୍ୟ ସେପରି ଅନୁମାନ କରୁଛି ଆଜି ମୁଁ ତାଙ୍କୁ ପଚାରିଥିଲି ମଧ୍ୟ । ସେ ସ୍ୱୀକାର କଲେ; କିନ୍ତୁ ମୁଁ ଯେତେବେଳେ କାରଣ ପଚାରି ବସିଲି, ସେତେବେଳେ ସେ ବାରଣ କଲେ ।" ତା'ପରେ ସେ ଶ୍ୱେତାଙ୍କକୁ ଚାହିଁ ରହିଲା ।

ମୃତ୍ୟୁଞ୍ଜୟ କହିଲେ—"ଏପରି ଅନେକ କଥା ଅଛି ଯାହା ଗୁପ୍ତ ରଖାଯାଏ ।"

"ସମ୍ଭବତଃ ମନୁଷ୍ୟ ଭିତରେ ଗୁପ୍ତ ଭେଦ ଥିବା ତା'ର ଦୂଷିତ ପ୍ରବୃତ୍ତିର କାରଣ । ମନୁଷ୍ୟ ତା'ର କଥା ଗୋପନ ରଖେ, କାହିଁକି ନା ତା'ର ଭୟ ଥାଏ—ସମାଜ ତା'ର ନିନ୍ଦା କରିବ । ତଥାପି ମୁଁ କହି ପାରିବି ଯେ, ରାଜଗୁପ୍ତଙ୍କର ଦୁଃଖର କାରଣଟା ଗୁପ୍ତ ନୁହେଁ । ତାହା ସେ ମୋତେ କହିଛନ୍ତି ।"

Digitized by srujanika@gmail.com

"ଆତ୍ମର ମଧ୍ୟ ମନୁଷ୍ୟ ମଧ୍ୟରେ ଗୁପ୍ତ ଭେଦ କରିବା ତା'ର କଳୁଷିତ ପ୍ରବୃତ୍ତିର ଦ୍ୟୋତକ । ତାହା ମଧ୍ୟ ଆର୍ଯ୍ୟ ରାଜଗୁପ୍ତଙ୍କର ରହିଛି ।" ଶ୍ୱେତାଙ୍କ ଏତକ ବ୍ୟଙ୍ଗାତ୍ମକ ହସ ଭିତରେ କହିଲ ।

"ହଁ—ସେ କଥା ସମ୍ପୂର୍ଣ୍ଣ ସତ୍ୟ । ଏଥିରେ କିଛି ତ୍ରୁଟି ଅଛି ?" ଯଶୋଧର ଆଶ୍ଚର୍ଯ୍ୟ ହୋଇ ପଚାରିଲ ।

"ନା, ଯେ ବ୍ୟକ୍ତି ସମର୍ଥ ତା ପକ୍ଷରେ ଏହା ତ୍ରୁଟି ନୁହେଁ । ଯେ ବ୍ୟକ୍ତି ସମାଜକୁ ଛାଡ଼ି ଦେଇ ଜୀବିତ ରହିପାରେ, ତା'ପାଇଁ ଏ ସିଦ୍ଧାନ୍ତ ସର୍ବଥା ଉଚିତ; କିନ୍ତୁ ଏ ସଂସାର ତ ସମର୍ଥ ନୁହେଁ ? ମୋ କଥା ଧରାଯାଉ; ମୁଁ ଆର୍ଯ୍ୟ ରାଜଗୁପ୍ତଙ୍କର ସେବକ, ତାଙ୍କର ଆଜ୍ଞା ହିଁ ମୋର ଇଚ୍ଛା ଓ ମୋର କର୍ତ୍ତବ୍ୟ । ମୋର ମଧ୍ୟ ବ୍ୟକ୍ତିତ୍ୱ ଅଛି; ମାତ୍ର ସେ ବ୍ୟକ୍ତିତ୍ୱର ମୂଲ୍ୟ କ'ଣ ଅଛି ? ମୁଁ ପରାଧୀନ । ଅନେକ ସମୟରେ ମୋର ଅନ୍ତର ଭିତରେ ବିଦ୍ରୋହର ଅଗ୍ନି ଜଳି ଉଠେ, ମାତ୍ର ସେତେବେଳେ ତାକୁ ଜଳିବାକୁ ଦେବ ନା ତା'ର ନିର୍ବାପନ କରି କର୍ତ୍ତବ୍ୟରତ ହେବା ମୋ ପକ୍ଷରେ ଉଚିତ ହେବ । ତା'ର ଉତ୍ତର ଅତି ସ୍ପଷ୍ଟ ।"

ମୃତ୍ୟୁଞ୍ଜୟ କହିଲେ—"ବତ୍ସ ଶ୍ୱେତାଙ୍କ ! ତୁମର ଏ ପ୍ରକାର ବିରୋଧ ଅନୁଚିତ ଓ ସେଥିପାଇଁ ତାକୁ ଗୁପ୍ତ ରଖିବା ଉଚିତ ହେବ ।"

ଯଶୋଧର ଧୀର ଗଳାରେ କହିଲ—"ଆପଣଙ୍କର ଏ ବିରୋଧ ଉଚିତ ହୋଇପାରେ, ଆର୍ଯ୍ୟ ଶ୍ୱେତାଙ୍କ ! କିନ୍ତୁ ଆପଣଙ୍କର ଏ ଅବସ୍ଥା ପ୍ରତି ଦୁଃଖ ଲାଗୁଛି ।"

ଶ୍ୱେତାଙ୍କ ଯଶୋଧର ଆଖିରେ ସହାନୁଭୂତି ମିଶ୍ରିତ ପ୍ରେମର ଏକ ଆଭା ଦେଖୁଥିଲ ।

Digitized by srujanika@gmail.com

ଷୋଡ଼ଶ ପରିଚ୍ଛେଦ —

କେତେକଙ୍କଠାରେ ଏପରି ବ୍ୟକ୍ତିତ୍ୱ ଅଛି ଯାହା ଅନ୍ୟକୁ ଆକର୍ଷିତ କରି ତାକୁ ଆପଣାର ଦାସ କରି ନିଏ । ଚିତ୍ରଲେଖାର ବ୍ୟକ୍ତିତ୍ୱ ଠିକ୍ ସେହିପରି ଥିଲା । ଯଦିଓ ଚିତ୍ରଲେଖା ତା'ର ଏଇ ଅସାଧାରଣ ଆକର୍ଷଣୀ ଶକ୍ତି ସମ୍ବନ୍ଧ ଘନିଷ୍ଠ ପରିଚୟ ନ ଥିଲା, କିନ୍ତୁ ତା'ର ଅଜ୍ଞାତରେ ସେଇ ଶକ୍ତିର ପ୍ରୟୋଗ ସେ କରୁଥିଲା ନିଶ୍ଚୟ । କୁମାରଗିରି ସହଜରେ ଚିତ୍ରଲେଖାର ଆକର୍ଷଣରେ ଆକର୍ଷିତ ହେଉଥିଲେ ।

କୁଟୀରରେ କୁମାରଗିରି ଓ ଚିତ୍ରଲେଖା ଏକତ୍ର ଅବସ୍ଥାନ କରିବାକୁ ଲାଗିଲେ । କୁମାରଗିରି ଚିତ୍ରଲେଖା ପାଖରୁ ଦୂରେଇ ଯିବାକୁ ଚାହୁଁଥିଲେ; କିନ୍ତୁ ଆଶ୍ଚର୍ଯ୍ୟର କଥା ସେ ତାକୁ ଆପଣାର ନିକଟରେ ହିଁ ପାଉଥିଲେ । ଯେତେବେଳେ କୁମାରଗିରି ଧ୍ୟାନମଗ୍ନ ହୋଇ ବସୁଥିଲେ, ଚିତ୍ରଲେଖା ସେତେବେଳେ କୁଟୀର ମଧ୍ୟରେ ପ୍ରବେଶ କରି ଠିକ୍ ଏକ ଗୃହିଣୀ ପରି କୁଟୀର ମଧ୍ୟରେ ସମସ୍ତ ଆସବାବର ଯତ୍ନ ନେଉଥିଲା । କିନ୍ତୁ କୁମାରଗିରି ଧ୍ୟାନାବସ୍ଥିତ ହୋଇ ରହିପାରୁ ନ ଥିଲେ । ତାଙ୍କର ଆଖି ଖୋଲି ଯାଉଥିଲା । କ୍ଷଣିକ ପାଇଁ କି ହେଉନା କାହିଁକି ସେ ଚିତ୍ରଲେଖାକୁ ଦେଖୁଥିଲେ । ସେ ପୁନର୍ବାର ଧ୍ୟାନାବସ୍ଥିତ ହେବାର ଚେଷ୍ଟା କରୁଥାନ୍ତି; କିନ୍ତୁ ତାହା ତାଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ୁଥିଲା ।

ଚିତ୍ରଲେଖା କୁମାରଗିରିଙ୍କୁ ପ୍ରେମ କରିବା ଉଦ୍ଦେଶ୍ୟରେ ହିଁ ତାଙ୍କ କୁଟୀରକୁ ଆସିଥିଲା । କିନ୍ତୁ କୁଟୀରରେ ପ୍ରବେଶ କରିବା ପରେ ପରେ ତା'ର ଭାବନାର ପରିବର୍ତ୍ତନ ଘଟିଥିଲା । ସେ ସାଧନା ତଥା ତପସ୍ୟାକୁ ହିଁ

Digitized by srujanika@gmail.com

ଅଭ୍ୟାସ କରିବାକୁ ମନସ୍ଥ କଲା । ସେ କୁମାରଗିରିଙ୍କ ଧ୍ୟାନ ମାର୍ଗରେ ବାଧା ଦେବାକୁ ଚାହୁଁ ନ ଥିଲା ।

ସେ ଦିନ ଧୀର ଲଭି ଯାଇଥାଏ । ରାତ୍ରିର ଦ୍ୱିତୀୟ ପ୍ରହର ଅତୀତ । ଯେତେବେଳେ କୁମାରଗିରିଙ୍କ ଧ୍ୟାନସ୍ଥିତ ହେବାର ସମୟ । ସେ ଆପଣାର ଆସନରେ ଉପବେଶନ କରି ନୟନ ମୁଦ୍ରିତ କଲେ; ମାତ୍ର ଧ୍ୟାନମଗ୍ନ ହୋଇପାରିଲେ ନାହିଁ । ଚନ୍ଦ୍ରଲେଖା ଯେତେବେଳେ ଦେଖିଲା ଯେ କୁମାରଗିରି ଧ୍ୟାନସ୍ଥିତ ହୋଇସାରିଛନ୍ତି, ସେ କୁଟୀର ମଧ୍ୟରେ ପ୍ରବେଶ କରି ଆସନ ଗ୍ରହଣ କଲା ।

ଚନ୍ଦ୍ରଲେଖାର ପଦଶବ୍ଦ ଶୁଣିବା ମାତ୍ରେ ପଲକ ଟେକି କୁମାରଗିରି କହିଲେ—"ଦେବୀ ଚନ୍ଦ୍ରଲେଖା !"

ଚନ୍ଦ୍ରଲେଖା ଚମକି ଉଠିଲା । ସେ ଭାବିଥିଲା ଯେ ଗୁରୁଦେବ ଧ୍ୟାନାବସ୍ଥିତ ହୋଇ ସାରିଛନ୍ତି । ସେ ଉଠି ଠିଆ ହେଲା ଏବଂ କହିଲା—

"କ୍ଷମାକରନ୍ତୁ ଗୁରୁଦେବ ! ମୋର ଭୁଲ ହୋଇଛି । ମୁଁ ଆପଣଙ୍କର ଧ୍ୟାନାବସ୍ଥିତ ହେବା ପୂର୍ବରୁ ହିଁ ଚାଲିଆସିଛି – ମୁଁ ଯାଉଛି······

କୁମାରଗିରି ହସି କହିଲେ—

"ଯିବାର କୌଣସି ପ୍ରୟୋଜନୀୟତା ନାହିଁ । ତୁମେ ଏଠାରେ ହିଁ ବସ । ବର୍ତ୍ତମାନ ମୁଁ ସମାଧିସ୍ଥ ହେବାକୁ ଚାହୁଁ ନାହିଁ । ତୁମକୁ ଆଜି କେତେକ କଥା କହିବାର ଅଛି ।"

ଚନ୍ଦ୍ରଲେଖା ଆସନ ଗ୍ରହଣ କଲା ।

"ଚନ୍ଦ୍ରଲେଖା ! ମୁଁ ଭାବୁଥିଲି କ'ଣ ମନୁଷ୍ୟ କର୍ମମାର୍ଗ ଓ ଧର୍ମମାର୍ଗ ଏ ଦୁଇ ମାର୍ଗର ଅନୁସରଣ ଏକତ୍ର କରି ପାରିବ ନାହିଁ ?"

"ମୁଁ ବୁଝି ପାରୁନି !"

"ତୁମେ ଯେତେବେଳେ ଦୀକ୍ଷା ନେବାକୁ ଆସିଥିଲ । ସେ ଦିନ ତୁମେ ମତେ କହିଥିଲ ଯେ, ମୋତେ ତୁମେ ପ୍ରେମ କର ।"

"ହଁ, ମୁଁ ସତ୍ୟ ହିଁ କହିଥିଲି ।"

"ଆଉ ପ୍ରେମର ଅର୍ଥ ବା କ'ଣ ?"

Digitized by srujanika@gmail.com

"ପ୍ରେମର ଅର୍ଥ କେବଳ ଦୁଇଟି ଆତ୍ମାର ସମ୍ବନ୍ଧ ସ୍ଥାପନ ବିନା ଆଉ କିଛି ନୁହେଁ।"

କୁମାରଗିରି କିଛି ସମୟ ପାଇଁ ମୌନ ରହିଲେ। ତା'ପରେ କହିଲେ – "ତା'ହେଲେ ଏ ପରିଭାଷା ଅନୁସାରେ ପ୍ରେମ କେବଳ ଦୁଇଟି ଆତ୍ମା ମଧ୍ୟରେ ହିଁ ସମ୍ଭବ। ଦୁଇଟି ମନୁଷ୍ୟ ମଧ୍ୟରେ ହିଁ ପ୍ରେମ ସମ୍ଭବ। ମନୁଷ୍ୟ ଓ ବ୍ରହ୍ମ ସହିତ କ'ଣ ପ୍ରେମ ସମ୍ଭବ ନୁହେଁ ?"

"କିନ୍ତୁ ଆପଣଙ୍କର ମତାନୁସାରେ ଆତ୍ମା ବ୍ରହ୍ମର ଏକ ଅଂଶ ମାତ୍ର, ଏଣୁ ବ୍ରହ୍ମ ସହିତ ମଧ୍ୟ ଏ ପରିଭାଷା ଅନୁସାରେ ପ୍ରେମ ସମ୍ଭବ।"

"ମୁଁ ଆଜି ଏକ ନୂତନ କଥା ଭାବିଛି ଚିତ୍ରଲେଖା ! ବିରାଗ ମନୁଷ୍ୟ ପକ୍ଷରେ ଅସମ୍ଭବ; କାରଣ ବିରାଗ ନିରର୍ଥକାତ୍ମକ। ବିରାଗର ଆଧାର ଶୂନ୍ୟ ......ବିରାଟ ଶୂନ୍ୟତା। ଏହି ଅବସ୍ଥାରେ ଯଦି କେହି କହେ ଯେ ସେ ବିରାଗୀ, ମୁଁ କହିବି ସେ ମିଛ କହୁଛି। କାରଣ ସେତେବେଳେ ସେ ଏହା ହିଁ କହିବାକୁ ଚାହୁଁଥାଏ ଯେ ତା'ର ସଂସାର ପ୍ରତି ବୈରାଗ୍ୟ ଆସିଛି। କିନ୍ତୁ ଅନ୍ୟ କାହାପ୍ରତି ଅନୁରାଗ ଅବଶ୍ୟ ରହିଛି। ସେପରି ସ୍ଥଳରେ ତା'ର ଅନୁରାଗର କେନ୍ଦ୍ର ହେଉଛି ବ୍ରହ୍ମ। ଜୀବନର କାର୍ଯ୍ୟକ୍ରମ ରଚନାତ୍ମକ, ବିନାଶାତ୍ମକ ନୁହେଁ। ମନୁଷ୍ୟର କର୍ତ୍ତବ୍ୟ ହିଁ ଅନୁରାଗ, ବିରାଗ ନୁହେଁ। "ବ୍ରହ୍ମ ପ୍ରତି ଅନୁରାଗ"ର ଅର୍ଥ ହେଉଛି ବ୍ରହ୍ମଠାରୁ ପୃଥକ୍ ବସ୍ତୁକୁ ଉପେକ୍ଷା କରିବା। କିନ୍ତୁ ବାସ୍ତବରେ ଯଦି ଦେଖାଯାଏ ତା'ହେଲେ ବିରାଗୀ ବୋଲାଉ ଥିବା ବ୍ୟକ୍ତି ବାସ୍ତବରେ ବିରାଗୀ ନୁହେଁ,--ବରଂ ଈଶ୍ୱରାନୁରାଗୀ। ଏକଥା ଅଧିକ ମହତ୍ତ୍ୱ ପୂର୍ଣ୍ଣ ନୁହେଁ; ମାତ୍ର ଅନ୍ୟ କଥାର ମହତ୍ତ୍ୱ ଅଛି। କ'ଣ ସଂସାର ପ୍ରତି ବିରାଗ ଓ ବ୍ରହ୍ମ ପ୍ରତି ଅନୁରାଗ— ଏହା ଏକ କଥା କି ?"

ଚିତ୍ରଲେଖା କୁମାରଗିରିଙ୍କ କଥା ଶୁଣି ଡରିଗଲା। ସେ କୁମାରଗିରିଙ୍କର ମନଃପ୍ରବୃତ୍ତିକୁ ଅତି ଭଲ ଭାବରେ ଜାଣେ। ସେ ସମ୍ଭବତଃ କୁମାରଗିରିଙ୍କର ଦୁର୍ବଳତା ମଧ୍ୟ ଜାଣେ। ସେ କହିଲା—

"ଦେବ ! ମୁଁ ଏହାର ଉତ୍ତର ଦେବାକୁ ସମ୍ପୂର୍ଣ୍ଣ ଅସମର୍ଥ। ଗୁରୁଦେବ ! ମୁଁ ଜ୍ଞାନ ପାଇଁ ଆସିଛି ମୁଁ ଗୁରୁଦେବଙ୍କ ଜୀବନର

21

Digitized by srujanika@gmail.com

ଲକ୍ଷ୍ୟକୁ ହିଁ ନିରୀକ୍ଷଣ କରିବାକୁ ଆସିଛି । ବୁଦ୍ଧ ସହିତ ପରିଚୟ ପ୍ରାପ୍ତିର ଅଭିଳାଷ ନେଇ ମୁଁ ଆସିଛି ।”

କୁମାରଗିରି ନତମସ୍ତକ ହେଲେ । ତାଙ୍କର ସାଧନା ତାଙ୍କ ଅପରାଧୀ ହୃଦୟକୁ ଆଘାତ ଦେଲା ।

“ତୁମେ ଠିକ୍ କହୁଛ ଚନ୍ଦ୍ରଲେଖା ! ଜ୍ଞାନ ତର୍କର ବସ୍ତୁ ନୁହେଁ— ଅନୁଭବର । ଏ କୁତର୍କ ମୋ ଭିତରେ ଜନ୍ମ ବା କପରି ନେଲା, ମୁଁ ସ୍ୱୟଂ ଜାଣେ ନାହିଁ । କିନ୍ତୁ ବାସ୍ତବିକ ଏ ତର୍କ ବଡ଼ ପ୍ରବଳ ହୋଇଯାଇଛି । ତେଣୁ ତୁମକୁ ଏ ପ୍ରଶ୍ନର ଉତ୍ତର ଦେବାକୁ ହିଁ ପଡ଼ିବ । କ’ଣ ଏ ସଂସାର ପ୍ରତି ଉଦାସୀନ ରହି ଈଶ୍ୱର ପ୍ରତି ଅନୁରାଗୀ ହେବା ସମ୍ଭବ ? ଏ ପ୍ରଶ୍ନର ସମାଧାନ ନ ହେବା ଯାଏଁ ମୋତେ ଶାନ୍ତି ମିଳିବ ନାହିଁ ।”

ଚନ୍ଦ୍ରଲେଖା ନିଜ ଭିତରେ ଏକ ବିଚିତ୍ର ପରିବର୍ତ୍ତନ ଅନୁଭବ କରୁଥିଲା । ସେ କୁମାରଗିରିଙ୍କ ସହିତ ପ୍ରେମ କରିବାକୁ ହିଁ ପ୍ରଥମେ ଆସିଥିଲା । ବର୍ତ୍ତମାନ ସେ ଅନୁଭବ କରିପାରୁଛି ଯେ, ସେ କୁମାରଗିରିଙ୍କୁ ପ୍ରେମ କରିପାରୁ ନାହିଁ, କି ତାଙ୍କୁ ପୂଜା କରି ପାରୁନାହିଁ, କି ତାଙ୍କଠାରୁ କିଛି ଶିକ୍ଷା କରିପାରୁ ନାହିଁ । ନଗରୀର ଅଶାନ୍ତିମୟ ଜୀବନ ଅତିବାହିତ କରି ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲା । ନିର୍ଜନତାର ଶାନ୍ତ ମଧ୍ୟରେ, ଶାନ୍ତି କିଛୀର ଆଶା ରଖି, ବିଶ୍ୱାସ ଭିତରେ ସେ ସୁଖ ପାଇବା ପାଇଁ କୁଟୀରକୁ ଆସିଛି । ଜୀବନର ଆମୋଦପ୍ରମୋଦ ତାକୁ ବ୍ୟସ୍ତ କରି ସାରିଛି । ଅତି ସୁଖ ତା’ପାଇଁ ଉତ୍ପୀଡ଼ନର ରୂପ ନେଇଛି । କୁମାରଗିରିଙ୍କର କୁଟୀରର ପ୍ରଶାନ୍ତ ବାତାବରଣ ଭିତରେ ଚନ୍ଦ୍ରଲେଖା କେବଳ ତୃପ୍ତି ତଥା ସୁଖ ଦେଖୁଥିଲା ।

କୁମାରଗିରି ଅନେକ ବେଳଯାଏଁ ମୌନ ଥିଲେ । କିଛି ସମୟ ପରେ ସେ କହିଲେ—

“ଦେଖ ଚନ୍ଦ୍ରଲେଖା । ମୁଁ ତୁମକୁ ବର୍ତ୍ତମାନ ପର୍ଯ୍ୟନ୍ତ ବୁଝିପାରି ନାହିଁ । କିନ୍ତୁ ମୋର ହୃଦୟ କହୁଛି ଯେ, ଆମର ସମ୍ବନ୍ଧ ଅନେକ ଦିନର ।”

କୁମାରଗିରିଙ୍କ ପାଖକୁ ଆସିବା ପୂର୍ବରୁ ଚନ୍ଦ୍ରଲେଖା ମଧ୍ୟ ଠିକ ଏହାହିଁ ଭାବିଥିଲା ।

Digitized by srujanika@gmail.com

"ମୋର ଜୀବନର ଭାବନା ଏତେ ଅସ୍ପଷ୍ଟ ଯେ ମୋ ପକ୍ଷରେ ଦେଖିବା ସମ୍ଭବପର ନୁହେଁ ।"

କୁମାରଗିରି ହସି କହିଲେ—"ସମ୍ଭବତଃ ମୋର ଧାରଣା ଭ୍ରାନ୍ତ, କିନ୍ତୁ ଦେଖ, ଗୋଟାଏ କଥା ଠିକ୍ ଠିକ୍ କହିବ –ତୁମ ଭିତରେ ଏକ ଆକର୍ଷଣୀ ଶକ୍ତି ଅଛି ସେ ଶକ୍ତି ତୁମେ କେଉଁଠୁ ପାଇଲ ?"

ଚନ୍ଦ୍ରଲେଖାର ମୁଖମଣ୍ଡଳ ନାଲି ହୋଇ ଉଠିଲା । ଅନେକ ବର୍ଷ ପରେ ସେ ପ୍ରଥମ ଥର ପାଇଁ ଲଜ୍ଜା ଅନୁଭବ କଲା । ସେ ନତଶିର ହୋଇ କହିଲା—

"ମୋର ଆକର୍ଷଣୀ ଶକ୍ତି ଅଛି, ଏହା ମୁଁ ଜାଣେ ନା ।"

କୁମାରଗିରି ଉଠି ଠିଆ ହେଲେ । ତାପରେ ସେ କୁଟୀର ମଧ୍ୟରେ ପଦଚାରଣ କରିବାକୁ ଲାଗିଲେ । ଶେଷରେ କହିଲେ—

"ଆଜି ସମାଧିରେ ମନ ଲାଗୁନାହିଁ ଚନ୍ଦ୍ରଲେଖା ! ନିରାକାରଙ୍କୁ ଆରାଧନା କରିବା ପାଇଁ ଆଜି ମନକୁ ସ୍ଥିର ରଖିବା କେତେ କଠିଣ ହୋଇ ଉଠୁନାହିଁ ସତେ ? କିନ୍ତୁ କାହିଁକି ?" କୁମାରଗିରିଙ୍କର କଣ୍ଠସ୍ୱର ହଠାତ୍ ତୀବ୍ର ହୋଇ ଉଠିଲା "ନିରାକାରର ଉପାସନା ଆଜି ଏଇ ହେତୁରୁ କଠିଣ ହେଉଛି, ଯେଣୁ ହୃଦୟ କହୁଛି ସାକାର ! ସାକାର !!"

ତାଙ୍କର ଏଇ କହିବା ଭିତରେ ସେ ପ୍ରାୟ ଚନ୍ଦ୍ରଲେଖାର ପାଖକୁ ଆସି ଯାଇଥିଲେ । ସେ ଅଟକିଯାଇ ନିର୍ନିମେଷ ନୟନରେ ଚନ୍ଦ୍ରଲେଖାକୁ ଦେଖି, କହିଲେ—

"ନର୍ତ୍ତକୀ, ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ନିରାକାରର ଉପାସନା କରି ଆସିଛି······ବର୍ତ୍ତମାନ ସାକାରର ଉପାସନା କରିବାକୁ ଇଚ୍ଛା ହେଉଛି··· ବୁଝିଲ ! ମୁଁ ସାକାର ପ୍ରୟୋଗ କରିବାକୁ ଯାଉଛି । ସେ ପ୍ରୟୋଗ ପାଇଁ ତୁମର ସହାୟତା ମୋର ଆବଶ୍ୟକ, ଉଠ ।"

ଚନ୍ଦ୍ରଲେଖା ଥରି ଉଠିଲା । ଯୋଗୀଙ୍କର ମୁଖମଣ୍ଡଳରେ ଏକ ଧୂମିଳ ତୃଷ୍ଣା ସେ ଦେଖିଲା । ଯୋଗୀଙ୍କର ସୁନ୍ଦର ଶାନ୍ତ ମୁଖମଣ୍ଡଳ ବିକୃତ ହୋଇ ଉଠିଥିଲା । ଅଗଣା ଦାଉ ପ୍ରଜ୍ଜ୍ୱଳିତ ହୋଇ ପାରୁଥିବା ଯୋଗୀଙ୍କର ଅନ୍ତର ତଳର ଅଗ୍ନିଶିଖାର ଭୟାନକତା ଦେଖି ଚନ୍ଦ୍ରଲେଖା ଅତ୍ୟନ୍ତ

Digitized by srujanika@gmail.com

ଧ୍ୱନିତ ହୋଇଉଠିଲା । ସେ ଠିଆ ହେଲା—ସେ ଅନୁଭବ କଲା ଯେପରି ତା'ର ସମସ୍ତ ଶକ୍ତି ଲୋପ ହୋଇଯାଉଛି ।

କୁମାରଗିରି ହଠାତ୍ ଶଶିଲେଖାର କର ଧାରଣ କଲେ । ଶଶିଲେଖା ଆପାଦମସ୍ତକରେ ଏକ ବିକୃତ ଶିହରଣ ଅନୁଭବ କରୁଥିଲା । ତା'ର ମନେ ହେଉଥିଲା ସତେ ଯେପରି ତାକୁ କେହି ଜଣେ ଏକ ଜ୍ୱଳନ୍ତ ଲୌହ କଙ୍କଣ ପିନ୍ଧାଇ ଦେଉଛି । ଯୋଗୀର ସମଗ୍ର ଶରୀର ସତେ ଯେପରି ଜଳି ଯାଉଥିଲା ।

"ମୁଁ ସାକାରକୁ ଅପଣାଇ କରିବା ପାଇଁ ପ୍ରୟୋଗ କରୁଛି ନର୍ତ୍ତକୀ ! ଏ ସାକାର ଭାବନାକୁ ତୁମେ ହିଁ ମୋର ଅନ୍ତର ତଳେ ଜାଗ୍ରତ କରିଛ । ଏଣୁ ତୁମକୁ ହିଁ ଏ ପ୍ରୟୋଗରେ ଅଂଶ ଗ୍ରହଣ କରିବାକୁ ପଡ଼ିବ । ନା, ନା,—ତୁମକୁ ହିଁ ଏ ପ୍ରୟୋଗର ଲକ୍ଷ୍ୟ ହେବାକୁ ପଡ଼ିବ ।"

ଶଶିଲେଖା ସବୁ କଥା ବୁଝି ପାରୁଥିଲା । ଏଥିପାଇଁ ସେ ଏଠାକୁ ଆସିଥିଲା ମଧ୍ୟ; କିନ୍ତୁ ସେ ଯେଉଁ କଥା କଳ୍ପନା କରିଥିଲା, ତାହା ତାକୁ ମିଳି ନାହିଁ । ସେ ମଳୟ ସମୀର ସହିତ ଖେଳିବାକୁ ଆସିଥିଲା; ଜ୍ୱାଳାମୁଖୀର ଜ୍ୱଳନ୍ତ ଶିଖାରେ ଦଗ୍ଧ ହେବାକୁ ଆସି ନ ଥିଲା । ସେ ଅସ୍ପଷ୍ଟ କଣ୍ଠରେ କହିଲା—"ଗୁରୁଦେବ !"

କୁମାରଗିରି ଶଶିଲେଖାକୁ ଆଶ୍ଳେଷ ପାଶରେ ନିବିଡ଼ ଭାବରେ ବନ୍ଧନୀ କରି ରଖିଲେ । ତାଙ୍କର ଅଧର ଶଶିଲେଖାର ଅଧର ସ୍ପର୍ଶ କଲା । ସେ ଆବେଗ ବିହ୍ୱଳ ହୋଇ କହି ଉଠିଲେ -

"ନର୍ତ୍ତକୀ ! ମୁଁ ତୋତେ ପ୍ରେମ କରେ ।"

ଶଶିଲେଖା କୁମାରଗିରିଙ୍କର ଉଷ୍ଣ ନିଶ୍ୱାସରେ ଜଳି ଯାଉଥିଲା ଯେପରି । ତେବେ ମଧ୍ୟ ସେ ସାହସ କଲା । ଆପଣାର ସମସ୍ତ ଶକ୍ତି ସଞ୍ଚୟ କରି ତା'ର ଅଧର ଫେରାଇ ନେଲା । ସେ ଚଞ୍ଚଳ ସ୍ୱରରେ କହିଲା—

"ଗୁରୁଦେବ ! ଆପଣ ମାର୍ଗଚ୍ୟୁତ ହେଉଛନ୍ତି·········ଆପଣଙ୍କର ସାଧନାରୁ ବିଚ୍ୟୁତ ହେଉଛନ୍ତି ।"

କୁମାରଗିରିଙ୍କ ଆଶ୍ଳେଷ ବନ୍ଧନ କେଜାଣି କାହିଁକି ଶିଥିଳ ହୋଇଗଲା । ସେ ହଠାତ୍ ଚମକି ପଡ଼ି ଅପସରି ଗଲେ । ତାଙ୍କ ଆଖିର

Digitized by srujanika@gmail.com

ପାଗଳାମି ହଠାତ୍ ଲୋପ ହୋଇଗଲା । ମୁଖମଣ୍ଡଳ ହଠାତ୍ ଫିକା ପଡ଼ିଗଲା ।

"ମୋତେ କ୍ଷମା କର ଦେବୀ ।" କୁମାରଗିରି ଚଞ୍ଚଳ ପଦକ୍ଷେପରେ କୁଟୀର ତ୍ୟାଗ କଲେ । ସେଇଠାରେ ହିଁ ଚନ୍ଦ୍ରଲେଖା ବସି ପଡ଼ିଲା । ସେ ବସିରହି ଯାହାସବୁ ଘଟିକଲା ସେ ସବୁ ଗୋଟି ଗୋଟି ଭାବିବାକୁ ଲାଗିଲା । ସେ କୁମାରଗିରିଙ୍କ ପାଖକୁ ଆସିଥିଲା—ମାତ୍ର ବର୍ତ୍ତମାନ ସେ ଫେରି ଯିବାକୁ ଚାହୁଁଛି ।

ଚନ୍ଦ୍ରଲେଖା କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା । ସେ ଭୁଲ କରିଛି । ନିଜର ପତନ ହେବା ସାଙ୍ଗେ ସାଙ୍ଗେ ସେ ଅନ୍ୟକୁ ମଧ୍ୟ ପତିତ କରିଛି । ଏପରି ଭାବୁ ଭାବୁ ସେ ଶୋଇପଡ଼ିଲା ।

କୁମାରଗିରି କୁଟୀରରୁ ଆସି ମୁକ୍ତ ପ୍ରାନ୍ତରରେ ପଦଚାରଣ କରିବାକୁ ଲାଗିଲେ । କିଛି ସମୟ ପୂର୍ବେ ତାଙ୍କ ଶରୀର ମଧ୍ୟରେ ଏକ ଜ୍ୱାଳା ଥିଲା—ତାହା ବର୍ତ୍ତମାନ ଅତ୍ୟନ୍ତ ଜ୍ୱଳନ୍ତ ହୋଇ ତାଙ୍କ ମସ୍ତିଷ୍କ ଭିତରେ ହିଁ ଜଳୁଛି । ପ୍ରଥମ ଜଳନରେ ସୁଖ ଥିଲା, ଦ୍ୱିତୀୟ ଜଳନରେ ଅଛି ଦୁଃଖ । ସେ ଆପଣାର କାର୍ଯ୍ୟ କ୍ଷେତ୍ର ତଥା ସାଧନାରୁ ପତିତ ହୋଇଯାଇଛନ୍ତି, ଅଥଚ ଆପଣାର ଦୁର୍ବଳତା ଉପରେ ବିଜୟ ପ୍ରାପ୍ତ କରିବା ତାଙ୍କର କର୍ତ୍ତବ୍ୟ ଥିଲା ।

ସମ୍ମୁଖରେ ଗଭୀର ଅନ୍ଧକାର······ପଶ୍ଚାତ୍ ଭାଗରେ ପାଟଳୀ-ପୁତ୍ରର ଦୀପାଲୋକ ଉଜ୍ଜ୍ୱଳ ରଶ୍ମି ବିଚ୍ଛୁରଣ କରୁଥିଲା—କୁମାରଗିରିଙ୍କର ପାଦ ସେଇ ଅନ୍ଧକାର ଆଡ଼କୁ ହିଁ ଅଗ୍ରସର ହେଉଥିଲା······

"ନା' ମୋ ପକ୍ଷରେ ନିଜକୁ ଆବୃତ୍ତ କରିବା ସମ୍ଭବ ନୁହେଁ । ଅଧୋପତନ ଅନିବାର୍ଯ୍ୟ······ଆପଣାକୁ ଉଦ୍ଧାର କରିବାକୁ ହିଁ ହେବ ।" ସେ ଚିତ୍କାର କରୁଥିଲେ । ସେତେବେଳେ ସେ ଆପଣା କୁଟୀରର ଅନେକ ଦୂରକୁ ଚାଲି ଯାଇଥିଲେ ।"

ହଠାତ୍ ତାଙ୍କର ଅନ୍ତର ଭିତରେ କିଏ ଯେପରି କହି ଉଠିଲା— "ତୁ କ'ଣ ଯାଉଛୁ ନାହିଁ ?"

ସେ ପଚାରୁଥିଲେ—'କାରଣ ?'

Digitized by srujanika@gmail.com

ଉତ୍ତର ଫାଉଥିଲେ—"ତୁ କେଉଁଆଡ଼େ ଯାଉଛୁ ? ଆପଣାର ଦୁର୍ବଳତା ଉପରେ ବିଜୟ ପ୍ରାପ୍ତ ହେବା ହିଁ ତ କଠିଣ ସାଧନା ? ଯେତେଦିନ ପର୍ଯ୍ୟନ୍ତ ତୁ ନିଜେ ନିଜକୁ ଜିଣି ନ ନେଇଛୁ, ସେତେ ଦିନ ପର୍ଯ୍ୟନ୍ତ ତୁ ଅପୂର୍ଣ୍ଣ । ସେଥିପାଇଁ ହିଁ ଚନ୍ଦ୍ରଲେଖା ତୋ'ର ପାଖକୁ ଆସିଛି । ନିଜେ ନିଜ ଉପରେ ବିଜୟୀ ହେବାର ସାଧନା କର । ଚନ୍ଦ୍ରଲେଖାକୁ ତୁ କ'ଣ ଭୟ କରୁ ? ନିର୍ବଳତା ମୋହ ତୋ'ର ଭିତରେ ହିଁ ରହିଛି । ତା'କୁ ହିଁ ତୋତେ ସର୍ବାଗ୍ରେ ଦୂର କରିବାକୁ ପଡ଼ିବ । ସାଧନା ଯେ ତୋ'ର ନିଜ ପାଖରେ ରହିଛି । ତୁ ବା ଯାଉଛୁ କୁଆଡ଼େ ?

କୁମାରଗିରି ଅଟକି ଗଲେ ! "ତେବେ ତାହା ହିଁ ହେଉ ।"—ସେ ଧୀରେ ଧୀରେ କହିଲେ । ଆପଣାର କୁଟୀରକୁ ଧୀର ପଦକ୍ଷେପରେ ଫେରିଆସିଲେ ।

ଯେତେବେଳେ ସେ କୁଟୀର ମଧ୍ୟରେ ପ୍ରବେଶ କଲେ, ସେତେ-ବେଳେ ଚନ୍ଦ୍ରଲେଖା ସମ୍ପୂର୍ଣ୍ଣ ନିଦ୍ରିତା ଥିଲା । ତା'ର ରକ୍ତିମ ଚିବୁକ ଉପରେ ଅଶ୍ରୁଧାରା ଶୁଖି ଯାଇଛି; ମାତ୍ର ତା'ର ଚିହ୍ନ ସୁସ୍ପଷ୍ଟ ଥିଲା । ଚନ୍ଦ୍ରଲେଖାର ମସ୍ତକ ପାଖରେ କୁମାରଗିରି ଠିଆ ହେଲେ । ସେ ନଇଁପଡ଼ି ତା'ର ମୁଖ-ମଣ୍ଡଳକୁ ନିର୍ନିମେଷ ନୟନରେ ଦେଖିବାକୁ ଲାଗିଲେ । ସେ ଆହୁରି ନଇଁ ଆସି ଦେଖିଲେ ଯେ ଚନ୍ଦ୍ରଲେଖାର ଅଧର ବେନି ହସର ତରଙ୍ଗ ତଳେ ମନୋଜ୍ଞ ଦିଶୁଛି । ତାର ଅଧର ସହିତ ଆପଣା ଅଧର ସ୍ପର୍ଶ କଲେ । ......କିନ୍ତୁ ସ୍ପର୍ଶ କରିବା ସଙ୍ଗେ ସଙ୍ଗେ ସେ ଚମକି ପଡ଼ିଲେ......କେତେ ନିର୍ଜୀବ କେତେ ଶୀତଳ ନୁହେଁ ସେଇ ଅଧର !

କିଛି ସମୟ ଭାବି ଭାବି ସେ ଆସନ ଗ୍ରହଣ କରି ସମାଧିସ୍ଥ ହେବାର ପ୍ରଯତ୍ନ କଲେ; କିନ୍ତୁ ଧ୍ୟାନାବସ୍ଥିତ ହୋଇ ପାରିଲେ ନାହିଁ । ଭବିଷ୍ୟତରେ ଆପଣା ଉପରେ ବିଜୟ ପ୍ରାପ୍ତିର ଦୃଢ଼ ସଙ୍କଳ୍ପ କରି ସେ ଶୋଇବାକୁ ଚାଲିଗଲେ ।

Digitized by srujanika@gmail.com

ସପ୍ତଦଶ ପରିଚ୍ଛେଦ—

ଚିତ୍ରଲେଖା ସେଦିନ ଭୋରରୁ ଶଯ୍ୟା ତ୍ୟାଗ କରି ଦେଖିଲା ଯେ, କୁମାରଗିରି ନିଦ୍ରିତ । ଏହା ତାଙ୍କର ନିତ୍ୟ ନିୟମର ପ୍ରତିକୂଳ । ସେ ବାହାରକୁ ଚାଲି ଆସିଲା । ଶିର ବ୍ୟଥା ଓ ଆଳସ୍ୟ ମଧ୍ୟ ଅନୁଭବ କରୁଥିଲା । ଗତ ରାତିରେ ସେ ଅନେକ କୁ-ସ୍ୱପ୍ନ ଦେଖିଛି...... ।

ସେତେବେଳେ ସୂର୍ଯ୍ୟୋଦୟ ହେଲା । ପ୍ରାତଃକାଳୀନ କଳରବ ମନ୍ଦ ମନ୍ଦ ପବନ ଦେହରେ ମୁଖରିତ ହେଲା । ଚିତ୍ରଲେଖା ବାହାରକୁ ଆସି ଦେଖିଲା......ବିଶାଳଦେବ ବଟବୃକ୍ଷ ସମୀପରେ ବସି ଆରାଧନା ରତ । ବାହାରେ ଠିଆ ହୋଇ ଚିତ୍ରଲେଖା ଭାବିବାକୁ ଲାଗିଲା, କୁମାରଗିରିଙ୍କ ପାଖରେ ରହିବା ତା ପକ୍ଷରେ ଉଚିତ ନା ନୁହେଁ । ଏହି ସମସ୍ୟାର ସମାଧାନ ପାଇଁ ସେ ଚିନ୍ତିତା ଥିଲା । କିନ୍ତୁ ସେ ବର୍ତ୍ତମାନ ଯିବ କୁଆଡ଼େ ? କେଉଁ ମୁହଁ ନେଇ ସେ ବୀଜଗୁପ୍ତ ପାଖକୁ ଯିବ ? ଆଉ ଯଦି ବା ଯାଏ ତା'ହେଲେ କ'ଣ ବୀଜଗୁପ୍ତ ତା'କୁ ସ୍ୱୀକାର କରିନେବ ? ଏ ସବୁ ପ୍ରଶ୍ନର ଉତ୍ତର ପାଇବାକୁ ସେ ସମ୍ପୂର୍ଣ୍ଣ ଅସମର୍ଥ । ସେ ଧୀରେ ଧୀରେ ବିଶାଳଦେବ ପାଖକୁ ଆସିଲା । ଚିତ୍ରଲେଖା ପହଞ୍ଚିଲା ବେଳକୁ ବିଶାଳଦେବ ପ୍ରାତଃ ଆରାଧନା ସମାପ୍ତ କରି ସାରିଥିଲା । ସେ ଚିତ୍ରଲେଖାକୁ ଅଭିବାଦନ ଜଣାଇ କହିଲା—

"ଦେବୀ ! ନମସ୍କାର"

ଚିତ୍ରଲେଖା ଚମକି ପଡ଼ି ପ୍ରତି ନମସ୍କାର ଜଣାଇ ସେଠାରେ ହିଁ ନୀରବରେ ଠିଆହେଲା ।

Digitized by srujanika@gmail.com

ଶଶିଲେଖା ଆସୁଥିବା ଦେଖି ବିଶାଳଦେବ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲେ--

"ଦେଖ, ମୋତେ କିଛି କହିବାର ଅଛି ?"

'ହଁ', ଶଶିଲେଖା ଉତ୍ତର ଦେଲା......ଆଉ ଯାହା କହିବାର ଅଛି ତାହା ଅତି ମହତ୍ତ୍ୱପୂର୍ଣ୍ଣ ଓ ନିତାନ୍ତ ଆବଶ୍ୟକୀୟ । କିନ୍ତୁ ମୁଁ ତୁମକୁ ଏକଥା କହିବା ପୂର୍ବରୁ ତୁମକୁ ପ୍ରତିଜ୍ଞାବଦ୍ଧ କରିବାକୁ ଚାହୁଁଛି । ଯଦି ତୁମେ ମୋତେ ସାହାଯ୍ୟ କରିବାକୁ ଅସମ୍ମତ ହୁଅ, ତା'ହେଲେ ଅନ୍ତତଃ ମୋଠାରୁ ଯାହା ଶୁଣିବ ଅନ୍ୟ କାହା ଆଗରେ ପ୍ରକାଶ କରିବ ନାହିଁ । ଏଣୁ ତୁମକୁ ପ୍ରଥମେ ଶପଥ ନେବାକୁ ହେବ ।

"ମୁଁ ପ୍ରତିଜ୍ଞା କରୁଛି ।"

"ଭାବୁଛି ମୁଁ ଏଠାକୁ ଆସି ଭୁଲ କରିଛି ।" କିଛି ସମୟ ନୀରବ ରହି ଶଶିଲେଖା ପୁଣି କହିଲା—"ବିଶାଳଦେବ ! ମୁଁ ଉନ୍ନତ ହେବାକୁ ଆସିଥିଲି ମାତ୍ର ଦେଖୁଛି ମୋର ଏଠାରେ ଉନ୍ନତି ତ ନୁହେଁ ଅବନତି ।"

ବିଶାଳଦେବ ସ୍ମିତ ହାସ୍ୟ ଭିତରେ କହିଲେ—'ହୁଁ' ।

ବିଶାଳଦେବର ସ୍ମିତ ହାସ୍ୟ ଭିତରେ ଲୁକ୍କାୟିତ ବ୍ୟଙ୍ଗୋକ୍ତି ବେଶ ଲକ୍ଷ କରି ପାରିଥିଲା ଶଶିଲେଖା; ସେ ସେଥିରେ ଆଘାତ ପାଇ ପଚାରିଲା—

"ବିଶାଳଦେବ ! ତୁମେ ହସୁଛ, ଯେହେତୁ ତୁମେ ମୋ କଥାରେ ବିଶ୍ୱାସ କରୁନାହିଁ । ତୁମେ ସେ ଦିନ ରାତିରେ ମୋତେ କୁମାରଗିରିଙ୍କ ସହିତ ଦେଖିଛ । ଏଣୁ ତମ ଆଗରେ ସବୁ ସ୍ପଷ୍ଟ କରିଦେବା ଉଚିତ ହେବ । ମୁଁ ଏଠାକୁ ଯେଉଁ କାମ ନେଇ ଆସିଥିଲି ତାହା ମୁଁ କରି ପାରିବି ନାହିଁ । ଏଠାକୁ ଆସି ମୁଁ ଭୁଲ କରିଛି, ମୁଁ ଭ୍ରଷ୍ଟା ହୋଇଛି, ଆଉ ଅଧିକ ହେବାକୁ ମୁଁ ପ୍ରସ୍ତୁତ ନୁହେଁ । ଏହା ସଙ୍ଗେ ସଙ୍ଗେ ମୁଁ କୁମାରଗିରିଙ୍କୁ ମଧ୍ୟ ପଥ ଭ୍ରଷ୍ଟ କରୁଛି । ଏହା ମୋ ପକ୍ଷରେ ଏକ ବିରାଟ ପାପ । ତୁମେ କ'ଣ ମୋତେ ଏ ପାପରୁ ମୁକ୍ତ କରିବାକୁ ସାହାଯ୍ୟ କରିବ ନାହିଁ ?"

"ମୁଁ ପ୍ରସ୍ତୁତ !"

Digitized by srujanika@gmail.com

"ତୁମେ ଆର୍ଯ୍ୟ ଚାଣକ୍ୟଗୁପ୍ତଙ୍କର ଭବନ ତ ଦେଖିଛ ?"

"ହଁ ।"

"ତାଙ୍କର ପାଖରେ ଶ୍ୱେତାଙ୍କ ନାମରେ ଏକ ଯୁବକ ଅଛି । ତୁମେ କେବଳ ତାଙ୍କୁ ହିଁ କହିବ ଯେ, ମୁଁ ତାଙ୍କୁ ସାକ୍ଷାତ କରିବାକୁ ଚାହୁଁଛି ।"

ସେତେବେଳେ କୁମାରଗିରି କୁଟୀରରୁ ବାହାରକୁ ଆସିଲେ । ତାଙ୍କୁ ଦେଖି ଉଭୟଙ୍କର ବାର୍ତ୍ତାଳାପ ବନ୍ଦ ହୋଇଗଲା । କୁମାରଗିରି ଠିକ୍ ଏକ ଅପରାଧୀ ପରି ଉଭୟଙ୍କ ମଝିରେ ଠିଆ ହେଲେ । ତିନହେଁ ଅନେକ ସମୟଧରି ମୌନ ରହିଲେ । ଶେଷରେ ନିସ୍ତବ୍ଧତା ଭଙ୍ଗ କରି କୁମାରଗିରି କହିଲେ—"ଆଜ ମୁଁ ଅନେକ ସମୟଧରି ଶୋଇପଡ଼ିଲି"........."ମୁଁ ସେଥିପାଇଁ ଦୁଃଖିତ ।"

ତା'ପରେ କୁମାରଗିରି ସେଠାରୁ ଚାଲିଗଲେ । ବିଶାଳଦେବ କୁମାରଗିରିଙ୍କର ମୁଖମଣ୍ଡଳରେ ଏକ ବିଚିତ୍ର ପ୍ରକାର ଭାବର ପରିବର୍ତ୍ତନ ଦେଖିଥିଲା । ଏ ଅସ୍ୱାଭାବିକ ପରିବର୍ତ୍ତନରେ ସେ ଚକିତ ହୋଇ ପଚାରିଲା.........

"ଦେବୀ, ଗୁରୁଦେବ ଆଜ ଅସୁସ୍ଥ ?"

"ହଁ, ଗୁରୁଦେବ ଅସୁସ୍ଥ । ଆଉ ସେ ଅସୁସ୍ଥତାର କାରଣ କେବଳ ମୋର ଉପସ୍ଥିତି । ବିଶାଳଦେବ ! ତୁମକୁ ମୋତେ ସାହାଯ୍ୟ କରିବାକୁ ପଡ଼ିବ । ମୋ ପାଇଁ ନହେଲେ ମଧ୍ୟ ଅନ୍ତତଃ ତୁମର ଗୁରୁଦେବଙ୍କ ପାଇଁ ମୋତେ ସାହାଯ୍ୟ କରିବା ତୁମର କର୍ତ୍ତବ୍ୟ !"

"ମୁଁ ବର୍ତ୍ତମାନ ହିଁ ପାଟଳିପୁତ୍ର ଯିବି ।" ବିଶାଳଦେବ କହିଲା ।

କୁମାରଗିରି କୁଟୀରଠାରୁ ଅନେକ ଦୂରକୁ ଚାଲିଗଲେ । ସେ ସେଦିନ ସନ୍ଧ୍ୟା ପୂର୍ବରୁ ଆଉ ପ୍ରତ୍ୟାଗମନ କରି ନାହାନ୍ତି । ବିଶାଳଦେବ ପ୍ରାୟ ସନ୍ଧ୍ୟାରେ ପାଟଳୀପୁତ୍ରରୁ ଫେରିଆସି ଚନ୍ଦ୍ରଲେଖାକୁ ଆର୍ଯ୍ୟ ଚାଣକ୍ୟଗୁପ୍ତର କାଶୀ ଯାତ୍ରା କରିଥିବା ବିଷୟ ଜଣାଇଦେଲା ।

ଏ ଖବର ଶୁଣି ଚନ୍ଦ୍ରଲେଖା ଶ୍ରୀହତା ହୋଇପଡ଼ିଲା । ସେ ବିଶାଳଦେବକୁ କରୁଣ ଦୃଷ୍ଟିରେ ଚାହିଁ ରହିଲା । "ବିଶାଳଦେବ ! ଏବେ ଉପାୟ ?" ଚନ୍ଦ୍ରଲେଖା ପ୍ରଶ୍ନ କଲା ।

"କ'ଣ କରିବାକୁ ହେବ ମୁଁ ବୁଝିପାରୁ ନାହିଁ ଦେବୀ।"

"ତୁମେ କିଛି ବୁଝିପାରୁନ, ମୁଁ ବି ପାରୁନାହିଁ। ବଡ଼ ବିଚିତ୍ର ବିଧିର ଏ ବିଡ଼ମ୍ବନା"। ସେ ଅନେକ ସମୟ ଧରି ନୀରବରେ କ'ଣ ଭାବିବାକୁ ଲଗିଲ। ତା'ର ଶୂନ୍ୟଦୃଷ୍ଟି ଯେପରି ଆକାଶର ମହାଶୂନ୍ୟତାରେ କିଛି ଖୋଜୁଥିଲା।

"ବିଧିର ବିଡ଼ମ୍ବନା !·········ସମ୍ଭବତଃ ଏହା ଆମର ପାପର ଫଳ ଛଡ଼ା ଆଉ କ'ଣ ? ଗୋଟାଏ ଅଶ୍ରୁ ଥିଲା, ତା'କୁ ଲୁଡ଼ଦେଇଛି। ମୁଁ ବୀଜଗୁପ୍ତଙ୍କୁ ତ୍ୟାଗ କଲି କାହିଁକି ? ମୁଁ ଏଠାକୁ ଜ୍ଞାନ ପ୍ରାପ୍ତିର ଆଶାରେ ଆସିଥିଲି—ଏହା କ'ଣ ଜ୍ଞାନ ? ଭଗବାନ ମୋତେ କ'ଣ ଜ୍ଞାନ ଦେଉଛନ୍ତି ? ଫେରେ ଏସବୁ କାହିଁକି ?—ବିଶାଳଦେବ ! ତୁମେ କିଛି କରି ପାରିବ ନାହିଁ। ଗୁରୁଦେବ ମଧ୍ୟ କିଛି କରି ପାରିବେ ନାହିଁ, ମୁଁ ନିଜେ ମଧ୍ୟ କିଛି ପାରୁ ନାହିଁ, ଆଉ ସମ୍ଭବତଃ ସ୍ୱୟଂ ଭଗବାନ ମଧ୍ୟ କିଛି କରି ପାରିବେ ନାହିଁ। ଯାହା ହେବାର ଅଛି ତାହା ନିଶ୍ଚୟ ହେବ।" ସେତେବେଳେ ଆଖି ତା'ର ଛଳ ଛଳ ହୋଇ ଉଠୁଥିଲା, ତା'ର ମୁଖମଣ୍ଡଳ ବିକୃତ ଦେଖାଯାଉଥିଲା।

ବିଶାଳଦେବ ଚନ୍ଦ୍ରଲେଖାର ଏଇ ବିଚିତ୍ର ଭାବ ପରିବର୍ତ୍ତନରେ ଖିନ୍ନ ହୋଇ କୋମଳ ଗଳାରେ ପଚାରିଲା—

"ଦେବୀ, ତୁମର ଗତ ଜୀବନକୁ ତୁମେ ଫେରି ଯାଇ ପାରିବ ନାହିଁ ?"

ଚନ୍ଦ୍ରଲେଖା ହସି ଉଠିଲା—

"ଗତ ଜୀବନକୁ ଫେରି ଯାଇପାରିବ ନାହିଁ ? ମୂର୍ଖଙ୍କପରି ପଚାରୁଛ ବିଶାଳଦେବ ! ମୁଁ ଅନେକ ଆଗକୁ ଆସିଛି, ପଛକୁ ଫେରି ଯିବାର ନୁହେଁ। ପଛକୁ ଫେରି ଯିବା ଭୀରୁତା······ପ୍ରାକୃତିକ ନିୟମର ପ୍ରତିକୂଳ ମାତ୍ର; ସଂସାରେ କିଏ ପଛକୁ ଫେରିଯାଇଛି ନା କିଏ ବା ଫେରିବାକୁ ସମର୍ଥ ହୋଇଛି ? ମନୁଷ୍ୟ ପ୍ରତି ପଲକରେ ଅଗ୍ରଗାମୀ ହୋଇ ମୃତ୍ୟୁର ସମ୍ମୁଖୀନ ହେଉଛି। ଯଦି ସେ ପଛକୁ ଫେରି ପାରୁଥାଆନ୍ତା ତାହାହେଲେ ସେ ହୁଏତ ଅମର ହୋଇଯାଆନ୍ତା। କେବଳ ମାତ୍ର ଆଗକୁ ······ଆଗକୁ········ ହେଉନା ପାପ······ହେଉନା ସେ ପୁଣ୍ୟ। ବୁଝିଲ।" ଏତିକି କହି

Digitized by srujanika@gmail.com

ଚନ୍ଦ୍ରଲେଖା ସେ ସ୍ଥାନରୁ ଚାଲିଗଲା । ବିଶାଳଦେବ ମୁଗ୍ଧ ଆଖିରେ ଚାହିଁରହିଲା ସେହି ଜୀବନ୍ତ ଚଳନ୍ତ ପ୍ରତିମାକୁ ।

ଚନ୍ଦ୍ରଲେଖା କିଛି ଦୂରରେ ଲତାକୁଞ୍ଜ ପାଖରେ ଗୁରୁଦେବଙ୍କୁ ଦେଖି ତାଙ୍କ ଆଡ଼କୁ ଅଗ୍ରସର ହେଲା । ହଠାତ୍ ଚନ୍ଦ୍ରଲେଖାକୁ ଦେଖି କୁମାରଗିରି ଠିଆ ହେଲେ । ଚନ୍ଦ୍ରଲେଖା ପଚାରିଲା—

"ଆଜ ସାରାଦିନ ଗୁରୁଦେବ କୁଟୀରରେ ପଦାର୍ପଣ କଲେ ନାହିଁ କାହିଁକି ?"

"ଯାଇନି......ଠିକ୍ କହୁଛ ନର୍ତ୍ତକୀ—କୁଟୀରକୁ ଯିବା—ଓଃ କେଡ଼େ ଭୟାନକ ନୁହେଁ ?"

"ହଁ ନିଶ୍ଚୟ, କିନ୍ତୁ ତା'ର ଉପାୟ ?"

"ଉପାୟ ? ...କେବଳ ମାତ୍ର ଗୋଟିଏ ଉପାୟ ଅଛି, ତାହା ତୁମେ ଜାଣ । ମୁଁ ସାକାର ପୂଜାରେ ବିଶ୍ୱାସ କରି ବସିଛି । ଏହି ସାକାରର ଉପାସନା ତୁମର ସହାୟତା ବିନା ଅସମ୍ଭବ ।"

"ସାକାରର ଉପାସନା ସମ୍ପୂର୍ଣ୍ଣ ଭ୍ରମ ।"

"ଏହା ନିର୍ଣ୍ଣୟ କରିବା ତୁମର କାର୍ଯ୍ୟ ନୁହେଁ ନର୍ତ୍ତକୀ ? ତୁମେ ମୋର ଶିଷ୍ୟା, ତୁମର କର୍ତ୍ତବ୍ୟ ଯେ ତୁମେ ମୋର ଆଦେଶ ପାଳନ କରିବ ।" କୁମାରଗିରି ଦୃଢ଼ ସ୍ୱରରେ କହିଲେ ।

ଏ କଥାରେ ଚନ୍ଦ୍ରଲେଖା ଆଦୌ ବିଚଳିତ ହେଲା ନାହିଁ—ସେ ଠିକ୍ ସେହି ଦୃଢ଼ ଗଳାରେ କହିଲା—

"ଯୋଗୀ ! ଆପଣାକୁ ଭୁଲିଯିବା ଉଚିତ ନୁହେଁ । ତୁମ ଆଗରେ ଯେ ସ୍ତ୍ରୀ ଉପସ୍ଥିତା ସେ ଏତେ ଅସହାୟା ନୁହେଁ, ଯାହାର ତୁମେ ତା'ଉପରେ ଶାସନ କରିବାକୁ ସମର୍ଥ ହେବ । ତୁମେ ଭାବୁଛ ଯେ ମୋତେ ଦୀକ୍ଷା ଦେଇଛ । ତାହା ତୁମର ଭ୍ରମ । ତୁମେ ନିଜକୁ ହିଁ ପ୍ରତାରଣା କରୁଛ । କାହାକୁ ତୁମେ ଆଦେଶ ଦେଉଛ ? ତୁମେ ଯାହାକୁ ଦୀକ୍ଷିତା କରିଛ ବୋଲି ଭାବୁଛ; ତୁମେ ସମ୍ପୂର୍ଣ୍ଣରୂପେ ତା'ର ଦାସ ହୋଇ ସାରିଛ ।"

କୁମାରଗିରି ନିସ୍ତେଜ ହୋଇ ବସିଗଲେ । ବସୁବସୁ ସେ କରୁଣ କଣ୍ଠରେ କହିଲେ —

Digitized by srujanika@gmail.com

"ନର୍ତ୍ତକୀ, ମୁଁ ତୋତେ ପ୍ରେମ କରେ ।"

ଚିତ୍ରଲେଖା ଏ'କଥାରେ ହସୁଥିଲା ।

"ମୁଁ ଜାଣେ ଯେ ତୁମେ ମୋତେ ପ୍ରେମ କର । କିନ୍ତୁ ମୁଁ ତ କରେ ନ ? କୌଣସି ଏକ ସମୟରେ କିଛିକ୍ଷଣ ପାଇଁ ତୁମ ଉପରେ ମୋର ଆଧିପତ୍ୟ ବିସ୍ତାର କରିବାର ଇଚ୍ଛା ଅବଶ୍ୟ ହୋଇଥିଲା । ମୁଁ ତା'ର ପ୍ରଯତ୍ନ କରି ସଫଳ ମଧ୍ୟ ହେଲି । ମାତ୍ର ତାହା କିଛି ନୁହେଁ । ପୁରୁଷ ଉପରେ ଆଧିପତ୍ୟ ଚଳାଇବା ସ୍ତ୍ରୀ ପକ୍ଷରେ ପ୍ରେମର କାରଣ ନୁହେଁ, ଶାସନ କରିବା ଉଦ୍ଦେଶ୍ୟରେ ପ୍ରକୃତି ସ୍ତ୍ରୀକୁ ସୃଷ୍ଟି କରିନି । ଶାସିତା ହେବାକୁ ହିଁ ସେ ସ୍ରଷ୍ଟା । ତାହା ପୁଣି ଆତ୍ମ ସମର୍ପଣ ! ସ୍ତ୍ରୀ ପକ୍ଷରେ ତାଠାରୁ ବଳହୀନ ପୁରୁଷକୁ ପ୍ରେମ କରିବା ଏକାନ୍ତ ଅସମ୍ଭବ । ସେ ଯା'ଉପରେ ଥରେ ଆଧିପତ୍ୟ ବିସ୍ତାର କରିନେଇଛି ସେ ତା'ର ପ୍ରେମର ଅଧିକାରୀ ହୋଇପାରି ନାହିଁ । କେବଳ ଆତ୍ମସମର୍ପଣ ହିଁ ସ୍ତ୍ରୀର କ୍ଷେତ୍ର—ଆପଣାର ଅସ୍ତିତ୍ୱକୁ ଆପଣାର ପ୍ରେମିକର ଅସ୍ତିତ୍ୱ ସହିତ ମିଳିତ କରିବା—ଏଣୁ ସ୍ତ୍ରୀ କେବଳ ସେପରି ଜାତିକୁ ହିଁ ଭଲ ପାଏ ଯେ କି ତା'ଉପରେ ବିଜୟୀ ହେବାର ଶକ୍ତି ଅଛି । ଯେ ତା'ଉପରେ ଆଧିପତ୍ୟ ବିସ୍ତାର କରିବାର ଯୋଗ୍ୟତା ରଖି ପାରେ । ବିଜୟୀ ହେବାର ଗର୍ବ କେବଳ ପୁରୁଷର ମାତ୍ର, ସ୍ତ୍ରୀର ଗର୍ବ ଆତ୍ମସମର୍ପଣରେ । ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ବିପରୀତ ଘଟିଛି । ଏଠାରେ ଦାସ ତୁମେ ଓ ମୁଁ ସ୍ୱାମିନୀ ରୂପରେ ରୂପାନ୍ତରିତ । ମୁଁ ବିଜୟିନୀ ହୋଇଛି ଆଉ ତୁମେ ଆତ୍ମସମର୍ପଣ କରିଛ । ତୁମର ଆଉ କି ଅଧିକାର ଅଛି, ଯେ ତୁମେ ମୋର ପ୍ରଣୟ ଚାହୁଁଛ ।"

ଯୋଗୀ କୁମାରଗିରି ମୌନ ରହି ସବୁ କଥା ଶୁଣିଗଲେ । ନର୍ତ୍ତକୀ ଯାହା କହିଲା ତାହା କଠୋର ହେଲେ ମଧ୍ୟ ସତ୍ୟ । ସେ ଏଥିରେ ନିଜ ଦୁର୍ବଳତାର ଅନୁଭବ କରୁଥିଲେ । ସେ ନିଜର ପରାଜୟର ବିକଟାଳ ରୂପକୁ ଦେଖୁଥିଲେ । ସେ କିଛି ସମୟ ମାଳେ କାଠ ଖମ୍ବ ଠିଆ ହେଲେ । ତାଙ୍କର ମୁଖମଣ୍ଡଳର ମଳିନତା ଧୀରେ ଧୀରେ ଲୁପ୍ତ ହେଉଥିଲା । ଆଖିର ଜ୍ୟୋତି ଫେରି ଆସୁଥିଲା ।

"ଠିକ୍ କହୁଛ, ମୁଁ ତୁମ ପାଖରେ ଆତ୍ମସମର୍ପଣ କରିଛି । ମୁଁ ତୁମଠାରୁ ନିର୍ବଳ ବୋଲି ପ୍ରମାଣିତ ହୋଇଛି । ତୁମଦ୍ୱାରା ଭଗବାନ ମୋର

Digitized by srujanika@gmail.com

ଅଭିମାନକୁ ଚୂର୍ଣ୍ଣ କରିଦେଇଛନ୍ତି ଓ ମୋତେ ମୋର ଦୁର୍ବଳତାର ଆଭାସ ଦେଇଛନ୍ତି । ମୋର ଆଗାମୀ କାର୍ଯ୍ୟକ୍ରମ କ'ଣ ମୁଁ ନିଷ୍ପତ୍ତି କରିନେଇ ସାରିଛି । ମୁଁ ତୁମ ଉପରେ ଅବଶ୍ୟ ବିଜୟ ପ୍ରାପ୍ତ ହେବି—ପ୍ରେମ ପାଇଁ ନୁହେଁ—କେବଳ ତୁମ ଉପରେ ବିଜୟ ପ୍ରାପ୍ତ ପାଇଁ ନିଜକୁ ପତନରୁ ଉତ୍ଥାନ କରିବାକୁ । ବିଶ୍ୱାସ କର, ତୁମେ ଭବିଷ୍ୟତରେ ଯୋଗୀ କୁମାରଗିରିଙ୍କଠାରୁ ଏପରି ଦୁର୍ବଳତାର ପରିଚୟ ପାଇବ ନାହିଁ ।"

ଚନ୍ଦ୍ରଲେଖା ଗମ୍ଭୀର ହୋଇ କହିଲା —"ସେଥିରେ ଗୁରୁଦେବଙ୍କୁ ମୁଁ ସାହାଯ୍ୟ କରିବାକୁ ଚାହୁଁଛି ।"

"କିପରି ?"

"ମୁଁ ଗୁରୁଦେବଙ୍କର ଆଶ୍ରମ ତ୍ୟାଗ କରିବାକୁ ଚାହେଁ । ମୁଁ ଅନୁଭବ କରୁଛି ଯେ ମୋର ଉପସ୍ଥିତି କେବଳ ଗୁରୁଦେବଙ୍କ ପଥରେ ଏକ କଣ୍ଟକ । ମୁଁ ଏଠାରେ ପାପ କରୁଛି ।"

"ଅସମ୍ଭବ, ଏକାନ୍ତ ଅସମ୍ଭବ ନର୍ତ୍ତକୀ ! ତୁମେ ମୋର ଆଶ୍ରମ ତ୍ୟାଗ କରି ପାରିବ ନାହିଁ । ତୁମେ ଯଦି ଚାଲିଯାଅ ତେବେ ମୁଁ କାହା ଉପରେ ବିଜୟ ପ୍ରାପ୍ତ ହେବି ? ତମକୁ ମୋ ସାଥିରେ ରହିବାକୁ ହିଁ ପଡ଼ିବ ।"

"ଯୋଗୀ ! ତୁମର ମୋ ଉପରେ ବିଜୟ ପ୍ରାପ୍ତିର ଆବଶ୍ୟକତା ନାହିଁ । ତୁମ ନିଜ ଉପରେ ହିଁ ତୁମର ବିଜୟ ପ୍ରାପ୍ତିର ଆବଶ୍ୟକତା । ମୋର ଉପସ୍ଥିତିରେ ତୁମର ସଫଳହେବା ସମ୍ପୂର୍ଣ୍ଣ ଅସମ୍ଭବ । ମୋତେ ଚାଲିଯିବାକୁ ଆଦେଶଦେବା ହିଁ ତୁମର ମଙ୍ଗଳ ।"

କୁମାରଗିରିଙ୍କର ମୁଖମଣ୍ଡଳ ରକ୍ତାଭ ହୋଇ ଉଠିଲା······ସେ ତା'ର କଥାରେ ବାଧାଦେଇ କହିଲେ

"ନା, ନର୍ତ୍ତକୀ ! ତୁମକୁ ମୋ ପାଖରେ ହିଁ ରହିବାକୁ ପଡ଼ିବ । ମୋତେ ତୁମେ ଅନେକ ବେଶୀ ଦୁର୍ବଳ ବୋଲି ଧରିନେଇଛ । ତୁମେ ଚାଲିଗଲେ ମୋ ଭିତରେ ବିରୋଧ ଭାବନା ରହିବ ନାହିଁ, ତେବେ ମୁଁ ବିଜୟୀ ବା ହେବି କିପରି ? ମୋ ନିଜ ଉପରେ ମୁଁ ବିଜୟ ପ୍ରାପ୍ତ ହେବାର ଆବଶ୍ୟକତା ଥିଲା । ସେଇ ହେତୁରୁ ଈଶ୍ୱର ତମକୁ ମୋଠାକୁ ପଠାଇଛନ୍ତି । ମୋର ବିଫଳ ହୋଇଛି-- ମୁଁ ଯେଉଁ ଦିନ ପର୍ଯ୍ୟନ୍ତ ସଫଳ ହୋଇ ନାହିଁ ମୁଁ ତମକୁ ଛାଡ଼ି ଦେଇପାରିବି ନାହିଁ ।"

Digitized by srujanika@gmail.com

"ଯିବାକୁ ଦେବ ନାହିଁ ? ତୁମେ କ'ଣ ମୋତେ ବାଧ କରି ପାରିବ ?"

"ନା, ମୁ ତୁମକୁ ବାଧ କରି ପାରିବି ନାହିଁ, ସମ୍ଭବତଃ ଏ ସଂସାରରେ କେହିହେଲେ ତୁମକୁ ବାଧ କରି ପାରିବେ ନାହିଁ । ନିର୍ବଳ ସବଳର ଗତିରୋଧ କରିପାରେ :—ଅସମ୍ଭବ, ସଂପୂର୍ଣ୍ଣ ଭ୍ରାନ୍ତ । ମୁଁ କେବଳ ତୁମକୁ ପ୍ରାର୍ଥନା ହିଁ କରିବି—ଆଗ୍ରହ ପ୍ରକାଶ କରିପାରିବି—ଅନୁରୋଧ କରି ପାରିବି । ତୁମେ ଅବଶ୍ୟ ଏହା ସ୍ୱୀକାର କରିବ ଯେ ତୁମେ ହିଁ ମୋର ଅଧଃପତନ କରିଛ ।"

"ମୁଁ ନୁହେଁ, ତୁମେ ନିଜେ ହିଁ ଏଥିପାଇଁ ଦାୟୀ । ଏ ପତନରେ ଅବଶ୍ୟ ମୋ'ର ହାତ ଅଛି ।"

"ଠିକ୍ କଥା, ମୁଁ ନିଜେ ହିଁ ନିଜକୁ ପତିତ କରିଛି । ମୁଁ ନିଜେହିଁ ନିଜକୁ ଉତ୍ଥିତ କରିପାରିବି । ତୁମେ ଯେମିତି ମୋର ପତନର ଏକ କାରଣ ହୋଇଥିଲ, ସେମିତି ମୋର ଉତ୍ଥାନରେ ବି କାରଣ ହେବା ତମର କର୍ତ୍ତବ୍ୟ ନୁହେଁକି ?"

ଚିତ୍ରଲେଖା ନତମସ୍ତକ ହୋଇ ଉତ୍ତର ଦେଲା—"ହଁ ।"

"ତାହେଲେ ତୁମେ ମୋର ପ୍ରାର୍ଥନା ସ୍ୱୀକାର କରୁଛ ? ତୁମେ କ'ଣ ମୋର ଏ ସାଧନା ସଂପୂର୍ଣ୍ଣ ହେବା ଯାଏ ଏଠାରେ ଅବସ୍ଥାନ କରି ପାରିବ ନାହିଁ ?"

ଚିତ୍ରଲେଖା କିଛି ସମୟ ପାଇଁ ନୀରବ ରହିଲା, ତା'ପରେ ସେ କୋମଳ କଣ୍ଠରେ ପଚାରିଲା—"ଯୋଗୀ, ଏଥିପାଇଁ ତୁମେ କେତେ ସମୟ ଚାହୁଁଛ ?"

"ସମୟ ? ଯଦି ମୁଁ ବିଜୟୀ ହେଲି ତା'ପରେ ତୁମର ଏଠାରେ ରହିବାରେ ଆପତ୍ତି ବା କ'ଣ ଅଛି ? ମୁଁ ଧରିନେବି ଯେ ମୋର ମାର୍ଗ ସଂପୂର୍ଣ୍ଣ ଠିକ୍ । ତା'ପରେ ତୁମେ ଉଚିତ ମାର୍ଗରେ ଅନୁସରଣ କରିବାର ଅବସର ପାଇବ ।"

"ଅସମ୍ଭବ—ମୁଁ ତୁମର ମାର୍ଗାନୁଗାମିନୀ ହୋଇ ପାରିବି ନାହିଁ । କିନ୍ତୁ ବର୍ତ୍ତମାନ ପାଇଁ ମୁଁ ରହୁଛି । ଯିବାର ଇଚ୍ଛା ହେଲେ କହିବି । ସେତେବେଳେ ମୋତେ କେହି ବାଧା ଦେଇପାରିବେ ନାହିଁ ।"

Digitized by srujanika@gmail.com

ଅଷ୍ଟାଦଶ ପରିଚ୍ଛେଦ—

ଚନ୍ଦ୍ରଲେଖା ବାଳଗୁପ୍ତର ଅନିଚ୍ଛା ସତ୍ତ୍ୱେ ତା'ର ଜୀବନରୁ ଚାଲି ଯାଇଥିଲା କିନ୍ତୁ ଯଶୋଧରା ତା'ର ବିନା ଇଚ୍ଛାରେ ବାଳଗୁପ୍ତର ଜୀବନକୁ ଆସିଯାଉଥିଲା । ବାଳଗୁପ୍ତ ହସି ଉଠୁଥିଲା—ଜୀବନର ଗତି ତା ସମ୍ମୁଖରେ ଏକ ସମସ୍ୟା ।

କାଶୀର ଜନକୋଳାହଳ ଭିତରେ ବାଳଗୁପ୍ତ ତା' ଅନ୍ତରର ବ୍ୟଥାକୁ ଭୁଲିଯିବାର ପ୍ରୟାସ ତଥା ଆଶା ରଖିଥିଲା । ମାତ୍ର ତାହା ନ ହୋଇ କେବଳ ବ୍ୟଥାର ରୂପ ପରିବର୍ତ୍ତନ ହୋଇଥିଲା । ସ୍ମୃତିପଟ ପରେ ତା' ଆଗରୁ ଚନ୍ଦ୍ରଲେଖାର ଛବି ଅପସରି ଯାଇ ଯଶୋଧରା ଆସୁଥିଲା । ଦୁଃଖର ସ୍ଥାନ ସୁଖର କମ୍ପନରେ ରୂପାନ୍ତରିତ ହେଉଥିଲା । ଅବଶ୍ୟ ବାଳଗୁପ୍ତର କାଶୀ ଆସିବା ପ୍ରାୟ ଏକ ସପ୍ତାହ ହୋଇଗଲାଣି ।

ସେଦିନ ସନ୍ଧ୍ୟାରେ ସମସ୍ତେ କାଶୀର ମନୋରମ ଦୃଶ୍ୟର ବର୍ଣ୍ଣନାରେ ବ୍ୟାପୃତ ଥିଲେ । ମୃତ୍ୟୁଞ୍ଜୟ କହିଲେ—

"ମୋର ଇଚ୍ଛା ହେଉଛି ମୁଁ କାଶୀରେ ହିଁ ଶେଷ ଜୀବନ ଯାଏଁ ରହିଯାଆନ୍ତି । ବର୍ତ୍ତମାନ ସୁଦ୍ଧା ମୋର ଗୃହଜଞ୍ଜାଳ ଯାଇନାହିଁ ।" ଏତିକି କହି ମୃତ୍ୟୁଞ୍ଜୟ ବାଳଗୁପ୍ତକୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲେ ।

ବାଳଗୁପ୍ତ ମୃତ୍ୟୁଞ୍ଜୟଙ୍କର କଥାର ଅର୍ଥ ବୁଝି ନ ପାରିଲାପରି କହିଲା ।

"ଆର୍ଯ୍ୟ ! ରତି ଓ ବିରତି, ଅନୁରାଗୀ ଓ ବିରାଗୀ, ତଥା ଗୃହସ୍ଥ ଓ ସନ୍ନ୍ୟାସ ମଧ୍ୟରେ ପ୍ରଭେଦ ଅତି କମ୍ ।" ବାଳଗୁପ୍ତ ପୁନର୍ବାର

Digitized by srujanika@gmail.com

କହିଲା—"ଆପଣ ମୋ କଥାରେ ଆଶ୍ଚର୍ଯ୍ୟ ତଥା ଅବିଶ୍ୱାସ କରି ପାରନ୍ତି । ମାତ୍ର ମୁଁ ଯାହା କହୁଛି ତାହା ସତ୍ୟ ।"

ଶ୍ୱେତାଙ୍କୁ ଏକ ସୁ-ଅବସର ମିଳିଗଲା । ସେ ମୃତ୍ୟୁଞ୍ଜୟଙ୍କର ପକ୍ଷ ସମର୍ଥନ କରି କହିଲା—

"ସ୍ୱାମୀ ! ସତ୍ୟ କ'ଣ ତାହା କେବେ କାହାକୁ ଜଣା ଯାଇଛି କି ? ପରିସ୍ଥିତିର ଅନୁକୂଳତାର ଅନ୍ୟ ନାମହିଁ ସତ୍ୟ ! ଏବଂ ପରିସ୍ଥିତି ସବୁ ସମୟରେ ଏକ ନୁହେଁ ।"

ମୃତ୍ୟୁଞ୍ଜୟ ହସୁଥିଲେ । ସେ କହିଲେ—"ବତ୍ସ ଶ୍ୱେତାଙ୍କ ! ତୁମେ ଯାହା କହୁଚ ତାହା ସତ୍ୟ ହେଲେ ହେଁ ବର୍ତ୍ତମାନର ପ୍ରଶ୍ନ ଉପରେ କୌଣସି ଆଲୋକପାତ କରୁ ନାହିଁ ।" ତା'ପରେ ସେ ବୀଜଗୁପ୍ତ ଉଦ୍ଦେଶ୍ୟରେ କହିଲେ—"ଆର୍ଯ୍ୟ ବୀଜଗୁପ୍ତ ଆପଣଙ୍କର କଥାକୁ ଅଧିକ ସ୍ପଷ୍ଟ କରି କହି ପାରିବେ କି ?"

ବୀଜଗୁପ୍ତ ଶ୍ୱେତାଙ୍କର ଅସମୀଚୀନ ଉତ୍ତରରେ ମର୍ମାହତ ହୋଇ-ଯାଇଥିଲା । ସେ ଶୁଷ୍କ ସ୍ୱରରେ କହିଲା—

"କଥାଟି ସ୍ପଷ୍ଟ । ମନୁଷ୍ୟ ବାସ୍ତବରେ କେବେହେଲେ ବିରାଗୀ ହୋଇପାରିବ ନାହିଁ । ବିରାଗ ମୃତ୍ୟୁର କାରଣ । ଯାହାକୁ ସାଧାରଣତଃ ବିରାଗ ବୋଲି କୁହାଯାଏ ତାହା ଅନୁରାଗର କେନ୍ଦ୍ର ପରିବର୍ତ୍ତନର ଅନ୍ୟ ନାମ । ଅନୁରାଗ ଇଚ୍ଛା କରେ ଓ ବିରାଗ ତୃପ୍ତି ଦିଏ ।" ଅଚାନକ ବୀଜଗୁପ୍ତ ଯଶୋଧରା ଆଡ଼କୁ ଦୃଷ୍ଟି ନିକ୍ଷେପ କଲା । ଚାରି ଚକ୍ଷୁର ମିଳନ ହେଲା ।

କିଛି ସମୟ ପାଇଁ ସମସ୍ତେ ମୌନ ରହିଲେ । ସେ ମୌନତାରେ ଥିଲା ନିର୍ଜନତାର ଶୂନ୍ୟତା, ବିଷାଦର ଛାୟା । ଶ୍ୱେତାଙ୍କୁ ଛାଡ଼ିଦେଲେ କେହିହେଲେ କିଛି ଭାବୁ ନ ଥିଲେ । ଶ୍ୱେତାଙ୍କ ବୀଜଗୁପ୍ତର କଥନକୁ ଖଣ୍ଡନ କରି ସେ ଅପରାଧ କରିଛି । ସେଥିପାଇଁ ସେ ଦୁଃଖିତ ହେଉଥିଲା ।

ଯଶୋଧରା ଶ୍ୱେତାଙ୍କୁ ଦେଖିଲା । ତା'ର ମୁଖମଣ୍ଡଳ ମଳିନ ଥିଲା । ତା'ର ମୌନ ଭାବକୁ ବୁଝି ପାରି ଯଶୋଧରା ନୀରବତା ଭଙ୍ଗ କରି କହିଲା—

Digitized by srujanika@gmail.com

"ଆର୍ଯ୍ୟ ଶାଳଗୁପ୍ତ ! ଏଠାରେ ଆଉ କେତେ ଦିନ ରହିବା ପାଇଁ ସ୍ଥିର କରୁଛନ୍ତି ?"

"ମୁଁ ନିଶ୍ଚିତ ଭାବରେ କିଛି କହି ପାରୁନାହିଁ । ବେଳେବେଳେ ଇଚ୍ଛା ହେଉଛି କି ପାଟଳିପୁତ୍ର ଫେରିଯିବି ମାତ୍ର ପର କ୍ଷଣରେ ଏଠାରେ ଆଉ କିଛି ଦିନ ଅବସ୍ଥାନ କରିବାର ପ୍ରବଳ ଇଚ୍ଛା ମଧ୍ୟ ହେଉଛି ।" ତା'ପରେ ସେ ମୃତ୍ୟୁଞ୍ଜୟଙ୍କ ଉଦ୍ଦେଶ୍ୟରେ କହିଲି—

"ଆପଣ କେତେ ଦିନ ରହିବାର ବିଚାର କରୁଛନ୍ତି ?"

ମୃତ୍ୟୁଞ୍ଜୟ ଯଶୋଧରା ଆଡ଼କୁ ଦେଖି କହିଲେ—"ମୁଁ ଯଶୋଧରାର ଇଚ୍ଛାରେ ହିଁ ଆସିଛି—ଏଣୁ ମୋର ଯିବା କଥା ତା'ରି ଉପରେ ନିର୍ଭର କରେ ।"

ଶାଳଗୁପ୍ତ ଯଶୋଧରାକୁ ହସୁଥିବାର ଦେଖିଲି । ତା'ର ସ୍ମିତ ହାସ୍ୟରେ ଏକ ଅସାଧାରଣ ଐନ୍ଦ୍ରଜାଳିକ ଛବି ଥିଲି । ଆଜି ପ୍ରଥମ ଥର ପାଇଁ ଶାଳଗୁପ୍ତ ଯଶୋଧରାର ସୌନ୍ଦର୍ଯ୍ୟର ବାସ୍ତବରୂପ ଦେଖିପାରିଲି ଓ ଅନେକ ସମୟ ଧରି ଚାହିଁରହିଲି । ଯଶୋଧରା ମଧ୍ୟ ଶାଳଗୁପ୍ତକୁ ଏକ ଲୟରେ ଦେଖୁଥିଲି । ମୃତ୍ୟୁଞ୍ଜୟ ସେତେବେଳେ ବାହାରକୁ ଚାଲିଆସିଥିଲେ ।

ଶ୍ୱେତାଙ୍କୁ ଏସବୁ ଅସହ୍ୟ ବୋଧ ହେଉଥିଲି । ସେ କହିଲି— "ସ୍ୱାମୀ ! ଆଜି କ'ଣ ନଗର ପର୍ଯ୍ୟଟନରେ ଯିବା ନାହିଁ କି ?"

ଶାଳଗୁପ୍ତ ଶ୍ୱେତାଙ୍କର ପ୍ରଶ୍ନରେ ଚମକି ପଡ଼ି ହଠାତ୍ ଯଶୋଧରା ପାଖରୁ ଦୃଷ୍ଟି ଫେରାଇ ନେଲି । ଯଶୋଧରା ମଧ୍ୟ ସଙ୍ଗେ ସଙ୍ଗେ ଶ୍ୱେତାଙ୍କ ଆଡ଼କୁ ଆଖି ଫେରାଇ ଆଣିଲି । ଶାଳଗୁପ୍ତ ମୃତ୍ୟୁଞ୍ଜୟଙ୍କ ଉଦ୍ଦେଶ୍ୟରେ କହିଲେ—"ଆର୍ଯ୍ୟ ! ନଗର ପର୍ଯ୍ୟଟନରେ ଆଜି ଯିବା ନାହିଁ କି ?"

"ମୋର ଇଚ୍ଛା ହେଉ ନାହିଁ"......ମୃତ୍ୟୁଞ୍ଜୟ ଉତ୍ତର ଦେଲେ ।

ତା'ପରେ ଶ୍ୱେତାଙ୍କ ଯଶୋଧରାକୁ ପଚାରିଲି—"ଦେବୀ ଯଶୋଧରା ! ତୁମେ ଯିବ ?"

ସେ ହସି ହସି କୋମଳ କଣ୍ଠରେ ଉତ୍ତର ଦେଲି—"ଏଠାରେ ବସିରହି କ'ଣ ବା କରିବ ?"

Digitized by srujanika@gmail.com

ରାଜଗୁପ୍ତ କହିଲ—"ଯିବାକୁ ମୋର କିଛି ଇଚ୍ଛା ନାହିଁ ।"

"ଆର୍ଯ୍ୟ ଶ୍ୱେତାଙ୍କୁ ମୋ ସହିତ ଯିବାର ଅନୁମତି ଦେଇ ପାରିବେ ତ ?" ଯଶୋଧରା ରାଜଗୁପ୍ତକୁ ପଚାରିଲା ।

"ଅବଶ୍ୟ !" ଏହା ରାଜଗୁପ୍ତକୁ ତା'ର ଇଚ୍ଛା ବିରୁଦ୍ଧରେ କହିବାକୁ ପଡ଼ିଲା ।

ଯଶୋଧରା ଶ୍ୱେତାଙ୍କ ସାଥିରେ ଚାଲିଗଲା ।

ରାଜଗୁପ୍ତ ମୃତ୍ୟୁଞ୍ଜୟଙ୍କୁ ପଚାରିଲା—

"ଆପଣ କାଶୀରେ ଯଜ୍ଞ କରିବାର ପ୍ରସ୍ତାବ କରୁଥିଲେ । ସେ ସମ୍ପର୍କରେ କ'ଣ ଭାବୁଛନ୍ତି ?"

"କିଛି ଦିନ ପାଇଁ ଏ ପ୍ରସ୍ତାବ ସ୍ଥଗିତ ରଖିଛି । ଆର୍ଯ୍ୟ ରାଜଗୁପ୍ତ ! ମୁଁ ଗୋଟାଏ କଥା ବୁଝିପାରୁନି ଯଜ୍ଞରେ ବଳି ପ୍ରଦାନ ବାଦ ଦିଆଯାଇ ପାରିବ ନାହିଁ ?"

"କାହିଁକି ?" ରାଜଗୁପ୍ତ ହସୁଥିଲା—"ଆପଣ ବୁଦ୍ଧ ଭିକ୍ଷୁଙ୍କର କଥାରେ ପଡ଼ି ନାହାନ୍ତି ତ ?"

"ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଏତେ ରକ୍ତପାତରେ ଲାଭ କ'ଣ ? ଏ ରକ୍ତପାତ ଧର୍ମରେ ଗ୍ଲାନି ହିଁ ସୃଷ୍ଟି କରେ । ବୁଦ୍ଧଙ୍କର ପ୍ରଚାର ନିଶ୍ଚୟ ତଥ୍ୟ ପୂର୍ଣ୍ଣ ।"

"ସତ ମଧ୍ୟ ।" ଧୀର ଗଳାରେ ରାଜଗୁପ୍ତ ଉତ୍ତର ଦେଲା ।

କିଛି ସମୟ ପାଇଁ ଉଭୟେ ମୌନ ରହିଲେ—ତା'ପରେ ରାଜଗୁପ୍ତ ହଠାତ୍ ଉଠି କହିଲା—"ଆର୍ଯ୍ୟ ! ଏଠାରେ ବସି ରହିବାକୁ ଇଚ୍ଛା ହେଉ ନାହିଁ । ନଗର ଭ୍ରମଣ ଯିବାରେ ଆପଣଙ୍କର କିଛି ଆପତ୍ତି ଅଛି କି ?"

"ଯିବାକୁ ସେପରି କିଛି ବିଶେଷ ଇଚ୍ଛା ନ ଥିଲା । ଯଦି ଯିବାକୁ ଚାହାନ୍ତି ତେବେ ମୋର ଆପତ୍ତି କରିବାକୁ କ'ଣ ଅଛି ?"

ଉଭୟେ ନଗର ଭ୍ରମଣ ଉଦ୍ଦେଶ୍ୟରେ ବାହାରି ଚାଲିଗଲେ । ନଗରର କୋଳାହଳ ଛାଡ଼ି ଗଙ୍ଗା କୂଳରେ ଭ୍ରମଣ ପାଇଁ ରଥ ସେଇ ଆଡ଼କୁ ନେବାକୁ ମୃତ୍ୟୁଞ୍ଜୟ ନିର୍ଦ୍ଦେଶ ଦେଲେ । ନୌବିହାର ପାଇଁ ଗଙ୍ଗା କୂଳରେ ଅସଂଖ୍ୟ ନୌକା । ରାଜଗୁପ୍ତ ଦେଖିଲା ଯେ ଶ୍ୱେତାଙ୍କ

Digitized by srujanika@gmail.com

ଓ ଯଶୋଧର୍ମ ଗୋଟିଏ ନୌକାରେ ଠିକ୍ କୂଳ ଛାଡ଼ିବାକୁ ପ୍ରସ୍ତୁତ ଅଛନ୍ତି । ସେ ଉଚ୍ଚ ସ୍ୱରରେ ଡ଼ାକିଲେ—"ଶ୍ୱେତାଙ୍କ !"

ଶ୍ୱେତାଙ୍କର ଦୃଷ୍ଟି ସେତେବେଳେ ଗଙ୍ଗାର ବିଶାଳ ବକ୍ଷରେ ତରଙ୍ଗାୟିତ ନୌକାଗୁଡ଼ିକ ଉପରେ । ସେ ବାଜଗୁପ୍ତର ଡ଼ାକ ଶୁଣିପାରିଲା ନାହିଁ । ଯଶୋଧର୍ମ କହିଲେ —"ଦେଖନ୍ତୁ ବାପାଙ୍କ ସହିତ ଆର୍ଯ୍ୟ ବାଜଗୁପ୍ତ ଏଇ ଆଡ଼କୁ ଆସୁଛନ୍ତି ।"

ଶ୍ୱେତାଙ୍କ ଫେରି ଚାହିଁଲା—ସେତେବେଳେ ରଥରୁ ବାଜଗୁପ୍ତ ଓ ମୃତ୍ୟୁଞ୍ଜୟ ଅବତରଣ କରି ସାରିଛନ୍ତି । ବାଜଗୁପ୍ତର ଉପସ୍ଥିତି ଶ୍ୱେତାଙ୍କକୁ ଅଡ଼ୁଆ ବୋଧହେଲା, ତା'ର ମୁଖମଣ୍ଡଳ ବିକୃତ ହୋଇ ଉଠିଲା । ସେ ମନକୁ ମନ କିଛି ଅସ୍ପଷ୍ଟ ଗଳାରେ ଯାହା କହିଲା ତାହା ଆଂଶିକ ଭାବରେ ଯଶୋଧର୍ମ ଶୁଣି ଉତ୍ତର ଦେଲେ—"ଆର୍ଯ୍ୟ ଶ୍ୱେତାଙ୍କ ! ଜୀବନରେ ସଂଯମର ମଧ୍ୟ ଆବଶ୍ୟକତା ରହିଛି ।"

ଯଶୋଧର୍ମଙ୍କ ଗମ୍ଭୀର ଉକ୍ତିରେ ଶ୍ୱେତାଙ୍କ ଅପ୍ରସ୍ତୁତ ମନେ କରି, କହିଲା—

"ଦେବ, ସଂଯମ ଓ ପ୍ରଣୟ ଏ ଉଭୟେ ପରସ୍ପର ବିରୋଧୀ ।" ସେତେବେଳେ ବାଜଗୁପ୍ତ ଓ ମୃତ୍ୟୁଞ୍ଜୟ ସେମାନଙ୍କର ସମୀପବର୍ତ୍ତୀ ହୋଇ ସାରିଥିଲେ ।

ଶ୍ୱେତାଙ୍କର ମୁହଁରୁ ବର୍ତ୍ତମାନ ଯାଏ କ୍ଷୋଭ ମିଶ୍ରିତ ନିରାଶା ଭାବ ଦୂର ହୋଇ ନ ଥିଲା । ବାଜଗୁପ୍ତ ଶ୍ୱେତାଙ୍କର ମୁଖାଙ୍କିତ ଭାବକୁ ଲକ୍ଷ୍ୟ କରି ପାରିଥିଲା । ସେ କହିଲା—

"ଶ୍ୱେତାଙ୍କ ! ତୁମମାନଙ୍କର ଚାଲିଆସିବା ପରେ ଆମର ସେଠାରେ ବସି ରହିବାର ଇଚ୍ଛା ହେଲା ନାହିଁ । ତେଣୁ ଆମେ ମଧ୍ୟ ଚାଲି ଆସିଲୁ ।"

ଏକ ଶୁଷ୍କ ହସ ଭିତରେ ଶ୍ୱେତାଙ୍କ ଉତ୍ତର ଦେଲା—

"ମୁଁ ତ ପ୍ରଥମରୁ ଅନୁରୋଧ କରିଥିଲି ।"

ସମସ୍ତେ ନୌକାରେ ଉପବେଶନ କଲେ । ଗଙ୍ଗାର ସ୍ଥିର-ଜଳପ୍ରବାହ ଭିତରେ ଧୀରେ ଧୀରେ ନୌକା ଚାଲିଲା । ଅସଂଖ୍ୟ ନୌକାର ସନ୍ନିବେଶ ମନମୁଗ୍ଧ କରୁଥିଲା ।

Digitized by srujanika@gmail.com

ଯଶୋଧର ପଚାରିଲେ "ଆର୍ଯ୍ୟ ଶ୍ୱେତାଙ୍କ ! ଆପଣଙ୍କୁ ପାଟଳିପୁତ୍ର ଭଲ ଲାଗୁଛି କି ନା କାଶୀ ?"

ଶ୍ୱେତାଙ୍କ ଅନେକ ସମୟ ଚିନ୍ତା କରି ଉତ୍ତର ଦେଲେ—

"ମୋତେ ପାଟଳିପୁତ୍ର ହିଁ ଭଲ ଲାଗେ କାରଣ ପାଟଳିପୁତ୍ରର ଐଶ୍ୱର୍ଯ୍ୟ ଏଠାରେ ନାହିଁ । କାଶୀ ବିଦ୍ୟାପୀଠର କେନ୍ଦ୍ର ।"

"ଆଉ ଆର୍ଯ୍ୟ ବୀଜଗୁପ୍ତ ! ଆପଣଙ୍କୁ ?"

"ଆଜ କାଲି ମୋତେ କାଶୀ ହିଁ ରମଣୀୟ ମନେ ହେଉଛି ।"

"ଆଜ କାଲି କାହିଁକି ?"

"ଦେଖ ଯଶୋଧର ! କୌଣସି ସ୍ଥାନକୁ ଭଲ ପାଇବା ପରିସ୍ଥିତିର ଅନୁକୂଳତା ଉପରେ ନିର୍ଭର କରେ । ଆମେ ତ ସ୍ଥାନକୁ ପସନ୍ଦ କରୁନା, କାରଣ ତାହା ଏକ ଜଡ଼ବସ୍ତୁ । ସ୍ଥାନର ବାତାବରଣକୁ ହିଁ ପସନ୍ଦ କରୁ— ଯାହା ଆମର ଅଭ୍ୟାସଗତ । ପ୍ରତ୍ୟେକ ମନୁଷ୍ୟକୁ ସେହି ସ୍ଥାନ ଅଧିକ ପ୍ରିୟ ଲାଗେ ଯେଉଁଠାରେ ତା'ର ଲାଳନ ପାଳନ ହୋଇଛି । ସର୍ବଦା କୌଣସି ଏକ ସ୍ଥାନରେ ରହିବା ଫଳରେ ସେଠାରେ ତା'ର ମିତ୍ର ଅନେକ ହେବା ସ୍ୱାଭାବିକ, ଆମର ଜୀବନ ଜଡ଼ ପଦାର୍ଥରେ ପ୍ରସ୍ତୁତ ହୋଇନାହିଁ, ଚେତନ ଦ୍ୱାରା ବ୍ୟକ୍ତିତ୍ୱ ଦ୍ୱାରା, ଆମେ ଯା'ର ସଂସ୍ପର୍ଶରେ ଆସୁଁ ତାହା ଦ୍ୱାରା ହିଁ ନିର୍ମିତ । ଏପରି ଅବସ୍ଥାରେ ଏହା ସ୍ୱାଭାବିକ ଯେ ପାଟଳିପୁତ୍ର ମୋର ଅଧିକ ପ୍ରିୟ । କିନ୍ତୁ ଗୋଟାଏ ମାତ୍ର ପରିସ୍ଥିତି ସବୁବେଳେ ଭଲ ଲାଗେନାହିଁ । ଆମର ପ୍ରକୃତି ସବୁବେଳେ ପରିବର୍ତ୍ତନ ଖୋଜେ । ପରିବର୍ତ୍ତନ ପାଇଁ ଅନ୍ୟ କୌଣସି ନୂଆ ପରିସ୍ଥିତି ଭିତରକୁ ଯିବା ଆବଶ୍ୟକ ହୁଏ । ଆମର ପରିବର୍ତ୍ତନର ଅନୁଭବ ପୂର୍ଣ୍ଣରୂପରେ ସନ୍ତୁଷ୍ଟ ନ ହେବା ଯାଏଁ ନୂତନ ପରିସ୍ଥିତି ଆମକୁ ସୁନ୍ଦର ମନେ ହୁଏ । ମୋର ମନ କାଶୀରେ ହିଁ ଭଲ ରହୁଛି । ଏଣୁ ବର୍ତ୍ତମାନ କାଶୀହିଁ ଅଧିକ ପ୍ରିୟ ମନେ ହେଉଛି ।"

ଯଶୋଧର ହସୁଥିଲେ "ଆର୍ଯ୍ୟ ବୀଜଗୁପ୍ତ ! ଆପଣଙ୍କଠାରେ ଏକ ବିଚିତ୍ର ପ୍ରତିଭା ରହିଛି । ଆପଣଙ୍କ ଯୁକ୍ତି ସର୍ବଥା ଅକାଟ୍ୟ ।" ତାପରେ ସେ ଶ୍ୱେତାଙ୍କକୁ ହସି ହସି କହିଲେ—

ଆର୍ଯ୍ୟ ଶ୍ୱେତାଙ୍କ ! ଜ୍ଞାନ ତର୍କର ବସ୍ତୁ ନୁହେଁ । ଆପଣ ବୀଜଗୁପ୍ତଙ୍କ ନିକଟରେ ସବୁବେଳେ ସତର୍କ ରହିବା ଉଚିତ ।"

Digitized by srujanika@gmail.com

ଶ୍ୱେତାଙ୍କ ବି ହସି, ହସି ଉତ୍ତର ଦେଲ—ଦେଖ ! ରାଜଗୁପ୍ତ ମୋର ଗୁରୁଭାଇ, ତେବେ ମୁଁ କ'ଣ ଗୁରୁ ମହାପ୍ରଭୁ ରତ୍ନାମ୍ବରଙ୍କର ନିକଟରେ ମଧ୍ୟ ସାବଧାନ ରହିବି ?"

ଯଶୋଧରା ଆପଣାକୁ ଅପ୍ରତିଭ ମନେ କରି କହିଲ—"ଏହା ମୁଁ କହିବି କପରି ?"

ରାଜଗୁପ୍ତ କହିଲ—"କାହିଁକି ନାହିଁ, ଦେଖ ଯଶୋଧରା ! ଏହା ମଧ୍ୟ ତୁମେ କହିପାର । ତୁମେ ଯାହା ଠିକ୍ ବୋଲି ଭାବୁଛ ତାହା କହିବାରେ ସଙ୍କୋଚ ବୋଧ କାହିଁକି ?"

"ସଙ୍କୋଚର କୌଣସି କଥା ଉଠୁନାହିଁ । ଆପଣଙ୍କ ବିଷୟରେ ମୁଁ ସବୁ କିଛି କହି ପାରିବି । କାରଣ ମୁଁ ଆପଣଙ୍କୁ ମୋର ଏତେ ଘନିଷ୍ଠ ଭାବି ନେଇଛି ଯେ ମୋର ଓ ଆପଣଙ୍କର ଭିତରେ ମୁଁ କୌଣସି ପ୍ରକାର ପ୍ରଭେଦ ଦେଖୁନାହିଁ । କିନ୍ତୁ ମହାପ୍ରଭୁ ରତ୍ନାମ୍ବର ଆମର ପୂଜ୍ୟ ।"

ରାଜଗୁପ୍ତ ଯଶୋଧରାକୁ ଗୁହିଁ ରହିଥିଲ—ଗୁରି ଚକ୍ଷୁର ମିଳନ ମଧୁର ବୋଧ ହେଉଥିଲ । ଦୁହେଁ ଅପଲକ ଆଖିରେ ଉଭୟଙ୍କୁ କିଛି ସମୟ ପାଇଁ ଦେଖୁଥିଲେ । ଯଶୋଧରାର ଆଖିରେ ଲଜ୍ଜା ଓ ସଙ୍କୋଚ ନ ଥିଲ । କେବଳ ଥିଲ ଏକ ସ୍ନେହପୂର୍ଣ୍ଣ ପ୍ରଶାନ୍ତ ସରଳତା । ତା' ଭିତରେ ଥିଲ ଏକ ମନୋଜ୍ଞ ସୁଷମା, ସ୍ପଷ୍ଟତା, ଏକ ମୁଗ୍ଧ ଆକର୍ଷଣ । ରାଜଗୁପ୍ତର ଅନ୍ତର ତଳେ ସେ ଦୃଷ୍ଟି ଏକ କଂପନର ଆଲୋଡ଼ନ ଉଠିଥିଲ । ରାଜଗୁପ୍ତ ଯଶୋଧରା ପାଖରୁ ଦୃଷ୍ଟି ଫେରାଇ ଆଣି ଶ୍ୱେତାଙ୍କ ଆଡ଼କୁ ଦେଖିଲ । ଶ୍ୱେତାଙ୍କର ନୀରବ ନୟନଯୁଗଳ କହୁଥିଲ—ସତେ ଯେପରି ରାଜଗୁପ୍ତର କଥାକୁ ବୁଝିବାକୁ ସେମାନେ ସମର୍ଥ । ରାଜଗୁପ୍ତର ନିଜ ଉପରେ ଏବଂ ଶ୍ୱେତାଙ୍କ ଉପରେ କ୍ରୋଧ ଜାତ ହେଲ ।

"ଶ୍ୱେତାଙ୍କ !"

"ସ୍ୱାମୀ !"

"ନା' କିଛି ନୁହେଁ,········ହଁ, ଆମର ଏଠାକୁ ଆସିବାର କେତେ ଦିନ ହେଲଣି ?"

ଶ୍ୱେତାଙ୍କ ବୁଝିପାରୁଥିଲ ଯେ ରାଜଗୁପ୍ତ ଯାହା କହିବାକୁ ଗୁହୁଁଛି ତାହା କହିପାରୁ ନାହିଁ । ସେ ଗଣନା କରି କହିଲ—"ଆଠ ଦିନ ।"

Digitized by srujanika@gmail.com

"ତା'ହେଲେ ପାଟଳିପୁତ୍ର ଫେରିଯିବା ଉଚିତ ହେବ" ତା'ପରେ ସେ ଖୁବ୍ ଧୀରେ ଧୀରେ କହିଲା—ଯେପରି କି କେବଳ ଶ୍ୱେତାଙ୍କ ହିଁ ଶୁଣି ପାରିବ·········

"ଶଶିଲେଖାକୁ ଭୁଲିବା ମୋ ପକ୍ଷରେ ଏକାନ୍ତ ଅସମ୍ଭବ······ ପାଟଳିପୁତ୍ର ଫେରିବାର ଆୟୋଜନ କରିବା ଉଚିତ ।"

ବାଜଗୁପ୍ତର ଏ ଅଚାନକ ପରିବର୍ତ୍ତନରେ ଶ୍ୱେତାଙ୍କ ପ୍ରସନ୍ନ ହେଲା । ମୃତ୍ୟୁଞ୍ଜୟ ଓ ଯଶୋଧର ଆଶ୍ଚର୍ଯ୍ୟ ହେଲେ । ମୃତ୍ୟୁଞ୍ଜୟ କହିଲେ—

"ଆର୍ଯ୍ୟ ବାଜଗୁପ୍ତ କ'ଣ ଫେରିଯିବାର ବିଚାର କରୁଛନ୍ତି ?"

ବାଜଗୁପ୍ତ ନତମସ୍ତକ ହୋଇ ଧୀର ଗଳାରେ କହିଲା—

"ଆର୍ଯ୍ୟ ମୃତ୍ୟୁଞ୍ଜୟ ! ମୋତେ କ୍ଷମା କରନ୍ତୁ; ମୋର ଏହା ଏକ ବିରାଟ ଅବଗୁଣ ଯେ ମୁଁ ମୋର ଆନ୍ତରିକ ପ୍ରେରଣା ପ୍ରତି ଅତ୍ୟଧିକ ଅବଲମ୍ବିତ । ମୁଁ ଏହା ଜାଣେନା ଯେ ଅଧଘଣ୍ଟା ପରେ ମୁଁ କ'ଣ କରିବ । ବର୍ତ୍ତମାନ ହଠାତ୍ ମୋର ସ୍ମରଣରେ ପାଟଳିପୁତ୍ର ଆସିଛି କାଶୀ ମୋତେ ଅସହ୍ୟ ବୋଧ ହେଉଛି ।"

"ତା'ହେଲେ କେବେ ଯିବାର ବିଚାର କରୁଛନ୍ତି ?" ଯଶୋଧର ପଚାରିଲା—"ଆମର ମଧ୍ୟ ଆୟୋଜନ କରିବାକୁ ହେବ । ପ୍ରେରଣା'ର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବାବେଳେ ଅନ୍ୟମାନଙ୍କର ସୁବିଧା ପ୍ରତି ଦୃଷ୍ଟି ଦେବା ମଧ୍ୟ କର୍ତ୍ତବ୍ୟ ।"

ବାଜଗୁପ୍ତର ମୁଖ ଲଜ୍ଜାରେ ଫିକା ପଡ଼ିଗଲା । ସେ ଗମ୍ଭୀର ହୋଇ କହିଲା—"ଠିକ୍ କହୁଛ ଯଶୋଧର ! ମୋତେ କ୍ଷମା କରିବ ବର୍ତ୍ତମାନ ମୁଁ ମୋର ପ୍ରେରଣା ତଥା ତମର ସୁବିଧା ଉଭୟ ଉପରେ ଅବଲମ୍ବିତ । ତମର ଯେତେବେଳେ ସୁବିଧା ହେବ ସେତେବେଳେ ହିଁ ଫେରିବାର ଆୟୋଜନ କରିବ ।"

ଯଶୋଧର କହିଲା—"ନା' ଆର୍ଯ୍ୟ ! ମୋର କୌଣସି ଅସୁବିଧା ନାହିଁ । କେବଳ ସାଧାରଣ ଭାବରେ ହିଁ କହିଲି । ମୁଁ ଆପଣଙ୍କୁ କୌଣସି ପ୍ରକାର କଷ୍ଟ ଦେବାକୁ ଚାହୁଁନି ! କାଲି ସନ୍ଧ୍ୟା ପର୍ଯ୍ୟନ୍ତ ଆମେ ଆମର ଫେରିଯିବାର ସମସ୍ତ ବ୍ୟବସ୍ଥା କରିଦେବୁ । କାଶୀରୁ କିଛି ଜିନିଷ କିଣି ନେବାର ଇଚ୍ଛା ହେଉଛି । କାଲି ଶ୍ୱେତାଙ୍କ ସହିତ ଯାଇ ମୁଁ ନେଇ ଆସିବି ।"

Digitized by srujanika@gmail.com

ଊନବିଂଶ ପରିଚ୍ଛେଦ—

ବୀଜଗୁପ୍ତ ଆଶ୍ଚର୍ଯ୍ୟ ହେଉଥାଏ । ତା'ର ବିନା ଇଚ୍ଛାରେ ସେ ଯଶୋଧରା ଆଡ଼କୁ ଆକର୍ଷିତ ହୋଇଯାଉଛି । ଯଦି ଶ୍ୱେତାଙ୍କର ମୁଖାଙ୍କିତ ଭାବନା ତାକୁ ସାବଧାନ କରି ନ ଥାନ୍ତା, ସେଦିନ ହିଁ ସେ ଯଶୋଧରାକୁ ନିଜର କରି ନେଇସାରନ୍ତାଣି ।

ପାଟଳିପୁତ୍ରରେ ଚିତ୍ରଲେଖା ନିକଟରେ ରହି, ତାର ଐଶ୍ୱର୍ଯ୍ୟ ଭିତରେ ଆପଣାର ଅନ୍ତରର କ୍ଷତ ଉପଶମ ହେବା ଅସମ୍ଭବ—ଏହା ହିଁ ଭାବି ସେ ପାଟଳିପୁତ୍ର ଛାଡ଼ି କାଶୀ ଆସିଥିଲା । ବିରାଗର ଭାବନାରେ ଏକ ଲକ୍ଷହୀନ ପଥିକ ପରି ହିଁ ସେ ଆସିଥିଲା ।

“ଲକ୍ଷହୀନ ପଥିକ ?” ବୀଜଗୁପ୍ତର ବିଚାର ଧାରାରେ ହଠାତ୍ ପରିବର୍ତ୍ତନ ଘଟିଲା କେହି ବ୍ୟକ୍ତି ଲକ୍ଷହୀନ ହୋଇପାରେ ? କୌଣସି ଏକ ବ୍ୟକ୍ତି ବିଶେଷ ପକ୍ଷରେ ଲକ୍ଷହୀନ ହେବା କ'ଣ ସମ୍ଭବ ? ବୀଜଗୁପ୍ତ ଦ୍ୱିଧାରେ ପଡ଼ିଥିଲା । ଆଉ ଗୋଟିଏ ପ୍ରଶ୍ନ ବର୍ତ୍ତମାନ ତା ଆଗରେ ଦଣ୍ଡାୟମାନ । “ମନୁଷ୍ୟର କିଛି ଗୋଟିଏ ନିର୍ଦ୍ଧାରିତ ଲକ୍ଷ ରହିଛି ? କେହି ବ୍ୟକ୍ତି କହିପାରିବ ଯେ ସେ କ'ଣ କରିବାକୁ ଆସିଛି, କ'ଣ କରିବାକୁ ଚାହେଁ ଓ କ'ଣ କରିବ ?”······ନା, ଏହା ଏକାନ୍ତ ଅସମ୍ଭବ । ମନୁଷ୍ୟ ପରତନ୍ତ୍ର, ପରିସ୍ଥିତିର ଦାସ ଲକ୍ଷହୀନ । ଏକ ଅଜ୍ଞାତ ଶକ୍ତି ହିଁ ପ୍ରତ୍ୟେକ ବ୍ୟକ୍ତିର ଚାଳକ । ମନୁଷ୍ୟ ଇଚ୍ଛାର' କୌଣସି ମୂଲ୍ୟ ନାହିଁ । ମନୁଷ୍ୟ ସ୍ୱାବଲମ୍ବୀ ନୁହେଁ—ସେ କର୍ତ୍ତା ବି ନୁହେଁ; କେବଳ ଏକ ସାଧନ ମାତ୍ର !

ବୀଜଗୁପ୍ତ କଡ଼ ଲେଉଟାଉ ଥିଲା । ଆଖିରେ ତା'ର ତନ୍ଦ୍ରା ଆସି ନାହିଁ । ବାହାରେ ଘୋର ନିସ୍ତବ୍ଧତାର ସାମ୍ରାଜ୍ୟ ବିରାଜମାନ ।

Digitized by srujanika@gmail.com

ବୀଜଗୁପ୍ତର ପୁଣି ଚିନ୍ତାର ସ୍ରୋତ ଛୁଟି ଚାଲିଲା "ମୁଁ କାଲି ପାଟଳିପୁତ୍ର ଫେରିଯିବି ! କାହିଁକି ?" ସେ ଭାବିବାକୁ ଲାଗିଲା — ଚିତ୍ରଲେଖା ସହିତ ସାକ୍ଷାତ କରିବାକୁ·····ଚିତ୍ରଲେଖାକୁ ଆପଣା ପାଖକୁ ଟାଣି ଆଣିବାକୁ ?" ତା'ର ବିଶ୍ୱାସ ଥିଲା, ଯଦି ସେ ହଠି ବସିବ ତା'ହେଲେ ଚିତ୍ରଲେଖା ତା'ର ବିରୋଧ କରିପାରିବ ନାହିଁ·····ନା, ମୁଁ ଆଉ ଚିତ୍ରଲେଖା ପାଖକୁ ଯିବି ନାହିଁ । ମୁଁ କ'ଣ ଚିତ୍ରଲେଖାକୁ ଛାଡ଼ିଛି, ସେ ହିଁ ମୋତେ ତ୍ୟାଗ କରିଛି । ସମ୍ଭବତଃ ଏହା ହିଁ ବିଧିର ବିଧାନ ଥିଲା । ଯଦି ଏହା ହିଁ ବିଧିର ବିଧାନ ତେବେ ଏହା ଏକାନ୍ତ ଅପରିବର୍ତ୍ତନୀୟ । ତେବେ ଦୁଃଖ କରିବାର କାରଣ୍ ବା କ'ଣ ଅଛି ? ଚିତ୍ରଲେଖା ଯାଇଛି ଯାଉ········ତା'ର କଥା ଭାବି ଦୁଃଖ କରି ଲାଭ କ'ଣ ?"

ବୀଜଗୁପ୍ତ ଆଖି ମୁଦି ଶୋଇଯିବାର ପ୍ରଯତ୍ନ କରୁଥିଲା ।

"କ'ଣ ବେଦନା ଓ ତ୍ୟାଗରେ ଜୀବନ ନଷ୍ଟ ହୋଇଯାଏ ? ଦୁଃଖ ଜୀବନର ଏକ ଅଂଶ ନୁହେଁ ? ପ୍ରତ୍ୟେକ ବ୍ୟକ୍ତି ଆପଣା ଭାଗ୍ୟରେ ସୁଖ ହିଁ ନେଇ ଆସିଥାଏ ? ନା, ଜୀବନରେ ଦୁଃଖର ମହତ୍ତ୍ୱ ଯେତେ, ସୁଖର ମଧ୍ୟ ଠିକ୍ ସେତେ । ତା' ହେଲେ ଦୁଃଖକୁ ହିଁ ବରଣ କରିବାରେ ଆପତ୍ତି କ'ଣ ଅଛି ? ତ୍ୟାଗୀ ହେବାରେ ଅସୁବିଧା ବା କ'ଣ ଅଛି ? ମୋର କର୍ତ୍ତବ୍ୟ ପାଳନ କରିବା ହିଁ ଉଚିତ ।"

ବୀଜଗୁପ୍ତ ଶଯ୍ୟା ତ୍ୟାଗ କରି ଠିଆ ହେଲା । ତା'ପରେ ମୁହଁ ହାତ ଧୋଇ ନେଇ ସେ ପୁଣି ବିଛଣା ଉପରକୁ ଉଠିଲା ।

"ମୋର କର୍ତ୍ତବ୍ୟ କ'ଣ···କର୍ମ କରିବାପାଇଁ ମୁଁ ଜନ୍ମ ହୋଇଛି । ମୋର କର୍ତ୍ତବ୍ୟ ତେବେ କ'ଣ ଗାର୍ହସ୍ଥ୍ୟ ଜୀବନ ଅତିବାହିତ କରି ବଂଶ ରକ୍ଷା କରିବା ? ତେବେ ମୋତେ ବିବାହ କରିବାକୁ ହିଁ ପଡ଼ିବ । ଏହା ହିଁ ବିଧିର ବିଧାନ ? ସମ୍ଭବତଃ ଚିତ୍ରଲେଖା ମୋର ଜୀବନରୁ କେବଳ ଏଇଥିପାଇଁ ଚାଲିଯାଇଛି । ବିବାହ କରିବି — ଥରେ ଗାର୍ହସ୍ଥ୍ୟ ଜୀବନ ଅନୁଭବ କରିବି । ଆଉ ବିବାହ ପାଇଁ ଯୋଗ୍ୟ ପାତ୍ରୀ ମଧ୍ୟ ରହିଛି ?······ ଯଶୋଧରା······ସୌନ୍ଦର୍ଯ୍ୟରେ ଯଶୋଧରା ଚିତ୍ରଲେଖାଠାରୁ କୌଣସି ଗୁଣରେ ଊଣା ନୁହେଁ । ଯଶୋଧରା ଏକ ରତ୍ନ······ପବିତ୍ର ପ୍ରତିମା । ତେବେ ଯଶୋଧରା ସହିତ ବିବାହ କରିବାକୁ ହିଁ ପଡ଼ିବ ? ସ୍ୱୀୟୋଚିତ

Digitized by srujanika@gmail.com

ସର୍ବଗୁଣବିଭୂଷଣ ଯଶୋଧର୍ ଆପତ୍ତି କରିବାର ପ୍ରଶ୍ନ ବା କ'ଣ ଅଛି ? କିନ୍ତୁ ଏହା କ'ଣ ସମ୍ଭବ ? ମୁଁ ଥରେ ଯଶୋଧରଙ୍କୁ ଅସ୍ୱୀକାର କରିସାରିଛି । କେଉଁ ମୁହଁ ନେଇ ମୃତ୍ୟୁଞ୍ଜୟଙ୍କ ପାଖରେ ଯଶୋଧରଙ୍କୁ ବିବାହ ଦେବା ପାଇଁ କହିବି ? ମୃତ୍ୟୁଞ୍ଜୟ ଏ ପ୍ରସ୍ତାବରେ ରାଜି ମଧ୍ୟ ନ ହୋଇ ପାରନ୍ତି । ଏହା ଅସମ୍ଭବ । ମୋ ପକ୍ଷରେ ଯଶୋଧରା ସହିତ ବିବାହ କରିବାର ଭାବନା ହିଁ ମନକୁ ନ ଆଣିବା ଉଚିତ । କେବଳ ଶଶିଲେଖା······ମୋ ଜୀବନର ଏକମାତ୍ର ଆଧାର ।"

ରାଜଗୁରୁ ପୁଣି ଠିଆ ହେଲା । ଆଜି ତା ଆଖିକୁ ନିଦ ଆସିବା ଅସମ୍ଭବ । ସେ ବାହାରକୁ ଆସି ଗଙ୍ଗାକୂଳ ଆଡ଼କୁ ଅଗ୍ରସର ହେଲା । ପ୍ରଦୋଷ ହେବାକୁ କେବଳ ମାତ୍ର ଦୁଇଟି ପ୍ରହର ବାକି ଅଛି ।

ରାଜଗୁରୁ ଗଙ୍ଗାକୂଳରେ ଉପସ୍ଥିତ ହୋଇ ଦେଖିଲା ଯେ, କେତେଜଣ ବସି ବାର୍ତ୍ତାଳାପ କରୁଛନ୍ତି । କିଛି ଦୂରରେ ସେ ନୀରବରେ ବସି ରହି ସେମାନଙ୍କର କଥା ଶୁଣିବାକୁ ଲାଗିଲା ।

ସେଠାରେ ତିନିଜଣ ଲୋକ ଥିଲେ । ସେଥିମଧ୍ୟରୁ ଜଣକର ବୟସ ସତୁରି, ଶିଥିଳ ଚର୍ମ । ତା'ର କଥାବାର୍ତ୍ତାରୁ ଜଣାପଡୁଥିଲା ଯେପରି ସେ ଏକ ସନ୍ନ୍ୟାସୀ । ଅନ୍ୟ ଦୁଇଜଣ ତା'ଠାରୁ ବୟସରେ ଅନେକ ଶ୍ରେଷ୍ଠ । ସନ୍ନ୍ୟାସୀର ଦକ୍ଷିଣ ପଟେ ବସିଥିଲା ଏକ ଯୁବକ । ବୟସ ପ୍ରାୟ ପଚିଶ ବର୍ଷ । ଅନ୍ୟ ଜଣକ ପ୍ରାୟ ପଚୃଶ ବର୍ଷର ।

ସନ୍ନ୍ୟାସୀ କହୁଥିଲେ—"ବର୍ତ୍ତମାନ ତୁମର ସନ୍ନ୍ୟାସ ଗ୍ରହଣ କରିବାର ଅବସ୍ଥା ଆସିନାହିଁ । ତୁମେ ଯାଅ କର୍ତ୍ତବ୍ୟ ପାଳନ କର । ପିତାଙ୍କ ଆଦେଶ ପାଳନ କର ।"

ଯୁବକ ଜଣକ ଆତୁର ଭାବରେ ସନ୍ନ୍ୟାସୀଙ୍କ ପଦ ଧାରଣ କରୁଥିଲା । ସେ କହୁଥିଲା—"ମୁଁ ଆପଣଙ୍କର ଆଶ୍ରିତ, ମୋତେ ଦୀକ୍ଷା ଦିଅନ୍ତୁ । ଜୀବନରେ ମୋର ଆଉ କୌଣସି ଅନୁରାଗ ନାହିଁ । ସଂସାର କ୍ଷେତ୍ରରେ ରହିବାକୁ ହେଲେ କିଛି ଉଦ୍ଦେଶ୍ୟ ତ ରହିବା ଉଚିତ, କିନ୍ତୁ ଏ ସଂସାର ପ୍ରତି ମୋର ବିରକ୍ତି ଆସି ଯାଇଛି । ସଂସାରରେ ରହିବା ମାନେ ନିଜେ ନିଜର ଆତ୍ମଦ୍ରୋହୀ ହେବା ଛଡ଼ା ଆଉ କ'ଣ ହେବ ? ମୋତେ ଏଠାରେ ଶାନ୍ତି ମିଳିବ ନାହିଁ । ଆପଣ ବାପାଙ୍କୁ ପଚାରି ପାରନ୍ତି ମୋର ଏ ବିଗତ ଦୁଇଟି ବର୍ଷ କିପରି ବିତିଛି ।

Digitized by srujanika@gmail.com

ପ୍ରୌଢ଼ ଜଣକ କହୁଥିଲେ—"ହଁ, ତୁ ମୋର କଥା ତ ମାନୁ ନାହୁଁ; ମୋ ମତରେ ତୋ'ର ନିଶ୍ଚୟ ବିବାହ କରିନେବା ଉଚିତ । ବର୍ତ୍ତମାନ ତୋ'ର ବୟସ ବା କ'ଣ ହୋଇଛି ? ଜୀବନ ମରଣ ର ଅଂଗୀକାର । ତୋ'ର କୌଣସି ସନ୍ତାନ ସନ୍ତତି ନାହିଁ । ତୋ'ର ସନ୍ନ୍ୟାସ ଗ୍ରହଣ କରିବା ଅନୁଚିତ ହେବ । ବିବାହ କରିନେଲେ ପରେ ତୋ'ର ଜୀବନ ପୁନରାୟ ଅନୁରାଗମୟ ହୋଇଯିବ ।"

ସନ୍ନ୍ୟାସୀ ଯୁବକକୁ କହୁଥିଲେ—"ତୁମ ପିତା ଠିକ୍ କହୁଛନ୍ତି । ପ୍ରେମ ଏକ ମିଥ୍ୟା କଳ୍ପନା । ସ୍ତ୍ରୀ ଓ ପୁରୁଷର ସମ୍ବନ୍ଧ କେବଳ ଏହି ସଂସାରରେ ହିଁ ସମ୍ଭବ । ସଂସାର ବନ୍ଧନରୁ ପୃଥକ୍ ହେଲେ ଉଭୟ ଆତ୍ମା ଭିନ୍ନ ଭିନ୍ନ ହୋଇଥାଏ । ତଥାପି ସଂସାରରେ ସ୍ତ୍ରୀ ଓ ପୁରୁଷ ଆତ୍ମାର ଐକ୍ୟ ସମ୍ଭବପର ନୁହେଁ । ପ୍ରେମ କେବଳ ଆତ୍ମାର ଏକ ଘନିଷ୍ଠତା, ଏହି ଘନିଷ୍ଠତା କୌଣସି ବଡ଼ ମହତ୍ତ୍ୱ ବସ୍ତୁ ନୁହେଁ । ତା'ର ବିନାଶ ମଧ୍ୟ ସମ୍ଭବ ! ଘନିଷ୍ଠତାର ବିନାଶରେ ଆପଣାର ଜୀବନକୁ ଦୁଃଖମୟ କରିନେବା କୌଣସି ବୁଦ୍ଧିମନ୍ତର ପରିଚୟ ନୁହେଁ । ତୁମର କର୍ତ୍ତବ୍ୟ ଏହି ଯେ, ତୁମେ ବିବାହ କର । ବିବାହ ନ କରି କର୍ତ୍ତବ୍ୟରୁ ବିମୁଖ ହେବା ଠିକ୍ ନୁହେଁ ।"

"ଏହା କପରି ?"

"ଶୁଣ"—ବୃଦ୍ଧ ଉତ୍ତର ଦେଉଥିଲେ । କହୁଥିଲେ—"ହଁ, ଅବଶ୍ୟ । ପ୍ରତ୍ୟେକ ପୁରୁଷର କର୍ତ୍ତବ୍ୟ ଯେ ସେ ଏକ ଅବଳାକୁ ଆଶ୍ରୟ ଦେଉ । କେବଳ ବିବାହ ଦ୍ୱାରା ହିଁ ଏହା ସମ୍ଭବ । ଯଦି ସ୍ତ୍ରୀ ପୁରୁଷର ଆଶ୍ରୟ ପାଇବ ନାହିଁ ତେବେ ତା'ର ଅବସ୍ଥା ଶୋଚନୀୟ ହୋଇଯିବ । ଏଣେ ପୁରୁଷ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ [illegible] ତୁମେ ବିବାହ ନ କରି ସନ୍ନ୍ୟାସ ଗ୍ରହଣ କରିବା କଥା ଚିନ୍ତା କରୁଛ, ଯେତେବେଳେ ତୁମେ ଅନୁଚିତ ଚିନ୍ତା କରୁଛ । ଏକ ଅବଳାକୁ ଆଶ୍ରୟ ଦେବା ତୁମର କର୍ତ୍ତବ୍ୟ; ତୁମେ ସେଥିରୁ ବିମୁଖ ହେଉଛ ।"

ଯୁବକଟି କହୁଥିଲା—"କିନ୍ତୁ ମୁଁ ସମସ୍ତ ଲୋକକଳାପକୁ ଜଳାଞ୍ଜଳି ଦେଇ ସାରିଛି । କେବଳ ତପସ୍ୟାଶକ୍ତିରେ ଆପଣାକୁ ଉଦ୍ଧାର କରିବା ହିଁ ମୋର ଲକ୍ଷ୍ୟ । ଏହା ତ ମୋର ସ୍ୱାର୍ଥପରତା ନୁହେଁ ।"

Digitized by srujanika@gmail.com

ସନ୍ନ୍ୟାସୀ ହସି ହସି କହୁଥିଲେ—"ତୁମେ ତପସ୍ୟାରେ ତାପିତ ହେବାକୁ କାହିଁକି ଯାଉଁଛ; କେବଳ ଏଇଥିପାଇଁ ଯେ, ତୁମେ ଯାହାକୁ ପ୍ରେମ କରୁଥିଲ ସେ ତୁମକୁ ଛାଡ଼ି ଚାଲି ଯାଇଛି । କିନ୍ତୁ ତୁମର ତପସ୍ୟା ବ୍ୟର୍ଥ—ଏହା ଏକ ପ୍ରକାର ଆତ୍ମହତ୍ୟା—ଏ ତପସ୍ୟାର କୌଣସି ଲକ୍ଷ୍ୟ ନାହିଁ ।"

ଯୁବକଟି ସନ୍ନ୍ୟାସୀଙ୍କୁ ନତଶିର ହୋଇ ପ୍ରଣାମ କରି କହୁଥିଲା—"ଆପଣ ଯାହା କହୁଛନ୍ତି ତାହା ହିଁ ମୁଁ ମାନିବି ।" ତାପରେ ଉଭୟେ ପିତା ପୁତ୍ର ସେ ସ୍ଥାନ ତ୍ୟାଗ କରି ଚାଲିଗଲେ ।

ବିଜଗୁପ୍ତ ସନ୍ନ୍ୟାସୀଙ୍କ ସମ୍ମୁଖକୁ ଆସି ସଭକ୍ତି ପ୍ରଣାମ ଜଣାଇଲା । ସନ୍ନ୍ୟାସୀ ଈଷତ୍ ହସି, ପଚାରିଲେ…"କ'ଣ ତୁମେ ମଧ୍ୟ ସନ୍ନ୍ୟାସ ଗ୍ରହଣ ଉଦ୍ଦେଶ୍ୟରେ ଆସିଛ ?"

ବିଜଗୁପ୍ତ ଉତ୍ତର ଦେଲା—'ନା', ବର୍ତ୍ତମାନ ତ ସନ୍ନ୍ୟାସୀ ହେବାକୁ ମନସ୍ଥ କରି ନାହିଁ । ମାତ୍ର ଆପଣଙ୍କର କଥା ମୋତେ ଯଥେଷ୍ଟ ଆନନ୍ଦ ଦେଲା, ଏଣୁ ଆସିଛି ।"

ସନ୍ନ୍ୟାସୀ ହସୁଥିଲେ । କହିଲେ—ଯେ ବ୍ୟକ୍ତି ସନ୍ନ୍ୟାସୀ ଅଥବା କାଙ୍ଗାଳ ନୁହେଁ, ନିଶିତ ଏପରି ଏକ ପ୍ରହରରେ ଗଙ୍ଗାତଟକୁ ଯେ ଆସିଛି ସେ ନିଶ୍ଚୟ କୌଣସି ଉଦ୍‌ବେଗ ପ୍ରପୀଡ଼ିତ ।"

"ଆପଣଙ୍କର ଅନୁମାନ ଠିକ୍" ବିଜଗୁପ୍ତ ଉତ୍ତର ଦେଲା, "ମୋର ଉଦ୍‌ବେଗଟା ଅଧିକ ଅସାଧାରଣ, ଆପଣଙ୍କ କଥାରେ ମୁଁ ମୋର ଉଦ୍‌ବେଗଘାତ ମନ୍ତ୍ର ଦେଖିଲି । କ'ଣ ମୁଁ ଏ ସମ୍ପର୍କରେ ଅଧିକ କିଛି ଆପଣଙ୍କୁ ପ୍ରଶ୍ନ କରି ପାରିବି ?"

"ନିଶ୍ଚୟ ଯୁବକ !" ସନ୍ନ୍ୟାସୀ ଉତ୍ତର ଦେଲେ ।

"ଆପଣ ବର୍ତ୍ତମାନ ଯୁବକଟିକୁ କହୁଥିଲେ ଯେ, ବିଫଳ ପ୍ରେମ ପାଇଁ ସେ ଯାହା କରିବାକୁ ଯାଉଥିଲା ତାହା କେବଳ ଆତ୍ମହତ୍ୟା କିନ୍ତୁ ପ୍ରେମ ମୁକ୍ତିର ବ୍ୟଥା କ'ଣ ମନୁଷ୍ୟ ଜୀବନରେ ସ୍ୱାଭାବିକ କିମ୍ବା ପ୍ରାକୃତିକ ନୁହେଁ କି ? ବେଦନାକୁ ଦବେଇ ଦେବା କିମ୍ବା ତା'ର ପ୍ରାକୃତିକତାକୁ କୃତ୍ରିମ ଉପାୟରେ ଭୁଲିଯିବା—ଆତ୍ମହତ୍ୟା ନୁହେଁ କି ?"

Digitized by srujanika@gmail.com

ସନ୍ନ୍ୟାସୀ କିଛି ସମୟ ପାଇଁ ନୀରବ ରହିଲେ—ତାପରେ ସେ ଆରମ୍ଭ କଲେ—"ତୁମେ ଯାହା କହୁଛ ତାହା ଠିକ୍ । ଦୁଃଖ ସମୟର ପରିବର୍ତ୍ତନ ସାଥିରେ ଦୂର ହୋଇଯାଏ । ବିଭିନ୍ନ ପ୍ରକୃତିର ମନୁଷ୍ୟଙ୍କ ପାଖେ ଦୁଃଖ ଦୂର ହେବା ପାଇଁ ପଥ ମଧ୍ୟ ବିଭିନ୍ନ । ତାକୁ କୃତ୍ରିମ ଉପାୟଦ୍ୱାରା ଦୂର କରାଗଲେ ତାହା ନିଶ୍ଚୟ ଅପ୍ରାକୃତିକ ହେବ । କିନ୍ତୁ ପ୍ରତ୍ୟେକ ଅପ୍ରାକୃତିକ ବ୍ୟବହାର ଅସ୍ୱୀକାର ହତ୍ୟା କରେ ନାହିଁ । ଆମେ କୃତ୍ରିମତାକୁ ଏତେ ନିଜର କରି ନେଇଛୁ ଯେ, ସେ ସବୁ ନିଜେ ନିଜେ ପ୍ରାକୃତିକ ହୋଇଯାଇଛନ୍ତି । ବସ୍ତ୍ର ପରିଧାନ ଅପ୍ରାକୃତିକ, ଯେଉଁ ଭୋଜନ ଆମେ କରୁ ତା' କରିବା ମଧ୍ୟ ଅପ୍ରାକୃତିକ । ସମସ୍ତ ଭୋଗ ବିଳାସ କୃତ୍ରିମ, ଐଶ୍ୱର୍ଯ୍ୟ ମଧ୍ୟ କୃତ୍ରିମ । ପ୍ରାକୃତିକ ଜୀବନ ବଡ଼ କଠିଣ । ଜୀବନରେ ସୁଖ ପାଇଁ ଅସଂଖ୍ୟ ଖେଳ କୌତୁକ ନାଚ ଗାନର ପ୍ରବନ୍ଧ ମଣିଷ ଜାତି କରିଛି ଓ ଆମେ ଆଜି ସେହି ସବୁକୁ ହିଁ ଜୀବନ କହୁଛୁ । ଏଣୁ ଦୁଃଖକୁ କୃତ୍ରିମ ଉପାୟଦ୍ୱାରା ଦୂର କରିବା କେବେହେଲେ ଆତ୍ମହତ୍ୟା ସଦୃଶ ନୁହେଁ । କାହିଁକି ନା ଏହା ଅପ୍ରାକୃତିକ ହେଲେ ମଧ୍ୟ ସ୍ୱାଭାବିକ ।"

"ଧନ୍ୟବାଦ"-- ବୀଜଗୁପ୍ତ ଠିଆ ହେଲା "ଆପଣ ମୋର ମସ୍ତିଷ୍କରୁ ଏକ ବିରାଟ ଭାର ଲାଘବ କଲେ । ଆପଣଙ୍କ କଥା ଶୁଣି ମୋର କର୍ତ୍ତବ୍ୟ ନିର୍ଦ୍ଧାରଣ ପାଇଁ ମୁଁ ସମର୍ଥ ହୋଇପାରିଛି ।" ତା'ପରେ ବୀଜଗୁପ୍ତ ଯୋଗୀଙ୍କୁ ପ୍ରଣାମ ଜଣାଇ ବିଦାୟ ନେଲା ।

ସେତେବେଳେ ପ୍ରାତଃକାଳୀନ ସମୀରଣ ତରଙ୍ଗ ଉଠୁଥିଲା । ପୂର୍ବାକାଶ ମଣ୍ଡନ କରି ଉଷାର ପ୍ରଥମ ପାଟଳ ରେଖା ହାସ୍ୟବିଧୁର ଥିଲା । ପକ୍ଷୀ ନୀଡ଼ ତ୍ୟାଗ କରି ଉଡ଼ିବାକୁ ଲାଗିଥାନ୍ତି । ପ୍ରସନ୍ନ କଳରବରେ ମୁଖର ହୋଇ ଉଠିଥିଲା ଧରଣୀ । ବୀଜଗୁପ୍ତ ଫେରିଆସି ବିଶ୍ରାମ ନେଲା ।

ସେ ଯେତେବେଳେ ଉଠିଲା ସେତେବେଳେ ପ୍ରାୟ ଦିନ ଦ୍ୱିପ୍ରହର ହୋଇଯାଇଥିଲା । ଶ୍ୱେତାଙ୍କ ଓ ଯଶୋଧର ନଗରକୁ ଯାଇ ସାରିଥିଲେ ।

ନିତ୍ୟକର୍ମରୁ ନିବୃତ୍ତ ହୋଇ ମୃତ୍ୟୁଞ୍ଜୟଙ୍କ ନିକଟକୁ ଆସିଲା ବୀଜଗୁପ୍ତ । ମୃତ୍ୟୁଞ୍ଜୟ ବୀଜଗୁପ୍ତକୁ ଦେଖିବା ସଙ୍ଗେ ସଙ୍ଗେ ପଚାରିଲେ— "ଆର୍ଯ୍ୟ ବୀଜଗୁପ୍ତ ! ଆପଣ ଆଜି ଅନେକ ଡେରିରେ ଉଠିଛନ୍ତି ?" କ'ଣ ରାତିରେ ଆପଣଙ୍କୁ ଭଲ ନିଦ ହୋଇନାହିଁ ?"

Digitized by srujanika@gmail.com

'ହଁ, ନାନା କଥା ଚିନ୍ତା କରିବାରେ ହିଁ ମୁଁ ସାରା ରାତି ବ୍ୟୟିତ କରିଛି ।"

"କ'ଣ ଏପରି ଭାବୁଥିଲେ ଯେ ?"

"ଭବିଷ୍ୟତ୍ ଜୀବନ"·········

ମୃତ୍ୟୁଞ୍ଜୟ ଅଳ୍ପ ହସି କହିଲେ—"ଜୀବନରୁ ଚିତ୍ରଲେଖା ଚାଲିଯିବା ପରେ ଆପଣଙ୍କ ଭବିଷ୍ୟତ୍ ଜୀବନ ଉପରେ ବିଚାର କରିବା ନିଶ୍ଚୟ ସ୍ୱାଭାବିକ ହୋଇଉଠିଛି । ଆର୍ଯ୍ୟ ବୀଜଗୁପ୍ତ ! କିଛି ତା'ର ସମାଧାନ କରିଛନ୍ତି ?"

"ମୃତ୍ୟୁଞ୍ଜୟଙ୍କର ବ୍ୟଙ୍ଗ ହାସ୍ୟ ବୀଜଗୁପ୍ତଙ୍କୁ ବ୍ୟଥିତ କରି-ପକାଇଲା । "ଆପଣ"—କଥା କହୁଁ କହୁଁ ସେ ରୋକି ଗଲା—ସମ୍ଭବତଃ ସଙ୍କୋଚ ବୋଧ କରୁଥିଲା ।

ବୀଜଗୁପ୍ତ କହିଲା—"କିଛି ନିର୍ଣ୍ଣୟ କରି ପାରିନାହିଁ ମାତ୍ର କିଛି ନା କିଛି ଅତିଶୀଘ୍ର କରିବାକୁ ପଡ଼ିବ ।"

"ମୁଁ ଜାଣେ ଆପଣଙ୍କର ନିର୍ଣ୍ଣୟ କ'ଣ ହେବ । ମନୁଷ୍ୟର ମନଃ ପ୍ରବୃତ୍ତିକୁ ମୁଁ ଆଂଶିକ ବୁଝିପାରୁଛି ।"

ବୀଜଗୁପ୍ତ କଥାର ଗତି ବଦଳାଇବା ଉଦ୍ଦେଶ୍ୟରେ କହିଲା—

"ଆପଣଙ୍କର ସେବକମାନଙ୍କୁ ଆଜି ଯିବାର ସମସ୍ତ ଆୟୋଜନ କରିବାକୁ ଆଦେଶ ଦେଇ ସାରିଛନ୍ତି ବୋଧହୁଏ ।"

"ହଁ, ଶ୍ୱେତାଙ୍କ ମଧ୍ୟ ସେ କଥା କହିଛନ୍ତି ।"

'ଭଲ କଥା !'

ସେତିକିବେଳେ ବାହାରେ ଯଶୋଧରାର କଣ୍ଠସ୍ୱର ଶୁଭୁଥିଲା—

"ଯଦି ଏ ମଣିମାଳା ବାପା ପସନ୍ଦ କରିବେ ନାହିଁ, ତା'ହେଲେ ଆପଣଙ୍କୁ ଫେରାଇବାକୁ ପଡ଼ିବ । ଆପଣଙ୍କ ଅନୁରୋଧରେ ହିଁ ମୁଁ ଏହା କିଣୁଛି ।"

ତା'ପରେ ପରେ ଯଶୋଧରା ଗୃହ ମଧ୍ୟକୁ ପ୍ରବେଶ କଲା । ହସି ହସି ବୀଜଗୁପ୍ତଙ୍କୁ କହିଲା—

"ଆର୍ଯ୍ୟ ବୀଜଗୁପ୍ତ ! ଆପଣ ତ ଶୋଇଥିଲେ, ଦେଖନ୍ତୁ ମୁଁ କ'ଣ କ'ଣ ଆଣିଛି । ଆପଣ ନିଜପାଇଁ କିଛି ଆଣିବେ ନାହିଁ ?"

Digitized by srujanika@gmail.com

ରାଜଗୁପ୍ତ ହସି ହସି କହିଲା—ମୋର କୌଣସି ବସ୍ତୁର ଆବଶ୍ୟକତା ନାହିଁ, ଦେଖା ଯଶୋଧର !"

"ଆବଶ୍ୟକତା ମୋର ମଧ୍ୟ ନ ଥିଲା ମାତ୍ର ଏଠାରୁ ଫେରିବା ବେଳେ କାଶୀର ସ୍ମାରକ ତ କିଛି ନେଇଯିବା ଉଚିତ ?" ତା'ପରେ ଯଶୋଧର ଆଣିଥିବା ସାମଗ୍ରୀ ଗୁଡ଼ିକ ଦେଖାଇବାକୁ ଲାଗିଲା ।

"ଏହା କେମିତି ଅଛି ?" ଯଶୋଧର ରାଜଗୁପ୍ତ ହାତରେ ଏକ ମଣିମାଳା ଦେଇଁ ଦେଇଁ ପଚାରିଲା ।

"ସୁନ୍ଦର—ମୂଲ୍ୟବାନ ମଧ୍ୟ ହୋଇଥିବ ।"

"ହଁ, ମୁଁ ଖାଲି ଦେଖାଇବାକୁ ଆଣିଛି । ପସନ୍ଦ ହେଲେ କିଣା ଯିବ ।"

ମୃତ୍ୟୁଞ୍ଜୟ ମଣିମାଳାଟି ହାତରେ ନେଇ ନେଇ କହିଲେ—

"ତୋ'ର ଯଦି ପସନ୍ଦ ହେଉଛି ରଖିନେ ।"

"ତୁମେ କିଛି ନିଜପାଇଁ ଆଣିଲ ନାହିଁ ଶ୍ରେଷ୍ଠୀଙ୍କ !" ରାଜଗୁପ୍ତ ପଚାରିଲା ।

"ମୁଁ ସ୍ୱାମୀଙ୍କୁ ପଚାରି ନ ଥିଲି, ତା'ପରେ ମୋର କ'ଣ ବା ଆବଶ୍ୟକତା ଅଛି ?"

"ନା ନା ଶ୍ରେଷ୍ଠୀଙ୍କ ! ତୁମ ନିଜ ପାଇଁ କିଛି ଆଣିବା ଉଚିତ ଥିଲା । ଚାଲ ମୁଁ ମଧ୍ୟ ଯିବି । ଆଉ ଦେଖା ଯଶୋଧର ! ତୁମର ଯଦି କିଛି ଅସୁବିଧା ନାହିଁ ତେବେ ଆଉ ଥରେ ନଗର ଭ୍ରମଣ କରି ଆସିଲେ କ୍ଷତି କ'ଣ ? ମୋ ନିଜ ପାଇଁ ବସ୍ତୁ ପସନ୍ଦ କଲାବେଳେ ତମେ ମୋତେ ସହାୟତା ଦେଇପାରିବ ।"

"ମୁଁ ଯିବି ନିଶ୍ଚୟ·····ମାତ୍ର ଭୋଜନ ପରେ । ବର୍ତ୍ତମାନ କ୍ଲାନ୍ତ ବୋଧ କରୁଛି ।" ଯଶୋଧର ଉତ୍ତର ଦେଲା ।

ଭୋଜନ ପରେ ରାଜଗୁପ୍ତ ଆର୍ଯ୍ୟ ମୃତ୍ୟୁଞ୍ଜୟଙ୍କୁ କହିଲା—

"ଚାଲନ୍ତୁ, ଆପଣ ମଧ୍ୟ ଆମ ସାଥିରେ·····।"

"ନା"—ବାଧା ଦେଇ ଆର୍ଯ୍ୟ ମୃତ୍ୟୁଞ୍ଜୟ କହିଲେ·····"ମୁଁ ବୃଦ୍ଧ, ମୋତେ ନଗରୀର ଜନରବ ବଡ଼ ବିରକ୍ତିକର ମନେ ହେଉଛି ।"

Digitized by srujanika@gmail.com

ବୀଜଗୁପ୍ତ, ଯଶୋଧରା ଓ ଶ୍ୱେତାଙ୍କକୁ ନେଇ ଚାଲିଗଲା । ସର୍ବ ପ୍ରଥମେ ତିନି ହେଁ ଏକ ଅଳଂକାର ଦୋକାନରେ ଯାଇ ପହଞ୍ଚିଲେ । ବୀଜଗୁପ୍ତ ଓ ଶ୍ୱେତାଙ୍କ ଜଣକେ ହୀରକ ଜଡ଼ିତ ଅଙ୍ଗୁଠି ଆପଣା ଆପଣା ପାଇଁ ପସନ୍ଦ କଲେ । ଆଗରେ ମୋତିର ଗୋଟାଏ ବହୁମୂଲ୍ୟ ହାର ଥିଲା । ଯଶୋଧରା ନିର୍ନିମେଷ ଆଖିରେ ସେଇ ଆଡ଼କୁ ଦେଖୁଥିଲା । ବୀଜଗୁପ୍ତ ହାରଟିକୁ ବାହାର କରିବାକୁ ଆଦେଶ ଦେଲା ।

"ଦେବୀ ଯଶୋଧରା ! ଏ ହାରଟି କିପରି ଅଛି ?"

"ଅତି ସୁନ୍ଦର, ଆର୍ଯ୍ୟ ବୀଜଗୁପ୍ତ । ମୁଁ ଏହାକୁ ପ୍ରଥମରେ ଦେଖିଥିଲି । ମଣିମାଳା ନ ନେଲେ ମୁଁ ଏହାକୁ ହିଁ ନେଇଥାଆନ୍ତି ।" ତା'ପରେ ସେ ଶ୍ୱେତାଙ୍କ ଉଦ୍ଦେଶ୍ୟରେ କହିଲା—

"ଆର୍ଯ୍ୟ ଶ୍ୱେତାଙ୍କ ! ଏ ସବୁ ଆପଣଙ୍କ କାରଣରୁ ହିଁ ଘଟିଛି ।"

ଦୋକାନଦାର ଠାରୁ ହାରଟି ନେଇ ବୀଜଗୁପ୍ତ ଯଶୋଧରାର ଗଳାରେ ଲମ୍ବାଇ ଦେଇ କହିଲା—"ଦେବୀ ଯଶୋଧରା ! ଏହା ମୋର ଉପହାର ଆଶାକରେ ଗ୍ରହଣ କରିବେ ।"

ବୀଜଗୁପ୍ତର କରସ୍ପର୍ଶରେ ଯଶୋଧରା ଏକ ଅଭୂତପୂର୍ବ ରୋମାଞ୍ଚ ଅନୁଭବ କଲା—ତା'ର ସମଗ୍ର ଶରୀରରେ ଏକ ଅଦ୍ଭୁତ ଶିହରଣ ଖେଳିଗଲା । ସେ ସେଇ ହାରକୁ କାଢ଼ି ଦେଉଁ ଦେଉଁ କହିଲା—

"ଆର୍ଯ୍ୟ ବୀଜଗୁପ୍ତ—ମୁଁ ପିତାଙ୍କ ଅନୁମତି ବିନା ଏହା ଗ୍ରହଣ କରିବାକୁ ଏକାନ୍ତ ଅସମର୍ଥ ।"

ବୀଜଗୁପ୍ତ ହାରଟିକୁ ଆପଣା ହାତକୁ ନେଇ କହିଲା—

"ଦେବୀ ଯଶୋଧରା ! ଏହାକୁ ଗ୍ରହଣ କରିବାରେ ତମର ଆପତ୍ତି କରିବା ତ ଉଚିତ ନୁହେଁ । ମାତ୍ର ପିତାଙ୍କର ସ୍ୱୀକୃତି କଥା ଯାହା କହୁଛ ତାହା ସର୍ବଥା ଉଚିତ ।

Digitized by srujanika@gmail.com

ବିଂଶ ପରିଚ୍ଛେଦ—

କୁମାରଗିରି ଚନ୍ଦ୍ରଲେଖାର ବ୍ୟବହାରରେ ଆଶ୍ଚର୍ଯ୍ୟ ହେଉଥାନ୍ତି । ଚନ୍ଦ୍ରଲେଖା ତାଙ୍କ ପାଖକୁ ଆସିବାକୁ ଏତେ ଉତ୍ସୁକ ଥିଲା କିନ୍ତୁ ସେ ତା ପ୍ରତି ଆକର୍ଷିତ ହୋଇ ନ ଥିଲେ । ବରଂ ଚନ୍ଦ୍ରଲେଖା ହିଁ ଆକର୍ଷିତ ହୋଇଥିଲା । ତେବେ ଚନ୍ଦ୍ରଲେଖାର ଏ ପରିବର୍ତ୍ତନ କାହିଁକି ?

କୁମାରଗିରି ଚନ୍ଦ୍ରଲେଖାର ବ୍ୟବହାର ଅପେକ୍ଷା ଆପଣାର ବ୍ୟବହାରରେ ଅଧିକ ଆଶ୍ଚର୍ଯ୍ୟାନ୍ୱିତ ହେଉଥିଲେ । ସେ ଚନ୍ଦ୍ରଲେଖାକୁ ନିଜଠାରୁ ଦୂରରେ ରଖିବାପାଇଁ ଅଦମ୍ୟ ପ୍ରୟାସ କରୁଥାନ୍ତି । ତଥାପି ସେ ଚନ୍ଦ୍ରଲେଖାକୁ ସ୍ୱୀକାର କରି ନେଲେ କାହିଁକି ? ସେ କ'ଣ ନିଜ ଉପରୁ ଅବିଶ୍ୱାସକୁ ଦୂରରେ ରଖିବାର ପ୍ରୟାସ କରୁଥିଲେ ? କୁମାରଗିରିଙ୍କର କ୍ଷେତ୍ର ଥିଲା ବିଜୟ—ପରାଜୟ ତାଙ୍କପାଇଁ ଏକ ନୂତନ ବସ୍ତୁ । ସମ୍ଭବତଃ ସେ ନିଜର ଦୁର୍ବଳତାକୁ ହିଁ ଦୂର କରିବାକୁ ଚନ୍ଦ୍ରଲେଖାକୁ ସ୍ୱୀକାର କରି ନେଇଥିଲେ । ସେ ଦୁର୍ବଳତାର ଆଶ୍ରୟ ନେଇ ପରାଜିତ ହୋଇଛନ୍ତି । ତାଙ୍କ ପକ୍ଷେ ଅସଫଳତା କେତେ ଭୟାନକ ନୁହେଁ ? ନିଜର ଦୁର୍ବଳତା ହେତୁ ପରାଜିତ ହେବାରେ ଦୁଃଖ ନ ଥିଲା । ମାତ୍ର ଏକ ସାଧାରଣ ନର୍ତ୍ତକୀ ପାଖରେ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିବା ହେତୁ କ୍ରୋଧ ତାଙ୍କ ଦୁଃଖକୁ ମଳିନ କରି ଦେଉଥିଲା । ଯୋଗୀ କୁମାରଗିରି କହି ଉଠିଲେ—"ନର୍ତ୍ତକୀ ଚନ୍ଦ୍ରଲେଖାକୁ କୌଣସି ପ୍ରକାର ବଶୀଭୂତ କରିବାକୁ ହିଁ ହେବ, ମାତ୍ର କିପରି ?"

"ଚନ୍ଦ୍ରଲେଖା କାହିଁକି ବା ମୋତେ ପ୍ରେମ କରି ପାରିବ ନାହିଁ ?" ଯୋଗୀ କୁମାରଗିରିଙ୍କ ମନରେ ଏହି ପ୍ରଶ୍ନ ଉଠୁଥିଲା । କାହିଁକି ନା ସେ

Digitized by srujanika@gmail.com

ଅନ୍ୟ ଏକ ବ୍ୟକ୍ତିଙ୍କୁ ଭଲ ପାଉଛି । ଯଦି ଚିତ୍ରଲେଖା ବୀଜଗୁପ୍ତଙ୍କୁ ପ୍ରେମ କରିବା ଛାଡ଼ିଦିଏ ତେବେ ସେ ମୋ ପାଖରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବା ସମ୍ଭବ ହେବ । ବୀଜଗୁପ୍ତଙ୍କୁ ଚିତ୍ରଲେଖାର ମାର୍ଗରୁ ହଟାଇବାକୁ ହିଁ ହେବ ।"

ଚିତ୍ରଲେଖା କୁମାରଗିରିଙ୍କ କୁଟୀରକୁ ଆସିବା ପ୍ରାୟ ଦୁଇମାସରୁ ଅଧିକ ହୋଇଗଲାଣି । ଗତ ଘଟଣା ମଧ୍ୟ ପ୍ରାୟ ପୁରୁଣା ହୋଇ ସାରିଲାଣି । ଏ ମଧ୍ୟରେ କୁମାରଗିରି ଆପଣାକୁ ସଂଯତ କରି ରଖିଥାନ୍ତି । ସାମାନ୍ୟ ଦୁର୍ବଳତାର ସୂଚନା ମଧ୍ୟ ଦେଇ ନାହାନ୍ତି । କିନ୍ତୁ ଦିନ ପରେ ତାଙ୍କର ବିଶ୍ୱାସ ହେଲା ଯେ, ଚିତ୍ରଲେଖାକୁ ପାଖରେ ରଖି ମଧ୍ୟ ସେ ବିଷୟ-ବାସନାର ଦୂରରେ ରହିପାରିଛନ୍ତି । ମାତ୍ର ସେ ଭାବନା ସ୍ଥାୟୀ ହୋଇ ରହି ପାରିଲା ନାହିଁ । ଅତରେ ଯେଉଁ ଅଗ୍ନି ପ୍ରଜ୍ୱଳିତ ହୋଇ ସାରିଛି ସେ ତାର ଆହୂତି ମାଗୁଛି । କୁମାରଗିରି ନିଜର ପ୍ରତିଜ୍ଞା ଉପରେ ଆଉ ଦୃଢ଼ ହୋଇ ରହି ପାରିଲେ ନାହିଁ ।

ସେଦିନ ରାତିରେ ଚିତ୍ରଲେଖାକୁ ଆପଣା ପାଖରେ ବସିବାକୁ ଆଦେଶ ଦେଇ ସେ କହିଲେ—

"ଦେଖ ଚିତ୍ରଲେଖା ! ପ୍ରାୟ ଏକ ମାସ ଗତ ହୋଇଯାଇଛି । ଏ ମଧ୍ୟରେ ମୁଁ ମୋର ଉତ୍‌ଥାନ ପାଇଁ ଯଥେଷ୍ଟ ପ୍ରଯତ୍ନ କରିଛି । ବର୍ତ୍ତମାନ ମୁଁ ମନେ କରୁଛି ମୋର ଦୁର୍ବଳତା ଯଥେଷ୍ଟ ଦୂର ହୋଇଯାଇଛି ।"

"ସମ୍ଭବତଃ" ଚିତ୍ରଲେଖା ଅଳ୍ପ ହସୁଥିଲା ।

କୁମାରଗିରି କହିଲେ "ମୁଁ ଶୁଣୁଛି ଆର୍ଯ୍ୟ ବୀଜଗୁପ୍ତ କାଶୀ ଯାତ୍ରାରେ ଯାଇଛନ୍ତି, ତାଙ୍କ ସାଥିରେ ଆର୍ଯ୍ୟ ମୃତ୍ୟୁଞ୍ଜୟ ଓ ତାଙ୍କର କନ୍ୟା ଯଶୋଧରା ମଧ୍ୟ ଯାଇଛନ୍ତି ।"

"କ'ଣ ଯଶୋଧରା ମଧ୍ୟ ସଙ୍ଗରେ ଯାଇଛି !" ଚିତ୍ରଲେଖା ଚମକି ଉଠିଲା ।

"ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ କଣ ଅଛି । ତୁମେ ଆର୍ଯ୍ୟ ବୀଜଗୁପ୍ତଙ୍କୁ ଏହା ହିଁ କହି ତ୍ୟାଗ କରିଛ ଯେ, ସେ ଯଶୋଧରାକୁ ବିବାହ କରନ୍ତୁ ଓ ଗାର୍ହସ୍ଥ୍ୟ ଜୀବନ ଅତିବାହିତ କରନ୍ତୁ । ତୁମେ ଉଚିତ କରିଛ । ଆର୍ଯ୍ୟ ବୀଜଗୁପ୍ତ ପକ୍ଷରେ ଯଶୋଧରାକୁ ବିବାହ କରିନେବା କ'ଣ ଉଚିତ ହେବ ନାହିଁ ?"

Digitized by srujanika@gmail.com

"ମୁଁ ସେସବୁ କିଛି ଜାଣେ ନା ।"…ଚିତ୍ରଲେଖାର କଣ୍ଠସ୍ୱର ତିକ୍ତ ହୋଇ ଯାଇଥିଲା । ସେ କହିଲା—"କୃପା କରି ମୋତେ ବୀଜଗୁପ୍ତଙ୍କ ସମ୍ବନ୍ଧରେ କିଛି ପଚାରନ୍ତୁ ନାହିଁ ।"

"ବୀଜଗୁପ୍ତଙ୍କ ସମ୍ବନ୍ଧରେ କିଛି କହିବ ନାହିଁ ! ଜାହିଁକି ? ତୁମେ ତାଙ୍କୁ ପ୍ରେମ କର ବୋଲି; ବୀଜଗୁପ୍ତ ଅନ୍ୟ ସ୍ତ୍ରୀର ପ୍ରଣୟାସକ୍ତ ହେବା ତୁମକୁ ଅସହ୍ୟ ହେଉଛି ? ତୁମେ ତା'ହେଲେ ତାଙ୍କୁ ତ୍ୟାଗ କାହିଁକି କରିଛ ? ତୁମେ କ'ଣ ଭାବୁଛ ଯେ ସ୍ତ୍ରୀର ହିଁ ଏବୁକିଛି କରିବାର ଅଧିକାର ରହିଛି ଓ ପୁରୁଷ ସେ ସବୁ ଅଧିକାରରୁ ବଞ୍ଚିତ ? ତୁମେ କ'ଣ ଭାବିଛ ଯେ ବୀଜଗୁପ୍ତ ତୁମର ଦାସ ହୋଇ ରହିବ ?…ଏହା ଅସମ୍ଭବ !"

କୁମାରଗିରିଙ୍କର କଣ୍ଠରେ ପ୍ରତିହିଂସାର ବହ୍ନିପ ଚିତ୍ରଲେଖା ବେଶ ଅନୁଭବ କରୁଥିଲା । ଯେଉଁ ସ୍ତ୍ରୀ ପାଖରେ ସେ ପରାଜିତ ହୋଇଥିଲେ ତାକୁ ପରାଜିତ କରିବା ହିଁ ଥିଲା ତାଙ୍କର ଉଦ୍ଦେଶ୍ୟ ।

ଚିତ୍ରଲେଖା ଅସ୍ଥିର ହୋଇ କଂପିବାକୁ ଲାଗିଲା । ସେ କହିଲା—

"ମୁଁ ଯାହା କରିଛି ତାହା କେବଳ ବୀଜଗୁପ୍ତଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ହିଁ କରିଛି । ସମାଜର ଦୃଷ୍ଟି କୋଣରୁ ବୀଜଗୁପ୍ତଙ୍କୁ ପତିତ କରିଥିଲି । ମୁଁ ତାଙ୍କୁ ତ୍ୟାଗକରି ବରଂ ତାଙ୍କୁ ଉନ୍ନତ ହେବାରେ ସାହାଯ୍ୟ କରିଛି ।"

"ମୁଁ ଏହା କିପରି ମାନି ନେବି ? ତୁମେ ନିଜେ ହିଁ ନିଜକୁ ପ୍ରବଞ୍ଚିତ କରୁଛ ଚିତ୍ରଲେଖା । ଯେଉଁ ସମୟରେ ତୁମେ ବୀଜଗୁପ୍ତଙ୍କୁ ଛାଡ଼ିଛ ସେତେବେଳେ ତୁମେ ମୋର ପ୍ରଣୟର ଆଶ୍ରୟ ନେବା ଉଦ୍ଦେଶ୍ୟରେ ହିଁ ଛାଡ଼ିଛ !" କୁମାରଗିରିଙ୍କର ସ୍ୱର ଅସାଧାରଣ ଭାବରେ ତିକ୍ତ ହୋଇ ଯାଉଥିଲା । ଆଜି କୁମାରଗିରି ତାଙ୍କ ଅନ୍ତରର ସେଇ ସ୍ଫୂର୍ତ୍ତି, ସେଇ ପୁରାତନ ଗୁରୁତ୍ୱ, ସେଇ ପୁରାତନ ତେଜର ଅନୁଭବ କରୁଥିଲେ, ଚିତ୍ରଲେଖା କୁଟୀରକୁ ଆସିବା ପରେ ଯାହା କି ସେ ହରାଇ ବସିଥିଲେ ।

"ତୁମେ ବୀଜଗୁପ୍ତଙ୍କୁ ଛଳନା କରିପାର । ତୁମେ ମୋତେ ପ୍ରବଞ୍ଚିତ କରିପାର ମାତ୍ର ନିଜେ ନିଜକୁ ପ୍ରବଞ୍ଚନା ଦେଇ ପାରିବ ନାହିଁ । ତୁମେ ବାସନାର ବନ୍ଧନରେ ପଡ଼ିସ ପ୍ରଣୟକୁ ପଦାଘାତ କରିଛ । ମୋଠାରେ କିଛି ନ ଦେଖି ମୋ ପ୍ରତି ଆକୃଷ୍ଟା ହୋଇଛ । ସେତେବେଳେ ତମ

Digitized by srujanika@gmail.com

ଉଦରେ ଚଣ୍ଡ ପ୍ରବୃତ୍ତି ପ୍ରବଳ ହୋ'ଇ ଉଠିଥିଲା । ତୁମେ ସେତେବେଳେ ମନ୍ମଥଙ୍କୁ ଜଳାଞ୍ଜଳି ଦେଇ ସାରିଥିଲ । ତୁମେ ରାଜଗୁପ୍ତର ବିନା ଇଚ୍ଛାରେ ତାଙ୍କର ଜୀବନକୁ ଦୁର୍ବହ କରି ମୋ ନିକଟକୁ ଚାଲି ଆସିଛ । ଆଉ ରାଜଗୁପ୍ତ ? ସେ ଏକ ସାଧାରଣ ନର୍ତ୍ତକୀ ପାଇଁ ଚନ୍ଦ୍ରଶ୍ରୀର ସମସ୍ତ ସୁଖକୁ ବଳିଦାନ ଦେଇଛନ୍ତି । ସେ ନିଜର ଜୀବନକୁ ନଷ୍ଟ କରିଛନ୍ତି କେବଳ ଏଇଥିପାଇଁ ଯେ, ସେ ତୁମକୁ ଭଲ ପାଉଛନ୍ତି ଓ ସେ ତୁମର ପ୍ରଣୟକୁ ପବିତ୍ର ବୋଲି ଅନୁଭବ କରୁଛନ୍ତି ।”

ଚନ୍ଦ୍ରଲେଖା ଚିତ୍କାର କଲା······“ଚୁପ୍‌କର !”

କୁମାରଗିରି ଚନ୍ଦ୍ରଲେଖାକୁ ତୀକ୍ଷ୍ଣ ଦୃଷ୍ଟିରେ ଦେଖୁଥିଲେ ତା'ପରେ ସେ ଅଳ୍ପ ହସି କହିଲେ—

“ଚୁପ୍ କରିବ !······ଏତିକି କଥାରେ ଚଞ୍ଚଳ ହୋଇପଡ଼ୁଛ ନର୍ତ୍ତକୀ !······ନା, ମୋତେ ଏ କଥା ସମ୍ପୂର୍ଣ୍ଣ କରିବାକୁ ହେବ ଏବଂ ତମକୁ ଏ ସବୁ ଶୁଣିବାକୁ ହେବ । ତୁମେ ଯାହା କରିଛ ତା'ର ପରିଣାମ ତମକୁ ନିଶ୍ଚୟ ଭୋଗିବାକୁ ହେବ । ତାହା ଅଂଶିକ ମିଳି ସାରିଛି ମଧ୍ୟ । ତୁମ ରାଜଗୁପ୍ତ ବର୍ତ୍ତମାନ ମଧ୍ୟ ତୁମର ଉପେକ୍ଷିତ । ତୁମେ ରାଜଗୁପ୍ତ ପାଖକୁ ଫେରିଗଲେ ସେ ତୁମକୁ ସ୍ୱୀକାର କରିନେବେ ? ଯଦି ଏହା ସତ ତାହେଲେ ମନର ଧାରଣା ଭ୍ରାନ୍ତ । ତୁମ ବିଷର ପ୍ରଭାବକୁ ଦୂର କରିବାକୁ ତାଙ୍କୁ ଅମୃତ ମିଳିଛି । ତୁମେ ତାଙ୍କୁ ନଷ୍ଟ କରିବାରେ କୌଣସି ତ୍ରୁଟି କରି ନାହଁ । ମାତ୍ର ତାଙ୍କୁ ଯଶୋଧରା ରକ୍ଷା କରି ନେଇଛି । ରାଜଗୁପ୍ତ ଯଶୋଧରା ସହିତ ବୈବାହିକ ଜୀବନର ଆନନ୍ଦ ଉପଭୋଗ କରୁଛନ୍ତି !”

ଏ କଥାରେ ଚନ୍ଦ୍ରଲେଖାର ମୁଖମଣ୍ଡଳ ମଳିନ ହୋଇଯାଉଥିଲା—

“କ'ଣ ତୁମେ ସତ୍ୟ କହୁଛ ଯୋଗୀ ! ବାସ୍ତବିକ ରାଜଗୁପ୍ତ ଯଶୋଧରାକୁ ବିବାହ କରି ନେଇଛନ୍ତି !······ଅସମ୍ଭବ ! ଏହା ଏକାନ୍ତ ଅସମ୍ଭବ ଯୋଗୀ !”

“ଏହା ସମ୍ଭବ ନୁହେଁ ?” କୁମାରଗିରିଙ୍କର କଣ୍ଠ ସ୍ୱର ବଢ଼ିଲା । ସ୍ୱର ତୀକ୍ଷ୍ଣ ଥିଲା । “ତୁମେ ବାସନାର ବଶୀଭୂତ ହୋଇ ମୋ ପାଖକୁ ଚାଲିଆସିବା ସମ୍ଭବ ହୋଇ ପାରିଛି ଆଉ ରାଜଗୁପ୍ତଙ୍କର ସ୍ୱର୍ଗୀୟ ପ୍ରତିମା ସହିତ ପବିତ୍ର ବୈବାହିକ ସମ୍ବନ୍ଧ ସ୍ଥାପିତ କରିନେବା ଅସମ୍ଭବ

Digitized by srujanika@gmail.com

କ'ଣ ? ବାସ୍ତବର ଚମଠାରେ କେତେ ମିଥ୍ୟା ଅଭିମାନ ନାହିଁ ? ନିଜେ କେତେ ଅମୂଳ ବିଶ୍ୱାସ କରନ୍ତି ? ଯଦି ତୁମର ମୋ ଉପରେ ବିଶ୍ୱାସ ହେଉନି ······ଯାଇପାର, ନିଜ ଦମ୍ପତି ଅସିବେ······ତୁମେ ହିଁ ପ୍ରଥମ ଅଭିନନ୍ଦନ ଦେବାର ସୌଭାଗ୍ୟ ନିଅ । ଦେଖିଅସ ତମର ପ୍ରଣୟୀ······।"

ଚିତ୍ରଲେଖା ପାଗଳ ପରି କହିଲା—ସେ କ'ଣ ଅସିଲେଣି ? ସେ ଠିଆହେଲା– ତା'ର ସମଗ୍ର ଶରୀର କମ୍ପି ଉଠିଥିଲା । ତା'ର ମୁଖମଣ୍ଡଳ ମଳିନ ହୋଇ ଯାଉଥିଲା । ସେ ଥରେ ସନ୍ତୃଷ୍ଣ ଆଖିରେ ପାଟଳୀପୁତ୍ର ଆଡ଼କୁ ଚାହିଁ ରହିଲା ।

·········"କ'ଣ ସେ ଫେରିଛନ୍ତି ?·········ଯୋଗୀ ମୁଁ ଆପଣଙ୍କୁ ଅନୁରୋଧ କରୁଛି·········ଆପଣ ଥରେ ମାତ୍ର କହନ୍ତୁ ଯାହା ଆପଣ କହିଗଲେ ସେ ସବୁ ମିଥ୍ୟା······।"

"ମିଛ ବୋଲି କହିବି !" କୁମାରଗିରି ଏକ ଅଟ୍ଟହାସ୍ୟ ହସି ଥିଲେ । ସେ ହସରେ ଚିତ୍ରଲେଖା ଶଂକିତା ହେଉଥିଲା । "ସତକୁ ମିଛ ବୋଲି କହିବି ?···············ତୁମେ ନିଜେ ଯାଅ···············ନିଜେ ଦେଖିଆସ ।"

ଚିତ୍ରଲେଖା ହତାଶ ହୋଇପଡ଼ିଲା । ତା'ର କଣ୍ଠ ସ୍ୱରରେ ଭରି ଉଠିଥିଲା କାରୁଣ୍ୟ । ସେ କହିଲା—"ଯିବାରେ ଲାଭ କ'ଣ ? ସବୁ ସମାପ୍ତ ହୋଇଯାଇଥିବ ।"

ଚିତ୍ରଲେଖାର ଅତି ନିକଟକୁ ଆସି ଆସି ବିଦ୍ରୁପ କରି କୁମାରଗିରି କହିଲେ "ସବୁ ସମାପ୍ତ ହୋଇ ଯାଇଛି !·········କେବେ କେଉଁଠି ସମାପ୍ତ ହେଲଣି ? କୌଣସି ଗୋଟିକର ସମାପ୍ତି ଅନ୍ୟ ଗୋଟିକର ଆରମ୍ଭ ନିଶ୍ଚୟ । ତେବେ ସମାପ୍ତ କପରି ହୋଇଛି, ଦେଖ ଚିତ୍ରଲେଖା !"

ସେତେବେଳେ କୁମାରଗିରିଙ୍କର କଣ୍ଠସ୍ୱର କୋମଳ ହୋଇ ଯାଇଥିଲା । ସେ କଣ୍ଠସ୍ୱରରେ ମୃଦୁଳ କଂପନର ସମାବେଶ ମଧ୍ୟ ହୋଇଥିଲା ।

"ତୁମେ ଜାଣ ମୁଁ ତୁମକୁ ପ୍ରେମ କରେ । ଆଉ ମଧ୍ୟ ଜାଣ ତୁମେ ଯଦିଓ ମୋତେ ପ୍ରେମ କର ନାହିଁ, ମତେ ଘୃଣା ମଧ୍ୟ କର ନାହିଁ । ତୁମେ

Digitized by srujanika@gmail.com

ମୋର ଜୀବନର ଅନ୍ତ ପାଖକୁ ଆସିବାକୁ ଚାହୁଁନ୍ତି ! ମାତ୍ର କେବଳ ବୀଜଗୁପ୍ତ ପାଇଁ ହିଁ ତୁମେ ଆସିପାର ନାହିଁ । ତୁମେ ତା'ର ଜୀବନକୁ ଦୁଃଖମୟ କରିଛ—ସେ ମଧ୍ୟ ତମର ଜୀବନକୁ ଦୁଃଖମୟ କରିଛି । ବୀଜଗୁପ୍ତ ଏକ ଆଧାର ପାଇସାରିଛି । ତୁମକୁ ମଧ୍ୟ ସେପରି ଏକ ଆଧାର ଖୋଜି ନେବାକୁ ପଡ଼ିବ ।·········ଦେଖ ଚନ୍ଦ୍ରଲେଖା ! ମୁଁ ତୁମକୁ ପ୍ରେମ କରେ ।"

·········କୁମାରଗିରି ଅସ୍ଥିର ଭାବରେ ଚନ୍ଦ୍ରଲେଖାର କର ଧାରଣ କଲେ ।

ଚନ୍ଦ୍ରଲେଖା ସେଥିରେ ବାଧା ଦେଲା ନାହିଁ । ସେ କୁମାରଗିରିଙ୍କୁ ଚାହିଁ ରହିଲା······ତାଙ୍କ ଆଖିର ଦୁର୍ବୋଧ ଚନ୍ଦ୍ରଲେଖା ପାଇଁ ସୁବୋଧ ଥିଲା । ଦୃଷ୍ଟିର ଇଙ୍ଗିତ ବୁଝିବାର ପ୍ରୟାସ କରୁଥିଲା ଚନ୍ଦ୍ରଲେଖା ।

କୁମାରଗିରି କହି ଚାଲିଲେ······"ପ୍ରେମ ! ପ୍ରେମ ହିଁ ମୋର ଧର୍ମ ହୋଇଯାଇଛି । ତୁମେ ମୋ ଜୀବନରେ ଆସିଛ, ତୁମେ ମୋତେ ପ୍ରଣୟର ଶିକ୍ଷା ଦିଅ······ଆସ ଆମେ ଦୁହେଁ ଏକ ଓ ଅଭିନ୍ନ ହୋଇଯିବା ।"

କୁମାରଗିରିଙ୍କ ମୁଣ୍ଡ ନଇଁ ଆସୁଥିଲା—ଚନ୍ଦ୍ରଲେଖାର ମୁଖ ଉପରକୁ ଉଠୁଥିଲା—ଅଧର ବେନି ମିଳିତ ହେଲେ ···ଅନେକ ସମୟ ଧରି ମିଳିତ ରହିଲେ ।

କୁମାରଗିରି ପାଗଳଙ୍କ ପରି କହୁଥିଲେ—

"ତୁମେ ମୋତେ ପତିତ କରିବାକୁ ଆସିଛ·····ମୁଁ ପ୍ରସ୍ତୁତ ଅଛି ! କେତେ ସୁଖ ନାହିଁ ସେଥିରେ ? କେତେ ମାଦକମୟ ନୁହେଁ ଏଇ ଜୀବନ ? ଆବଦ୍ଧ ହେବା ! ପ୍ରାଣେଶ୍ୱରୀ !! ଆଜି ମୁଁ ତୁମର ଯୌବନର ମାଦକତା ତଳେ ଆପଣାକୁ ହଜେଇ ଦେବାକୁ ଚାହୁଁଛି ।" କୁମାରଗିରିଙ୍କର ନୟନ ମୁଦ୍ରିତ ହୋଇଯାଉଥିଲା·····ଚନ୍ଦ୍ରଲେଖା ବି ମୁଦ୍ରିତ ନୟନା ଥିଲା । ଆଶ୍ଲେଷର ନିବିଡ଼ ବନ୍ଧନତଳେ ଦୁହେଁ ଦୁହିଁଙ୍କୁ ହଜେଇ ଦେଇଥିଲେ ।

ଚନ୍ଦ୍ରଲେଖା ଅସ୍ପଷ୍ଟ କଣ୍ଠରେ କହୁଥିଲା "ତାହାହିଁ ହେଉ ।"

× × × × ×

ସେଦିନ ପ୍ରଦୋଷରେ ଚନ୍ଦ୍ରଲେଖା ଯେତେବେଳେ ଯୋଗତ୍ୟାଗ କଲା, ସେତେବେଳେ ସେ ଉଦ୍‌ବିଗ୍ନ ଥିଲା ।—ବୀଜଗୁପ୍ତ ତାକୁ ତ୍ୟାଗ କରିଛି । ଏ ଭାବନା ତା ପାଇଁ ଅସହ୍ୟ ବୋଧ ହେଉଥିଲା । ସଂସାର ତା'ର ଅନ୍ଧକାରମୟ । ରହି ରହି ତା' ନିଜ ଉପରେ ହିଁ କ୍ରୋଧ ହେଉଥିଲା । ସେ ବୀଜଗୁପ୍ତକୁ କାହିଁକି ବା ତ୍ୟାଗ କରିଛି ?

Digitized by srujanika@gmail.com

ସେତେବେଳେ କୁମାରଗିରି ଶୋଇଥିଲେ । ତାଙ୍କର ମୁଖମଣ୍ଡଳ ବିକୃତ ହୋଇ ଉଠିଥିଲା । ସଂଯମକୁ ଏକ ପଲକରେ ନଷ୍ଟ କରିଦେଇ ବାସନା ତାଙ୍କର ମୁଖମଣ୍ଡଳରେ ଧୂମିଳର ଏକ ଅବଲେପ ଲେପି ଦେଇଥିଲା । ଚିତ୍ରଲେଖା କିଛି ସମୟ ପାଇଁ କୁମାରଗିରିଙ୍କ ଆଡ଼କୁ ଚାହିଁ ରହି ତା'ପରେ ହଠାତ୍ କେଜାଣି କାହିଁକି କମ୍ପି ଉଠିଲା । ତା'ର ସେଠାରେ ଆଉ କ୍ଷଣମାତ୍ର ରହିବାକୁ ସାହସ ହେଲ ନାହିଁ, ବାହାରକୁ ବାହାରି ଆସିଲା । ଯାହା ସହିତ ସେ ଗତରାତ୍ରି ଭୋଗ ବିଳାସ ଭିତରେ କଟେଇଛି, ତାର ମୁଖମଣ୍ଡଳ ସେତେବେଳେ ତାକୁ ଭୟାନକ ଓ ଘୃଣୋତ୍ପାଦକ ମନେ ହେଉଥିଲା ।

ସେତେବେଳେ ବିଶାଳଦେବ ଉପାସନା ସମାପ୍ତ କରି ଚିତ୍ରଲେଖାକୁ ଆଗରେ ଦେଖି ନମସ୍କାର କଲା । ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲା—

"ଦେବୀ, ଆଜି ଏପରି ମ୍ଳାନ !"

"ଗତରାତ୍ରି ଏକ ଭୟାନକ ସ୍ୱପ୍ନ ଦେଖିଛି । ସେ ସ୍ୱପ୍ନ ହିଁ ମୋତେ ଉଦ୍‌ବିଗ୍ନ କରିଛି ।"

"ଆଜି ବର୍ତ୍ତମାନ ପର୍ଯ୍ୟନ୍ତ ଗୁରୁଦେବ·········।"

"ସେ ସମାଧିସ୍ଥ ।" ଚିତ୍ରଲେଖା କହିଲା ।

"ସମାଧିସ୍ଥ ?" ବିଶାଳଦେବ ଆଶ୍ଚର୍ଯ୍ୟ ହେଲା । ସେ ପଚାରିଲା—
"ଆଜି ପ୍ରଥମ ଥର ପାଇଁ ଗୁରୁଦେବ ନିୟମ ଭଙ୍ଗ କରିଛନ୍ତି ।"

ଅନେକ ସମୟ ଉଭୟେ ନୀରବ ରହିଲେ । କିଛି ସମୟ ପରେ ବିଶାଳଦେବ କହିଲା "ଦେବୀ ଚିତ୍ରଲେଖା ! କ'ଣ ମୁଁ ଆପଣଙ୍କର ସେ ସ୍ୱପ୍ନ ସମ୍ବନ୍ଧରେ ଅଧିକ କିଛି ପ୍ରଶ୍ନ କରି ପାରେ କି ?"

"କେବଳ ଏତିକି ମାତ୍ର ହିଁ ଜାଣିନେବା ତୁମ ପକ୍ଷରେ ଉଚିତ ହେବ ଯେ ସେ ସ୍ୱପ୍ନ ମୋର ଗତ ଜୀବନ ସମ୍ବନ୍ଧିତ ।"

"ଗତ ଜୀବନ ସହିତ ତା'ର ସମ୍ବନ୍ଧ ଅଛି !"

ବିଶାଳଦେବ କିଛି ସମୟ ପାଇଁ ଚିନ୍ତା କରି କହିଲା—"ଦେବୀ, ଆପଣ ଗୃହାନ୍ତ ଚଳ ତାହାହେଲେ ମୁଁ ଆର୍ଯ୍ୟ ବୀଜଗୁପ୍ତଙ୍କ ଖବର ଆଣୁଛି······ସେ ସମ୍ଭବତଃ ଆସି ଗଲେଣି ।"

Digitized by srujanika@gmail.com

"ସେ ଫେରିଲେଣି ମୁଁ ଏତିକି ଜାଣେ !"......ଚିତ୍ରଲେଖାର ଦୃଢ଼ ସ୍ୱର ଶୁଷ୍କ ହୋଇ ଯାଉଥିଲା ।......"କିନ୍ତୁ ବିଶାଳ ଦେବ ! ମୋର ଲାଭ ! ତାଙ୍କର ଫେରିବା ନ ଫେରିବାରେ ମୋର ଆଉ କ'ଣ ପ୍ରୟୋଜନ ଅଛି ?"

"ଦେବୀ, ଆପଣ ବଡ଼ ବିଚିତ୍ର; ବୁଝିବା ନିତାନ୍ତ କଠିଣ । ସେଦିନ ତ ବୀଜଗୁପ୍ତଙ୍କ ପାଖକୁ ଫେରିଯିବାର...... ।"

ଚିତ୍ରଲେଖା ତା' କଥାରେ ବାଧା ଦେଇ କହିଲା—"ହଁ, ସେ ଦିନ ମୁଁ ଯିବାକୁ ଚାହୁଁଥିଲି, କିନ୍ତୁ ଆଜି ଚାହୁଁନା । ମୋର ବ୍ୟକ୍ତିଗତ ଜୀବନ ନେଇ ତୁମର ଏତେ ଉତ୍ସୁକତା ପ୍ରଦର୍ଶନ କେତେ ଦୂର ଉଚିତ ତା'ର ବିଚାର କେବେ କରିଛ ?"

ବିଶାଳଦେବ ନତମସ୍ତକ ହେଲା—ଅସ୍ପଷ୍ଟ କଣ୍ଠରେ କହିଲା—"ଦେବୀ, ଆପଣ ଅବଶ୍ୟ ଠିକ୍ କହୁଛନ୍ତି, କିନ୍ତୁ ଆପଣଙ୍କ ବ୍ୟକ୍ତିଗତ ଜୀବନ ପ୍ରତି ଉତ୍ସୁକତା ପ୍ରଦର୍ଶନର ଅର୍ଥ ମୋର ଗୁରୁଦେବଙ୍କର ଜୀବନ ପ୍ରତି ଉତ୍ସୁକତା ପ୍ରଦର୍ଶନ । ଏହା ମୋ ପକ୍ଷରେ ଉଚିତ ତଥା ସ୍ୱାଭାବିକ । ଦେବୀ ଚିତ୍ରଲେଖା ! ଆପଣ ଭଲ ଭାବରେ ଜାଣନ୍ତି ଯେ, ଆପଣଙ୍କର ଉପସ୍ଥିତି ଏ କୁଟୀରର ସଂଯମପୂର୍ଣ୍ଣ ଶାନ୍ତିକୁ ନଷ୍ଟ କରିଛି । ଏ ଆଶ୍ରମ ଏପରି ଏକ ସ୍ଥଳ ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ଅନ୍ୟର ଉଚିତ ତଥା ଅନୁଚିତ ସମସ୍ତ କାର୍ଯ୍ୟର ଟୀକା ଦେବାକୁ—ସେଥିକି ହସ୍ତକ୍ଷେପ କରିବାର ମଧ୍ୟ ଅଧିକାର ରହିଛି ।"

"ମୁଁ ଏହା ମାନିନେବାକୁ ବାଧ୍ୟ ନୁହେଁ ?"

"ନ ହୋଇ ପାରନ୍ତି ତଥାପି ମଧ୍ୟ ମୁଁ ଆଜି ପାଟଳିପୁତ୍ର ଯିବି । କେବଳ ମୋର ଗୁରୁଭାଇ ଶ୍ୱେତାଙ୍କୁ ସାକ୍ଷାତ କରିବାକୁ । ଦେବୀ ! ମୁଁ ପ୍ରାର୍ଥନା କରୁଛି, ଆପଣ ଥରେ ବିଚାର କରନ୍ତୁ, ଆମ ଉପରେ ଦୟା କରନ୍ତୁ ।"

"ଦୟା !" ଚିତ୍ରଲେଖା ହସି ଉଠିଲା । "କାହା ଉପରେ ଦୟା କରିବାକୁ କହୁଛ ବିଶାଳଦେବ । କଣ ପାଇଁ ଏ ଦୟାର ପ୍ରୟୋଜନ ? ଗୋଟିଏ ହନ୍ତା ନିକଟରେ ତୁମେ ଦୟାର ଭିକ୍ଷା କରୁଛ......ସଂହାର-କର୍ତ୍ତା ପାଖରେ ସୃଜନ ପାଇଁ ନିବେଦନ କରୁଛ, ବିଶାଳଦେବ !"...... ଚିତ୍ରଲେଖା ସେଠାରୁ ଚାଲିଗଲା ।

Digitized by srujanika@gmail.com

ଏତେ କଥା କହିବା ପରେ ଏବଂ ଗୋଟାଏ ନିଷ୍ପତ୍ତି କରିସାରିବା ପରେ ମଧ୍ୟ ସେ ଚାଣକ୍ୟଗୁପ୍ତ ସମ୍ବନ୍ଧରେ ଜାଣିବାକୁ ଚାହୁଁଥିଲା । ବିଶାଳଦେବ ଫେରିଲାବେଳକୁ ଚିତ୍ରଲେଖା କୁଟୀର ବାହାରେ ବଟ ବୃକ୍ଷର ଛାୟାରେ ତା'ର ଅପେକ୍ଷାରେ ବସି ରହିଥିଲା

ପ୍ରାୟ ଦ୍ୱିପ୍ରହରରେ ବିଶାଳଦେବ ପାଟଳିପୁତ୍ରରୁ ଫେରିଲା । ସିଧା ଚିତ୍ରଲେଖା ପାଖକୁ ଆସି ସେ ବିନମ୍ର ଭାବରେ କହିଲା--

"ଦେବୀ ଚିତ୍ରଲେଖା ! ମୁଁ ଆର୍ଯ୍ୟ ଚାଣକ୍ୟଗୁପ୍ତଙ୍କୁ ସାକ୍ଷାତ କରି ନାହିଁ, କେବଳ ମାତ୍ର ଶ୍ୱେତାଙ୍କୁ ଦେଖାକରି ଚାଲି ଆସିଛି । ମୁଁ ସେଠାରେ ଅଧିକ ସମୟ ରହିପାରିଲି ନାହିଁ କାରଣ ସେତେବେଳେ ଶ୍ୱେତାଙ୍କ ମୃତ୍ୟୁଞ୍ଜୟଙ୍କର ଗୃହ ଉଦ୍ଦେଶ୍ୟରେ ଯାଉଥିଲା । ମୁଁ ମଧ୍ୟ ତା' ସହିତ ମୃତ୍ୟୁଞ୍ଜୟଙ୍କର ଭବନ ପର୍ଯ୍ୟନ୍ତ ଗଲି । ସେ ସେଠାରେ ରହିଗଲା ଓ ମୁଁ ଫେରି ଆସିଛି ।"

ଚିତ୍ରଲେଖା ପଚାରିଲା---"ଶ୍ୱେତାଙ୍କ ମୋ ବିଷୟରେ କିଛି ପଚାରୁଥିଲେ ?"

"ହଁ, ସେ ଆପଣଙ୍କର ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ କୁଶଳ ବିଷୟ ନେଇ ପଚାରୁଥିଲା । ସେ ବଡ଼ କାର୍ଯ୍ୟ ବ୍ୟସ୍ତ । ନ ହେଲେ ସେ ମୋ ସଙ୍ଗରେ ଏପର୍ଯ୍ୟନ୍ତ ଆସିପାରିଥାନ୍ତା । ଗୋଟାଏ କଥା କହିବି·········ସମ୍ଭବତଃ ଆପଣଙ୍କୁ ଆଶ୍ଚର୍ଯ୍ୟ ବୋଧହେବ -- ଶ୍ୱେତାଙ୍କ ଯଶୋଧରାର ପ୍ରଣୟାସକ୍ତ ଏବଂ ତାକୁ ସେ ବିବାହ କରିବାର ଇଚ୍ଛା ମଧ୍ୟ କରେ ।"

ଚିତ୍ରଲେଖା ଚମକି ଉଠିଲା ।·····"ଶ୍ୱେତାଙ୍କ ଯଶୋଧରାକୁ ବିବାହ କରିବାକୁ ଚାହୁଁଛି ! ମୋର ଅନୁମାନ ଥିଲା ଚାଣକ୍ୟଗୁପ୍ତଙ୍କ ବିବାହ ଯଶୋଧରା ସହିତ ହୋଇଯାଇଛି !"

ବିଶାଳଦେବ ଏ କଥାରେ ଆଶ୍ଚର୍ଯ୍ୟାନ୍ୱିତ ହେଲା—

"ଦେବୀ ! ଚାଣକ୍ୟଗୁପ୍ତ ସହିତ ଯଶୋଧରାର ବିବାହ ହୋଇଯାଇଛି ଏ ଅନୁମାନ କିପରି କରୁଛନ୍ତି ? ଶ୍ୱେତାଙ୍କ ତ କହୁଥିଲା ଯେ, ଚାଣକ୍ୟଗୁପ୍ତ ଅବଶ୍ୟ ଯଶୋଧରା ପ୍ରତି ଆକୃଷ୍ଟ ହୋଇଛନ୍ତି କିନ୍ତୁ ଶ୍ୱେତାଙ୍କର

Digitized by srujanika@gmail.com

ଅଟଳ ବିଶ୍ୱାସ ଯେ ରାଜଗୁପ୍ତ କେବେହେଲେ ଯଶୋଧରାଙ୍କୁ ବିବାହ କରିବେ ନାହିଁ । ରାଜଗୁପ୍ତଙ୍କର ଅନୁରାଗ ଆପଣଙ୍କ ପ୍ରତି ସ୍ଥାୟୀ ଓ ଅକ୍ଷୁଣ୍ଣ ।"

"ଧନ୍ୟବାଦ ବିଶାଳଦେବ ! ମୁଁ ତୁମ ପ୍ରତି ଯେଉଁ କଠୋର ବ୍ୟବହାର କରିଛି ସେଥିପାଇଁ ମୋତେ କ୍ଷମା କରିବ । ମୁଁ ଆଜ ହିଁ ଏଠାରୁ ଚାଲିଯିବି ।"

ଚିତ୍ରଲେଖା ସିଧା କୁଟୀର ଭିତରକୁ ପ୍ରବେଶ କଲା । ବିଶାଳଦେବ ଚିତ୍ରଲେଖାର ଏପରି ବ୍ୟବହାର ବୁଝିବାକୁ ସମ୍ପୂର୍ଣ୍ଣ ଅସମର୍ଥ ଥିଲା । ସେ ମନେ ମନେ କହୁଥିଲା···"ବଡ଼ ବିଚିତ୍ର !"

କୁମାରଗିରି ସେତେବେଳେ ଶୋଇ ରହି ଚିତ୍ରଲେଖା ସମ୍ବନ୍ଧରେ ହିଁ ଚିନ୍ତା କରୁଥିଲେ । ମନ ତାଙ୍କର ଉଦ୍‌ଭ୍ରାନ୍ତ ଥିଲା । ସେ ଚିତ୍ରଲେଖାକୁ ଦେଖିବା ସଙ୍ଗେ ସଙ୍ଗେ କହିଲେ—

"ଏତେବେଳେ ଯାଏଁ କେଉଁଠି ଥିଲ ଚିତ୍ରଲେଖା, ଆସ !" କିନ୍ତୁ ଚିତ୍ରଲେଖାର ନେତ୍ରର ତେଜ ଦେଖି ତାଙ୍କର ପାଗଳାମୀ ଦୂର ହୋଇଯାଉଥିଲା । ଚିତ୍ରଲେଖା ଏକ ଜ୍ୱଳନ୍ତ ଅଙ୍ଗାର ପରି ଜଳୁଥିଲା । ତା ଭିତରେ ଘୃଣା ଓ ଗ୍ଲାନି ସମ୍ମିଶ୍ରଣ ଥିଲା ।

କୁମାରଗିରି ଅପସରି ଯାଉଥିଲେ—

ଚିତ୍ରଲେଖା ଚିତ୍କାର କରୁଥିଲା······"ବାସନାର କୀଟ, ପଶୁ, ତୁ ହିଁ ମୋତେ ପ୍ରବଞ୍ଚିତ କରିଛୁ । ମୋତେ ମିଥ୍ୟା କହି, ମୋତେ ଭ୍ରଷ୍ଟା କରିଛୁ । ତୋର ସମଗ୍ର ସାଧନା, ସମସ୍ତ ତପସ୍ୟା ନଷ୍ଟ ହୋଇଯିବ······ ତୋତେ ଯୁଗ ଯୁଗ ଧରି ନରକ ଯନ୍ତ୍ରଣା ଭୋଗିବାକୁ ପଡ଼ିବ । ମୁଁ ଯାଉଛି······ମୋତେ ଆଉ ରୋକି ପାରିବୁ ନାହିଁ ।"

କୁମାରଗିରି ସାହସ ସଞ୍ଚୟ କରି କହିଲେ—

"ଚିତ୍ରଲେଖା ! ମୁଁ ଯାହା କହୁଛି ତୁମର ପ୍ରଣୟ ପାଗଳ ହୋଇ କହୁଛି ।"

"ପାପୀ ! ତୁ କ'ଣ ଜାଣୁ ପ୍ରେମ କ'ଣ ? ତୁ କେବଳ ନିଜ ପାଇଁ ଜୀବିତ । ମମତ୍ୱ ହିଁ ତୋର କେନ୍ଦ୍ର । ତୁ କ'ଣ ଜାଣୁ ପ୍ରେମର ମୂଲ୍ୟ ?

Digitized by srujanika@gmail.com

ପ୍ରେମ ଏକ ବଳିଦାନ, ଆତ୍ମତ୍ୟାଗ, ମମତ୍ୱର ବିସ୍ଫୁରଣ । ତୋ'ର ତପସ୍ୟା, ତୋ'ର ଜ୍ଞାନ, ତୋ'ର ସାଧନା ଓ ଆରାଧନା, ଏ ସକଳ ଭ୍ରମ ମାତ୍ର; ସେସବୁ ମିଥ୍ୟାଠାରୁ ଯୋଜନ ବ୍ୟବଧାନରେ । ତୁ ତୋର ତୃପ୍ତି ପାଇଁ ଗୃହସ୍ଥାଶ୍ରମର ସକଳ ବାଧାରୁ, ଧୂର୍ତ୍ତତା ପୂର୍ବକ ସନ୍ନ୍ୟାସୀର ଛଳନା କରି, ସମଗ୍ର ସଂସାରକୁ ପ୍ରତାରିତ କରି ପାରୁ । ତୁ ବାସନାର ତୃପ୍ତି ପାଇଁ ମୋତେ ପ୍ରତାରଣା କରିପାରୁ······ତୁ କ'ଣ ପ୍ରେମର ଦୁହାଇ ଦେଉଛୁ ?

କୁମାରଗିରିଙ୍କୁ ଏସବୁ ଅପମାନ ଅସହ୍ୟ ବୋଧ ହେଉଥିଲା··· ସେ କହିଲେ—

"ନର୍ତ୍ତକୀ ! ତୁ ଯାଇ ପାରୁ ! ଏଠାରେ ତୋ'ର କୌଣସି ପ୍ରୟୋଜନ ନାହିଁ । ତୁ ମୋତେ ପତିତ କରିଛୁ । ଉନ୍ନତ ବି କରିଛୁ । ତୁ ମୋତେ ପରାଜିତ କରିଛୁ—ମୁଁ ବି ତୋତେ ପରାଜିତ କରିଛି । ତୁ ମୋତେ କ'ଣ କହୁଛୁ ? ପ୍ରଥମରେ ନିଜକୁ ଦେଖ ନିଜ ମୁଖରେ ଥିବା ପାଶବିକତାର ଛାୟା ଦେଖିବାକୁ ତୁ ସମର୍ଥ ହୋଇପାରି ନାହୁଁ ।"

"ଯାଅ ନିଜ ସାଙ୍ଗରେ ନିଜର ଅଭିଶାପ ନେଇଯାଅ ।"

ଅସ୍ଥିରତାରେ କୁମାରଗିରି କମ୍ପି ଉଠୁଥିଲେ । ସେ ବାହାରକୁ ଚାଲିଆସିଲେ ।

Digitized by srujanika@gmail.com

ଏକବିଂଶ ପରିଚ୍ଛେଦ—

ମୃତ୍ୟୁଞ୍ଜୟଙ୍କର ଭବନରୁ ଫେରି ଆସି ଶ୍ୱେତାଙ୍କ ସ୍କନ୍ଦଗୁପ୍ତଙ୍କୁ କହିଲି "ଯୋଗୀ କୁମାରଗିରିଙ୍କର ଶିଷ୍ୟ ମୋତେ ଆଜ ସାକ୍ଷାତ କରିଥିଲି·····ସେ କହିଥିଲି ଦେବୀ ଚନ୍ଦ୍ରଲେଖା କୁଶଳ ଅଛନ୍ତି ।"

ସ୍କନ୍ଦଗୁପ୍ତ ନିରୁତ୍ତର । ଶ୍ୱେତାଙ୍କ ପୁନର୍ବାର ପ୍ରଶ୍ନ କଲି—"ସ୍ୱାମିନୀଙ୍କୁ ଦେଖି ଆସିବା ମୋ ପକ୍ଷରେ କ'ଣ ଉଚିତ ହେବ ନାହିଁ ?"

"ନା"·····ସ୍କନ୍ଦଗୁପ୍ତ କହିଲି । "ବର୍ତ୍ତମାନ ସେ ସବୁ ବ୍ୟର୍ଥ ।"

ଶ୍ୱେତାଙ୍କ ବୁଝିପାରିଲି ଚନ୍ଦ୍ରଲେଖା ସମ୍ବନ୍ଧୀୟ କୌଣସି କଥାରେ କୌଣସି ପ୍ରକାର ରୁଚି ସ୍କନ୍ଦଗୁପ୍ତର ନାହିଁ । ସେ ସେଠାରୁ ଚାଲିଗଲି ।

ସ୍କନ୍ଦଗୁପ୍ତର ଉଦ୍‌ବିଗ୍ନତା ପାଟଳିପୁତ୍ରକୁ ଫେରିଆସି କମି ନ ଥିଲି । ବରଂ ତାହା ଅନେକ ପରିମାଣରେ ବୃଦ୍ଧି ପାଇଥିଲି । ତା'ର ଅନ୍ତର ତଳେ ସ୍ୱବଦାର ଭୂମୁଳ ଦ୍ୱନ୍ଦ୍ୱ । ଦୁଇଟି କମନୀୟ ପ୍ରତିମା ତା ଆଗରେ ଦଣ୍ଡାୟମାନ । ଚନ୍ଦ୍ରଲେଖା ଚାଲିଯିବା ପରେ ସେ ତା ଅନ୍ତର ତଳେ ଏକ ପ୍ରକାର ଶୂନ୍ୟତା ଅନୁଭବ କରୁଥିଲି ଓ ସେ ଶୂନ୍ୟତା ଅସହ୍ୟ ବୋଧ ହେଉଥିଲି । ଶୂନ୍ୟତାର ସୁଯୋଗ ନେଇ ଯଶୋଧରା ଚାଲି ଆସିଛି । ବର୍ତ୍ତମାନ ସେ ଯଶୋଧରାକୁ ଆପଣାର କରି ନେବାକୁ ଚାହୁଁଛି । ତାକୁ ସେ ବିବାହ କରିବାକୁ ଚାହୁଁଛି । କିନ୍ତୁ ପରେ ସେ ଯଶୋଧରାକୁ ଅସ୍ୱୀକାର କରିଦେଇ ସାରିଛି । ବର୍ତ୍ତମାନ ସେଇ ଯଶୋଧରାକୁ ପାଇବା ପାଇଁ ମୃତ୍ୟୁଞ୍ଜୟଙ୍କ ପାଖରେ ଭିକ୍ଷା କରିବା ତା ପକ୍ଷରେ ଏକ ବିରାଟ ଦୁର୍ବଳତା

Digitized by srujanika@gmail.com

ତଥା ପରାଜୟ ପ୍ରକାଶ କରିବାକୁ ହେବ । କିନ୍ତୁ ସେ ସବୁ କରିବାକୁ ରାଜଗୁପ୍ତ ଏକାନ୍ତ ଅସମର୍ଥ ।

ରାଜଗୁପ୍ତ ମୌର୍ଯ୍ୟ-ସାମ୍ରାଜ୍ୟ-ସେନା-ଜନପଦର ସର୍ବସ୍ୱ କିନ୍ତୁ ସେ ପାଟଳିପୁତ୍ର ଫେରି ଆସି ରାଜକାର୍ଯ୍ୟରେ ମନଯୋଗ କରି ପାରିଲା ନାହିଁ ।

ରାଜଗୁପ୍ତର ଅନ୍ତରରେ ଦ୍ୱନ୍ଦ୍ୱଭାବ ସୃଷ୍ଟି ଏକ କ୍ଷଣିକ ବିରକ୍ତି ଭାବନା କ୍ରମବର୍ଦ୍ଧିଷ୍ଣୁ ହେଉଥିଲା । ସେ ଘରୁ ବାହାରକୁ ଆସିବା ଛାଡ଼ି ଦେଇଥିଲା । ନଗରର ବିଶାଳ ଜନରବ, ଉତ୍ସବ, ଆମୋଦ ପ୍ରମୋଦ ରାଜଗୁପ୍ତକୁ ପୀଡ଼ାପ୍ରଦ ହେଉଥିଲା ।

ଆଜି ଶ୍ୱେତାଙ୍କ ଚନ୍ଦ୍ରଲେଖାଙ୍କ କଥା ପକେଇ ତା'ର ଅନ୍ତରରେ ଆଉ ଏକ ନୂତନ ଦ୍ୱନ୍ଦ୍ୱ ସୃଜନ କରିଛି ।

ରାତିରେ ସେ ଶୋଇ ପାରିଲା ନାହିଁ । ଚନ୍ଦ୍ରଲେଖା ପ୍ରସନ୍ନ ଅଛି, ସେ ସୁସ୍ଥ ଅଛି, କିନ୍ତୁ ରାଜଗୁପ୍ତ ଦୁଃଖୀ······ଏ କି ବିଷମତା ? ଏ କି ଭ୍ରମ ? ତା'ହେଲେ ପରାଜୟ ହିଁ ଶ୍ରେୟସ୍କର । ଯଶୋଧରା ସମ୍ଭବତ ଯେପରି ହେଉ ତାକୁ ବିବାହ କରିବାକୁ ପଡ଼ିବ । ଜୀବନର ବିରାଟ ଶୂନ୍ୟତାକୁ ଦୂର କରିବାକୁ ହିଁ ପଡ଼ିବ ।

ରାଜଗୁପ୍ତର ସ୍ୱରରେ ତା'ର ଭାବ ମୁଦ୍ରାରେ ଏବଂ ଚନ୍ଦ୍ରଲେଖା ପ୍ରତି ତା'ର ଉଦାସୀନତାରେ ଶ୍ୱେତାଙ୍କ ପ୍ରଥମ ଥର ପାଇଁ ସତ୍ୱର ଆଭାସ ପାଉଥିଲା; ଯାହା ଦେଖିବା ପାଇଁ ସେ ବହୁଦିନ ଅପେକ୍ଷା କରିଥିଲା । ସେ ମଧ୍ୟ ସେ ଦିନ ରାତି ବିନିଦ୍ର ଥିଲା ।

ସକାଳ ହେଲା । ରାଜଗୁପ୍ତ ଅଧିକ ପ୍ରସନ୍ନ ଦେଖାଯାଉଥିଲା । ସେ ନିଶ୍ଚୟ କରି ନେଇଥିଲା ଯେ, ଆର୍ଯ୍ୟ ମୃତ୍ୟୁଞ୍ଜୟଙ୍କୁ ଯଶୋଧରାର ବିବାହ ପ୍ରସଙ୍ଗ ନେଇ ସ୍ଥିର କରିବ । ଅନେକ ଦିନ ପରେ ଆଜି ପ୍ରାକୃତିକ ସ୍ମିତ ହାସ୍ୟ ରାଜଗୁପ୍ତର ଅଧର ତଳେ ତରଙ୍ଗ ରଚିଥିଲା । ସେ ଜଳପାନ ଉଦ୍ଦେଶ୍ୟରେ ବସିଲା । ଶ୍ୱେତାଙ୍କ ସେତେବେଳେ ଅନୁପସ୍ଥିତ । ସେ ପରିଚାରିକାକୁ ଶ୍ୱେତାଙ୍କକୁ ଡାକିବା ପାଇଁ ନିର୍ଦ୍ଦେଶ ଦେଲା ।

ଶ୍ୱେତାଙ୍କର ମୁଖମଣ୍ଡଳ ମଳିନ, ଯେପରି ଏକ ଗଭୀର ଚିନ୍ତାରେ ମଗ୍ନ ଥିଲା ପରି ଜଣାଯାଉଥିଲା । ତାକୁ ଦେଖି ରାଜଗୁପ୍ତ ପଚାରିଲା—
"ତୁମର ସ୍ୱାସ୍ଥ୍ୟ କଣ ଭଲ ନାହିଁ ଶ୍ୱେତାଙ୍କ ।"

Digitized by srujanika@gmail.com

ସେ ନତମସ୍ତକ ହୋଇ କହିଲା—"ସ୍ୱାମୀ ! ସ୍ୱାସ୍ଥ୍ୟ ତ ଠିକ୍ ଅଛି, କିନ୍ତୁ ମାନସିକ ସ୍ଥିତି ଭଲ ନାହିଁ ।"

"କିଆ କ'ଣ ?"

ଶ୍ୱେତାଙ୍କ କିଛି ସମୟ ନୀରବ ରହିବା ପରେ କହିଲା—

"ସ୍ୱାମୀ ! ଆପଣ ମୋ ପ୍ରତି ଅସୀମ କୃପା ପ୍ରଦର୍ଶନ କରି ଆସିଛନ୍ତି । ଆପଣ ହିଁ କେବଳ ମୋର କଲ୍ୟାଣ ସାଧନ କରି ପାରିବେ ।"

ବୀଜଗୁପ୍ତ ସ୍ନେହଶୀଳ କଣ୍ଠରେ କହିଲା—"ଶ୍ୱେତାଙ୍କ ! ତୁମେ ମୋର ଭାଇ ସମାନ । ମୋ ଦ୍ୱାରା ଯାହା ହୋଇପାରେ ମୁଁ ତାହା କରିବାକୁ ଆଦୌ କୁଣ୍ଠିତ ହେବି ନାହିଁ ।"

"ମୁଁ ଜାଣେ··········କେବଳ ସେହି ହେତୁରୁ ହିଁ ପ୍ରାର୍ଥନା କରିବାକୁ ସାହସ ହେଉଛି·······।" ସେ ନୀରବ ରହି କିଛି ସମୟ ପରେ ପୁନର୍ବାର କହିଲା··········"ମୁଁ ସାମନ୍ତ ମୃତ୍ୟୁଞ୍ଜୟଙ୍କ କନ୍ୟାର ପାଣିଗ୍ରହଣ କରିବାକୁ ଚାହୁଁଛି ।"

ତା'ର ଏ କଥାରେ ବୀଜଗୁପ୍ତ ଚମକି ଉଠିଲା । ସେ ଯେପରି ସହସ୍ର ସର୍ପଦଂଶନ ଅନୁଭବ କରୁଥିଲା । ସେ ଅନେକ ସମୟ ବିମୂଢ଼ ଭାବରେ ଶ୍ୱେତାଙ୍କକୁ ଦେଖିବାକୁ ଲାଗିଲା ।

"ତୁମେ ଯଶୋଧରାର ପାଣିଗ୍ରହଣ କରିବାକୁ ଚାହୁଁଛ ? ସେଥିରେ ପୁଣି ମୋର ସହାୟତାର ଆବଶ୍ୟକ ?"

"ସ୍ୱାମୀ ବ୍ୟକ୍ତିତ ମୋର ଆଉ କିଏ ଅଛି ଯେ, ଏ ପ୍ରସ୍ତାବ ଆଣିବ ?"

"ତୁମେ ଜାଣ ଶ୍ୱେତାଙ୍କ—ମୃତ୍ୟୁଞ୍ଜୟ ତାଙ୍କ କନ୍ୟାର ବିବାହ ପ୍ରସ୍ତାବ ମୋ ସହିତ କରୁଥିଲେ । ଆଉ ମୁଁ, ଚିତ୍ରଲେଖା ହେତୁ ଅଙ୍ଗୀକାର କରି ପାରିଲି ନାହିଁ । ତୁମେ ଏହା ମଧ୍ୟ ଜାଣ ଯେ, ଚିତ୍ରଲେଖା ମୋର ଜୀବନରେ ଆଉ ନାହିଁ ଏବଂ ମୁଁ ଯଶୋଧରା ପ୍ରତି ଯଥେଷ୍ଟ ଆକୃଷ୍ଟ ହୋଇଛି ।"

"ଜାଣେ, ମାତ୍ର ମୋର ଧାରଣା ନ ଥିଲା ଯେ, ସ୍ୱାମୀ ମଧ୍ୟ ହଠାତ୍ ଯଶୋଧରାର ପାଣିଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିବେ ।"

Digitized by srujanika@gmail.com

"ତୁମେ ଯାହା କହୁଛ ତାହା ଆଦୌ ସମ୍ଭବ ନୁହେଁ, ଶ୍ୱେତାଙ୍କ ! ଆଦୌ ସମ୍ଭବ ନୁହେଁ !! ମୁଁ ଗତ ବର୍ଷରେ ହିଁ ଯଶୋଧରା ସହିତ ବିବାହ କରିବା ପାଇଁ ନିଶ୍ଚିନ୍ତ କରି ନେଇଛି ।" ରାଜଗୁପ୍ତ ଉଦ୍‌ବିଗ୍ନ ହୋଇ ଉଠିଲା । ତା'ର କଣ୍ଠସ୍ୱର ଏକ ତିକ୍ତ ଗାମ୍ଭୀର୍ଯ୍ୟରେ ଭରି ଉଠିଲା— "ମୋତେ କ'ଣ କହିବାକୁ କହୁଛ ଶ୍ୱେତାଙ୍କ ! କ'ଣ ଏତେ ବେଦନା, ଏତେ ଯନ୍ତ୍ରଣା ଓ ଦ୍ୱନ୍ଦ୍ୱ ମୋ ପାଇଁ ଯଥେଷ୍ଟ ନୁହେଁ ? ତୁମେ ଚାହୁଁଛ ଯେ ମୁଁ ମୋର ଜୀବନ ନଷ୍ଟ କରି ଦେବି ? ନା ଶ୍ୱେତାଙ୍କ ! ଅସମ୍ଭବ ·········ମୁଁ ଯଶୋଧରାକୁ ନିଶ୍ଚୟ ବିବାହ କରିବି ।"

ଶ୍ୱେତାଙ୍କର ଆଖି ଲୁହରେ ଛଳ ଛଳ ହୋଇଯାଉଥିଲା······ସେ ବିନୀତ ଭାବରେ କହିଲା—

"ସ୍ୱାମୀ, ମୋତେ କ୍ଷମା କରନ୍ତୁ । ମୁଁ ମୋର ସୀମାର ଯଥେଷ୍ଟ ବାହାରକୁ ଚାଲି ଆସିଛି । ଆପଣଙ୍କ ହୃଦୟ ବିଶାଳ ··········ମୋତେ କ୍ଷମା କରନ୍ତୁ ।"

ରାଜଗୁପ୍ତ ଚିତ୍କାର କରି କହିଲା—"ତୁମେ ଏଠାରୁ ଚାଲିଯାଅ ଶ୍ୱେତାଙ୍କ ! ମୋତେ ଅଧିକ ପାଗଳ କର ନାହିଁ ।"

ଶ୍ୱେତାଙ୍କ ସେଠାରୁ ଧୀରେ ଧୀରେ ଚାଲିଗଲା ।

ରାଜଗୁପ୍ତ ଚିତ୍କାର କଲା······"ହାୟରେ ଭାଗ୍ୟ ! ନା, ଶ୍ୱେତାଙ୍କ ! ଏହା ହୋଇପାରିବ ନାହିଁ ! ମୁଁ ଯଶୋଧରାକୁ ବିବାହ କରିବି········ ସୁଖରେ ରହିବା ପାଇଁ ମୋର କଣ ଅଧିକାର ନାହିଁ ?"

ରାଜଗୁପ୍ତ ଠିଆ ହେଲା—"ମୁଁ ଏକ୍ଷଣି ସ୍ଥିର, ମୋର ଇଚ୍ଛା ଅପରିବର୍ତ୍ତନୀୟ । ବର୍ତ୍ତମାନ ହିଁ ମୁଁ ସବୁ କଥାର ସମାଧାନ କରି ନେବି ।" ସେ ରଥ ଆଣିବା ପାଇଁ ଆଦେଶ ଦେଲା ।

ସେ ପୁଣି ଭାବୁଥିଲା·········"କିନ୍ତୁ ଶ୍ୱେତାଙ୍କ ! ତା'ର କ'ଣ ଅଧିକାର ଅଛି ଯଶୋଧରା ସହିତ ବିବାହ କରିବ ? ସେ କ'ଣ ଜାଣେ ନାହିଁ ଯେ, ମୁଁ ଯଶୋଧରା ପ୍ରତି ଆକୃଷ୍ଟ ?" ସମଗ୍ର ଶରୀରରେ ଏକ ଜ୍ୱାଳାର ଅନୁଭବ କରୁଥିଲା ରାଜଗୁପ୍ତ ।

Digitized by srujanika@gmail.com

"……କିନ୍ତୁ ଏଥିରେ ଶ୍ୱେତାଙ୍କର ବା କି ଅପରାଧ ଅଛି ? ମନୁଷ୍ୟ ମାତ୍ରକେ ପ୍ରେମ କରିବା ସ୍ୱାଭାବିକ, ସେ ଯୁବକ, ତା'ର ମଧ୍ୟ ରକ୍ତ ମାଂସର ଶରୀର । ତା'ର ସମସ୍ତ ପ୍ରାକୃତିକ ବେଦନା ରହିଛି । ତା'ପରେ ସେ ବା କିପରି ଜାଣିବ ଯେ ଚିତ୍ରଲେଖା ପ୍ରତି ମୋର ଆସକ୍ତି ଶେଷ ହୋଇ ଯାଇଛି ?"

ବୀଜଗୁପ୍ତର ବିଚାରଧାରା ହଠାତ୍ କାହିଁକି ବଦଳି ଯାଉଥିଲା ।

"ଚିତ୍ରଲେଖା ପ୍ରତି ତା'ର ପ୍ରେମ କ'ଣ ମୃତ ? କାହିଁକି ? ବାସ୍ତବିକ ସେ କେତେ ଦୁର୍ବଳ ନୁହେଁ ? ଗୋଟାଏ ସ୍ତ୍ରୀର ପ୍ରଣୟାସକ୍ତ ହୋଇ ଅନ୍ୟ ସ୍ତ୍ରୀର ପ୍ରେମରେ ପାଗଳ ହେଉଛି ? ବାସ୍ତବିକ ପ୍ରେମ କ'ଣ ଅସ୍ଥାୟୀ ?"

ବୀଜଗୁପ୍ତ ବଡ଼ ଅସମଞ୍ଜସ୍ୟରେ ପଡ଼ିଥିଲା —ପ୍ରେମ ସ୍ଥାୟୀ ବୋଲି ମାନି ନେବାକୁ ସେ ପ୍ରସ୍ତୁତ ନ ଥିଲା ଯଦିଓ ନିଜେ ତାହା ଅନୁଭବ କରୁଥିଲା ।

"ନା, ପ୍ରେମ କେବେ ହେଲେ ଅସ୍ଥାୟୀ ନୁହେଁ । ତାହେଲେ ଏସବୁ କରିବାକୁ ମୁଁ କାହିଁକି ଯାଉଛି ? ଚିତ୍ରଲେଖାର ପ୍ରତିଶୋଧ ନେବାକୁ ? ……ନା……ଚିତ୍ରଲେଖା ପ୍ରତି ତା' ଅନ୍ତରରେ କୌଣସି କୁଚିନ୍ତାର ପ୍ରବେଶ ଆଦୌ ସମ୍ଭବ ନୁହେଁ ।"

ରଥ ଦ୍ୱାର ନିକଟକୁ ଆସିଗଲା—ବୀଜଗୁପ୍ତ ଅନ୍ୟ କିଛି ନ ଭାବି ମୃତ୍ୟୁଞ୍ଜୟଙ୍କର ଗୃହ ଅଭିମୁଖେ ପ୍ରସ୍ଥାନ କଲା । ତଥାପି ବି ତା'ର ଚିନ୍ତାଧାରା ବନ୍ଦ ନ ଥିଲା—

"ସଂଯମର ଏହା ହିଁ କ'ଣ ଅର୍ଥ ? ସଂସାରରେ ନିଜର ସ୍ୱାର୍ଥ ଚିନ୍ତା କ'ଣ ଏକମାତ୍ର ବସ୍ତୁ ? ତେବେ ମନୁଷ୍ୟ ଓ ପଶୁ ଭିତରେ ଆଉ ପ୍ରଭେଦ କ'ଣ ରହିଲା ? ପ୍ରତ୍ୟେକ ପ୍ରାଣୀ ଆପଣା ପାଇଁ ଜୀବିତ—ପ୍ରତ୍ୟେକ ପ୍ରାଣୀ ମମତ୍ୱର ଭାବ ଦ୍ୱାରା ପ୍ରେରିତ ହୋଇ କାମ କରୁଛି । ତେବେ ମୋର ଓ ସଂସାରର ଇତର ପ୍ରାଣୀ ଭିତରେ ପ୍ରଭେଦ ଆଉ କ'ଣ ? ଯଶୋଧରା ସହିତ ମୋର ବିବାହର ପରିଣାମ କ'ଣ ହେବ ? କେବଳ ଜଣକର ଜୀବନ ନଷ୍ଟ ହୋଇଯିବ—ମୋର ଅତି ପ୍ରିୟ ଆଜ୍ଞାବହ ଶ୍ୱେତାଙ୍କ । ବର୍ତ୍ତମାନ ମୁଁ ମୋର ନିଜ ସୁଖପାଇଁ ବିବାହ କରିନେବି, କିନ୍ତୁ ଭବିଷ୍ୟତ ? ନା, ମୋର ବିବାହ କରିବାର କିଛି ଅଧିକାର ନାହିଁ । ଶ୍ୱେତାଙ୍କୁ ଦୁଃଖ ଦେବାର ମୋର କ'ଣ ଅଧିକାର ଅଛି ? ମୁଁ ଦିନେ ଯାହା ସିଦ୍ଧାନ୍ତ

Digitized by srujanika@gmail.com

କରିଥିଲି ତାହା ହିଁ କରିବି । ସେଥିରେ ମୁଁ ସଫଳ ହୁଏ ବା ବିଫଳ ହୁଏ, ମୋତେ ସୁଖ ଅବା ଦୁଃଖ ଯାହା ମିଳୁ ନା କାହିଁକି, ମୋତେ ମୋର ସିଦ୍ଧାନ୍ତରେ ଅଟଳ ରହିବାକୁ ପଡ଼ିବ । ନିଜର ସୁଖ ପାଇଁ ଅନ୍ୟର ସୁଖରେ ବାଧା ଦେବା, କ୍ଷୁଦ୍ରତା ଛଡ଼ା ଆଉ କଣ ହୋଇପାରେ ? ମୁଁ ଅନ୍ୟାୟ କରୁଛି, ଅନ୍ୟପ୍ରତି ଓ ମୋ ନିଜପ୍ରତି । ଜୀବନରେ ସୁଖ ଓ ଦୁଃଖର ଅଂଶ ସମାନ..........ତାକୁ ସାହସର ସହିତ ଗ୍ରହଣ କରିନେବା ହିଁ ମନୁଷ୍ୟର କର୍ତ୍ତବ୍ୟ ।"

ସେତେବେଳେ ମୃତ୍ୟୁଞ୍ଜୟଙ୍କର ଭବନ ନିକଟକୁ ରଥ ଆସି ପହଞ୍ଚି ଯାଇଥିଲା । ବୀଜଗୁପ୍ତ ତା'ର ଆସିବା ଖବର ମୃତ୍ୟୁଞ୍ଜୟଙ୍କଠାକୁ ପଠାଇଲା । ମୃତ୍ୟୁଞ୍ଜୟ ବାହାରକୁ ଆସି ଅଭିବାଦନ ପୂର୍ବକ ତା'ର ସ୍ୱାଗତ କଲେ ଓ ବିନୀତ ଭାବରେ ସମ୍ବୋଧନ କରି ପ୍ରଶ୍ନ କଲେ—

"ଆର୍ଯ୍ୟ ବୀଜଗୁପ୍ତ ! ମୋର ଭବନକୁ ପବିତ୍ର କରିବା ପାଇଁ କାହିଁକି କଷ୍ଟ ସ୍ୱୀକାର କଲେ ?"

ଅନେକ ସମୟ ମୌନ ରହି ବୀଜଗୁପ୍ତ ଉତ୍ତର କଲା—

"ଆର୍ଯ୍ୟ ! ମୁଁ ଯଶୋଧରାର ବିବାହ ପ୍ରସ୍ତାବ ନେଇ ଆସିଛି ।"

ମୃତ୍ୟୁଞ୍ଜୟଙ୍କ ମୁଖମଣ୍ଡଳରେ ସ୍ମିତ ହାସ୍ୟ ଫୁଟି ଉଠୁଥିଲା—ସେ କହିଲେ—"କହନ୍ତୁ ।"

ବୀଜଗୁପ୍ତ ମୃତ୍ୟୁଞ୍ଜୟଙ୍କ ସ୍ମିତ ହାସ୍ୟର ଅର୍ଥ ବୁଝିନେଲା । ସେ ହସହସ ହୋଇ କହିଲା—

"ଆର୍ଯ୍ୟ ! ମୁଁ ମୋର ନିଜ ସମ୍ପର୍କରେ କିଛି ହେଲେ କହିବାକୁ ଚାହେଁନି । ନିଜ ସମ୍ବନ୍ଧରେ ପ୍ରଥମରୁ କହିଦେଇ ସାରିଛି । ମୁଁ ଏଇ ପ୍ରସ୍ତାବ ନେଇ ଆସିଛି ଯେ, ଆପଣ ଯଶୋଧରାର ବିବାହ ଶ୍ୱେତାଙ୍କ ସହିତ କରନ୍ତୁ । ଶ୍ୱେତାଙ୍କ କୁଳୀନ, ସୁନ୍ଦର, ସଭ୍ୟ ତଥା କ୍ଷତ୍ରିୟ । ସେ ହିଁ ଯଶୋଧରା ପାଇଁ ଯୋଗ୍ୟ ପାତ୍ର । ବିଚାର କଲେ ମୋଠାରୁ ମଧ୍ୟ ଯୋଗ୍ୟ ।"

ଏ ପ୍ରସ୍ତାବରେ ମୃତ୍ୟୁଞ୍ଜୟ ଆଶ୍ଚର୍ଯ୍ୟ ହେଲେ । ବୀଜଗୁପ୍ତ ନିଜ ସମ୍ପର୍କରେ ହିଁ କହିବ ଏହା ତାଙ୍କର ଧାରଣା ଥିଲା । ଶ୍ୱେତାଙ୍କ ପାଇଁ ପ୍ରସ୍ତାବ କରିବାରୁ ସେ ଅବାକ୍ ହେଲେ । କିଛି ସମୟ ସେ ମୌନ ରହିବା ପରେ କହିଲେ—

Digitized by srujanika@gmail.com

"ଶ୍ରେଷ୍ଠୀଙ୍କ ଅବଶ୍ୟ ଯୋଗ୍ୟ, ମାତ୍ର ସେ ଧନୀ ପିତାର ପୁତ୍ର ନୁହେଁ । ଶ୍ରେଷ୍ଠୀଙ୍କ ଦରିଦ୍ର, ଏପରି ଅବସ୍ଥାରେ ଏ ପ୍ରସ୍ତାବ ଗ୍ରହଣ କରିବାକୁ ମୁଁ ଅସମର୍ଥ ।"

ମୃତ୍ୟୁଞ୍ଜୟଙ୍କର କଥାରେ ଖାଜଗୁପ୍ତ ଅଧୈର୍ଯ୍ୟ ହେଉଥିଲା— ସେ କହିଲା......"କିନ୍ତୁ ଆର୍ଯ୍ୟ ! ଆପଣ ଯେ ଅତୁଳ ଧନରାଶିର ଅଧିକାରୀ ଏବଂ ଯଶୋଧରା ଆପଣଙ୍କର ଏକ ମାତ୍ର କନ୍ୟା.........।"

ମୃତ୍ୟୁଞ୍ଜୟ ହସି ହସି କହିଲେ—"ଆପଣ ଯାହା କହୁଛନ୍ତି ଠିକ୍, ମାତ୍ର ମୋର ସମ୍ପତ୍ତିରେ ଯଶୋଧରାର କି ଅଧିକାର ଅଛି ? ଯେ ମୋର ବଂଶର ପୁତ୍ର ହେବ ସେ ମୋର ସମ୍ପତ୍ତିର ଅଧିକାରୀ ହେବ ।"............ ନୀରବ ରହି ସେ ପୁଣି କହିଲେ—"ଆପଣ ନିଜେ କାହିଁକି ବିବାହ କରୁ ନାହାନ୍ତି ?"

"ମୁଁ ଅନେକ କାରଣରୁ ଅସମର୍ଥ —କ'ଣ ଶ୍ରେଷ୍ଠୀଙ୍କର ଯଶୋଧରାକୁ ବିବାହ କରିବା ସମ୍ପୂର୍ଣ୍ଣ ଅସମ୍ଭବ ?"

ମୃତ୍ୟୁଞ୍ଜୟ ଧୀର କଣ୍ଠରେ ଉତ୍ତର ଦେଲେ—"ହଁ, ଶ୍ରେଷ୍ଠୀଙ୍କ ଯୋଗ୍ୟ ହେଲେହେଁ ସେ ଯେତେ ଦିନ ପର୍ଯ୍ୟନ୍ତ ନିର୍ଦ୍ଧନ; ମୁଁ ଏ ପ୍ରସ୍ତାବରେ ଏକମତ ହୋଇ ପାରିବି ନାହିଁ ।"

ଖାଜଗୁପ୍ତ ବିଚାର କରିବାକୁ ଲାଗିଲା । ତା'ପରେ ହଠାତ୍ ତା'ର ମୁଖମଣ୍ଡଳରେ ଗଭୀର ପ୍ରଶାନ୍ତତା ଖେଳିଗଲା, ସେ କହିଲା—

"ଆର୍ଯ୍ୟ ମୃତ୍ୟୁଞ୍ଜୟ ! ମୁଁ ମୋର ସମସ୍ତ ସମ୍ପତ୍ତି ଶ୍ରେଷ୍ଠୀଙ୍କୁ ଦାନ କରିଦେବି । ସେ ମୋର ସମସ୍ତ ସମ୍ପତ୍ତିର ଅଧିକାରୀ ହେବ । ଆଶାକରେ ଆପଣଙ୍କର ଏଥିରେ କୌଣସି ଆପତ୍ତି ଆଉ ରହିବ ନାହିଁ ।"

"ଆର୍ଯ୍ୟ ଖାଜଗୁପ୍ତ ! ଏହା ଅସମ୍ଭବ । ଆପଣଙ୍କ ବର୍ତ୍ତମାନ ବୟସ ବା କ'ଣ ହୋଇଛି ? ଯଦି ଆପଣ ନିକଟ ଭବିଷ୍ୟତରେ ବିବାହ କରି ନିଅନ୍ତି ସେପରି ସ୍ଥଳେ ଆପଣଙ୍କ ପୁତ୍ର ହିଁ ସେ ସମସ୍ତ ସମ୍ପତ୍ତିର ଅଧିକାରୀ ହେବ ।"

"ଆପଣ ଠିକ୍ କଥା କହୁଛନ୍ତି । ଯଦ୍ୟପି ମୁଁ ବର୍ତ୍ତମାନ ବିବାହ କରିବି ନାହିଁ ବୋଲି ଭାବୁଛି ତେବେ ମଧ୍ୟ ମନୁଷ୍ୟ ଭାବନାର କ'ଣ ଠିକଣା ଅଛି ? କିନ୍ତୁ ମୁଁ ଚାହୁଁଛି ଶ୍ରେଷ୍ଠୀଙ୍କ ଯଶୋଧରାକୁ ହିଁ ବିବାହ କରୁ । ଏ

Digitized by srujanika@gmail.com

ବିବାହରେ ସେ ଉଭୟେ ସୁଖୀ ହେବେ । ଏଥିପାଇଁ ମୁଁ ସମସ୍ତ ତ୍ୟାଗ କରିବାକୁ ପ୍ରସ୍ତୁତ ।"

ମୃତ୍ୟୁଞ୍ଜୟ ହତବାକ୍ ହୋଇଥିଲେ । ସେ କିଛି ସମୟ ସ୍ତବ୍ଧ ରହି କହିଲେ—"ଆପଣ ଯାହା କହୁଛନ୍ତି ତାହା ସମ୍ଭବତଃ ନିଜେ ବିବେଚନା କରିପାରୁ ନାହାନ୍ତି । ଆପଣ ସୁସ୍ଥ ଅଛନ୍ତି ତ ?"

"ଆପଣ ମୋତେ ଚିନ୍ତା କରନ୍ତୁ ନାହିଁ । ମୁଁ ଆପଣଙ୍କ ଆଗରେ ଶପଥ କରି କହୁଛି ଯେ, ମୋର ସମସ୍ତ ସମ୍ପତ୍ତି ଶ୍ରେଷ୍ଠୀଙ୍କୁ ଦାନ କରିଦେବି । ଆଜିଠାରୁ ମୁଁ ... ସନ୍ନ୍ୟାସୀ । ତା'ପରେ ସାମନ୍ତ ପଦବୀ ପାଇଁ ରାଜାଜ୍ଞାର ଆବଶ୍ୟକ । ସେଥିପାଇଁ ସମ୍ରାଟଙ୍କ ସହିତ ମୁଁ ଆଜି ହିଁ ସାକ୍ଷାତ କରି ତା'ର ପ୍ରବନ୍ଧ କରିନେବି । ମାତ୍ର ଏଥିରେ ଆପତ୍ତି ଉଠାଇବା ଆପଣଙ୍କର ଅନୁଚିତ ହେବ ।"

ମୃତ୍ୟୁଞ୍ଜୟ ଆର୍ଯ୍ୟ ଶୀଳଗୁପ୍ତଙ୍କୁ ଅନେକ ସମୟ ଚାହିଁ ରହି କହିଲେ—"ଆର୍ଯ୍ୟ ଶୀଳଗୁପ୍ତ ! ମୁଁ ଆପଣଙ୍କୁ ସମୟ ଦେଉଛି ପୁଣି ଥରେ ଚିନ୍ତା କରନ୍ତୁ । ଏ ପ୍ରସ୍ତାବ ସ୍ୱୀକୃତ ହୋଇଯିବା ପରେ ଆଉ କୌଣସି ପ୍ରକାର ଦ୍ୱିଧା ନ ରହିବା ଉଚିତ । ଆଉ ସେତେବେଳେ ଆପଣ ମଧ୍ୟ ଅସମ୍ମତ ହୋଇ ପାରିବେ ନାହିଁ ।"

ଶୀଳଗୁପ୍ତ ପ୍ରତ୍ୟେକ ଶବ୍ଦ ଉପରେ ଯୋର ଦେଇ କହିଲା—ଆର୍ଯ୍ୟ ! ମୁଁ ଯାହା କହୁଛି ତାହାହିଁ କରିବ । ମୁଁ ମନୁଷ୍ୟ ····ଗୋଟାଏ କଥା କହି ସେଥିରୁ ବ୍ୟତିକ୍ରମ ହେବ ନାହିଁ ।"

"ତାହେଲେ ତୁମର ପ୍ରସ୍ତାବ ଗ୍ରହଣ କରୁଛି ।" ମୃତ୍ୟୁଞ୍ଜୟ କଂପିତ କଣ୍ଠରେ ଉତ୍ତର ଦେଲେ ।

ଶୀଳଗୁପ୍ତ ଠିଆ ହେଲା, ସେ କହିଲା—"ଦାନ ପତ୍ର ତଥା ପଦବୀର ବ୍ୟବସ୍ଥା ଆଜି ହିଁ କରି ନେଉଛି । ଆପଣ କିଛି ଚିନ୍ତା ନ କରି ବିବାହ ତିଥି ନିର୍ଣ୍ଣୟ କରାଇ ନିଅନ୍ତୁ । ବିଳମ୍ବର କୌଣସି ଆବଶ୍ୟକତା ନାହିଁ ।"

ମୃତ୍ୟୁଞ୍ଜୟ ଠିଆ ହେଲେ । ତାଙ୍କ ଆଖିରେ ଲୁହ ଭରି ଆସୁଥିଲା । ସେ କହିଲେ········"ଆର୍ଯ୍ୟ ଶୀଳଗୁପ୍ତ, ମୁଁ ସଂସାର ଦେଖିଛି, ଆପଣ ମନୁଷ୍ୟ ନୁହନ୍ତି ଦେବତା ।"

Digitized by srujanika@gmail.com

ଶାଜଗୁପ୍ତ ଫେରି ଆସିଲା । ସେ ଶ୍ୱେତାଙ୍କର ଭବନରେ ପ୍ରବେଶ କଲା । ଶ୍ୱେତାଙ୍କ ଶୋଇପଡ଼ିଥିଲେ । ଅକ୍ଷି ଲୁହରେ ଉପାଧାନ ଆର୍ଦ୍ର ହୋଇଯାଇଥିଲା—ଶାଜଗୁପ୍ତ ଶ୍ୱେତାଙ୍କୁ ଯାଗ୍ରତ କରିବାରୁ ଶ୍ୱେତାଙ୍କ ଉଠି କହିଲ......"ସ୍ୱାମୀ !"

"ତୁମେ ଆଉ ମୋତେ ସ୍ୱାମୀ ବୋଲି କହିବ ନାହିଁ ସାମନ୍ତ ଶ୍ୱେତାଙ୍କ !"

ଶ୍ୱେତାଙ୍କ ବିସ୍ମାରିତ ଚକ୍ଷୁରେ ଶାଜଗୁପ୍ତଙ୍କୁ ଦେଖିବାକୁ ଲାଗିଲ, ସେ ଅସ୍ଥିର ହୋଇ କହିଲ—"ଆପଣ କ'ଣ କହୁଛନ୍ତି ?"

"ମୁଁ ଠିକ୍ ହିଁ କହୁଛି ଶ୍ୱେତାଙ୍କ ! ମୃତ୍ୟୁଞ୍ଜୟଙ୍କପାଖକୁ ତୁମର ବିବାହ ପ୍ରସ୍ତାବ ନେଇ ଯାଇଥିଲି । ସେ କେତେକ ଆପତ୍ତି ଉଠାଇଲେ । ସେ ଆପତ୍ତିକୁ ଦୂର କରିବା ଉଦ୍ଦେଶ୍ୟରେ ମୁଁ ମୋର ସମସ୍ତ ସମ୍ପତ୍ତି ତଥା ପଦବୀ ତୁମକୁ ଦାନ ଦେଇ ଦେଇଛି । ତୁମର ତ କିଛି ଆପତ୍ତି ନାହିଁ !"

ଶ୍ୱେତାଙ୍କ ନିଶ୍ଚଳ ଭାବରେ ଠିଆ ହୋଇ ରହିଲ । ତା'ପରେ ହଠାତ୍ ଶାଜଗୁପ୍ତର ହାତ ତଳେ ଲୋଟିପଡ଼ି କାନ୍ଦିବାକୁ ଲଗିଲ ।......

"ମୁଁ ପାପୀ, ମୋର ଏସବୁ ଦରକାର ନାହିଁ । ମୋତେ କ୍ଷମା କରନ୍ତୁ.........ଏ ନରାଧମ ପ୍ରତି ଏତେ ଦୟା କାହିଁକି କରୁଛନ୍ତି ?...... ଆପଣଙ୍କ ଜୀବନର ସମସ୍ତ ସୁଖ ନଷ୍ଟ କରି ଦେଇଛି ।"

ଶାଜଗୁପ୍ତ ଶ୍ୱେତାଙ୍କକୁ ହାତ ଧରି ଉଠାଇ ନେଲା ।

"ଶ୍ୱେତାଙ୍କ ! ଯାହା ହେବାର ହୋଇଯାଇଛି । ଯଦି ତୁମର ମୋ ପ୍ରତି ଟିକିଏ ସ୍ନେହ ଶ୍ରଦ୍ଧା ଥାଏ ତେବେ ତୁମେ ମୋର ଏ ଦାନ ସ୍ୱୀକାର କରିବାକୁ ହିଁ ହେବ । ମୋ ଜୀବନରେ ମତେ ମିଥ୍ୟାବାଦୀ କର ନାହିଁ । ମୁଁ ଏ ସମ୍ପତ୍ତିକୁ ତୁମଠାରେ ଅର୍ପଣ କରିଛି ବର୍ତ୍ତମାନ ତୁମେ ତାକୁ ଭୋଗ କର ।............ତୁମେ ଏବେ ଦାନପତ୍ର ଓ ପଦବୀ ପାଇଁ ରାଜାଜ୍ଞାର ପ୍ରବନ୍ଧ କରିବାକୁ ପଡ଼ିବ ।

Digitized by srujanika@gmail.com

ଦ୍ୱାବିଂଶ ପରିଚ୍ଛେଦ—

ଚିତ୍ରଲେଖା କୁମାରଗିରିଙ୍କ କୁଟୀରରୁ ଫେରିଆସି; ବୀଜଗୁପ୍ତ ସହିତ ସାକ୍ଷାତ କଲା ନାହିଁ । ସାକ୍ଷାତ କରିବାକୁ ତା'ର ସାହସ ମଧ୍ୟ ନ ଥିଲା । ସେ ବୀଜଗୁପ୍ତ ପାଖରେ ଅପରାଧିନୀ……ଏହା ହିଁ ଅନୁଭବ କରୁଥିଲା ।

ଚିତ୍ରଲେଖା ଆପଣାର ଐଶ୍ୱର୍ଯ୍ୟ ସଦନରେ ହିଁ ଜୀବନ ଅତିବାହିତ କରିବାକୁ ଆରମ୍ଭ କଲା । ସେଥିରେ ସେ ଶାନ୍ତି ଅନୁଭବ କଲା ଓ ପଶ୍ଚାତ୍ତାପର ଅଗ୍ନିରେ ଜଳିବାକୁ ପ୍ରସ୍ତୁତ ଥିଲା । ସେ ନିଜକୁ ହିଁ ଘୃଣା କରୁଥିଲା—ଆଉ କେବଳ କ୍ରନ୍ଦନ ହିଁ ତା'ର ଅହର୍ନିଶିର କାର୍ଯ୍ୟକ୍ରମ ଥିଲା ।

ବୀଜଗୁପ୍ତ ପ୍ରତି ତା'ର ପ୍ରେମ ପ୍ରଗାଢ଼ । ତା'ର ଅନ୍ତର ତଳେ କେତେ ସ୍ନେହ ନ ଥିଲା ସତେ ? ତାହା ସେ ଏତେ ଦିନର ବିୟୋଗ ପରେ ହିଁ ଅନୁଭବ କରିଥିଲା । କୁମାରଗିରିଙ୍କର ପାଗଳାମୀ ଓ ମୂର୍ଖତା ଯୋଗୁଁ ମୁହୂର୍ତ୍ତକରେ ସେ ଆତ୍ମସମର୍ପଣ କରି ସେ ଭ୍ରଷ୍ଟା ହୋଇଛି । ସେ ବୀଜଗୁପ୍ତଙ୍କୁ ଏତେ ଭଲ ପାଉଥିଲା ଯେ, ତାଙ୍କୁ ପ୍ରତାରିତ କରିବାକୁ ଚାହୁଁ ନ ଥିଲା । ସେ ଅପରାଧ କରିଛି ଓ ଅପରାଧର ଫଳ ସ୍ୱରୂପ ତାଙ୍କୁ ନିରାଶାପୂର୍ଣ୍ଣ ବେଦନାର ଅସହ୍ୟ ଜ୍ୱାଳାରେ ଜଳିବାକୁ ହିଁ ହେବ । ସେ ଯେତେ ଜଳୁଥିଲା ତାକୁ ସେତେ ଅଧିକ ସୁଖ ମିଳୁଥିଲା । ସେ ଯେତେ କାନ୍ଦୁଥିଲା ଠିକ୍ ସେତିକ ଶାନ୍ତି ମିଳୁଥିଲା ।

ଏପରି ଭାବରେ ଗୋଟାଏ ମାସ ଅତୀତ ହୋଇଥିଲା । ଦିନେ ସେ ବସିରହି କାନ୍ଦୁଥିଲା, ଦାସୀ ଆସି ସୂଚନା ଦେଲା—

"ଆର୍ଯ୍ୟ ଶ୍ୱେତାଙ୍କ ଆପଣଙ୍କୁ ସାକ୍ଷାତ କରିବାକୁ ଆସିଛନ୍ତି ।"

Digitized by srujanika@gmail.com

ସେ ଚମକି ପଡ଼ି ଠିଆ ହେଲା—"କ'ଣ ରାଜଗୁପ୍ତ ଡାକେଇଛନ୍ତି ?
......ସେ କେଉଁଠି ଅଛନ୍ତି......ମୁଁ ଯାଉଛି ।"

ଶ୍ୱେତାଙ୍କ ଅତିଥି ଭବନରେ ବସି ଚନ୍ଦ୍ରଲେଖାର ପ୍ରତୀକ୍ଷା କରୁଥିଲା । ଚନ୍ଦ୍ରଲେଖାକୁ ଦେଖି ସେ ଆଶ୍ଚର୍ଯ୍ୟ ହେଲା । ଚନ୍ଦ୍ରଲେଖାର ସୌନ୍ଦର୍ଯ୍ୟ ବିକୃତ ହୋଇ ଯାଇଥିଲା, ତାକୁ ଚିହ୍ନିବା କଠିନ ହୋଇ ପଡ଼ୁଥିଲା ।

"ଦେବୀ, ଆପଣଙ୍କର ସ୍ୱାସ୍ଥ୍ୟ...... ?"

"ଭଲ ଅଛି ଶ୍ୱେତାଙ୍କ !" ଚନ୍ଦ୍ରଲେଖା ଏତିକି କହି ତା' ପାଖରେ ବସିଗଲା ।

କିଛି ସମୟ ଉଭୟେ ମୌନ ରହିଲେ । ତା'ପରେ ଚନ୍ଦ୍ରଲେଖା କହିଲା - "ଆର୍ଯ୍ୟ ରାଜଗୁପ୍ତ କୁଶଳ ଅଛନ୍ତି ତ ଶ୍ୱେତାଙ୍କ !"

ଶ୍ୱେତାଙ୍କର ମୁଖମଣ୍ଡଳରେ ଦୁଃଖର ଭାବ ଦେଖାଯାଉଥିଲା..."ହଁ ଦେବୀ, ସେ କୁଶଳ ଅଛନ୍ତି । ମାତ୍ର ତାଙ୍କର ଯଥେଷ୍ଟ ପରିବର୍ତ୍ତନ ଘଟିଛି ।"

"ପରିବର୍ତ୍ତନ !" ଚନ୍ଦ୍ରଲେଖାର କୌତୂହଳ ବଢ଼ିଲା, "କି ପ୍ରକାର ପରିବର୍ତ୍ତନ, ଶ୍ୱେତାଙ୍କ ! ସେ କ'ଣ ବିବାହ କରିନେଲେଣି ?"

ଏକ ଶୁଷ୍କ ହସ ଭିତରେ ଶ୍ୱେତାଙ୍କ କହିଲା—

"ନା, ସେ ବିବାହ କରି ନାହାନ୍ତି, ମୁଁ ବିବାହ କରିବାକୁ ଯାଉଛି— ସାମନ୍ତ ମୃତ୍ୟୁଞ୍ଜୟଙ୍କର କନ୍ୟା ଯଶୋଧରାଙ୍କୁ । ସେହି ଉପଲକ୍ଷେ ମୁଁ ଆପଣଙ୍କୁ ନିମନ୍ତ୍ରଣ ଦେବାକୁ ଆସିଛି । କିନ୍ତୁ ଦେବୀ, ଆର୍ଯ୍ୟ ରାଜଗୁପ୍ତ ଏକ ମହାନ୍ ତ୍ୟାଗୀ ଅଟନ୍ତି । ସେ ଦେବତା । ସାମନ୍ତ ମୃତ୍ୟୁଞ୍ଜୟ ମୋ ସହିତ ଯଶୋଧରାର ବିବାହ ପ୍ରସ୍ତାବରେ ରାଜି ନ ଥିଲେ, ତାହାଙ୍କ ନା' ମୁଁ ଦରିଦ୍ର । ଆର୍ଯ୍ୟ ରାଜଗୁପ୍ତ ତାଙ୍କର ପଦବୀ ତଥା ସମସ୍ତ ସମ୍ପତ୍ତି ମୋତେ ଦାନ ଦେଇଛନ୍ତି । କେବଳ ମାତ୍ର ମୋର ବିବାହ ପର୍ଯ୍ୟନ୍ତ ସେ ରହିବେ— ତା'ପରେ ସେ ପାଟଳିପୁତ୍ର ଛାଡ଼ି ଅନ୍ୟତ୍ର ଚାଲିଯିବେ ।"

ଚନ୍ଦ୍ରଲେଖାର ହୃଦୟ ଫାଟିବାକୁ ଲାଗିଲା...ତା'ର ଆଖି ଲୁହରେ ଭରି ଆସିଥିଲା......"ରାଜଗୁପ୍ତ ଏ ସବୁ କରି ପାରିଛନ୍ତି, ଶ୍ୱେତାଙ୍କ ! ଏହା ଏକ ବିରାଟ ତ୍ୟାଗ ଓ ଏ ସବୁର କାରଣ କେବଳ ମାତ୍ର ମୁଁ । ଆର୍ଯ୍ୟ

Digitized by srujanika@gmail.com

ଶ୍ୱେତାଙ୍କ ! ମୁଁ ତମକୁ ଅଭିନନ୍ଦନ ଜଣାଉଛି । ତମର ବିବାହ କେବେ ହେଉଛି ।"

"ଆଗାମୀ ସପ୍ତାହ ରବିବାର ଦିନ ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ଚନ୍ଦ୍ରବାର ଦିନ ପ୍ରୀତିଭୋଜନ । ସେ ଦିନ ସମ୍ରାଟ, ରାଜ୍ୟର କର୍ମଚାରୀଗଣ ତଥା ସାମନ୍ତଗଣ ଆସିବେ । ପ୍ରୀତିଭୋଜନରେ ଆପଣଙ୍କର ଉପସ୍ଥିତି ଏକାନ୍ତ ପ୍ରୟୋଜନୀୟ ।"

ଶଶିଲେଖା କହିଲା—"ଶ୍ୱେତାଙ୍କ ! ମୋତେ କ୍ଷମା କର ମୁଁ ଅନ୍ୟ କୌଣସି ଦିନ ଯିବି । ପ୍ରୀତିଭୋଜନରେ ଯୋଗଦେଇ ପାରିବି ନାହିଁ । ମୁଁ ଅନ୍ୟ ଏକ ଜୀବନ ଓ ପକ୍ଷୀ ଗ୍ରହଣ କରି ନେଇଛି—ଏଣୁ ଉତ୍ସବରେ ଯୋଗ ଦେବା ମୋ ପକ୍ଷରେ ଉଚିତ ହେବ ନାହିଁ ।"

"ଦେବୀ ଶଶିଲେଖା ! ଆପଣ ମୋତେ ଦିନେ କୋଳ ସମ୍ବୋଧନ କରି ସାରିଛନ୍ତି । ତୋ ଠାଏ ଭାଇର ଅନୁରୋଧ ରକ୍ଷିବ ନାହିଁ ?"

"ମୁଁ ଅସମର୍ଥ ଶ୍ୱେତାଙ୍କ ! ତୁମେ ଜାଣ, ମୋର କଥା ସବୁ ବଦଳି ଅଛି । ମୁଁ ଅନ୍ୟ ଦିନ ନିଶ୍ଚୟ ଯିବି ।"

"ଯାହା ଆପଣଙ୍କ ଇଚ୍ଛା..........କିନ୍ତୁ ପ୍ରୀତିଭୋଜନରେ ରାଜଗୁପ୍ତ ରହିଥିବେ ।"

ଶଶିଲେଖା ଏ କଥାରେ ସାମାନ୍ୟ ଅପ୍ରତିଭ ହୋଇଥିଲା । ମାତ୍ର ଦୃଢ଼ତା ପୂର୍ବକ କହିଲା—"କିନ୍ତୁ ସେଥିରେ ମୋର କ'ଣ ଅଛି ?"

ଶ୍ୱେତାଙ୍କ ଚିଅ ହେଲେ—"ଆପଣଙ୍କର ଇଚ୍ଛା ।"

ଶ୍ୱେତାଙ୍କର ବିବାହ ସମ୍ପନ୍ନ ହୋଇଗଲା । ପ୍ରୀତିଭୋଜନରେ ଯୋଗ ଦେବାକୁ ସମ୍ରାଟଙ୍କ ସହିତ ଅନ୍ୟାନ୍ୟ ଅତିଥିଗଣ ଆସିଥିଲେ । ସେ ଦିନ ରାଜଗୁପ୍ତ ହିଁ ସମସ୍ତଙ୍କୁ ସ୍ୱାଗତ କରିଥିଲା । ସମସ୍ତଙ୍କ ସହିତ ସେ ହସି ହସି ବାର୍ତ୍ତାଳାପ କରୁଥିଲା । କିନ୍ତୁ ହୃଦୟ ଭିତରେ ସେ ଏକ ଗୁରୁଭାର ଅନୁଭବ କରୁଥିଲା—ଶଶିଲେଖାର ଅନୁପସ୍ଥିତି ତାକୁ ଅସହ୍ୟ ମନେ ହେଉଥିଲା । ପାଟଳିପୁତ୍ର ଛାଡ଼ିବା ପୂର୍ବରୁ ଶେଷ ଥର ପାଇଁ ସେ ଶଶିଲେଖାକୁ ଦେଖିବାକୁ ଚାହୁଁଥିଲା । କିନ୍ତୁ ଶଶିଲେଖା ଆସିଲା ନାହିଁ ।

ଭୋଜନ ପରେ ସମ୍ରାଟ, ଶ୍ୱେତାଙ୍କକୁ ଅଭିନନ୍ଦନ ଜଣାଇ ତାକୁ 'ସାମନ୍ତ' ସମ୍ବୋଧନ କରିଥିଲେ । ତା'ପରେ ରାଜଗୁପ୍ତକୁ ପାଖକୁ ଡାକି

Digitized by srujanika@gmail.com

ସେ ଆଦର ଓ ସମ୍ମାନ ସହିତ ତା'ର କରଧାରଣ କଲେ । ସମ୍ରାଟଙ୍କ ସହିତ ଅନ୍ୟାନ୍ୟ ଅତିଥିଗଣ ମଧ୍ୟ ଠିଆ ହେଲେ । ସାରା ଭବନରେ ନୀରବତା ଛାଇଗଲା—ସମ୍ରାଟ ଆରମ୍ଭ କଲେ—

"ଶାଜଗୁପ୍ତ ! ତୁମେ ଏକ ମହାନ୍ ଆତ୍ମା — ତୁମେ ଆଜି ଅସମ୍ଭବକୁ ସମ୍ଭବ ପ୍ରତିପାଦିତ କରିଛ । ତୁମେ ମନୁଷ୍ୟ ନୁହଁ ଦେବତା । ଭାରତ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ତୁମ ଆଗରେ ନତମସ୍ତକ ହେଉଛନ୍ତି ।" ସେଠି ଅତିଥି ଉପସ୍ଥିତ ଥିଲେ ସମସ୍ତେ ଏକ ସଙ୍ଗରେ ମୁଣ୍ଡ ନୁଆଇଁ ସମ୍ମାନ ଜଣାଇଲେ । ସମସ୍ତଙ୍କର ମୁଖମଣ୍ଡଳରେ ବିଷାଦର ମଳିନ ଛାୟା·········ସମବେତ ନାରୀ ମହଲରୁ ଅସ୍ପଷ୍ଟ କ୍ରନ୍ଦନ ଧ୍ୱନି ଭାସି ଆସୁଥିଲା ।

ଶାଜଗୁପ୍ତ ସମ୍ରାଟଙ୍କ ଆଗରେ ନତମସ୍ତକ ହୋଇ କହିଲା—

"ମହାରାଜ ! ମୁଁ ଏ ସମ୍ମାନର ସର୍ବଥା ଅଯୋଗ୍ୟ ! ଆଜି ଏକ ଭୟାନକ ଦୁରୂହ ଦେଶ ପର୍ଯ୍ୟଟନରେ ମୁଁ ଯାଉଛି । ଆପଣ ଆଶୀର୍ବାଦ ସହ ମୋତେ ବିଦାୟ ଦିଅନ୍ତୁ ।"

ତା'ପରେ ଶାଜଗୁପ୍ତ ଦ୍ୱାର ଆଡ଼କୁ ଅଗ୍ରସର ହେଉଥିଲା । ଅତିଥିଗଣ ଦୁଇ ପାଖରେ ନୀରବରେ ଠିଆ ହୋଇ ରହିଥିଲେ । ତା'ର ଭିତରେ ଶାଜଗୁପ୍ତ ଧୀର ପଦକ୍ଷେପରେ ଚାଲି ଯାଉଥିଲା । ଅତିଥିଗଣ ସେ ଦିନ ଶାଜଗୁପ୍ତର ମୁଖମଣ୍ଡଳରେ ଏକ ଅପୂର୍ବ ତେଜ ଦେଖି ଅବାକ୍ ହେଉଥିଲେ । ଅବାଳ ବୃଦ୍ଧ ତା' ଆଗରେ ନତମସ୍ତକ ହେଉଥିଲେ ।

ବାହାରେ ସେବକଗଣ ଠିଆ ହୋଇ ରହିଥିଲେ । ଶାଜଗୁପ୍ତକୁ ଦେଖିବା ସଙ୍ଗେ ସଙ୍ଗେ ସେମାନେ କାନ୍ଦିବାକୁ ଲାଗିଲେ । ଶାଜଗୁପ୍ତ ସେମାନଙ୍କ ପାଖରେ କ୍ଷଣକ ପାଇଁ ରହି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଥରେ ଥରେ ଦେଖି କହିଲା—"ତୁମେମାନେ ଶ୍ୱେତାଙ୍କୁ ଠିକ୍ ମୋ ପରି ହିଁ ଭାବିବ ଓ ମୋତେ ଭୁଲି ଯିବାପାଇଁ ପ୍ରଯତ୍ନ କରିବ ।"

ତାହା ଶୁଣି ସେବକଗଣ ଆହୁରି ଜୋରରେ କାନ୍ଦିବାକୁ ଲାଗିଲେ । କେତେକ ଏକ ସଙ୍ଗରେ କହିଲେ············"ଆମ୍ଭେ ମଧ୍ୟ ଆପଣଙ୍କ ସଙ୍ଗରେ ଯିବୁ ।"

Digitized by srujanika@gmail.com

ବୀଜଗୁପ୍ତ ଗମ୍ଭୀର ସ୍ୱରରେ କହିଲା—"ଏହା ମୋର ଆଦେଶ ତୁମମାନଙ୍କୁ ଏଠାରେ ହିଁ ରହିବାକୁ ହେବ । କେହି ମୋ ସାଥିରେ ଯିବେ ନାହିଁ ।"

ସମସ୍ତଙ୍କ ଗୃହତ ବୀଜଗୁପ୍ତ ଚାଲିଗଲା । ସେତେବେଳକୁ ଅର୍ଦ୍ଧ ରାତ୍ରି ହୋଇଯାଇଥିଲା—ସାରା ନଗରୀରେ ଶାନ୍ତିର ରାଜତ୍ୱ । ବୀଜଗୁପ୍ତ ଧୀରେ ଧୀରେ ଆଗକୁ ବଢ଼ିବାକୁ ଲାଗିଲା—ସେ ଏକ ଭିକ୍ଷାରୀ ସଦୃଶ୍ୟ ଚାଲି ଯାଉଥିଲା । ତା'ର ଶରୀରରେ ସାଧାରଣ ବସ୍ତ୍ର—ସମ୍ବଳ ସ୍ୱରୂପ କେତୋଟି ରୌପ୍ୟ ମୁଦ୍ରା ହିଁ ଥିଲା······

ବୀଜଗୁପ୍ତ ହଠାତ୍ ପଛରୁ ପଦଶବ୍ଦ ଶୁଣିବାକୁ ପାଇଲା······ସେଇ ପଦଶବ୍ଦ ଧୀରେ ଧୀରେ ସ୍ପଷ୍ଟରୁ ସ୍ପଷ୍ଟତର ହେଉଥିଲା । ପଛକୁ ଫେରି ଦେଖିଲା ମାତ୍ର କିଛି ହେଲେ ଦେଖି ପାରିଲା ନାହିଁ । ସେ ପୁଣି ଥରେ ଆଗକୁ ବଢ଼ିବାକୁ ଲାଗିଲା ।

ଦେଖୁଁ ଦେଖୁଁ ବଢ଼ିବାକୁ ଲାଗିଲା । ବୀଜଗୁପ୍ତର ଦୃଷ୍ଟିରେ ସେଇ ଅନ୍ଧକାର ଭିତରେ ଶୁଭ୍ରବସ୍ତ୍ର ପରିହିତ ଏକ ମୂର୍ତ୍ତି ଆସି ଠିଆ ହେଲା······ ସେ ଶୁଣି ପାରୁଥିଲା······ଏକ ଆକୁଳ କଣ୍ଠ ନିଃସୃତ "ଦେବତା ମୋର !"

ବୀଜଗୁପ୍ତ ଠିଆ ହେଲା······"କିଏ ?"

"ଦେବତା ମୋର ! ମୋତେ କ୍ଷମା କର ।" ତା'ପରେ ସେ ବୀଜଗୁପ୍ତର ଚରଣ ତଳେ ଲୋଟିପଡ଼ିଲା ।

ବୀଜଗୁପ୍ତ କର୍କଶ ସ୍ୱରରେ କହିଲା—"ଚିତ୍ରଲେଖା !—ମୋର ଜୀବନର ଅଭିଶାପ !·········ଏଠାକୁ କାହିଁକି ଆସିଛ ? ତୁମେ ଫେରିଯାଅ ଚିତ୍ରଲେଖା ।" ବୀଜଗୁପ୍ତ ପଛକୁ ଫେରି ଆସିଲା—"ସବୁ ସମାପ୍ତ ହୋଇ-ଯାଇଛି ଚିତ୍ରଲେଖା, ତୁମେ ଆଉ କାହିଁକି ଆସିଛ ?"

"ମୋ ଦେବତାର ଚରଣ ଧୂଳି ନେବାକୁ, ମୋ ଦେବତାର ପୂଜା ପାଇଁ ଆସିଛି ।" ଚିତ୍ରଲେଖା ଠିଆ ହେଲା······"ନାଥ ! ମୁଁ ତୁମର ଜୀବନ ନଷ୍ଟ କରି ଦେଇଛି······ତୁମେ ମୋତେ ଶାପ ଦିଅ, କଠିଣ ଶାସ୍ତି ଦିଅ, କିନ୍ତୁ ଘୃଣା କର ନାହିଁ ।"

ବୀଜଗୁପ୍ତର ସମସ୍ତ ଶରୀର ଏକ ଅପୂର୍ବ ଶିହରଣରେ ଥରି ଉଠୁଥିଲା ······ସେ ରୁଦ୍ଧକଣ୍ଠରେ କହିଲା—

Digitized by srujanika@gmail.com

"ଚନ୍ଦ୍ରଲେଖା, ସବୁ ସରିଯାଇଛି । ତୁମେ ହିଁ ସବୁ ସମାପ୍ତ କରି ଦେଇଛ । ତୁମେ କୁମାରଗିରିଙ୍କ ଆଶ୍ରମ ଛାଡ଼ି ଆସିପାରିଲ ନାହିଁ; ମୁଁ ନିରାଶ ହେଲି । ତୁମେ ମୋତେ ବର୍ତ୍ତମାନ ବିଚଳିତ କର ନାହିଁ । ମୋ ପାଖରେ ଆଉ କିଛି ନାହିଁ । ନା ମୋର ଅନ୍ତରରେ ଉମଙ୍ଗ ଅଛି, ନା ମୋର ବୈଭବ ଅଛି······ଛାଡ଼ ।"

ଚନ୍ଦ୍ରଲେଖା ଆକୁଳ ଭାବରେ ବୀଜଗୁପ୍ତର କରଧାରଣ କରି କହିଲା—

"ନା, ମୁଁ ତୁମକୁ ବର୍ତ୍ତମାନ ଛାଡ଼ି ଦେଇପାରିବ ନାହିଁ । ସ୍ୱାମୀ ! କେବଳ ଦିନକ ପାଇଁ ମୋ ଘରେ ଆପଣଙ୍କୁ ଅତିଥି ହେବାକୁ ହିଁ ପଡ଼ିବ । ଯଦି ଯିବାର ଥାଏ କାଲି ଚାଲିଯିବ ।"

ବୀଜଗୁପ୍ତ ଚନ୍ଦ୍ରଲେଖା ହାତରୁ ହାତ ଖସାଇ ନେଇ କହିଲା— "ତୁମେ ମୋତେ ଆଉ ଅଟକି ପାରିବ ନାହିଁ ନର୍ତ୍ତକୀ ! ଆପଣାର ବିନାଶକାରୀ କୃତ୍ୟର ପରିଣାମ ଦେଖ, ଆଉ ହସ······" ବୀଜଗୁପ୍ତ ଆଗକୁ ବଢ଼ିବାକୁ ଲାଗିଲା—

ଚନ୍ଦ୍ରଲେଖା ବୀଜଗୁପ୍ତର ଚରଣ ତଳେ ଲୋଟିପଡ଼ିଲା—"ମୁଁ ତୁମକୁ ଛାଡ଼ିଦେଇ ପାରିବ ନାହିଁ । ତୁମକୁ ମୋ ସହିତ ମୋର ଭବନ ପର୍ଯ୍ୟନ୍ତ ଯିବାକୁ ପଡ଼ିବ । କ'ଣ ତୁମର ହୃଦୟରେ ମୋ ପ୍ରତି ସ୍ନେହ ନାହିଁ ? ତା' କ'ଣ ସରିଗଲାଣି ? କହ !"······ଚନ୍ଦ୍ରଲେଖା ଆଉ କହିପାରିଲା ନାହିଁ—ତା'ର କଣ୍ଠ ରୁଦ୍ଧ ହୋଇଯାଉଥିଲା । ସେ କେବଳ କାନ୍ଦିବାକୁ ଲାଗିଲା ।

ବୀଜଗୁପ୍ତ ନିଜକୁ ସମ୍ଭାଳି ପାରୁ ନ ଥିଲା । ସେ କହିଲା—ପ୍ରେମ ଯଦି ମରିଯାଇଥାନ୍ତା ତେବେ ମୁଁ ଏ ବୈଭବ ବା କାହିଁକି ତ୍ୟାଗ କରିଥାନ୍ତି । ଚନ୍ଦ୍ରଲେଖା ! ମୁଁ ଚାହୁଁଛି କି ମୋର ଅନ୍ତର ତଳେ ତୁମ ପ୍ରତି ପ୍ରେମ ମରିଯାଉ······କିନ୍ତୁ ଏହା ହୋଇପାରି ନାହିଁ କି ହୋଇ ପାରିବ ନାହିଁ ।"

ହଠାତ୍ ବୀଜଗୁପ୍ତ ଚନ୍ଦ୍ରଲେଖାକୁ ଆଶ୍ଳେଷ ପାଶରେ ଆବଦ୍ଧ କରିବାକୁ ଚାହୁଁଥିଲା । ମାତ୍ର ଚନ୍ଦ୍ରଲେଖା ଦୁରେଇ ଗଲା ।······"ନା, ସ୍ୱାମୀ ! ଏ ଦାସୀର ଅଙ୍ଗସ୍ପର୍ଶ ଅଯୋଗ୍ୟ । ମୁଁ ଅପବିତ୍ର, ମୁଁ ପତିତା, ପାପିନୀ,

Digitized by srujanika@gmail.com

ଆପଣ ଟେଣ୍ଠିଳ ମାତ୍ର ମୋ ସନ୍ନିଧିକୁ ଆସନ୍ତୁ । ମୋତେ ଆପଣ ପବିତ୍ର କରନ୍ତୁ । ଆପଣ ମୋତେ ଜ୍ଞାନାଗ୍ନିରେ ତାପିତ କରି ପବିତ୍ର କରନ୍ତୁ ।"

"ଭୁଲ ଚନ୍ଦ୍ରଲେଖା ! ସଂସାରରେ କେବଳ ତୁମର କଥାକୁ ହିଁ ଖଣ୍ଡନ କରି ପାରିଲି ନାହିଁ । ତୁମେ ମୋତେ ଯେଉଁ ପତିତ କରିବାକୁ ଚାହିଁ କର । ଏତିକ ମାତ୍ର ବଚନ ଦିଅ ଯେ କାଲି ତୁମେ ଆଜି ମୋତେ ରୋକିବ ନାହିଁ ।"

"ମୁଁ ବଚନ ଦେଉଛି ।"

ଚନ୍ଦ୍ରଲେଖା ସହିତ ବୀଜଗୁପ୍ତ ତା'ର ଭବନକୁ ଫେରି ଆସିଲେ । ଚନ୍ଦ୍ରଲେଖା ଶୟନ ପାଇଁ ଶଯ୍ୟା ପ୍ରସ୍ତୁତ କରି ଦେଇ କହିଲା········ "ସ୍ୱାମୀ ! ଆପଣ ଶୟନ କରନ୍ତୁ, କାଲି ପ୍ରାତଃକାଳରେ ମୁଁ ଯାହା କହିବାର ଅଛି କହିବି ।"

ତହିଁ ଆର ଦିନ ସକାଳୁ ବୀଜଗୁପ୍ତ ପାଖକୁ ଆସି ଚନ୍ଦ୍ରଲେଖା କହିଲା—"ସ୍ୱାମୀ ! ମୋତେ ଆପଣଙ୍କର ଚରଣାମୃତ ଦିଅନ୍ତୁ ।"

ବୀଜଗୁପ୍ତ ଚନ୍ଦ୍ରଲେଖାର ଏ ପ୍ରକାର ବ୍ୟବହାରରେ ଆଶ୍ଚର୍ଯ୍ୟ ହେଉଥିଲେ—"ଏସବୁ କାହିଁକି ଚନ୍ଦ୍ରଲେଖା ?"

"ମୁଁ ନିଜକୁ ପବିତ୍ର କରୁଛି ସ୍ୱାମୀ ! ମୁଁ ମୋର ମାର୍ଗରୁ ବିରତ ହୋଇସାରିଛି । ମୁଁ ଯୋଗୀ କୁମାରଗିରିଙ୍କ ବାସନାର ସାଧକ ହୋଇ ସାରିଛି । ମୋର ଶରୀରକୁ କ୍ରୋଧବଶତଃ ତା' ପାଖରେ ସମର୍ପଣ କରିଦେଇ ସାରିଛି । ସେଇ ଶରୀରକୁ ପବିତ୍ର କରିବାକୁ ଚାହୁଁଛି ।" ଆପଣ ନିଶ୍ଚୟ ବର୍ତ୍ତମାନ ବୁଝିପାରୁଥିବେ ମୁଁ କାହିଁକି ଆପଣଙ୍କ ନିକଟକୁ ଆସିବାକୁ ସାହସ କଲି ନାହିଁ । ମୋତେ କ୍ଷମା କରନ୍ତୁ ।"

"କେବଳ ଏତିକି ମାତ୍ର କଥା ।" ବୀଜଗୁପ୍ତ ହସି ହସି କହିଲେ— "ଚନ୍ଦ୍ରଲେଖା ! ତୁମେ ଏକ ବିରାଟ ଭୁଲ କରିଛ । ମୋତେ ବୁଝିବାରେ ତୁମର ଭ୍ରମ ହୋଇଛି । ମୋତେ କ୍ଷମା ମାଗୁଛ, ଚନ୍ଦ୍ରଲେଖା ! ପ୍ରେମ ସ୍ୱୟଂ ଏକ ତ୍ୟାଗ, ବିସ୍ମୃତି ଓ ତନ୍ମୟତା । ପ୍ରେମର ପ୍ରାଙ୍ଗଣରେ କୌଣସି ଅପରାଧ ନାହିଁ । ଏଣୁ କ୍ଷମାର ଆବଶ୍ୟକତା କ'ଣ ଅଛି ? ତେବେ ସୁଦ୍ଧା ମୋ ମୁହଁରୁ ଶୁଣିବାକୁ ଯଦି ଚାହୁଁ ତେବେ କହୁଛି—ମୁଁ ତୁମକୁ କ୍ଷମା କଲି ।"

Digitized by srujanika@gmail.com

ଚନ୍ଦ୍ରଲେଖା ଚନ୍ଦ୍ରଗୁପ୍ତର ପାଦ ଧରି କହିଲା..........."ସ୍ୱାମୀ ! ତେବେ ମୋତେ ସ୍ୱୀକାର କରନ୍ତୁ ।"

"ଏହା କିପରି ସମ୍ଭବ ହେବ ଚନ୍ଦ୍ରଲେଖା ! ମୁଁ ଭିଖାରୀ । ମୁଁ ମୋର ସମସ୍ତ ବୈଭବ ତ୍ୟାଗ କରି ସାରିଛି ।"

"ମୋ ପାଖରେ ଅତୁଳ ଧନରାଶି ରହିଛି । ମୁଁ ଆପଣଙ୍କର, ମୋର ଧନ ଆପଣଙ୍କର, ଏଥିରେ ନିର୍ଦ୍ଧନର ପ୍ରଶ୍ନ ନାହିଁ । ନିଜକୁ ଭିଖାରୀ କାହିଁକି କହୁଛନ୍ତି ?"

"ତୁମ ସମ୍ପତ୍ତି, ତୁମ ଧନରାଶି, ମୋର କୌଣସି କାମରେ ଆସିବ ନାହିଁ । ମୁଁ ଗୌରବକୁ ତ୍ୟାଗ କରି ସାରିଛି, ତାହା ପୁଣି ନିଜର କରିବା ବସ୍ତୁ ନୁହେଁ । ଏଣୁ ମୁଁ ତୁମକୁ ଏକ ଭିଖାରଣୀ ରୂପରେ ହିଁ ସ୍ୱୀକାର କରି ପାରିବି ।"

"ତାହା ହିଁ ହେଉ । ଏ ସଂସାରରେ ଆମେ ଦୁହେଁ ଭିଖାରୀ ହୋଇ ରହିବା । ପ୍ରେମ ହିଁ ଅମର ଆଧାର, ମୁଁ ଏ ସମ୍ପତ୍ତି ଆଜି ହିଁ ଦାନ କରି ଦେଉଛି ।"

......ଚନ୍ଦ୍ରଲେଖାର ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠୁଥିଲା । ତା'ର ଆଖିରେ ଏକ ପ୍ରକାର ଜ୍ୟୋତି ଫୁଟି ଉଠିଥିଲା । ଆତ୍ମା ତା'ର ପ୍ରକାଶମାନ ହୋଇ ଉଠିଥିଲା ।

ଚନ୍ଦ୍ରଗୁପ୍ତ ଚନ୍ଦ୍ରଲେଖାର ଚୁମ୍ବନ ଗ୍ରହଣ କଲା—

"ବାସ୍ତବିକ ଆମେ ଦୁହେଁ କେତେ ସୁଖୀ ହୋଇଛୁ !"

Digitized by srujanika@gmail.com

ଉପସଂହାର —

ଏକ ବର୍ଷ ପରେ ।

ମହାପ୍ରଭୁ ରତ୍ନାମ୍ବର କହିଲେ·········

"ବତ୍ସ ଶ୍ୱେତାଙ୍କ ! ତୁମର ବିବାହ ହୋଇ ଯାଇଛି, ତୁମେ ଗୃହସ୍ଥ ହୋଇଛ । ମୋତେ କହି ପାରିବ କି ବୀଜଗୁପ୍ତ ଓ କୁମାରଗିରିଙ୍କ ମଧ୍ୟରେ ପାପୀ କିଏ ?"

ଶ୍ୱେତାଙ୍କ, ମହାପ୍ରଭୁ ରତ୍ନାମ୍ବରଙ୍କ ଆଗରେ ନତମସ୍ତକ ହୋଇ କହିଲା—"ମହାପ୍ରଭୁ ! ବୀଜଗୁପ୍ତ ଦେବତା, ସଂସାରରେ ସେ ତ୍ୟାଗର ପ୍ରତିମୂର୍ତ୍ତି । ତାଙ୍କର ହୃଦୟ ବିଶାଳ । ଆଉ କୁମାରଗିରି ଏକ ପଶୁ । ସେ କେବଳ ମାତ୍ର ତା' ନିଜ ପାଇଁ ଜୀବିତ । ସଂସାରରେ ତା'ର ଜୀବନ ବ୍ୟର୍ଥ । ସେ ତା' ଜୀବନ ନିୟମର ପ୍ରତିକୂଳାଚରଣ କରୁଛି । ଆପଣାର ସୁଖ ହେତୁ ସେ ସଂସାରର ସମସ୍ତ ବାଧାଠାରୁ ମୁହଁ ଫେରାଇ ନେଇଛି । କୁମାରଗିରି ହିଁ ପାପୀ ।"

"ଆଉ ବତ୍ସ ବିଶାଳଦେବ ! ତୁମେ ଯୋଗର ଦୀକ୍ଷା ନେଇଛ । ଆଉ ତୁମେ ଯୋଗୀ ହୋଇଛ । ଏବେ ତୁମେ କହିପାରିବ କି କୁମାରଗିରି ଓ ବୀଜଗୁପ୍ତ ମଧ୍ୟରେ ପାପୀ କିଏ ?"

ବିଶାଳଦେବ, ମହାପ୍ରଭୁ ରତ୍ନାମ୍ବରଙ୍କ ଆଗରେ ନତମସ୍ତକ ହୋଇ କହିଲା—"ମହାପ୍ରଭୁ ! ଯୋଗୀ କୁମାରଗିରି ଅଜିତ । ସେ ମମତ୍ୱକୁ ବଶୀଭୂତ କରିନେବାରେ ସମର୍ଥ ହୋଇଛନ୍ତି । ସଂସାରରୁ ଅନେକ ଉଚ୍ଚରେ ତାଙ୍କର ସାଧନା, ତାଙ୍କର ଜ୍ଞାନ ଓ ଶକ୍ତି । ମାତ୍ର ବୀଜଗୁପ୍ତ ବାସନାର ଦାସ ।

Digitized by srujanika@gmail.com

ତା'ର ଜୀବନ କେବଳ ମାତ୍ର ସଂସାରର ଘୃଣିତ ଭୋଗ ବିଳାସ ମଧ୍ୟ ହିଁ ରହିଛି । ସେ ହିଁ ପାପୀ—କେବଳ ତାହା ନୁହେଁ—ଏ ପାପ ସଂସାରରେ ସେ ଏକ ମୁଖ୍ୟ ଭାଗ ।"

ମହାପ୍ରଭୁ ରତ୍ନାମ୍ବର କହିଲେ—

"ତୁମେ ଦୁହେଁ ବିଭିନ୍ନ ପରିସ୍ଥିତି ମଧ୍ୟରେ ରହିଛ । ତେଣୁ ତୁମର ପାପ ସମ୍ବନ୍ଧରେ ଧାରଣା ମଧ୍ୟ ଭିନ୍ନ ଭିନ୍ନ ହୋଇଯାଇଛି । ତୁମେ ଦୁହେଁ କହୁଛ ଯେ ତୁମର ବିଦ୍ୟା ପୂର୍ଣ୍ଣ ହୋଇଯାଇଛି ? ତୁମର ଅନ୍ତିମ ପାଠ ମୋ ପାଖରୁ ଶୁଣିଯାଅ ।"—

"ସଂସାରରେ କିଛି ହେଲେ ପାପ ନୁହେଁ । କେବଳ ମଣିଷର ଦୃଷ୍ଟି-କୋଣର ବିଷମତାର ଅନ୍ୟନାମ ପାପ । ପ୍ରତ୍ୟେକ ବ୍ୟକ୍ତି ଏକ ବିଶେଷ ପ୍ରକାରର ମନଃପ୍ରବୃତ୍ତି ନେଇ ଜନ୍ମ ଗ୍ରହଣ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ସଂସାରର ଏଇ ରଙ୍ଗମଞ୍ଚକୁ ଅଭିନୟ କରିବାକୁ ଆସେ । ସେ ଆପଣାର ମନଃପ୍ରବୃତ୍ତିଦ୍ୱାରା ପ୍ରେରିତ ହୋଇ ଆପଣାର ପାଠର ପୁନରାବୃତ୍ତି କରେ । ଏହା ହିଁ ମନୁଷ୍ୟର ଜୀବନ । ମନୁଷ୍ୟ ଯାହା କରେ ତାହା ତା'ର ସ୍ୱଭାବର ଅନୁକୂଳ ହେଉଥିବାରୁ ହିଁ ସେ କରେ ଏବଂ ତା'ର ସ୍ୱଭାବ ପ୍ରାକୃତିକ । ମନୁଷ୍ୟ ଆପଣାର ସ୍ୱାମୀ ନୁହେଁ, ସେ କେବଳ ପରିସ୍ଥିତିର ଦାସ ମାତ୍ର । ବିବଶ । ସେ କର୍ତ୍ତା ନୁହେଁ, ମାତ୍ର ସାଧକ । ତେବେ ପାପ ଓ ପୁଣ୍ୟ କ'ଣ ?"

ମନୁଷ୍ୟ ମଧ୍ୟରେ ମମତ୍ୱ ପ୍ରଧାନ । ପ୍ରତ୍ୟେକ ମନୁଷ୍ୟ ସୁଖ ଚାହେଁ । କେବଳ ବ୍ୟକ୍ତି ବିଶେଷରେ ସୁଖର କେନ୍ଦ୍ର ବିଭିନ୍ନ । କେତେକ ସୁଖକୁ ଧନରେ ଦେଖନ୍ତି, କେତେକ ମଦିରାରେ ଦେଖନ୍ତି, କେତେକ ବ୍ୟଭିଚାର ଭିତରେ ଦେଖନ୍ତି, ଆଉ କେତେକ ତ୍ୟାଗ ଭିତରେ ଦେଖନ୍ତି । ଏପରି ଅନେକ, ମାତ୍ର ପ୍ରତ୍ୟେକ ବ୍ୟକ୍ତି ସୁଖ ହିଁ ଚାହାନ୍ତି । କେହି ବ୍ୟକ୍ତି ଆପଣାର ଇଚ୍ଛା ଅନୁସାରେ କାମ କରନ୍ତି ନାହିଁ—ଯେଉଁଥିରେ ତାଙ୍କୁ ଦୁଃଖ ମିଳିବ । ଏହା ହିଁ ମନୁଷ୍ୟର ମନଃପ୍ରବୃତ୍ତି ଓ ତା'ର ଦୃଷ୍ଟିକୋଣର ବିଷମତା ।

ଏଣୁ ସଂସାରରେ ପାପର କୌଣସି ଏକ ପରିଭାଷା ହେବା ସମ୍ଭବ ନୁହେଁ, ନା, କେବେହେଲେ ଏହା ସମ୍ଭବ ହେବ । ଆମେ ପାପ କରୁଛୁ

Digitized by srujanika@gmail.com

ପୁଣ୍ୟ କରୁଛୁଁ······ଆମେ କେବଳ ତାହା ହିଁ କରୁଛୁଁ ଯାହା ଆମକୁ ଭୁମନାଙ୍କୁ ପଡୁଛି ।”

ରତ୍ନାମ୍ବର ଠିଆ ହେଲେ········“ଏହାହିଁ ମୋର ମତ । ତୁମେ ଏଥିରେ ସହମତ ହୁଅ ବା ନ ହୁଅ ମୁଁ ବାଧ କରିବ ନାହିଁ । ତୁମେ ଯାଅ, ସୁଖୀ ହୁଅ, ଏହା ହିଁ ମୋର ଆଶୀର୍ବାଦ ।”

Digitized by srujanika@gmail.com